

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.103, Saturday, 1 August 2026, Puri, Pages - 26, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୩, ଶନିବାର, ୧ ଅଗଷ୍ଟ ୨୦୨୬, ପୁରୀ, ୨୬ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



ଅମୃତ ଦୁନିଆ
The Amruta Dunia
RNI No. ODIODI / 2014 / 56157 www.amrutadunia.org

Vol.13, Issue.103, Saturday, 1 August 2026, Puri, Pages - 26, Rs. 9/-
ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୩, ଶନିବାର, ୧ ଅଗଷ୍ଟ ୨୦୨୬, ପୁରୀ, ୨୬ ପୃଷ୍ଠା, ମୂଲ୍ୟ - ୯ ଟଙ୍କା




FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

# ଅମୃତ ଦୁନିଆ
The Amruta Dunia
RNI No. ODIODI / 2014 / 56157 www.amrutadunia.org

Selfie ଦୁନିଆ
ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୪୦୮୪ ହ୍ୱାଟସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

Vol.13, Issue.103, Saturday, 1 August 2026, Puri, Pages - 26, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୩, ଶନିବାର, ୧ ଅଗଷ୍ଟ ୨୦୨୬, ପୁରୀ, ୨୬ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

# ଫୁଲୁଛି ମହାନଦୀ, ଉଛୁଳୁଛି ଶାଖାନଦୀ

- ହୀରାକୁଦର ୨୨ଟି ଗେଟ୍ ଖୋଲିଲା
- ଚିନ୍ତାରେ ଦିନ କାଟୁଛନ୍ତି ନଦୀକୂଳିଆ
- ବୁଡ଼ାଇବ ମହାନଦୀ ବନ୍ୟାଜଳ
- ସବୁଠି ଜଳପ୍ରଳୟ ; ୮ ଲକ୍ଷ ଜଳବନ୍ଦୀ
- ୧୫ ଜିଲ୍ଲାରେ ସ୍ଥିତି ସଙ୍ଗିନ
- ୨୧,୩୮୦ ହେକ୍ଟର ଚାଷଜମି ପ୍ରଭାବିତ
- ହଂସୁଆରେ ଭାସିଗଲେ ୨ ଯୁବକ
- ବନ୍ୟା ପରିଚାଳନା ନେଇ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା
- ପ୍ରତିଟି ଜୀବନର ସୁରକ୍ଷା ସରକାରଙ୍କ ପ୍ରାଥମିକତା
- କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିବ କୃଷି ଓ ରାଜସ୍ୱ ବିଭାଗର ମିଳିତ ପ୍ୟାକେଜ୍
- ମହାନଦୀ ଅବବାହିକାରେ ଥିବା ଜିଲ୍ଲାମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି, ସମ୍ପୂର୍ଣ୍ଣ ସଜାଗ ପ୍ରଶାସନ



## ଆଜି ବନ୍ୟାସ୍ଥିତି ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ବ୍ୟୁରୋ)

ରାଜ୍ୟରେ ଲଗାଣ ବର୍ଷା ଓ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ଯୋଗୁ ବନ୍ୟା ପରିସ୍ଥିତି ଏବେ ସଙ୍ଗୀନ ରୂପ ଧାରଣ କରିଛି । ରାଜ୍ୟର ୧୫ଟି ଜିଲ୍ଲାରେ ହଜାର ହଜାର ହେକ୍ଟର ଜମିରେ ବନ୍ୟାଜଳ ମାଡ଼ି ଫସଲ ନଷ୍ଟ କରିଥିବାବେଳେ ୮ଲକ୍ଷରୁ ଅଧିକ ଲୋକ ଏବେବି ଜଳବନ୍ଦୀ ହୋଇ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ହୀରାକୁଦ ଡ୍ୟାମର ୨୨ଟି ଗେଟ୍ ଦେଇ ୮ଲକ୍ଷ କ୍ୟୁସେକ୍ ଜଳ ଆସୁଥିବାରୁ ମହାନଦୀ ଓ ତା'ର ଶାଖା ନଦୀଗୁଡ଼ିକରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି ଯାହାକି ଏବେ ଚିନ୍ତା ବଢ଼ାଇଛି।। ମହାନଦୀ ଅବବାହିକାର ଜିଲ୍ଲାଗୁଡ଼ିକର ଜିଲ୍ଲାପାଳଙ୍କୁ ଅଧିକ ସତର୍କତା ଅବଲମ୍ବନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ସମ୍ବଲପୁର,ବୌଦ୍ଧ, ସୁବର୍ଣ୍ଣପୁର, ଅନୁଗୁଳ, ନୟାଗଡ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନକୁ ନଦୀଗୁଡ଼ିକର ଜଳସ୍ତର ଉପରେ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଛି। ଉତ୍ତର ଓଡ଼ିଶା ସମେତ ଯାଜପୁରରେ ବନ୍ୟା ପରିସ୍ଥିତି ଏବେବି ସଙ୍ଗୀନ ହୋଇ ରହିଛି ।ଲୋକସେବା ଭବନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କ ସହିତ ବନ୍ୟା ପରିସ୍ଥିତି ସମ୍ପର୍କରେ ସୁବିସ୍ତୃତ ସମୀକ୍ଷା କରିଛନ୍ତି । ସମ୍ପ୍ରତି ବିଭିନ୍ନ ଜିଲ୍ଲାରେ ବୃଷ୍ଟିପାତ କମ୍ ଥିବା ସହ ଖରା ପାଗ ହୋଇଥିଲା ବେଳେ ବନ୍ୟା ପରିସ୍ଥିତିରେ କ୍ରମଶଃ ସୁଧାର ଆସିବା ସହ ଏସଆରସି, ଉଦ୍ଧାରକାରୀ ଦଳ ଏବଂ ଜିଲ୍ଲାପ୍ରଶାସନର ସମନ୍ୱିତ ପ୍ରୟାସ ମାଧ୍ୟମରେ ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ତେବେ, ମହାନଦୀର ଜଳପତନ ସ୍ତର ଉପରେ ତୀକ୍ଷଣ ନଜର ରଖାଯିବା ସହ ଏହାର ଅବବାହିକା ଅଞ୍ଚଳ ତଥା ଉପକୂଳ ଜିଲ୍ଲାମାନଙ୍କରେ ପ୍ରଶାସନକୁ ସମ୍ପୂର୍ଣ୍ଣ ସଜାଗ ରହିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାରୁ ୧୫ଟି ଜିଲ୍ଲା ସମ୍ପୂର୍ଣ୍ଣ ବିପଦମୁକ୍ତ ଥିବା ବେଳେ ବାକି ୧୫ଟି ଜିଲ୍ଲା ବନ୍ୟା ଦ୍ୱାରା ଊଣାଅଧିକେ ପ୍ରଭାବିତ ହୋଇଛନ୍ତି । ୧୫ଟି ଜିଲ୍ଲାର ୫୭ଟି ବ୍ଲକର ୪୪୬ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୩୬୨ଟି ଗ୍ରାମ ଏବଂ ୧୧ଟି ପୌରାଞ୍ଚଳର ୧୭୪ ୱାର୍ଡର ପ୍ରାୟ ୭,୯୧,୮୪୬ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ପାଣି ଘେରରେ ୨,୬୮,୯୪୩ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୨୧୩୮୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି । ତେବେ, ରାଜସ୍ୱ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତଥା ଏସଆରସିଙ୍କ ସହ ଜିଲ୍ଲା ପ୍ରଶାସନ ସମନ୍ୱିତ ହୋଇ ଦିନରାତି ଏକ କରି ଜନସାଧାରଣଙ୍କ ସେବାରେ ସମର୍ପିତ ■ ପୃଷ୍ଠା-୧୫

## ଲାଞ୍ଚ ନେଇ ବନ୍ଧାହେଲେ ଆର୍‌ଆଇ

କଟକ(ବ୍ୟୁରୋ)

ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କଟକ ଜିଲ୍ଲା ନିଆଳି ତହସିଲ ଅଧୀନରେ ଥିବା ମାଧବ ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ) କିଶୋର କୁମାର ସ୍ୱାଇଁ ଓ ତାଙ୍କ ସହଯୋଗୀ ସୁକାନ୍ତ ପ୍ରଧାନ (ସରକାରୀ କର୍ମଚାରୀ ନୁହନ୍ତି)। ଏକ ମ୍ୟୁଟେସନ୍ ମାମଲାରେ କାମ କରିଦେବା ପାଇଁ ଆରଆଇ ଶ୍ରୀ ସ୍ୱାଇଁ ତାଙ୍କ ସହଯୋଗୀ ଶ୍ରୀ ପ୍ରଧାନଙ୍କ ଜରିଆରେ ଆବେଦନକାରୀଙ୍କଠାରୁ ୩୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଆବେଦନକାରୀ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିୟମ ଅନୁଯାୟୀ ଅନଲାଇନ୍ ?ରେ ଆବେଦନ କରିଥିଲେ। ଆବେଦନକାରୀଙ୍କର ବାରମ୍ବାର ଅନୁରୋଧ ସତ୍ତ୍ୱେ ଆରଆଇ ଶ୍ରୀ ସ୍ୱାଇଁ ତାଙ୍କ ମ୍ୟୁଟେସନ୍ ମାମଲାଟିକୁ ପକାଇ ରଖିଥିଲେ। ମ୍ୟୁଟେସନ୍ ମାମଲାରେ ଅନୁକୂଳ ରିପୋର୍ଟ ଦାଖଲ କରିବାକୁ ଏବଂ ସଂଶୋଧିତ ଜଙ୍ଗ ଜାରି କରାଇବାରେ ସହଯୋଗ କରିବା ପାଇଁ ସେ ଆବେଦନକାରୀଙ୍କୁ ୩୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ।

# ଅମିତ ଶାହ ଓ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

### ଦ୍ରୁତ ଶିଳ୍ପାୟନ, ସମବାୟ ବିକାଶ ସମ୍ପର୍କରେ ଆଲୋଚନା
### ଓଡ଼ିଶାବାସୀଙ୍କ ଭରସା ଡବଲ ଇଞ୍ଜିନ ସରକାର





ଭୁବନେଶ୍ୱର(ବ୍ୟୁରୋ)

ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ଓଡ଼ିଶାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସଂପର୍କରେ ବିଶଦ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ପ୍ରେରଣାରେବିକାଶ, ପ୍ରଗତି ଓ ସମୃଦ୍ଧିର ଏକ ନୂତନ ପଥରେ ଓଡ଼ିଶା ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ରାଜ୍ୟର ବିକାଶମୂଳକ ପଦକ୍ଷେପ, ଆଇନ ଶୃଙ୍ଖଳା ପରିସ୍ଥିତି, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଚାଲୁରହିଥିବା ବିଭିନ୍ନ ବିକାଶମୂଳକ ଓ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ସହଯୋଗ କାମନା କରିଥିଲେ ।କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱରୁ ଓଡ଼ିଶା ଆଜି 'ନକ୍ସଲମୁକ୍ତ ରାଜ୍ୟ' ଭାବେ ମାନ୍ୟତା ପାଇପାରିଛି ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଦେଇଥିଲେ। ନକ୍ସଲ ଦମନରେ ଏହି ସଫଳତା ରାଜ୍ୟର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି। ନକ୍ସଲ ମୁକ୍ତ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର 'ଗ୍ରାମୋଦୟ ଯୋଜନା' ମାଧ୍ୟମରେ ସେହି ଅଞ୍ଚଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରୁଛନ୍ତି। ସକ୍ରିୟ ପୋଲିସିଂ ଯୋଗୁଁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାରେ ହୋଇଥିବା ଦ୍ରୁତ ଶିଳ୍ପାୟନ ବିଷୟରେ ଆଲୋଚନା କରି ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଗୃହମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଥିଲେ। ସେହିପରି ସମବାୟ କ୍ଷେତ୍ରରେ ମଧ୍ୟ କେନ୍ଦ୍ର ସରକାର ଓଡ଼ିଶାକୁ ସହଯୋଗ ଯୋଗାଇ ଦେଉଛନ୍ତି। ଓଡ଼ିଶାରେ ଚିନି କଳଗୁଡ଼ିକର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଶାହାଙ୍କୁ ଧନ୍ୟବାଦ ଦେଇଥିଲେ ।ଓଡ଼ିଶାର 'ଡବଲ୍-ଇଞ୍ଜିନ୍ ସରକାର' ସିଧାସଳଖ ଜନସମ୍ପର୍କ ଏବଂ ଦ୍ରୁତ ଅଭିଯୋଗ ପ୍ରତିକାର ମାଧ୍ୟମରେ ଜନସାଧାରଣଙ୍କ ଆସ୍ଥା ଜିତି ପାରିଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ରାଜ୍ୟର ପ୍ରମୁଖ ବିକାଶ ଓ କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ■ ପୃଷ୍ଠା-୧୫

# ଅସ୍ମିତ ଓ ହର୍ଷଙ୍କୁ ସ୍ୱର୍ଣ୍ଣ

ଗ୍ଲାସଗୋ





ଅସ୍ମିତା ଦେ ଏବଂ ହର୍ଷ ସିଂହ ଜୁଡୋରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି। ଏହା ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ କୌଣସି ଭାରତୀୟ ଜୁଡୋରେ ସ୍ୱର୍ଣ୍ଣ ପଦକ ଜିତି ନଥିଲେ। ମହିଳା ୪୮ କିଲୋଗ୍ରାମ ବର୍ଗର ଫାଇନାଲରେ ଅସ୍ମିତା ଜଣେ କାନାଡିଆନ ଆଥଲେଟଙ୍କୁ ପରାସ୍ତ କରିଥିବା ବେଳେ ହର୍ଷ ସିଂହ ପୁରୁଷ ୬୦ କିଲୋଗ୍ରାମ ବର୍ଗରେ ଜଣେ ଅଷ୍ଟ୍ରେଲୀୟ ଆଥଲେଟଙ୍କୁ ପରାସ୍ତ କରି ଇତିହାସ ରଚିଛନ୍ତି।

ଭାରତ ପ୍ରଥମ ଥର ପାଇଁ ୧୯୩୪ ମସିହାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲା। ୯୨ ବର୍ଷ ବିତିଯାଇଥିଲେ ମଧ୍ୟ ଭାରତ ଜୁଡୋରେ କେବେ ସ୍ୱର୍ଣ୍ଣ ପଦକ ଜିତି ନଥିଲା। ଫାଇନାଲରେ କାନାଡାର ହାଇଡି କ୍ୱାଚଙ୍କୁ ପରାସ୍ତ କରି ଅସ୍ମିତା ଦେ ଭାରତ ପାଇଁ ଏହି ସ୍ୱର୍ଣ୍ଣ ପଦକ ଅପେକ୍ଷାର ଅନ୍ତ କରିଥିଲେ। ନିୟନ୍ତ୍ରିତ ସମୟ ଶେଷରେ ମ୍ୟାଚ୍ ଟାଇ ରହିବାରୁ ଅତିରିକ୍ତ ସମୟର ସାହାରା ନିଆଯାଇଥିଲା। ଅତିରିକ୍ତ ସମୟରେ, ସ୍କୋର କରିଥିବା ପ୍ରଥମ ଖେଳାଳିଙ୍କୁ ବିଜେତା ଘୋଷିତ କରାଯାଏ; ଏହି ସମୟ ମଧ୍ୟରେ ଅସ୍ମିତା ପ୍ରଥମ ସ୍କୋର କରି ଏକ ଐତିହାସିକ ବିଜୟ ହାସଲ କରିଥିଲେ।

ସେହିଭଳି ହର୍ଷ ସିଂହ ଫାଇନାଲରେ ଅଷ୍ଟ୍ରେଲିଆର ଜୋଶୁଆ କାଟଜଙ୍କୁ ବହୁତ ସହଜରେ ପରାସ୍ତ କରି ୧୦-୦ ବ୍ୟବଧାନରେ ବିଜୟୀ ହୋଇଥିଲେ। ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଜୁଡୋରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତର ପ୍ରଥମ ପୁରୁଷ ଆଥଲେଟ୍ ହୋଇଛନ୍ତି। ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ୫ରେ ପହଞ୍ଚିଛି। ଏହା ଦେଶକୁ ପଦକ ତାଲିକାରେ ଅଷ୍ଟମ ସ୍ଥାନରେ ପହଞ୍ଚାଇଛି। ଭାରତ ବର୍ତ୍ତମାନ ୫ ସ୍ୱର୍ଣ୍ଣ, ୧୦ ରୌପ୍ୟ ଏବଂ ୪ କାଂସ୍ୟ ପଦକ ପାଇଛି।

## ସେ କହିଲେ...



ରାଜ୍ୟ ସରକାର 'ପ୍ରଥମେ ଚାଷୀ' ନୀତିକୁ କଡ଼ାକଡ଼ି ଭାବେ ଆପଣାଉଛନ୍ତି ଏବଂ ପ୍ରଭାବିତ ଅଞ୍ଚଳର କୃଷକମାନଙ୍କୁ କ୍ଷୟକ୍ଷତି ନେଇ ଭୟଭୀତ ନହେବା ପାଇଁ ଅନୁରୋଧ କରିଛନ୍ତି। ପ୍ରାରମ୍ଭିକ ଆକଳନ ଅନୁଯାୟୀ ୧୮ଟି ଜିଲ୍ଲାର ଚାଷ ଜମି ପ୍ରଭାବିତ ହୋଇଛି—ଏଥିପାଇଁ ତୁରନ୍ତ ଆବଶ୍ୟକୀୟ ଜରୁରୀକାଳୀନ ପଦକ୍ଷେପ ଏବଂ ସହାୟତା ବ୍ୟବସ୍ଥା ସକ୍ରିୟ କରାଯାଇଛି। ତୁରନ୍ତ ଏବଂ ସ୍ୱଚ୍ଛ ମୂଲ୍ୟାଙ୍କନ ନିଶ୍ଚିତ କରିବା ପାଇଁ ସରକାର ଏକ ସ୍ୱତନ୍ତ୍ର ଆକଳନ କମିଟି ଗଠନ କରିଛନ୍ତି, ଯାହା ଶୀଘ୍ର ବିସ୍ତୃତ ଫସଲ କ୍ଷତିପୂରଣ ରିପୋର୍ଟ ପ୍ରଦାନ କରିବ। ଏହି ରିପୋର୍ଟ ଆଧାରରେ ଏକ ବ୍ୟାପକ କୃଷି ସହାୟତା ପ୍ୟାକେଜ୍ ଘୋଷଣା କରାଯିବ, ଯେଉଁଥିରେ ସର୍ବାଧିକ ପ୍ରଭାବିତ ଜିଲ୍ଲାଗୁଡ଼ିକୁ ଅଗ୍ରାଧିକାର ଦିଆଯିବ।

**କନକ ବର୍ଦ୍ଧନ ସିଂହଦେଓ**
**ଉପମୁଖ୍ୟମନ୍ତ୍ରୀ**

## ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା

# ଅଧିକାରୀ ଓ ମନ୍ତ୍ରୀଙ୍କ କଥାରେ ରହୁନି ତାଳମେଳ

**ବିବାଦ ପରେ ଚେତିଛନ୍ତି କର୍ତ୍ତୃପକ୍ଷ। ବାକି ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ସହ ପରୀକ୍ଷା ନିୟନ୍ତ୍ରକଙ୍କ ପାଇଁ ମଧ ମୋବାଇଲ୍ ବନ୍ଦ ହେବ। ତେବେ ବଡ଼ ପ୍ରଶ୍ନ ହେଉଛି ପ୍ରଶ୍ନପତ୍ରର ଫଟୋ ଉଠାଇଲା କିଏ ? ଭାଇରାଲ୍ କଲା କିଏ ? ପ୍ରଶ୍ନପତ୍ର ଓ ଉତ୍ତର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଉଠିଛି ପେପର ଲିକ୍ ପ୍ରଶ୍ନ। ହେଲେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ଭିସିଙ୍କ ସଫା କଥା ଯେ, ଏହା ପେପର ଲିକ୍ ନୁହେଁ ବରଂ ମାଲପ୍ରାକ୍ଟିସ୍। ତେବେ ପ୍ରଶ୍ନ ଉଠୁଛି ଯଦି ପେପର ଲିକ୍ ନୁହେଁ, ତାହେଲେ ପରୀକ୍ଷା ହଲ୍‌ରୁ ପ୍ରଶ୍ନପତ୍ର ବାହାରକୁ କେମିତି ଆସିଲା। ଏହା ପଛରେ ଜଘନ୍ୟ କାଣ୍ଡ ହୋଇଥିବା ସନ୍ଦେହ କରାଯିବା ସ୍ୱାଭାବିକ। ତଦନ୍ତ ପରେ କ'ଣ ସବୁ ଗୋହି ଖୋଲିବ ତାକୁ ହିଁ ଅପେକ୍ଷା।**



- ଅଧିକାରୀ କହୁଛନ୍ତି ମାଲ୍‌ପ୍ରାକ୍ଟିସ୍
- ପରୀକ୍ଷା ପୂର୍ବରୁ ହୋଇନି ଭାଇରାଲ୍
- ଡିନ୍‌ଙ୍କ ରିପୋର୍ଟକୁ ସମସ୍ତଙ୍କ ଅପେକ୍ଷା
- ବିପଦରେ ମେଧାବୀଙ୍କ କ୍ୟାରିୟର
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ଉଠିଲା
- ବିଜେଡି ଓ କଂଗ୍ରେସର ସମାଲୋଚନା

ଭୁବନେଶ୍ୱର (ବ୍ୟୁରୋ)

ଡବଲ ଇଞ୍ଜନ ସରକାରରେ ବାରମ୍ବାର ପରୀକ୍ଷାଗତ ତ୍ରୁଟି ଦେଖିବାକୁ ମିଳୁଛି। ଏନେଇ କେହି ସଚେତନ କି ଦାୟିତ୍ୱବାନ ଥିବା ଭଳି ଲାଗୁନାହିଁ। ଭୁଲ ହେବା ପରେ ଚିରାଚରିତ ଢଙ୍ଗରେ ତଦନ୍ତ ନିର୍ଦ୍ଦେଶ ଦିଆଯାଉଛି। ତ୍ରୁଟିରେ ସଂଶୋଧନ କି ମେଧାବୀଙ୍କ ଭବିଷ୍ୟତ ନେଇ ଯେମିତି ସରକାର ଆଖି ବୁଜିଦେଇଛନ୍ତି, ସେଇଭଳି ମନେହୁଏ। ପରୀକ୍ଷା ପ୍ରଶ୍ନପତ୍ର ହ୍ୱାଟ୍ସଆପ୍‌ରେ ଭାଇରାଲକୁ ନେଇ ଏବେ ବଢ଼ିଛି ବିବାଦ। ଏମ୍‌କେସିଜି ମେଡିକାଲର ପିଜି ପରୀକ୍ଷାକୁ ନେଇ ଏବେ ସାରା ରାଜ୍ୟରେ ହଟଚମଟ। ପ୍ରଶ୍ନପତ୍ର ଓ ଉତ୍ତର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଉଠିଛି ପେପର ଲିକ୍ ପ୍ରଶ୍ନ। ହେଲେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ଭିସିଙ୍କ ସଫା କଥା ଯେ, ଏହା ପେପର ଲିକ୍ ନୁହେଁ ବରଂ ମାଲପ୍ରାକ୍ଟିସ୍। ତେବେ ପ୍ରଶ୍ନ ଉଠୁଛି ଯଦି ପେପର ଲିକ୍ ନୁହେଁ, ତାହେଲେ ପରୀକ୍ଷା ହଲ୍‌ରୁ ପ୍ରଶ୍ନପତ୍ର ବାହାରକୁ ଆସିଲା କେମିତି ?

ଗତ ୨୭ ତାରିଖରେ ଏମ୍‌କେସିଜି ମେଡିକାଲରେ ଚାଲିଥିଲା ପିଜି ପରୀକ୍ଷା। ଆଉ ସେହି ସମୟରେ ପ୍ରଶ୍ନପତ୍ରର ଫଟୋ ପହଞ୍ଚିଗଲା ହ୍ୱାଟସଆପ୍ ଗ୍ରୁପରେ। କେବଳ ପ୍ରଶ୍ନ ନୁହେଁ, ସେହି ଗ୍ରୁପରେ ସେୟାର ହେଲା ଉତ୍ତର ମଧ୍ୟ। ଅଭିଯୋଗ ପରେ ଏମ୍‌କେସିଜିରେ ପହଞ୍ଚି ତଦନ୍ତ କରିଛି ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ଟିମ୍। ହେଲେ ଭିସିଙ୍କ ଯୁକ୍ତି ପରୀକ୍ଷା ପୂର୍ବରୁ ଯଦି ପ୍ରଶ୍ନପତ୍ର ଭାଇରାଲ ହୋଇଥାନ୍ତା ତାହାକୁ ପେପର ଲିକ୍ କୁହାଯାଇଥାନ୍ତା। କିନ୍ତୁ ପରୀକ୍ଷା ପରେ ଭାଇରାଲ ହୋଇଥିବାରୁ ଏହା ମାଲପ୍ରାକ୍ଟିସ୍। ଡିନଙ୍କୁ ରିପୋର୍ଟ ତଲବ କରାଯାଇଛି। ତଦନ୍ତ ପରେ ନିଷ୍ପତ୍ତି ହେବ ପରୀକ୍ଷା ପୁଣି ହେବ କି ନାହିଁ।

ବିବାଦ ପରେ ଚେତିଛନ୍ତି କର୍ତ୍ତୃପକ୍ଷ। ବାକି ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ସହ ପରୀକ୍ଷା ନିୟନ୍ତ୍ରକଙ୍କ ପାଇଁ ମଧ ମୋବାଇଲ୍ ବନ୍ଦ ହେବ। ତେବେ ବଡ଼ ପ୍ରଶ୍ନ ଯେ, ପ୍ରଶ୍ନପତ୍ରର ଫଟୋ ଉଠାଇଲା କିଏ ? ଭାଇରାଲ୍ କଲା କିଏ ? ତଦନ୍ତ କ'ଣ ଖୋଲିବ, ସେଥିପାଇଁ ସମସ୍ତଙ୍କ ଅପେକ୍ଷା।

ଗୋଟିଏ ପଟେ ତଦନ୍ତ ଚାଲିଥିବା ବେଳେ ଅନ୍ୟପଟେ ତେଜିଛି ରାଜନୀତି। ପିଜି ପରୀକ୍ଷା ବିବାଦକୁ ନେଇ ସରକାରଙ୍କୁ ଘେରିଛି ବିଜେଡି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିରୋଧୀ ଦଳ। ବିଜେଡିର ଅଭିଯୋଗ ପରୀକ୍ଷା ■ ପୃଷ୍ଠା-୧୫



# ଭୁଶୁଡୁଛି ଲାଲ୍ ଗଡ଼

**ଦିନେ ଲୋକମାନଙ୍କ ମଧ୍ୟରେ ଭୟ ସଞ୍ଚାର କରି ସରକାରଙ୍କ ମୁଣ୍ଡବିନ୍ଧା ବଢ଼ାଇଥିଲା ଲାଲ୍‌ବାହିନୀ। ଅନେକ ନିରୀହ ଲୋକଙ୍କୁ ଏମାନେ ପୋଲିସ ଇନଫର୍ମର କହି ହତ୍ୟା କରିଥିବା ନଜିର ରହିଛି। ଗୁଳିଗୋଳା, ବୋମା ଓ ଲ୍ୟାଣ୍ଡମାଇନ ବିସ୍ଫୋରଣ କରି ନିଜର ଉପସ୍ଥିତି ବି ଜାହିର କରିଛନ୍ତି। ଏବେ ଆଉ ସେଭଳି ସ୍ଥିତି ନାହିଁ। ସରକାର ମାଓବାଦୀ ଦମନ କ୍ଷେତ୍ରରେ ବେଶ ସଫଳତା ହାସଲ କରିପାରିଛନ୍ତି। ଭାରତରେ ମାଓବାଦୀ ବିଦ୍ରୋହ ପ୍ରାୟ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ଶୀର୍ଷ କମାଣ୍ଡର ମିସିର୍ ବେସ୍ରାଙ୍କ ଗିରଫଦାରୀ ଏବଂ ପ୍ରଭାବିତ ଅଞ୍ଚଳରେ ବଡ଼ଧରଣର ହ୍ରାସ ଏହାର ପ୍ରମୁଖ କାରଣ, ଯାହା ଫଳରେ ସରକାର ଦେଶକୁ ବାମପନ୍ଥୀ ଉଗ୍ରବାଦ ମୁକ୍ତ ବୋଲି ଘୋଷଣା କରିଛନ୍ତି। ୨୦୨୬ ମସିହା ଜୁଲାଇ ମାସରେ ମିସିର୍ ବେସ୍ରାଙ୍କ ଗିରଫଦାରୀ ହୋଇଥିଲା। ଯେ କି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ)ର ଶେଷ ସକ୍ରିୟ କେନ୍ଦ୍ରୀୟ କମିଟି ଏବଂ ପଲିଟିବ୍ୟୁରୋ ସଦସ୍ୟ ଥିଲେ। ଦେଶବ୍ୟାପୀ ପ୍ରଭାବିତ ଜିଲ୍ଲାଗୁଡ଼ିକର ସଂଖ୍ୟା ୧୨୬ରୁ କମି ଆଜିସୁଦ୍ଧା ମାତ୍ର କିଛିଟି ବିଚ୍ଛିନ୍ନାଞ୍ଚଳରେ ସୀମିତ ହୋଇଯାଇଛି, ଯାହା ଦ୍ୱାରା ବିସ୍ତୃତ 'ରେଡ୍ କରିଡର' ସଙ୍କୁଚିତ ହୋଇଯାଇଛି। ମାଓବାଦ ବିରୋଧୀ ସୁରକ୍ଷା ଅଭିଯାନ କ୍ରମାଗତ ଭାବେ ଜାରି ରହିବା ଫଳରେ ଗତ ଦୁଇବର୍ଷ ମଧ୍ୟରେ ହଜାର ହଜାର କ୍ୟାଡର୍ ଆତ୍ମସମର୍ପଣ କରିଛନ୍ତି, ଗିରଫ ହୋଇଛନ୍ତି କିମ୍ବା ନିପାତ ହୋଇଛନ୍ତି। ଏବେ ମାଓବାଦୀମାନେ ସ୍ୱତଃପ୍ରବୃତ୍ତଭାବେ ଅସ୍ତ୍ରଶସ୍ତ୍ର ଛାଡ଼ି ସାମାଜିକ ମୁଖ୍ୟସ୍ରୋତରେ ସାମିଲ ହେବାକୁ ମନବଳାଇଛନ୍ତି।**

ସୁଶାନ୍ତ କୁମାର ଦାସ

ମାଓବାଦର ଦମନ ଲାଗି ସରକାରଙ୍କ ପକ୍ଷରୁ ଏକାଧିକ ପଦକ୍ଷେପ ଗ୍ରହଣ କରାଯାଇଛି। ସେମରାନଙ୍କୁ ହିଂସାର ରାସ୍ତା ଛାଡ଼ି ସମାଜ ସହ ଯୋଡ଼ିହେବାକୁ ପ୍ରବର୍ତ୍ତାଯାଇଛି। ହିଂସା ସମାଧାନର ରାସ୍ତା ନୁହେଁ ବୋଲି ସେମାନେ ବୁଝିବାକୁ ନାରାଜ ହେବା ପରେ ସରକାର ସେମାନଙ୍କ ଦମନଲୀଳା ଆରମ୍ଭ କରିବାକୁ ପଦକ୍ଷେପ ଗ୍ରହଣ କରିଥିଲେ।




## ମାଓ ଦମନ ଲାଗି ଭିତ୍ତିଭୂମି ବିକାଶ

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବସ୍ତର ପରି ମୁଖ୍ୟ ସଂଘର୍ଷ କ୍ଷେତ୍ରଗୁଡ଼ିକୁ କେନ୍ଦ୍ରକରି ତୀବ୍ର ସୁରକ୍ଷା ଅଭିଯାନ ଆରମ୍ଭ କରିବା ପରେ ଭାରତକୁ ମାଓବାଦ ମୁକ୍ତ ବୋଲି ଘୋଷଣା କରିଛନ୍ତି। କୌଶଳଗତ ପଦକ୍ଷେପ ମଧ୍ୟରେ ୧୨,୦୦୦ କିଲୋମିଟରରୁ ଅଧିକ ରାସ୍ତା ନିର୍ମାଣ, ଶହ ଶହ ସୁଦୃଢ଼ ପୋଲିସ ଷ୍ଟେସନ ଏବଂ ସୁରକ୍ଷା ଶିବିର ଖୋଲିବା ଏବଂ ଦୁର୍ଗମ ଜଙ୍ଗଲ ଅଞ୍ଚଳରେ ହଜାର ହଜାର ମୋବାଇଲ୍ ଟାୱାର ସ୍ଥାପନ କରାଯିବା ଆଦି ଅନ୍ତର୍ଭୁକ୍ତ, ଯାହା ଏହି ଆନ୍ଦୋଳନର ଲଜିଷ୍ଟିକ ଏବଂ ଭୌଗୋଳିକ ବିଚ୍ଛିନ୍ନତାକୁ ଭାଙ୍ଗିଦେଇଛି। ନିରୀହ ଆଦିବାସୀଙ୍କ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏସବୁ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ପୂର୍ବ ଭାରତର ଏକ ବିଶାଳ ଜଙ୍ଗଲ ଏବଂ ଆଦିବାସୀ ଅଞ୍ଚଳ ଦଣ୍ଡକାରଣ୍ୟ, ଯେଉଁଠାରେ ମାଓବାଦୀ ବିଦ୍ରାହୀ (ନକ୍ସଲମାନେ) ପ୍ରକୃତ ରାଜତନ୍ତ୍ର ବଦଳରେ ଏକ ସମାନ୍ତରାଳ ଛାୟା ସରକାର ପ୍ରତିଷ୍ଠା କରିଥିଲେ। ସେହିଠାରୁ ହିଁ ବିଭିନ୍ନ ମାଓ ପଦକ୍ଷେପ ଆରମ୍ଭ ହେଉଥିଲା। ସେଥିଲାଗି ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରି ମାଓ ଦମନ ଗତିକୁ ବଳ ଯୋଗାଇଥିଲେ।

## ଆନ୍ଦୋଳନର ସମୀକ୍ଷା ଏବଂ ଇତିହାସ

୧୯୬୭ ମସିହାରେ ପଶ୍ଚିମବଙ୍ଗର ନକ୍ସଲବାଡ଼ିରେ ହୋଇଥିବା କୃଷକ ବିଦ୍ରୋହରୁ ମାଓବାଦାର ଆରମ୍ଭ ହୋଇଥିଲା। ପାର୍ଶ୍ୱବର୍ତ୍ତୀ ଆଦିବାସୀମାନଙ୍କୁ ସମର୍ଥନ କରିବା ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ) ଦ୍ୱାରା ପରିଚାଳିତ ହୋଇଥିଲା ସଶସ୍ତ୍ର କୃଷକ ବିପ୍ଳବ। ୨୦୦୦ ମସିହା ଶେଷ ଭାଗରେ ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ବିହାର ଭଳି ରାଜ୍ୟର ପ୍ରାୟ ୧୮୦ଟି ଜିଲ୍ଲାରେ ଏହା ବ୍ୟାପିଥିଲା। ପରେ ଦେଶର ଅନ୍ୟ ରାଜ୍ୟଗୁଡ଼ିକୁ ଏହା ସମ୍ପ୍ରସାରିତ ହୋଇଥିଲା। ସ୍ଥାନୀୟ ଲୋକଙ୍କ କମିଟି ଯାହା ଦୂରବର୍ତ୍ତୀ ଜଙ୍ଗଲାଞ୍ଚଳରେ ପ୍ରତିନିଧି ସରକାର ଭାବରେ କାର୍ଯ୍ୟ କରୁଥିଲା। ରାଜ୍ୟ ନିୟନ୍ତ୍ରଣ ବାହାରେ ରହି ସ୍ଥାନୀୟ ବିବାଦର ସମାଧାନ କରିବା, ଚାଷ ପାଇଁ ଜଙ୍ଗଲ ଜମି ବଣ୍ଟନ କରିବା ଏବଂ ମୌଳିକ ସ୍ୱାସ୍ଥ୍ୟ ଓ ଶିକ୍ଷା କାର୍ଯ୍ୟକ୍ରମ ଚଳାଇବା। ପୋଲିସ ଏବଂ ରାଜ୍ୟର ଭିତ୍ତିଭୂମି ସହିତ ମୁକାବିଲା କରିବା ପାଇଁ ପିପୁଲ୍ସ ଲିବରେସନ୍ ଗରିଲା ଆର୍ମି ଉପରେ ନିର୍ଭର କରୁଥିଲେ। କାଳକ୍ରମେ ଏହା ବିସ୍ତାରିତ ହୋଇ ଏକ ଆନ୍ଦୋଳନର ରୂପ ନେଇଥିଲା।



## ମାଓବାଦର ସାମ୍ପ୍ରତିକ ସ୍ଥିତି

ତୀବ୍ର ସୁରକ୍ଷା ଅଭିଯାନ, ଭିତ୍ତିଭୂମିର ବିକାଶ ଏବଂ ହଜାର ହଜାର ବିଦ୍ରୋହୀଙ୍କ ଆତ୍ମସମର୍ପଣ ଯୋଗୁଁ ସକ୍ରିୟ ମାଓବାଦୀ ଗଡ଼ଗୁଡ଼ିକ ନାଟକୀୟ ଭାବରେ ହ୍ରାସ ପାଇଛି। ବିହାର, ଛତିଶଗଡ଼, ଓଡ଼ିଶା, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଭଳି କେତେକ ରାଜ୍ୟରେ ମାଓ ତାଣ୍ଡବ ହ୍ରାସ ପାଇ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାଯାଏ। ଏହାର ଶୀର୍ଷ ସମୟରେ ପ୍ରାୟ ୧୮୦ଟି ପ୍ରଭାବିତ ଜିଲ୍ଲାରୁ କମିଯାଇ ୨୦୨୬ ମସିହା ସୁଦ୍ଧା ଏହା କେବଳ କେତେକ ଦୂରବର୍ତ୍ତୀ ଅଞ୍ଚଳରେ ସୀମିତ ହୋଇରହିଛି। ଖୁବ୍‌ଶୀଘ୍ର ସେ ସବୁ ଅଞ୍ଚଳକୁ ମାଓ ମୁକ୍ତ କରାଯିବ ବୋଲି ସରକାର ଘୋଷଣା କରିସାରିଛନ୍ତି।

## ମାଓବାଦୀଙ୍କ ଖତରନାକ ଖେଳ

ଭାରତ ଇତିହାସରେ ସବୁଠାରୁ ମାରାତ୍ମକ ମାଓବାଦୀ ଆକ୍ରମଣ ଥିଲା ଛତିଶଗଡ଼ର ଦନ୍ତେୱାଡ଼ା ଆକ୍ରମଣ। ଏଥିରେ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସର ୭୬ ଜଣ ଯବାନ ଏବଂ ୮ ଜଣ ବିଦ୍ରୋହୀ ପ୍ରାଣ ହରାଇଥିଲେ। ସେହିଭଳି ମୁକ୍ରାନା ଜଙ୍ଗଲରେ ଏକ କ୍ଷେତ୍ର ନିୟନ୍ତ୍ରଣ ଅଭିଯାନ ସମୟରେ ଶହ ଶହ ବିଦ୍ରୋହୀଙ୍କ ଦ୍ୱାରା ଆକ୍ରମଣ ହେବାରୁ ୭୬ ଜଣ ଯବାନ ନିହତ ହୋଇଥିଲେ। ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁରରେ ବିଦ୍ରୋହୀମାନଙ୍କ ଦ୍ୱାରା ଟ୍ରାକ୍ ଭାଙ୍ଗିବା ଯୋଗୁଁ ୧୪୮ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେହିଭଳି ଛତିଶଗଡ଼ରେ ଏକ କାଫେଲା ଉପରେ ଆକ୍ରମଣ ହେବାରୁ ପ୍ରମୁଖ ରାଜନୈତିକ ବ୍ୟକ୍ତିବିଶେଷଙ୍କ ସମେତ ୨୭ ଜଣ ନିହତ ହୋଇଥିଲେ। ଦଶନ୍ଧି ଦଶନ୍ଧି ଧରି ଚାଲିଥିବା ବାମପନ୍ଥୀ ଚରମପନ୍ଥୀ (ଲେଫ୍ଟ-ୱିଙ୍ଗ ଏକ୍ସଟ୍ରିମିଜମ୍) ଯୋଗୁଁ ଉଭୟ ପକ୍ଷରେ ବ୍ୟାପକ କ୍ଷୟକ୍ଷତି ହୋଇଛି, ଯଦିଓ ଜୋରଦାର ସୁରକ୍ଷା ଅଭିଯାନଗୁଡ଼ିକ ସକ୍ରିୟ ବିଦ୍ରୋହୀ ଆଡ୍ଡାଗୁଡ଼ିକୁ ବହୁ ପରିମାଣରେ ହ୍ରାସ କରିଛି। ବଡ଼ଧରଣର କୌଶଳଗତ ଆକ୍ରମଣ ଏବଂ ଶୀର୍ଷ ନେତୃତ୍ୱଙ୍କୁ ନିପାତ କରାଯିବା ଦ୍ୱାରା ବିଦ୍ରୋହର ଭୌଗୋଳିକ ବ୍ୟାପ୍ତି ବହୁ ମାତ୍ରାରେ ସଙ୍କୁଚିତ ହୋଇଯାଇଛି।

## ମାଓ ସଂଗଠନର ଶୀର୍ଷ ନେତାଙ୍କୁ ଟାର୍ଗେଟ୍

ଲାଲ୍ ବାହିନୀ ପାଇଁ କାଳ ସାଜିଛି ସୁରକ୍ଷା ବାହିନୀର ରଣନୀତି। ଗତ ୨୦୨୫ ଜାନୁଆରୀ ମାସଠାରୁ ମାଓ ସଂଗଠନର ଶୀର୍ଷ ନେତୃତ୍ୱକୁ ଟାର୍ଗେଟ୍ କରି ଅପରେସନକୁ ଜୋରଦାର କରାଯାଇଛି। ଓଡ଼ିଶା, ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶ ସୀମାନ୍ତରେ ହୋଇଥିବା ବିଭିନ୍ନ ଏନକାଉଣ୍ଟରରେ ଅନେକ ଦୁର୍ଦ୍ଦାନ୍ତ ଓ ଟପ୍ ମାଓବାଦୀ ନିପାତ ହୋଇଛନ୍ତି। ଏହି ମାଓ ନେତାମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ମୁଣ୍ଡ ଉପରେ କୋଟିଏ ଟଙ୍କାର ପୁରସ୍କାର ରାଶି ରହିଥିଲା। ଲାଲ୍ କରିଡରରେ ଯବାନମାନଙ୍କ କାର୍ଯ୍ୟାନୁଷ୍ଠାନ ଶେଷରେ ସଫଳ ରୂପ ନେଇଛି। ଏଥିଲାଗି ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଭିତ୍ତିଭୂମି ବିକାଶ, ପୋଲିସ ମୂତୟନ ଓ ଟପ୍ ମାଓବାଦୀଙ୍କୁ ଟାର୍ଗେଟ କରାଯାଇ ଏନ୍‌କାଉଣ୍ଟର କରାଯାଇଛି। ମାଓ ସଂଗଠନ ଦୁର୍ବଳକରିବା ଓ ସବୁ କ୍ୟାଡର ମାଓବାଦୀଙ୍କୁ ଆତ୍ମସମର୍ପଣ ଲାଗି ଚାପ ପକାଇବା ଭଳି ଅନେକ ପଦକ୍ଷେପ ସରକାର ଗ୍ରହଣ କରିଛନ୍ତି।

## ଟଳିଛନ୍ତି ଅନେକ ଟପ୍ ଇନାମୀ ମାଓନେତା

ଟପ୍ ମାଓନେତା ଜୟରାମ ରେଡ୍ଡୀ ଓରଫ ଚଲପତି ୨୦୨୫ ଜାନୁଆରୀ ୨୧ରେ ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଗରିଆବନ୍ଧରେ ନିପାତ ହୋଇଥିଲେ। ସେ କେନ୍ଦ୍ରୀୟ କମିଟି ସଦସ୍ୟ ଏବଂ ଓଡ଼ିଶା ଷ୍ଟେଟ୍ କମିଟିର ସଚିବ ଥିଲେ। ତାଙ୍କ ମୁଣ୍ଡ ଉପରେ ୧ କୋଟି ଟଙ୍କାର ପୁରସ୍କାର ଥିଲା। ସେହିଭଳି ନମ୍ବାଲା କେଶବ ରାଓ ଓରଫ ବାସବରାଜୁ ୨୦୨୫ ମେ ୨୧ରେ ନାରାୟଣପୁର ଅବୁଝମାଡ଼ ଜଙ୍ଗଲରେ ନିହତ ହୋଇଥିଲେ। ସେ ମାଓ ସଂଗଠନର ସାଧାରଣ ସମ୍ପାଦକ ତଥା କେନ୍ଦ୍ରୀୟ କମିଟିର ମୁଖ୍ୟ ଥିଲେ। କେବଳ ଛତିଶଗଡ଼ରେ ତାଙ୍କ ନାମରେ ୧ କୋଟି ଟଙ୍କାର ପୁରସ୍କାର ଥିଲା। ଅନ୍ୟପକ୍ଷରେ ଥେଣ୍ଟୁ ଲକ୍ଷ୍ମୀ ନରସିଂହାଚଲମ ଓରଫ ସୁଧାକର ୨୦୨୫ ଜୁନ୍ ୫ରେ ବିଜାପୁର ନ୍ୟାସନାଲ ପାର୍କ ଜଙ୍ଗଲରେ ନିହତ ହୋଇଥିଲେ। କେନ୍ଦ୍ରୀୟ କମିଟି ସଦସ୍ୟ ସହ ସେ ମାଓବାଦୀଙ୍କ ପଲିଟିକାଲ ସ୍କୁଲର ମୁଖ୍ୟ ଥିଲେ। ମୁଣ୍ଡ ଉପରେ ଥିଲା ୧ କୋଟିର ପୁରସ୍କାର ରାଶି। ଉଦୟ ଓରଫ ଗଜରାଲା ରବି ୨୦୨୫ ଜୁନ୍ ୧୮ରେ ଆନ୍ଧ୍ରପ୍ରଦେଶର ମାରେଡମଲ୍ଲୀ ଜଙ୍ଗଲରେ ସୁରକ୍ଷା କର୍ମୀଙ୍କ ଗୁଳିରେ ନିହତ ହୋଇଥିଲେ। ସେ କେନ୍ଦ୍ରୀୟ କମିଟି ସଦସ୍ୟ ଏବଂ ଆନ୍ଧ୍ର-ଓଡ଼ିଶା ସ୍ପେଶାଲ ଯୋନାଲ କମିଟିର ସଚିବ ଥିଲେ। ତାଙ୍କ ଉପରେ ମଧ୍ୟ ୧ କୋଟିର ପୁରସ୍କାର ରାଶି ରହିଥିଲା। ସେହିଭଳି ଭେଙ୍କଟରବି ଚୈତନ୍ୟା ଓରଫ ଅରୁଣା ୨୦୨୫ ଜୁନ୍ ୧୮ରେ ମାରେଡମଲ୍ଲୀ ଜଙ୍ଗଲରେ ନିହତ ହୋଇଥିଲେ। ସେ ଚଲପତିଙ୍କ ପତ୍ନୀ ତଥା ସ୍ପେଶାଲ ଯୋନାଲ କମିଟି ସଚିବ ଥିଲେ। ତାଙ୍କ ମୁଣ୍ଡ ଉପରେ ୪୦ ଲକ୍ଷ ଟଙ୍କାର ପୁରସ୍କାର ଥିଲା। ମୋଡେମ ବାଲାକ୍ରୀଷ୍ଣା ଓରଫ ଭାସ୍କର ୨୦୨୫ ସେପ୍ଟେମ୍ବର ୧୧ରେ ନିହତ ହୋଇଥିଲେ। ଓଡ଼ିଶା ରାଜ୍ୟ କମିଟିର ମୁଖ୍ୟ ଏବଂ ସେଣ୍ଟ୍ରାଲ ରିଜିଓନାଲ ବ୍ୟୁରୋର ସଦସ୍ୟ ଥିବା ଭାସ୍କରଙ୍କ ନାମରେ ୧ କୋଟି ଟଙ୍କାର ପୁରସ୍କାର ଥିଲା। ସେଇଭଳି କାଦରୀ ସତ୍ୟନାରାୟଣ ରେଡ୍ଡୀ ଓରଫ କୋସା ଦାଦା ୨୦୨୫ ସେପ୍ଟେମ୍ବର ୨୨ରେ ଅବୁଝମାଡ଼ ଜଙ୍ଗଲରେ ସୁରକ୍ଷା ବାହିନୀ ଦ୍ୱାରା ନିହତ ଜହୋଇଥିଲେ। ସେ ମାଓ ସଂଗଠନର କେନ୍ଦ୍ରୀୟ କମିଟି ସଦସ୍ୟ ଥିଲେ। କଟ୍ଟା ରାମ ଚନ୍ଦ୍ର ରେଡ୍ଡୀ ଓରଫ ରାଜୁ ୨୦୨୫ ସେପ୍ଟେମ୍ବର ୨୨ରେ ଅବୁଝମାଡ଼ ଜଙ୍ଗଲରେ କୋସା ଦାଦାଙ୍କ ସହ ନିପାତ ହୋଇଥିଲେ। ସେ ମଧ୍ୟ ଜଣେ କେନ୍ଦ୍ରୀୟ କମିଟି ସଦସ୍ୟ ଥିଲେ। ଅନ୍ୟପକ୍ଷରେ ହିଡମା ଓରଫ ହିଡମାଲୁ ୨୦୨୫ ନଭେମ୍ବର ୧୮ରେ ଆନ୍ଧ୍ରପ୍ରଦେଶ ମାରେଡମଲ୍ଲୀ ଜଙ୍ଗଲରେ ଯବାନଙ୍କ ଗୁଳିରେ ନିହତ ହୋଇଥିଲେ। ମାଓବାଦୀଙ୍କ ବାଟାଲିୟନ ନଂ-୧ର ମୁଖ୍ୟ ତଥା ସବୁଠାରୁ ଦୁର୍ଦ୍ଦାନ୍ତ ମାଓନେତା ଭାବେ ସେ ପରିଚିତ ଥିଲେ। ସେହିଭଳି ଗଣେଶ ଉଇକେ ୨୦୨୫ ଡିସେମ୍ବର ମାସରେ କନ୍ଧମାଳ ଜିଲ୍ଲାରେ ନିପାତ ହୋଇଥିଲେ। ଓଡ଼ିଶା ଷ୍ଟେଟ୍ କମିଟି ମୁଖ୍ୟ ତଥା କେନ୍ଦ୍ରୀୟ କମିଟି ସଦସ୍ୟ ଥିବା ଗଣେଶଙ୍କ ଉପରେ ୧ କୋଟି ଟଙ୍କାର ପୁରସ୍କାର ଥିଲା।

ଗୋଟିଏ ପଟେ ସରକାର ମାଓବାଦୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ କରୁଥିବା ବେଳେ ଅନ୍ୟପଟେ ସୁରକ୍ଷା ବାହିନୀର ଏହି କଡ଼ା ପ୍ରହାର ଲାଲ୍ ବାହିନୀର ଶୀର୍ଷ ନେତୃତ୍ୱକୁ ଶେଷ କରିବାରେ ବଡ଼ ସଫଳତା ସାବ୍ୟସ୍ତ ହୋଇଛି। ସରକାରଙ୍କ ପକ୍ଷରୁ ମାଓବାଦୀଙ୍କୁ ଆତ୍ମସମର୍ପଣ ଲାଗି ଅଲ୍ଟିମେଟନ ଦିଆଯାଇଥିଲା। ତଥାପି ଅନେକ ସରକାରଙ୍କ ଆଗରେ ଆତ୍ମସମର୍ପଣ କରିବାରେ ପଛଘୁଞ୍ଚା ଦେଇଛନ୍ତି। ସୁରକ୍ଷାକର୍ମୀଙ୍କ ଗୁଳିର ଶିକାର ହେବା ଅପେକ୍ଷା ସେମାନେ ଆତ୍ମସମର୍ପଣ କରି ସାମାଜିକ ସୁରକ୍ଷା ଓ ଭାଗୀଦାରୀର ଅଂଶ ହେବାକୁ ସରକାରଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି।



### ଲାଞ୍ଜିଗଡ଼-ବିଜେପୁର ସଡ଼କ ଅଗ୍ରଗତିରେ ପଛେଇରେ

# ୩ ଗୁରୁତ୍ୱପୂର୍ଣ୍ଣ ରାସ୍ତା ପାଇଁ ଡିପିଆର୍ ଦାଖଲରେ ବିଳମ୍ବ



**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲାର ସଡ଼କ ଭିତ୍ତିଭୂମିର ବିକାଶ ପାଇଁ ପ୍ରସ୍ତାବିତ ତିନୋଟି ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପ ବର୍ତ୍ତମାନ ବନ ଅନୁମୋଦନ ପ୍ରକ୍ରିୟାରେ ଅଟକି ରହିଛି। କଳାହାଣ୍ଡି ଦକ୍ଷିଣ ବନ ବିଭାଗର ଏକ ସରକାରୀ ଦସ୍ତାବେଜରୁ ଜଣାପଡ଼ିଛି ଯେ, ବନ ବିଭାଗ ପକ୍ଷରୁ ଆବଶ୍ୟକୀୟ ସର୍ଭେ, ମାନଚିତ୍ର ପ୍ରସ୍ତୁତି ଓ ପ୍ରମାଣୀକରଣ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପନ୍ନ ହୋଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ପକ୍ଷରୁ ବିସ୍ତୃତ ପ୍ରକଳ୍ପ ପ୍ରତିବେଦନ (ଡିପିଆର) ଦାଖଲ କରାଯାଇନଥିବା ଏବଂ 'ପରିବେଶ' ପୋର୍ଟାଲରେ ଆବଶ୍ୟକ ତଥ୍ୟ ଅପଲୋଡ୍ କରାଯାଇନଥିବାରୁ ସମସ୍ତ ପ୍ରକ୍ରିୟା "ୟୁଜର ଏଜେନ୍ସି ସ୍ତରରେ ବିଚାରାଧୀନ" ରହିଛି। ଉପଲବ୍ଧ ଦସ୍ତାବେଜ ଅନୁଯାୟୀ, ପ୍ରଥମ ପ୍ରକଳ୍ପଟି ତେରେନାମ ଘାଟି ସଡ଼କର ୨୫.୦୦୦ କିଲୋମିଟରରୁ ୫୩.୧୨୧ କିଲୋମିଟର ପର୍ଯ୍ୟନ୍ତ ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ସମ୍ବନ୍ଧୀୟ। ଏହି ପ୍ରକଳ୍ପ ପାଇଁ ବନ ବିଭାଗ ପକ୍ଷରୁ ଡିଜିପିଏସ୍ ସର୍ଭେ, ମାନଚିତ୍ର ଓ ଅନ୍ୟାନ୍ୟ ତଥ୍ୟ ପ୍ରସ୍ତୁତ କରି ସମ୍ପୃକ୍ତ ବିଭାଗକୁ ପଠାଯାଇଛି। କିନ୍ତୁ ପ୍ରକଳ୍ପ ପ୍ରସ୍ତାବକ ଏପର୍ଯ୍ୟନ୍ତ ଡିପିଆର୍ ଦାଖଲ କରିନଥିବା ସହ 'ପରିବେଶ' ପୋର୍ଟାଲରେ ଆବଶ୍ୟକ ତଥ୍ୟ ଅପଲୋଡ୍ କରିନାହାନ୍ତି। ଦ୍ୱିତୀୟ ପ୍ରକଳ୍ପ ହେଉଛି ଚାଟି ଓଡ଼ର ସଡ଼କର ଶୂନ୍ୟ କିଲୋମିଟରରୁ ୨୫ କିଲୋମିଟର ପର୍ଯ୍ୟନ୍ତ ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ। ଏହି ପ୍ରକଳ୍ପରେ ମଧ୍ୟ ବନ ବିଭାଗ ପକ୍ଷରୁ ସମସ୍ତ ପ୍ରାଥମିକ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଡିପିଆର୍ ଦାଖଲ କରିନଥିବାରୁ ବନ ଅନୁମୋଦନ ପ୍ରକ୍ରିୟା ଆଗକୁ ବଢ଼ିପାରୁନାହିଁ। ସେହିପରି ଲାଞ୍ଜିଗଡ଼–ବିଜେପୁର ସଡ଼କର ଶୂନ୍ୟ କିଲୋମିଟରରୁ ୧୬.୪୦୦ କିଲୋମିଟର ପର୍ଯ୍ୟନ୍ତ ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ପ୍ରକଳ୍ପ ମଧ୍ୟ ସମାନ କାରଣରୁ ଅଗ୍ରଗତି କରିପାରୁନାହିଁ। ବନ ବିଭାଗ ସମସ୍ତ ଆବଶ୍ୟକୀୟ ତଥ୍ୟ ପଠାଇଥିଲେ ମଧ୍ୟ ପ୍ରକଳ୍ପ ପ୍ରସ୍ତାବକ ପକ୍ଷରୁ ଆବଶ୍ୟକ ଦସ୍ତାବେଜ ଦାଖଲ ହୋଇନଥିବାରୁ ଫାଇଲ ବିଚାରାଧୀନ ରହିଛି। ସୂଚନା ଅନୁଯାୟୀ, ବନ ଜମି ସହ ଜଡ଼ିତ ଯେକୌଣସି ଉନ୍ନୟନ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ 'ପରିବେଶ' ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ଆବେଦନ କରିବା ବାଧ୍ୟତାମୂଳକ। ଏଥିରେ ବିସ୍ତୃତ ପ୍ରକଳ୍ପ ପ୍ରତିବେଦନ, ଡିଜିପିଏସ୍ ମାନଚିତ୍ର, ବନ ଜମିର ବିବରଣୀ ଓ ଅନ୍ୟାନ୍ୟ ପ୍ରମାଣପତ୍ର ଦାଖଲ କରିବା ପରେ ହିଁ ବନ ଅନୁମୋଦନ ପ୍ରକ୍ରିୟା ଆଗକୁ ବଢ଼ିଥାଏ। କିନ୍ତୁ ସମ୍ପୃକ୍ତ ୟୁଜର ଏଜେନ୍ସି ପକ୍ଷରୁ ଆବଶ୍ୟକ ଦସ୍ତାବେଜ ଦାଖଲରେ ବିଳମ୍ବ ହେଉଥିବାରୁ ପ୍ରକଳ୍ପଗୁଡ଼ିକ ଅଟକି ରହିଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

### ସମସ୍ୟାରେ ଦିବ୍ୟାଙ୍ଗ ପରିବାର



**ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଗନ୍ଧରାବନ୍ଧ ପଞ୍ଚାୟତ ବୋରୋବାହାଲ ଗାଁରେ ଲଗାଣ ବର୍ଷା ରେ ଅନେକ ଲୋକ ଙ୍କ ଘର ଭାଙ୍ଗି ଯାଇଥିବା ବେଳେ ସେମାନେ ବାରଦୁଆର ହେଉଥିବା ଦେଖିବାକୁ ମିଳିଛି । ବୋରୋବାହାଲ ଗାଁର ଜଗତ ପୁଟେଲ ଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ପରିବାର ଲୋକେ ଅସହାୟ ଅବସ୍ଥା ରେ ଦିନ କାଟୁଛନ୍ତି । ଘର ସଜାଡ଼ିବା ପାଇଁ ମଧ୍ୟ ନିଜର ସକ୍ଷମ ନାହାନ୍ତି । ବିଭିନ୍ନ ସମୟ ରେ ପକ୍କା ଘର ପାଇବା ପାଇଁ ପଞ୍ଚାୟତ ପ୍ରଶାସନ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଠାରେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ଧ୍ୟାନ ଦେଉନାହାନ୍ତି । ଘରେ ତାଙ୍କ ସ୍ତ୍ରୀ ଦଶୁମତି ପୁଟେଲ ଓ ଝିଅ ସାଇରା ପୁଟେଲ ଙ୍କୁ ନେଇ ଏହି ଗରିବ ପରିବାର । ଘର ଭାଙ୍ଗିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ପରିବାର ଲୋକେ । ଜଗତ ପୁଟେଲ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ତାଙ୍କ ପରିବାର କୁ ରାସନ କାର୍ଡ କି ପକ୍କା ଘର ମିଳିନି ଯଦ୍ୱାରା ସେମାନେ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ଏ ନେଇ ବଙ୍ଗୋମୁଣ୍ଡା ବିଡ଼ିଓ ନିତୁଶ୍ରୀ ମେହେର ଙ୍କୁ ଯୋଗାଯୋଗ କରିବାରୁ, ତଦନ୍ତ କରାଯାଇ ସରକାର ଙ୍କ ବିଭିନ୍ନ ଯୋଜନା ରେ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତୁରନ୍ତ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ପୂର୍ବତନ ପ୍ରଧାନଶିକ୍ଷକ ବାଙ୍କା ବିହାରୀ ପଣ୍ଡାଙ୍କ ବିୟୋଗ



**ବଲାଙ୍ଗୀର(ଅମୃତ ମିଡିଆ):** ବଲାଙ୍ଗୀର ପ୍ରତୀତପାବନ ଏକାଡେମୀର ପୂର୍ବତନ ପ୍ରଧାନ ଶିକ୍ଷକ ବାଙ୍କା ବିହାରୀ ପଣ୍ଡାଙ୍କର ଗତ ବୁଧବାର ରାତି ପ୍ରାୟ ୨ଟା ୪୫ମିନିଟ ସମୟ ରେ ୮୦ ବର୍ଷ ବୟସରେ ପରଲୋକ ଘଟିଛି। ସେ କିଛିଦିନ ଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତାରେ ପୀଡ଼ିତ ଥିଲେ। ତେବେ ଡାକ୍ତରଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥିଲା। ସ୍ୱର୍ଗତ ପଣ୍ଡା ଜଣେ ମେଳାପୀ, ମିଷ୍ଟଭାଷୀ, ସରଳ ସ୍ୱଭାବର ବ୍ୟକ୍ତି ତଥା ଛାତ୍ରବତ୍ସଳ ଶିକ୍ଷକ ଭାବେ ସମସ୍ତଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ଆଜି ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ଶ୍ରୀ ପଣ୍ଡା ଙ୍କ ବରପାଲିପଡା ସ୍ଥିତ ବାସଭବନରେ ବହୁ ଲୋକଙ୍କ ଭିଡ଼ ଜମିଥିଲା। ମୃତ୍ୟୁ ଶଯ୍ୟାରେ ତାଙ୍କର ତିନିପୁତ୍ର ଶ୍ରୀମନ୍ତ, ସୁଶାନ୍ତ ଓ ସୁଜିତ, ପୁତ୍ରବଧୂ, ନାତି ନାତି ନାତୁଣୀ ଓ ବନ୍ଧୁ ବର୍ଗ ଉପସ୍ଥିତ ଥିଲେ । ଦୀର୍ଘ ବର୍ଷର ଶିକ୍ଷକତା ଜୀବନ ମଧ୍ୟରେ ସେ ଶିକ୍ଷାସେବାକୁ ବୃତ୍ତି ନହେଁ ବ୍ରତ ଭାବରେ ଗ୍ରହଣ କରିଥିଲେ। ଏକଦା ଅନୁଶାସନ, ସମୟାନୁବର୍ତ୍ତିତା ଓ ଶିକ୍ଷାର୍ଥୀର ଚରିତ୍ର ଗଠନକୁ ସବୁବେଳେ ପ୍ରାଥମିକତା ଦେଇ ଆସୁଥିବା ଶିକ୍ଷାନୁଷ୍ଠାନ ପତିତପାବନ ଏକାଡେମୀର ଜଣେ ଶିକ୍ଷକ ଭାବରେ ଓ ପରବର୍ତ୍ତୀ ସମୟରେ ଜଣେ ପ୍ରଧାନ ଶିକ୍ଷକ ଭାବରେ ସମସ୍ତଙ୍କ ପ୍ରିୟ ଓ ପୂଜ୍ୟ ବଙ୍କା ଆଜ୍ଞା ଅଗଣିତ ଛାତ୍ର ମାନଙ୍କ ହୃଦୟରେ ଏକ ଅଲିଭା ସ୍ୱାକ୍ଷର ଛାଡି ଚାଲି ଯାଇଛନ୍ତି।

# ୩ ଦଫା ଦାବି ନେଇ କୃଷକ ସଙ୍ଗଠନ ପକ୍ଷରୁ ତହସିଲ ଅଫିସ ଘେରାଉ




**ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ୩ ଦଫା ଦାବି ନେଇ କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର କୃଷକ ସଙ୍ଗଠନ ପକ୍ଷରୁ ବଙ୍ଗୋମୁଣ୍ଡା ତହସିଲ ଅଫିସ ଘେରାଉ କରାଯାଇଛି । କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର କୃଷକ ସଙ୍ଗଠନ ର ସଭାପତି ତଥା ଚାଷୀ ନେତା ଅଜିତ କୁମାର ଯୋଶୀ ଙ୍କ ନେତୃତ୍ୱରେ ହୋଇଛି। ପ୍ରଥମେ ବଙ୍ଗୋମୁଣ୍ଡା ଆର୍ ଏମ ସି ଠାରୁ ବିରାଟ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କୃଷକ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ , କୃଷକ ମାନଙ୍କୁ ୟୁରିଆ, ଡ଼ିଏପି ଓ ପଟାସ ସାର ଉପଯୁକ୍ତ ମୂଲ୍ୟରେ ପ୍ରଦାନ କରାଯାଉ, କଳାବଜାର ବନ୍ଦ କରି ଚଢା ଦରରେ ସାର ବିକ୍ରୟ ବନ୍ଦ କରାଯାଉ, ସମସ୍ତ ଚାଷୀ ମାନଙ୍କୁ ସମସ୍ତ ବିହନ, କୀଟନାଶକ, ସାର ଓ କୃଷି ଯନ୍ତ୍ରପାତି ରେ ରିହାତି ପ୍ରଦାନ କରାଯାଉ, ଚାଷୀ ମାନଙ୍କୁ ୟୁରିଆ ସାର ପ୍ରତ୍ୟେକ ସେବା ସମବାୟ ସମିତି ସଂସ୍ଥା ଦ୍ୱାରା ରିହାତି ସହ ଦିଆଯାଉ ବୋଲି ଦାବି କରାଯାଇଛି । ଓଡିଶା ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ବଙ୍ଗୋମୁଣ୍ଡା ତହସିଲଦାର ଙ୍କ ଅନୁପସ୍ଥିତି ରେ ଅତିରିକ୍ତ ତହସିଲଦାର ଛବି ପୋଡ଼ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶାନ୍ତି ଶୃଙ୍ଖଳା ପାଇଁ ବଙ୍ଗୋମୁଣ୍ଡା ପୋଲିସ ମୁତୟନ ହୋଇଛି। ଏଥିରେ ବିଭିନ୍ନ ପଞ୍ଚାୟତ ରୁ ଶତାଧିକ ଚାଷୀ ମାନେ ସାମିଲ ହୋଇଥିଲେ । ଆଗାମୀ ୭ ଦିନ ମଧ୍ୟରେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନ ନେଲେ ବିରାଟ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

### ଶବ ସତ୍କାରକୁ ନେଇ ବିବାଦ ଘଟଣା

# ମୂଳଧର୍ମକୁ ଫେରିଲା ପରେ ମିଳିଲା ଶ୍ମଶାନ

**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁରଜିଲ୍ଲା ରାଇଘର ବ୍ଲକ ଦେବଗାଁ ପଂଚାୟତର ଡୁମୁରିମୁଣ୍ଡା (ଆଦିବାସୀ) ଗ୍ରାମରେ ଶବ ସତ୍କାରକୁ ନେଇ ଲାଗିଥିବା ବିବାଦର ସମାଧାନ ହୋଇଛି। ମୃତ କମଳସିଂ ଗଣ୍ଡ ଧର୍ମ ପରିବର୍ତ୍ତନ କରିଥିବା ଯୋଗୁଁ ଗାଁ ଶ୍ମଶାନରେ ଶବ ସତ୍କାର ପାଇଁ ଗ୍ରାମବାସୀ ମନା କରିଥିବା ବେଳେ ଆଜି ତାଙ୍କ ପରିବାର ମୂଳଧର୍ମକୁ ଫେରିବା ଫଳରେ ୨୨ ଘଣ୍ଟା ପରେ ଶବ ସତ୍କାର ହୋଇ ପାରିଛି । ପ୍ରକାଶ ଥାଉକି ଡୁମୁରିମୁଣ୍ଡା (ଆଦିବାସୀ) ଗ୍ରାମର କମଳସିଂ ତିନି ବର୍ଷ ପୂର୍ବେ ଲଗାତାର ଦେହ ଖରାପ ହେଉଥିବାରୁ କିଛି ଲୋକଙ୍କ କଥାରେ ପଡ଼ି ନିଜ ଧର୍ମ ଛାଡ଼ି ଅନ୍ୟ ଧର୍ମକୁ ଆପଣାଇଥିଲେ । ହଠାତ ଗୁରୁବାର ଦିନ ପ୍ରାୟ ୧୨ଟା ସମୟରେ ଦେହ ଅସୁସ୍ଥତା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିଲା । ଧର୍ମ ପରିବର୍ତ୍ତନ କରିଥିବା ଯୋଗୁଁ ମୃତ୍ୟୁ ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶବ ସତ୍କାର କରିବାକୁ କିଛି ଲୋକ ବାରଣ କରିଥିଲେ। ଏହି ଘଟଣାକୁ ନେଇ ଗତକାଲି ସନ୍ଧ୍ୟାରେ ସେଠାକାର କମିଟି ଗୃହରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଜି ମୃତକଙ୍କ ବଡ଼ ବାପାଙ୍କ ପୁଅ ରାଇସିଂ ଗଣ୍ଡ ଏବଂ ତାଙ୍କ ପରିବାର ମୂଳ ଧର୍ମକୁ ଫେରିବା ପରେ ଘଟଣାର ସମାଧାନ ହୋଇଥିଲା । ୨୨ଘଣ୍ଟା ପରେ ଗାଁ ଶ୍ମଶାନରେ କମଳସିଂଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି । ସୂଚନା ଥାଉକି ମୃତ କମଳସିଂଙ୍କ ବାପା ମାଆ ଚାଲିଯିବା ପରେ ସେ ନିଜ ବଡ଼ ବାପାଙ୍କ ପୁଅ ରାଇସିଂ ଘରେ ରହି ଆସୁଥିଲେ । ଗତ ତିନି ବର୍ଷ ପୂର୍ବେ ସମସ୍ତ ପରିବାର ମୂଳ ଧର୍ମ ଛାଡ଼ି ଅନ୍ୟ ଧର୍ମକୁ ଚାଲି ଯାଇଥିଲେ। ଆଜି ରାଇସିଂ ଗଣ୍ଡ ଗ୍ରାମବାସୀଙ୍କ ସର୍ତ୍ତରେ ରାଜି ହୋଇ ନିଜ ପରିବାର ସହିତ ମୂଳ ଧର୍ମକୁ ଫେରିବା ପରେ ଦିନ ୧୦ଟା ସମୟରେ ଶବ ସତ୍କାର ହୋଇ ପାରିଛି ।

# ସାର ପାଇଁ ଚାଷୀ ରାଜରାସ୍ତାରେ

### ବୁଝାସୁଝା ପରେ ହଟିଲେ



**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ର ବହୁ ଚାଷୀ ସାର ଠିକ୍ ସମୟରେ ନ ମିଳିବାରୁ କିଛି ସମୟ ରାଜ ରାସ୍ତାରେ ବସିଥିବା ବେଳେ ଘଟଣା ସ୍ଥଳରେ ଲେ ପରିଚାଳନା ନିର୍ଦ୍ଦେଶକ, କୃଷି ବିଭାଗ ଓ ପୋଲିସ ପହଂଚି ସରକାରଙ୍କ ତରଫରୁ ଥିବା ଗାଇଡ ଲାଇନ୍ ସମ୍ପର୍କ ରେ ବୁଝାଇ ପରେ ରାସ୍ତା ରୁ ହଟିଥିଲେ। ପ୍ରକାଶ ଥାଉକି ସରକାର ଙ୍କ ଗାଇଡ ଲାଇନ୍ ଅନୁଯାୟୀ ଆଧାର କାର୍ଡ, ଫୋନ୍ ନମ୍ବର ରଖି ଚାଷୀ ଙ୍କୁ ଟୋକନ ଦିଆଯାଇଥିଲା। ଏବଂ ଆସନ୍ତା ୨୮,୮,୨୬ ତାରିଖ ମଧ୍ୟରେ ଚାଷୀ ସାର ପାଇଥାନ୍ତେ। କିନ୍ତୁ ଚାଷ ଚାଲିଥିବା ବେଳେ ସାର୍ ମିଳିବା ଡେରି ହେବାରୁ ଚାଷୀ ରାଜ ରାସ୍ତାକୁ ଓହ୍ଲାଇବା ସହ ଲେମ୍ପ ଆଗରେ ଧାରଣା ଦେଇଥିଲେ। ଆଜି ପରିଚାଳନା ନିର୍ଦ୍ଦେଶକ କୃଷି ଅଧିକାରୀ ଓ ପୋଲିସ ଙ୍କ ଉପସ୍ଥିତି ରେ ଆଧାର କାର୍ଡ ଫୋନ୍ ନମ୍ବର ରଖି ସାର୍ ମିଳିବ ବୋଲି ପ୍ରତିଶ୍ରୁତି ପରେ ଚାଷୀ ରାସ୍ତାରୁ ହଟିଥିଲେ।

## ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ

**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲା ଏମ୍. ରାମପୁର ଥାନା ଅନ୍ତର୍ଗତ କୁଟୁପଲା ଗାଁରେ ୨୦୧୪ରେ ହୋଇଥିବା ଏକ ହତ୍ୟା ମାମ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି ଓ କଳାହାଣ୍ଡି ଜିଲା ଓ ଦୌରା ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ଏହି ମାମଲାରେ ୧୭ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଉକ୍ତ ଗ୍ରାମର ବିଭିଷଣ ପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି । ପ୍ରକାଶ ଯେ, କୁଟୁପଲା ଗାଁର ନରୋତ୍ତମ ଭୋଇ ୩୦ ଅଗଷ୍ଟ ୨୦୧୪ ରାତିରେ ନିଜ ପୁତୁରାଙ୍କୁ ଖୋଜିବାକୁ ଯାଇ ଆଉ ଫେରି ନ ଥିଲେ। ପରଦିନ ଜମିରୁ ତାଙ୍କର ମୃତଦେହ ଜବତ କରାଯାଇଥିଲା। ତେବେ ନରୋତ୍ତମଙ୍କୁ ଅଭିଯୁକ୍ତ ବିଭିଷଣ ଓ ତାଙ୍କ ୨ ଭାଇ ଟାଙ୍ଗିଆରେ ହତ୍ୟା କରିଥିବା ପୁତୁରା ଦେଖିବାକୁ ପାଇଥିଲେ। ଏହାପରେ ଅଭିଯୁକ୍ତ ବିଭିଷଣ ଓ ୨ ଭାଇ ମଧ୍ୟ ନିଜ ଦୋଷ ସ୍ୱୀକାର କରିଥିଲେ। ଏହି ଘଟଣାରେ ପୋଲିସ ସେତେବେଳେ ଏକ ମାମଲ (ନଂ.୬୭/୨୦୧୪)ରୁଜୁ କରି ଅଭିଯୁକ୍ତ ବିବିଷଣ ଓ ତାଙ୍କ ୨ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତେବେ ପରବର୍ତ୍ତୀ ସମୟରେ ୨ ଭାଇ ଫେରାର ମାରିଥିଲେ। ଫଳରେ ଜଣେ ଅଭିଯୁକ୍ତ ବିଭିଷଣଙ୍କ କୋର୍ଟରେ ବିଚାର ହୋଇଥିଲା। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ମନୋଜ କୁମାର ମେହେର ପରିଚାଳନା କରୁଥିଲେ।

## ଶ୍ରୀଶ୍ରୀ ଲକ୍ଷ୍ମୀମାଙ୍କ ଜନ୍ମ ଲଗ୍ନ ଘୋଷଣା ମହାସମାରୋହରେ ପାଳିତ



**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ରାଜ୍ୟ ରାଜପଥ--୩୯ ପାର୍ଶ୍ୱରେ ଗଢି ଉଠିଥିବା ସତସଙ୍ଗ ବିହାର ରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଲୀଳା ସଙ୍ଗିନୀ ଶ୍ରୀ ଶ୍ରୀ ଲକ୍ଷ୍ମୀମାଙ୍କ ୧୩୩ ତମ ଜନ୍ମ ଲଗ୍ନ ଘୋଷଣା ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ପୂତ ପବିତ୍ର ପାଞ୍ଜାଧାରୀ କର୍ମୀ ସହ-ପ୍ରତି-ଋତିକ କମଳାକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଜାଜକ ଗୋପିନାଥ ବେହେରା, ଗିରିଧାରୀ ସାହୁ, ପଙ୍କଜ ମହାନ୍ତି ଓ ବିବେକନନ୍ଦ ବାରିକ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଡାବୁଗାଁ ସହରର ବହୁ ଶ୍ରଦ୍ଧାଳୁ ଭକ୍ତ ଓ ଭକ୍ତି ମତି ମାତୃ ମଣ୍ଡଳୀ ଉପସ୍ଥିତ ରହି ଜନ୍ମ ଲଗ୍ନ ଘୋଷଣାରେ ଅଂଶ ଗ୍ରହଣ କରି ନିଜକୁ କୃତାର୍ଥ କରିଥିଲେ। ଜନ୍ମ ଲଗ୍ନ ଘୋଷଣାର ସମୟ ୮ ଘଣ୍ଟା ୫୦ ମିନିଟ୍ ହୋଇଥିବା ବେଳେ ଠିକ୍ ସମୟରେ ସତସଙ୍ଗ ବିହାର ସମସ୍ତ ଭକ୍ତବୃନ୍ଦ ଠିଆ ହୋଇ ୧୩୩ ଟି ଫୁଲ ମା ଙ୍କ ଶ୍ରୀ ପାଦ ପଦ୍ମରେ ନିବେଦନ କରିବା ସହ ୧୩୩ ଥର ବନ୍ଦେ ପୁରୁଷୋତ୍ତମ ଧ୍ୱନୀ, ୧୩୩ ଥର ଶଙ୍ଖ ଧ୍ୱନି ଓ ହୁଳହୁଳି ଶବ୍ଦ ଦେବା ପରେ ପ୍ରାତଃ ପ୍ରାର୍ଥନା, ପ୍ରାତଃ ଓ ସନ୍ଧ୍ୟା କାଳୀନ ବିନତି, ସଦଗୁରୁ ବନ୍ଦନା, ଧ୍ୟାନ, ସତ୍ୟାନୁସରଣ ପାଠ, ନାରୀର ନୀତି ପାଠ, ଭଜନ କୀର୍ତ୍ତନ, ଯାଜନରେ ପ୍ରକମ୍ପିତ ହୋଇ ଉଠିଥିଲା ସତସଙ୍ଗ ବିହାର। ସୃଷ୍ଟି ହୋଇଥିଲା ଭକ୍ତିମୟ ପରିବେଶ । ଶେଷରେ ବନ୍ଦେ ପୁରୁଷୋତ୍ତମ ଧ୍ୱନିରେ ଉଲ୍ଲସିତ ହୋଇ ଉଠିଥିଲା ମନ ପ୍ରାଣ । ପ୍ରାସାଦ ପାଇ ଆତ୍ମ ତୃପ୍ତି ହୋଇ ଥିଲେ ଭକ୍ତବୃନ୍ଦ । ଭକ୍ତବୃନ୍ଦଙ୍କ ମଧ୍ୟରେ ମୁରଲୀଧର ଡାକୁଆ, ସୌମ୍ୟ ରଞ୍ଜନ ନାୟକ, ଡାଃ ଅକ୍ଷୟ କୁମାର ପ୍ରଧାନ, ସରୋଜ କୁମାର ମିଶ୍ର, କିଶୋର କୁମାର ପରିଡା, ରବି ନାରାୟଣ ମହାନ୍ତି ପ୍ରମୁଖ ବହୁ ଶ୍ରଦ୍ଧାଳୁ ଭକ୍ତ ଭାଇ ଓ ମା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବିନା ସୂଚନା ଫଳକରେ ଚାଲିଛି ସଫେଇ କାମ

# ବିନା ଏଷ୍ଟିମେଟ୍‌ରେ ଇନ୍ଦ୍ରାବତୀ କେନାଲ ମରାମତି

### ଠିକାଦାର-ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା



**କଳାହାଣ୍ଡି(ଅମୃତ ମିଡିଆ):** ଧର୍ମଗଡ଼ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଉପର ଇନ୍ଦ୍ରାବତୀ ବାମ କେନାଲ ଡିଭିଜନ ନମ୍ବର-୧ ଅଧୀନରେ ଥିବା ପ୍ରକଳ୍ପଗୁଡ଼ିକରେ ପୁଣି ଏକ ବଡ଼ଧରଣର ଦୁର୍ନୀତି ଓ ସରକାରୀ ନିୟମର ଖୋଲାଖୋଲି ଉଲଂଘନ ସାମ୍ନାକୁ ଆସିଛି। ବଡ଼ଘୁମର ଗ୍ରାମ ଅଞ୍ଚଳ ଦେଇ ଯାଇଥିବା ମୁଖ୍ୟ କେନାଲର ମରାମତି ଏବଂ ପୁନରୁଦ୍ଧାର କାର୍ଯ୍ୟରେ ସରକାରୀ ନିର୍ଦ୍ଦେଶାବଳୀକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଛି। ବିନା କୌଣସି ଆଧାର, ସରକାରୀ ଏଷ୍ଟିମେଣ୍ଟ (ଆକଳନ) ଏବଂ ବିନା ସୂଚନା ଫଳକରେ ଏଠାରେ ଜଣେ ପ୍ରଭାବଶାଳୀ ଠିକାଦାରଙ୍କ ଦ୍ୱାରା ମନମୁଖୀ ଭାବେ କାମ ଚାଲିଥିବା ଅଭିଯୋଗ ହୋଇଛି। ଗ୍ରାଉଣ୍ଡ ଜିରୋରୁ ମିଳିଥିବା ଚିତ୍ର ଅନୁସାରେ, ଏହି ସାର୍ବଜନୀନ କାର୍ଯ୍ୟରେ ସ୍ୱଚ୍ଛତା କହିଲେ କିଛି ନାହିଁ । ସୂଚନା ଅନୁଯାୟୀ, ଉକ୍ତ କେନାଲରେ ବହୁ ଦିନରୁ ଜମି ରହିଥିବା ଅଳିଆ ଆବର୍ଜନା ଓ ମାଟି ସଫା କରିବା ପାଇଁ କାମ ଚାଲିଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, କେନାଲ ଭିତରୁ ଯେଉଁ ମାଟି ଓ ପଙ୍କ ବାହାର କରାଯାଉଛି, ସେଗୁଡ଼ିକୁ ନିୟମ ଅନୁଯାୟୀ ସଠିକ୍ ସ୍ଥାନକୁ ସ୍ଥାନାନ୍ତର କରାଯାଉନାହିଁ । ଠିକାଦାର ନିଜ ସୁବିଧା ଦେଖି ସେହି ଅଧା-ତରଳ ମାଟିକୁ କେନାଲର ହୁଡ଼ା (ଧାର) ଉପରେ ହିଁ ଗଦା କରି ଚାଲିଯାଉଛନ୍ତି। ଫଳରେ ସାମାନ୍ୟ ବର୍ଷା ହେବା ମାତ୍ରେ ସେହି ସବୁ ମାଟି ପୁଣି ଥରେ ଧୋଇହୋଇ ସେହି କେନାଲ ଭିତରେ ହିଁ ପୋତି ହେଉଯାଉଛି। ଏଭଳି ସ୍ଥିତି ଯୋଗୁଁ କେନାଲ ସଫା ହେବା ପରିବର୍ତ୍ତେ ପୂର୍ବ ଭଳି ଅବସ୍ଥାକୁ ଫେରିଆସୁଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କେବଳ କାଗଜପତ୍ରରେ ବିଲ୍ ପାସ୍ କରାଇ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିବା ପାଇଁ ଏଭଳି ପ୍ରହସନ କରାଯାଉଛି। ବଡ଼ ଘୁମର ଅଞ୍ଚଳବାସୀଙ୍କ କହିବା କଥା ହେଲା, ଏହି ନିର୍ଦ୍ଦିଷ୍ଟ ଜଳସେଚନ ବିଭାଗଟି କେତେକ ଅସାଧୁ ଠିକାଦାର ଏବଂ ପିସି-ଖୋର ଯନ୍ତ୍ରୀମାନଙ୍କ ପାଇଁ ଏକ 'ସୁନା ଅଣ୍ଡା ଦିଆ କୁକୁଡ଼ା ସଦୃଶ ହୋଇଛି । ପ୍ରତିବର୍ଷ କେନାଲ ମରାମତି ନାଁରେ ମୋଟା ଅଙ୍କର ଅର୍ଥ ବରାଦ ହେଉଛି, କିନ୍ତୁ ବାସ୍ତବରେ କୌଣସି ସ୍ଥାୟୀ କାମ ହେଉନାହିଁ ଓ ଏହି ବିଭାଗରେ ହେଉଥିବା ନିମ୍ନମାନର କାର୍ଯ୍ୟ ଏବଂ ସୂଚନା ଫଳକ ବିନା ଲୁଚାଛପାରେ କାମ କରିବା ନେଇ ପୂର୍ବରୁ ମଧ୍ୟ ବାରମ୍ବାର ବିଭିନ୍ନ ପ୍ରତିଷ୍ଠିତ ଖବରକାଗଜରେ ପ୍ରମାଣ ସହ ଖବର ପ୍ରକାଶ ପାଇଛି। ଏହି ଦୁର୍ନୀତି କୌଣସି ନୂଆ ଘଟଣା ନୁହେଁ, ବରଂ ବର୍ଷ ବର୍ଷ ଧରି ଏଭଳି ବେଆଇନ କାର୍ଯ୍ୟକଳାପ ଚାଲିଆସୁଛି। କିନ୍ତୁ ଉପରିସ୍ଥ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଆଜି ପର୍ଯ୍ୟନ୍ତ କାହା ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଏହି ସମ୍ପୂର୍ଣ୍ଣ ବେଆଇନ କାର୍ଯ୍ୟ ବିଷୟରେ ଯେତେବେଳେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଭଗବାନ ମାଝୀଙ୍କୁ ଯୋଗାଯୋଗ କରି ପଚରାଯାଇଥିଲା, ସେ ଏଷ୍ଟି ମେଣ୍ଟ ହୋଇନଥିବା କଥାକୁ ସ୍ୱୀକାର କରିଛନ୍ତି। ହେଲେ ନିଜର ଦାୟିତ୍ୱହୀନତାକୁ ଲୁଚାଇବାକୁ ଯାଇ ସେ ଏକ ହାସ୍ୟାସ୍ପଦ ପ୍ରତି କ୍ରିୟା ଦେଇଛନ୍ତି ଯେ, 'ଠିକାଦାର ଜଣକ ନିଜ ଆଡ଼ୁ ଆଗୁଆ କାମ କରୁଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି, ଯଦି ସରକାରୀ ସ୍ତରରେ କୌଣସି ଆକଳନ କିମ୍ବା ଟେଣ୍ଡର ପ୍ରକ୍ରିୟା ଶେଷ ହୋଇନାହିଁ, ତେବେ ଜଣେ ଠିକାଦାର କେଉଁ ଆଧାରରେ ଏବଂ କାହା ନିର୍ଦ୍ଦେଶରେ କେନାଲ ଭିତରେ ଜେସିବି କିମ୍ବା ଶ୍ରମିକ ଲଗାଇ କାମ କରୁଛନ୍ତି ? କେଉଁ ସ୍ୱାର୍ଥରେ ଜେଇ ମହୋଦୟ ଠିକାଦାରଙ୍କୁ ଏହି ବେଆଇନ କାମ ପାଇଁ ଛାଡ଼ କରିଛନ୍ତି ? ଏହା ପଛରେ ପରବର୍ତ୍ତୀ ସମୟରେ ପଛ ତାରିଖରେ ଏଷ୍ଟିମେଣ୍ଟ ପ୍ରସ୍ତୁତ କରି ବିଲ୍ ପାସ୍ କରିବାର ଏକ ବଡ଼ ଯୋଜନା ଥିବା ସ୍ପଷ୍ଟ ଜଣାପଡୁଛି। ସୂଚନା ଫଳକ ନଥାଇ କାର୍ଯ୍ୟ କରିବା ସରକାରୀ ନିୟମ ଅନୁସାରେ ଏକ ଅପରାଧ, କାରଣ ଏହାଦ୍ୱାରା ସ୍ଥାନୀୟ ଲୋକେ ପ୍ରକଳ୍ପର ମୂଲ୍ୟ ଓ କାର୍ଯ୍ୟକାରିତା ବିଷୟରେ ଜାଣିବାରୁ ବଞ୍ଚିତ ହେଉଛନ୍ତି। ଏହି ଘଟଣାଟି ଉପର ଇନ୍ଦ୍ରାବତୀ ବାମ କେନାଲ ବିଭାଗରେ ଚାଲିଥିବା ମହାଘୋଟାଲାର ଏକ ଜ୍ୱଳନ୍ତ ଉଦାହରଣ। ଏହାର ସଠିକ୍ ଓ ନିରପେକ୍ଷ ତଦନ୍ତ ହେବା ଜରୁରୀ । ଏହି ଅଞ୍ଚଳର ବୁଦ୍ଧିଜୀବୀ ଓ ଚାଷୀ ସଂଗଠନ ଦାବି କରିଛନ୍ତି ଯେ, ରାଜ୍ୟ ସରକାର ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରନ୍ତୁ ଏବଂ ଜଳସେଚନ ବିଭାଗର ଏହି ଡିଭିଜନ ଉପରେ ଏକ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ । ଯଦି ତଦନ୍ତ ହୁଏ, ତେବେ ଅନେକ ଅସାଧୁ ଅଧିକାରୀ ଓ ଠିକାଦାରଙ୍କ ମୁଖା ଖୋଲିଯିବ ବୋଲି ଆଶା କରାଯାଉଛି ।

## ସମ୍ପାଦକୀୟ...

# ପ୍ରତିରକ୍ଷାମନ୍ତ୍ରୀ ଅସୁରକ୍ଷିତ

ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀଙ୍କୁ ଯେତେ ଖରାପ କହିଲେ ବି କମ୍ ହେବ। କୌଣସି ବି ଦେଶର ପ୍ରତିରକ୍ଷାମନ୍ତ୍ରୀଙ୍କ ପ୍ରତି ଏଭଳି ଅପମାନସୂଚକ ମନ୍ତବ୍ୟ ପ୍ରଦାନ ପୂର୍ବରୁ ଯେ କେହି ବି ବାରମ୍ବାର ଭାବିବା ଉଚିତ ମନେ ହୋଇପାରେ। ହେଲେ ପାକିସ୍ତାନ କ୍ଷେତ୍ରରେ ନୁହେଁ। କାରଣ ପାକିସ୍ତାନ୍ କ୍ଷେତ୍ରରେ ସେଭଳି କୌଣସି ଆପତ୍ତିଜନକ ମନ୍ତବ୍ୟ ଦେବା ପଛରେ କିଛି ବି କାରଣ ଥାଇପାରେ ଯାହା କି ଯଥାର୍ଥ। ଯେହେତୁ ଦୁନିଆ ଜାଣେ ଯେ ପାକିସ୍ତାନ୍ ହେଉଛି ଗୋଟାଏ ଏଭଳି ଦେଶ ଯେ କି ପ୍ରତ୍ୟକ୍ଷରେ ଏବଂ ପରୋକ୍ଷରେ ବିଶ୍ୱାସ କରେ ସନ୍ତ୍ରାସବାଦରେ। ଯେ କି ପ୍ରତ୍ୟକ୍ଷରେ ଏବଂ ପରୋକ୍ଷରେ ବିଶ୍ୱାସ କରେ ଉଗ୍ରବାଦରେ। ସେଭଳି ଦେଶର ଜଣେ ପ୍ରତିରକ୍ଷା ମନ୍ତ୍ରୀ ଯେ କି ଦେଶର ସୁରକ୍ଷା ପାଇଁ ଉଗ୍ରବାଦ ଉପରେ ଭରସା କରିପାରନ୍ତି, ଯେ କି ସନ୍ତ୍ରାସବାଦୀଙ୍କ ଉପରେ ଭରସା କରି ପାରନ୍ତି... ସେମାନଙ୍କ ଉପରେ ବିଶ୍ୱାସ କରିପାରନ୍ତି। ସେଣୁ ସେଭଳି ଜଣେ ଚରିତ୍ରଙ୍କୁ କ'ଣ କୁହାଯାଇପାରେ ? ପିଓକେରେ ଏବେ ସ୍ଥିତି ଅତି ସଙ୍ଗୀନ । ପିଓକେରେ ଏବେ ପାକ୍ ସେନା ଚଳାଇଛି ଦମନଲୀଳା। ଗତ ଜୁନ୍ ପାଞ୍ଚ ତାରିଖରୁ ପିଓକେରେ ଯେଭଳି ସ୍ଥିତି ସୃଷ୍ଟି ହୋଇଛି, ତାହାକୁ କେବଳ ଦମନଲୀଳା କୁହାଯାଇପାରେ। କାରଣ ଏଯାବତ୍ ପିଓକେରେ ପ୍ରାୟ ନବେରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିସାରିଲାଣି ଏବଂ ଏସବୁରେ କେବଳ ପାକ୍ ସେନାର ସଂପୃକ୍ତି ରହିଛି। ଯାହାକି ଅତି ଅନ୍ୟାୟ ବୋଲି କୁହାଯାଇପାରେ। ପାକ୍ ସେନାର ଗୋଟାଏ ସିଂହଭାଗ ଯାହାଙ୍କୁ କେବଳ ପିଓକେର ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯାଇଛି ଅଥଚ ସେମାନେ ଆଜି ପାକିସ୍ତାନ୍ ଅକୁପାଏଡ୍ ରେ ଚଳାଇଛନ୍ତି ନରସଂହାର। ଯାହା ପଛର କାରଣ ହେଉଛି ପିଓକେରେ ଗତ ଜୁନ୍ ୫ ତାରିଖରୁ ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଛି ଏବଂ ଯାହା ଆଜି ବି ଜାରି ରହିଛି ଏବଂ ଯେଉଁଥିରେ ଅତି କମ୍ ରେ ୯୦ ଲୋକଙ୍କ୍ ଜୀବନ ଗଲାଣି ତଥାପି ନା ଥମିଲାଣି ଆନ୍ଦୋଳନ ନା ଥମିଲାଣି ପିଓକେରେ ଦମନଲୀଳା। ପାକ ସେନାର ବର୍ବରତା ଯାହା କି ସୀମା ଟପିଲାଣି, ି ମାତ୍ର ଏକମାସ କିମ୍ବା ତଦୁର୍ଦ୍ଧ୍ୱ ସମୟ ମଧ୍ୟରେ ଯଦି ଏତେ ଗୁଡ଼ାଏ ଲୋକଙ୍କ ଜୀବନ ଚାଲିଗଲାଣି, ତେବେ ଆଗକୁ ଆହୁରି ବି ଅନେକ ଲୋକଙ୍କ ଜୀବନ ଯାଇପାରେ। ପିଓକେ ବା ପାକ୍ ଅକୁପାଏଡ୍ କାଶ୍ମୀର ଇତିହାସରେ ଏଭଳି ଦମନଲୀଳା ତ ଆଗରୁ ଅନେକବାର ହୋଇଛି ତେବେ ଯାହା ପଛରେ କେବଳ ଜଣେ ଖଳନାୟକ ଏବଂ ସେ ହେଉଛନ୍ତି ପାକ୍ ସରକାର ଏବଂ ପାକ୍ ସରକାରରେ ତ ବହୁତ ଖଳନାୟକ ଅଛନ୍ତି। କାହାକଥା କହିବ। କଥାରେ ନାହିଁ, ଖଜୁରୀ ଗଛର କି ଗୁଣ ଗାଇବି ..ପାକିସ୍ତାନ ସାରା ଭର୍ତ୍ତି ଅଳିଆ । ପାକିସ୍ତାନ ସରକାରରେ ଏକାଧିକ ଖଳନାୟକ। ଯାହା ମଧ୍ୟରେ ସବୁଠାରୁ ବଡ଼ ଖଳନାୟକ ହେଉଛନ୍ତି ରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ୍ ଯେ କି ଭାରତକୁ ସବୁବେଳେ ପରମ ଶତ୍ରୁ ବୋଲି ମନେ କରନ୍ତି। ଏଣୁ ପ୍ରତି ଭାରୀତୀୟଙ୍କ ମନରେ ପାକିସ୍ତାନ୍ ପ୍ରତି ଶତୃତା ମନୋଭାବ ରହିବା ସ୍ୱାଭାବିକ। ଏବେ ଗୋଟାଏ ଅମୂଳକ ଏବଂ ଅଯଥାର୍ଥ ମନ୍ତବ୍ୟ ଦେଇ ବିବାଦ ଘେରକୁ ଆସିଯାଇଚନ୍ତି ପାକ୍ ରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ୍। ପିଓକେରେ ପ୍ରତିବନ୍ଧିତ ଜଏଣ୍ଟ ଆୱାମୀ ଆକ୍ସନ କମିଟୀ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ତଥା ଶାନ୍ତି ସ୍ଥାପନ ପାଇଁ ଆନ୍ଦୋଳନ ଚଳାଇଥିବା ଆନ୍ଦୋଳନକାରୀଙ୍କୁ ପାକ୍ ପ୍ରତିରକ୍ଷାମନ୍ତ୍ରୀ ପାକ୍ ବିରୋଧୀ ଏବଂ ସେମାନେ ଭାରତ ଭଳି ପାକିସ୍ତାନର ପରମ ଶତ୍ରୁ ବୋଲି କହି ଏବେ ପୂରାପୂରି ଚର୍ଚ୍ଚାର ପରିସରକୁ ଆସିଯାଇଛନ୍ତି। ଯାହାକୁ ନେଇ ଭାରତ ଖପ୍ପା । ପିଓକେରେ ଆଜି ବି ପୂର୍ବଭଳି ସେହି ଅନୁସାରେ ଆନ୍ଦୋଳନ ଚାଲୁ ରହିଛି। ପ୍ରକୃତରେ ପିଓକେବାସୀ ଆଉ ପାକିସ୍ତାନ ର ଆୟତ୍ତରେ ରହିବାକୁ ଚାହୁନହାଁନ୍ତି। ସେମାନେ ଏବେ ପାକିସ୍ତାନ କବଳରୁ ମୁକୁଳି ନିଜକୁ ସ୍ୱାଧୀନ କରି ଏକ ସ୍ୱତନ୍ତ୍ର ଦେଶ ଗଠନର ନିଷ୍ପତ୍ତି ନେଇଛନ୍ତି। ଏଣୁ ଜେଏଏସିର ନେତୃତ୍ୱରେ ପିଓକେବାସୀ ପାକିସ୍ତାନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ପଛାଉ ନାହାଁନ୍ତି। ତେବେ ପିଓକେର ଏଭଳି ସମୟରେ ଭାରତ ସରକାର ପିଓକେ ସପକ୍ଷରେ ଛିଡ଼ାହେବା ଉଚିତ। ହୁଏତ ଭବିଷ୍ୟତରେ ପିଓକେ ଭାରତ ସହିତ ମିଶିଯାଇପାରେ। ସେହି ଭୟରେ ପାକ୍ ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ୍ ସମୟ ସମୟରେ ଓଲଟା ପୋଲଟା ମନ୍ତବ୍ୟ ଦେଉଛନ୍ତି। ନିଜକୁ ଅସୁରକ୍ଷିତ ମଣୁଛନ୍ତି। ପିଓକେବାସୀ କିନ୍ତୁ ପାକିସ୍ତାନକୁ ପରୱା ନକରି ତା'ର ସ୍ୱାଧୀନତା ନେଇ ଆନ୍ଦୋଳନ ଜାରି ରଖିବା ଉଚିତ।

# "ସାଗର ଓ ତଟିନୀର ପ୍ରେମ କାହାଣୀ"



**ଉମାଶଙ୍କର ପ୍ରସାଦ**

"ବେଳାଭୂମି ନିକଟରେ ଫେନିଳ ସାଗର ଫେଣେଇ ଉଠିଥାଏ।"ବୋଧହୁଏ ମନରେ ତା'ର ଦ୍ୱିଧା ଓ ଆନ୍ଦୋଳନ। ଛାତିରେ ତାର"ଥାଏ ଦମକାଏ ଶୀତଳ ତାତି। ନିକଟରେ ଥିବା ଝାଉଁ ବଣରୁ"ଆସୁଥିବା ଏକ ସୁଲୁସୁଲିଆ ପରଶ। ନିଶୀଥର ମଧୁଗୁଞ୍ଜନ"କେଉଁ ଏକ ଅନତି ଦୂରରୁ ସ୍ପଷ୍ଟ ଶୁଣାଯାଉଥାଏ। ବିକ୍ଷୁବ୍ଧ ସାଗର"ପାଖେଇ ଆସିଲା, ନିକଟରେ ଅବଗୁଣ୍ଠନାବତୀ ତଟିନୀ"ବ୍ରୀଡାବତୀ ଲାସ୍ୟମୟୀ ସେ। କୁଟୀଳ ଭ୍ରୂକୁଟିପାତ କରି ସେ"ଚାହିଁଲା ସାଗରକୁ। ସ୍ତରୀଭୁତ ବାଦଲକୁ..... ତା ତଳେ ଜହ୍ନର"ଲୁଚକାଳି ଖେଳ। ସେ ବୋଧ ହୁଏ ଛପି ଛପି ଦେଖୁଛି କ'ଣ ?"ଝାଉଁ ବଣରେ ପେଚାଟା ଅସ୍ପଷ୍ଟ ଶବ୍ଦରେ ରାବି ଉଠିଲା।"ତଟୀନିର ଚଟୁଳ ଲାସ୍ୟ ଥମ୍‌କରି ବନ୍ଦ ହୋଇଗଲା ବୋଧହୁଏ।"ଚାରିଆଡ ଶୁନ୍ ଶାନ୍। କେହି କେଉଁଠାରେ ନାହାଁନ୍ତି।"ସାଗର ପ୍ରଶ୍ନ କଲା......।""ଗୋଟେ କଥା କହିବୁ ତଟୀନି, ବିକ୍ଷୁବ୍ଧ ମନଟା ମୋର"କାହିଁକି ଉଦ୍‌ବେଳିତ ହେଉଛି। ମୋର ଚକ୍ଷୁ ଦୁଇଟା କାହିଁକି"ସ୍ଫୁରିତ ହେଉଛି, ଏଇ ତ ଦେଖୁଛ ମୋ ଛାତି କିପରି ପଡୁଛି"ଉଠୁଛି"। ତଟିନୀ ଲାଜେଇ ଗଲା। ସରମରେ ସେ ମୁଖ ତଳକୁ"କଲା। ଓ କହିଲା ' କି କଥା କହିବି ଯେ ନଶୀଥରେ ପୁଣି ପରୀକଥା !"ତମେ ପରା ଆଗରୁ କେତେ ପରୀକଥା ଜାଣିଛ ଓ ଶୁଣିଛ'।"ତଟିନୀ ଦେହରେ ସିକ୍‌ାର ବୋଧହୁଏ। ସାଗର---- "କୁହମ"ଗୋଟିଏ କଥା କୁହ ?""ରୁହ, କେତେ ଏମିତି ହଉଛ, ପିଲାଳିଆମି ତୁମର ଯାଇନି।""ତଟିନୀର ଏଇ ପଦେ କଥାରେ ସାଗର ହସି ପକାଇଲା। ମାତ୍ର ସେ ହସ"ଥିଲା ଫେନିଳ ହସ। ବିକ୍ଷୁବ୍ଧ ହୃଦୟ ତାର ଫାଟି ପଡୁଥିଲା। ତଟିନୀ"କହିଲା ---" ସାଗର ଦେଖୁଛ ଚନ୍ଦ୍ର ପାଇଁ ଚକୋରର ଅବସ୍ଥା। ସେ"କେବଳ ସେଇ ପତନମୁଖୀ ବାରିଧାରାକୁ ନିର୍ନିମେସ ନୟନରେ"ଚାହିଁ ରହିଥାଏ। ସେ ଏତେ ଅବୁଝା କାହିଁକି କୁହ ଯେ......। କ'ଣ""ତମ ପାଖରୁ ଓ ମୋ ପାଖରୁ ଆସି ପାଣି ପି ପାରନ୍ତାନି। ତମେ ତ"ଅଖଣ୍ଡ ତୃଷା କ୍ଲାନ୍ତ ମେଣ୍ଟକାରୀ....।"ସେ ତୃଷ୍ଣାର କଣ କିଛି ମାନେ ଅଛି ସାଗର ?"ତା ଛଡା ଦେଖୁନ ଚକୋର କିପରି ମୋର ପାଦ ଦେଶରେ ପୁଣୀ"ଚକୋରୀ ମୋର ମସ୍ତକର ଏକ ସୁସୀମ ଚଡାରେ ବସିଛନ୍ତି।"ସେମାନଙ୍କର ଶୋକାତୁରୀ ପ୍ରାଣର ମିଳନ ହେବ ପ୍ରଭାତରେ। ସତରେ"ସାଗର ଏ ନିଶୀଥ ଟାକୁ ଭାରି ଭୟ ଲାଗୁଛି। ତା'ପରେ ଏ"ନିଶୀଥରେ ଏତେ ଭୟଙ୍କର ହୋଇଉଠୁଛ କାହିଁକି ? ମତେ ଭାରି"ଡର- ଭାରି ଡର ଲାଗୁଛି ତମକୁ......। ସାଗର ପୁଣି ଉଦ୍"ବେଳିତ ଚିତରେ ମାଡି ଆସିଲା ତଟିନୀ ଉପରକୁ। ପବନର"ହିଲ୍ଲୋଳରେ ତଟିନୀର ଦେହ ଶୀତେଇ ଉଠିଲା।"ସାଗର କହିଲା--- ଏ ତୋର ମନର ଭ୍ରମ ତଟିନୀ। ତୁ ମତେ"ରାତିରେ ଏମିତି ଏତେଟା ଭାବିବାର କାରଣ କ'ଣ ? ଆଛା"ତମେ ମତେ ଏମିତି କାହିଁକି ଭାବୁଛ। ସେମିତି ଭାବୁଥିଲେ"ଭାବୁଥା ଯା'। ତଟିନୀ ସ୍ୱତଃ ଅଭିମାନରେ ଫୁଲି ଉଠିଲା। ଚପଳ"ଛନ୍ଦରେ ତା'ର ନିକ୍ୱଣ ହଜିଗଲା। ନାଇଁମ ମୁଁ ଏମିତି"କହୁଥିଲି ତୁମକୁ ଚିଡାଇବା ପାଇଁ। ତମ ବ୍ୟତିତ ମୋର ଆଉ"କିଏ ଅଛି କହିଲ ଦେଖି। ହେଇ କିମ୍ବଦନ୍ତୀ ଶୁଣିଛଟି। ମୋରି"ପାଖରେ ଆଦି କବିଙ୍କର ଓଁକାର---" ମା ନିଷାଦ ପ୍ରତିଷ୍ଠା"ତ୍ୱମଗମଃ ଶାଶ୍ୱତୀ ସମା / ଯତ କ୍ରୌଂଚ ମିଥୁନା ମଦଧି କାମ"ମୋହିତମ୍"। 'କହିଲ ଦେଖି ସାଗର ବ୍ୟାଧର ଶରାଘାତରେ"କ୍ରୌଂଚ ପକ୍ଷୀର ଦଶା। ତାର ନାୟିକା କଣ କରୁଥିବ। ସେହି"କରୁଣତା ତଥା ଶୋକରୁ ସୃଷ୍ଟି ହେଲା ମହାନ କାବ୍ୟ। "ତୁମେ"କବି ହୁଅ ସାଗର । ତୁମେ ମୋର କବି। ମୁଁ ତମର କବିତା"ହେବି ।"ତୁମେ ପ୍ରଗଳ୍ଭ ସାଗର , ମୁଁ ତୁମର ଉନ୍ମନା ତଟିନୀ---"ତମେ ଏମିତି କାହିଁକି ହଉଛ ତଟିନୀ। ହେଇ କିଏ କୁଆଡେ"ଶୁଣୁଥିବ। ଗୋଟାଏ କଥା ତମୁକୁ କହିବି, ରାଗିବନି---"କ'ଣ ? ? ନାରୀ ମାତ୍ରେହିଁ ଉଦ୍‌ଭିନ୍ନା ମାନେ ଉନ୍ମନା। ତମକୁ""ମୁଁ ପାଇଛି ତଟିନୀ ମୁଁ ସାରା ଜୀବନ ପାଇ ପାରିବ ତ ?"ସାଗରର ଏ ଉକ୍ତି ବିକ୍ଷୁବ୍ଧ ଚିତ୍ତର। ତଟିନୀ କହିଲା " ବିଶ୍ୱାସରେ"ନିଶ୍ଚିତ ତୁମେ ପ୍ରାପ୍ତ ହୋଇଛ ସାଗର। ତମ ବିନା। ମୁଁ...""ଅଭିମାନରେ ଫୁଲି ଉଠୁଥିଲା ତଟିନୀ। ସତେ ଯେପରି ସାଗର"ବକ୍ଷରେ ସେ ଶୋଇଯାଇ କହିବ ସେ ତା'ର—ସେ ତା'ର। ତମେ ଭୂଲ"ବୁଝୁଛ ସାଗର। ତଟିନୀ ସଂକୁଚିତ ହେଲା। ସାଗର ପୁଣି"ଆଗେଇ ଆସିଲା ତଟିନୀ ପାଖକୁ।""ତଟିନୀ ମୁଁ ତୁମର କବରୀର ଦୀର୍ଘ ବେଣୀ ତଥା ଚଟୁଳ"ଲାସ୍ୟ ସ୍ମିତ ହାସ୍ୟକୁ ଭଲପାଏ ତଟିନୀ। ତମେ ଯେତେବେଳେ ମୋ"ବକ୍ଷରେ ଶୋଇଯାଅ ଆହା... ସେ କେତେ ମଧୁର ସତେ ତଟିନୀ। ତମେ"ମୋର ଲବଣାକ୍ତ ହୃଦୟ ତଥା ବିକ୍ଷୁବ୍ଧ ହୃଦୟକୁ ଶାନ୍ତ କରି ପାରିଛ"ତଟିନୀ"। ତଟିନୀ ତମେ ସବୁବେଳେ ଖାଲି ଏମିତି ଗୁଡାଏ"ଖାଲି ... ସାଗର ହସି ଉଠିଲା। ତଟିନୀକୁ କୋଳେଇ ଆଣିଲା"ଓଃ ଛାଡ.. ଛାଡ ମ ତୁମେ ଭାରି ଇଏ...ତମେ ..ତମର ଏ ଖାଲି"ଛଳନା ସାଗର।" ତଟିନୀର ଏମିତି କଥାରେ ସାଗର ଖିଲି ଖିଲି"ହୋଇ ହସି ଉଠିଲା। ପବନର ଗତି କମିଲାଣି। ଘୁମନ୍ତ"ବେଳାଭୂମି। ଆଖି କୋଣରେ ତା'ର ମେଂଚାଏ କୋହ। ଝାଉଁ"ବଣରେ ପେଚା ଶୁଣୁଥିଲା 'ତଟିନୀ ଓ ସାଗରର କିଛିଟା"ଅସଂଲଗ୍ନ।"

ଖୋରଧା,
(୬୩୭୦୬ ୭୫୫୬୨)

# ଚୀନ୍‌ର ଜାତିଗତ ଏକତା ଆଇନ: ବିବିଧତାର ସୁରକ୍ଷା ନା ସମାନତାର ଚାପ ?



**କିଶୋର ରଥ**

ଜୁଲାଇ ୧, ୨୦୨୬ରୁ କାର୍ଯ୍ୟକାରୀ ହୋଇଥିବା ଚୀନର 'ଜାତିଗତ ଏକତା ଏବଂ ପ୍ରଗତି ପ୍ରୋତ୍ସାହନ ଆଇନ' ଦେଶର ଜାତିଗତ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତି ବେଜିଂର ନୀତିରେ ଏକ ନୂଆ ଏବଂ ନିର୍ଣ୍ଣାୟକ ପରିବର୍ତ୍ତନର ସଙ୍କେତ ଦେଇଛି। ଚୀନ ସରକାର ଏହାକୁ ଜାତୀୟ ଏକତା, ସାମାଜିକ ସ୍ଥିରତା ଓ ସମନ୍ୱୟକୁ ସୁଦୃଢ଼ କରିବା ପାଇଁ ଏକ ଆବଶ୍ୟକ ପଦକ୍ଷେପ ବୋଲି ଦାବି କରୁଥିବାବେଳେ ଆନ୍ତର୍ଜାତିକ ପର୍ଯ୍ୟବେକ୍ଷକ, ମାନବାଧିକାର ସଂଗଠନ ଏବଂ ଅନେକ ବିଶ୍ଳେଷକ ମତ ପ୍ରକାଶ କରିଛନ୍ତି ଯେ ଏହି ଆଇନର ପ୍ରକୃତ ଉଦ୍ଦେଶ୍ୟ ଜାତିଗତ ବିବିଧତାକୁ ସୁରକ୍ଷା ଦେବା ନୁହେଁ, ବରଂ ଏକରୂପତାକୁ ପ୍ରତିଷ୍ଠା କରିବାର ପ୍ରୟାସ। ସମାଲୋଚକଙ୍କ ମତରେ ଏହି ଆଇନ ଉଇଘୁର, ତିବ୍ବତୀ, ମଙ୍ଗୋଲିଆନ ଓ ଅନ୍ୟାନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ସ୍ୱତନ୍ତ୍ର ଭାଷା, ସଂସ୍କୃତି, ପରମ୍ପରା ଏବଂ ଧାର୍ମିକ ପରିଚୟକୁ ଧୀରେ ଧୀରେ ଦୁର୍ବଳ କରି ସେଗୁଡ଼ିକୁ କମ୍ୟୁନିଷ୍ଟ ପାର୍ଟିକୁ କେନ୍ଦ୍ର କରି ଗଢ଼ାଯାଇଥିବା ଏକକ 'ଚାଇନିଜ୍ ନେସନ୍ କମ୍ୟୁନିଟି'ରେ ମିଶାଇବା। ଏଥିପାଇଁ ଏହି ଆଇନକୁ ଅନେକ ଜାତିଗତ ଏକତାର ଆଇନ ନୁହେଁ ବରଂ ସାଂସ୍କୃତିକ ଆତ୍ମସାତ୍‌କରଣକୁ ଆଇନଗତ ସ୍ୱୀକୃତି ଦେବାର ଏକ ପଦକ୍ଷେପ ବୋଲି ବିବେଚନା କରୁଛନ୍ତି ଓ

ଏହି ଆଇନର କେନ୍ଦ୍ରବିନ୍ଦୁରେ ରହିଛି 'ସାଧାରଣ ଜାତୀୟ ପରିଚୟ' ଗଠନର ଧାରଣା ଓ ଜାତୀୟ ଏକତାର ନାମରେ ଏହା ଜାତିଗତ ସଂଖ୍ୟାଲଘୁମାନଙ୍କୁ ସେମାନଙ୍କର ଭାଷା, ସଂସ୍କୃତି ଓ ଧାର୍ମିକ ପରିଚୟ ପରିବର୍ତ୍ତେ ରାଜ୍ୟ-ନିର୍ଦ୍ଦିଷ୍ଟ ଚୀନ ପରିଚୟକୁ ଗ୍ରହଣ କରିବାକୁ ପ୍ରୋତ୍ସାହିତ କରେ। ଏହାର ଏକ ପ୍ରମୁଖ ବ୍ୟବସ୍ଥା ହେଉଛି ଶିକ୍ଷାକ୍ଷେତ୍ରରେ ମାଣ୍ଡାରିନ୍ ଚାଇନିଜ୍ ?କୁ ବାଧ୍ୟତାମୂଳକ କରିବା । ଫଳରେ ସଂଖ୍ୟାଲଘୁ ଭାଷାର ବ୍ୟବହାର ଓ ଗୁରୁତ୍ୱ ହ୍ରାସ ପାଇବା ସହ ସେମାନଙ୍କର ସାଂସ୍କୃତିକ ପରିଚୟ ଧୀରେ ଧୀରେ ଦୁର୍ବଳ ହେବାର ଆଶଙ୍କା ସୃଷ୍ଟି ହୋଇଛି ।ଏହି ଆଇନ କେବଳ ଶିକ୍ଷାକ୍ଷେତ୍ରରେ ସୀମିତ ନୁହେଁ । ଏହା ସରକାରୀ ସଂସ୍ଥା, ବ୍ୟବସାୟିକ ପ୍ରତିଷ୍ଠାନ, ସାମାଜିକ ସଂଗଠନ ଏବଂ ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଏକକ ଜାତୀୟ ପରିଚୟକୁ ପ୍ରୋତ୍ସାହିତ କରିବାକୁ ବାଧ୍ୟ କରେ । ବିଶେଷକରି ଧାର୍ମିକ ଅନୁଷ୍ଠାନଗୁଡ଼ିକୁ 'ସିନିସାଇଜେସନ୍'' ନୀତି ଅନୁସରଣ କରି ଧାର୍ମିକ ବିଶ୍ୱାସ ଓ ପରମ୍ପରାକୁ ରାଜ୍ୟର ସମାଜବାଦୀ ଆଦର୍ଶ ସହ ଖାପ ଖୁଆଇବାକୁ କୁହାଯାଇଛି। ସମାଲୋଚକଙ୍କ ମତରେ ଏହା ଧାର୍ମିକ ସ୍ୱାଧୀନତା ଉପରେ ରାଜ୍ୟର ଚିନ୍ତାଧାରାକୁ ପ୍ରାଧାନ୍ୟ ଦେଉଛି।

ଏହି ଆଇନର ସବୁଠାରୁ ବିବାଦୀୟ ଦିଗ ହେଉଛି ଏହାର ପ୍ରଭାବ ଚୀନ ସୀମା ବାହାରକୁ ମଧ୍ୟ ବିସ୍ତାରିତ ହେବା । ଆଇନ ଅନୁଯାୟୀ ବିଦେଶରେ ଥିବା କୌଣସି ବ୍ୟକ୍ତି କିମ୍ବା ସଂଗଠନ ଯଦି ଜାତିଗତ ବିଚ୍ଛିନ୍ନତାକୁ ପ୍ରୋତ୍ସାହନ ଦେଉଛନ୍ତି କିମ୍ବା ଚୀନର ଜାତୀୟ ଏକତାକୁ କ୍ଷୁଣ୍ଣ କରୁଛନ୍ତି ବୋଲି ଅଭିଯୋଗ ହୁଏ ତେବେ ସେମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯାଇପାରିବ । ଏହାକୁ ନେଇ ଆଶଙ୍କା ପ୍ରକାଶ ପାଇଛି ଯେ ବେଜିଂ ଏହି ବ୍ୟବସ୍ଥାକୁ ବ୍ୟବହାର କରି ତିବ୍ବତ, ଜିନର୍ଜିଆଙ୍ଗ ଓ ଅନ୍ୟାନ୍ୟ ସଂଖ୍ୟାଲଘୁ ପ୍ରସଙ୍ଗରେ ସ୍ୱର ଉଠାଉଥିବା ବିଦେଶସ୍ଥ କର୍ମୀ, ଗବେଷକ ଓ ପ୍ରବାସୀ ସମ୍ପ୍ରଦାୟଙ୍କ ଉପରେ ଚାପ ସୃଷ୍ଟି କରିପାରେ।

ଜିନଜିଆଙ୍ଗର ଉଇଘୁର ସମ୍ପ୍ରଦାୟ ପାଇଁ ଏହି ଆଇନ ପୂର୍ବରୁ ଚାଲିଆସୁଥିବା ବିବାଦୀୟ ନୀତିଗୁଡ଼ିକୁ ଆଇନଗତ ସ୍ୱୀକୃତି ଦେଇଛି। ଗଣବନ୍ଦୀ, ବଳପୂର୍ବକ ଶ୍ରମ, ଧାର୍ମିକ ସ୍ୱାଧୀନତା ଉପରେ କଟକଣା, ପରିବାର ବିଚ୍ଛିନ୍ନତା ଏବଂ ସାଂସ୍କୃତିକ ଐତିହ୍ୟର ଧ୍ୱଂସ ଭଳି ପଦକ୍ଷେପକୁ ନେଇ ପୂର୍ବରୁ ଆନ୍ତର୍ଜାତିକ ସ୍ତରରେ ଚିନ୍ତା ପ୍ରକାଶ ପାଇଥିଲା ଓ ନୂତନ ଆଇନ ଏହି ପଦକ୍ଷେପଗୁଡ଼ିକୁ ଆହୁରି ସୁଦୃଢ଼ କରି ଉଇଘୁର ପରିଚୟର ପ୍ରକାଶ ଉପରେ ରାଜ୍ୟର ନିୟନ୍ତ୍ରଣକୁ ବଢ଼ାଇଛି। ତିବ୍ବତୀୟ ବୌଦ୍ଧମାନଙ୍କ କ୍ଷେତ୍ରରେ ମଧ୍ୟ ଏହି ଆଇନର ପ୍ରଭାବ ଗଭୀର । ଏହା ମଠ, ଧାର୍ମିକ ଶିକ୍ଷା ଏବଂ ଧାର୍ମିକ ନେତୃତ୍ୱ ଉପରେ ରାଜ୍ୟର ନିୟନ୍ତ୍ରଣକୁ ଆହୁରି କଠୋର କରିଛି। ସେହିପରି ତିବ୍ବତୀୟ ଶିଶୁମାନଙ୍କୁ ରାଜ୍ୟ ପରିଚାଳିତ ବୋର୍ଡିଂ ସ୍କୁଲରେ ମାଣ୍ଡାରିନ୍ ? ମାଧ୍ୟମରେ ଶିକ୍ଷା ଦେବା ନୀତିକୁ ମଧ୍ୟ ଏହା ସୁଦୃଢ଼ କରିଛି। ସମାଲୋଚକଙ୍କ ମତରେ ଏହା ତିବ୍ବତୀୟ ଭାଷା, ସଂସ୍କୃତି ଓ ଧାର୍ମିକ ପରିଚୟକୁ ଧୀରେ ଧୀରେ କ୍ଷୟ କରିପାରେ ଓ ଏହି ଆଇନକୁ ନେଇ ଆନ୍ତର୍ଜାତୀୟ ସ୍ତରରେ ତୀବ୍ର ସମାଲୋଚନା ହୋଇଛି ଓ ମାନବାଧିକାର ସଂଗଠନ, ପାଶ୍ଚାତ୍ୟ ଦେଶ ଏବଂ ତିବ୍ବତୀୟ ଓ ଉଇଘୁର ନିର୍ବାସିତ ସମ୍ପ୍ରଦାୟ ଏହାକୁ ସଂଖ୍ୟାଲଘୁ ସଂସ୍କୃତିକୁ ଲୋପ କରିବାର ଏକ ପ୍ରୟାସ ବୋଲି ବର୍ଣ୍ଣନା କରିଛନ୍ତି ଓ ୟୁରୋପୀୟ ସଂସଦ ଏହି ଆଇନକୁ ନେଇ ଚିନ୍ତା ପ୍ରକାଶ କରିଥିବାବେଳେ, ଆମେରିକାର ଆଇନ ପ୍ରଣେତାମାନେ ଏହା ବିରୋଧରେ ଅଧିକ ଦୃଢ଼ କୂଟନୈତିକ ପଦକ୍ଷେପ ନେବାକୁ ଆହ୍ୱାନ କରିଛନ୍ତି। ସେହିପରି ଆମନେଷ୍ଟି ଇଣ୍ଟରନ୍ୟାସନାଲ୍ ସମେତ ବିଭିନ୍ନ ଅଧିକାର ସଂଗଠନ ମତ ଦେଇଛନ୍ତି ଯେ ଏହି ଆଇନ ଚୀନର ସାମ୍ବିଧାନିକ ବ୍ୟବସ୍ଥା ଓ ଆନ୍ତର୍ଜାତିକ ମାନବାଧିକାର ମାନଦଣ୍ଡ ସହ ସଙ୍ଗତିପୂର୍ଣ୍ଣ ନୁହେଁ ଅନ୍ୟପକ୍ଷରେ ଚୀନ ସରକାର ସମସ୍ତ ସମାଲୋଚନାକୁ ଖଣ୍ଡନ କରିଛି ଓ ବେଜିଂର ମତରେ, ଏହି ଆଇନ ଜାତୀୟ ଏକତା, ସାର୍ବଭୌମତ୍ୱ ଓ ସାମାଜିକ ସ୍ଥିରତାକୁ ସୁଦୃଢ଼ କରିବା ପାଇଁ ଏକ ବୈଧ ପଦକ୍ଷେପ । ସରକାର କହିଛି ଯେ ଏହାର ଉଦ୍ଦେଶ୍ୟ ବିଚ୍ଛିନ୍ନତାବାଦ ଓ ଉଗ୍ରବାଦକୁ ରୋକିବା ସହ ସମସ୍ତ ଜାତିଗତ ଅଞ୍ଚଳର ସମାନ ବିକାଶ ସୁନିଶ୍ଚିତ କରିବା ଏବଂ ଏହା ଶିକ୍ଷା, ବାଣିଜ୍ୟ କିମ୍ବା ସାଧାରଣ ସାଂସ୍କୃତିକ ଆଦାନ-ପ୍ରଦାନରେ କୌଣସି ବାଧା ସୃଷ୍ଟି କରୁନାହିଁ।ଭାରତ ଏହି ଆଇନ ପ୍ରତି ସତର୍କ ଓ ସନ୍ତୁଳିତ ପ୍ରତିକ୍ରିୟା ପ୍ରକାଶ କରିଛି। ଧର୍ମଶାଳାସ୍ଥିତ କେନ୍ଦ୍ରୀୟ ତିବ୍ବତୀୟ ପ୍ରଶାସନ ଏହାକୁ ତିବ୍ବତୀୟ ପରିଚୟ ଉପରେ ସିଧାସଳଖ ଆକ୍ରମଣ ବୋଲି ବର୍ଣ୍ଣନା କରି କଡ଼ା ବିରୋଧ କରିଛି। ଉଞ୍ଜଇ ସଭାପତି ପେନପା ସେରିଂ କହିଛନ୍ତି ଯେ ସାଂସ୍କୃତିକ ଓ ଧାର୍ମିକ ବିବିଧତାକୁ ସମ୍ମାନ ଦେବାରେ ଭାରତର ପରମ୍ପରା ଓ ଚୀନର ସାଂସ୍କୃତିକ ଏକରୂପତା ନୀତି ଭିତରେ ଅନେକ ପାର୍ଥକ୍ୟ ଓ ଅନ୍ୟପକ୍ଷରେ, ଭାରତ ସରକାର ଏହି ପ୍ରସଙ୍ଗରେ ସଂଯମୀ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ତିବ୍ବତ ଓ ହିମାଳୟ ଅଞ୍ଚଳର ପରିସ୍ଥିତିକୁ ନେଇ ଚିନ୍ତା ପ୍ରକାଶ କରୁଥିଲେ ମଧ୍ୟ ଚୀନ ସହ ଦ୍ୱିପାକ୍ଷିକ ସମ୍ପର୍କ ଓ ସୀମାରେ ସ୍ଥିରତା ବଜାୟ ରଖିବାକୁ ନୂଆଦିଲ୍ଲୀ ପ୍ରାଥମିକତା ଦେଇଛି। ଆର୍ଥିକ ସମ୍ପର୍କ ଓ ଆଞ୍ଚଳିକ ସୁରକ୍ଷାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭାରତ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ବେଜିଂ ସହ ସିଧାସଳଖ ମୁହାଁମୁହିଁ ସଂଘର୍ଷକୁ ଏଡ଼ାଇବାକୁ ଚେଷ୍ଟା କରୁଛି ।ଚୀନର ନୂତନ ଜାତିଗତ ଏକତା ଆଇନ କେବଳ ଏକ ଘରୋଇ ଆଇନ ନୁହେଁ; ଏହା ରାଷ୍ଟ୍ର ଗଠନ ସମ୍ପର୍କରେ ବେଜିଂର ବ୍ୟାପକ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ଏହି ଆଭିମୁଖ୍ୟରେ ବିବିଧତାକୁ ଏକ ଶକ୍ତି ଭାବରେ ନୁହେଁ ବରଂ ରାଜନୈତିକ ଏକତା ପାଇଁ ଏକ ସମ୍ଭାବ୍ୟ ଚ୍ୟାଲେଞ୍ଜ ଭାବେ ଦେଖାଯାଉଛି। ସାଂସ୍କୃତିକ ଆତ୍ମସାତ୍‌କରଣକୁ ଆଇନଗତ ସମର୍ଥନ ଦେଇ ଚୀନ ସରକାର ସ୍ପଷ୍ଟ କରିଛି ଯେ ସମସ୍ତ ଜାତିଗତ ସମ୍ପ୍ରଦାୟକୁ କମ୍ୟୁନିଷ୍ଟ ପାର୍ଟି ଦ୍ୱାରା ପରିଭାଷିତ ଏକକ ଜାତୀୟ ପରିଚୟ ସହିତ ଖାପ ଖୁଆଇବାକୁ ହେବ ।ତଥାପି ଏହି ପଦ୍ଧତି ଦୀର୍ଘସ୍ଥାୟୀ ଏକତା ଆଣିପାରିବ କି ନାହିଁ, ତାହା ନେଇ ପ୍ରଶ୍ନ ରହିଛି ! ଇତିହାସ କୁହେ ଯେ ବିବିଧତାକୁ ସମ୍ମାନ ଓ ସୁରକ୍ଷା ଦେଇଥିବା ସମାଜ ଅଧିକ ସ୍ଥାୟୀ ଭାବରେ ଏକତା ବଜାୟ ରଖିପାରେ । ଆଇନଗତ ଚାପ ମାଧ୍ୟମରେ ସୃଷ୍ଟି ହୋଇଥିବା ଏକତାଠାରୁ ବିଶ୍ୱାସ, ସମାବେଶ ଓ ପାରସ୍ପରିକ ସମ୍ମାନ ଦ୍ୱାରା ଗଢ଼ିଉଠିଥିବା ଏକତା ଅଧିକ ସୁଦୃଢ଼ ଓ ସ୍ଥାୟୀ ହୋଇଥାଏ। ଚୀନର ନୂତନ ଆଇନ ଏକ ମୌଳିକ ପ୍ରଶ୍ନ ଉଠାଉଛି ଯେ ପ୍ରକୃତ ଜାତୀୟ ଏକତା ସାଂସ୍କୃତିକ ପାର୍ଥକ୍ୟକୁ ହ୍ରାସ କରି ହାସଲ କରାଯାଇପାରିବ ନା ଏକ ଦେଶର ଐତିହାସିକ ଓ ସାଂସ୍କୃତିକ ବିବିଧତାକୁ ସୁରକ୍ଷା ଦେଇ ହିଁ ସ୍ଥାୟୀ ସ୍ଥିରତା ସୁନିଶ୍ଚିତ କରାଯାଇପାରିବ ?

ଚକେଇସିହାଣୀ
ଭୁବନେଶ୍ୱର

## ଜ୍ଞାନାମୃତ

# ରାଜଧର୍ମ

ରାଜାଙ୍କ ଶାସନ କାଳରେ ରାଜ୍ୟରେ କେହି ବି ସେମିତି ଅସୁବିଧାରେ ରହୁନଥିଲେ। ଯାହାର ଯାହା ବି ଅସୁବିଧା ହେଉଥିଲା, ସେମାନେ ଅଚିରେ ତାଙ୍କ ସମସ୍ୟା ନେଇ ରାଜାଙ୍କ୍ ପାଖକୁ ଧାଇଁ ଆସୁଥିଲେ। ରାଜା ବି କାହାକୁ ସେମିତି ଖାଲିହାତରେ ଫେରାଉ ନଥିଲେ। ସମସ୍ତଙ୍କ ସମସ୍ୟା ସମାଧାନ ଦିଗରେ ରାଜା ବି ସେହିଭଳି କିଛି ତ୍ବରନ୍ତ ପଦକ୍ଷେପ ନେଉଥିଲେ। କାହାକୁ ନିରାଶ କରୁନଥିଲେ କି କାହାପ୍ରତି ଅବିଚାର ମଧ୍ୟ କରୁନଥିଲେ। ଯିଏ ବି ଯେଉଁଭଳି ବିଚାରଧାରା ନେଇ ଆସୁଥିଲେ କିମ୍ବା ଯିଏ ଯାହା ବି ଅଭିଯୋଗ ନେଇ ଆସୁଥିଲେ, ରାଜା କେବେ ବି କାହା ସପକ୍ଷରେ ଯାଉନଥିଲେ କି କେବେ କାହା ବିପକ୍ଷରେ ମଧ୍ୟ ଯାଉନଥିଲେ। ସମସ୍ତଙ୍କୁ ଉପଯୁକ୍ତ ବିଚାର ପ୍ରଦାନ କରୁଥିଲେ। ସମସ୍ତଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ସର୍ବଦା ତାଙ୍କ ଉଦ୍ୟମ ଜାରି ରଖିଥିଲେ। ସବୁଦିନ ରାଜାଙ୍କ ପାଖକୁ କିଛି ନା କିଛି ସମସ୍ୟା ନେଇ ଅବା କିଛି ନା କିଛି ଅଭିଯୋଗ ନେଇ କେହି ନା କେହି ଆସନ୍ତି ଏବଂ ରାଜା ସେ ସବୁର ଉପଯୁକ୍ତ ସମାଧାନ ଦିଗରେ ତାଙ୍କର ଉପଯୁକ୍ତ ବିଚାର ପ୍ରଦାନ କରନ୍ତି। ଥରେ ଦୁଇ ଜଣ ହଠାତ ଆସି ରାଜଦରବାରରେ ପହ ଲେ ଏବଂ ରାଜାଙ୍କ୍ ଠାରୁ ତାଙ୍କର ସମସ୍ୟା ନେଇ ଉପଯୁକ୍ତ ସମାଧାନ ଆଶା କଲେ। ରାଜ ଦରବାରରେ ବିଚାରକାର୍ଯ୍ୟର ସମୟ ସେତେବେଳେ ସରି ଆସୁଥିବାରୁ ରାଜାଙ୍କ ସ୍ୱତନ୍ତ୍ର ପ୍ରତିନିଧି ସେମାନଙ୍କୁ ଫେରାଇଦେଇ ପରଦିନ ଆସିବାକୁ କହିବାରୁ ସେମାନେ କିନ୍ତୁ ରାଜଦରବାର ଛାଡ଼ି ଯିବାକୁ ସେମାନଙ୍କର ଅନିଚ୍ଛା ଜାହିର କଲେ। ରାଜ ଦରବାରକୁ ବହୁ ଦୂରରୁ ବହୁ ଆଶା ନେଇ ଆସିଥିବା ସେହି ଦୁଇଜଣ କିନ୍ତୁ ଜିଦ୍ କରିବାରୁ ଶେଷରେ ରାଜାଙ୍କ ସ୍ୱତନ୍ତ୍ର ମନ୍ତ୍ରୀ ରାଜାଙ୍କ ଅନୁମତି ନେଇ ସେମାନଙ୍କୁ ରାଜ ଦରବାରରେ ଅନ୍ତତଃ ସେହି ରାତିଟା ରହିବା ପାଇଁ ଅନୁମତି ପ୍ରଦାନ କଲେ। ସକାଳୁ ସେମାନଙ୍କର ବିଚାର ହେବା ବେଳକୁ ସେମାନେ କିନ୍ତୁ ସେହି ରାଜ ଦରବାରରୁ ସେ ଦୁହେଁ କିନ୍ତୁ ଫେରାର୍ ହୋଇଯାଇଥିଲେ। ରାଜା ପୁନଃ ଏକାଧିକ ସୈନ୍ୟ ସାମନ୍ତ ପଠାଇ ସେମାନଙ୍କୁ ଦିନକ ମଧ୍ୟରେ ଖୋଜିଆଣି ଦରବାରରେ ହାଜର କରିବାପରେ ସେମାନେ ନିଜ ନିଜ ମଧ୍ୟରେ ସେମାନଙ୍କର ବିବାଦ ସମାଧାନ କରିଦେଇଥିବା କଥା ରାଜାଙ୍କ ଆଗରେ ସ୍ୱୀକାର କଲେ। ପରେ ପରେ ରାଜା ସେମାନଙ୍କ ମଧ୍ୟରେ ଏକ ଉତ୍ତମ ବୁଝାମଣା କରିଆରେ ସେମାନଙ୍କ ସମସ୍ୟାର ସମାଧାନ କରିବାରେ ସଫଳ ହୋଇଥିଲେ। ରାଜା ଏହିଭଳି ଭାବେ ନିଜର ରାଜଧର୍ମ ପାଳନ କରିବାରେ ସକ୍ଷମ ହୋଇଥିଲେ।

# କି ହେବ ପ୍ରାଣୀ ପୋଷିଲେ ?



**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ବାସ୍ତୁ ଶାସ୍ତ୍ରରେ ଜୀବନଧାରାର ପ୍ରତି ଦିଗର ବିଶେଷ ମହତ୍ତ୍ୱ ସଂପର୍କରେ ଆଲୋଚନା କରାଯାଇଛି। ବାସ୍ତୁ ଅନୁଯାୟୀ ଘରେ ପଶୁପକ୍ଷୀ ପାଳନ ଶୁଭ ହୋଇଥାଏ। ଖାଲି ଏତିକି ନୁହେଁ ପୋଷା ପ୍ରାଣୀ ରହିବା ଦ୍ୱାରା ଗୃହକର୍ତ୍ତାଙ୍କର ଅନେକ ଅସୁବିଧା ଟଳି ଯାଇଥାଏ। ତେବେ ପୋଷା ପଶୁପକ୍ଷୀଙ୍କୁ ସୁନିର୍ଦ୍ଦିଷ୍ଟ ସ୍ଥାନରେ ରଖିଲେ ଏହି ସୁଫଳ ମିଳିଥାଏ। ଆସନ୍ତୁ ଜାଣିବା କେଉଁ ପଶୁପକ୍ଷୀ ପାଳନ ଶୁଭଙ୍କର ହୋଇଥାଏ।

ଗାଈ : ଓଡ଼ିଶାରେ ଏକ ସମୟରେ ଘରେ ଗାଈ ପାଳିବା ଏକ ଲୋକପ୍ରିୟ ପରମ୍ପରା ଥିଲା। ଗାଁ ଗଣ୍ଡାରେ ଗୁହାଳ ଥିଲା ଘରର ଅଂଶବିଶେଷ। ସହରରେ ବି ଲୋକେ ଗାଈ ରଖୁଥିଲେ। କାରଣ ଗୋ-ସେବା ଧର୍ମପରାୟଣ କାର୍ଯ୍ୟ ଭାବେ ବିବେଚନା କରାଯାଉଥିଲା। କ୍ରମେ ଏହି ଧାରା ଦୁର୍ବଳ ହୋଇଯାଇଛି। କେବଳ କ୍ଷୀର ନୁହେଁ, ଗୋମୂତ୍ର ଓ ଗୋମୟ ମଧ୍ୟ ବହୁ ଉପକାରୀ। ବାସ୍ତୁ ଅନୁସାରେ ଗାଈକୁ ଗୃହର ଦକ୍ଷିଣ ଓ ପଶ୍ଚିମ ଦିଗରେ ରଖିବା ଉଚିତ। ଏପରିକି ଘରର ପ୍ରବେଶ ଦ୍ୱାରରେ ଗାଈ ବାନ୍ଧିଲେ କୁନଜର ଦୂର ହୋଇଥାଏ ଏବଂ ବାସ୍ତୁଦୋଷ ଲୋପ ପାଇଥାଏ। ଗୋପାଳନ ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୋଇଥାଏ ବୋଲି କୁହାଯାଏ।

କୁକୁର : କୁକୁର ସବୁଠାରୁ ବିଶ୍ୱସ୍ତ ପ୍ରାଣୀ ବୋଲି ବିବେଚନା କରାଯାଏ। ଆଜିକାଲି ଘରେ ଗାଈ ପାଳିବା କମିବା ସହ କୁକୁର ପାଳିବା ବଢ଼ିଛି। କୁକୁର ମଣିଷ ସହଚର ଓ ବନ୍ଧୁ। କୁକୁରକୁ ଅନେକ ଘର ଭିତରେ ବାନ୍ଧିବା ଦେଖାଯାଉଛି। କିନ୍ତୁ ବାସ୍ତୁ ଅନୁସାରେ କୁକୁର ଠାରୁ ନକାରାତ୍ମକ ଶକ୍ତି ଆସୁଥିବାରୁ ଘରେ ବେଳେ ବେଳେ ସମସ୍ୟା ଦେଖାଯାଇଥାଏ। ଘରଜଗା କାମ କରୁଥିବାରୁ କୁକୁରକୁ ଘର ଦ୍ୱାରବନ୍ଧରେ ବାନ୍ଧିବା ଉଚିତ ଘରେର କୁକୁର ରଖିଲେ ବାସ୍ତୁଦୋଷ ଦେଖା ଦେଇଥାଏ। ପୁଣି ରଙ୍ଗ ଅନୁସାରେ କୁକୁର ବିଭଗିନ୍ନ ଗ୍ରହର ପ୍ରତିନିଧିତ୍ୱ କରିଥାଏ। କାଳୀ କୁକୁର ଶନି, ରାହୁ ଓ କେତୁଙ୍କ ପ୍ରତୀକ ହୋଇଥାଏ। କଳା କୁକୁରଙ୍କୁ ଖାଦ୍ୟ ଦେଲେ ଗ୍ରହ ରିଷ୍ଟ ଖଣ୍ଡନ ହୁଏ ବୋଲି ବିଶ୍ୱାସ ରହିଛି। ମାଟିଆ ଓ ଧଳା କୁକୁର ଘର ପାଇଁ ଶୁଭ କାରକ ହୋଇଥାନ୍ତି।

ବିଲେଇ : ବିଲେଇ ବାଟ କାଟିଲେ ଅଶୁଭ ବୋଲି କୁହାଯାଏ। କିନ୍ତୁ ଅନେକ ଘରେ ବିଲେଇ ପାଳୁଛନ୍ତି ଏବଂ ଶୋଇବା ଘର ପର୍ଯ୍ୟନ୍ତ ବିଲେଇର ପ୍ରବେଶ ବି ରହୁଛି। ଅନ୍ୟପକ୍ଷରେ ବାସ୍ତୁ ଅନୁସାରେ ବିଲେଇ ନକାରାତ୍ମକ ଶକ୍ତିବାହକ। ପୁଣି ବିଲେଇ ଖାଦ୍ୟରେ ମୁହଁ ମାରିଲେ ସଂକ୍ରମଣର ଶିକାର ହେବାକୁ ପଡ଼ିଥାଏ। ତେବେ ବିଲେଇ ରଖିବା ଖରାପ ନୁହେଁ। କେତେକ କହନ୍ତି ବିଲେଇର ଫୁଲ ସଂଗ୍ରହ କରି ରଖି ତାକୁ ପୂଜା କଲେ ଲକ୍ଷ୍ମୀ ସନ୍ତୁଷ୍ଟ ହୋଇଥାଆନ୍ତି। କିନ୍ତୁ ଘରର ସନ୍ତାନ ସନ୍ତତିଙ୍କ ପାଇଁ ଏହା ଶୁଭଙ୍କର ନୁହେଁ।

ମାଛ : ଘରର ଉତ୍ତର ଦିଗରେ ଆକ୍ୱାରିୟମ୍ ରଖିବା ଉଚିତ। ଏଥିରେ ୧, ୩, ୬ ପରି ସଂଖ୍ୟାରେ ମାଛ ରଖିବା ଶୁଭକାରକ ବୋଲି କୁହାଯାଇଥାଏ। ତେବେ ଆକ୍ୱାରିୟମରେ ଥାଇ ମାଛ ଯଦି କୌଣସି କାରଣରୁ ମରେ ତେବେ ଘରକୁ ବିପଦ ଆସିଲା ବୋଲି ସୂଚନା ମିଳେ। ବିନା କାରଣରେ ଯଦି ଆକ୍ୱାରିୟମ ପାଣି ଖରାପ ହୋଇଯାଏ ତେବେ ଜାଣି ରଖିବା ଉଚିତ କି ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରୁଛି। ତେଣୁ ସେଥିପ୍ରତି ସର୍ବଦା ସତର୍କ ହେବା ଉଚିତ। କଳା ମାଛ ଘର ପରିବାରର ସଙ୍କଟ ଦୂର କରିଥାଏ।

ଶୁଆ : ଘରେ ଶୁଆ ପାଳିବା ବି ଏକ ଲୋକପ୍ରିୟ ଧାରା ଥିଲା। ବାସ୍ତୁ ଅନୁସାରେ ଶୁଆକୁ ଘରେ ଉତ୍ତର କିମ୍ବା ପୂର୍ବ ଦିଗରେ ରଖିବା ଉଚିତ। ଏହି ଦିଗରେ ରଖିଲେ ଶୁଭ ଫଳାଫଳ ପ୍ରଦାନ କରିଥାଏ। ଉତ୍ତର ଦିଗକୁ ବୁଧଙ୍କ ଦିଗ କୁହାଯାଉଥିବାରୁ ସବୁଜ ରଙ୍ଗର ପକ୍ଷୀ ବୁଧକାରକ ଭାବରେ ବିବେଚିତ ଶୁଆର ରଙ୍ଗ ସବୁଜ ଏବଂ ଏହାକୁ ଉତ୍ତର ଦିଗରେ ରଖିବା ଦ୍ୱାରା ଶୁଭଫଳ ମିଳିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଶୁଆ ମାତା ଲକ୍ଷ୍ମୀ ଓ କୁବେରଙ୍କ ସହ ଜଡ଼ିତ। ତେଣୁ ଘରେ ଶୁଆ ରଖିବା ଦ୍ୱାରା ଧନବୃଦ୍ଧି ସହ ବିଚାର ଶକ୍ତି ତୀକ୍ଷଣ ହୁଏ ବୋଲି ବିଶ୍ୱାସ ରହିଛି।

ପଶୁ ପକ୍ଷୀ ମାନଙ୍କ ପ୍ରତି ଶ୍ରଦ୍ଧା ଓ ଭଲ ପାଇବା ତଥା ସ୍ନେହ ଏକ ମନୁଷ୍ୟଚିତ୍ତ କର୍ତ୍ତବ୍ୟ। ଏମାନଙ୍କ ପ୍ରତି ଭଲ ପାଇବା, ଆଦର ଯତ୍ନ ରଖିଲେ ସେହି ମୁକ ପ୍ରାଣୀମାନଙ୍କର ପ୍ରାର୍ଥନା ଭଗବାନ ଶୁଣିଥାଆନ୍ତି ବୋଲି ବିଶ୍ୱାସ ରହିଛି। ଏମିତିରେ ଅନେକ ଦେବାଦେବୀଙ୍କ ବାହନ ପଶୁ ଓ ପକ୍ଷୀ ହୋଇଥିବାବେଳେ ଅନେକ ମନ୍ଦିରର ସାମ୍ନାରେ ସେମାନଙ୍କର ଛୋଟ ଛୋଟ ମୂର୍ତ୍ତି ମଧ୍ୟ ରହିଛି। ତେବେ ମନରେ କୌଣସି ସ୍ୱାର୍ଥ ନରଖି ନିଃସ୍ୱାର୍ଥପର ଭାବରେ ପଶୁପକ୍ଷୀ ମାନଙ୍କ ପ୍ରତି ସ୍ନେହ ଓ ଶ୍ରଦ୍ଧା ରଖିଲେ ଏହା ଆମ ମାନଙ୍କ ପାଇଁ ଅମୃତତମ ଆଶୀର୍ବାଦ ସାବ୍ୟସ୍ତ ହୋଇଥାଏ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ :
୯୪୩୭୧୦୩୧୨୫୩





## ସିଆଇଆଇ ଆଇଡବ୍ଲ୍ୟୁଏନ୍ ଓଡ଼ିଶା ପକ୍ଷରୁ ଚତୁର୍ଥ ଶକ୍ତି ସମ୍ମାନ

# ରଶ୍ମିତା ପୃଷ୍ଟିଙ୍କ ସହ ୩୬ ସଫଳ ମହିଳା ସମ୍ମାନିତ

### ୪୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ୯୧୩ କୋଟି ଟଙ୍କାର ଏମଓୟୁ ସ୍ୱାକ୍ଷରିତ





**ଭୁବନେଶ୍ୱର(ବ୍ୟୁରୋ)** କନଫେଡେରେସନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ଇଣ୍ଡିଆନ ଓମେନ ନେଟୱର୍କ (ଆଇଡ଼ବ୍ଲ୍ୟୁଏନ) ଓଡ଼ିଶା ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରରେ ଚତୁର୍ଥ ସିଆଇଆଇ ଆଇଡବ୍ଲ୍ୟୁଏନ୍ ;ଶକ୍ତି ସମ୍ମାନ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମହିଳା ନେତ୍ରୀମାନଙ୍କ ସଫଳତାକୁ ସେଲିବ୍ରେଟ୍ କରାଯିବା ସହ ମହିଳା କେନ୍ଦ୍ରିକ ବିକାଶ ଏବଂ ସମାବେଶୀ ଅଭିବୃଦ୍ଧି ପ୍ରତି ପ୍ରତିବଦ୍ଧତାକୁ ଦୋହରାଯାଇଛି। ଏହି କାର୍ଯ୍ୟକ୍ରମରେ ୯୧୩ କୋଟି ଟଙ୍କାର ୧୩ ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି, ଯାହା ଦ୍ୱାରା ରାଜ୍ୟରେ ପ୍ରାୟ ୪୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଏହି ସମାବେଶକୁ ସମ୍ବୋଧିତ କରି ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ (ଆଇଏଏସ) କହିଛନ୍ତିଯେ ମହିଳା ଉଦ୍ୟୋଗୀମାନେ ସଫଳତା ହାସଲ କରିବା ପାଇଁ ପାରମ୍ପରିକ ଓ ସାମାଜିକ ପ୍ରଥାକୁ ଭାଙ୍ଗି ଅନେକ ଆହ୍ୱାନର ସାମ୍ନା କରୁଛନ୍ତି। ସେ ସେମାନଙ୍କୁ ପ୍ରେରଣାର ଏକ ପ୍ରକୃତ ଉତ୍ସ ବୋଲି ଅଭିହିତ କରିବା ସହ କହିଛନ୍ତି ଯେ, ଓଡ଼ିଶା ସରକାରଙ୍କ ୨୦୩୬ ଏବଂ ୨୦୪୭ ଭିଜନ ଡକ୍ୟୁମେଣ୍ଟରେ ମହିଳା କେନ୍ଦ୍ରିକ ବିକାଶକୁ ଏକ ପ୍ରମୁଖ ସ୍ତମ୍ଭ ଭାବେ ଗ୍ରହଣ କରାଯାଇ ରାଜ୍ୟକୁ ୧ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥବ୍ୟବସ୍ଥାରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟ ଜନସଂଖ୍ୟାର ପ୍ରାୟ ଅଧା ଭାଗ ମହିଳା ହୋଇଥିବାରୁ ଉଦ୍ୟୋଗ, ନିଯୁକ୍ତି ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ମହିଳାଙ୍କ ଅଂଶଗ୍ରହଣ ଏକ ଅର୍ଥନୈତିକ ଆବଶ୍ୟକତା ଅଟେ। ସୁଭଦ୍ରା ଯୋଜନାର ପ୍ରଭାବ ସମ୍ପର୍କରେ ସେ ସୂଚନା ଦେଇଛନ୍ତି ଯେ, ହିତାଧିକାରୀମାନେ ଏହି ଆର୍ଥିକ ସହାୟତାକୁ ପିଲାଙ୍କ ଶିକ୍ଷା, ଉଦ୍ୟୋଗ ଏବଂ ଆୟକାରୀ କାର୍ଯ୍ୟକଳାପ ଭଳି ସୃଜନଶୀଳ କାର୍ଯ୍ୟରେ ଅଧିକରୁ ଅଧିକ ବିନିଯୋଗ କରୁଛନ୍ତି। ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା (ଆଇଏଏସ) ଓଡ଼ିଶାରେ ମହିଳା ଉଦ୍ୟୋଗର ଦ୍ରୁତ ଅଭିବୃଦ୍ଧି ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି ଯେ ଉଦ୍ୟୋଗ ଏକ ଆହ୍ୱାନପୂର୍ଣ୍ଣ ଯାତ୍ରା ହୋଇଥିଲେ ମଧ୍ୟ ମହିଳା ଉଦ୍ୟୋଗୀମାନେ କ୍ରମାଗତ ଭାବେ ଉଚ୍ଚ ସଫଳତା ହାସଲ କରି ଦେଖାଇଛନ୍ତି। ଓଡ଼ିଶା ଏବେ ପାରମ୍ପରିକ କ୍ଷେତ୍ର ବ୍ୟତୀତ ପ୍ଲାଷ୍ଟିକ୍, ଖାଦ୍ୟ ପ୍ରକ୍ରିୟାକରଣ, ଏଫଏମସିଜି ଏବଂ ଗୃହୋପକରଣ ଭଳି ଏକ ବିବିଧ ଶିଳ୍ପ କ୍ଷେତ୍ରରେ ବ୍ୟାପକ ସୁଯୋଗ ପ୍ରଦାନ କରୁଛି । ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରି ସେ ସୂଚନା ଦେଇଛନ୍ତି ଯେ, ପ୍ରତି ଜିଲ୍ଲାରେ ଜିଲ୍ଲା ବିନିଯୋଗ ପ୍ରୋତ୍ସାହନ ଏଜେନ୍ସି (ଡିଓଚଇ) ପ୍ରତିଷ୍ଠା କରାଯାଇଛି ଏବଂ ଏହା ମଧ୍ୟରେ ୩,୦୦୦ରୁ ଅଧିକ ଆବେଦନ ପତ୍ର ପ୍ରକ୍ରିୟାକରଣ କରାଯାଇ ସ୍ଥାନୀୟ ଉଦ୍ୟୋଗୀଙ୍କ ପାଇଁ ବଡ଼ ସୁଯୋଗ ସୃଷ୍ଟି କରାଯାଇଛି।

ଅତିଥି ଓ ପ୍ରତିଭାଗୀମାନଙ୍କୁ ସ୍ୱାଗତ କରି ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ, ଶ୍ରୀ ଅନିଲ କୁମାର ସିଂ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ କେବଳ ଉଲ୍ଲେଖନୀୟ ସଫଳତାକୁ ସେଲିବ୍ରେଟ୍ କରିବା ପାଇଁ ନୁହେଁ, ବରଂ ସକାରାତ୍ମକ ପରିବର୍ତ୍ତନ ଆଣୁଥିବା ନେତୃତ୍ୱକୁ ସ୍ୱୀକୃତି ଦେବା ପାଇଁ ଉଦ୍ଦିଷ୍ଟ। ସେ କହିଛନ୍ତି ଯେ ଉଦ୍ୟୋଗ ପାଇଁ ଅପାର ନିଷ୍ଠା, ଆତ୍ମବିଶ୍ୱାସ ଏବଂ କଠିନ ପରିଶ୍ରମ ଆବଶ୍ୟକ। ବ୍ୟତିକ୍ରମୀ ମହିଳା ସଫଳ ଅଧିକାରୀମାନଙ୍କୁ ସମ୍ମାନିତ କରିବା ସହ ମହିଳା ଉଦ୍ୟୋଗୀମାନଙ୍କ ସହ ଏମଓୟୁ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ବିନିଯୋଗ ପ୍ରତିଶ୍ରୁତିକୁ ଆନୁଷ୍ଠାନିକ ରୂପ ଦିଆଯାଉଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି । ସିଆଇଆଇ ଆଇଡବ୍ଲ୍ୟୁଏନ୍ ଶକ୍ତି ସମ୍ମାନ ୨୦୨୬ ଅଧୀନରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୬ ଜଣ ମହିଳା ସଫଳ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ଏହି ସନ୍ଧ୍ୟାର ଏକ ପ୍ରମୁଖ ଆକର୍ଷଣ ଥିଲା । ସ୍ୱାସ୍ଥ୍ୟସେବା, ପରିବେଶ ଓ ସ୍ଥିରତା, ଷ୍ଟାର୍ଟଅପ୍, ଶିକ୍ଷା, ଗଣମାଧ୍ୟମ ଓ ମନୋରଞ୍ଜନ, କ୍ରୀଡ଼ା, କୁଟୀର ଓ କ୍ଷୁଦ୍ର ଶିଳ୍ପ, ସାମାଜିକ ବିକାଶ ଏବଂ ଉଦ୍ୟୋଗ ଭଳି କ୍ଷେତ୍ରରେ ଅନନ୍ୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିଜେତାମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ନେତୃତ୍ୱ, ସହନଶୀଳତା, ନବସୃଜନ ଏବଂ ସମାଜ ପ୍ରତି ସ୍ଥାୟୀ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ଏହି ଅବସରରେ ଚିତ୍ରା ଅରୁମୁଗମ, ଆଇଏଏସ୍, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ, ଓଡ଼ିଶା ସରକାର, ମହିଳା ଉଦ୍ୟୋଗୀମାନଙ୍କର ପ୍ରଗତିର ଯାତ୍ରା ଏବଂ ରାଜ୍ୟର ନିରନ୍ତର ଓ ସମତାଭିତ୍ତିକ ଆର୍ଥିକ ବିକାଶରେ ସେମାନଙ୍କର ମୂଲ୍ୟବାନ ଅବଦାନ ଉପରେ ଆଲୋକପାତ କରିଥିଲେ। ସେ ଏହା ମଧ୍ୟ କହିଥିଲେ ଯେ, ରାଜ୍ୟର ଅର୍ଥନୀତି ଓ ସମାଜ ଗଠନରେ ମହିଳାମାନେ କିପରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରୁଛନ୍ତି । ସନ୍ଧ୍ୟାର ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା CII IWN ଶକ୍ତି ସମ୍ମାନ–୨୦୨୬ ଅନ୍ତର୍ଗତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୩୬ ଜଣ କୃତୀ ମହିଳାଙ୍କୁ ସମ୍ମାନିତ କରାଯିବା । ସ୍ୱାସ୍ଥ୍ୟସେବା, ପରିବେଶ ଓ ସ୍ଥାୟୀ ବିକାଶ, ଷ୍ଟାର୍ଟଅପ୍, ଶିକ୍ଷା, ଗଣମାଧ୍ୟମ ଓ ମନୋରଞ୍ଜନ, କ୍ରୀଡ଼ା, କୁଟୀର ଓ କ୍ଷୁଦ୍ର ଶିଳ୍ପ, ସାମାଜିକ ବିକାଶ ଏବଂ ଉଦ୍ୟୋଗିତା ଭଳି ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନକୁ ଏହି ସମ୍ମାନ ମାଧ୍ୟମରେ ସ୍ୱୀକୃତି ଦିଆଯାଇଥିଲା। ଏହି ସମ୍ମାନରେ ସେମାନଙ୍କର ଉତ୍କୃଷ୍ଟ ନେତୃତ୍ୱ, ଦୃଢ଼ତା, ନବସୃଜନଶୀଳତା ଏବଂ ସମାଜ ପ୍ରତି ସ୍ଥାୟୀ ଅବଦାନକୁ ଗୌରବାନ୍ୱିତ କରାଯାଇଥିଲା। ସିଆଇଆଇ ଆଇଡବ୍ଲ୍ୟୁଏନ୍ ଓଡ଼ିଶାର ଅଧ୍ୟକ୍ଷା, ସୁଶ୍ରୀ ଜୁବିନା ଅଲୀ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସମାପ୍ତ କରିଥିଲେ। ଚତୁର୍ଥ ସଂସ୍କରଣର ଶକ୍ତି ସମ୍ମାନକୁ ମହିଳା ନେତୃତ୍ୱ ଓ ସଫଳତାର ଏକ ସାର୍ଥକ ଉତ୍ସବରେ ପରିଣତ କରିଥିବାରୁ ସେ ଓଡ଼ିଶା ସରକାର, ଶିଳ୍ପ ଜଗତର ନେତୃବୃନ୍ଦ, ଅଂଶୀଦାର, ଜୁରି ସଦସ୍ୟ ଏବଂ ପ୍ରତିଭାଗୀମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି। ବିଗତ କିଛି ବର୍ଷ ମଧ୍ୟରେ ସିଆଇଆଇ ଆଇଡବ୍ଲ୍ୟୁଏନ୍ ଶକ୍ତି ସମ୍ମାନ ଓଡ଼ିଶାର ଏକ ପ୍ରତିଷ୍ଠିତ ମଞ୍ଚ ଭାବେ ଉଭା ହୋଇଛି, ଯାହା ବାଧାବିଘ୍ନକୁ ଆଡ଼େଇ, ସମାଜକୁ ଅନୁପ୍ରାଣିତ କରି ସ୍ଥାୟୀ ସାମାଜିକ ଓ ଅର୍ଥନୈତିକ ପ୍ରଭାବ ସୃଷ୍ଟି କରିଥିବା ମହିଳାମାନଙ୍କୁ ସ୍ୱୀକୃତି ପ୍ରଦାନ କରିଆସୁଛି। ଏହି ପ୍ରମୁଖ ପଦକ୍ଷେପ ମାଧ୍ୟମରେ ସିଆଇଆଇ ଇଣ୍ଡିଆନ ଓମେନ ନେଟୱର୍କ ଓଡ଼ିଶା ଏକ ଅଧିକ ସମାବେଶୀ, ସମାନତା ଏବଂ ସଶକ୍ତ ଭବିଷ୍ୟତ ଗଠନ କରିବା ଦିଗରେ ନିଜର ଦୂରଦୃଷ୍ଟିକୁ ଆଗକୁ ବଢ଼ାଉଛି, ଯେଉଁଠାରେ ମହିଳାମାନେ ସ୍ଥାୟୀ ବିକାଶ, ନବସୃଜନ ଏବଂ ରୂପାନ୍ତରଣର ଅନୁକ୍ରମଣିକା ଭାବେ କାର୍ଯ୍ୟ କରିବେ।

## ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ଗୋ ଖାଦ୍ୟ ବଣ୍ଟନ



**ବାଲିଚନ୍ଦ୍ରପୁର(ଅମୃତ ମିଡିଆ):** ବଡ଼ଚଣା ବ୍ଲକ ର ଅନେକ୍ ପଞ୍ଚାୟତ ବନ୍ୟା ଜଳରେ ପ୍ରଭାବିତ ହୋଇଛି। ବ୍ରାହ୍ମଣୀ,ବିରୂପା, କେଲୁଅ ଓ ଗେଙ୍ଗୁଟି ନଦୀ ରେ ବନ୍ୟା ଆସିବାରୁ ବ୍ଲକ ର ଚାରିନଙ୍ଗଳ, ଗୋପଳପୁର, ସାଉଡିଆ, ମଝିପଡା, ବରପଦା, କୋଲଣଗିରି, ବଡ ବାଲିକୁଦା, ବାଲିପଡିଆ, ପତରାଜପୁର, ବାଲିଚନ୍ଦ୍ରପୁର, ମାଣ୍ଡୁକା ଅଛୁତ ବସନ୍ତ, ଅଣକା ଆଦି ପଞ୍ଚାୟତ ରେ ଥିବା ଗାଁ ଗୁଡିକର ଜନସାଧାରଣ ଜଳବନ୍ଦୀ ଭାବେ ଜୀବନ ବିତାଉଛନ୍ତି ଏଥି ସହିତ ହଜାର ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ପ୍ରଶାସନିକ ଅଧିକାରୀ ମାନେ ଆସି ରାସ୍ତାରେ ବୁଲି ବୁଲି ଯାଉଥିବା ଦେଖିବାକୁ ମିଳିଥିଲା ବେଳେ କେବଳ କାଁ ଭାଁ ସ୍ଥାନରେ ଭୂଟୁଭୂଟି ଦିଆ ଯାଇଛି ହେଲେ କୋଉଠି ତେଲ ନାହିଁ, କୋଉଠି ମେସିନ ଖରାପ ତ କୋଉଠି ଭୂଟୁ ଭୁଟି କାତ ମରା ହୋଇ ଚାଲୁଅଛି ଏହାରି ମଧ୍ୟରେ ପ୍ରସନ୍ନ କୁମାର ସାମଲ ମେମୋରିଆଲ ଟ୍ରଷ୍ଟ ତରଫରୁ ଗୋପାଳପୁର ପଞ୍ଚାୟତରେ ବନ୍ୟା ପୀଡିତ ମାନଙ୍କୁ ଗୁରୁବାର ଘରକୁ ଘର ବୁଲି ପ୍ରାୟ ଦେଢସହ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା ।ଶୁକ୍ରବାର କେନାଲ ବନ୍ଧ ରାସ୍ତାରେ ବାହାଦୁରନଗର, ଦଳେଇ ସାହି, ମୁସ୍ଲିମ୍ ସାହି, କଳାଶ୍ରୀ, ତାରିଣୀ ଛକ, ବସଷ୍ଟାଣ୍ଡ ଛକ, ଗଜେନ୍ଦ୍ରପୁର ପର୍ଯ୍ୟନ୍ତ ଆଶ୍ରୟ ନେଇ ଥିବା ଗାଇ ଗୋରୁ ମାନଙ୍କୁ ଗୋ ଖାଦ୍ୟ ବଣ୍ଟନ କରାଯାଇଛି। ଟ୍ରଷ୍ଟ ର ସଭାପତି ଆଶୁତୋଷ ସାମଲ ଯିଏକି କାନାଡ଼ା ରେ ରହି ସଫ୍ଟୱେୟାର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଛନ୍ତି ସେ ଏବେ ଓଡ଼ିଶା ରେ ଅଛନ୍ତି ବନ୍ୟା ପରିସ୍ଥିତି ସମ୍ପର୍କରେ ବୁଝି ନିଜେ ଆସି ଟ୍ରଷ୍ଟର ସଦସ୍ୟ ଏବଂ ଅନ୍ୟ ସ୍ୱେଚ୍ଛାସେବୀ ମାନଙ୍କୁ ସାଙ୍ଗରେ ଧରି ଘର ଘର ବୁଲି ବଣ୍ଟନ କରିଥିବା ଦେଖିବାକୁ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ମହାବାହୁ ଓଡିଶା ଟ୍ରଷ୍ଟ ର ପ୍ରତିଷ୍ଠାତା ଶିବ ପ୍ରସାଦ ସାମଲ, ଯୁବ ସାମାଜ ସେବୀ ସୁଦୀପ୍ ସାମଲ, ପ୍ରିୟବ୍ରତ ସାମଲ, ବିମଳ ଲୋଚନ ସାମଲ, ହରିହର ବାରିକ, ବୁବୁ ମଲ୍ଲିକ, ରବିନ୍ଦ୍ର ଧଳ, ନିକୁଞ୍ଜ ବିହାରୀ ଜେନା ପ୍ରମୁଖ ବଣ୍ଟନ ପ୍ରକ୍ରିୟା ରେ ସାମିଲ ଥିଲେ। ଆଶୁତୋଷ ଙ୍କର କାର୍ଯ୍ୟ ଧାରାକୁ ସାଧାରଣରେ ପ୍ରସଂଶା କରାଯାଉଛି, ବନ୍ୟା ପ୍ରଭାବିତ କିଛି ଅଞ୍ଚଳରେ ଚୁଡ଼ା, ଗୁଡ ଓ ମେନେରାଲ ପାଣି ବଣ୍ଟନ କରାଯାଉଥିବା ଦେଖିବାକୁ ମିଳିଛି, ଏକ ଓଡ୍ରାଫ୍ ଟିମ ବୋଟ ସହିତ ବନ୍ୟା ପ୍ରଭାବିତ ଅଞ୍ଚଳର ଜରୁରୀ କାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ଆସି ପହଂଚି ଥିବା ଜଣାପଡ଼ିଛି ।

## ଏକ୍ଜିମ ବ୍ୟାଙ୍କ ଭୁବନେଶ୍ୱରରେ ଆଞ୍ଚଳିକ କାର୍ଯ୍ୟାଳୟ ସ୍ଥାପନ କରିବ

**ଭୁବନେଶ୍ୱର(ବ୍ୟୁରୋ) :** ଏକ୍ସପୋର୍ଟ- ଇମ୍ପୋର୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏକ୍ଜିମ ବ୍ୟାଙ୍କ) ଭୁବନେଶ୍ୱରରେ ଏକ ପୂର୍ଣ୍ଣାଙ୍ଗ ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିବା ସମ୍ପର୍କରେ ଘୋଷଣା କରିଛି, ଯାହା ଓଡ଼ିଶା ସହିତ ଏହାର ନିୟୋଜନତାକୁ ଗଭୀର କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି ଏବଂ ଏହା ରାଜ୍ୟର ରପ୍ତାନିକାରୀ ଓ ପୁଂଜିନିବେଶକଙ୍କୁ ସମର୍ଥନ କରିବା ନିମନ୍ତେ ନିଜର ପ୍ରତିବଦ୍ଧତାକୁ ପୁନଃ ସୁଦୃଢୀକରଣ କରୁଛି। ଏକ୍ଜିମ ବ୍ୟାଙ୍କ, ଫେଡେରେସନ ଅଫ୍ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେସନ୍ସ (ଏଫଆଇଇଓ) ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ମିଳିତ ଭାବରେ ଆୟୋଜିତ 'ଏନହାନସିଂ ଏକ୍ସପୋର୍ଟସ୍ ଫ୍ରମ୍ ଓଡ଼ିଶା: ଅପରଚୁନିଟିଜ୍ ଆଣ୍ଡ ଫାଇନାନ୍ସିଂ ସଲ୍ୟୁସନ୍ସ' (ଓଡ଼ିଶାରୁ ରପ୍ତାନି ବୃଦ୍ଧି କରିବା: ସୁଯୋଗସମୂହ ଓ ଅର୍ଥଲଗାଣ ସମାଧାନସମୂହ) ଶୀର୍ଷକରେ ଆୟୋଜିତ ଏକ ଆଲୋଚନାଚକ୍ରରେ ଏହି ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସରକାରୀ ଅଧିକାରୀ, ଶିଳ୍ପ ଜଗତର ନେତୃବୃନ୍ଦ, ରପ୍ତାନିକାରୀ ଏବଂ ଆର୍ଥିକ ପ୍ରତିଷ୍ଠାନସମୂହ ରାଜ୍ୟର ରପ୍ତାନି ପରିବ୍ୟବସ୍ଥା ସୁଦୃଢ଼ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବାକୁ ଏକତ୍ରିତ ହୋଇଥିଲେ। ଶ୍ରୀ ଅନିରୁଦ୍ଧ ବରୁଆ, ରିଜିଓନାଲ ହେଡ୍, କୋଲକାତା, ଏକ୍ଜିମ ବ୍ୟାଙ୍କ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏବଂ ଏହା ସାନ୍ଧ୍ୟ ଆଲୋଚନାଗୁଡିକ ନିମନ୍ତେ ଏକ ପରିପ୍ରେକ୍ଷୀ ସ୍ଥିର କରିଥିଲା। ନିଜର ଉଦ୍‌ଘାଟନୀ ଅଭିଭାଷଣରେ ଶ୍ରୀ ତରୁଣ ଶର୍ମା, ଡେପୁଟି ମ୍ୟାନେଜିଂ ଡାଇରେକ୍ଟର, ଏକ୍ଜିମ ବ୍ୟାଙ୍କ, ଓଡ଼ିଶା ଉପରେ ବ୍ୟାଙ୍କର ନବୀକୃତ ଦୃଷ୍ଟିନିବଦ୍ଧ ସମ୍ପର୍କରେ ଉଲ୍ଲେଖ କରିବା ସହିତ କହିଥିଲେ ଯେ, ଭୁବନେଶ୍ୱରରେ ସ୍ଥାପିତ ହେବାକୁ ଯାଉଥିବା ଆଞ୍ଚଳିକ କାର୍ଯ୍ୟାଳୟ ସ୍ଥାନୀୟ ରପ୍ତାନିକାରୀ, ଏମଏସ୍ଏମଇସମୂହ ଏବଂ ଶିଳ୍ପ ସଂସ୍ଥାଗୁଡିକ ସହିତ ଘନିଷ୍ଠ ନିୟୋଜନତାକୁ ସମର୍ଥ କରାଇବ। ସମଗ୍ର ରାଜ୍ୟରେ ବହୁବିଧ ପ୍ରକଳ୍ପଗୁଡିକୁ ବ୍ୟାଙ୍କର ସମର୍ଥନ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ, ଯେଉଁଥିରେ ଇସ୍ପାତ, ନବୀକରଣୀୟ ଠାରୁ ନେଇ ୱାଗନ ନିର୍ମାଣ ଆଦି ଅର୍ନ୍ତଭୁକ୍ତ।



## ଚୌଦ୍ୱାର ପୌରପାଳିକା ପାରିଷଦ ବୈଠକ ୧୦ ମିନିଟରେ ଶେଷ



**ଟାଙ୍ଗୀ ଚୌଦ୍ୱାର(ଅମୃତ ମିଡିଆ):** ଚୌଦ୍ୱାର ପୌରପାଳିକା ସବୁ ବେଳେ ଚର୍ଚ୍ଚାରେ ଥାଏ, କେତେବେଳେ ଦୁର୍ନୀତିକୁ ନେଇଥିଲେ କେତେବେଳେ ସୂଚନା ତଥ୍ୟ ନଦେଇ ଜୋରିମାନା କୁ ନେଇ ଏବେ ଇତିହାସ ସୃଷ୍ଟି କରିଛନ୍ତି, ଗତ ୪ ମାସଧରି ବୈଠକ ହୋଇନଥିବା ବେଳେ ଆଜୀ ପୌରାଧକ୍ଷ ମାନସୀ ସ୍ୱର୍ଣପ୍ରଭା ସାମଲ ଦିନ ୧୦ ଟା ୧୭ ରେ ବୈଠକ ଆରମ୍ଭ କରିଥିଲେ କିଛି ପ୍ରସ୍ତାବ କୁ ପଢି ସଭା ସମାପ୍ତ ହେଲା କହି ପଛ ଗେଟ ଦେଇ ଖସି ପଳାଇଥିଲେ ଓ ଅନ୍ୟ ପାରିଷଦ ମାନେ ପଳାଇଥିଲେ, ଏହି ବୈଠକରେ ନିର୍ବାହୀ ଅଧିକାରୀ ବିଧାୟକ ଶୌଭିକ ବିଶ୍ୱାଳଙ୍କ ସହିତ ଆସିବା ପରେ ସଭା ସମାପ୍ତ ହୋଇଥିବା ଦେଖିଥିଲେ, ଓ ନିରାଶ ରେ ଫେରିଥିଲେ, ଅତି ଆଶର୍ଯ୍ୟ ର କଥା ବନ୍ୟା, ଅଗଷ୍ଟ ୧୫ ମିଳିତ ପ୍ୟାରଏଡ଼, ସ୍ୱାୟତଶାସନ ଭଳି ବିଷୟ ଆଲୋଚନା ଥିବା ବେଳେ ପୋ?ରାଧକ୍ଷ ତାଙ୍କର ରାଜନୈତିକ ଅଭିଶନ୍ଧିକୁ ଦୃଷ୍ଟିରେ ରଖି ଏହିଭଳି ପଦକ୍ଷେପ ନେଲେ ବୋଲି ଆଲୋଚନା ହେଉଛି, ଯେହେତୁ ଶୌଭିକ ବିଜେଡି ଦଳରୁ ନୀଲ ମମ୍ବିତ ହୋଇଛନ୍ତି ତାଙ୍କ ସହିତ ବୈଠକ ରେ ବସିବେ ନାହିଁ କିମ୍ବା ଚୌଦ୍ୱାର ପୌର ବିଦ୍ୟାଳୟରେ ଅଗଷ୍ଟ ୧୫ ର ମିଳିତ ପ୍ୟାରଏଡ଼ କୁ ବନ୍ଦ କରିବା ପାଇଁ ଏହି ହିଁ ଷଡଯନ୍ତ୍ର ହୋଇଛି ବୋଲି ଉପନଗରପାଳ କହିଛନ୍ତି. ପୌରାଧାକ୍ଷାଙ୍କ ଏହି ନିଷ୍ପତି ଅଂଚଳର ବିକାଶ ଠପ ହୋଇଯିବ ବୋଲି ଜଣା ପଡିଛି

### ରାଜ୍ୟସଭା ସାଂସଦ ସଂତୃପ୍ତ ମିଶ୍ରଙ୍କ ପ୍ରତିନିଧି ନିଯୁକ୍ତିକୁ ନେଇ ବିବାଦ

## ଚିଠିର ବୈଧତା ଯାଞ୍ଚ ସହ ଅବୈଧ ଘୋଷଣା ଦାବି କଲା ବିଜେପି



**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ଚୌଦ୍ୱାର ପୌରପାଳିକାରେ ରାଜ୍ୟସଭା ସାଂସଦଙ୍କ ପ୍ରତିନିଧି ନିଯୁକ୍ତିକୁ ନେଇ ବିବାଦ ଦେଖାଦେଇଛି। ଏନେଇ ଚୌଦ୍ୱାର ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀଙ୍କ ନିକଟରେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଇଂ ଜ୍ଞାନେନ୍ଦ୍ର ସ୍ୱାଇଁ ଏକ ଦାବିପତ୍ର ଦେଇଛନ୍ତି ଅଭିଯୋଗରେ ଦର୍ଶାଯାଇଛି ଯେ, ଚୌଦ୍ୱାର ମ୍ୟୁନିସିପାଲଟିରେ ବର୍ତ୍ତମାନ ପାରିଷଦ ବିଜୁ ଜନତା ଦଳର ଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି ରାଜ୍ୟସଭା ସାଂସଦଙ୍କ ପକ୍ଷରୁ ପ୍ରତିନିଧି ମନୋନୀତ କରାଯାଇନଥିଲା। ତେବେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଚିଠିରେ ରାଜ୍ୟସଭା ସାଂସଦ ସନ୍ତୃପ୍ତ ମିଶ୍ର ୩୦ ଜୁଲାଇ ୨୦୨୬ ତାରିଖରେ ପ୍ରେମଚାନ୍ଦ ନାୟକଙ୍କୁ ଚୌଦ୍ୱାର ମ୍ୟୁନିସିପାଲଟି ପାଇଁ ନିଜ ପ୍ରତିନିଧି ଭାବେ ମନୋନୀତ କରିଥିବା ଉଲ୍ଲେଖ ରହିଛି।ରାଜ୍ୟସଭା ସାଂସଦଙ୍କର କୌଣସି ନିର୍ଦ୍ଦିଷ୍ଟ ନିର୍ବାଚନ କ୍ଷେତ୍ର ନଥିବା ବେଳେ କେବଳ ଚୌଦ୍ୱାର ମ୍ୟୁନିସିପାଲଟି ପାଇଁ ପ୍ରତିନିଧି ନିଯୁକ୍ତି କରାଯିବା ପ୍ରଶ୍ନ ସୃଷ୍ଟି କରୁଛି। ଏହାଛଡ଼ା ରାଜ୍ୟର ୬ଟି ମହାନଗର ନିଗମ, ୫୩ଟି ମ୍ୟୁନିସିପାଲଟି ଏବଂ ୮୬ଟି ଏନ୍.ଏ.ସି. ମଧ୍ୟରୁ ଅନ୍ୟ କୌଣସି ସ୍ଥାନରେ ପ୍ରତିନିଧି ଘୋଷଣା ନ କରି କେବଳ ଚୌଦ୍ୱାର ମ୍ୟୁନିସିପାଲଟି ପାଇଁ ଏଭଳି ନିଯୁକ୍ତି କରାଯିବାକୁ ନେଇ ସନ୍ଦେହ ପ୍ରକାଶ କରାଯାଇଛି ।ସରକାରୀ ନିୟମରେ ଏଭଳି ପ୍ରତିନିଧି ନିଯୁକ୍ତି ପାଇଁ ବ୍ୟବସ୍ଥା ନଥିବାରୁ ସମ୍ପୃକ୍ତ ଚିଠିର ବୈଧତାକୁ ତର୍ଜମା କରାଯାଇ ଏହାକୁ ଅବୈଧ ଘୋଷଣା କରିବା ସହ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ଅକ୍ଷୟ ଭୂୟାଁ,ସହଦେବ ବରାଳ, ବୁଲୁ ଦାସ ପ୍ରମୁଖ ନିର୍ବାହୀ ଅଧିକାରୀଙ୍କୁ ନିବେଦନ କରିଛନ୍ତି।

# ସାଇକେଲ ଷ୍ଟାଣ୍ଡ ନିର୍ମାଣ ନାଁରେ ଦୁର୍ନୀତି ଅଭିଯୋଗ

## ଯନ୍ତ୍ରୀ, ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି



**ସିନାପାଲି (ଅମୃତ ମିଡିଆ) :** ସିନାପାଲି ବ୍ଲକ ଅନ୍ତର୍ଗତ ନୂଆପଡ଼ା ପଞ୍ଚାୟତ ସ୍ଥିତ ପତିଆଲ ପଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ନିର୍ମିତ ସାଇକେଲ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ବିଭାଗୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀ ମିଳିମିଶି ଅର୍ଥ ଆତ୍ମସାତ କରିଥିବା ଜଣାପଡ଼ିଛି। ଏନେଇ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ତଥା ପରିଚାଳନା କମିଟି ଓ ଅଭିଭାବକଙ୍କ ପକ୍ଷରୁ ଦାବି ହେଉଛି। ପ୍ରାପ୍ତ ସୂଚନା ଅନୁଯାୟୀ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ସାଇକେଲ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ହୋଇଥିଲା। ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଯୋଜନାରୁ ୧ଲକ୍ଷ ୬୦ ହଜାର ୭୭୦ ଟଙ୍କା ଅଟକଳ ମୂଲ୍ୟ ମଞ୍ଜୁର ହୋଇଥିଲା। ହେଲେ ସାଇକେଲ ଷ୍ଟାଣ୍ଡ ନିର୍ମାଣ ନାଁରେ ବିଭାଗୀୟ ଅଧିକାରୀ,ଯନ୍ତ୍ରୀ ଏବଂ ଠିକାଦାର ମିଳିମିଶି ଅର୍ଥ ଆତ୍ମସାତ କରିଥିବା ଜଣାପଡ଼ିଛି। ଉକ୍ତ ସାଇକେଲ ଷ୍ଟାଣ୍ଡ ପାଇଁ ସ୍ୱତନ୍ତ୍ର ପିଲାର୍ ଓ କାନ୍ଥ ନିର୍ମାଣ କରି ଆଜବେଷ୍ଟସ ପକାଇ ନିର୍ମାଣ କରିବା ବ୍ୟବସ୍ଥା ରହିଥିଲା। ହେଲେ ସେହିଭଳି ନିର୍ମାଣ ରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ବିଦ୍ୟାଳୟର ପାଚେରୀ କାନ୍ଥ ଉପରେ ଲୁହା ପାଇପ ପକାଇ ଆଜବେଷ୍ଟସ ଦେଇ ସାଇକେଲ ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ତାହା ପୁଣି ନିମ୍ନମାନର ନିର୍ମାଣ କାର୍ଯ୍ୟ ହୋଇଥିବାରୁ ବର୍ଷ ନପୁରୁଣୁ ଆଜବେଷ୍ଟସ ଭାଙ୍ଗି ଗଲାଣି। ସାଇକେଲ ଷ୍ଟାଣ୍ଡ ରେ ସାଇକେଲ ରଖିବା ତ ଦୂର କଥା ବିପଦ ସଙ୍କୁଳ ଅବସ୍ଥାରେ ଥିବା ବେଳେ ତଳେ ଠିଆ ହେବାକୁ ମଧ ଛାତ୍ରଛାତ୍ରୀ ଭୟ କରୁଛନ୍ତି। ବର୍ତ୍ତମାନ ବିପସଙ୍କୁଳ ଅବସ୍ଥାରେ ରହିଛି। ସଂପୃକ୍ତ ଠିକାଦାର ଏହି ନିର୍ମାଣ କାର୍ଯ୍ୟ କଲା ବେଳେ ଯନ୍ତ୍ରୀ ଏବଂ ଅଧିକାରୀ କଣ କରୁଥିଲେ, ସଂପୃକ୍ତ ଠିକାଦାରଙ୍କୁ ତାଗିଦ୍ କଲେ ନାହିଁ କାହିଁକି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଠିକାଦାରଙ୍କ ସହ ମିଳିମିଶି ଯନ୍ତ୍ରୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ଥ ଆତ୍ମସାତ କରିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏନେଇ ସ୍ଥାନୀୟ ବିଦ୍ୟାଳୟ କର୍ତ୍ତୃପକ୍ଷ, ପରିଚାଳନା କମିଟି ତଥା ଅଭିଭାବକ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସଂପୃକ୍ତ ଯନ୍ତ୍ରୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ଥ ଆତ୍ମସାତ କରିବା ପରେ ଅନ୍ୟତ୍ର ବଦଳି ହୋଇ ଯାଇଥିବା ଜଣାପଡ଼ିଛି। ଘଟଣାର ତଦନ୍ତ କରି ସଂପୃକ୍ତ ଯନ୍ତ୍ରୀ ଏବଂ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ଏନେଇ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିବୁ ବୋଲି ବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷ ତଥା ଅଭିଭାବକ ମାନେ ପ୍ରକାଶ କରିଛନ୍ତି। ଏନେଇ ସ୍ଥାନୀୟ ପ୍ରଧାନ ଶିକ୍ଷକ ଗିରିଧାରୀ ମେହେରଙ୍କୁ ପଚାରିବାରୁ ସଂପୃକ୍ତ ଠିକାଦାର ଆମ କଥାକୁ କର୍ଣ୍ଣପାତ କଲେନାହିଁ। ତାଙ୍କ ମନମୁଖୀ କାମ କରି ପାଚେରୀ ଉପରେ ନିର୍ମାଣ କରିଦେଲେ ବୋଲି ପ୍ରକାଶ କରିଥିଲେ। ଏନେଇ ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣମୀ ମାଝୀଙ୍କୁ ପଚାରିବାରୁ ଯନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ଇଷ୍ଟିମେଟ୍ ଅନୁଯାୟୀ କାର୍ଯ୍ୟ କରିଥିବା କହିଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଘଟଣାର ତଦନ୍ତ କରି ସଂପୃକ୍ତ ଠିକାଦାର, ଯନ୍ତ୍ରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ହକ୍ ପାଇଁ ଲଢେଇ କରିବାକୁ ସଂକଳ୍ପ




କଳାହାଣ୍ଡି (ଅମୃତ ମିଡ଼ିଆ) : ନିଖିଳ ଓଡ଼ିଶା ସମ୍ପ୍ରସାରଣ ଅଧିକାରୀ ମହାସଂଘ (ଇଙରଙଇ)ର ରାଜ୍ୟ ସଙ୍ଗଠନର ମାର୍ଗଦର୍ଶିକା ଅନୁଯାୟୀ କଳାହାଣ୍ଡି ଜିଲ୍ଲା ସ୍ତରୀୟ ସାଧାରଣ ପରିଷଦ ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଛି। ବୈଠକରେ ସଙ୍ଗଠନର ବିଭିନ୍ନ ସାଙ୍ଗଠନିକ ବିଷୟ ସହ ସମ୍ପ୍ରସାରଣ ଅଧିକାରୀମାନଙ୍କ ଦୀର୍ଘଦିନର ୫ ଦଫା ପ୍ରମୁଖ ଦାବି ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ବୈଠକରେ ପ୍ରାରମ୍ଭିକ ପେ-ଲେଭଲ୍-୧୦କୁ ବୃଦ୍ଧି, କ୍ଷେତ୍ର କାର୍ଯ୍ୟ ପାଇଁ ସରକାରୀ ଗାଡ଼ି ସୁବିଧା, ବିଡିଓ ପଦବୀରେ ୫୦ ପ୍ରତିଶତ ସଂରକ୍ଷଣ, ସ୍ୱାସ୍ଥ୍ୟ ବୀମା ସୁବିଧା ଏବଂ ସହଯୋଗୀ କର୍ମଚାରୀ ନିଯୁକ୍ତି ଭଳି ପାଞ୍ଚଟି ମୁଖ୍ୟ ଦାବିକୁ ସରକାରଙ୍କ ନିକଟରେ ଦୃଢ଼ତାର ସହ ଉପସ୍ଥାପନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଆସନ୍ତା ଅଗଷ୍ଟ ୫ ତାରିଖରେ ବ୍ଲକ ସ୍ତରରେ ଏବଂ ଅଗଷ୍ଟ ୬ ତାରିଖରେ ଜିଲ୍ଲା ସ୍ତରରେ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ଯଦି ସରକାର ପକ୍ଷରୁ ଦାବିଗୁଡ଼ିକର ସକାରାତ୍ମକ ସମାଧାନ କରାନଯାଏ, ତେବେ ସଙ୍ଗଠନ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ବୈଠକରେ ଚେତାବନୀ ଦିଆଯାଇଛି। ଏହି ଅବସରରେ ସର୍ବସମ୍ମତି କ୍ରମେ ନୂତନ ଜିଲ୍ଲା କାର୍ଯ୍ୟକାରିଣୀ ଗଠନ କରାଯାଇଛି। ଗଣପତି ତାଣ୍ଡି ଜିଲ୍ଲା ସଭାପତି, ହିମାଂଶୁ ରଞ୍ଜନ ବଳ ଉପସଭାପତି, ଅରବିନ୍ଦ ମହାପାତ୍ର ସାଧାରଣ ସମ୍ପାଦକ, ଲକ୍ଷ୍ମୀକାନ୍ତ ପ୍ରଧାନ ଯୁଗ୍ମ ସମ୍ପାଦକ ଏବଂ ଶୁଭଜିତ ରଞ୍ଜନ ସ୍ୱାଇଁ କୋଷାଧକ୍ଷ ଭାବେ ଚୟନ ହୋଇଛନ୍ତି। ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏବଂ ଯୋଗାଣ ନିରୀକ୍ଷକ କ୍ୟାଡରର ସମ୍ପ୍ରସାରଣ ଅଧିକାରୀମାନେ ବହୁ ସଂଖ୍ୟାରେ ଯୋଗଦେଇ ନିଜ ହକ୍ ଓ ଅଧିକାର ହାସଲ ପାଇଁ ଏକଜୁଟ ହୋଇ ସଂଘର୍ଷ କରିବାକୁ ସଂକଳ୍ପ ନେଇଥିଲେ। ସଙ୍ଗଠନର ନେତୃବୃନ୍ଦ କହିଛନ୍ତି ଯେ, ସମ୍ପ୍ରସାରଣ ଅଧିକାରୀମାନେ ସରକାରୀ ଯୋଜନାକୁ ତୃଣମୂଳ ସ୍ତରରେ ସଫଳ ରୂପାୟନ କରିବାରେ ମୁଖ୍ୟ ଭୂମିକା ନେଉଥିବା ସତ୍ତ୍ୱେ ଦୀର୍ଘଦିନ ଧରି ସେମାନଙ୍କ ନ୍ୟାୟସଙ୍ଗତ ଦାବି ଅଣଦେଖା ହୋଇଆସୁଛି। ତେଣୁ ସରକାର ତୁରନ୍ତ ସେମାନଙ୍କ ଦାବି ପ୍ରତି ସକାରାତ୍ମକ ପଦକ୍ଷେପ ନେବା ଆବଶ୍ୟକ ବୋଲି ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

# ସିନାପାଲି ସହରରେ ଡ୍ରେନେଜ ସମସ୍ୟା ଉତ୍କଟ

## ରାସ୍ତା କବ୍ଜାକୁ ନେଇ ଜନ ଅସନ୍ତୋଷ



**ସିନାପାଲି (ଅମୃତ ମିଡିଆ) :** ସିନାପାଲି ବ୍ଲକ ସଦର ମହକୁମା ସିନାପାଲି ସହରରେ ଡ୍ରେନେଜ୍ ସମସ୍ୟା ଉତ୍କଟ ରୂପ ନେଇ ଥିବା ବେଳେ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଛି। ସହର ସ୍ଥିତ ହନୁମାନ ମନ୍ଦିର ଛକ ଦେଇ ପତଞ୍ଜଳି ଆରୋଗ୍ୟ କେନ୍ଦ୍ର ଦେଇ ଯାଉଥିବା ଡ୍ରେନ ମାଧ୍ୟମରେ ସହରର ମଇଳା ପାଣି ସହିତ ବର୍ଷା ପାଣି ନିଷ୍କାସନ ହୋଇ ଆସୁଥିଲା। କିନ୍ତୁ କିଛି ବ୍ୟବସାୟୀ ନିଜ ଦୋକାନ ସାମନାରେ ଯାଇଥିବା ଡ୍ରେନ ଉପରେ ଅନଧିକାର ସ୍ଲାପ ତିଆରୀ କରି ସେଠାରେ ମୂଖ୍ୟ ରାସ୍ତା ଉପରେ ବାଲି ଓ ଚିପ୍ସ, ସହିତ ଅନ୍ୟାନ୍ୟ ସାମଗ୍ରୀ ଗଦା କରି ରଖୁଥିବା ଅଭିଯୋଗ ହେଉଛି। ଏହା ସହିତ ଏଠାକାର ବର୍ଜ୍ୟ ବସ୍ତୁ ଡ୍ରେନରେ ପଡ଼ି ପୋତି ହୋଇଛି। ଏଠାରେ ଥିବା ନଳକୂପ ଉପରେ ପାନୀୟ ଜଳ ପାଇଁ ପ୍ରାୟ ୫୦ଟି ପରିବାର ନିର୍ଭର କରୁଥିବା ବେଳେ ବର୍ତ୍ତମାନ ଏହା ଡ୍ରେନର ମଇଳା ପାଣି ଓ ଆବର୍ଜନାରେ ପୂର୍ଣ୍ଣ ହୋଇଛି। ଯାହା ଫଳରେ ସହରର ପାଣି ନିଷ୍କାସନ ହୋଇ ନ ପାରିବା ସହିତ। ସ୍ଥାନୀୟ ଲୋକେ ନଳକୂପ ବ୍ୟବହାର କରି ପାରୁ ନାହାଁନ୍ତି। ଲୋକଙ୍କ ଜୀବନ ଯାତ୍ରା ବ୍ୟାହତ ହୋଇଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ବୁଦ୍ଧିଜୀବୀ ଗୋଷ୍ଠି ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ଠାରେ ଅଭିଯୋଗ କରିଛନ୍ତି। ସିନାପାଲି ନଗରିକ କମିଟି ପକ୍ଷରୁ ସ୍ଥାନୀୟ ଥାନାଧିକାରୀଙ୍କୁ ମଧ ଅବଗତ କରାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ସ୍ଥାନୀୟ ଅତିରିକ୍ତ ତହସିଲଦାର ତଦନ୍ତ କରି ଫେରି ଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ ବୋଲି ସାଧରଣରେ ପ୍ରକାଶ କରୁଛନ୍ତି। ଅନ୍ୟ ପକ୍ଷରେ ସଂପୃକ୍ତ ରାସ୍ତା ପିଡବ୍ଲୁଡି ଅଧୀନରେ ଥିବା ହେତୁ ଏ ସଂକ୍ରାନ୍ତରେ ଆମେ ବିଡିଓଙ୍କୁ ଜଣାଇ ଦେଇଛୁ ବୋଲି ଅତିରିକ୍ତ ତହସିଲଦାର ମନୋରଞ୍ଜନ କେରକେଟା ପ୍ରକାଶ କରିଛନ୍ତି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଲୋଇସିଂହାର ବିଭିନ୍ନ ଜଳବନ୍ଦୀ ପ୍ରଭାବିତ ଗ୍ରାମ ପରିଦର୍ଶନ



**ବଲାଙ୍ଗୀର (ଅମୃତ ମିଡିଆ) :** ଆଜି ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ବଲାଙ୍ଗୀର ଲୋଇସିଂହାର ବିଭିନ୍ନ ଅଞ୍ଚଳରେ ଅତ୍ୟଧିକ ବର୍ଷା ଯୋଗୁଁ ଜଳବନ୍ଦୀରେ ପ୍ରଭାବିତ ଗ୍ରାମଗୁଡ଼ିକୁ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି। ଜଳବନ୍ଦୀ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଆଶ୍ୱାସନ ଦେଇଛନ୍ତି। ଗସ୍ତ ସମୟରେ ମାନ୍ୟବର ମନ୍ତ୍ରୀ ଜଳମଗ୍ନ ଅଞ୍ଚଳ ପାଦରେ ଚାଲି ସ୍ଥିତିର ପ୍ରତ୍ୟକ୍ଷ ଅନୁଧ୍ୟାନ କରିଥିଲେ। ବିପଦପୂର୍ଣ୍ଣ ପରିସ୍ଥିତି ସତ୍ତ୍ୱେ ସେ ପ୍ରଭାବିତ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ଦୈନନ୍ଦିନ ସମସ୍ୟା, ଖାଦ୍ୟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ମାନ୍ୟବର ମନ୍ତ୍ରୀ ପ୍ରଭାବିତ ଲୋକମାନେ ଯେପରି ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ରାଜ୍ୟ ସରକାର ପ୍ରଭାବିତ ଲୋକଙ୍କ ସହ ସର୍ବଦା ଛିଡ଼ା ହୋଇ ରହିଛନ୍ତି ଏବଂ ସେମାନଙ୍କ ସୁରକ୍ଷା ଓ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ। ଗସ୍ତ ସମୟରେ ଉପସ୍ଥିତ ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ମାନ୍ୟବର ମନ୍ତ୍ରୀ ସ୍ଥିତିର ସମୀକ୍ଷା କରିଥିଲେ। ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଔଷଧ, ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଏବଂ ରୋଗ ନିରାକରଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମବାସୀମାନେ ମାନ୍ୟବର ମନ୍ତ୍ରୀଙ୍କୁ ନିଜ ମଧ୍ୟରେ ପାଇ ସେମାନଙ୍କ ବିଭିନ୍ନ ସମସ୍ୟା ଜଣାଇଥିଲେ। ମନ୍ତ୍ରୀ ସେମାନଙ୍କ ଅଭିଯୋଗ ଓ ଆବଶ୍ୟକତା ଧୈର୍ଯ୍ୟର ସହ ଶୁଣି ସମ୍ଭବ ଶୀଘ୍ର ସମାଧାନ ପାଇଁ ପ୍ରଶାସନକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ପୁଇଁତଲା ବ୍ଲକର କୁଳେରବାହାଲୀ, ଲସ୍ତଲା, ଲୋଇସିଂହା ବ୍ଲକର ସେମେଲମୁଣ୍ଡା, ଲୋଇସିଂହା ଘଇଉ, ଆଗଲପୁର ବ୍ଲକର ଡୁଙ୍ଗୁରିପାଲି, ରଫାଖାଳ, ବିନ୍ଧାପାଲି, କଣ୍ଟିପାଲି, ବାଇଗଣଖାରି ଛକ, ବାବୁସଡ଼, ଲାଟସର ଗାଁ ବୁଲି ଦେଖିଛନ୍ତି। ତାଙ୍କର ଏହି ଗସ୍ତ ବେଳେ ଜିଲ୍ଲାପ୍ରଶାସନ ଏବଂ ବ୍ଲକ ପ୍ରଶାସନ ଅଧିକାରୀ ଉପସ୍ଥିତ ଥିଲେ।



# ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତିର ସମୀକ୍ଷା କଲେ ବିଧାୟକ



ବଙ୍ଗୋମୁଣ୍ଡା (ଅମୃତ ମିଡିଆ) : ଲଗାଣ ବର୍ଷା ଓ ବନ୍ୟାଜଳ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳ ଗୁଡ଼ିକର ସ୍ଥିତି ପରଖିବା ପାଇଁ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଆଜି ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଝଲପ ପଞ୍ଚାୟତ ର ମମିଆ ଓ ସାଲେବରଟ, ଭୁସଲାଡ଼ ପଞ୍ଚାୟତର ଭୁଷଲାଡ଼, ପରୁଆଭାଡ଼ି, ସିନ୍ଧେକେଲା ପଞ୍ଚାୟତ ପୁଟୁପଡ଼ା, ତେଲସରାଇ ଓ ଭତାସର ଗ୍ରାମ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସେ ବନ୍ୟା ପ୍ରଭାବିତ ପରିବାରମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିବା ସହ ଘରବାଡ଼ି, ଚାଷଜମି ଏବଂ ଗ୍ରାମୀଣ ରାସ୍ତାଘାଟର ହୋଇଥିବା କ୍ଷୟକ୍ଷତି ର ସମୀକ୍ଷା କରିଥିଲେ। ସମ୍ପୃକ୍ତ ଅଧିକାରୀ ମାନଙ୍କୁ କ୍ଷତିର ସଠିକ୍ ଆକଳନ କରି ଶୀଘ୍ର ରିଲିଫ୍ ଓ ସରକାରୀ ସହାୟତା ପ୍ରଦାନ କରିବା ସହ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଶ୍ରୀ ବାଗ କହିଥିଲେ ଯେ, ବନ୍ୟା ପ୍ରଭାବିତ ଲୋକଙ୍କ ସହ ସରକାର ସବୁବେଳେ ରହିଛନ୍ତି ଏବଂ କୌଣସି ପ୍ରଭାବିତ ପରିବାର ସରକାରୀ ସହାୟତାରୁ ବଞ୍ଚିତ ହେବେ ନାହିଁ। ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ବୋଲି ସେ ପ୍ରକାଶ କରିଥିଲେ। ତାଙ୍କ ସହ ବଙ୍ଗୋମୁଣ୍ଡା ତହସିଲଦାର ଜ୍ୟୋତ୍ସ୍ନା ମାଝୀ, ବଙ୍ଗୋମୁଣ୍ଡା ବିଡ଼ିଓ ନିତୁଶ୍ରୀ ମେହେର, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଭୋଳାନାଥ ବେହେରାଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ପ୍ରାରମ୍ଭିକ ନିଯୁକ୍ତ ସ୍ନାତକ ପ୍ରଶିକ୍ଷିତ ଶିକ୍ଷକଙ୍କ ସିନିଅରିଟି ସୁରକ୍ଷା ଦାବିରେ ବିଇଓଙ୍କୁ ସ୍ମାରକପତ୍ର

**ବଙ୍ଗୋମୁଣ୍ଡା (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ର ପ୍ରାରମ୍ଭିକ ନିଯୁକ୍ତ ସ୍ନାତକ ପ୍ରଶିକ୍ଷିତ ଶିକ୍ଷକ (ଶ୍ରେଣୀ-୨) ସଂଘ ପକ୍ଷରୁ ଓଡ଼ିଶା ପ୍ରାଥମିକ ଶିକ୍ଷା କ୍ୟାଡର ନିୟମାବଳୀ, ୧୯୯୭ ଏବଂ ଓଡ଼ିଶା ପ୍ରାଥମିକ ଶିକ୍ଷା କ୍ୟାଡର ନିୟମାବଳୀ, ୨୦୧୯ ର ନିୟମ-୧୫ ଅନୁଯାୟୀ ସିନିଅରିଟି ନିର୍ଦ୍ଧାରଣ ସମ୍ପର୍କିତ ଏକ ସ୍ମାରକପତ୍ର ବଙ୍ଗୋମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ ପଢ଼ିଆରୀ ଙ୍କୁ ପ୍ରଦାନ କରାଯାଇଛି।ସଂଘ ପକ୍ଷରୁ କୁହାଯାଇଛି ଯେ, ଶ୍ରେଣୀ-୫(ବି) ଶ୍ରେଣୀ-୨ ପଦକୁ ପଦୋନ୍ନତି ପାଇଁ ପ୍ରକାଶିତ ଅସ୍ଥାୟୀ ଗ୍ରାଡେସନ୍ ତାଲିକାରେ ସିନିଅରିଟି ନିର୍ଦ୍ଧାରଣ ବେଳେ କେତେକ ଅସଙ୍ଗତି ଦେଖିବାକୁ ମିଳିଛି। ସଂଘର ଅଭିଯୋଗ ଅନୁଯାୟୀ, ପ୍ରାରମ୍ଭିକ ନିଯୁକ୍ତି ସମୟରୁ ସ୍ନାତକ ପ୍ରଶିକ୍ଷିତ ଶିକ୍ଷକ (ଶ୍ରେଣୀ-୨) ଭାବେ କାର୍ଯ୍ୟରତ ଶିକ୍ଷକମାନଙ୍କ ତୁଳନାରେ, ପ୍ରଥମେ ଶ୍ରେଣୀ-୧ରେ ନିଯୁକ୍ତି ପାଇ ପରବର୍ତ୍ତୀ ସମୟରେ ସ୍ନାତକ, ବି.ଏଡ୍./ସି.ଟି. ଏବଂ ଓଟିଇଟି-୨ ଯୋଗ୍ୟତା ଅର୍ଜନ କରିଥିବା କେତେକ ଶିକ୍ଷକଙ୍କୁ ଅଧିକ ସିନିଅରିଟି ପ୍ରଦାନ କରାଯାଇଛି।ସଂଘର କହିବା ଅନୁଯାୟୀ, ଏହି ବିଷୟରେ ଓଡ଼ିଶା ପ୍ରାଥମିକ ଶିକ୍ଷା କ୍ୟାଡର ନିୟମାବଳୀ, ୧୯୯୭ ଏବଂ ୨୦୧୯ ର ନିୟମ-୧୫ର ସଠିକ୍ ପ୍ରୟୋଗ ହୋଇଛି କି ନାହିଁ, ତାହାର ନିରପେକ୍ଷ ପୁନଃଯାଞ୍ଚ ଆବଶ୍ୟକ। ନଚେତ୍ ପ୍ରାରମ୍ଭିକ ନିଯୁକ୍ତ ସ୍ନାତକ ପ୍ରଶିକ୍ଷିତ ଶିକ୍ଷକମାନଙ୍କର ବୈଧ ସିନିଅରିଟି, ପଦୋନ୍ନତିର ସୁଯୋଗ ଏବଂ ସେବାଗତ ଅଧିକାର କ୍ଷୁଣ୍ଣ ହେବ। ସ୍ମାରକପତ୍ରରେ ଅସ୍ଥାୟୀ ଗ୍ରାଡେସନ୍ ତାଲିକାର ପୁନଃଯାଞ୍ଚ, ନିୟମ-୧୫ ଅନୁଯାୟୀ ସିନିଅରିଟି ପୁନଃ ନିର୍ଦ୍ଧାରଣ, ସମସ୍ତ ଆପତ୍ତିର ଚୂଡ଼ାନ୍ତ ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ପଦୋନ୍ନତି ପ୍ରକ୍ରିୟାକୁ ସ୍ଥଗିତ ରଖିବା, ଆବଶ୍ୟକ ହେଲେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ସ୍ପଷ୍ଟୀକରଣ ଆଣିବା ଏବଂ ଆପତ୍ତି ଉପରେ କାରଣଦର୍ଶାଉଥିବା ଲିଖିତ ଆଦେଶ ପ୍ରଦାନ କରିବାକୁ ଦାବି କରାଯାଇଛି। ସମ୍ପୃକ୍ତ କର୍ତ୍ତୃପକ୍ଷ ବିଷୟଟିକୁ ନିରପେକ୍ଷ ଭାବରେ ବିଚାର କରି ପ୍ରଚଳିତ ନିୟମ ଅନୁଯାୟୀ ନ୍ୟାୟସଙ୍ଗତ ପଦକ୍ଷେପ ଗ୍ରହଣ କରିବେ ଏବଂ ପ୍ରାରମ୍ଭିକ ନିଯୁକ୍ତ ସ୍ନାତକ ପ୍ରଶିକ୍ଷିତ ଶିକ୍ଷକମାନଙ୍କର ବୈଧ ସେବା ଅଧିକାରକୁ ସୁରକ୍ଷା ପ୍ରଦାନ କରିବେ ଅନୁରୋଧ କରାଯାଇଛି। ବଙ୍ଗୋମୁଣ୍ଡା ବ୍ଲକ ପ୍ରାରମ୍ଭିକ ନିଯୁକ୍ତ ସ୍ନାତକ ପ୍ରଶିକ୍ଷିତ ଶିକ୍ଷକ (ଶ୍ରେଣୀ-୨) ସଂଘ ର ଶିକ୍ଷକ ଜୟକୃଷ୍ଣ ମେହେର,ଡୋଳେନ୍ଦ୍ର ମେହେର, ଖିତପତି ମେହେର, ବିଜୟ ମେହେର, ସୁରେଶ ସୁନ୍ଦରା, ଭାସ୍କର ଚନ୍ଦ୍ର ପ୍ରଧାନ, ଦିଲ୍ଲୀପ ପ୍ରଧାନ, ତପନ ବିଶ୍ୱାଳ, ଖୁସିରାମ କାଣ୍ଡ, ନିକେରାମ ମେହେର, ଦନାର୍ଦ୍ଦନ ମହାପାତ୍ର, କୁମର ମେହେର ସହ ଅନ୍ୟମାନେ ଉପସ୍ଥିତ ଥିଲେ।







# ଗରିବଙ୍କ ସଂସାର ଉଜାଡ଼ିଦେଲେ ୨୦ ଟିକିଆ ହାତୀପଲ

## ଖୋଲା ଆକାଶ ତଳେ ୫ ପ୍ରାଣୀ; ୨୪ ଘଣ୍ଟା ପରେ ବି ପହଞ୍ଚିଲେନି ରେଞ୍ଜ ଅଧିକାରୀ



**ବାରିପଦା /ସାହାରପଡ଼ା(ଅମୃତମିଡିଆ):** କେନ୍ଦୁଝର ବନଖଣ୍ଡ, ପାଟଣା ବନାଞ୍ଚଳ, ଖିରେଇଟାଙ୍ଗିରି ଗ୍ରାମ ପଞ୍ଚାୟତର ଡଳଙ୍ଗ ଗ୍ରାମରେ ପ୍ରାୟ ୨୦ ଟିକିଆ ହାତୀପଲ ଆତଙ୍କ ସୃଷ୍ଟି କରି ଜୟକୃଷ୍ଣ ମୁଣ୍ଡାଙ୍କ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି । ମାତ୍ର କିଛି ମୁହୂର୍ତ୍ତରେ ମାଟିଘର ଧ୍ୱଂସସ୍ତୂପରେ ପରିଣତ ହୋଇଥିବା ବେଳେ ଘରେ ଥିବା ଆସବାବପତ୍ର, ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି । ଫଳରେ ପାଞ୍ଚ ଜଣିଆ ପରିବାର ଆଜି ଖୋଲା ଆକାଶ ତଳେ ଦିନ କାଟିବାକୁ ବାଧ୍ୟ ହୋଇଛନ୍ତି । ଖବର ପାଇ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ପରିବାର ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ପରେ ଖିରେଇଟାଙ୍ଗିରି ବନପାଳ ଘଟଣାସ୍ଥଳରେ ପହଞ୍ଚି ଟର୍ଚ୍ଚ ଲାଇଟ, ରାସନ ସାମଗ୍ରୀ ଯୋଗାଇବା ସହ ରାତ୍ରିଯାପନ ପାଇଁ ଅସ୍ଥାୟୀ ବ୍ୟବସ୍ଥା କରିଥିଲେ । କଣ୍ଟିଆପଡା ଆ ?ଆଇ ଶିବ ପ୍ରସାଦ ମହାନ୍ତ ମଧ୍ୟ ପହଞ୍ଚି ପଲିଥିନ ପ୍ରଦାନ କରି ସହଯୋଗର ହାତ ବଢ଼ାଇଥିଲେ । ତେବେ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଘଟଣାର ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପାଟଣା ରେଞ୍ଜ ଅଧିକାରୀ ଘଟଣାସ୍ଥଳକୁ ପହଞ୍ଚି ନାହାନ୍ତି କିମ୍ବା କ୍ଷତିଗ୍ରସ୍ତ ପରିବାରକୁ କୌଣସି ଆଶ୍ୱାସନା ଦେଇ ନାହାନ୍ତି । ସମ୍ପୂର୍ଣ୍ଣ ଘର ଭାଙ୍ଗିଯାଇଥିବାରୁ ଜୟକୃଷ୍ଣ ମୁଣ୍ଡାଙ୍କ ପକ୍ଷରେ ପୁଣି ଘର ନିର୍ମାଣ କରିବା ଅସମ୍ଭବ ହୋଇପଡ଼ିଛି । ବର୍ଷା ଋତୁରେ ଛୋଟ ଛୋଟ ପିଲାଙ୍କୁ ନେଇ ଏହି ପରିବାର ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି । ସ୍ଥାନୀୟ ଲୋକଙ୍କ ଦାବି, ଜିଲ୍ଲା ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ କ୍ଷତିପୂରଣ, ସ୍ଥାୟୀ ସରକାରୀ ଆବାସ, ଆର୍ଥିକ ସହାୟତା ଓ ଆବଶ୍ୟକ ରିଲିଫ୍ ପ୍ରଦାନ କରନ୍ତୁ । ଏଭଳି ଦୁର୍ଦ୍ଦିନରେ ଜଣେ ଅସହାୟ ପରିବାରକୁ କେବଳ ସହାନୁଭୂତି ନୁହେଁ, ତୁରନ୍ତ ପ୍ରଶାସନିକ ପଦକ୍ଷେପ ହିଁ ନୂଆ ଜୀବନର ଭରସା ଦେଇପାରିବ ବୋଲି ସାଧାରଣରେ ଦାବି ଜୋର ଧରିଛି ।

# ରାସ୍ତା ନ ଥିବାରୁ ଅଧାବାଟରେ ଅଟକିଲା ଆମ୍ବୁଲାନ୍ସ

## ୨ କିଲୋମିଟର ଖଟିଆରେ ବୁହାହେଲେ ରୋଗୀ



**ବାରିପଦା(ଅମୃତମିଡିଆ):** ସରକାରଙ୍କ ବିକାଶର ଦାବି ଯେତେ ବଡ଼, ଗ୍ରାମାଞ୍ଚଳର ବାସ୍ତବ ଚିତ୍ର ସେତେ ଭିନ୍ନ । ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକର ଘୋଳମୁହାଁ ପଞ୍ଚାୟତ ଅନ୍ତର୍ଗତ ଠେଙ୍ଗାଡାଣ୍ଡି ଗାଁର ଚିରିଲଡିହିରେ ରାସ୍ତାର ଶୋଚନୀୟ ଅବସ୍ଥା ପାଇଁ ଗାଁକୁ ପହଞ୍ଚି ପାରିଲା ନାହିଁ ଆମ୍ବୁଲାନ୍ସ । ଫଳରେ ଜଣେ ଅସୁସ୍ଥ ରୋଗୀଙ୍କୁ ପ୍ରାୟ ଦୁଇ କିଲୋମିଟର ଖଟିଆରେ ବୋହି ଆଣିବାକୁ ପଡ଼ିଲା । ଏହି ଘଟଣା ପୁଣିଥରେ ଗ୍ରାମୀଣ ଭିତ୍ତିଭୂମି ବିକାଶ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହା ହେଉଛି ମୋରଡା ବ୍ଲକର ଘୋଳମୁହାଁ ପଞ୍ଚାୟତ ଅନ୍ତର୍ଗତ ଚିରିଲଡିହିକୁ ଯାଇଥିବା ରାସ୍ତାର ଚିତ୍ର । ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ କାଦୁଅରେ ପରିଣତ ହୋଇଥିବା ଏହି ରାସ୍ତାରେ ଚଳାଚଳ କରିବା ଅସମ୍ଭବ ହୋଇପଡ଼ିଛି । ଜରୁରୀ ଚିକିତ୍ସା ପାଇଁ ଆସିଥିବା ୧୦୮ ଆମ୍ବୁଲାନ୍ସ ମଧ୍ୟ ଗାଁରେ ପହଞ୍ଚିବା ପୂର୍ବରୁ ରାସ୍ତାରେ ଅଟକି ଯାଇଥିଲା । ଉପାୟ ନପାଇ ଆମ୍ବୁଲାନ୍ସ କର୍ମଚାରୀ ଓ ରୋଗୀଙ୍କ ପରିବାର ଲୋକେ ମିଶି ରୋଗୀଙ୍କୁ ଖଟିଆରେ ଶୁଆଇ ପ୍ରାୟ ଦୁଇ କିଲୋମିଟର ବୋହି ଆଣିଥିଲେ । ବହୁ କଷ୍ଟରେ ରୋଗୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଞ୍ଚାଇ ହସ୍ପିଟାଲକୁ ନିଆଯାଇଥିଲା । ଏହି ଦୃଶ୍ୟ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବା ଓ ଯୋଗାଯୋଗ ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ସାମ୍ନାକୁ ଆଣିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ, ବର୍ଷ ବର୍ଷ ଧରି ରାସ୍ତା ନିର୍ମାଣ ପାଇଁ ଦାବି କରାଯାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ । ପ୍ରତିବର୍ଷ ବର୍ଷା ଦିନେ ଗାଁର ଯୋଗାଯୋଗ ବିଚ୍ଛିନ୍ନ ହୋଇପଡୁଛି । ଏହାର ସବୁଠାରୁ ବଡ଼ ପ୍ରଭାବ ପଡୁଛି ରୋଗୀ, ଗର୍ଭବତୀ ମହିଳା ଓ ବୃଦ୍ଧମାନଙ୍କ ଉପରେ । ଏହି ଘଟଣା ପରେ ପ୍ରଶ୍ନ ଉଠୁଛି—ଯଦି ରୋଗୀଙ୍କ ଅବସ୍ଥା ଅଧିକ ଗୁରୁତର ଥାଆନ୍ତା, ତେବେ ତାହାର ଦାୟିତ୍ୱ କିଏ ନେଇଥାନ୍ତା ? ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ଦାବି ମଧ୍ୟରେ ଆଜି ବି ଗାଁର ଲୋକେ ମୌଳିକ ସଡ଼କ ସୁବିଧାରୁ ବଞ୍ଚିତ । ଏବେ ଦେଖିବାକୁ ବାକି ରହିଲା, ଏହି ଘଟଣା ପରେ ପ୍ରଶାସନ କେତେ ଶୀଘ୍ର ରାସ୍ତା ସମସ୍ୟାର ସମାଧାନ କରୁଛି ।

# ବାରିପଦା ଶାଖା ବିବେକାନନ୍ଦ କେନ୍ଦ୍ରରେ ଗୁରୁ ପୂର୍ଣ୍ଣିମା



**ବାରିପଦା (ଅମୃତମିଡିଆ):** ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ବାରିପଦା ଶାଖା କାର୍ଯ୍ୟାଳୟରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି । ଆଷାଢ଼ ପୂର୍ଣ୍ଣିମାରେ ବେଦ,ଉପବେଦ,ପୁରାଣ ପ୍ରଭୃତି ଅସରନ୍ତି ଜ୍ଞାନର ସଂକଳକ ମହର୍ଷି ବ୍ୟାସଦେବଙ୍କ ପୁଣ୍ୟ ଜନ୍ମତିଥିକୁ ମହାନ ଭାରତୀୟ ପରମ୍ପରାରେ ଗୁରୁ ପୂର୍ଣ୍ଣିମା ଭାବେ ପାଳନ କରାଯାଇଥାଏ । ସେହି ମହାନ ମନୀଷୀଙ୍କ ମାନସ ସନ୍ତାନ ହେଉଛି ଯୁଗ ଯୁଗର ପ୍ରଚଳିତ ଗୁରୁ-ଶିଷ୍ୟର ପବିତ୍ର ପରମ୍ପରା । ବାରିପଦା ଶାଖାର ନଗର ସଂଚାଳକ ସନ୍ଦୀପ କୁମାର ଚାନ୍ଦଙ୍କ ପୌରହିତ୍ୟରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମରେ ଡକ୍ଟର ପାର୍ଥସାରଥୀ ଜେନା ଓ ପଣ୍ଡିତ ଭାଗବତ ପଣ୍ଡା ପ୍ରବଚକ ଭାବେ ଯୋଗଦାନ କରି ଏହି ଗୁରୁ ଶିଷ୍ୟ ପରମ୍ପରାର ସୃଷ୍ଟି, ପ୍ରଚଳନ ଓ ସଂରକ୍ଷଣ ସମ୍ପର୍କରେ ସାରଗର୍ଭକ ମାର୍ଗଦର୍ଶନ କରିଥିଲେ । କେନ୍ଦ୍ରର ଓଡିଶା ପ୍ରାନ୍ତ ପ୍ରମୁଖ ଅନୀଲ କୁମାର କର ବିବେକାନନ୍ଦ କେନ୍ଦ୍ରର ଆଦର୍ଶଗତ ବିଚାରଧାରା ଦୃଷ୍ଟିକୋଣରୁ ଗୁରୁ ପୂର୍ଣ୍ଣିମାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ବାରିପଦା ଶାଖାର ନଗର ପ୍ରମୁଖ ଶିବଶଙ୍କର ଗିରି ମଞ୍ଚ ପରିଚାଳନା କରିଥିବା ବେଳେ ସହ ନଗର ପ୍ରମୁଖ ଡ଼ଃ ସିଦ୍ଧେଶ୍ୱର ପଣ୍ଡା ଆବାହନୀ ମନ୍ତ୍ର, ସହ ନଗର ସଂଚାଳିକା କ୍ଷଣପ୍ରଭା ପଟ୍ଟନାୟକ ଗୁରୁ ବନ୍ଦନା ଓ କାର୍ଯ୍ୟାଳୟ ପ୍ରମୁଖ ଡ଼ଃ ସନ୍ଦୀପ କୁମାର ପଟ୍ଟନାୟକ ଗୁରୁ ସ୍ତୋତ୍ର ଗାନ କରିଥିଲେ । ଶେଷରେ ପୂର୍ବତନ ସଂଚାଳିକା ତଥା ବାରିପଦା ଶାଖାର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟା ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ ପ୍ରବଚକ ମାନଙ୍କୁ ପୁସ୍ତକ ଉପହାର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ।

# ମୋରଡ଼ା ନିର୍ବାଚନ ମଣ୍ଡଳୀ ବିଏଲଏ -୨ ମାନଙ୍କର ପ୍ରଶିକ୍ଷଣ ଶିବିର

**ବାରିପଦା(ଅମୃତମିଡିଆ):** ମୋରଡା ନିର୍ବାଚନ ମଣ୍ଡଳୀ ବିଏଲଏ -୨ ମାନଙ୍କ ଏକ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ପ୍ରଦେଶ କଂଗ୍ରେସ ତରଫରୁ ଏସଆଇଆର ପ୍ରକ୍ରିୟାରେ ତାଲିମ ଦେଉଥବା ବରିଷ୍ଠ କଂଗ୍ରେସ ନେତା ମାନସ କର ଉପସ୍ଥିତ ରହି ମୋରଡା ନିର୍ବାଚନ ମଣ୍ଡଳୀର ପ୍ରତି ବୁଥରୁ ଆସିଥିବା ବିଏଲଏ -୨ ମାନଙ୍କୁ ପ୍ରଶିକ୍ଷଣ ସେବା ସହିତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହେଉଥ ?ବା ନୂତନ ଭୋଟର ତାଲିକାରେ କୌଣସି ଜଣେବି ସାଧାରଣ ଭୋଟରଙ୍କ ନାମ ଯେପରି ବାଦ ନପଡେ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏସଆଇଆର ପ୍ରକ୍ରିୟାକୁ ଲୋକାଭିମୁଖୀ କରିବା ପାଇଁ ଭୋଟର ତାଲିକା ସଂଶୋଧନରେ ସ୍ୱଚ୍ଛତା ଆଣିବା ପାଇଁ ବିଏଲଏ -୨ ମାନଙ୍କର ପ୍ରଶିକ୍ଷଣ ଶିବିରକୁ ମୋରଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ବିଏଲଏ -୧ ପ୍ରଭାସ କର ମହାପାତ୍ର ଆୟୋଜନ କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା (ପୂର୍ବ) ମହିଳା କଂଗ୍ରେସ ସଭାପତି ରଶ୍ମିତା ମିଶ୍ର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସରୋଜ ନାଏକ, ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ମହମ୍ମଦ ନଜିରଉଲ ହକ ପ୍ରମୁଖ ଯୋଗଦେଇଥିଲେ । ଉକ୍ତ ପ୍ରଶିକ୍ଷଣ ଶିବିରରେ ୨୮୦ରୁ ଉର୍ଦ୍ଧ୍ୱ ବିଏଲଏ -୨ ଯୋଗ ଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ ।




# ଦାଦନ ଯାଇଥିବା ଶ୍ରମିକଙ୍କ ଚେନ୍ନାଇରେ ମୃତ୍ୟୁ

## ନଗରପାଳଙ୍କ ଅନୁରୋଧ ପରେ ଶବ ଆଣିବାକୁ ତତ୍ପରତା ଦେଖାଇଲା ପ୍ରଶାସନ



**ବାରିପଦା(ଅମୃତମିଡିଆ):** ବାରିପଦା ସହରର ୱାର୍ଡ ନଂ ୧୫, ପୂର୍ଣ୍ଣଚନ୍ଦ୍ରପୁର ନିବାସୀ ଉମାକାନ୍ତ ଗୋଛାୟତ ଜୀବିକା ନିର୍ବାହ ପାଇଁ ଦାଦନ ଶ୍ରମିକ ଭାବରେ ଚେନ୍ନାଇ ଯାଇଥିବା ବେଳେ, ସେଠାରେ କାମ କରୁଥିବା ଅବସ୍ଥାରେ ଦୁର୍ଘଟଣା ଘଟି ତାଙ୍କର ମୃତ୍ୟୁ ଘଟିଛି । ତେବେ ଆଜି ତାଙ୍କର ଅକାଳ ମୃତ୍ୟୁ ଖବର ଶୁଣି ତାଙ୍କ ପରିବାରବର୍ଗ ଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଥିଲା । ଉମାକାନ୍ତ ଗୋଛାୟତ ଅତ୍ୟନ୍ତ ଗରିବ ପରିବାରର ହୋଇଥିବାରୁ ତାଙ୍କ ମୃତ ଦେହ ସୁଦୂର ଚେନ୍ନାଇରୁ ଆଣିବା ସମ୍ଭବପର ହୋଇନଥିବାରୁ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଗୋଛାୟତ ତଥା ପରିବାରବର୍ଗ, ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତି ଙ୍କ ସହ ମିଶି ବାରିପଦା ନଗରପାଳ କୃଷ୍ଣା ନନ୍ଦ ମହାନ୍ତିଙ୍କୁ ସହାୟତା ପାଇଁ ଜଣାଇବାରୁ ନଗରପାଳଙ୍କ ତତ୍ତ୍ୱାବଧାନରେ ପରିବାର ବର୍ଗ ଜିଲ୍ଲାପାଳ ହେମକାନ୍ତ ସୟ ଙ୍କୁ ସାକ୍ଷାତ କରି ଜିଲ୍ଲା ପ୍ରଶାସନ ପକ୍ଷରୁ ମୃତ ଦେହ ଆଣିବାର ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଥିଲେ । ତେବେ ଜିଲ୍ଲାପାଳ ଘଟଣାକୁ ଗୁରୁତ୍ୱ ର ସହ ନେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷାଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା



**ବାରିପଦା / କରଞ୍ଜିଆ(ଅମୃତମିଡିଆ):** ରଞ୍ଜିଆ ବ୍ଲକ, କୁଳିପୋଷି ପଂଚାୟତ ଅନ୍ତର୍ଗତ କାଦଡିହା ସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ରେ ଅଧ୍ୟକ୍ଷା ଡ଼ଃ ଜ୍ୟୋତିର୍ମୟୀ ତ୍ରିପାଠୀ ଙ୍କ ଉଦେଶ୍ୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଦାୟକାଳୀନ ସଭା ଅନୁଷ୍ଠାନର ବରିଷ୍ଠ ଅଧ୍ୟାପକ ତଥା ପରବର୍ତ୍ତୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଥିବା ତପନ କୁମାର ବେହେରାଙ୍କ ସଭାପତିତ୍ୱରେ ସମ୍ପାଦିତ ହେଇଯାଇଛି । ଏହି ସଭାରେ ମଂଚାସୀନ ଅତିଥି ଭାବେ ବରିଷ୍ଠ ଓକିଲ ତଥା ପରିଚାଳନା କମିଟିର ପୂର୍ବତନ ସଦସ୍ୟ କୈଳାସ ଚନ୍ଦ୍ର ମହାନ୍ତ, ଅନୁଷ୍ଠାନର ଶିକ୍ଷା ବିଭାଗର ପୂର୍ବତନ ଅଧ୍ୟାପକ ବ୍ରଜମୋହନ ସାହୁ, ରାଜନୀତି ବିଜ୍ଞାନ ର ବରିଷ୍ଠ ଅଧ୍ୟାପକ ଜନ୍ମେଜୟ ଶତପଥି, ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଭାଗବତ ଲେଙ୍କା ଯୋଗଦାନ କରି ଡ଼ଃ ଜ୍ୟୋତିର୍ମୟୀ ତ୍ରିପାଠୀ ଙ୍କ କର୍ମମୟ ତଥା ଉତ୍ସର୍ଗୀକୃତ ଜୀବନୀ ସମ୍ପର୍କରେ ସ୍ତୁତିଚାରଣ କରିବା ସହିତ ତାଙ୍କର ଆଗାମୀ କର୍ମମୟ ଜୀବନୀ ଉଜ୍ଜ୍ୱଳମୟ ହେଉ ବୋଲି ଆଶାପ୍ରକାଶ କରିଥିଲେ । ଡ଼ଃ ଜ୍ୟୋତିର୍ମୟୀ ତ୍ରିପାଠୀ ତାଙ୍କ ଅବସରକାଳୀନ ବକ୍ତବ୍ୟରେ ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କୁ ତାଙ୍କ କାର୍ଯ୍ୟକାଳ ସମୟରେ ସହଯୋଗ କରିଥିବାରୁ ଧନ୍ୟବାଦ ପ୍ରଦାନ କରିବା ସହିତ ଅନୁଷ୍ଠାନର ଗର୍ବ ଓ ଗୌରବ ବୃଦ୍ଧି କରିବାପାଇଁ ନିରନ୍ତର ଉଦ୍ୟମ ଜାରି ରଖିବେ ବୋଲି ଆଶା ବ୍ୟକ୍ତ କରିଥିଲେ । ଏହି ସଭା ରେ ଅନ୍ୟ ସମସ୍ତ ଅଧ୍ୟାପକ ଡ଼ଃ ମନୋଜ ସାମଲ,ଜ୍ୟୋତିର୍ମୟ ଦାସ ବନମାଳୀ ମହାନ୍ତ,ଅଯୋଧ୍ୟା ନାଥ ମହାନ୍ତ, ଧରଣୀଧର ତ୍ରିପାଠୀ, ରମାକାନ୍ତ ପାଢ଼ୀ,ଅଧ୍ୟାପିକା ଯଶୋଦା ରାଉତ, ମିତାରାଣୀ ମହାରଣା, ଇପ୍ସିତା ବେହେରା,ଓ ଅନ୍ୟାନ୍ୟ ଅଣ ଶିକ୍ଷା କର୍ମଚାରୀ ତଥା ନିମନ୍ତ୍ରିତ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦାନ କରି ଡ଼ଃ ଜ୍ୟୋତିର୍ମୟୀ ତ୍ରିପାଠୀ ଙ୍କ କର୍ମମୟ ଜୀବନ ର ସ୍ତୁତି ଚାରଣ କରିଥିଲେ । ଏହି ସଭାରେ ଚାରିଶହ ରୁ ଉର୍ଦ୍ଧ୍ୱ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ତଥା ଡ଼ିଗ୍ରୀ ଶିକ୍ଷାର୍ଥୀ ମାନେ ଉପସ୍ଥିତ ଥିଲେ । ପରିଶେଷରେ ଓଡ଼ିଆ ଅଧ୍ୟାପକ ରଞ୍ଜନ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱବିଦ୍ୟାଳୟରେ ଉନ୍ନତ ଭାରତ ଅଭିଯାନ ନେଇ ସଚେତନତା କାର୍ଯ୍ୟକ୍ରମ



**ବାରିପଦ(ଅମୃତମିଡିଆ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦୂର ଓ ଅନଲାଇନ ଶିକ୍ଷା କେନ୍ଦ୍ର (ସିଡିଓଇ) ପକ୍ଷରୁ, ଉନ୍ନତ ଭାରତ ଅଭିଯାନର ଅଂଶଗ୍ରହଣକାରୀ ଅନୁଷ୍ଠାନ ଭାବେ ପି.ଏମ.ଉଷା ପ୍ରାୟୋଜିତ ଧାରଣକ୍ଷମ ଗ୍ରାମ ବିକାଶର ପଥ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ୧୦୦୦ ଆସନ ବିଶିଷ୍ଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଅଧ୍ୟକ୍ଷତା କରି ନିଜ ବକ୍ତବ୍ୟରେ ଜାତୀୟ ଶିକ୍ଷା ନୀତି-୨୦୨୦ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସମାଜ ସହିତ ଅଧିକ ସଂଯୁକ୍ତ ହେବାକୁ ଆହ୍ୱାନ କରେ ଏବଂ ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ତା'ର ଶିକ୍ଷା, ଗବେଷଣା ଓ ସମ୍ପ୍ରସାରଣ କାର୍ଯ୍ୟକ୍ରମ ମାଧ୍ୟମରେ ପୋଷ୍ୟ ଗ୍ରାମଗୁଡ଼ିକର ଧାରଣକ୍ଷମ ଓ ଅନ୍ତର୍ଭୁକ୍ତିମୂଳକ ବିକାଶ ପାଇଁ ସଦା ପ୍ରତିବଦ୍ଧ ବୋଲି କହିଥିଲେ । ସେ ଆହୁରି କହିଥିଲେ ଯେ,ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ବିଭାଗ ଗ୍ରାମ ବିକାଶ ସହ ଜଡ଼ିତ ପ୍ରକଳ୍ପ, ଗବେଷଣା ଓ କ୍ଷେତ୍ରଭିତ୍ତିକ କାର୍ଯ୍ୟକ୍ରମ ଗ୍ରହଣ କରିବା ଆବଶ୍ୟକ । ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ଉନ୍ନତ ଭାରତ ଅଭିଯାନର ସଂଯୋଜକ ପ୍ରଫେସର ସୁକାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ବିଶ୍ୱବିଦ୍ୟାଳୟର ପୋଷ୍ୟ ପାଞ୍ଚଟି ଗ୍ରାମ ବୁଢ଼ିଖମାରୀ, ବାଲିପାଳ, ହଦହଦି, ନଦୀଗାଁ ଓ ଶଙ୍ଖଭଙ୍ଗାର ସର୍ବାଙ୍ଗୀଣ ବିକାଶ ପାଇଁ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ସକ୍ରିୟ ସହଯୋଗ କରିବ ବୋଲି ମତବ୍ୟକ୍ତ କରିଥିଲେ । ସହ-ସଂଯୋଜକ ଡ଼. ସୁଜୟ କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ୫ଟି ଗାଁର ମୋଟ ଜନସଂଖ୍ୟା ପ୍ରାୟ ୨,୬୭୪. ସମସ୍ତ ଗାଁ ଆଦିବାସୀ ଜନସଂଖ୍ୟା ବହୁଳ ଅଟେ । ମହିଳା ସାକ୍ଷରତା ହାର ତୁଳନାତ୍ମକ ଭାବେ ନିମ୍ନ ରହିଛି. ବିଶେଷକରି ନଦୀଗାଁରେ ସାକ୍ଷରତା ହାର ମାତ୍ର ୩୧.୩% ଓ ମହିଳା ସାକ୍ଷରତା ୧୫.୨% ରହିଛି । ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଗାଁଗୁଡ଼ିକରେ ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, ଜୀବିକା ବିକାଶ, ମହିଳା ସଶକ୍ତିକରଣ, ସ୍ୱଚ୍ଛତା ଓ ପରିମଳ, ଡିଜିଟାଲ ଓ ଆର୍ଥିକ ସାକ୍ଷରତା ଆଦି କ୍ଷେତ୍ରରେ ହସ୍ତକ୍ଷେପ କରିବାକୁ ଯୋଜନା କରାଯାଇଛି । ବୁଢ଼ିଖାମାରୀ ଗାଁରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି । ବାଲିପାଳରେ ୯୯% ଆଦିବାସୀ ଜନସଂଖ୍ୟା ରହିଛି ଏବଂ ସାକ୍ଷରତା ହାର ୪୪.୫%. ଶଙ୍ଖଭଙ୍ଗା ଗାଁରେ ଦକ୍ଷତା ବିକାଶ ଓ ସ୍ୱାସ୍ଥ୍ୟ ହସ୍ତକ୍ଷେପ ପାଇଁ ଭଲ ସୁଯୋଗ ରହିଛି । ଉନ୍ନତ ଭାରତ ଅଭିଯାନ ମାଧ୍ୟମରେ ଏହି ଗାଁଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବ । ଏହି କାର୍ଯ୍ୟକ୍ରମରେ ଏହି ଗ୍ରାମଗୁଡ଼ିକର ପଞ୍ଚାୟତ ନିର୍ବାହୀ ଅଧିକାରୀ, ୱାର୍ଡ ମେମ୍ବର, ନାଏବ ସରପଞ୍ଚ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଗଣ ଯୋଗଦାନ କରି ତାଙ୍କ ଗ୍ରାମର ବିକାଶ କାର୍ଯ୍ୟକ୍ରମ ଗୁଡ଼ିକ କିପରି ହାତକୁ ନିଆଯାଇପାରିବ ସେ ଦିଗରେ ବିଶ୍ୱବିଦ୍ୟାଳୟର ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ସିଡିଓଇର ପ୍ରାୟ ୪୦ ଜଣ ଛାତ୍ରଛାତ୍ରୀଙ୍କୁ ପରିବାର ସର୍ବେକ୍ଷଣର ତାଲିମ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସିଡିଓଇର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ ।

# ବାଳିକା ବିଭାଗରେ ପୂର୍ଣ୍ଣିମା ଏବଂ ବାଳକ ବିଭାଗରେ ଗଗନଦୀପଙ୍କ ବେଷ୍ଟ ଲିଫ୍ଟର ଟାଇଟଲ ହାସଲ

## ଶକ୍ତିମାନ ଜିମ୍ନାସିୟମ୍‌ର ବିରଳ ରେକର୍ଡ




**ବାରିପଦା(ଅମୃତମିଡିଆ):** ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ବିଜୁ ପଟ୍ଟନାୟକ ୱେଟ ଲିଫଟିଙ୍ଗ ହଲରେ ଅନୁଷ୍ଠିତ ହୋଇଥିବା ଓଡିଶା ୧୨ ବର୍ଷ ଏବଂ ୧୪ ବର୍ଷରୁ କମ ଭାରୋତ୍ତୋଳନ ଚାମ୍ପିଅନସିପ ରେ ମୟୂରଭଞ୍ଜ ଜିଲ୍ଲା ନଙ୍ଗଳକଟା ସ୍ଥିତ ଶକ୍ତିମାନ ଜିମ୍ନାସିଅମର ୧୨ ବର୍ଷରୁ କମ ବାଳିକା ବିଭାଗରେ ପୂର୍ଣ୍ଣିମା ହାଁସଦା ବେଷ୍ଟଲିଫ୍ଟର ଅଫ ଓଡିଶା ଟାଇଟଲ ହାସଲ କରିଥିବା ବେଳେ, ବାଳକ ବିଭାଗରେ ଗଗନଦୀପ ମହାନ୍ତ ବେଷ୍ଟ ଲିଫ୍ଟର ଅଫ ଓଡିଶା ଟାଇଟଲ ହାସଲ କରିଛନ୍ତି । ପୂର୍ଣ୍ଣିମା ହାଁସଦା ୫୩ କିଲୋଗ୍ରାମ ବିଭାଗ ସ୍ନାଚ ରେ ୫୫ କିଲୋଗ୍ରାମ, ଜେର୍କରେ ୭୨ କିଲୋଗ୍ରାମ ମୋଟ ୧୨୭ କିଲୋଗ୍ରାମ ଓଜନ ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରି ୧୦ ଜଣ ଚାମ୍ପିଅନ ଙ୍କ ମଧ୍ୟରୁ ବେଷ୍ଟ ଲିଫଟର ଟାଇଟଲ ହାସଲ କରିଥିବା ବେଳେ, ଗଗନଦୀପ ମହାନ୍ତ ୫୦ କିଲୋଗ୍ରାମ ବିଭାଗରେ ସ୍ନାଚ ରେ ୪୮ କିଲୋଗ୍ରାମ, ଜେର୍କ ରେ ୫୮ କିଲୋଗ୍ରାମ ମୋଟ ୧୦୬ କିଲୋଗ୍ରାମ ଭାରୋତ୍ତୋଳନ କରି ସ୍ୱର୍ଣ୍ଣ ପଦକ ପାଇଥିବା ସଙ୍ଗେସଙ୍ଗେ ବେଷ୍ଟ ଲିଫ୍ଟର ଅଫ୍ ଓଡିଶା ଟାଇଟଲ ହାସଲ କରିଛନ୍ତି । ୧୨ ବର୍ଷରୁ କମ ବିଭାଗରେ ତପସ୍ୱିନୀ ସିଂ ୪୯ କିଲୋଗ୍ରାମ ବର୍ଗରେ ସ୍ନାଚ ରେ ୪୨ କିଲୋଗ୍ରାମ ଏବଂ ଜେର୍କ ରେ ୬୦ କିଲୋଗ୍ରାମ ମୋଟ ୧୦୨ କିଲୋଗ୍ରାମ ଭାରୋତ୍ତୋଳନ କରି ସ୍ୱର୍ଣ୍ଣ ପଦକ, ଦେବାଶିଷ ମହାନ୍ତ ୪୦ କିଲୋଗ୍ରାମ ବର୍ଗରେ ସ୍ନାଚ ରେ ୩୦ କିଲୋଗ୍ରାମ ଏବଂ ଜେର୍କ ରେ ୩୯ କିଲୋଗ୍ରାମ ମୋଟ ୬୯ କିଲୋଗ୍ରାମ ଭାରୋତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ୧୪ ବର୍ଷରୁ କମ ବିଭାଗରେ କବିତା ମହାନ୍ତ ୪୦ କିଲୋଗ୍ରାମ ବର୍ଗରେ ସ୍ନାଚ ରେ ୩୮ କିଲୋଗ୍ରାମ ଏବଂ ଜେର୍କରେ ୫୦ କିଲୋଗ୍ରାମ ମୋଟ ୮୮ କିଲୋଗ୍ରାମ ଭାରୋଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ, ଶୁଭଶ୍ରୀ ମହାନ୍ତ ୪୯ କିଲୋଗ୍ରାମ ବର୍ଗରେ ସ୍ନାଚ ରେ ୫୫ କିଲୋଗ୍ରାମ ଏବଂ ଜେର୍କ ରେ ୬୯ କିଲୋଗ୍ରାମ ମୋଟ ୧୨୪ କିଲୋଗ୍ରାମ ଭାରୋଉତ୍ତୋଳନ କରି ରୌପ୍ୟ ପଦକ, ସତ୍ୟମ ସିଂ ୫୦ କିଲୋଗ୍ରାମ ବର୍ଗରେ ସ୍ନାଚ ରେ ୬୫ କିଲୋଗ୍ରାମ ଏବଂ ଜେର୍କ ରେ ୮୫ କିଲୋଗ୍ରାମ ମୋଟ ୧୫୦ କିଲୋଗ୍ରାମ ଭାରୋତ୍ତୋଳନ କରି ରୌପ୍ୟ ପଦକ ଏବଂ ସୁମନ ମହାନ୍ତ ୪୦ କିଲୋଗ୍ରାମ ବର୍ଗରେ ସ୍ନାଚ ରେ ୩୬ କିଲୋଗ୍ରାମ ଏବଂ ଜେର୍କ ରେ ୪୫ କିଲୋଗ୍ରାମ ମୋଟ ୮୧ କିଲୋଗ୍ରାମ ଭାରୋତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରି ଜିମ୍ନାସିୟମ ତଥା ଜିଲ୍ଲାର ଗୌରବ ବୃଦ୍ଧି କରି ଥିବାରୁ ଶକ୍ତିମାନ ଜିମ୍ନାସିୟମର ପ୍ରତିଷ୍ଠାତା ତଥା ପ୍ରଶିକ୍ଷକ ପରେଶ ଚନ୍ଦ୍ର ମହାନ୍ତ କୃତି ପ୍ରତିଯୋଗୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି । ଉକ୍ତ ପ୍ରତିଯୋଗିତାରେ ମୋଟ ୪ ଟି ସ୍ୱର୍ଣ୍ଣ, ୨ ରୌପ୍ୟ ଏବଂ ୨ ବ୍ରୋଞ୍ଜ ପଦକ ଶକ୍ତିମାନ ଜିମ୍ନାସିଅମର ପ୍ରତିଯୋଗୀମାନେ ହାସଲ କରି ବିରଳ ରେକର୍ଡ ସୃଷ୍ଟି କରିଛନ୍ତି ।

# କରଞ୍ଜିଆ ପ୍ରେସ୍ କ୍ଲବ ସଦସ୍ୟଙ୍କ ହୃଦ୍‌ଘାତରେ ମୃତ୍ୟୁ



**ବାରିପଦା /କରଞ୍ଜିଆ(ଅମୃତମିଡିଆ):** କରଞ୍ଜିଆ ପ୍ରେସ କ୍ଲବ ସଦସ୍ୟ ତଥା 'କଳିଙ୍ଗ ଟିଭି'ର କରଞ୍ଜିଆ ପ୍ରତିନିଧି ସରୋଜ କୁମାର ବେହେରାଙ୍କ ଆଜି ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୪୫ ବର୍ଷ ବୟସ ହୋଇଥଲା । ସକାଳେ ସେ ଠିକ୍‌ଠାକ୍ ଥିବା ବେଳେ ଦିନ ପ୍ରାୟ ଗୋଟାଏ ବେଳକୁ ସାମାନ୍ୟ ଅସୁସ୍ଥ ଅନୁଭବ କରିଥିଲେ । ସଙ୍ଗେ ସଙ୍ଗେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଶୁକ୍ରୁଳି ଡ଼ାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ଚେଷ୍ଟା କରି ମଧ୍ୟ ତାଙ୍କୁ ବଞ୍ଚାଇ ପାରିନଥିଲେ । ଦିନ ୧.୩୦ ବେଳକୁ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ତାଙ୍କର ମୃତ୍ୟୁ ଖବର ପ୍ରଚାର ହେବା ମାତ୍ରେ ତାଙ୍କୁ ଶେଷ ଦର୍ଶନ ନିମନ୍ତେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ପ୍ରେସ କ୍ଲବ୍ କରଞ୍ଜିଆର ସଂପାଦକ କର୍ଣ୍ଣାର୍ଜୁନ ସାହା, କ୍ଲବ୍ ସଦସ୍ୟ ଭାଗବତ ଚନ୍ଦ୍ର ଦାସ, ତନ୍ମୟ କୁମାର ଦାସ, ସତ୍ୟବ୍ରତ ବେହେରା, ସାମ୍ବାଦିକ ବିନ୍ଦୁସାର ଦାଶ, ଜିତେନ୍ଦ୍ର ରାଜ, ଉମା ଶଙ୍କର ଦାସ, ସୁରଜ ସିଂଙ୍କ ସହିତ ସ୍ଥାନୀୟ ସାମ୍ବାଦିକ ବିଜୟ ଗିରି, ଅଭିଷେକ ପାଣିଗ୍ରାହୀ, ବିକେଶ ଦାସଅଧିକାରୀ, ଲଲାଟେନ୍ଦୁ ପାତ୍ର ତାଙ୍କ ଶୁକ୍ରୁଳି ସ୍ଥିତ ବାସ ଭବନ ରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଂଜଳି ପ୍ରଦାନ କରିଥିଲେ । ସେହିପାରି ନିଜ ବଂଧୁ ପରିଜନ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ତାଙ୍କ ମୃତ୍ୟୁ ଶଯ୍ୟା ନିକଟ ରେ ତାଙ୍କ ବାପା, ମା, ଭାଇ ଭଉଣି ଓ ପତ୍ନୀ ଉପସ୍ଥିତ ଥିଲେ । ସେ ପ୍ରଥମେ ଓ ଟିଭି ରେ କାର୍ଯ୍ୟ କରି ବହୁ ଜନହିତକର କାର୍ଯ୍ୟ କରିଥିଲେ ।ପରେ ସେ ଦୈନିକ ସମାଜ ରେ ଓ କଳିଙ୍ଗ ଟିଭି ରେ କାର୍ଯ୍ୟ ତୁଲାଇଥିଲେ । ସେ କରଞ୍ଜିଆ ପ୍ରେସ କ୍ଲବ୍‌ର ପ୍ରତିଷ୍ଠାତା ସଦସ୍ୟ ସହିତ ଖିଚିଁ ମହୋତ୍ସବ, କରଞ୍ଜିଆ ମହୋତ୍ସବ ର ପ୍ରତିଷ୍ଠାତା ସଦସ୍ୟ ଥିଲେ । ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା ସଂପାଦକ ଥିଲେ ତାଙ୍କ ମୃତ୍ୟୁ ରେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୁତି ଭୂଷଣ କର,ସଂପାଦକ ବେଣୁଧର ପଣ୍ଡା, ମୟୂରଭଂଜ ଜିଲ୍ଲା ର ପୂର୍ବତନ ସଭାପତି ରତିକାନ୍ତ ପରୀକ୍ଷା ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦ, ପାର୍ଥ ସାରଥୀ ମିଶ୍ର ପ୍ରମୁଖ ଶୋକ ପକାଶ କରିଛନ୍ତି । ତାଙ୍କ ଶେଷକୃତ୍ୟ ସ୍ଥାନୀୟ ଶ୍ମଶାନରେ ସଂପନ୍ନ ହୋଇଛି ।



# ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସ

## ମାନବ ଚାଲାଣ ରୋକିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ



**ଭଞ୍ଜନଗର (ଅମୃତ ମିଡିଆ):** ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସ ଅବସରରେ ଭଞ୍ଜନଗର ବ୍ଲକ ସମ୍ମିଳନୀ କକ୍ଷରେ ଆଇଏସଆରଡି (ଓଝଜଉ) ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ଶିକ୍ଷକ, ଅଙ୍ଗନୱାଡି,ଆଶା ୱାର୍କର୍ସ , ଛାତ୍ରଛାତ୍ରୀ ଏବଂ ଜନସାଧାରଣ ଯୋଗଦେଇ ମାନବ ଚାଲାଣ ବିରୋଧରେ ସଚେତନତାର ବାର୍ତ୍ତା ଉପରେ ଗୁରୁତ୍ୱାରୋପ କରିଥିଲେ ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଶ୍ରୀ ଉମାଶଙ୍କର ବେହେରା ଯୋଗଦେଇ ମାନବ ଚାଲାଣ ଭଳି ସାମାଜିକ ଅପରାଧକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ମାନବ ଚାଲାଣ ରୋକିବା କେବଳ ପ୍ରଶାସନର ଦାୟିତ୍ୱ ନୁହେଁ, ବରଂ ସମାଜର ପ୍ରତ୍ୟେକ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜନପ୍ରତିନିଧିଙ୍କ ସକ୍ରିୟ ସହଯୋଗ ଏଥିପାଇଁ ଅତ୍ୟନ୍ତ ଆବଶ୍ୟକ । ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି ହେଲେ ଏହି ସାମାଜିକ ବ୍ୟାଧିକୁ ଅନେକାଂଶରେ ରୋକାଯାଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ ।

ଏହି ଅବସରରେ ମେଡିକାଲ ପରିଚାଳକ ବିଚିତ୍ର କୁମାର ପାଣିଗ୍ରାହୀ, ମେଡିକାଲ ଅଧୀକ୍ଷକ ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଆଇଏସଆରଡିର ନିର୍ଦ୍ଦେଶକ ସୁଧୀର କୁମାର ସାବତ, ଏସ୍ ?ଡିପିଓ ଡ଼. ଦୀପକ କୁମାର ମିଶ୍ର, ଭଞ୍ଜନଗର ସିଡିପିଓ ମିଳିମା କୁମାରୀ ପଣ୍ଡା ଏବଂ ପିସିଆଇ ଜିଲ୍ଲା ସଂଯୋଜକ ମନୋରମା ମଲ୍ଲିକ ପ୍ରମୁଖ ମାନବ ଚାଲାଣର କାରଣ, ଏହାର କୁପ୍ରଭାବ, ସରକାରଙ୍କ ପ୍ରତିରୋଧମୂଳକ ପଦକ୍ଷେପ ଏବଂ ସାମାଜିକ ସଚେତନତାର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବିଶେଷକରି ମହିଳା ଓ ଶିଶୁଙ୍କ ସୁରକ୍ଷା, ସନ୍ଦିଗ୍ଧ ଘଟଣାର ତୁରନ୍ତ ସୂଚନା ପ୍ରଦାନ ଏବଂ ସଚେତନ ସମାଜ ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଶେଷରେ ଆଇଏସଆରଡିର କେନ୍ଦ୍ରୀୟ ପ୍ରଶାସିକା ମନିଷା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହାବିଦ୍ୟାଳୟରେ ଶକ୍ତିଶ୍ରୀ ତର୍କ ବିତର୍କ ଆଲୋଚନାଚକ୍ର




**ପୋଲସରା (ଅମୃତ ମିଡିଆ):** ପବିତ୍ର ଗୁରୁ ପୂର୍ଣ୍ଣିମା ଦିବସରେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ଶକ୍ତି ଶ୍ରୀ ତର୍କ ବିତର୍କ ଆଲୋଚନା ଚକ୍ର କାର୍ଯ୍ୟକ୍ରମ ଭାରପ୍ରାପ୍ତ ଅଧ୍ୟକ୍ଷ ରୁଦ୍ର ପ୍ରସାଦ ଗୌଡ଼ଙ୍କ ଅଧ୍ୟକ୍ଷତା ଏବଂ ଏନସିସି ଲେଫ୍ଟନାଣ୍ଟ ବିନତା କୁମାରୀ ଦାସଙ୍କ ବଳିଷ୍ଠ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଆଧ୍ୟାତ୍ମିକ ବାଦୀ ତଥା କାଉନସିଲର ସୁକାନ୍ତି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବିଘ୍ନରାଜଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ବିରଞ୍ଚି ନାରାୟଣ ରଥ ଯୋଗଦେଇଥିଲେ । ଏହି ଅବସରରେ ଶକ୍ତି ଶ୍ରୀ ସଶକ୍ତିକରଣ କକ୍ଷ ତରଫରୁ ଏକ ତର୍କ ବିତର୍କ ଆଲୋଚନା ଚକ୍ର କରାଯାଇଥିଲା । ଏଥିରେ ଅତିଥିବୃନ୍ଦ ନିଜ ନିଜର ସୁଚିନ୍ତିତ ବକ୍ତବ୍ୟ କରିଆରେ ମାର୍ଗଦର୍ଶନ ଦେଇଥିବାବେଳେ ଯୁକ୍ତ ତିନି ବିଜ୍ଞାନ ବିଭାଗର ଛାତ୍ରୀ ରଚିତା କୁମାରୀ ସାହୁ ଓ ସ୍ମୃତି ବେହେରା ଦୁଇ ଜଣ ଅଂଶ ଗ୍ରହଣ କରି ରାଷ୍ଟ୍ର - ଭାଷା ହିନ୍ଦୀ ଏବଂ ଇଂରାଜି ଭାଷାରେ ବକ୍ତୃତାଦେଇ ସମସ୍ତଙ୍କ ଠାରୁ ପ୍ରଶଂସା ସାଉଁଟିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଡେମୋନେଷ୍ଟ୍ରେଟର, ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । ଶେଷରେ ଜାତୀୟ ସଂଗୀତ ଜନ-ଗଣ-ମନ ଗାନ କରାଯିବା ପରେ ଏହି ସଚେତନତା କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା । ପରି ଶେଷରେ ସଂଯୋଜିକା ଲେଫ୍ଟନାଣ୍ଟ ବିନତା ଦାସ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ବ୍ୟକ୍ତି ବିଶେଷ ଏବଂ ଛାତ୍ରଛାତ୍ରୀମାନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁଖ୍ୟକିରାଣୀ ବିଜୟ କୁମାର ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଆସିକା (ଅମୃତ ମିଡିଆ):** ଆସିକା ବିଜ୍ଞାନ ମହାବିଦ୍ୟାଳୟର ମୁଖ୍ୟକିରାଣୀ ବିଜୟ କୁମାର ନାୟକଙ୍କ ଅବସର ଉପଲକ୍ଷେ ଶୁକ୍ରବାର ମହାବିଦ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ଏକ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ହରପ୍ରସାଦ ଶତପଥୀଙ୍କ ପୌରହିତ୍ୟରେ ଆୟୋଜିତ ସଭାର ପ୍ରଥମ ପର୍ଯ୍ୟାୟରେ ନୂତନ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ କର୍ମଚାରୀ ସଂଘ ପକ୍ଷରୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଥିଲା । ଏହି ସଭାରେ ପ୍ରଶାସନିକ ଅଧିକାରୀ ଡ. ଅଭୟକେଶରୀ ପରିଚ୍ଛା ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବିଭୂତିଭୂଷଣ ବେବର୍ତ୍ତା ଏବଂ କର୍ମଚାରୀ ସଂଘର ଆବାହିକା ଶ୍ରୀମତୀ ପଦ୍ମାବତୀ ମଲ୍ଲିକ ମଞ୍ଚାସୀନ ଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ଡ. ଅଜିତ କୁମାର ମୁନୀ ସ୍ୱାଗତ ଭାଷଣ ଦେବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଏବଂ କିରାଣୀ ବିଜୟ କୁମାର ନାୟକଙ୍କ ମାନପତ୍ର ପାଠ କରିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସମେତ ବକ୍ତାମାନେ ବିଜୟ କୁମାର ନାୟକଙ୍କୁ ଜଣେ ଅମାୟିକ, ସ୍ୱଳ୍ପଭାଷୀ, ପରିଶ୍ରମୀ, ଦାୟିତ୍ୱବାନ ଓ କାର୍ଯ୍ୟକୁଶଳୀ କର୍ମଚାରୀ ଭାବେ ବର୍ଣ୍ଣନା କରିଥିଲେ । ତାଙ୍କର ଦୀର୍ଘ କର୍ମଜୀବନର ନିଷ୍ଠା ଓ ସେବାଭାବକୁ ପ୍ରଶଂସା କରିବା ସହ ଅବସର ପରବର୍ତ୍ତୀ ଜୀବନ ସୁସ୍ଥ, ସୁଖମୟ ଓ ନିରାମୟ ହେଉ ବୋଲି ପ୍ରଭୁ ଜଗନ୍ନାଥଙ୍କ ନିକଟରେ କାମନା କରିଥିଲେ । ଏହି ଅବସରରେ ଅଧ୍ୟକ୍ଷଙ୍କ କରକମଳରେ ଶ୍ରୀ ନାୟକଙ୍କୁ ଉପଢୌକନ, ମାନପତ୍ର, ଭଗବଦ୍‌ଗୀତା ଓ ସ୍ମାରକ ଉପହାର ପ୍ରଦାନ କରାଯାଇଥିଲା । ଏହି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଧନଞ୍ଜୟ ମହାପାତ୍ର, ସନାତନ ପାଢ଼ୀ, ପିଙ୍କୁ ବିଷୋୟୀ, ସନ୍ତୋଷ ମିଶ୍ର, ବନ୍ଦୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ କର୍ମଚାରୀ ସଂଘର ଆବାହିକା ତଥା ସଚିବ ଶ୍ରୀମତୀ ପଦ୍ମାବତୀ ମଲ୍ଲିକ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ବନମହୋତ୍ସବ ସପ୍ତାହରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ବ୍ରହ୍ମପୁର (ଅମୃତ ମିଡିଆ):** ବନମହୋତ୍ସବ ସପ୍ତାହ ପାଳନ ଅବସରରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କରାପଲ୍ଲୀ, ରଙ୍ଗେଇଲୁଣ୍ଡା ବ୍ଲକ, ଗଞ୍ଜାମ ପକ୍ଷରୁ ଏକ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଦ୍ୟାଳୟ ପରିସର ଓ ଆଖପାଖ ଅଞ୍ଚଳରେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ସକ୍ରିୟ ସହଯୋଗରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ସ୍ଥାନୀୟ ସହକାରୀ ଶିକ୍ଷକ ଶ୍ରୀ ବନମାଳି ବେହେରା ସଫଳ ପରିଚାଳନା କରିଥିଲେ । ଏହିଅବସରରେ ଉପସ୍ଥିତ ଅତିଥିମାନେ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହ ପରିବେଶ ସୁରକ୍ଷା, ବନ ସଂରକ୍ଷଣ ଓ ସବୁଜ ପରିବେଶ



ଗଠନରେ ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀମାନେ ନିଜ ହାତରେ ଚାରା ରୋପଣ କରି ସେଗୁଡ଼ିକର ଯତ୍ନ ନେବା ପାଇଁ ଶପଥ ଗ୍ରହଣ କରିଥିଲେ । ଶେଷରେ ବିଦ୍ୟାଳୟ ପକ୍ଷରୁ "ଗୋଟିଏ ଗଛ – ଗୋଟିଏ ଜୀବନ" ବାର୍ତ୍ତା ଦେଇ ସମସ୍ତଙ୍କୁ ଅଧିକରୁ ଅଧିକ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାରେ ସହଯୋଗ କରିବାକୁ ଆହ୍ୱାନ କରାଯାଇଥିଲା । ଶେଷରେ ସମସ୍ତ ଅତିଥି ମାନଙ୍କୁ ସହକାରୀ ଶିକ୍ଷକ ଶ୍ରୀ ବନମାଳି ବେହେରା ଧନ୍ୟବାଦ୍ ଦେଇ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା ।

## ଶିଶୁ ଅଧିକାର କାର୍ଯ୍ୟର ଅନୁଭୂତି ନେଲେ ୬ ଓଏଏସ୍ ପ୍ରଶିକ୍ଷାର୍ଥୀ



**ପାଟଣା (ଅମୃତ ମିଡିଆ):** ଓଡ଼ିଶା ପ୍ରଶାସନିକ ସେବା (ଓଏଏସ)ର -୨୦୨୩ ବ୍ୟାଚ ପ୍ରଶିକ୍ଷାର୍ଥୀମାନେ ସେମାନଙ୍କ ପ୍ରଶିକ୍ଷଣର ଅଂଶବିଶେଷ ଭାବେ ପିପୁଲସ କଲଚରାଲ ସେଣ୍ଟର( ପିକକ) ତରଫରୁ ଶିଶୁମାନଙ୍କ ଅଧିକାର ନେଇ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ୨୭ଜୁଲାଇରୁ ୩୦ଜୁଲାଇ ପର୍ଯ୍ୟନ୍ତ ପରିଦର୍ଶନ କରିଥିଲେ । ଗୋପବନ୍ଧୁ ପ୍ରଶାସନ ଏକାଡେମୀରୁ ତାଲିମ ନେଉଥିବା ଏହି ୬ ଜଣ ଓଡ଼ିଶା ପ୍ରଶାସନିକ ସେବାର ଅଧିକାରୀମାନେ ହେଲେ ମିର୍ଜା ଫଏଜ ଅହମଦ କ୍ୟୁଯାଦ୍ରି , ପ୍ରିୟଙ୍କା ପ୍ରିୟଦର୍ଶିନୀ , ମିଲନ ମହାପତ୍ର ,ସ୍ନେହା ଦାସ ମହାପାତ୍ର ଦିପ୍ତିରାଣୀ ନାୟକ , ଓ ଚିନ୍ମୟ ସାହା ।

କେନ୍ଦୁଝର ଜିଲା ପାଟଣା ବ୍ଲକର ରାଇକଳା, ଶରଧାପୁର ରୋହିଣୀ ଦୁମା ପରିଦର୍ଶନ କରି ଯଥାକ୍ରମେ ଶିଶୁ ଶ୍ରମିକ ମୁକ୍ତ ଗାଁ, ସ୍କୁଲ ଲର୍ଣ୍ଣିଂ କର୍ଣ୍ଣର ଓ ଜିଆ ଖତ ପ୍ରସ୍ତୁତି ପାରମ୍ପରିକ ବିହନ ଓ ପିକକ ଦ୍ୱାରା ହୋଇଥିବା ବନୀକରଣ ଅଞ୍ଚଳ, ୟୁକୋ ସେଭର୍ଷ ୟୁଥ ନେଟୱର୍କ ସଦସ୍ୟ, ମହିଳା ଚାଷୀ , ପାଟଣାରେ ରାଜ୍ୟ ସରକାର ଓ ଭିନ୍ନ କ୍ଷମ ସଶକ୍ତି କରଣ ବିଭାଗ ଦ୍ୱାରା ପିକକ ତରଫରୁ ଭିନ୍ନ କ୍ଷମଙ୍କ ଚିକିତ୍ସା ଓ ପୁନର୍ବାସ କେନ୍ଦ୍ରରେ ପରିଦର୍ଶନ ସହ ଅନ୍ତେବାସୀଙ୍କୁ ଭେଟିଥିଲେ । ଏଥିସହ ପିକକ ହାତକୁ ନେଇଥିବାର ବିକାଶ ସହ ବାହାର ଅଞ୍ଚଳ ସ୍ଥିତି ପରଖିଥିଲେ । ପିକକର କାର୍ଯ୍ୟକ୍ଷେତ୍ରକୁ ପରିଦର୍ଶନ କରି ପିକକ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟଗୁଡିକୁ ସେମାନେ ପରିଦର୍ଶନ କରିଥିଲେ । ଏହି ଗସ୍ତ ଅବସରରେ ସେମାନେ ଜୁଲାଇ ୨୭ ତାରିଖ ଦିନ ପିକକର ପାଟଣା କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ । ସେଠାରେ ତାଙ୍କୁ ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ସ୍ୱାଗତ ଜଣାଇ ପିକକର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଏଥିରେ ବଡ ପାଟଣା ସରପଞ୍ଚ ବିନତି ବାନାରା ସାମିଲ ହୋଇଥିଲେ । ଏହି ଅବସରରେ ପିକକର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଶିଶୁଶ୍ରମିକ ନିରାକରଣ ଓ ଏଥିପାଇଁ ପିକକର ବିଭିନ୍ନ ଯୋଜନା, ପଦକ୍ଷେପ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଓସିଏସ ଅଧିକାରୀଙ୍କୁ ଅବଗତ କରାଇଥିଲେ ।

ପ୍ରଶିକ୍ଷାର୍ଥୀମାନେ ଗୁରୁବାର ପାଟଣା ବିଡ଼ିଓ ମାନସ ରଞ୍ଜନ ଦଣ୍ଡପାଟଙ୍କୁ ଭେଟି ପିକକ ତରଫରୁ ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକକାର୍ଯ୍ୟ ଗୁଡ଼ିକ ଉପରେ ଆଲୋଚନା କରିଥିଲେ । ପିକକର ଜ୍ୟୋତି ଶଙ୍କର ମହାନ୍ତି, ସତ୍ୟ ନାରାୟଣ ମହନ୍ତ, ପୂଜା ପଣ୍ଡା, ଦ୍ରୌପଦୀ ବେଜ, ମିଲିୟନ ମାର୍ଶାଲ ଟିୟୁ, ନୀରାସ ମୁଣ୍ଡା, ମେଘମାଳା ମହାନ୍ତ, ସୁଚିତ୍ରା ମହାନ୍ତ, ଲକ୍ଷ୍ମୀକାନ୍ତ ମହାନ୍ତ ପ୍ରମୁଖ ଏହି ଚାରିଦିନିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଭତ୍ତାରୁ ବଞ୍ଚିତ ୭୫% ଭିନ୍ନକ୍ଷମ ଛାତ୍ରୀ

**ମୋହନା (ଅମୃତ ମିଡିଆ):**ସରକାରୀ ସହାୟତା ଅପେକ୍ଷାରେ ଭିନ୍ନକ୍ଷମ ଛାତ୍ରୀ । ୭୫% ଭିନ୍ନକ୍ଷମ ହୋଇ ମଧ୍ୟ ଭିନ୍ନକ୍ଷମ ଭତ୍ତାରୁ ଦୀର୍ଘ ବର୍ଷ ହେବ ବଞ୍ଚିତ ଅଛନ୍ତି । ଏଭଳି ଅଭିଯୋଗ ଆସିଛି ଗଜପତି ଜିଲା ମୋହନା ବ୍ଲକ ମାଣିକପୁର ଗ୍ରାମ ପଞ୍ଚାୟତ ଗୁବୁରୀଗୁଡା ଗ୍ରାମର ବଟ ସାହିରୁ ଗ୍ରାମର ସଞ୍ଜୟ ରଇତଙ୍କ ୭ବର୍ଷର ଭିନ୍ନକ୍ଷମ ଝିଅ ଭାଗ୍ୟଲକ୍ଷୀ ରଇତ । ଏହି ଝିଅ ଜନ୍ମରୁ ହିଁ ମୂକ ଏବଂ ବଧିର । କେବଳ ଠାର ଦ୍ୱାରା ବୁଝି ସବୁ କାମ କରୁଛନ୍ତି । ଚିକିତ୍ସା ପାଇଁ ଅନେକ ଖର୍ଚ୍ଚ ହୋଇଥିଲେ ମଧ୍ୟ ଭଲ ହୋଇପାରି ନ ଥିଲା । ଏହାପରେ ତାଙ୍କ ମା' ବ୍ଲକ ପ୍ରଶାସନକୁ ଭତ୍ତା ଦେବା ପାଇଁ ଅନୁରୋଧ କରିଛନ୍ତି । ସେପଟେ ଝିଅଟି ମୂକ ବଧିର ହେଲେ ମଧ୍ୟ ମା' ବାପା ଝିଅଟିକୁ ନିକଟସ୍ଥ ଗୁବୁରୀଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢିବା ପାଇଁ ଛାଡିଛନ୍ତି । ହେଲେ ବିଦ୍ୟାଳୟର ଶିକ୍ଷକ କହିଛନ୍ତି ଏହି ଝିଅଟି ପ୍ରତିଦିନ ବିଦ୍ୟାଳୟକୁ ଆସୁଛି । ସବୁ ପିଲା ସହ ମିଶୁଛି ଖେଳୁଛି କିନ୍ତୁ ପାଠ ପଢ଼ାଇବା ସମୟରେ ଏହି ଝିଅ ପାଇଁ ଟିକେ ଅସୁବିଧା ହେଉଥିବା କହିଛନ୍ତି । ଯେହେତୁ ସେ ଶୁଣି ପାରୁନି କି କହି ପାରୁନି । ଏଣୁ ଏହି ବିଷୟରେ ତାଙ୍କ ଅଭିଭାବକଙ୍କୁ ଆମେ ଜଣାଇଛୁ ବୋଲି କହିଛନ୍ତି ।

## ଛତ୍ରପୁର ଉପକାରାଗାରରେ ଚକ୍ଷୁ ପରୀକ୍ଷା ଶିବିର

**ଛତ୍ରପୁର (ଅମୃତ ମିଡିଆ):** ଆଦାନି ଫାଉଣ୍ଡେସନ, ଗୋପାଳପୁର ପୋର୍ଟ ଲିମିଟେଡ୍ ଏବଂ ଭିଜନ୍ ସ୍ପ୍ରିଙ୍ଗର ମିଳିତ ସହଯୋଗରେ ଛତ୍ରପୁର ଉପକାରାଗାର ଏକ ସ୍ୱତନ୍ତ୍ର ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା । ଉକ୍ତ ଶିବିରରେ ମୋଟ ୧୧୬ ଜଣ ଅନ୍ତେବାସୀଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେଥିମଧ୍ୟରୁ ୫୦ ଜଣ ଅନ୍ତେବାସୀଙ୍କୁ ଦୃଷ୍ଟିଶକ୍ତିର ଉନ୍ନତି ନିମନ୍ତେ ଚଷମା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଆଦାନି ଫାଉଣ୍ଡେସନ, ଗୋପାଳପୁର ପୋର୍ଟ ଲିମିଟେଡ୍ ସିଏସ୍‌ଆର୍ ମୁଖ୍ୟ ଦେବଦତ୍ତ ମିଶ୍ର, ଉପ କାରାଗାର ଅଧୀକ୍ଷକ ପ୍ରସନ୍ନ କୁମାର ସାହୁ, ଉପ-ସହକାରୀ କାରାପାଳ ଭାଗୀରଥୀ ବେହେରା ଏବଂ ଅନ୍ୟାନ୍ୟ କାରାଗାର କର୍ମଚାରୀମାନେ ଉପସ୍ଥିତ ଥିଲେ । ଶିବିରଟି ସଫଳତାର ସହିତ ସମ୍ପନ୍ନ ହୋଇଥିବା ବେଳେ ଅନ୍ତେବାସୀମାନେ ଏହା ଦ୍ୱାରା ବିଶେଷ ଭାବରେ ଉପକୃତ ହୋଇଥିଲେ ।




## ପରିବେଶ ସୁରକ୍ଷା ପାଇଁ ପ୍ରେସ ପରିଷଦର ଅନନ୍ୟ ପ୍ରୟାସ

## 'ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



**ଆନନ୍ଦପୁର (ଅମୃତ ମିଡିଆ) :** ଆନନ୍ଦପୁର ଶ୍ରୀ ଶ୍ରୀ ଉତ୍ତରେଶ୍ୱର ମହାଦେବ ମନ୍ଦିର ପରିସରରେ ଆନନ୍ଦପୁର ପ୍ରେସ ପରିଷଦ ପକ୍ଷରୁ ଚତୁର୍ଥ ବାର୍ଷିକ 'ମା' ପାଇଁ ଗୋଟିଏ ଗଛ' କାର୍ଯ୍ୟକ୍ରମ ଗୁରୁବାର ଆନୁଷ୍ଠାନିକ ଭାବେ ସମ୍ପନ୍ନ ହୋଇଯାଇଛି । ପ୍ରେସ ପରିଷଦର ସଭାପତି ନିରାକାର ବଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ସଭାପତି ମହେଶ୍ୱର ସାହୁ, ଏସଡିପିଓ କମଳ କୁମାର ପଣ୍ଡା, ଡିଏଫ୍ ?ଓ ପ୍ରଶାନ୍ତ କୁମାର ପଣ୍ଡା, ସହକାରୀ ଜିଲ୍ଲାପାଳ ତପନ କୁମାର ପ୍ରଧାନ, ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ନାୟକ, ପୂର୍ବତନ ପୌରାଧ୍ୟକ୍ଷ ତଥା ସାଂସଦ ପ୍ରତିନିଧି ରାମଚନ୍ଦ୍ର ସାହୁ ଏବଂ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଯୁବ ବିଜେପି ନେତା ଆଲୋକ କୁମାର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ପ୍ରେସ ପରିଷଦର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ସମାଜରେ ସବୁଜ ବଳୟ ସୃଷ୍ଟି କରିବା ପାଇଁ ମିଳିତ ଭାବେ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମଟିକୁ ସମ୍ପାଦକ ହରେକୃଷ୍ଣ ପାତ୍ର ଏବଂ ବରିଷ୍ଠ ସାମ୍ବାଦିକ ଗଦାଧର ମିଶ୍ର ସଞ୍ଚାଳନ କରିଥିଲେ । ସାମ୍ବାଦିକ ତଥା ପରିଷଦର ସଦସ୍ୟ ସତ୍ୟରଞ୍ଜନ ଦାସ, କିରଣ ପାଢ଼ୀ, ଗଣେଶ୍ୱର ମହାନ୍ତି, ସୋମନାଥ ମିଶ୍ର, ଶ୍ରୀନିବାସ ମିଶ୍ର, ମକରଧ୍ୱଜ ସାହୁ, ମନମୋହନ ନାୟକ, ଶ୍ରୀଧର ମହାରାଣା, ମମତାରାଣୀ ଜେନା, ବବିତା ଶତପଥୀ, ପ୍ରଦୀପ କୁମାର ମୁଦୁଲି ଓ ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହାଛଡ଼ା ସମାଜସେବୀ ତଥା ପୂର୍ବତନ ପୌର ଉପାଧ୍ୟକ୍ଷ ସୁଶିଳ କୁମାର ହୋତା, ମନ୍ଦିର କମିଟିର ସଭାପତି ଦିଲ୍ଲୀପ କୁମାର ସିଂ, ମିଲୁ ମିଶ୍ର, ଅସିତ୍ କୁମାର ନାୟକ, ଅଞ୍ଜଳ କୁମାର ପଟ୍ଟନାୟକ, ମଳୟ କୁମାର ମିଶ୍ର, ହେମନ୍ତ କୁମାର ସାହୁ, ପଦ୍ମନାଭ ବାରିକ, ରମେଶ ଚନ୍ଦ୍ର ସିଂ, ଅନନ୍ତ କୁମାର ସିଂ, ଦେବରଞ୍ଜନ ସାହୁ, ନିଲୁ ମହାନ୍ତି ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ସାଧାରଣ ଜନତା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଅତିଥିମାନଙ୍କ ଦ୍ୱାରା ମନ୍ଦିର ପରିସରରେ ବିଭିନ୍ନ କିସମର ବୃକ୍ଷରୋପଣ କରାଯାଇଥିଲା ।

## ହମ୍ପସ୍ ନେଲା ଜୀବନ

**ବେଗୁନିଆପଡା (ଅମୃତ ମିଡିଆ):** ବେଆଇନ ମାଟି ହମ୍ପସ ନେଲା ଜୀବନ । ଆଖି ଦେଖାଇବାକୁ ମେଡିକାଲ ଆସୁଥିଲେ । ରାସ୍ତା ମଝିରେ ହମ୍ପସରେ ପଡି ଚାଲିଗଲା ମହିଳାଙ୍କ ଜୀବନ । ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ଅଙ୍ଗାରଗାଁ ପଂଚାୟତ ଶଙ୍ଖଭୂଇଁ ଗ୍ରାମର କୌତିକ ଦାଶ । ଜ୍ୱାଇଁ ସଞ୍ଜୟ ଦାଶଙ୍କ ସହ ସ୍କୁଟିରେ ଆଖି ଦେଖାଇବା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିଲେ । ସୂଚନା ମୁତାବକ କୁଶଡିପା ଛକ ନିକଟରେ ଜଣେ ବ୍ୟକ୍ତି ଘର କାମ ପାଇଁ ପାଣି ପାଇପ୍ ନେବାକୁ ରାସ୍ତା ଉପରେ ମାଟି ହମ୍ପସ୍ ତିଆରି କରିଥିଲେ । ଫଳରେ ସ୍କୁଟିଟି ହମ୍ପସ ଉପରେ ଝଟକା ଖାଇବାରୁ ପଛରେ ବସିଥିବା କୌତିକ ଦାଶ ଗାଡ଼ିରୁ ଖସି ରାସ୍ତା ଉପରେ ପଡ଼ିଯାଇଥିଲେ । ତାଙ୍କ ମୁଣ୍ଡ ପଛ ଭାଗରେ ଶକ୍ତ ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କ ଅବହେଳା ପାଇଁ ରାସ୍ତା ଅଧାପନ୍ତରିଆ

## ଅବଧି ପୂରିବାର ଦେଢବର୍ଷ ବିତିଲାଣି:କାମ ସରିବାର ନାଁ ଧରୁନି



**ରାଜନଗର (ଅମୃତ ମିଡିଆ):** ରାଜନଗର ବ୍ଲକ କେରୁଆଁପାଳ ପଂଚାୟତରର ପ୍ରମୁଖ ରାସ୍ତା ଭାବେ ପରିଚିତ କେରୁଆଁପାଳ ଲୁଣାବନ୍ଧ ( ମନୋରଂଜନ ମଣ୍ଡଳଙ୍କ ଗୃହ) ଠାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା (ଲକ୍ଷ୍ମୀକାନ୍ତ ମଣ୍ଡଳଙ୍କ ଗୃହ) ପର୍ଯ୍ୟନ୍ତ ରାସ୍ତା ଅଧାପନ୍ତରିଆ ଭାବେ ପଡି ରହିଛି । ଏହି ନିର୍ମାଣାଧିନ ରାସ୍ତା ୪କୋଟି ୯୬ଲକ୍ଷ ୪୬ହଜାର ୪୩୮ଟଙ୍କା ବ୍ୟୟ ଅଟକଳରେ ୫କିଲୋମିଟର ପର୍ଯ୍ୟନ୍ତ ନିର୍ମାଣ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ୨୦୨୪ ମାର୍ଚ୍ଚ ୧୫ତାରିଖରୁ କାର୍ଯ୍ୟ ଆରମ୍ଭ ହୋଇ ୨୦୨୪ ଡିସେମ୍ବର ୧୪ସୁଦ୍ଧା କାର୍ଯ୍ୟ ଶେଷ କରିବା ପାଇଁ ଠିକାସଂସ୍ଥା ଚୁକ୍ତି କରିଥିଲା । ଏହା ମଧ୍ୟରେ ଚୁକ୍ତି ଅନୁଯାୟୀ, କାର୍ଯ୍ୟ ଶେଷ ହେବାର ଅବଧିକୁ ଦେଢ ବର୍ଷ ପୂରିଗଲାଣି । କାର୍ଯ୍ୟ ଶେଷ ହେବାର ନାଁ ଧରୁନି । ଅଧାପନ୍ତରିଆ ଭାବେ ଏହି କାର୍ଯ୍ୟ ପଡି ରହିଛି । ରାସ୍ତାରେ ପଙ୍କୁଆ ମାଟି ପକାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହାପରେ ବି ବିଭାଗ ପକ୍ଷରୁ ଯନ୍ତ୍ରୀମାନେ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଠିକାସଂସ୍ଥା ମନମାନୀ ଚଳାଇଲା । କ୍ରସରଗୁଣ୍ଡ ବିଛାଇ କାମ ବନ୍ଦ କରି ଦେଇଛି । ବର୍ଷାଦିନ ଆରମ୍ଭରୁ ରାସ୍ତା ସ୍ଥାନେ ସ୍ଥାନେ ଧସିବାରେ ଲାଗିଛି । ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗୋଟିଏ ପଟେ ରାସ୍ତା କାମ ସଂପୂର୍ଣ୍ଣ ହୋଇନଥିବା ବେଳେ ଅଧାପ'ରିଆ ରାସ୍ତାରୁ ମାଟି ଧସିବା ଘଟଣା ସ୍ଥାନୀୟ ଅଂଚଳରେ ତୀବ୍ର ଅସ'ୋଷ ଦେଖା ଦେଇଛି । ଆଗାମୀ ଦିନରେ ଏହା ଆନ୍ଦୋଳନର ରୂପ ନେଇପାରେ । ଏହି ରାସ୍ତା ଉପରେ କେରୁଆଁପାଳ, ରଙ୍ଗଣୀ, ବାଘମାରୀ ଓ ତାଳଚୁଆ ପଂଚାୟତର ଲୋକେ ଯିବା ଆସିବା ପାଇଁ ନିର୍ଭର କରିଥାନ୍ତି । ଏଭଳି ରାସ୍ତାକୁ ଠିକାସଂସ୍ଥାକୁ ଅନୁକମ୍ପା ଦେଖାଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି । ଏସଂପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାଷଚନ୍ଦ୍ର ସାହୁଙ୍କୁ ପଚାରିବାରୁ ରାସ୍ତା ଅଧାପନ୍ତରିଆ ରହିଥିବା ଘଟଣାକୁ ସ୍ୱୀକାର କରିଛନ୍ତି । ଠିକାସଂସ୍ଥାକୁ କହି କାମ ସଂପୂର୍ଣ୍ଣ କରିବେ ବୋଲି କହିଛନ୍ତି । ଅପରପକ୍ଷରେ ସହକାରୀ ଯନ୍ତ୍ରୀ ଶ୍ରୀ ସାହୁ ଦିନକ ପରେ ଅବସର ଗ୍ରହଣ କରିବେ । ଠିକାସଂସ୍ଥା ତାଙ୍କ କଥାକୁ ମାନି ଅଧାପନ୍ତରିଆ ରାସ୍ତା କରିବ ତ ! ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଉଚ୍ଚ କର୍ତ୍ତୁପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ୧୨୨ ଦିନରେ ନୀରବ ସତ୍ୟାଗ୍ରହ ପଦଯାତ୍ରା

## ପରମ୍ପରା, ନ୍ୟାୟ ଓ ସମାନ ଅଧିକାର ପୁନଃସ୍ଥାପନ ଦାବି



**ପୁରୀ (ବ୍ୟୁରୋ):** ପୁରୀବାସୀଙ୍କ ପୂର୍ବପରି ଶ୍ରୀମନ୍ଦିରରେ ପ୍ରବେଶ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଅଧିକାର ପୁନଃସ୍ଥାପନ ଦାବିରେ ଚାଲିଥିବା ନୀରବ ସତ୍ୟାଗ୍ରହ ପଦଯାତ୍ରା ଆଜି କ୍ରମାଗତ ୧୨୨ ଦିନରେ ପହଞ୍ଚିଛି। ଏତେ ଦୀର୍ଘ ସମୟ



ଧରି ଶାନ୍ତିପୂର୍ଣ୍ଣ, ଅହିଂସାପୂର୍ଣ୍ଣ ଏବଂ ନିୟମତାନ୍ତ୍ରିକ ଭାବରେ ଆନ୍ଦୋଳନ ଚାଲିଥିଲେ ମଧ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସକାରାତ୍ମକ ପଦକ୍ଷେପ ନିଆଯାଇନାହିଁ, ଯାହା ପୁରୀବାସୀଙ୍କ ମନରେ ଗଭୀର ନିରାଶା ସୃଷ୍ଟି କରିଛି।ସତ୍ୟାଗ୍ରହୀମାନେ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ବିଶ୍ୱର ଆରାଧ୍ୟ ଦେବତା। ତାଙ୍କ ଦ୍ୱାରରେ କୌଣସି ଭକ୍ତଙ୍କ ପ୍ରତି ବୈଷମ୍ୟ ରହିବା ଜଗନ୍ନାଥ ସଂସ୍କୃତିର ମୂଳ ଆଦର୍ଶ ସହ ସଙ୍ଗତିପୂର୍ଣ୍ଣ ନୁହେଁ। ପୁରୀବାସୀଙ୍କ ଦୀର୍ଘଦିନର ପରମ୍ପରାଗତ ଦର୍ଶନ ବ୍ୟବସ୍ଥାକୁ ପୁନଃସ୍ଥାପନ କରିବା ଦିଗରେ ବିଳମ୍ବ ହେବା ଦୁଃଖଦ ଏବଂ ଅନୁଚିତ। ଆଜି ସତ୍ୟାଗ୍ରହୀମାନେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରି କହିଥିଲେ, “ହେ କାଳିଆ ସାଆନ୍ତ ! ସତ୍ୟ ଓ ନ୍ୟାୟର ପଥରେ ଆମର ବିଶ୍ୱାସ ଅତୁଟ। ପୁରୀବାସୀଙ୍କ ପୂର୍ବପରି ଦର୍ଶନ ଅଧିକାର ଶୀଘ୍ର ପୁନଃସ୍ଥାପିତ ହେଉ ଏବଂ ତୁମ ଦ୍ୱାରରେ ସମାନତାର ପରମ୍ପରା ପୁଣିଥରେ ପ୍ରତିଷ୍ଠିତ ହେଉ।ଶୁକ୍ରବାର ପଦଯାତ୍ରାରେ ସର୍ବଶ୍ରୀ ଶିବସୁନ୍ଦର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ମାର୍କଣ୍ଡ



ମହାନ୍ତି, ଅବନୀଶ ରଥ, ଶିଶିରକାନ୍ତ ଶତପଥୀ, ନୃସିଂହନାଥ ନାୟକ, ମନୋରଞ୍ଜନ ରଣସିଂହ, ମମତା ଦାସ, ସନ୍ଧ୍ୟାରାଣୀ ମିଶ୍ର, ଅରୁଣା ପଟ୍ଟନାୟକ, ପ୍ରଣତୀ ରାୟ, ରୂପା ବେହେରା, ଭାରତୀ ମହାନ୍ତି, ନିହାରିକା ତ୍ରିପାଠୀ, ମମତା ସ୍ୱାଇଁ, ସୁବାଷ ପଟ୍ଟନାୟକ, ଯାଦବାନନ୍ଦ ରାୟ, ପ୍ରଫୁଲ୍ଲ କୁମାର ସାହୁ, ସନ୍ତୋଷ ସେନାପତି, ପ୍ରଦୀପ୍ତ କୁମାର ମହାନ୍ତି, ଲିଙ୍ଗରାଜ ସାହୁ, ଗଦାଧର ମହାରଣା, ଦୂର୍ଗାମାଧବ କର, ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନୀରବ ସତ୍ୟାଗ୍ରହ ପ୍ରତି ନିଜର ସମର୍ଥନ ଜଣାଇଥିଲେ। ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି ଯେ, ପୁରୀବାସୀଙ୍କ ପୂର୍ବପରି ଦର୍ଶନ ଅଧିକାର କୌଣସି ବିଶେଷ ସୁବିଧା ନୁହେଁ; ଏହା ସେମାନଙ୍କ ଐତିହାସିକ, ସାଂସ୍କୃତିକ ଓ ଆଧାତ୍ମିକ ଅଧିକାର। ଏହି ଦାବିକୁ ଅଣଦେଖା କରିବା ପୁରୀବାସୀଙ୍କ ଭାବାବେଗ ଓ ଜଗନ୍ନାଥ ପରମ୍ପରା ପ୍ରତି ଅସମ୍ମାନ ସଦୃଶ। ସେ ଆହୁରି କହିଛନ୍ତି, “୧୨୨ ଦିନ ଧରି ଆମେ ନୀରବତା, ଅହିଂସା ଓ ସଂଯମର ପଥରେ ଚାଲୁଛୁ। ଆମର ଧୈର୍ଯ୍ୟକୁ ଦୁର୍ବଳତା ବୋଲି ବୁଝାନଯାଉ। ଏହି ଆନ୍ଦୋଳନ କାହା ବିରୋଧରେ ନୁହେଁ, କିନ୍ତୁ ଅଧିକାର ହରଣ ବିରୋଧରେ। ପୁରୀବାସୀଙ୍କ ପୂର୍ବପରି ଦର୍ଶନ ଅଧିକାର ପୁନଃସ୍ଥାପିତ ନହେବା ପର୍ଯ୍ୟନ୍ତ ଆମର ନୀରବ ସତ୍ୟାଗ୍ରହ ଓ ଗଣଜାଗରଣ ଅବିରତ ଜାରି ରହିବ।

# ଶ୍ରୀଜଗନ୍ନାଥଙ୍କ ଜମିରେ ମଦ ଦୋକାନ ଅଭିଯୋଗ

## ସ୍ପଷ୍ଟୀକରଣ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିକଲା ଆପ୍

**ପୁରୀ (ବ୍ୟୁରୋ):** ଆମ୍ ଆଦ୍‌ମୀ ପାର୍ଟି ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ଜମିରେ ମଦ ଦୋକାନ ଚାଲୁଥିବା ପ୍ରସଙ୍ଗ ଉଠାଇଥିଲା। ସେହି ଘଟଣା ପରେ ପୁରୀର ଜଣେ ଅତିରିକ୍ତ ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ସେ ସସ୍ପେଣ୍ଡ ହୋଇଥିଲେ। ଏତେ ସବୁ ଘଟଣା ପରେ ମଧ୍ୟ ନୂତନ ଅବକାରୀ ନୀତି ଓ ନୂତନ ଲାଇସେନ୍ସ ପ୍ରଦାନ ପରେ ପୁରୀ ଜେଲ୍ ରୋଡ଼ରେ ଥିବା ଏକ ମଦ ଦୋକାନ ଶ୍ରୀଜଗନ୍ନାଥଙ୍କ ଜମିରେ ଚାଲୁଥିବା ନେଇ ଆମ୍ ଆଦ୍‌ମୀ ପାର୍ଟି ଅଭିଯୋଗ କରିଛି। ସୂଚନା ମୁତାବକ ଉକ୍ତ ଜମି କୁମ୍ଭାରପଡ଼ା ମଉଜା, ଖାତା ନଂ–୧୧୪, ସାବକ ପ୍ଲଟ ନଂ–୭୮୮ ଏବଂ ହାଲ ପ୍ଲଟ ନଂ–୪୫୪ ବୋଲି ସୂଚନା ମିଳିଛି । ଏହାସହ




ପୂର୍ବରୁ ମଧ୍ୟ ସେହି ସ୍ଥାନରେ ମଦ ଦୋକାନ ଥିଲା ଏବଂ ବର୍ତ୍ତମାନ ତାହାର ନବୀକରଣ କରାଯାଇଛି ।ଏହି ପ୍ରସଙ୍ଗରେ ପୂର୍ବରୁ ସୂଚନା ଅଧିକାର ଆଇନ ମାଧ୍ୟମରେ ତଥ୍ୟ ମଗାଯାଇଥିଲେ ମଧ୍ୟ ଉତ୍ତର ମିଳିନଥିବା କହିଛି ଆମ୍ ଆଦ୍‌ମୀ ପାର୍ଟି । ଆମ୍ ଆଦ୍‌ମୀ ପାର୍ଟି ସରକାର ଓ ପ୍ରଶାସନଙ୍କୁ ପ୍ରଶ୍ନ କରୁଛି ଯେ, ଯଦି ପ୍ରକୃତରେ ଶ୍ରୀଜଗନ୍ନାଥଙ୍କ ଜମିରେ ମଦ ଦୋକାନ ଚାଲୁଛି, ତେବେ କେଉଁ ଆଇନଗତ ଆଧାରରେ ଏହାକୁ ଅନୁମତି ଦିଆଯାଇଛି ? ସରକାର ସ୍ପଷ୍ଟ କରନ୍ତୁ ଯେ ଶ୍ରୀଜଗନ୍ନାଥଙ୍କ ଜମିରେ ମଦ କିମ୍ବା ଅନ୍ୟ କୌଣସି ଅବକାରୀ ସାମଗ୍ରୀ ବିକ୍ରୟ ପାଇଁ ଅନୁମତି ଦିଆଯାଇପାରିବ କି । ଯଦି ଆଇନ ଅନୁଯାୟୀ ଏଭଳି ଅନୁମତି ଦିଆଯାଇପାରିବ ନାହିଁ ଏବଂ ଏହି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଯେଉଁ ପ୍ରଶାସନିକ ଅଧିକାରୀମାନେ ଏହାକୁ ଅନୁମତି ପ୍ରଦାନ କରିଛନ୍ତି ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଗିରଫ କରାଯାଉ ବୋଲି ଆମ୍ ଆଦ୍‌ମୀ ପାର୍ଟିର ପୁରୀ ଜିଲ୍ଲା ସଭାପତି ଶ୍ରୀ ସଞ୍ଜୀବ କୁମାର ମହାନ୍ତି ଦାବି କରିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି କହିଛି ଯେ, ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତିର ସୁରକ୍ଷା ଓ ଆଇନର ସଠିକ୍ ପାଳନ ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ। ତେଣୁ ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗର ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ଲୋକଙ୍କ ସମ୍ମୁଖରେ ଆଣିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଶୀଘ୍ର ଗ୍ରହଣ କରାଯାଉ।

# ଶିଶୁବିରୋଧୀ ଅପରାଧରେ ଯୁବକଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

**ପୁରୀ (ବ୍ୟୁରୋ):** ପୁରୀ ପୋଲିସର ଦକ୍ଷ ତଦନ୍ତ, ସଠିକ୍ ପ୍ରମାଣ ସଂଗ୍ରହ ଓ କାର୍ଯ୍ୟକାରୀ ଆଇନଗତ ପଦକ୍ଷେପ ଫଳରେ ପିପିଲି ଥାନା କେସ୍ ନଂ. ୨୬୯/୨୦୨୫ (T.R. No. ୩୩/୬୭ ଅଫ୍ ୨୦୨୫) ରେ ଆଜି ମାନ୍ୟବର ଅତିରିକ୍ତ ସେସନ୍ସ ଜଜ୍ (FTSC), ପୁରୀ, ଦୋଷୀ କାହ୍ନା ଓରଫ୍ ରାକେଶ ମହାରଣା (ବୟସ ୩୧ ବର୍ଷ)ଙ୍କୁ ପୋକ୍ସୋ ଆଇନର ଧାରା–୧୦ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି। ମାନ୍ୟବର ଅଦାଲତ ଦୋଷୀଙ୍କୁ ୫ (ପାଞ୍ଚ) ବର୍ଷ ସଶ୍ରମ କାରାଦଣ୍ଡ ସହ ୫,୦୦୦ ଜରିମାନା ଆଦାୟ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ କ୍ଷେତ୍ରରେ ଅତିରିକ୍ତ ୧୫ ଦିନର କାରାଦଣ୍ଡ ଭୋଗ କରିବାକୁ ନିର୍ଦ୍ଦେଶ ରହିଛି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଦୀପକ କୁମାର ନାୟକଙ୍କ ନିଷ୍ଠାପୂର୍ଣ୍ଣ ତଦନ୍ତ, ସାକ୍ଷ୍ୟ ପ୍ରମାଣର ସଠିକ୍ ଉପସ୍ଥାପନ ଏବଂ ସରକାରୀ ଅଭିଯୋଜକଙ୍କ ଦକ୍ଷ ପରିଚାଳନା ଫଳରେ ଏହି ଦୋଷୀ



ସାବ୍ୟସ୍ତ ସମ୍ଭବ ହୋଇପାରିଛି। ପୁରୀ ଏସ୍ପି ଶ୍ରୀ ପ୍ରତୀକ ସିଂଙ୍କ ନେତୃତ୍ୱରେ ପୁରୀ ପୋଲିସର ସମନ୍ୱିତ ଟିମ୍‌ୱର୍କ, ଦ୍ରୁତ ଓ ଗୁଣାତ୍ମକ ତଦନ୍ତ ମାଧ୍ୟମରେ ଏହି ସଫଳତା ହାସଲ ହୋଇଛି। ଶିଶୁଙ୍କ ବିରୋଧରେ ଅପରାଧ ପ୍ରତି ପୁରୀ ପୋଲିସ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ଆଗାମୀ ଦିନରେ ମଧ୍ୟ ଦୃଢ଼ତାର ସହ କାର୍ଯ୍ୟ କରିବ।

# ଲଗାଣ ବର୍ଷାରେ ଦେବୀ-ଭାର୍ଗବୀ ଜଳସ୍ତର ବୃଦ୍ଧି

## ତଳିଆ ଅଞ୍ଚଳ ଜଳମଗ୍ନ, ସହଯୋଗ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ନିବେଦନ

**ପୁରୀ (ବ୍ୟୁରୋ):** ଲଗାଣ ବର୍ଷା ଯୋଗୁଁ ରାଜ୍ୟର ଅନେକ ପ୍ରମୁଖ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ପୁରୀ ଜିଲ୍ଲାରେ ଏବେ ବନ୍ୟା ପରିସ୍ଥିତି ଜଟିଳ ହେବାକୁ ଲାଗିଲାଣି। ଦେବୀ, ଭାର୍ଗବୀ, ଦୟା ଓ ରାଜୁଆ ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଉପକୂଳିଆ ଓ ତଳିଆ ଅଞ୍ଚଳର ଲୋକମାନେ ଆଶଙ୍କା ଓ ଭୟ ମଧ୍ୟରେ ଦିନ କାଟୁଛନ୍ତି। ଅବିଶ୍ରାନ୍ତ ବର୍ଷା ଫଳରେ ନଦୀ ଗୁଡ଼ିକ ଏବେ ଫୁଲିବାରେ ଲାଗିଛନ୍ତି। ପୁରୀ ଜିଲ୍ଲା କାକଟପୁର ବ୍ଲକର ବାଉରିଆକଣ ନିକଟରେ ଦେବୀ ନଦୀର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିସାରିଛି। ବାଉରିଆକଣ ଠାରେ ବିପଦ ସଙ୍କେତ ୪.୯୩ ମିଟର ରହିଥିବା ବେଳେ ଏବେ ଜଳସ୍ତର ୫.୨୦ ମିଟର ଉପରେ ପ୍ରବାହିତ ହେଉଛି। ଦେବୀ ନଦୀରେ ଜଳବୃଦ୍ଧି ଯୋଗୁଁ ଅସ୍ତରଙ୍ଗ ଓ



କାକଟପୁର ବ୍ଲକର ୩ଟି ପ୍ରମୁଖ ପଞ୍ଚାୟତ ସହ ଅନ୍ୟାନ୍ୟ ତଳିଆ ଅଞ୍ଚଳ ଜଳମଗ୍ନ ହେବା ସହ ବିପଦ ସୃଷ୍ଟି ହୋଇଛି। ଚାଷଜମିରେ ପାଣି ମାଡ଼ିଯିବା ସହ ଗ୍ରାମାଞ୍ଚଳ ସଂଯୋଗୀକରଣ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଛି। ଅପର ପକ୍ଷରେ କଣାସ ବ୍ଲକର ଦୋକନ୍ଦା ଅଞ୍ଚଳରେ ବନ୍ୟା ପାଣି ପ୍ରବେଶ କରିସାରିଛି। ଲୋକଙ୍କ ଘରଦ୍ୱାର ଓ ଦୋକାନ ବଜାରରେ ପାଣି ପଶିବା ଫଳରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଚାଷଜମିରେ ପାଣି ଜମା ରହିଥିବାରୁ ତଳି ନଷ୍ଟ ହୋଇଯାଇଥିବା ଅଭିଯୋଗ କରିଛନ୍ତି ଚାଷୀ । ସେହିପରି ଦୟା ଓ ରାଜୁଆ ନଦୀ ମଧ୍ୟ ଆଖପାଖ ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଇଛନ୍ତି। ପିପିଲିର ଭାରତୀପୁର କାଜ ଓ କଣ୍ଟୀ କାଜ ଉପରେ ଦୟା ନଦୀର ବନ୍ୟା ଜଳ ପ୍ରବାହିତ ହେଉଛି। ଯାହାଫଳରେ ଯାତାୟାତ ପ୍ରଭାବିତ ହେବା ସହ ତଳିଆ ଅଞ୍ଚଳକୁ ବନ୍ୟା ଜଳ ମାଡ଼ିଯିବାର ବଡ଼ ଧରଣର ବିପଦ ରହିଛି। ବିଡିଓ ସରୋଜ କୁମାର ରାଉତ କହିଛନ୍ତି ‘‘ଏବେ ସୁଦ୍ଧା ଜନବସତି ଆଡକୁ ପାଣି ମାଡି ନାହିଁ । ଯଦି ଆଗକୁ ଜଳସ୍ତର ବଢେ ତେବେ ଧନଜୀବନ ରକ୍ଷାକୁ ଆମେ ପ୍ରାଥମିକତା ଦେଉଛୁ। ଆମେ ସ୍ଥିତି ଉପରେ ନଜର ରଖିଛୁ। ସ୍ଥିତି ଦେଖି ଆମେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବୁ’’ । ବଳଙ୍ଗା ଠାରେ ଭାର୍ଗବୀ ନଦୀ ବିପଦ ସଂକେତ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ବିପଦ ସଂକେତ ୧୦.୪୨ ମିଟର ହୋଇଥିଲା ବେଳେ ୧୧.୧୦ ମିଟର ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି । ଦୟା ନଦୀ କୂଳରେ ଥିବା ପୁବା ପଞ୍ଚାୟତର ଶବର ସାହିରେ ଏବେ ହାହାକାର ପରିସ୍ଥିତି। ନଦୀର ବନ୍ୟା ଜଳ ସାହି ଭିତରକୁ ପଶିଯିବା ଫଳରେ ଅନେକ ପରିବାର ବାସହରା ହେବା ଅବସ୍ଥାକୁ ଆସିଗଲେଣି। ଲୋକମାନେ ନିଜର ଗୃହପାଳିତ ପଶୁ ଓ ଜରୁରୀ ସାମଗ୍ରୀ ଧରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହେବାକୁ ଚେଷ୍ଟା କରୁଛନ୍ତି। ନଦୀଗୁଡ଼ିକର ଏହି ଉଗ୍ରରୂପ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ସତର୍କ ହୋଇପଡ଼ିଛି। ଦେବୀ, ଭାର୍ଗବୀ, ଦୟା ଓ ରାଜୁଆ ନଦୀର ଦୁର୍ବଳ ନଦୀବନ୍ଧଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସ୍ଥିତି ଉପରେ ନଜର ରଖିବା ସହ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଗାମୀ କିଛି ଘଣ୍ଟା ମଧ୍ୟରେ ଜଳସ୍ତର ଆହୁରି ବଢ଼ିବାର ସମ୍ଭାବନା ରହିଛି। ତେଣୁ ତଳିଆ ଅଞ୍ଚଳର ବାସିନ୍ଦାଙ୍କୁ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି ‘‘ମୁଁ ସର୍ବୋଚ୍ଚ ଯନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା କରିଛି । ସରକାର ଲୋକଙ୍କ ସହ ଅଛନ୍ତି । ଆମେ ପୁରା ପ୍ରସ୍ତୁତିରେ ଅଛୁ । ସମସ୍ତଙ୍କୁ ଅନୁରୋଧ କରିବି ଏ ବିପଦ ସମୟରେ ପରସ୍ପରକୁ ସହଯୋଗ କରିବେ’’ ।

# ଆପ୍‌ର ସାଙ୍ଗଠନିକ ନିର୍ବାଚନ ସମ୍ପନ୍ନ

## ସଞ୍ଜୀବ ସଭାପତି ଓ ନ୍ୟାସନାଲ କାଉନ୍‌ସିଲ୍ ସଦସ୍ୟ ନିର୍ବାଚିତ

**ପୁରୀ (ବ୍ୟୁରୋ):** ବଳଭଦ୍ର ଜାଗା ଯୁବକ ସଂଘ, ହରିଜନ ସାହି, ମାର୍କଣ୍ଡ ସାହି ପରିସରରେ ଆମ୍ ଆଦ୍‌ମୀ ପାର୍ଟିର ପୁରୀ ଜିଲ୍ଲା ସାଙ୍ଗଠନିକ ନିର୍ବାଚନ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ପାର୍ଟିର ସମ୍ବିଧାନିକ ନିୟମ ଅନୁଯାୟୀ ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ସକ୍ରିୟ ସଦସ୍ୟମାନଙ୍କୁ ନେଇ ପ୍ରତି ତିନିବର୍ଷରେ ଥରେ ଏହି ସାଙ୍ଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇଥାଏ। ଏହି ନିର୍ବାଚନରେ ପୁରୀ ଜିଲ୍ଲାରେ ପ୍ରଥମ ଥର ପାଇଁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଜିଲ୍ଲା ସଭାପତି (ଜିଲ୍ଲା ଆବାହକ) ପଦବୀ ପାଇଁ ନିର୍ବାଚନ ହୋଇଥିବାବେଳେ ଶ୍ରୀଯୁକ୍ତ ସଞ୍ଜୀବ କୁମାର ମହାନ୍ତି ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ପାର୍ଟିର ନିୟମ ଅନୁଯାୟୀ ଜିଲ୍ଲା ସଭାପତି ନ୍ୟାସନାଲ କାଉନ୍ସିଲ୍ ସଦସ୍ୟ ଭାବେ ମଧ୍ୟ ନିର୍ବାଚିତ ହୋଇଥାନ୍ତି। ଏହିପରି ପୁରୀ ଜିଲ୍ଲାରୁ ପ୍ରଥମ ଥର ପାଇଁ ଶ୍ରୀଯୁକ୍ତ ସଞ୍ଜୀବ କୁମାର ମହାନ୍ତି ନ୍ୟାସନାଲ କାଉନ୍ସିଲ୍ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ



ପ୍ରକ୍ରିୟାକୁ ଆମ୍ ଆଦ୍‌ମୀ ପାର୍ଟିର ରାଜ୍ୟ ସଙ୍ଗଠନ ସମ୍ପାଦକ ଶ୍ରୀଯୁକ୍ତ ଶ୍ରୀକାନ୍ତ ପାଣି ପର୍ଯ୍ୟବେକ୍ଷକ ଭାବେ ପରିଚାଳନା କରିଥିଲେ। ଶ୍ରୀଯୁକ୍ତ ବିସ୍ମୟ ପଲ୍ ଏବଂ ଏସ୍. କେ. ମୁମତାଜ ଶ୍ରୀଯୁକ୍ତ ସଞ୍ଜୀବ କୁମାର ମହାନ୍ତିଙ୍କ ନାମକୁ ଜିଲ୍ଲା ଆବାହକ ପଦ ପାଇଁ ପ୍ରସ୍ତାବ ଦେଇଥିବାବେଳେ ଶ୍ରୀଯୁକ୍ତ ଭାଗବତ ବେହେରା ସେହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ଉପସ୍ଥିତ ସମସ୍ତ ସକ୍ରିୟ ସଦସ୍ୟଙ୍କ ସର୍ବସମ୍ମତିକ୍ରମେ ଶ୍ରୀଯୁକ୍ତ ସଞ୍ଜୀବ କୁମାର ମହାନ୍ତି ନିର୍ବିରୋଧରେ ନିର୍ବାଚିତ ହୋଇଥିଲେ। ନିର୍ବାଚିତ ହେବା ପରେ ଶ୍ରୀଯୁକ୍ତ ସଞ୍ଜୀବ କୁମାର ମହାନ୍ତି କହିଥିଲେ ଯେ, ପୂର୍ବରୁ ରାଜ୍ୟ ନେତୃତ୍ୱ ତାଙ୍କ ଉପରେ ଭରସା ରଖି ଦାୟିତ୍ୱ ପ୍ରଦାନ କରିଥିଲେ ଏବଂ ଏବେ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି ପରିବାର ତାଙ୍କୁ ଗଣତାନ୍ତ୍ରିକ ଭାବେ ନିର୍ବାଚିତ କରିଛନ୍ତି। ଏହି ଆସ୍ଥା ଓ ବିଶ୍ୱାସକୁ ସମ୍ମାନ ଜଣାଇ ସେ ସମସ୍ତ କର୍ମୀଙ୍କୁ ସାଥିରେ ନେଇ ପୁରୀ ଜିଲ୍ଲାରେ ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ ଆଗାମୀ ନିର୍ବାଚନରେ ଦଳର ସଫଳତା ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବେ ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ, ଆମ୍ ଆଦ୍‌ମୀ ପାର୍ଟି ଆଗାମୀ ଦିନରେ ଜନସାଧାରଣଙ୍କ ପ୍ରତ୍ୟେକ ସମସ୍ୟାରେ ସେମାନଙ୍କ ସହ ଦୃଢ଼ ଭାବେ ଛିଡ଼ା ହେବା ସହ ସେହି ସମସ୍ୟାର ସମାଧାନ ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିବ।

# ଜିଲ୍ଲାପାଳଙ୍କ ବନ୍ୟା ପ୍ରସ୍ତୁତି ନେଇ ସମୀକ୍ଷା ବୈଠକ

**ପୁରୀ (ବ୍ୟୁରୋ):** ରାଜ୍ୟରେ ବନ୍ୟା ସ୍ଥିତି ଧୀରେ ଧୀରେ ଉଗ୍ର ରୂପ ନେବାରେ ଲାଗିଛି। ଅବଶ୍ୟ ଏହାର ମୁକାବିଲା ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ ଜାରି ରହିଛି। ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଥିବା ବେଳେ, ସେମାନଙ୍କୁ ରନ୍ଧା ଖାଦ୍ୟ ସହ ଅନ୍ୟାନ୍ୟ ରିଲିଫ୍ ସାମଗ୍ରୀ ଯୋଗାଇ ଦିଆଯାଉଛି। ଏହି କ୍ରମରେ ପୁରୀ ଜିଲ୍ଲାରେ ସମ୍ଭାବ୍ୟ ବନ୍ୟାକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ଗୁରୁବାର ପୁରୀ ଓସ୍ୱାନ ଗୃହରେ ଭିଡିଓ କନଫରେନ୍ସ ମାଧ୍ୟମରେ ବନ୍ୟା ପ୍ରଭାବିତ ଆଶଙ୍କା ଥିବା ୧୧ଟି ବ୍ଲକର ବିଡିଓଙ୍କୁ ନେଇ ସମୀକ୍ଷା କରିଛନ୍ତି ଜିଲ୍ଲାପାଳ । ମହାନଦୀରେ ଜଳ ପ୍ରଭାବିତ ହେଉଥିବା କଟକ ମୁଣ୍ଡଳୀ ଠାରେ ୧୨ ଲକ୍ଷରୁ ଉର୍ଦ୍ଧ୍ୱ କ୍ୟୁସେକ ଜଳ ପ୍ରଭାବିତ ହେଉଛି। ଫଳରେ ରାତି ସୁଦ୍ଧା ପୁରୀ ଜିଲ୍ଲାରେ ଥିବା ପ୍ରଭାବିତ ଅଞ୍ଚଳ ଯେପରିକି ନିମାପଡ଼ା ବ୍ଲକର ଧନୁଆ, ଦେବୀ ନଦୀ, ରାଜୁଆ ନଦୀ ଏବଂ ପିପିଲି ଡେଲାଙ୍ଗ ବ୍ଲକରେ ପ୍ରଭାବିତ ହେଉଥିବା ଦୟାନଦୀର ପାଣି ରାତି ସୁଦ୍ଧା ବନ୍ଧ ଉପରକୁ ଜଳସ୍ତର ଉଠିପାରେ। ତେଣୁ ଏହାର ମୁକାବିଲା ପାଇଁ ପ୍ରତ୍ୟେକ ବ୍ଲକରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ବନ୍ଧ ଉପରକୁ ପାଣି ଉଠିବା ପୂର୍ବରୁ ଜଳସେଚନ ବିଭାଗ ପକ୍ଷରୁ ବାଲିବସ୍ତା ବନ୍ଧ ଉପରେ ପକାଇବେ। ସେହିଭଳି ପ୍ରତ୍ୟେକ ପଞ୍ଚାୟତର ପରିସ୍ଥିତି ବ୍ଲକର ପିଇଓମାନେ ଅନୁଧ୍ୟାନ କରି କଣ୍ଟ୍ରୋଲ ରୁମ୍‌କୁ ରିପୋର୍ଟ ଦେବେ। ଅଗ୍ନିଶମ ବିଭାଗ ଓଡ୍ରାଫ ଟିମକୁ ନେଇ ପ୍ରଭାବିତ ଜାଗାରେ ସଜାଗ ହୋଇ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ସ୍ୱାସ୍ଥ୍ୟ ବିଭାଗ ସହିତ ଅନ୍ୟାନ୍ୟ ସମସ୍ତ ବିଭାଗ ସଜାଗ ରହିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ମିଳିଥିବା ସଦ୍ୟ ସୂଚନା ଅନୁସାରେ, ଦୟା ନଦୀରେ ଆସିଥିବା ବନ୍ୟା ଯୋଗୁ ପୁରୀ କଣାସ ବ୍ଲକ ବଗିପଡ଼ା ଗାଁରେ ବନ୍ୟାଜଳ ପ୍ରବେଶ କରିଛି। ଜଳସ୍ତର ବଢ଼ିବାରୁ ୫ ପରିବାର ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଜଣାପଡ଼ିଛି। ଏମିତିରେ ଆଗକୁ ବନ୍ୟା ଜଳ ସ୍ତର ବଢ଼ିବା ନେଇ ଭୟରେ କଣାସ ଅଞ୍ଚଳବାସୀ।

# ପଦାରେପଡ଼ିଲା ମହାନଗର ନିଗମର ସଫେଇ କାର୍ଯ୍ୟ

## ଡ୍ରେନେଜ୍ ବ୍ୟବସ୍ଥା ସୁଧାରିବାକୁ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ୍ ଦାବି

**ପୁରୀ (ବ୍ୟୁରୋ):** କେବଳ କାଗଜ କଲମରେ ଚାଲିଛି ପୁରୀରେ ଡ୍ରେନେଜ୍ ସଫେଇ କାର୍ଯ୍ୟ । ରଥଯାତ୍ରା ଓ ନିଳାଦ୍ରୀ ବିଜେରେ ଲଗାଣ ବର୍ଷା ପୁରୀ ମହାନଗର ନିଗମର ଡ୍ରେନଜ୍ ସଫେଇ କାର୍ଯ୍ୟକୁ ପଦାରେ ପକାଇଛି । ଅନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀ ହେଉଛି ପୁରୀ । ହେଲେ ମାତ୍ର ଘଣ୍ଟାଏ ଲଗାଣ ବର୍ଷାରେ ପୁରୀ ସହର ହୋଇପଡୁଛି ବେହାଲ୍ । ସବୁଆଡ଼େ ଜଳବନ୍ଦୀ ସ୍ଥିତି ସୃଷ୍ଟି ହେଉଛି । ଜନ ଜୀବନ ଠପ୍ ହୋଇଯାଉଛି । ପୁରୀରେ ଏଭଳି ଦୂରାବସ୍ଥାକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ସହରରେ ସ୍ୱଚ୍ଛତା ବଜାୟ ରଖିବା ସହ ବର୍ଷା ଦିନେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ପୁରୀକୁ ପୌରପାଳିକାରୁ ମହାନଗର ଘୋଷଣା କଲେ ରାଜ୍ୟ ସରକାର । ମହାନଗର ନିଗମ ହେଲେ ଅଧିକ ଆର୍ଥିକ ଅନୁଦାନ ମିଳିଥାଏ । ଯାହାଦ୍ୱାରା ସହରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରିବ । ହେଲେ ସବୁଠାରୁ ଆଶ୍ଚର୍ଯ୍ୟର କଥା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ଶୂନ୍ । ସେପଟେ ସହରରେ ଡ୍ରେନେଜ୍ ବ୍ୟବସ୍ଥା ସୁଧାରିବା ପାଇଁ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ୍ ଦାବି କଲେ ବୁଦ୍ଧିଜୀବୀ । ପୁରୀ ସହରରେ ଥିବା ଡ୍ରେନ୍ ଗୁଡ଼ିକ ନା ଠିକରେ ସଫେଇ ହୋଇ ପାରୁଛି ନା ନୂଆ ଡ୍ରେନ ନିର୍ମାଣ ହୋଇପାରୁଛି। ଫଳରେ ଡ୍ରେନେଜ ସମସ୍ୟା ଯୋଗୁଁ ରଥଯାତ୍ରାରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା । ଚଳିତ ରଥଯାତ୍ରାରେ ଲଘୁଚାପ ବର୍ଷା ଯୋଗୁଁ ପୁରୀ ସହର ସମ୍ପୂର୍ଣ୍ଣ ବେହାଲ ହୋଇପଡ଼ିଥିଲା । ବଡଦାଣ୍ଡ, ସମୁଦ୍ର କୂଳ ରାସ୍ତାରେ ମାତ୍ର କିଛି ଘଣ୍ଟା ବର୍ଷାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିଲା । ଫଳରେ ଜନ




ଜୀବନ ଠପ୍ ହୋଇ ପଡ଼ିଥିଲା । ସହରର ବିଭିନ୍ନ ସାହି, ତଳିଆ ଅଞ୍ଚଳରେ ବର୍ଷା ଜଳ ନିଷ୍କାସନ ହୋଇନପାରି ସଙ୍ଗିନ ସ୍ଥିତି ସୃଷ୍ଟି ହୋଇଥିଲା । ରଥଯାତ୍ରା ପୂର୍ବରୁ ପୁରୀ ସହରରେ ଥିବା ସବୁ ଛୋଟ ବଡ଼ ଡ୍ରେନ ସଫେଇ ସହ ମରାମତି ପାଇଁ ନିଷ୍ପତ୍ତି ହୋଇଥିଲା । ହେଲେ ରଥଯାତ୍ରା ଶେଷ ହୋଇଥିଲେ ଡ୍ରେନ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନଥିଲା ।ବଡଦାଣ୍ଡ ଓ ସମୁଦ୍ର କୂଳ ଅଞ୍ଚଳରେ ଥିବା ଡ୍ରେନ ଗୁଡ଼ିକ ସଠିକ୍ ଭାବରେ ସଫେଇ ନ ହେବା ଯୋଗୁଁ ରଥଯାତ୍ରା ଓ ନୀଳାଦ୍ରି ବିଜେ ଦିନ ବଡଦାଣ୍ଡରେ ବର୍ଷା ଜଳ ନିଷ୍କାସନ ହୋଇ ନପାରି କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା । ହଜାର ହଜାର ପର୍ଯ୍ୟଟକ ଓ ଭକ୍ତ ନର୍ଦ୍ଦମା ଜଳରେ ପଶି ଯାତାୟାତ କରିଥିଲେ । ଏଭଳି ଅବ୍ୟବସ୍ଥାକୁ କଡା ସମାଲୋଚନା କରିଥିଲେ ଭକ୍ତ ଓ ପର୍ଯ୍ୟଟକ । ଏଣୁ କେବଳ କାଗଜ କଲମରେ ପୁରୀକୁ ବିଶ୍ୱସ୍ତରୀୟ ସହର ନକରି ବାସ୍ତବରେ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେବାର ଆବଶ୍ୟକତା ଥିବା ବୁଦ୍ଧିଜୀବୀ କହିଛନ୍ତି । ପୁରୀ ମହାନଗର ନିଗମରେ ସାମିଲ ହୋଇଥିବା ନୂଆ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ କରାଯାଇ ଡ୍ରେନଜ ଭିତ୍ତିଭୂମି ଉନ୍ନତି କରିବାର ଆବଶ୍ୟକତା ଥିବା ବୁଦ୍ଧିଜୀବି ମତବ୍ୟକ୍ତ କରିଛନ୍ତି ।ବୁଦ୍ଧିଜୀବୀ ହେକ୍ଟର ମିଶ୍ର କହିଛନ୍ତି,‘ରାଜ୍ୟ ସରକାର ପୁରୀ ସହରକୁ ଏକ ବିଶ୍ୱ ସ୍ତରୀୟ ସହରର ପରିକଳ୍ପନା କରିଛନ୍ତି । ଏଠାରେ ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ କଥା କୁହାଯାଉଛି । କୋଣାର୍କ, ପୁରୀ ଏବଂ ଚିଲିକାକୁ ନେଇ ସ୍ୱତନ୍ତ୍ର ପର୍ଯ୍ୟଟନ ସର୍କିଟ କରିବା କଥା ସରକାର କହୁଛନ୍ତି । ହେଲେ ମାତ୍ର ଅଧ ଘଣ୍ଟେ ବର୍ଷା ହେଲେ ପୁରୀ ସହର ସମ୍ପୂର୍ଣ୍ଣ ବେହାଲ ହୋଇପଡୁଛି । ଗତ ନୀଳାଦ୍ରି ବିଜେ ଦିନ ଯେଉଁ ପ୍ରବଳ ବର୍ଷା ହେଲା ପୁରୀ ସହର ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇପଡ଼ିଲା । ପୁରୀକୁ ଆସିଥିବା ଭକ୍ତ ଓ ପର୍ଯ୍ୟଟକମାନେ ଏହା ଦେଖି ସ୍ତବ୍ଧ ହୋଇଯାଇଥିଲେ । ବଡ଼ ଦୁଃଖ କ୍ଷୋଭର ବିଷୟ ପୁରୀ ମହାନଗର ନିଗମ ମାନ୍ୟତା ପାଇଥିବା ବେଳେ ଜଳ ନିଷ୍କାସନ ନେଇ କୌଣସି ସ୍ୱତନ୍ତ୍ର ଯୋଜନା ଆଜି ପର୍ଯ୍ୟନ୍ତ ମହାନଗର ନିଗମ ପକ୍ଷରୁ ହୋଇନାହିଁ। ଏନେଇ କୌଣସି ସ୍ୱତନ୍ତ୍ର ଯୋଜନା କି ବ୍ଲୁ ପ୍ରିଣ୍ଟ ଆଜି ପର୍ଯ୍ୟନ୍ତ ହୋଇନାହିଁ । ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଛି । ଯଦି ରାଜ୍ୟ ସରକାର ପୁରୀ ସହରର ଜଳ ନିଷ୍କାସନ ସମସ୍ୟାକୁ ନେଇ ଯଦି କିଛି ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ନକରନ୍ତି, ତାହା ଆଗାମୀ ଦିନରେ ଆହୁରି ଭୟଙ୍କର ସ୍ଥିତି ସୃଷ୍ଟି ହେବ ।’

## 'ତୁମ ଚକାଆଖି'



ଉମାଶଙ୍କର ପ୍ରସାଦ

ତୁମ ଚକାଆଖି ଥରେ ଦେଖିଦେଲେ
ସବୁ ଦୁଃଖ ଭୁଲିଯାଏ
ରଙ୍ଗ ଅଧରର ହସ ହସ ମୁହଁ
ଚୋରିକରି ମନ ନିଏ
ବାଟବଣା ହେଲେ ବାଟ ତ ଦେଖାଅ
ଅନ୍ଧାରେ ଧରତ ହାତ
ଅଚ୍ଛବ ଦାସିଆ ଶ୍ରୀଫଳ ଟେକିଲା
ପ୍ରସାରିଣ ନେଲ ହାତ
ଯେତେଦୂରେ ଭକ୍ତ ଆରତେ ଡାକିଲେ
ଅଟକି ଯାଏ ଯା ରଥ
ଭକତ ର ଆଶା ପୂର୍ଣ୍ଣ କରିବାକୁ
ଯିଏ ଅଟେ ସାମରଥ
ଯେତେ ପାପୀ ତପି ଉଦ୍ଧାରିବା ପାଇଁ
ଉଡୁଥାଏ ଯାର ନେତ
ଯିଏ ଯେଉଁ ଭାବେ ଡାକଇ ତାହାକୁ
ଶୁଣେ କାଳିଆ ସାଆନ୍ତ
ଜାତିଭେଦ ଭାବ ନଥାଏ ଯାହାର
ସମଗ୍ର ଜାତିର ବନ୍ଧୁ
ଗରିବ କି ଧନୀ ଭେଦନାହିଁ ଯାର
ସେହି ଭକ୍ତ କୃପାସିନ୍ଧୁ
ସର୍ବ କଳ୍ପନାର କଳ୍ପବଟ ସିଏ
ବେସୁରା ରାଗିଣୀ ମୋର
ହୃଦ ଦାବାନଳେ ଶୀତଳ ସମୀର
ଅଟେ ଯାର ବଂଶୀ ସ୍ୱର
ଚକା ଚକାଆଖି ଖୋଲି ଦେଖୁଥାଏ
ପଲକ ପଡ଼େନି ଯାର
ସେ ଚକା ଆଖିରେ ଚାହିଁଦେଲେ ଥରେ
ଦୁଃଖ ହୋଇଯାଏ ଦୂର
ରଥାରୂଢ଼ ହୋଇ ପତିତଜନକୁ
ଉଦ୍ଧାର କରିବା ପାଇଁ
ନବାଦିନାତ୍ମକ ଯାତ୍ରା ରଚିଥାନ୍ତି
ସେହି ବ୍ରହ୍ମାଣ୍ଡ ଗୋସାଇଁ
କି ଦେଇ ପୂଜିବି ଯାହାମୁଁ ଦେଖଇ
ସବୁତୋର ପରସାଦ
ତୋର ପରସାଦ ତୋତେ ଅରପିଲେ
ହେବନି କି ଅପରାଧ ?
ଯାହାଇଚ୍ଛା ତାହା କର ଚଉବାହା
ପଦ ପଙ୍କଜେ ଗୁହାରି
ଜଗତର ବନ୍ଧୁ ଆହେ ଦୀନବନ୍ଧୁ
ଆଶା ପୂରୁ ଯେ ମୋହରି ।

ଖୋର୍ଦ୍ଧା
ମୋ-୬୩୭୦୬୭୫୫୬୨

## ମୃଗତୃଷ୍ଣା



ରାମଚନ୍ଦ୍ର ବେହେରା

ଜାଣେନାହିଁ କାହିଁ କବିତାକୁ ମୁହିଁ
ଅନ୍ତରରେ ଭଲ ପାଏ
କବିତାକୁ ଲେଖି ଅଜଣାତେ କାହିଁ
ଖୁସିର ଲୋତକ ବୁହେ
ଭାରି ଲାଗେ ଆପଣାର
ଯେତେ ଚେଷ୍ଟାକଲେ ଦୂରେଇ ଯିବାକୁ
ପୁଣି ପଡେ ବାରମ୍ବାର ।
କବିତା ଗୋ ତୁମେ କେବେ ଆସ ସାଜି
ଚଇତର ମଲ୍ଲୀ ବାସ
କେବେ ସାଜ ତୁମେ ତପ୍ତ ନିଦାଘର
ମୃଗତୃଷ୍ଣା ଅବସୋସ
କେବେ ଶ୍ରାବଣର ଝଡି
କେବେ ଶରତର ନିର୍ମଳ ଚାନ୍ଦିନୀ
ହେମନ୍ତ ଘନ କୁହୁଡି ।
ମଗୁଶୁରେ ତୁମେ ସ୍ୱଚ୍ଛ ଝୋଟି ଚିତା
ପୁଷରେ ଶୀତ ପବନ
ମାଘ ମାସେ ତୁମେ ଚନ୍ଦ୍ରଭାଗା ବୁଡ
ଫଗୁଣେ ଦୋଳ ବିମାନ
କୋଇଲିର କୁହୁତାନ
ମୃଦୁ ମଳୟର କୋମଳ ପରଶ
ପାହାନ୍ତିର ମିଠା ସ୍ୱପ୍ନ ।
କେବେ ତୋଳ ତୁମେ ମୋ ମନ ଗହନେ
ମଳୟ ମହ୍ଲାର ରାଗ
ତୁମ ପାଇଁ ଭରେ ହୃଦୟରେ ମୋର
ଅସରନ୍ତି ଅନୁରାଗ
ରୁହେ ନାହିଁ କର୍ମେ ଲୟ
କାହିଁକି କେଜାଣି ଜୀବନଟା ହୁଏ
ଗୀତିମୟ ପ୍ରୀତିମୟ ।

ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬

## ଜୀବନ ଦର୍ଶନ



ଡ. ସସ୍ମିତା ମିଶ୍ର

ଝୁରୁଛି ଜଗତ ଝୁରୁଅଛି ରଥ
ଝୁରୁଛନ୍ତି ପଥପ୍ରାନ୍ତ
ଶୂନ୍ୟ ସିଂହାସନ ପୂର୍ଣ୍ଣ ଆବରଣ
କୋଳେ ଜଗତର ନାଥ ।
ଭକ୍ତ ଭଗବାନ ଅପୂର୍ବ ମିଳନ
ଶ୍ରୀକ୍ଷେତ୍ର ଥିଲା ଗହଳି
ମାୟାର ସଂସାର ସୁଖୀ ପରିବାର
ଦର୍ଶନ ଭଳିକି ଭଳି ।
ମାଆ ମାତୃଭୂମି ଜନ୍ମ କର୍ମଭୂମି
ଲୀଳାମୟଙ୍କର ଲୀଳା
ଭାଇ ଭଗ୍ନୀ ସଙ୍ଗେ କରିଥାନ୍ତି ରଙ୍ଗେ
ଘୋଷ ଯାତ ନନ୍ଦବଳା ।
ଦାମ୍ପତ୍ୟ ଜୀବନ ରାଗ ରୁଷା ମାନ
ଅଭିମାନ ମିଠା କଳି
ରାଗରେ ଆରମ୍ଭ ଅନୁରାଗେ ଶେଷ
ଲୀଳା ମାଧୁରୀ ଉଚ୍ଛୁଳି ।
ସମ୍ପର୍କର ଡୋର ଭାଇ ଭଉଣୀର
ପ୍ରୀତି ଉଚ୍ଛ୍ୱାସ ବନ୍ଧନ
ନୁହନ୍ତି ସେ ଅରି ସୋଦର ବଇରୀ
ଏକ ଆତ୍ମା ପରା ଭିନ୍ନ ।
ତିକ୍ତ ଅନୁଭୂତି କରେ କ୍ଷୟକ୍ଷତି
ସମ୍ପର୍କରେ ଆସେ ବାଧା
ଚେତନା ଜଗାନ୍ତି ନୀଳାଦ୍ରିର ହସ୍ତୀ
ବିଶ୍ୱର ସୃଷ୍ଟି ନିୟନ୍ତା ।
ହେ ମୋହନ ବଂଶୀ ଜଗତର ଖୁସି
ଜଗତ ମଙ୍ଗଳ ପାଇଁ
ଦର୍ଶନେ ସୁଷମା ଲୀଳା ମାଧୁରୀମା
ସୃଷ୍ଟିକୁ ଦେଲ ଚେତାଇ ।

ଧ୍ରୁବ ଜ୍ୟୋତିଷ ଗବେଷଣା କେନ୍ଦ୍ର, ପୁରୀ
ମୋ: ୯୫୮୩୭୧୪୨୮୦

## ଧନ୍ୟ ତୁ ଓଡ଼ିଶା



ପ୍ରଶାନ୍ତ କୁମାର ନାୟକ

ଗରିମାମୟ ମୋ ଜାତି ଇତିହାସ
ବୀରତ୍ୱର ଗାଥା ଗାଏ ,
ସଂସ୍କୃତି ମହାନ ପରମ୍ପରା ତା'ର
ଅତୀତର କଥା କହେ ।।
ଭାରି ମିଠାଲାଗେ ତା' ପାଣି ପବନ
ମଧୁର ତାହାର ଭାଷା ,
ନାମ ତା' ମଧୁର ଧାମ ତା' ସୁନ୍ଦର
କେତେ ମହାନ ଓଡ଼ିଶା ।।
କ୍ଷେତ୍ର ତା' ପବିତ୍ର ନାମେ ଜଗନ୍ନାଥ
ଚଉଦ ଭୁବନ ପତି,
କୋଣାର୍କ ଯାହାର ଆଜିବି ଜପୁଛି
ଉତ୍କଳୀୟ ଯଶ କୀର୍ତ୍ତି ।।
ନାହିଁ ଆଜି ସେଠି ଜାତି ଓ ଅଜାତି
ସବୁତ ଗୋଟିଏ ଧର୍ମ,
ଭାଇଚାରାର ତ ଅତୁଟ ବନ୍ଧନ
କରନ୍ତି ସକଳ କର୍ମ ।।
ହିଂସା ଓ ଈର୍ଷାର ସ୍ଥାନନାହିଁ ଏଠି
ନାହିଁତ ସ୍ଥାନ ଗର୍ବର,
ସ୍ନେହ,ଶ୍ରଦ୍ଧା,ଖୁସି ଆଦାନ ପ୍ରଦାନେ
କରେ ସଭିଙ୍କୁ ନିଜର ।।
ମଧୁର ଯାହାର କଳା ଓ ସଂସ୍କୃତି
ପବନ ଗାଏ ଯା' ଗୀତି ,
ଛଉ ଓଡ଼ିଶୀରେ ମନ ନାଚି ଉଠେ
ଧନ୍ୟ ଓଡ଼ିଶା ସଂସ୍କୃତି ।
କେତେ ସୁମଧୁର ଓଡ଼ିଶା ପଖାଳ
ପୋଡ଼ପିଠା ରସଗୋଲା ,
ଅବଢା ସହିତ ଟଙ୍କ ତୋରାଣିକୁ
କେ ଅଛି ଭୁଲିବା ବାଲା ।।
ଓଡ଼ିଆ ଅସ୍ମିତା ଆମ ପରିଚୟ
ଧନ୍ୟ ତା'ର କଳାକୃତି ,
ଧନ୍ୟ ତୁ ଓଡ଼ିଶା ଧନ୍ୟ ତୋ ଗୌରବ
ଧନ୍ୟ ଓଡ଼ିଶାର କୀର୍ତ୍ତି ।।

ୟୁନିଟ୍-୫, ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪

## ଦୂରେ ବହୁଦୂରେ



ନିରଞ୍ଜନ ସାହୁ

ଆମରି ଗାଆଁକୁ ଦୂରରୁ ଦେଖିଲେ
ଯେତିକି ସୁନ୍ଦର ଲାଗେ
ପାଖରୁ ଦେଖିଲେ ସେମିତି ଲାଗେନା
ମନ ମାନେନାହିଁ ବାଗେ ।
ଆମ ଗାଆଁ କଥା ବର୍ଣ୍ଣନା କରନ୍ତି
ପାଖ ଗାଆଁ ଲୋକ ଯେବେ
ଛାତି ମୋର କୁଣ୍ଢେମୋଟ ହୋଇଯାଏ
ତାହା ଶୁଣି କେବେକେବେ
ମୋ ଗାଆଁର ଇତିହାସ ଶୁଣିଦେଲେ
ଗାଆଁ ମୁହଁ ଦିଶେ ଆଗେ ।
ଦୂର ପ୍ରବାସରେ ଥାଏ ଯେତେବେଳେ
ମନେପଡେ ଗାଆଁ କଥା
ଭାରି ଇଚ୍ଛା ହୁଏ ଗାଆଁକୁ ଯାଇକି
ନୁଆଁନ୍ତି ମୋହରି ମଥା
ଗାଆଁ ଦୃଶ୍ୟରାଜି ଭାସି ଯାଉଥାଏ
ଗାଆଁ ପ୍ରୀତି ଅନୁରାଗେ ।
ପାଖରୁ ଦେଖିଲେ ଗାଆଁର ସୌନ୍ଦର୍ଯ୍ୟ
ଆଗପରି ନାହିଁ ଭଲ
ଗାଆଁ ଲୋକଙ୍କର ଜୀବନ ଜୀବିକା
କରେ ମୋତେ କଲବଲ
ମୋ ଗାଆଁର ଭବିଷ୍ୟତ ଚିନ୍ତାକରି
ମନେ ଦୁଃଖ ଭାବ ଜାଗେ ।
କ'ଣ ଥିଲା କ'ଣ ହୋଇଅଛି ଆଜି
ଯେବେ ମୁହିଁ ଚିନ୍ତା କରେ
ବର୍ତ୍ତମାନ ସ୍ଥିତି ପରଖି ନେଲେ ମୋ
ନୟନରେ ଲୁହ ଭରେ
ମୋ ଗାଆଁକୁ ରକ୍ଷାକର ଗ୍ରାମଦେବୀ
ମାଆଙ୍କର କୃପା ମାଗେ ।

ନିହଲ ପ୍ରସାଦ, ଢେଙ୍କାନାଳ
ମୋ : ୯୯୩୮୭୪୧୫୮୩

## ନାଲି ରଙ୍ଗ



ଦୀପକ କୁମାର ନାୟକ

ତୋତେ ଭଲ ଲାଗେ ନାଲି ରଙ୍ଗ ବୋଲି
ହାତକୁ ମୋ କାଟିଦେଲି
ସେହି ରକତରେ ତୋହରି ମଥାରେ
ସିନ୍ଦୁର ପିନ୍ଧାଇଥିଲି ।।
ତୋତେ ମୋର ମନ ପସନ୍ଦ ବୋଲିକି
ମନଟାକୁ ଦେଇଥିଲି
ପ୍ରତି ମୁହୂର୍ତ୍ତରେ ସେଇ ମନକଥା
କହୁଥିଲି ତୋତେ ଖୋଲି ।।
ଆପଣାର ଭାବି ହୃଦୟକୁ ମୋର
ସମର୍ପଣ କରିଥିଲି
ଜାଣି ମୁଁ ନଥିଲି ସାତପର ଦିନେ
ମୋତେ ତୁ ଭାବିବୁ ବୋଲି ।।
ସିନ୍ଦୂର ବଦଳେ ହାତ କାଟି ରକ୍ତ
ମଥାରେ ପିନ୍ଧେଇଥିଲି
ଜାଣି ମୁଁ ନଥିଲି ତୋ ମନେ ମୋପାଇଁ
ଛଳନା ରହିଛି ବୋଲି ।।
ନାଲି ରଙ୍ଗ ତୋତେ ଭଲ ଲାଗେ ବୋଲି
ହାତକୁ ମୋ କାଟିଥିଲି
ସେଇ ରକ୍ତ ନେଇ ହୋଲି ତୁ ଖେଳିବୁ
ଯମାରୁ ଭାବିନଥିଲି ।।
ଜୀବନଠାରୁ ମୁଁ ଅଧିକ ଲୋ ତୋତେ
ପାଇଥିଲି ଦିନେ ଭଲ
ଏଡ଼େ ସ୍ୱାର୍ଥପର ବୁଝି ପାରିଲୁନି
ମୋ ପ୍ରେମର ତୁହି ମୂଲ ।।
ରକ୍ତରେ ମୋହର ହୋଲି ଖେଳି ନିଶ୍ଚେ
ଖୁସି ଭାରି ହେଉଥିବୁ
ଜଣାନାହିଁ ତୋତେ କଲାକର୍ମ ଫଳ
ନିଶ୍ଚୟ ଦିନେ ଭୋଗିବୁ
ନିଶ୍ଚୟ ଦିନେ ଭୋଗିବୁ ।।

ହିନ୍ଦୋଳ, ଢେଙ୍କାନାଳ
ମୋ: ୮୬୩୭୨୬୧୮୨୮

## ଅମୃତର ଦୁନିଆ



ତନୁଜ କୁମାର ମଲଣା

ବାବା ଲୋକନାଥଙ୍କ କୃପା ବଳୟରେ,
ଲେଖିଥିଲି କବିତାଟି ଭକ୍ତି ମନରେ,
ଆଜି ସେ ଶବ୍ଦ ପାଇଲା ନୂଆ ଏକ ରୂପ,
ଝଲସିଲା ପୁଣି ଅତୀତର ସେହି ଦୀପ ।
କୋଡିଏ ବରଷ ତଳର ସେ ମଧୁର ସ୍ମୃତି,
ଚେସ୍ ଚାମ୍ପିଅନ୍ ଖ୍ୟାତି ମନ ପକାଉଛି ନିତି ।
ଆଜି ପୁଣି କବିତାରେ ନାଁ ମୋର ଆସିଲା,
ଦୁନିଆ ସାମ୍ନାରେ ମୋ ସମ୍ମାନ ତେଜିଲା ।
ଧନ୍ୟ ହେ 'ଅମୃତ ଦୁନିଆ' ଖବରକାଗଜ,
ତୁମ ପାଇଁ ପ୍ରତିଭା ମୋ ହେଲା ଆଜି ସଜ ।
ଗୁଣ ଚିହ୍ନି ଗୁଣିଆକୁ ଦେଲ ଉଚିତ ସ୍ଥାନ,
ତୁମ ଋଣ ସଦାସର୍ବଦା ମୁଁ କରିବି ଗାନ ।
ପ୍ରଭୁ ଶ୍ରୀହରି ଆଉ ଦେବ ଦେବ ମହାଦେବ,
କୃପା ଆଶିଷ ତୁମରି ଉପରେ ସଦା ରହିବ ।
ଅମୃତର ଏହି ଦୁନିଆ ଆହୁରି ଆଗକୁ ଯାଉ,
ସତ୍ୟ ଆଉ ନ୍ୟାୟର ପଥେ ସଦା ଆଲୋକ ବିଛାଉ ।

ପାରାଦୀପ
ମୋ-୯୦୬୪୮୨୦୯୧୧

## ରତ୍ନ ସିଂହାସନ



ଅରୁଣିମା ନନ୍ଦ

ରତ୍ନ ସିଂହାସନେ ଚତୁର୍ଦ୍ଧାମୂର୍ତ୍ତି
ଦର୍ଶନ ଦିଅନ୍ତି ରତ୍ନ ସିଂହାସନେ ବସି
ବହୁଦିନ ଅନ୍ତେ ସୁବିଧା ମିଳଇ
ଶ୍ରଦ୍ଧାଳୁ ଦର୍ଶନ କରନ୍ତି ହସି।।
ହାଲିଆ ଦିଶନ୍ତି ଠାକୁରେ
ନଅଦିନ ଘୋଷଯାତ୍ରାରେ
ଶ୍ରୀମନ୍ଦିରେ ମାଁ ଲକ୍ଷ୍ମୀଙ୍କ ପରସା
ଅଚିରେ ସୁସ୍ଥତା ଆଣିବ ଶ୍ରୀଅଙ୍ଗରେ।।
ଖାଲି ଖାଲି ଲାଗୁଥିଲା ମନ୍ଦିର
ଦାରୁ ବିଗ୍ରହଙ୍କ ବିନା
ଆସିଗଲେ ଠାକୁର ରତ୍ନବେଦୀ
ଦୂର ହେବ ବିଡମ୍ବନା।।
ନୀତି କାନ୍ତି ମାନ ବଢିବ
ଦେଉଳେ ଏବେ ସୁରୁଖୁରୁରେ
ଭକତେ ପାଇବେ ନିତ୍ୟ ଦର୍ଶନ
ଶ୍ରୀମନ୍ଦିରେ ମହାନନ୍ଦରେ।।
ଜୟ ଜଗନ୍ନାଥ...

ପୁରୀ
ମୋ-୯୮୬୧୪୫୨୪୫୯

## ଧୋ'ରେ ବାୟା ଧୋ



ବସନ୍ତ ପ୍ରଧାନ

ଧୋ 'ରେ ବାୟା ଧୋ '
ଯେଉଁ କିଆରୀରେ ଗହଳ ମାଣ୍ଡିଆ
ସେହି କିଆରୀରେ ଶୋ
ନାହିଁ ଆଉ ସେହି ଗୀତ
ଅଝଟ ଶିଶୁକୁ ଶୁଆଇବା ପାଇଁ
ମାଆ ବୋଲୁ ନାହିଁ ଗୀତ
ବିଜ୍ଞାନ ଯୁଗର ପିଲା
ମୋବାଇଲ ଧରି ଖେଳୁଅଛି ସେହି
ମା ଗୀତକୁ ଚାହେଁନା
ସ୍ନେହ ମମତା ମାଆର
ଶିଶୁର ରଙ୍ଗୀନ ଦୁନିଆଁଟା ଆଜି
ହୋଇଯାଏ ଛାରଖାର
ଏ କି ଯୁଗ ଭାଇ ହେଲା
ସାଙ୍ଗ ସାଥୀ ସହ ଖେଳିବା ବୁଲିବା
କୁଆଡ଼େ ଉଭେଇ ଗଲା
ଶିଶୁ ଆଜି ଗୃହବନ୍ଦୀ
ପାଠ ପଢ଼ା ଆଉ ମୋବାଇଲ ନିଶା
ଆଜି ତା'ର ସବୁ କିଛି
ଶିଶୁ ବିକାଶ କି ହେବ !
ସାମାଜିକ ଆଉ ଆବେଗିକ ଭାବ -
ଧାରାର ହେଲେ ଅଭାବ

ହରିହରପୁର, ଅନୁଗୁଳ
ମୋ-୭୭୩୫୬୧୧୪୮୪

## ନିଜକୁ ଖୋଜୁଛି



ଡ. ଚନ୍ଦ୍ରକଳା ନାୟକ

ମୁଁ ଏକ ସୁଗନ୍ଧର ବାର୍ତ୍ତା
ସମ୍ମୋହିତ କରିବାର
ନିର୍ଭର ପ୍ରତିଶୃତି ଦେଇ
ଆଗକୁ ଆଗକୁ ଯିବାକୁ
ଆହୁରି ଅନେକ ରାସ୍ତା ।
ସଂଜ ଆସିଲେ ଆସେ ଭ୍ରାନ୍ତି
ଦୂର ଦିଗବଳୟରୁ ଆସେ
ତୃପ୍ତି ନଥିଲେ ବି ନିଦାପଣ
କୁଚ୍ଛା ରଟନା କରେ
ତଥାପି ଆସେ ଶୀତଳତା
ଆସେ ପୁଣି ଯାଏ ।
ମୁଁ ତ ମସୃଗନ୍ଧା ନୁହେଁ
ଚପଳତାରେ ବଣିବୁଣି
ସିକ୍ତମନକୁ ତୃପ୍ତକରି
ପରିତ୍ୟକ୍ତ ପରି ମୁହଁମାଡି
ଆବର୍ଜନାରୁ ମୁକ୍ତି ପାଏ ।
ସ୍ମୃତିର ଗାଲିଚାରୁ ଅସେ
ବିସ୍ମୃତିର ପାଖୁଡାକୁ
ଆଘ୍ରାଣ କରିବଂଚିବାକୁ
ସବୁ ଗଡାଣିକୁ ପାରହାଇ
ଜୀବନରେ ଶଷ ନିର୍ଯ୍ୟାସକୁ
ଚିରନ୍ତନୀ ପରି ଖୋଜିବାକୁ ।

ଅଧାପିକା, ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ
ଛତିଆ, ଯାଜପୁର
ମୋ-୯୪୩୭୯୫୭୬୧୭

## ସମ୍ପର୍କ



ଲକ୍ଷ୍ମୀନାରାୟଣ ବେବର୍ତ୍ତା

ନିଜକୁ ଭାବନି ବଡ଼ ବୋଲି କେବେ
ପଦ ଛାଡି ସବୁ ଯିବା ଦିନେ,
ଯୋଡ଼ିଲେ ସମ୍ପର୍କ ଗଢିଲେ ସମ୍ପର୍କ
କଥା ରହିଥିବ ମନେ ମନେ ।
ଲେଖାଟିଏ ସିନା ଲେଖିଦେଲି ଆଜି
ଦିନେ ହେଲେ ଲିଭିଯିବ,
ସ୍ନେହ ମମତା କୁ ସାଇତି ରଖିଲେ
ଚିରଦିନ ବନ୍ଧା ଥିବ ।
'କେହି ରହି ନାହିଁ ରହିବେ ନାହିଁ ଟି
ଏ ଭବ ରଙ୍ଗମଞ୍ଚ ତଳେ,
'ସର୍ବେ ନିଜ ନିଜ ଅଭିନୟ ସାରି
ବାହୁଡ଼ିବେ କାଳବେଳେ ।
'କବିତା ଜାଣେନି କବିତା ଲେଖେନି
ନୁହେଁ ମୁହିଁ ଏକ କବି,
'ସମାଲୋଚନା ର ଶିକାର ହେବିକି
ସର୍ବଦା ଡରି ବସୁଥାଏ ଭାବି ।'
'ହେଉ ଶତ ଭୁଲ ଲେଖିବା ଦିଗରେ
ଲେଖା ମୁ ଛାଡ଼ିବି ନାହିଁ,
'ଝୁଣ୍ଟି ପଡୁଥିବା ଶିଶୁ ବି ସାହସ କରଇ,
ଅଣ୍ଟା ସଳଖି ଚାଲିବା ପାଇ' ।

(ସାମ୍ବାଦିକ)- ନୂଆଦିଲ୍ଲୀ
ମୋ: ୯୨୧୧୭୮୨୬୦୦






### ଲଗାଣ ବର୍ଷା ଯୋଗୁଁ

# ପାଣିରେ ବୁଡ଼ିରହି ଶଢ଼ିଗଲାଣି ଧାନତଳି



**ଭୁବନେଶ୍ୱର(ବ୍ୟୁରୋ):** ଲଗାଣ ବର୍ଷା ଯୋଗୁ ବାଲିଅନ୍ତା ବ୍ଲକ୍‌ର ବହୁ ଅଞ୍ଚଳରେ ଧାନତଳି ପାଣିରେ ବୁଡ଼ିରହି ଶଢ଼ିଗଲାଣି। ଶହଶହ ହେକ୍ଟର ଜମିରେ ରୁଆ ହୋଇଥିବା ଧାନ ତଳି ପଚିଶଢ଼ି ଯାଇଛି। ସେହିଭଳି ଉପୁଡ଼ା ହୋଇ ନଥିବା ଧାନ ତଳି ମଧ୍ୟ ନଷ୍ଟ ହୋଇଗଲାଣି। ଗହୀରରେ ବର୍ଷା ଜଳ ଜମି ରହିଥିବାରୁ ବେଉଷଣ କାମ ବି ହୋଇପାରୁନି। ତେଣୁ ଚଳିତ ବର୍ଷ ଖରିଫ ଧାନ ଚାଷ ବିଶେଷ ଭାବେ ପ୍ରଭାବିତ ହେବା ନିଶ୍ଚିତ ବୋଲି ଜଳଜଳ ଦିଶିଲାଣି ଏବଂ ଚାଷୀମାନଙ୍କ ଭିତରେ ଭାଳେଣି ପଡ଼ିଗଲାଣି। ବହୁ ଜାଗାରେ ସଫେଇ ନାଳ ସଫା ହୋଇନାହିଁ ଏବଂ ଦଳଭର୍ତ୍ତି ନାଳରେ ପାଣି ନିଷ୍କାସନ ହୋଇପାରୁନି। ଡ୍ରେନେଜ୍ ବିଭାଗର ଅବହେଳା ପାଇଁ ଗହୀରରୁ ଜଳ ନିଷ୍କାସନ ହୋଇପାରୁ ନଥିବାରୁ ଚାଷୀ ମହଲରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଆଜି ଲୁଣା ଗାଁର ବହୁ ଚାଷୀ ଡ୍ରେନେଜ୍ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ସାକ୍ଷାତକରି ସଫେଇ ନାଳ ତୁରନ୍ତ ସଫା କରାଯାଉ ବୋଲି ଦାବିପତ୍ର ଦେଇଛନ୍ତି। ରଣପୁର ଖବରଦଣ୍ଡାଠାରୁ ଗୋଠସାବାଳିଆ, କଇଜଙ୍ଗା ଓ ଶିଶିଲୋ ତାରିଣୀ ମନ୍ଦିର ନିକଟ ଦେଇ ଯାଇଥିବା ସଫେଇ ନାଳ ଦୀର୍ଘ ବର୍ଷ ହେଲା ସଫା ହେଉ ନଥିବାରୁ ପୋତି ହୋଇଗଲାଣି। ସରଦେଇପୁର-ନିମାପଡ଼ା ରାସ୍ତା କଡ଼େକଡ଼େ ଯାଇଥିବା ସଫେଇ ନାଳର ଅଧିକାଂଶ ସ୍ଥାନ ପୋତି ହୋଇଯାଇଛି। ବିଶେଷକରି ଗୋଠସାବାଳିଆଠାରୁ କଇଜଙ୍ଗା ଯାଏ ବହୁ ସ୍ଥାନରେ କଳିକତି ଦଳ ଭର୍ତ୍ତି ହୋଇଯାଇଛି। ତେଣୁ ଗହୀରରୁ ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ରଣପୁର, କଇଜଙ୍ଗା ଗହୀର ପାଣିରେ ବୁଡ଼ିରହିଛି ଏବଂ ଶହଶହ ଏକର ଜମିରେ ରୁଆ ଧାନ ଗଛ ପଚିଶଢ଼ି ଗଲାଣି। ସେହିଭଳି ଶହଶହ ଏକର ଜମିରେ ବେଉଷଣ କାମ ଆରମ୍ଭ ହୋଇପାରୁନାହିଁ। ଏହି ସମସ୍ୟାକୁ ନେଇ ଗତବର୍ଷ ଶହଶହ ଚାଷୀ ଡ୍ରେନେଜ୍ ବିଭାଗ କର୍ତ୍ତୃପକ୍ଷଙ୍କୁ ଲିଖିତ ଦାବିପତ୍ର ଦେଇଥିଲେ। କିନ୍ତୁ ଅଧିକାରୀଙ୍କ ଦୃଷ୍ଟି ପଡ଼ିଲା ନାହିଁ। ଆଜି ରଣପୁର ଓ ଲୁଣା ଗ୍ରାମର ୩୦ରୁ ଅଧିକ ଚାଷୀ ଡ୍ରେନେଜ୍ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ଭେଟି ପୁଣି ଦାବି ହୋହରାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ସରଦେଇପୁର-ନିମାପଡ଼ା ୪ ଥାକିଆ ରାସ୍ତା ନିର୍ମାଣ ଯୋଗୁ ରାସ୍ତା କଡ଼ରେ ଯାଇଥିବା ସଫେଇ ନାଳର ଅଧିକାଂଶ ଅଂଶ ପୋତି ହୋଇଯାଇଛି। ରାସ୍ତା କାମ ବେଳେ ବାଲିମାଟି ପଡ଼ି ପୋତିହୋଯାଇଛି। ଏସଂପର୍କରେ ଡ୍ରେନେଜ୍ ବିଭାଗ ସହକାରୀ ଯନ୍ତ୍ରୀ ବନିତା ସାହୁଙ୍କ କହିବା କଥା ଉପରିସ୍ଥ ଅଧିକାରୀଙ୍କ ପରାମର୍ଶକ୍ରମେ ଖୁବ୍‌ଶୀଘ୍ର ସଫେଇ ନାଳରୁ ଦଳ ସଫା କରାଯିବ।

### ସୌମ୍ୟ ହତ୍ୟା ରହସ୍ୟ ଖୋଲୁଛି

# 'ମୁଁ ଯଦି ଚାକିରି କରିବି, ମୋ କଟାମୁଣ୍ଡ ଘରକୁ ଆସିବ'



**ଭୁବନେଶ୍ୱର(ବ୍ୟୁରୋ):** 'ମୁଁ ଯଦି ଚାକିରି କରିବି, ମୋ କଟା ମୁଣ୍ଡ ଘରକୁ ଆସିବ। ମୋ ପାଖରେ ଏମିତି ପ୍ରମାଣ ଅଛି ଏଡିଜି ଫସିଯିବେ...' ଏଭଳି କିଛି ଚାଞ୍ଚଲ୍ୟକର କଥା ମୃତ୍ୟୁ ପୂର୍ବରୁ ଜିଆରପି କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁ ତାଙ୍କ ବାପା, ମା', ବନ୍ଧୁ ଓ ବାନ୍ଧବୀଙ୍କୁ କହିଥିଲେ। କ୍ରାଇମ୍‌ବ୍ରାଞ୍ଚକୁ ସେମାନଙ୍କ ଏ ବୟାନ ସୌମ୍ୟ ହତ୍ୟା ରହସ୍ୟ ଗୁମର ଖୋଲିବା ଆଶା କରାଯାଉଛି। କ୍ରାଇମବ୍ରାଞ୍ଚ ଯେଉଁ ମୋବାଇଲ୍ ଫୋନ୍ ସୌମ୍ୟଙ୍କ ନିକଟରୁ ପ୍ରଥମେ ଜବତ କରିଥିଲା, ସେଥିରେ ଏଡିଜି ଦୟାଲ ଗଙ୍ଗୱାରଙ୍କ ଭୂମିକା ସଂପର୍କରେ କିଛି ସଂଗିନ ଭିଡିଓ ଥିବା ପରିବାର ଲୋକେ ଦାବି କରିଛନ୍ତି। ପରିବାର ଲୋକଙ୍କ ଏହି ଦାବି ଆଧାରରେ ରସୁଲଗଡ଼ ଫରେନସିକ୍ ସାଇନ୍ସ ଲାବରେଟୋରିରେ ସମସ୍ତ ତଥ୍ୟ ବିଶ୍ଳେଷଣ କରାଯାଉଛି। ସୌମ୍ୟରଞ୍ଜନଙ୍କ ମୃତ୍ୟୁ ପରେ ଗୋଟିଏ ପରେ ଗୋଟିଏ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ନିକଟରେ ଚାରିଟି ଭିଡିଓ ସୌମ୍ୟଙ୍କ ମୋବାଇଲ୍‌ରୁ ସାମ୍ନାକୁ ଆସିଥିବା ବେଳେ ଏବେ ପୁଣି ଏଡିଜି ଦୟାଲ ଗଙ୍ଗୱାରଙ୍କ ବିରୋଧରେ ସଂଗିନ ଅଭିଯୋଗ ଆସିଛି। ଭୁବନେଶ୍ୱର ସତ୍ୟବିହାର ଜିମ୍‌ରେ ୨୦୨୫ ଏପ୍ରିଲରେ ସୌମ୍ୟ ଯୋଗ ଦେବା ପରେ ଜିମ୍‌ରୁ ହେଉଥିବା ମୋଟ ଆୟର ୩୦ ପ୍ରତିଶତ ସୌମ୍ୟ ପାଇବା ନେଇ ସ୍ଥିର ହୋଇଥିଲା। କିନ୍ତୁ ତାଙ୍କୁ ୨୦୨୬ ମାର୍ଚ୍ଚ ଯାଏ ଟଙ୍କାଟିଏ ବି ଦିଆଯାଇନଥିଲା। ପାଖାପାଖି ୧୬ ଲକ୍ଷ ଟଙ୍କା ସୌମ୍ୟଙ୍କ ପ୍ରାପ୍ୟ ଥିଲା। ଏଡିଜି ଶ୍ରୀ ଗଙ୍ଗୱାରଙ୍କ ଦ୍ୱାରା ଏଭଳି ନିର୍ଯାତିତ ହେବା ପରେ ସୌମ୍ୟ ମାର୍ଚ୍ଚ ୩ ତାରିଖ ପରଠାରୁ ସତ୍ୟବିହାର ଜିମ୍‌କୁ ଆଉ ଯାଇନଥିଲେ। ଶେଷରେ କଟକ ରେଳବାଇ ଏସ୍‌ପିଙ୍କ କାର୍ଯ୍ୟାଳୟରେ ସୌମ୍ୟରଞ୍ଜନ ଡ୍ୟୁଟିରେ ଯୋଗ ଦେବାରୁ ତାଙ୍କ ଦରମା ବନ୍ଦ କରିଦିଆଯାଇଥିଲା। ଏହାରି ପଛରେ ଏଡିଜି ଗଙ୍ଗୱାରଙ୍କ ଭୂମିକା ଥିବା ଅଭିଯୋଗ ହୋଇଛି। ଫଳରେ ସୌମ୍ୟ ଛୁଟି ନେଇ ଦିଲ୍ଲୀ ଚାଲିଯାଇଥିଲେ। ମାର୍ଚ୍ଚ ୨୩ରେ ଦିଲ୍ଲୀରୁ ଫେରି ଚାକିରି ଛାଡ଼ିଦେବାକୁ କହିବାରୁ ତାଙ୍କୁ ବାପା ଦୁଃଶାସନ ସ୍ୱାଇଁ ଓ ମା' କବିତା ସ୍ୱାଇଁ, ବନ୍ଧୁ ଗୋପବନ୍ଧୁ ଦାସ, ବିକାଶ କୁମାର ଜେନା, ନିଶିକାନ୍ତ ମହାନ୍ତି, କସର୍ଦ୍ଦାର ବାନ୍ଧବୀ ବୁଝାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଚାକିରି କଲେ ତାଙ୍କ ମୁଣ୍ଡ କାଟ୍ ହେବା ଭଳି କଥା ହେବ ବୋଲି ସୌମ୍ୟ ସେମାନଙ୍କୁ କହିଥିଲେ। ଏଡିଜିଙ୍କ ବିରୋଧରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ତାଙ୍କ ପାଖରେ ଥିବା ଏବଂ ଏହା ଏଡିଜିଙ୍କୁ ଫସାଇଦେବ ବୋଲି ମଧ୍ୟ ସୌମ୍ୟ କହିଥିଲେ। ଏ ସମ୍ପର୍କରେ ପରିବାର ଲୋକେ କ୍ରାଇମ୍‌ବ୍ରାଞ୍ଚକୁ ଅବଗତ କରିବା ସହିତ କ୍ରାଇମ୍‌ବ୍ରାଞ୍ଚ ପାଖରେ ଥିବା ମୋବାଇଲ୍‌ରେ ଏହି ତଥ୍ୟ ରହିଥିବା ଦାବି କରିଛନ୍ତି। ସୌମ୍ୟଙ୍କ ବାପା ଦୁଃଶାସନ ଯେଉଁ ଦ୍ୱିତୀୟ ମୋବାଇଲ୍ ଏବେ କ୍ରାଇମ୍‌ବ୍ରାଞ୍ଚକୁ ଦେଇଛନ୍ତି, ସେଥିରେ ସମସ୍ତେ ତାଙ୍କୁ ଫସାଇଦେବାକୁ ଲାଗିଥିବା ସୌମ୍ୟ କହୁଥିବା ବେଳେ ବାଲିଅନ୍ତା ଥାନା ପୁଲିସ ଯେଉଁ ମୋବାଇଲ୍ ଜବତ କରିଛି, ସେଥିରେ ସୌମ୍ୟ ଏଡିଜିଙ୍କ ବିରୋଧରେ ପ୍ରମାଣ ରଖିଥିବା ସନ୍ଦେହ କରାଯାଉଛି।

# ମହାନଦୀରେ ପାଣି ବଢୁଛି, ଆହୁରି ଖୋଲାହେବ ହୀରାକୁଦ ଗେଟ୍



**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟରେ ବନ୍ୟା ସ୍ଥିତି ସମୀକ୍ଷା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ବଡ଼ ସୂଚନା। ମହାନଦୀରେ ବନ୍ୟାଜଳ ବଢ଼ିବାରେ ଲାଗିଛି। ପୁରୀ, ଜଗତସିଂହପୁର, ଖୋର୍ଦ୍ଧା ଓ କଟକକୁ ଆଲର୍ଟ କରାଯାଇଛି। ମହାନଦୀକୁ ଛାଡ଼ିଦେଲେ ବାକି ସବୁ ନଦୀ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। କେବଳ ମହାନଦୀରେ ଜଳସ୍ତର ବଢୁଛି। ଏବେ ମହାନଦୀରେ ୮ ଲକ୍ଷ ୬୫ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ଏବେ ରାଜ୍ୟର ୧୫ ଜିଲ୍ଲା ବନ୍ୟା ପ୍ରଭାବିତ ହୋଇଛି। ଯାଜପୁର, ଭଦ୍ରକ, ବାଲେଶ୍ୱରର ବହୁତ ଅଞ୍ଚଳ ଏବେବି ଜଳମଗ୍ନ ଅଛି। ୧୫ ଜିଲ୍ଲାର ୫୭ ବ୍ଲକର ୪୪୬ ଗ୍ରାମ ପଞ୍ଚାୟତର ୧୩୬୨ ଗାଁ ଏବଂ ୧୧ ପୌରଞ୍ଚଳର ୧୭୪ ୱାର୍ଡ ପ୍ରଭାବିତ ହୋଇଛି। ୭ ଲକ୍ଷ ୯୧ ହଜାର ୮୪୬ ଲୋକ ପ୍ରଭାବିତ ହୋଇଛନ୍ତି। ୨ ଲକ୍ଷ ୬୮ ହଜାର ୯୪୩ ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ୨୧ ହଜାର ୩୮୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ୭୦୦ ଘର ପ୍ରଭାବିତ ହୋଇଛି। ୬୪୭ ରିଲିଫ ସେଣ୍ଟର କାର୍ଯ୍ୟକ୍ଷମ ଅଛି। ୨୦ ଟି ସ୍ଥାନରେ ପଶୁଙ୍କୁ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ପାଣି ଘେରରେ ଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ଦିଆଯାଇଛି। କୁଶଭଦ୍ରା, ଇବ, ଜଳକା, ଋଷିକୁଲ୍ୟା, ବୈତରଣୀ, ବ୍ରହ୍ମଣୀ ବିପଦ ସଂକେତ କମିଲାଣି। ଯାଜପୁରରେ ସର୍ବାଧିକ ଘାଇ ହୋଇଛି। ଏବେ ପାଗ ପ୍ରାୟତଃ ଶୁଖିଲା ଅଛି। କାଲି ବି ୨ ରୁ ୩ ଜିଲ୍ଲାରେ ଅଳ୍ପ ବର୍ଷା ହେବ। ତେଣୁ ଆସନ୍ତା ୨୪ ଘଣ୍ଟାରେ ସ୍ଥିତିରେ ଅନେକ ସୁଧାର ଆସିବ। ବନ୍ୟା ପାଣି କମିବା ପର୍ଯ୍ୟନ୍ତ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯିବ। କ୍ଷୟକ୍ଷତି ରିପୋର୍ଟ ଆସିଲେ ସଙ୍ଗେ ସଙ୍ଗେ କ୍ଷତିପୂରଣ ଦିଆଯିବ। ସରକାରଙ୍କୁ ସହଯୋଗ କରନ୍ତୁ, ବିପଦ ଟଳିଯିବ ବୋଲି ମନ୍ତ୍ରୀ କହିଛନ୍ତି। ଦୁଇ ଦିନ ଯାଏଁ ବର୍ଷା ନାହିଁ। କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ୭୦ ମିମି ବର୍ଷା ହୋଇଛି। ହୀରାକୁଦରେ ୧୪ ଟି ଗେଟ୍ ଖୋଲାଅଛି। ସେ ପାଣି ମୁଣ୍ଡୁଳିରେ ପହଁଚିଲା ବେଳକୁ ୪୦ ଘଣ୍ଟା ସମୟ ଲାଗିବ। ତା ଭିତରେ ମୁଣ୍ଡୁଳିରୁ ବନ୍ୟା ଜଳ ନିଷ୍କାସନ ହୋଇ ଯାଇଥିବ। ମହାନଦି ଜଳ ପତନ ବଢୁଛି। ଆଉ ୧୨ ଟି ଖୋଲିବା ପାଇଁ ଯୋଜନା ଚାଲିଛି। ଆହୁରି ଦେଢ଼ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ। ଆବଶ୍ୟକ ପଡିଲେ ଆହୁରି ଗେଟ ଖୋଲା ଯାଇପାରେ ବୋଲି ମନ୍ତ୍ରୀ କହିଛନ୍ତି। ଲୋକସେବା ଭବନରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବନ୍ୟା ପ୍ରଭାବିତ ଅଞ୍ଚଳର ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରିଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ। ଏହି ବୈଠକରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଝଜଉ, ପାଣିପାଗ ବିଜ୍ଞାନ, ଜଳସମ୍ପଦ ବିଭାଗର ଅଧିକାରୀ ସାମିଲ ହୋଇଛନ୍ତି। ଗତକାଲି ବନ୍ୟା ପ୍ରଭାବିତ ୫ ଜିଲ୍ଲାରେ ସ୍ଥିତି ଅନୁଧ୍ୟାନ କରିଥିଲେ ରାଜସ୍ୱ ମନ୍ତ୍ରୀ। ହେଲିକପ୍ଟରରେ ଆକାଶମାର୍ଗରୁ ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ କେନ୍ଦୁଝର ଜିଲ୍ଲାର ବନ୍ୟାଞ୍ଚଳ ଏବଂ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କରିଥିଲେ। ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି ଯେ, ମହାନଦୀ ବେସିନରେ କୌଣସି ଘାଇ ହୋଇନାହିଁ।

# ବନ୍ୟା ପରିଚାଳନାକୁ ନେଇ ସରକାରଙ୍କ ଉପରେ ବର୍ଷିଲେ ବିଜେଡି ଓ କଂଗ୍ରେସ



**ଭୁବନେଶ୍ୱର(ବ୍ୟୁରୋ):** ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିକୁ ନେଇ ରାଜ୍ୟରେ ରାଜନୈତିକ ବାତାବରଣ ସରଗରମ ହୋଇଉଠିଛି। ବନ୍ୟା ବିପର୍ଯ୍ୟୟର ମୁକାବିଲା କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ପ୍ରମୁଖ ବିରୋଧୀ ଦଳ ବିଜେଡି ଏବଂ କଂଗ୍ରେସ ପକ୍ଷରୁ ଗୁରୁତର ଅଭିଯୋଗ କରାଯାଇଛି। ବନ୍ୟା ପୀଡ଼ିତଙ୍କ ପ୍ରତି ସରକାରଙ୍କର ଆନ୍ତରିକତାର ଅଭାବ ରହିଥିବା ବିରୋଧୀ କହିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଦାସ ଏବଂ ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ ରାଜ୍ୟ ସରକାରଙ୍କ ଜଳ ପରିଚାଳନା ଏବଂ ପ୍ରସ୍ତୁତିକୁ କଡ଼ା ସମାଲୋଚନା କରିଛନ୍ତି। ସାଧାରଣତଃ ମହାନଦୀରେ ୧୪ ଲକ୍ଷ କ୍ୟୁସେକ୍ ପାଣି ଆସିଲେ ବନ୍ୟା ହୋଇଥାଏ, କିନ୍ତୁ ଏଥର ମାତ୍ର ୮ ଲକ୍ଷ କ୍ୟୁସେକ୍ ପାଣିରେ ମଧ୍ୟ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟା ଆସିବା ପୂର୍ବରୁ କୌଣସି ପ୍ରସ୍ତୁତି ବୈଠକ କରାଯାଇ ନାହିଁ ଏବଂ ରିଲିଫ୍ ଅପରେସନ ମଧ୍ୟ ସଠିକ୍ ଭାବେ ଆରମ୍ଭ ହୋଇନାହିଁ। ରାଜ୍ୟର ୧୪ଟି ଜିଲ୍ଲାରେ ବନ୍ୟାସ୍ଥିତି ଅତ୍ୟନ୍ତ ଭୟଙ୍କର ରହିଛି। ବନ୍ୟାଜନିତ ମୃତ୍ୟୁସଂଖ୍ୟା ୭ ଛୁଇଁଥିବାବେଳେ ୫ ଜଣ ନିଖୋଜ ଅଛନ୍ତି। ମାତ୍ର ସରକାର ବନ୍ୟାରେ ହୋଇଥିବା ମୃତ୍ୟୁକୁ ଲୁଚାଇବାକୁ ପ୍ରୟାସ କରୁଛନ୍ତି ବୋଲି କଂଗ୍ରେସ ଦାବି କରିଛି। ବିଜେଡି ନେତା ପ୍ରୀତି ରଞ୍ଜନ ଘଡ଼ାଇ ସରକାରଙ୍କୁ ଟାର୍ଗେଟ୍ କରି କହିଛନ୍ତି ଯେ, ସରକାର ଏହି ବନ୍ୟା ଭୀଷଣତାକୁ ସମ୍ପୂର୍ଣ୍ଣ ହାଲୁକାରେ ନେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାର ରହିଛି, ଏପରିକି ଛତିଶଗଡ଼ରେ ମଧ୍ୟ ବିଜେପି ସରକାର ରହିଛି। ନିର୍ବାଚନ ସମୟରେ ମହାନଦୀ ବିବାଦର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ କେବଳ ଦିନ ଗଡୁଛି ଏବଂ ମହାନଦୀ ଜଳ ବିବାଦର କୌଣସି ସମାଧାନ ହୋଇପାରୁ ନାହିଁ। ବନ୍ୟା ଯୋଗୁଁ ରାଜ୍ୟବାସୀ ଆଜି ଅତ୍ୟନ୍ତ ଦୁଃଖ ଓ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ଏବଂ ରାଜ୍ୟବାସୀଙ୍କର ସରକାରଙ୍କ ଉପରୁ ସମ୍ପୂର୍ଣ୍ଣ ଭରସା ତୁଟିଯାଇଛି ବୋଲି ବିଜେଡି ମତ ପ୍ରକାଶ କରିଛି। ବିରୋଧୀଙ୍କ ଏଭଳି ଅଭିଯୋଗକୁ ଖଣ୍ଡନ କରି ବିଜେପି କହିଛି ଯେ, ରାଜ୍ୟରେ ଏପରି ଏକ ବିପଦଜନକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବିରୋଧୀ ଦଳଗୁଡ଼ିକ ଏହାକୁ ନେଇ କେବଳ ହୀନ ରାଜନୀତି କରୁଛନ୍ତି। ରାଜ୍ୟ ସରକାର ସମ୍ପୂର୍ଣ୍ଣ ତତ୍ପରତା ଓ ଦାୟିତ୍ୱବୋଧ ସହ ବନ୍ୟାର ସଫଳ ମୁକାବିଲା ଜାରି ରଖିଛନ୍ତି ବୋଲି ଶାସକ ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିଜେପି ସାଂସଦ ରବୀନ୍ଦ୍ର ବେହେରା କହିଛନ୍ତି, ବନ୍ୟା ଅଟକାଇବା ପାଇଁ ପୂର୍ବ ସରକାର କୌଣସି ପଦକ୍ଷେପ ନେଇ ନଥିଲେ। ପୂର୍ବ ସରକାରର ଅବ୍ୟବସ୍ଥା ପାଇଁ ବୈତରଣୀରେ ବନ୍ୟା ସୃଷ୍ଟି ହୋଇଛି। ବିଜେପି ସରକାର ସ୍ଥାୟୀ ସମସ୍ୟା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ନଦୀ ବନ୍ଧ ଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି।

### ଦାରୁଠେଙ୍ଗ ବାୟୋମାଇନିଂ ପାରିପାର୍ଶ୍ୱିକ ଉନ୍ନତିକରଣ

# ଟେଣ୍ଡର ପ୍ରକ୍ରିୟାରେ ଅଟକିଛି ବିକାଶ



**ଭୁବନେଶ୍ୱର(ବ୍ୟୁରୋ):** ଦାରୁଠେଙ୍ଗ ପଞ୍ଚାୟତବାସୀଙ୍କ ଦୃଢ଼ ବିରୋଧ, ଗଣଆନ୍ଦୋଳନ, ଲାଠିମାଡ଼, ଗିରଫଦାରୀ ଭଳି ଅନେକ ଆଇନଶୃଙ୍ଖଳା ପରିସ୍ଥିତି ପରେ ବହୁଚର୍ଚ୍ଚିତ ଦାରୁଠେଙ୍ଗ ବାୟୋମାଇନିଂ ପ୍ରକଳ୍ପ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶର ସ୍ୱପ୍ନ ଦେଖାଇଥିଲା ବିଏମ୍‌ସି। ସ୍ୱାସ୍ଥ୍ୟକେନ୍ଦ୍ର, ଖେଳପଡ଼ିଆ, ବ୍ୟାୟାମ କେନ୍ଦ୍ର, ରାସ୍ତାଘାଟ, ସ୍ୱେରେଜ ଆଦି ଉନ୍ନତୀକରଣର ପ୍ରତିଶ୍ରୁତି ଦେଇଥିଲା। ଏଥିପାଇଁ ଏକାଧିକ ଥର ଡିପିଆର ହେଲା। ବିଏମ୍‌ସି ଏକାଧିକ ଥର ବି ନଗର ଉନ୍ନୟନ ବିଭାଗକୁ ଚିଠି କଲା। ଶେଷରେ ୪୪.୭୬ କୋଟି ଟଙ୍କାର ଡିପିଆରକୁ ବିଭାଗ ଚୂଡ଼ାନ୍ତ ମଞ୍ଜୁରି ଦେଲା। କିନ୍ତୁ ଏ ଭିତରେ ବର୍ଷେ ବିତିଗଲାଣି, କିନ୍ତୁ ପ୍ରକଳ୍ପ ଏବେ ବି ଟେଣ୍ଡର ପ୍ରକ୍ରିୟାରେ ଅଟକିଛି। ୨୦୨୨ ମସିହାରୁ ସରକାର ଦାରୁଠେଙ୍ଗ ପାରିପାର୍ଶ୍ୱିକ ବିକାଶର ସ୍ୱପ୍ନ ଦେଖାଇ ଆସୁଛନ୍ତି। ଏ ଭିତରେ ୪ ବର୍ଷ ବିତିଗଲାଣି, କିନ୍ତୁ ମାଟି ମୁଠେ ପଡ଼ିନି। ସେପଟେ ଏହାକୁ ନେଇ ପୁଣି ଅଞ୍ଚଳବାସୀଙ୍କ ମହଲରେ ଅସନ୍ତୋଷ କୁହୁଳିବାରେ ଲାଗିଲାଣି। ଯଦି କରିବାର ଅଛି କରୁ, ବିଏମ୍‌ସି କାହିଁକି ଏଭଳି ଭଣ୍ଡାଉଛି ବୋଲି କ୍ଷୋଭର ସହ କହିଛନ୍ତି। ବିଏମ୍‌ସି ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୨୦୧୩ ମସିହାରେ ଖୋର୍ଦ୍ଧା ଜିଲ୍ଲା ଦାରୁଠେଙ୍ଗ ପଞ୍ଚାୟତ ଭୁଆଶୁଣିଠାରେ ଡମ୍ପିଂୟାର୍ଡ ଆରମ୍ଭ କରିଥିଲା। ପରେ ଏଠାରେ ଏକ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପ୍ରକଳ୍ପ କରି ୧୧ ମେଗାୱାଟ୍ ବିଜୁଳି ଶକ୍ତି ଉତ୍ପାଦନ ପ୍ରକଳ୍ପ କରିବାକୁ ଏସେଲ ନାମକ ରାଜ୍ୟ ବାହାରର ସଂସ୍ଥା ସହ ଚୁକ୍ତି କରିଥିଲା। କିନ୍ତୁ ପ୍ରକଳ୍ପ କାର୍ଯ୍ୟକାରୀ ନ ହେବାରୁ ଏସେଲ୍ ଚୁକ୍ତିରୁ ଓହରି ଯାଇଥିଲା। ଏଣୁ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ତ ହେଲାନି, ସେପଟେ ଆବର୍ଜନା ପ୍ରକ୍ରିୟାକରଣ ବି ବନ୍ଦ ହୋଇଯାଇଥିଲା। କିନ୍ତୁ ଆବର୍ଜନା ପକାଇବା ବନ୍ଦ ହେଲାନି। ଏଣୁ ଭୁଆଶୁଣିର ଏହି ଡମ୍ପିଂୟାର୍ଡରେ ଆବର୍ଜନା ଭାର ବଢ଼ିବା ସହ ଆଖପାଖ ଅଞ୍ଚଳ ଦୁର୍ଗନ୍ଧରେ ଭରିଗଲା। ଲୋକେ ନାନାଦି ଚର୍ମରୋଗ ଓ ଶ୍ୱାସଜନିତ ରୋଗରେ ପଡ଼ିଲେ। ଏହା ବିରୋଧରେ ୨୦୨୦ ମସିହାରେ ଜନଆନ୍ଦୋଳନ ମୁଣ୍ଡ ଟେକିଥିଲା। ତୁରନ୍ତ ଆବର୍ଜନା ପକାଇବା ବନ୍ଦ କରିବା ଓ ପଡ଼ିଥିବା ଆବର୍ଜନା ସ୍ଥାନାନ୍ତର ପାଇଁ ଅଞ୍ଚଳବାସୀ ଦାବି କରିଥିଲେ। ଆବର୍ଜନା ପଡ଼ିବାରୁ ଦାରୁଠେଙ୍ଗ ଅଞ୍ଚଳବାସୀ ଯେଉଁ କ୍ଷତି ସହିଛନ୍ତି, ତା'ର ଭରଣା ଦାବି କରିଥିଲେ। ଶେଷରେ ବିଏମ୍‌ସି ୨୦୨୩ ଅକ୍ଟୋବର ୧୫ରୁ ଏଠାରେ ବାୟୋମାଇନିଂ ପ୍ରକଳ୍ପ ଆରମ୍ଭ କରିଥିଲା। ୨୦୨୬ ବର୍ଷ ଶେଷ ସୁଦ୍ଧା ସବୁ ଆବର୍ଜନା ପ୍ରକ୍ରିୟାକରଣ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଅପରପକ୍ଷେ, ଆବର୍ଜନା ପକାଇବା ଓ ଏହାର କ୍ଷତି ଭରଣା ପାଇଁ ଦାରୁଠେଙ୍ଗ ପଞ୍ଚାୟତବାସୀ ପାରିପାର୍ଶ୍ୱିକ ବିକାଶର ଯେଉଁ ସର୍ତ୍ତ ରଖିଥିଲେ, ଗତବର୍ଷ ମାର୍ଚ୍ଚ ୨୪ରେ ଚିଠି ସଂଖ୍ୟା-୧୨୮୮ରେ ଭୁବନେଶ୍ୱର ବିଡିଓ ୫୯.୭୦ କୋଟି ଟଙ୍କାର ଏକ ଡିପିଆର ଦେଇଥିଲେ। କିନ୍ତୁ ବିଏମ୍‌ସି ବ୍ୟୟ ଅଟକଳ କମାଇବାକୁ କହିଥିଲା। ପରେ ବିଡିଓ ୨୯ କୋଟି ୩୯ ଲକ୍ଷ ୨ ହଜାର ଟଙ୍କାର ଡିପିଆର ଦେଇଥିଲେ। ଯେଉଁଥିରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ ୩.୪୫କୋଟି, ରାସ୍ତା, ଡ୍ରେନେଜ ସହ ସୋଲାର ଷ୍ଟ୍ରିଟ୍‌ଲାଇଟ୍ ବାବଦରେ ୧୨.୬୦କୋଟି, ବାଲୁଙ୍କେଶ୍ୱର ମନ୍ଦିର, ପୋଖରୀ ଓ ଅନ୍ୟ ପାରିପାର୍ଶ୍ୱିକ ବିକାଶ ପାଇଁ ୪.୨୪ କୋଟି, କଲ୍ୟାଣମଣ୍ଡପ ପାଇଁ ୬.୦୯ କୋଟି, ପାର୍କ ଓ ଓପନ୍ ଏୟାର ଜିମ୍ ପାଇଁ ୩ କୋଟି ଟଙ୍କାର ଖର୍ଚ୍ଚ ଯୋଜନା କରାଯାଇଥିଲା। ବିଡିଓ ଦେଇଥିବା ରିପୋର୍ଟରେ ସ୍ୱେରେଜ୍ ବ୍ୟବସ୍ଥା ନ ଥିବାରୁ ପୁଣି ଥରେ ସର୍ଭେ କରାଯାଇ ୧୫.୩୭ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ଆକଳନ କରାଯାଇଥିଲା। ଏଥିରେ ୧୦ ବର୍ଷ ପାଇଁ ସ୍ୱେରେଜ୍ ପରିଚାଳନା ଓ ମରାମତି ଖର୍ଚ୍ଚ ଅନ୍ତର୍ଭୁକ୍ତ ଥିଲା। ଏ ଭିତରେ ନଗର ଉନ୍ନୟନ ବିଭାଗ ଡିପିଆରକୁ ମଞ୍ଜୁରି ଦେଇସାରିଛି। କିନ୍ତୁ ପ୍ରକଳ୍ପ କାମ ଇଞ୍ଚେ ଆଗେଇନି। ଦାରୁଠେଙ୍ଗ ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀ କହିଛନ୍ତି, ନିକଟରେ ସେ ଓ ଅଞ୍ଚଳବାସୀ ଏ ସଂପର୍କରେ ସ୍ଥାନୀୟ ତହସିଲଦାରଙ୍କୁ ଭେଟି ଅଭିଯୋଗ କରିଥିଲେ। ଏ ଭିତରେ ତିନୋଟି ଟେଣ୍ଡରରେ ପାରିପାର୍ଶ୍ୱିକ ଉନ୍ନତି କରିବାକୁ ଯୋଜନା କରାଯାଇଛି। ୨୯.୩୯ କୋଟି ପାଇଁ ଦୁଇଟି ଟେଣ୍ଡର କରାଯାଇଛି; କିନ୍ତୁ ୧୫.୩୭ କୋଟିର ଟେଣ୍ଡର ଅଦ୍ୟାବଧି ହୋଇନି।

# ଓପିଟିସିଏଲ୍ ଅତ୍ୟାଧୁନିକ ବିଦ୍ୟୁତ୍ ସଞ୍ଚାର ବ୍ୟବସ୍ଥା ଉଦ୍‌ଘାଟିତ

**ଭୁବନେଶ୍ୱର(ବ୍ୟୁରୋ):** ଓଡ଼ିଶା ପାୱାର ଟ୍ରାନ୍ସମିସନ୍ କର୍ପୋରେସନ୍ ଲିମିଟେଡ୍ (ଓପିଟିସିଏଲ) ପକ୍ଷରୁ ମେଗର ଆରଓ୦ ଭ୍ୟାନ୍-ମାଉଣ୍ଟେଡ୍ କେବୁଲ୍ ଫଲ୍ଟ ଲୋକେସନ୍ ଏବଂ ଟେଷ୍ଟିଂ ସିଷ୍ଟମ୍‌କୁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି (ଗୁରୁବାର) ଖାରବେଳ ଭବନ ପରିସରରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ଏହି ଅତ୍ୟାଧୁନିକ ଉପକରଣର ବ୍ୟବହାର ଫଳରେ କେବୁଲ୍ ତ୍ରୁଟି ଖୋଜିବା ଏବଂ ଅଳ୍ପ ସମୟ ମଧ୍ୟରେ ମରାମତି ହୋଇପାରିବ। ବିଦ୍ୟୁତ୍ ସରବରାହରେ ବାଧା ସୃଷ୍ଟି ହେଲେ ତାହାକୁ ଶୀଘ୍ର ପୁନଃସ୍ଥାପନ କରାଯାଇପାରିବ, ଯାହା ଫଳରେ ରାଜ୍ୟର ବିଦ୍ୟୁତ୍ ସଞ୍ଚାର ବ୍ୟବସ୍ଥାର ନିର୍ଭର ଯୋଗ୍ୟତା, ସ୍ଥିରତା ଏବଂ କାର୍ଯ୍ୟଦକ୍ଷତାକୁ ଆହୁରି ବୃଦ୍ଧି କରିବ। ଭୂତଳ ବିଦ୍ୟୁତ୍ କେବୁଲ୍‌ର ରକ୍ଷଣାବେକ୍ଷଣ ଏବଂ ତ୍ରୁଟି ଚିହ୍ନଟ କ୍ଷମତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓପିଟିସିଏଲ ଏହି ବିଶ୍ୱସ୍ତରୀୟ ବ୍ୟବସ୍ଥାକୁ ୯.୮ କୋଟି ଟଙ୍କାରେ କ୍ରୟ କରିଛି। ଏହା ଏକ ଭ୍ୟାନ୍-ମାଉଣ୍ଟେଡ୍ ଅତ୍ୟାଧୁନିକ ବ୍ୟବସ୍ଥା, ଯାହା ଭୂତଳ ବିଦ୍ୟୁତ୍ କେବୁଲ୍‌ର ତ୍ରୁଟିକୁ ଶୀଘ୍ର, ସଠିକ୍ ଏବଂ ନିରାପଦ ଭାବରେ ଚିହ୍ନଟ କରିବାରେ ସକ୍ଷମ। ଏହି ବ୍ୟବସ୍ଥାରେ ଟିଡ଼ିଆର୍ ,ଏଆରଏମ, ଉଚ୍ଚ ଭୋଲ୍‌ଟେଜ୍ ତ୍ରୁଟିର ଚିହ୍ନଟ, କେବୁଲ୍ ର ତ୍ରୁଟି ପରୀକ୍ଷା ଅତ୍ୟାଧୁନିକ ପ୍ରଯୁକ୍ତି ବ୍ୟବସ୍ଥା ରହିଛି। ଉଚ୍ଚ ଭୋଲଟେଜ୍ ଭୂତଳ କେବୁଲ୍‌ର ତ୍ରୁଟିକୁ କମ୍ ସମୟ ମଧ୍ୟରେ ସଠିକ୍ ଭାବରେ ଚିହ୍ନଟ କରି ମରାମତି ହୋଇପାରିବ। ଆଜିର କାର୍ଯ୍ୟକ୍ରମରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ



ବିଶାଳ କୁମାର ଦେବ ଏବଂ ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ଉପସ୍ଥିତ ଥିଲେ।

## କେନ୍ଦ୍ର କ୍ୟାବିନେଟରେ ବଡ଼ ନିଷ୍ପତ୍ତି

# ୫ ବର୍ଷ ବଢ଼ିଲା ପିଏମ-କିଷାନ ଅବଧି



### ୩.୧୫ ଲକ୍ଷ କୋଟି ଟଙ୍କାର ବ୍ୟୟ ମଞ୍ଜୁରୀ

### ୯ କୋଟିରୁ ଅଧିକ ଚାଷୀ ହେବେ ଉପକୃତ

### ସମୁଦ୍ର ମନ୍ଥନ ନ୍ୟାସନସ ଅଫଶୋର ଏକ୍ସପ୍ଲୋକେସନ ସ୍କିମକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୩୧।୭:** କେନ୍ଦ୍ରର ମୋଦି ସରକାର କ୍ୟାବିନେଟ୍ ବୈଠକରେ ଏକ ପ୍ରମୁଖ ନିଷ୍ପତ୍ତି ନେଇଛନ୍ତି। ଏହି ଅନୁସାରେ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାକୁ ଆଗାମୀ ପାଞ୍ଚ ବର୍ଷ (୨୦୩୦-୩୧ )ପାଇଁ ବଢାଇଛନ୍ତି। ଏଥିପାଇଁ ୩.୧୫ ଲକ୍ଷ କୋଟି ଟଙ୍କାର ବ୍ୟୟକୁ ମଞ୍ଜୁରୀ ଦିଆଯାଇଛି। ଏହି ତଥ୍ୟ ସୂଚନା ଏବଂ ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦେଇଛନ୍ତି। ଏହା ବ୍ୟତୀତ, ମୋଦି କ୍ୟାବିନେଟ୍ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ସରୋବର ଯୋଜନା (ପିଏମ-ଏସଏସୱାଇ)କୁ ମଞ୍ଜୁରୀ ଦେଇଛନ୍ତି। ଉଲ୍ଲେଖନୀୟ ଯେ, ପିଏମ୍ – କିଷାନକୁ ନେଇ ଖୁସି ଖବର ଏମିତି ସମୟରେ ଆସିଛି , ଯେତେବେଳେ ଯୋଜନାର ଲାଭାର୍ଥୀ କୃଷକ ୨୪ତମ କିସ୍ତିକୁ ଅପେକ୍ଷା କରିଛନ୍ତି। କୁହାଯାଉଛି ଯେ, ୨୪ ତମ କିସ୍ତି ଅକ୍ଟୋବର ମାସରେ ଜାରି କରି ଦିଆ ଯିବ। ମିଡିଆ ରିପୋର୍ଟ ଅନୁସାରେ ନବରାତ୍ର ବେଳେ କିସ୍ତି ଜାରି କରାଯାଇ ପାରେ। ସେହିପରି ୟୁନିୟନ କ୍ୟାବିନେଟ୍ ଶୁକ୍ରବାର ଖେଲୋ ଇଣ୍ଡିଆ ସ୍କିମକୁ ବଢାଇବାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି ଏବଂ ନ୍ୟାସନାଲ ସ୍ପୋର୍ଟସ ଫେଡରେସନରର ସାହାଯ୍ୟ ପାଇଁ ବଜେଟ୍ ବଢାଇଛନ୍ତି, ଯେଉଁଥିରେ ଆଗାମୀ ପାଞ୍ଚ ବର୍ଷରେ ମୋଟ ୩୬,୪୪୧ କୋଟି ଟଙ୍କାର ଖର୍ଚ୍ଚ ହେବ। ସରକାର ଖେଲୋ ଇଣ୍ଡିଆ ସ୍କିମ ପାଇଁ ୨୯,୦୫୪ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଏହାର ଉଦ୍ଦେଶ୍ୟ ଗ୍ରାଉଣ୍ଡ ସ୍ତରରେ ଟାଲେଣ୍ଟେଡ୍ ଆଥଲେଟଙ୍କ ଏକ ଗ୍ରୁପ୍ ସୃଷ୍ଟି କରିବା, କାରଣ ଭାରତ ୨୦୩୦ କମନୱେଲଥ ଗେମ୍ସର ଆୟୋଜନ କରିବା ସହ ୨୦୩୬ ଅଲିମ୍ପିକ୍ସ ପାଇଁ ବିଡିଂ କରି ଏକ ବିଶ୍ୱସ୍ତରୀୟ ସ୍ପୋର୍ଟ୍ସ ହବ୍ ତିଆରି କରିବାକୁ ଚେଷ୍ଟା କରୁଛି। ଆଗାମୀ ପାଞ୍ଚ ବର୍ଷରେ ଏନଏସଏଏଫକୁ ୭୩୮୭କୋଟି ଟଙ୍କାର ସାହାଯ୍ୟ ଦିଆଯିବ। ୨୦୨୬-୨୭ ମସିହା ପାଇଁ ନ୍ୟାସନାଲ ସ୍ପୋର୍ଟସ ଫେଡେରେସନ (ଏନଏସଏଫ)କୁ ସାହାଯ୍ୟ ପାଇଁ ଥିବା ବଜେଟ୍ ରେ ୪୨୫ କୋଟି ଟଙ୍କା ଦିଆଯାଇଛି। ସରକାରଙ୍କ ଏକ ବୟାନରେ କୁହାଯାଇଛି, ମଞ୍ଜୁର କରାଯାଇ ଥିବା ଖର୍ଚ୍ଚ ଗତ ଖେଲୋ ଇଣ୍ଡିଆ ସ୍କିମ ଠାରୁ ପ୍ରାୟ ଆଠ ଗୁଣା ଅଧିକ, ଯାହା ଯୁବବର୍ଗଙ୍କ ବିକାଶ , ଦେଶ ନିର୍ମାଣ ଓ ଭାରତକୁ ସାରା ବିଶ୍ୱରେ କ୍ରୀଡାର ମହାଶକ୍ତି ନିର୍ମାଣ ପାଇଁ କ୍ରୀଡ଼ାକୁ ପ୍ରମୁଖ କରିବାରେ ସରକାରଙ୍କ ପ୍ରତିଶ୍ରୁତିକୁ ଦର୍ଶାଉଛି। ଖେଲୋ ଇଣ୍ଡିଆ ୨୦୨୭ରେ ଲଞ୍ଚ ହୋଇଥିଲା ଏବଂ ଏହାକୁ ପ୍ରତି ବର୍ଷ ୟୁନିୟନ ସ୍ପୋର୍ଟସ ବଜେଟ ଠାରୁ ସର୍ବାଧିକ ଭାଗ ମିଳିଥାଏ। ଏହି ସ୍କିମରେ ମଧ୍ୟ ପ୍ରାୟ ୨୮୦୦ ଜଣ ଆଥଲେଟ୍ ଅଛନ୍ତି। ସେମାନଙ୍କୁ ସ୍କୋଲାରସିପ୍ ମାଧ୍ୟମରେ ନ୍ୟୁଟ୍ରିସନ ଓ ଟ୍ରେନିଂର ଆବଶ୍ୟକତା ପାଇଁ ସରକାରୀ ଫଣ୍ଡିଂ ଦିଆଯାଏ।

ସ୍କୁଲ ସ୍ପୋର୍ଟସ ଇକୋସିଷ୍ଟମ୍‌କୁ ମଜବୁତ କରିବା ପାଇଁ ,ସରକାର ଦୁଇଟି ନୂଆ ପ୍ରୟାସ ଆରମ୍ଭ କରିଛନ୍ତି ...ଖେଲୋ ଇଣ୍ଡିଆ ଫିଡର ସ୍କୁଲ ( କେଆଇଏଫଏସ) ଓ ଖେଲୋ ଇଣ୍ଡିଆ ଉତ୍କୃଷ୍ଟ ବିଦ୍ୟାଳୟ (କେଆଇୟୁଭି)...ଯାହା ସ୍ପୋର୍ଟସକୁ ମେନଷ୍ଟ୍ରିମ ଏଜୁକେସନ ସହ ଯୋଡ଼ିବ ଏବଂ ଟାଲେଣ୍ଟେଡ୍ ପିଲାଙ୍କୁ ଶୀଘ୍ର ଚିହ୍ନଟ କରିବା ଓ ସିଷ୍ଟମେଟିକ ଉପାୟରେ ସେମାନଙ୍କୁ ଆଗକୁ ବଢାଇବାରେ ସାହାଯ୍ୟ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ କେନ୍ଦ୍ରୀୟ କ୍ୟାବିନେଟ୍ ୮୪,୦୮୪ କୋଟି ଟଙ୍କାର ଏକ ବିଶାଳ ବ୍ୟୟବରାଦ ସହ ସମୁଦ୍ର ମନ୍ଥନ ନ୍ୟାସନସ ଅଫଶୋର ଏକ୍ସପ୍ଲୋକେସନ ସ୍କିମକୁ ମଞ୍ଜୁରୀ ଦେଇଛନ୍ତି। ଏହାର ଉଦ୍ଦେଶ୍ୟ ଉପକୂଳ ତୈଳ ଓ ଗ୍ୟାସ ଅନୁସନ୍ଧାନକୁ ତ୍ୱରାନ୍ୱିତ କରିବା ଓ ଭାରତର ଦୀର୍ଘକାଳୀନ ଶକ୍ତି ସୁରକ୍ଷାକୁ ବୃଦ୍ଧି କରିବା।

# ଯୁଦ୍ଧରେ ମୃତ ଭାରତୀୟଙ୍କ ପରିବାରକୁ କେନ୍ଦ୍ର ସାହାଯ୍ୟକରୁ



**ନୂଆଦିଲ୍ଲୀ,୩୧।୭:** ସୁପ୍ରିମକୋର୍ଟ ରୁଷିଆ-ୟୁକ୍ରେନ ଯୁଦ୍ଧରେ ଶୁକ୍ରବାର ଆହତ ହୋଇଥିବା ଭାରତୀୟଙ୍କ ପରିବାରକୁ ସହାୟତା କରିବା ପାଇଁ ଜଣେ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଧିକାରୀ ମୃତଦେହ ଫେରାଇ ଆଣିବା, ଡିଏନଏ ମେଳ କରିବା ଏବଂ ରୁଷିଆ ଦୂତାବାସ ମାଧ୍ୟମରେ କ୍ଷତିପୂରଣ ପାଇବା ପ୍ରକ୍ରିୟାରେ ନିକଟତମ ସମ୍ପର୍କୀୟଙ୍କୁ ସାହାଯ୍ୟ କରିବେ। ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କ ଦ୍ୱାରା ଗଠିତ ଏକ ଖଣ୍ଡପୀଠ ରୁଷିଆ-ୟୁକ୍ରେନ ଯୁଦ୍ଧରେ ମୃତ କିମ୍ବା ନିଖୋଜ ହୋଇଥିବା ପରିବାରକୁ ସହାୟତା କରିବା ଏବଂ ପ୍ରଭାବିତ ପରିବାର ସଦସ୍ୟ ଏବଂ ମୃତଦେହ ମଧ୍ୟରେ ଡିଏନଏ ମେଳ କରିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ ଗରଇକୁ ରୁଷିଆ ଦୂତାବାସରେ କ୍ଷତିପୂରଣ ଦାବି ଦାଖଲ କରିବାରେ ପ୍ରଭାବିତ ପରିବାରକୁ ସହାୟତା କରିବାକୁ ଏବଂ ସ୍ଥାନୀୟ ଭାଷାରେ ସମସ୍ତ ଆବଶ୍ୟକୀୟ ସୂଚନା ଏବଂ ଅପଡେଟ ପ୍ରଦାନ କରିବାକୁ କହିଥିଲେ। ଖଣ୍ଡପୀଠ ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ରାଜ୍ୟ ଆଇନ ସେବା ପ୍ରାଧିକରଣକୁ ପରିବାରକୁ ସେମାନଙ୍କ ସମ୍ପର୍କୀୟଙ୍କ ମୃତଦେହ ଉଦ୍ଧାର ଏବଂ କ୍ଷତିପୂରଣ ପାଇବା ପ୍ରକ୍ରିୟାରେ ସହାୟତା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖନୀୟ ଯେ ରୁଷିଆ-ୟୁକ୍ରେନ ସଂଘର୍ଷରେ ଲଢ଼ିବା ପାଇଁ ନିଯୁକ୍ତି ପାଇବା ପରେ ହତ୍ୟା ହୋଇଥିବା କିମ୍ବା ନିଖୋଜ ହୋଇଥିବା ଅଭିଯୋଗରେ ପରିବାର ପକ୍ଷରୁ ଦାୟର ଏକ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶନାମା ଜାରି କରିଥିଲେ। ଟ୍ରାଭେଲ ଏଜେଣ୍ଟମାନଙ୍କ ଦ୍ୱାରା ପ୍ରତାରିତ ହେବା ପରେ ଏହି ବ୍ୟକ୍ତିମାନଙ୍କ ମଧ୍ୟରୁ ଅନେକଙ୍କୁ ଯୁଦ୍ଧରେ ଲଢ଼ିବା ପାଇଁ ପଠାଯାଇଥିଲା।

# ବିଜେପି ଛାଡ଼ିଲେ ପୂର୍ବତନ ମୁଖପାତ୍ର ଶେହଜାଦ ପୁନାୱାଲା



**ନୂଆଦିଲ୍ଲୀ,୩୧।୭:** ଭାରତୀୟ ଜନତା ପାର୍ଟିର ପୂର୍ବତନ ମୁଖପାତ୍ର ଶେହଜାଦ ପୁନାୱାଲାଙ୍କୁ ନେଇ ରାଜନୈତିକ ମହଲରେ ଏବେ ସରଗରମ ଚର୍ଚ୍ଚା । ତାଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ ଵର ପ୍ରୋଫାଇଲରେ ହୋଇଥିବା ପରିବର୍ତ୍ତନ ପରେ ସେ ବିଜେପି ଦଳରୁ ଇସ୍ତଫା ଦେଇଥିବା ଚର୍ଚ୍ଚା ଚାଲିଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା ଦଳରୁ କିମ୍ବା ଶେହଜାଦ ପୁନାୱାଲଙ୍କ ପକ୍ଷରୁ ଇସ୍ତଫା ସମ୍ପର୍କରେ କୌଣସି ଆନୁଷ୍ଠାନିକ ସ୍ପଷ୍ଟୀକରଣ ମିଳିନାହିଁ । ସୂଚନାନୁଯାୟୀ, ଶେହଜାଦ ପୁନାୱାଲା ତାଙ୍କ ଆକାଉଣ୍ଟ ପ୍ରୋଫାଇଲ ଵ ଅପଡେଟ୍ କରିଛନ୍ତି । କିନ୍ତୁ ଏପରି କରିବାର କାରଣ ସମ୍ପର୍କରେ ସେ କିଛି ସ୍ପଷ୍ଟ କରି ନାହାନ୍ତି । ତଥାପି ସେ ନିଜକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୀବନବ୍ୟାପୀ ଅନୁଗାମୀ ଭାବରେ ଉଲ୍ଲେଖ କରିଛନ୍ତି । ସେ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଛନ୍ତି ବୋଲି କୌଣସି ଏକ ରିପୋର୍ଟରୁ ସୂଚନା ମିଳିଛି । ହେଲେ ବିଜେପି କିମ୍ବା ଶେହଜାଦଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦିଆଯାଇ ନାହିଁ ।

## ଚୁଟ୍‌କୀରେ...

### ଏସ୍‌ସିଓ ସମ୍ମିଳନୀ ପାଇଁ ମୋଦିଙ୍କୁ ନିମନ୍ତ୍ରଣ କରିବ ପାକିସ୍ତାନ

**ନୂଆଦିଲ୍ଲୀ,୩୧।୭:** ଆସନ୍ତାବର୍ଷ ଅର୍ଥାତ ୨୦୨୭ ଏସ୍‌ସିଓ ସମ୍ମିଳନୀ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଇସଲାମାବାଦକୁ ନିମନ୍ତ୍ରଣ କରିବ ପାକିସ୍ତାନ। ମୋଦିଙ୍କୁ ନିମନ୍ତ୍ରଣ କରାଯିବ ବୋଲି ପାକିସ୍ତାନ ସରକାର ସ୍ପଷ୍ଟ କରିଛନ୍ତି। ସେହିପରି ଖୋଦ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ହିଁ ମୋଦିଙ୍କୁ ଇସଲାମାବାଦ ଆସିବାକୁ ନିମନ୍ତ୍ରଣ ପତ୍ର ପଠାଇବେ ବୋଲି ଜଣାପଡ଼ିଛି। ସଙ୍ଘାଇ କର୍ପୋରେସନ ଅର୍ଗାନାଇଜେସନର ପ୍ରତିଷ୍ଠିତ ପ୍ରାବଧାନ ଅନୁସାରେ ପାକିସ୍ତାନ ନିମନ୍ତ୍ରଣ ପତ୍ର ଭାରତକୁ ପଠାଇବ। ଏସ୍‌ସିଓର ସମସ୍ତ ସଦସ୍ୟଙ୍କୁ ଆୟୋଜକ ଦେଶ ନିମନ୍ତ୍ରଣ ପତ୍ର ପଠାଇବାକୁ ବାଧ ବୋଲି ପ୍ରାବଧାନରେ ଉଲ୍ଲେଖ ରହିଛି। ସେହି ଅନୁସାରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶରିଫ ଭାରତର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଇସଲାମାବାଦ ନିମନ୍ତ୍ରଣ କରିବେ। ପାକିସ୍ତାନ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି ଯେ ୨୦୨୭ ମସିହାରେ ଇସଲାମାବାଦରେ ଆୟୋଜିତ ହେବାକୁ ଥିବା ଏସ୍‌ସିଓ ଶିଖର ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିମନ୍ତ୍ରଣ କରାଯିବ। ସଂଗଠନର ନିୟମ ଅନୁଯାୟୀ ସମସ୍ତ ସଦସ୍ୟ ରାଷ୍ଟ୍ର ଓ ମୁଖ୍ୟଙ୍କୁ ନିମନ୍ତ୍ରଣ ପତ୍ର ପଠାଯିବ।

### ବନ୍ୟାର ତାଣ୍ଡବ: ମୃତ୍ୟୁ ସଂଖ୍ୟା ୮୦କୁ ବୃଦ୍ଧି

**ଗୁଆହାଟୀ,୩୧।୭:** ଆସାମ ବନ୍ୟାରେ ମୃତ୍ୟୁ ସଂଖ୍ୟା ୮୦ରେ ପହଞ୍ଚିଛି, ଯେତେବେଳେ ଆଠଟି ଜିଲ୍ଲାର ୨.୧୨ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି; ଅଧିକାରୀମାନେ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ରାଜ୍ୟ ସରକାର ବନ୍ୟା ପ୍ରଭାବିତ ବ୍ୟକ୍ତିମାନଙ୍କ ଦ୍ୱାରା ନିଆଯାଇଥିବା ସମସ୍ତ ପ୍ରକାରର ଋଣ ପରିଶୋଧ ଉପରେ ଛଅ ମାସ ପାଇଁ ସ୍ଥଗିତ ଘୋଷଣା କରିଛନ୍ତି। ଏହା ସହିତ ଅଭୂତପୂର୍ବ ବନ୍ୟା ଦ୍ୱାରା ଗୁରୁତର ଭାବରେ ପ୍ରଭାବିତ ହୋଇଥିବା ଲୋକଙ୍କ ରିଲିଫ ଏବଂ ପୁନର୍ବାସ ପାଇଁ କେନ୍ଦ୍ର ସରକାରଙ୍କଠାରୁ ଏକ ସହାୟତା ପ୍ୟାକେଜ ମଧ୍ୟ ଲୋଡିଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ଶିବସାଗର ଜିଲାରେ ଆଉ ଦୁଇଜଣଙ୍କ ଜୀବନ ଯାଇଛି, ଯାହା ଫଳରେ ଚଳିତ ବର୍ଷର ଭୟଙ୍କର ବନ୍ୟାରେ ମୋଟ ମୃତ୍ୟୁ ସଂଖ୍ୟା ୮୦ରେ ପହଞ୍ଚିଛି। ଗୋଲାଘାଟ, ଶିବସାଗର, ବିଶ୍ୱନାଥ, ଚରାଇଦେଓ, କାମରୂପ (ମହାନଗର), ଜୋରହାଟ, ଧେମାଜି ଏବଂ ନାଗାଓଁ ଜିଲାର ମୋଟ ୨୧ ରାଜସ୍ୱ ସର୍କଲ ଏବଂ ୪୩୭ ଗ୍ରାମ ପ୍ରଭାବିତ ହୋଇଛି। ମୋଟ ୨,୧୨,୪୦୦ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଚରାଇଦେଓ ଜିଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି, ପ୍ରାୟ ୮୦,୦୦୦ ଲୋକ ପ୍ରଭାବିତ ହୋଇଛନ୍ତି, ଯେତେବେଳେ ଶିବସାଗରରେ ୭୧,୦୦୦ ଏବଂ ଜୋରହାଟରେ ୪୦,୦୦୦ ଲୋକ ମଧ୍ୟ ବନ୍ୟାର ପ୍ରଭାବ ସହୁଛନ୍ତି।

### ୧୯ ବର୍ଷ ପରେ ଫେରିଲେ ତସ୍‌ଲିମା ନସରିନ୍



**କୋଲକାତା, ୩୧।୭:** ନିର୍ବାସିତ ବାଂଲାଦେଶୀ ଲେଖିକା ତସ୍‌ଲିମା ନସରିନ୍ ୧୯ ବର୍ଷ ପରେ ଶୁକ୍ରବାର କୋଲକାତା ଫେରିଛନ୍ତି। ତାଙ୍କ ବିବାଦୀୟ ପୁସ୍ତକ ''ଦ୍ୱିଖୋଣ୍ଡିତୋ'' ଉପରେ ବିରୋଧ ପ୍ରଦର୍ଶନ ପରେ ତସଲିମା କୋଲକାତା ଛାଡ଼ିବାକୁ ବାଧ ହୋଇଥିଲେ। ପଶ୍ଚିମବଙ୍ଗର ରାଜଧାନୀରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିବା ସମୟରେ ନସରିନ୍ କହିଥିଲେ, ମୋତେ ଏଠାରେ ବହୁତ ଭଲ ଲାଗୁଛି।୨୦୦୭ ମସିହା ପରେ ଏହା ହେଉଛି କୋଲକାତାରେ ତସଲିମାଙ୍କର ପ୍ରଥମ ସାର୍ବଜନୀନ ଉପସ୍ଥିତି। ଏହାର ଦଶନ୍ଧି ପୂର୍ବେ ତାଙ୍କୁ ବାଂଲାଦେଶ ଛାଡିବାକୁ ପଡ଼ିଥିଲା। ଧାର୍ମିକ ଭାବନାକୁ ଆଘାତ ଦେବା ଅଭିଯୋଗରେ ୨୦୦୩ ମସିହାରେ ତତ୍କାଳୀନ ସିପିଏମ୍ ନେତୃତ୍ୱାଧୀନ ପଶ୍ଚିମବଙ୍ଗ ସରକାର ତାଙ୍କ ପୁସ୍ତକକୁ ନିଷିଦ୍ଧ କରିଥିଲେ। ୬୩ ବର୍ଷୀୟ ଏହି ପ୍ରଖ୍ୟାତ ଲେଖିକା ବର୍ତ୍ତମାନ ଦିଲ୍ଲୀରେ ରହୁଛନ୍ତି। ଆସନ୍ତାକାଲି ନସରିନ୍ ରବୀନ୍ଦ୍ର ସଦନରେ ମୌଳବାଦ ବିରୋଧରେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଓ ପ୍ରସିଦ୍ଧ ଲେଖକ ଶୀର୍ଷେଣ୍ଡି ମୁଖୋପାଧ୍ୟାୟ ମଧ୍ୟ ଯୋଗ ଦେଇପାରନ୍ତି।

# କୋଇଲା ଖଣିରେ ବିସ୍ଫୋରଣ, ୩୨ ଶ୍ରମିକ ମୃତ



**ନୂଆଦିଲ୍ଲୀ,୩୧।୭:** ଦକ୍ଷିଣ-ପଶ୍ଚିମ ପାକିସ୍ତାନର ଏକ କୋଇଲା ଖଣି ଭିତରେ ହୋଇଛି ଭୟଙ୍କର ବିସ୍ଫୋରଣ । ଏହି ଘଟଣାରେ ଅତି କମରେ ୩୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଏହାଛଡ଼ା ଆହୁରି ୧୦ ଜଣ ଶ୍ରମିକ ଭୂମି ତଳେ ଫସି ରହିଥିବା ଜଣାପଡ଼ିଛି । ଅଧିକାରୀମାନଙ୍କ କହିବା ଅନୁସାରେ, ସେମାନେ ଅତ୍ୟନ୍ତ ବିପଜ୍ଜନକ ପରିସ୍ଥିତିରେ ଫସି ରହିଛନ୍ତି ଏବଂ ଉଦ୍ଧାରକାରୀ ଦଳ ସେମାନଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା ଜାରି ରଖିଛନ୍ତି । ସରକାରୀ ଖଣି ନିରୀକ୍ଷକ ଗନି ବାଲୋଚ କହିଛନ୍ତି ଯେ, ଗୁରୁବାର ଘଟିଥିବା ଏହି ବିସ୍ଫୋରଣର କାରଣ ଖଣି ଭିତରେ ମିଥେନ୍ ଗ୍ୟାସ ସଞ୍ଚୟ ହୋଇଥିବା ସନ୍ଦେହ କରାଯାଉଛି । ବିସ୍ଫୋରଣଟି ବାଲୋଚିସ୍ତାନ ପ୍ରଦେଶର ରାଜଧାନୀ କ୍ୱେଟା ସହରର ବାହାର ଅଞ୍ଚଳରେ ଘଟିଥିଲା । ଅଧିକାରୀ ଓ ପ୍ରାନ୍ତୀୟ ବିପର୍ଯ୍ୟୟ ପରିଚାଳନା ଏଜେନ୍ସି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ, ବିସ୍ଫୋରଣର କିଛି ଘଣ୍ଟା ପରେ ପ୍ରଥମେ ୭ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ପରେ ଉଦ୍ଧାରକାରୀ ଦଳ ଆଉ ୨୫ ଜଣଙ୍କ ମୃତଦେହ ବାହାର କରିଥିଲେ । ବର୍ତ୍ତମାନ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ଫସିଥିବା ଶ୍ରମିକମାନଙ୍କୁ ଖୋଜି ବାହାର କରିବାକୁ ଉଦ୍ୟମ ଚାଲିଛି । ଆହୁରି କହିଛନ୍ତି ଯେ, ସମସ୍ତ ଫସିଥିବା ଶ୍ରମିକଙ୍କୁ ଖୋଜି ନ ପାଇବା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ବନ୍ଦ ହେବ ନାହିଁ । ଏଥିସହ, ମୃତକଙ୍କ ସଂଖ୍ୟା ଆହୁରି ବଢ଼ିପାରେ । ମିଥେନ୍ ଗ୍ୟାସ ବିସ୍ଫୋରଣ ପରେ ଖଣି ଭିତରେ ଅମ୍ଳଜାନର ମାତ୍ରା ପ୍ରାୟ ଶୂନ୍ୟକୁ ଖସିଯାଏ । ତେଣୁ କାହାରି ଜୀବିତ ମିଳିବାର ସମ୍ଭାବନା ବହୁତ କମ୍ ଥାଏ। ଏହି କାରଣରୁ ଉଦ୍ଧାରକାରୀ ଦଳ ଅତ୍ୟନ୍ତ ସତର୍କତାର ସହ ଖଣି ଭିତରକୁ ଅଗ୍ରସର ହେଉଛନ୍ତି । ଅଧିକାରୀମାନେ ଉଦ୍ଧାର ହୋଇଥିବା ମୃତଦେହଗୁଡ଼ିକୁ ଅନ୍ତିମ ସଂସ୍କାର ପାଇଁ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରୁଥିବା ବେଳେ, ଏବେ ବି ଭିତରେ ଫସିଥିବା ଶ୍ରମିକଙ୍କ ପରିବାର ଲୋକେ ଖବରକୁ ଅପେକ୍ଷା କରିଛନ୍ତି ।

## ଆଇବି ଅଧିକାରୀ ଅଙ୍କିତ ଶର୍ମା ହତ୍ୟା ମାମଲା

# ତାହିର ହୁସେନଙ୍କୁ ଆଜୀବନ କାରାଦଣ୍ଡ



**ନୂଆଦିଲ୍ଲୀ,୩୧।୭:** ଫେବୃଆରୀ ୨୦୨୦ରେ ଦିଲ୍ଲୀ ଦଙ୍ଗା ସମୟରେ ଆଇବି ଅଧିକାରୀ ଅଙ୍କିତ ଶର୍ମାଙ୍କ ହତ୍ୟା ପାଇଁ କରକାରଡୁମା କୋର୍ଟ ପୂର୍ବତନ ଏଏପି କାଉନସିଲର ତାହିର ହୁସେନଙ୍କ ସମେତ ପାଞ୍ଚ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଶୁକ୍ରବାର (୩୧ ଜୁଲାଇ) ଦିନ ଦଣ୍ଡ ଘୋଷଣା କରିବା ପୂର୍ବରୁ ବିଚାରପତି ମନ୍ତବ୍ୟ ଦେଇଥିଲେ ଯେ ଏହା ଏକ ଅତ୍ୟନ୍ତ ଗମ୍ଭୀର ଘଟଣା। ଅଙ୍କିତ ଶର୍ମାଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଥିଲା ଏବଂ ତାଙ୍କ ଶରୀରକୁ ପଶୁଭଳି ଫିଙ୍ଗି ଦିଆଯାଇଥିଲା। କୋର୍ଟ ମତ ଦେଇଥିଲେ ଯେ ଏହି ଘଟଣା ସମାଜକୁ ଦୋହଲାଇ ଦେଇଥିଲା ଏବଂ ଲୋକମାନଙ୍କୁ ଘଟଣା ବିଷୟରେ ଚିନ୍ତା କରିବାକୁ ବାଧ କରିଥିଲା। କୋର୍ଟ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଅପରାଧ ଯେଉଁ ଢଙ୍ଗରେ କରାଯାଇଥିଲା ତାହା ଅତ୍ୟନ୍ତ ନିଷ୍ଠୁର ଥିଲା। କୋର୍ଟ କହିଛନ୍ତି ଯେ ଆକ୍ରମଣ ଏତେ ଭୟଙ୍କର ଏବଂ ନିଷ୍ଠୁର ଥିଲା ଯେ, ପୀଡିତଙ୍କ ମୃତ୍ୟୁ ପରେ ମଧ୍ୟ ଦୋଷୀମାନେ ତାଙ୍କ ମୃତଦେହକୁ ଚାନ୍ଦ ବାଗକୁ ଟାଣି ନେଇ ନାଳରେ ପକାଇ ଦେଇଥିଲେ। ଦିଲ୍ଲୀ ପୋଲିସ ଏବଂ ପୀଡିତଙ୍କ ପରିବାର ଉଭୟ ସମସ୍ତ ଦୋଷୀଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରିଥିଲେ। ଜୁଲାଇ ୧୩, ୨୦୨୬ ରେ, କୋର୍ଟ ତାହିର ହୁସେନ, ନଜିମ, କାସିମ, ଅନସ ଏବଂ ଜାଭେଦଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।

# ୪ ମହଲା କୋଠା ଭୁଶୁଡ଼ି ୯ ମୃତ

**ନୂଆଦିଲ୍ଲୀ,୩୧।୭:** ମହାରାଷ୍ଟ୍ରର ଭିୱାଣ୍ଡି ଜିଲ୍ଲାରେ ବଡ଼ ଅଘଟଣ। ଗୁରୁବାର ବିଳମ୍ବିତ ରାତିରେ ହଠାତ ଭୁଶୁଡ଼ି ପଡ଼ିଛି ଏଠାରେ ଥିବା ଗୋଟିଏ ୪ ମହଲା ବିଲଡିଂ। ଏଥିରେ ବର୍ତ୍ତମାନ ସୁଦ୍ଧା ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ କିଛି ଲୋକଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ଏବେ ବି ଧ୍ୱଂସାବଶେଷ ତଳକୁ ଅଧିକାରୀମାନେ ଜୀବନ ଖୋଜିବାରେ ଲାଗିଛି। ଭୁଶୁଡ଼ି ପଡ଼ିଥିବା ୪ ମହଲା କୋଠାର ପ୍ରତିଟି ଫ୍ଲୋରରେ ୧୨ଟି ଲେଖାଏ ଘର ଥିଲା। ଅର୍ଥାତ ସେଠାରେ ମୋଟ ୪୮ଟି ରୁମ ରହିଥିଲା। ହେଲେ ରାତି ପ୍ରାୟ ୧୧.୩୦ରେ ହଠାତ୍ ପୂରା ବିଲଡିଂ ତାସର ଘର ଭଳି ଭୁଶୁଡ଼ି ପଡ଼ିଥିଲା। ସ୍ଥାନୀୟ ପୌରପାଳିକା ଏହି ପୁରୁଣା ବିଲଡିଂକୁ ପୂର୍ବରୁ ବିପଦଜନକ କହି ସାରିଥିଲା ଓ ମରାମତି କାମ ଚାଲିଥିବା ବେଳେ ଏହା ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ କହିବା କଥା ଯେ ଗୁରୁବାର ରାତି ପ୍ରାୟ ୯ଟା ସମୟରେ ବିଲ୍ଡିଂରେ ବରାଟ ଫାଟିବା ଭଳି ଶବ୍ଦ ହୋଇଥିଲା। ଏହି ଶବ୍ଦ ଶୁଣି ଭୟଭୀତ ଲୋକେ ପ୍ରଶାସନକୁ ଖବର ଦେଇଥିଲେ। ସେହିପରି ବିଲଡିଂରେ ରହୁଥିବା କିଛି ପରିବାର ତୁରନ୍ତ ସେଠାରୁ ବାହାରି ଯାଇଥିଲେ। ଆଉ କିଛି ଲୋକ ରାତିରେ ଜିନିଷ ପ୍ୟାକ କରି ସକାଳୁ ଅନ୍ୟତ୍ର ଚାଲିଯିବାକୁ ଯୋଜନା କରିଥିଲେ। କିନ୍ତୁ ରାତି ପ୍ରାୟ ୧୧.୩୦ରେ ବିଲ୍ଡିଂର 'ବି ୱିଙ୍ଗ୍' ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ସହ ଉଦ୍ଧାରକାରୀ ଟିମ, ପୁଲିସ୍ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଉଦ୍ଧାରକାରୀ ଟିମ ଧ୍ୱଂସାବଶେଷ ତଳୁ ପ୍ରଥମେ ୬ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏମାନଙ୍କ ମଧ୍ୟରେ ଅଧିକାଂଶ ବିଲ୍ଡିଂରେ ମରାମତି କାମରେ ନିୟୋଜିତ ଥିବା ଶ୍ରମିକ ବୋଲି ଜଣାପଡ଼ିଛି। ସେହିପରି ଆଉ ୬ ଜଣଙ୍କୁ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ୩ ଜଣ ଆଖି ବୁଜିଛନ୍ତି। ଏବେ ହସ୍ପିଟାଲରେ ଜଣେ ନାବାଳକ ସହ ୩ ଜଣ ଚିକିତ୍ସିତ ହେଉଛନ୍ତି। ଏବେ ବି ଧ୍ୱଂସାବଶେଷ ତଳେ କିଛି ଲୋକ ଫସି ରହିଥିବା ଆଶଙ୍କା କରି ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ମୁହଁ ଖୋଲିଲେ ରାଘବ ଚଡ୍ଢା



**ନୂଆଦିଲ୍ଲୀ,୩୧।୭:** ଏକଦା ଏୟାରପୋର୍ଟରେ ଚା' ଶିଙ୍ଗଡ଼ା ଦର ଠାରୁ ଆରମ୍ଭ କରି ସଫେଇ କର୍ମଚାରୀଙ୍କ ସମସ୍ୟା କଥା ସଂସଦରେ ଜୋରଦାର ଢଙ୍ଗରେ ଉଠାଉଥିଲେ। କିନ୍ତୁ ଏହି ଯୁବ ରାଜ୍ୟସଭା ସାଂସଦ ଜଣଙ୍କ ଆପ୍ ଛାଡ଼ି ବିଜେପିରେ ମିଶିବା ପରେ ସତେ ଯେମିତି ଜଡ଼ ପାଲଟି ଯାଇଥିଲେ। ନିଟ ପ୍ରଶ୍ନପତ୍ର ଲିକ ପ୍ରସଙ୍ଗରେ ହଜାର ହଜାର ଶିକ୍ଷାର୍ଥୀ ଦିଲ୍ଲୀରେ ପ୍ରତିବାଦ କରୁଥିବା ବେଳେ ତାଙ୍କ ମୁହଁରୁ ପଦେ କଥା ବାହାରି ନଥିଲା। ଏହି ନୀରବତାକୁ ସମସ୍ତେ ଚିହ୍ନଟ କରିଥିଲେ। ସେମାନେ ଏଥିପାଇଁ ତାଙ୍କୁ ତୀବ୍ର ସମାଲୋଚନା ମଧ୍ୟ କରିଥିଲେ। ଛାତ୍ର ଆନ୍ଦୋଳନକୁ ନେଇ ଚୁପ ରହିଥିବା ବିଜେପିର ରାଜ୍ୟସଭା ସାଂସଦ ରାଘବ ଚଡ୍ଢା ଶେଷରେ ମୁହଁ ଖୋଲିଛନ୍ତି। ରାଜ୍ୟସଭାରେ ଚାଲିଥିବା ବିତର୍କ ବେଳେ ସେ ସମାଲୋଚକଙ୍କୁ ଜବାବ ଦେବାକୁ ମଧ୍ୟ ଚେଷ୍ଟା କରିଛନ୍ତି। ଏହି ସମୟରେ ଆପରୁ ବିଜେପିକୁ ଦଳ ବଦଳ କରିବା ପରେ ତାଙ୍କ ଭୂମିକାରେ ପରିବର୍ତ୍ତନ ହୋଇଥିବା ମଧ୍ୟ ରାଘବ ସ୍ୱୀକାର କରିଛନ୍ତି। ରାଜ୍ୟସଭାରେ ପ୍ରଶ୍ନପତ୍ର ଲିକ ନିରୋଧ ବିଲ ଉପରେ ଆୟୋଜିତ ବିତର୍କରେ ଭାଗ ନେଇ ରାଘବ ଗୁରୁବାର କହିଛନ୍ତି ଯେ "ପୂର୍ବରୁ ମୁଁ ବିରୋଧୀ ଦଳରେ ଥିବା ବେଳେ ପ୍ରଶ୍ନ ଉଠାଇବା ମୋର ଦାୟିତ୍ୱ ଥିଲା। ମୁଁ ସେହି କାମକୁ ବେଶ ସଚ୍ଚୋଟତାର ସହ କରିଥିଲି। ବର୍ତ୍ତମାନ ମୁଁ ସରକାରୀ ପକ୍ଷରେ ଅଛି। ତେଣୁ ମୋର ଭୂମିକା ବଦଳିଯାଇଛି। ଏବେ ମୋର ଦାୟିତ୍ୱ ପ୍ରଶ୍ନ ପଚାରିବା ନୁହେଁ, ବରଂ ସମସ୍ୟାର ସମାଧାନ ପାଇଁ ରାସ୍ତା ବାହାର କରିବା। ଖବରର ଶିରୋନାମା ହେବା କିମ୍ବା କ୍ୟାମେରା ସାମ୍ନାରେ ବୟାନ ଦେଇ କେବଳ ନିଜର ଉପସ୍ଥିତି ଦେଖାଇବାର ଆବଶ୍ୟକତା ତାଙ୍କୁ ନାହିଁ। ତାଙ୍କର ଲକ୍ଷ୍ୟ କେବଳ ଫଳପ୍ରଦ ପରିବର୍ତ୍ତନ ଆଣିବା ବୋଲି ରାଘବ କହିଛନ୍ତି। ସେ କହିଛନ୍ତି, "ମୁଁ ନିଜକୁ ନିଜେ କହିଥିଲି ଯେ, ସମସ୍ୟାର ସମାଧାନ ନେଇ ଆସିବା ପରେ ଓ ବ୍ୟବସ୍ଥାରେ ସୁଧାର ଆରମ୍ଭ ହେବା ପରେ ହିଁ ସଂସଦରେ ଏହି ପ୍ରସଙ୍ଗ ଉଠାଇବି। ଆଜି ସେହି ଐତିହାସିକ ଦିନ। ଏବେ ବ୍ୟବସ୍ଥାକୁ ସୁଧାରିବାର କାମ ଆରମ୍ଭ ହୋଇଛି।

## ନୂତନ ସୀମା ସଙ୍କଟ

# ମରକ୍କୋ ସୀମା ଦେଇ ସ୍ପେନରେ ପ୍ରବେଶ ବେଳେ ୯ ମୃତ



**ନୂଆଦିଲ୍ଲୀ,୩୧।୭:** ମରକକ୍କୋରୁ ହଜାର ହଜାର ପ୍ରବାସୀ ସ୍ପେନର ଛୋଟ ସ୍ୱାୟତ୍ତ ଅଞ୍ଚଳ ସେଉଟାରେ ପ୍ରବେଶ କରିବାକୁ ସୀମା ପାର ହେବା ସମୟରେ ବିଶୃଙ୍ଖଳା ଘଟି ନଅ ଜଣଙ୍କର ମୃତ୍ୟୁ ହୋଇଛି । ଗୁରୁବାର ସୀମା ତାରବାଡ଼ ଭାଙ୍ଗି ମରକ୍କୋର ଲୋକମାନେ ସ୍ପେନରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ପରେ ସେଉଟାର ସ୍ଥାନୀୟ କର୍ତ୍ତୃପକ୍ଷ ମାଡ୍ରିଡ ସ୍ଥିତ କେନ୍ଦ୍ର ସରକାରଙ୍କୁ ଅଧିକ ସୁରକ୍ଷାବଳ ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲେ। ସ୍ପେନ ସରକାର କହିଛନ୍ତି ଯେ, ସିଭିଲ ଗାର୍ଡ ସେଉଟା ସହରରେ ସୁରକ୍ଷା ବଜାୟ ରଖିବାରେ ସାହାଯ୍ୟ କରିବା ପାଇଁ ସଶସ୍ତ୍ର ବାହିନୀ ପଠାଇବା ପାଇଁ ଅନୁରୋଧ କରିଥିଲା। ସ୍ପେନର ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଶୁକ୍ରବାର ସେଉଟା ଗସ୍ତରେ ଗୃହମନ୍ତ୍ରୀ ଫର୍ଣ୍ଣାଣ୍ଡୋ ଗ୍ରାଣ୍ଡେ-ମାରଲାସ୍କାଙ୍କ ସହିତ ଯୋଗ ଦେବେ ବୋଲି ମଧ୍ୟ ଘୋଷଣା କରିଛନ୍ତି। ଉତ୍ତର ମରକକ୍କୋର ମାନବାଧିକାର ସଂଘର ସଦସ୍ୟ ଆଚରାଫ ମୈମୌନି ପରିସ୍ଥିତିକୁ ବ୍ୟତିକ୍ରମ ବୋଲି ବର୍ଣ୍ଣନା କରିଛନ୍ତି। ଭିଡିଓ ଫୁଟେଜରେ ଅନେକ ଲୋକ ସ୍ପେନ ଉପକୂଳରେ ଦେଖିବାକୁ ମିଳିଥିଲା, ସେମାନଙ୍କ ମଧ୍ୟରୁ ଅଧିକାଂଶ ମରକ୍କୋର ଅଧିବାସୀ। ଅନେକ ଯୁବକ, ମହିଳା ଓ ଶିଶୁଙ୍କ ସହିତ ସେମାନଙ୍କ ପରିବାର ମଧ୍ୟ ରହିଥିବା ଭିଡିଓ ଫୁଟେଜରୁ ଦେଖିବାକୁ ମିଳିଛି। ସେଉଟାରେ ଥିବା ସରକାରୀ ପ୍ରତିନିଧି ଦଳ କହିଛନ୍ତି ଯେ, ଗୁରୁବାର ଏଠାରେ ବିଶୃଙ୍ଖଳା ସମୟରେ ଅତି କମରେ ନଅ ଜଣଙ୍କର ମୃତ୍ୟୁ ହୋଇଛି । ପାଣିରେ ମୃତଦେହ ଭାସୁଥିବାର ଦେଖାଯାଇଛି । ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଚଳିତ ବର୍ଷ ସେଉଟାରେ ପହଞ୍ଚିବାକୁ ଚେଷ୍ଟା କରି ବହୁ ସଂଖ୍ୟକ ଲୋକଙ୍କର ମୃତ୍ୟୁ ହୋଇଛି । ତେବେ ଏତେ ସଂଖ୍ୟକ ଲୋକ କାହିଁକି ସେଉଟା ଆସୁଛନ୍ତି ତାହା ଜଣାପଡ଼ିନାହିଁ।

ସ୍ପେନ ସରକାର କହିଛନ୍ତି, ମରକ୍କୋ ଲୋକମାନଙ୍କୁ ସୀମା ଅତିକ୍ରମ କରିବାରେ ରୋକିବା ପାଇଁ ସେଠାକାର ସରକାର ସହାୟତା କରୁଛନ୍ତି। ତେବେ ଏହାର ପ୍ରଭାବ ଇଟାଲୀ ଉପରେ ମଧ୍ୟ ପଡ଼ିଛି। ଇଟାଲୀ ନିଜ ସୀମାକୁ ସୁରକ୍ଷିତ ରଖିବା ପାଇଁ ସ୍ପେନ ସହିତ ସୀମା ଚୁକ୍ତିନାମାକୁ ସ୍ଥଗିତ ରଖିବାକୁ ଧମକ ଦେଇଥିଲା। ଯଦିଓ ଇଟାଲୀର ସୀମା ସ୍ପେନକୁ ଲାଗୁ ନାହିଁ ତଥାପି ଦୁଇ ଦେଶ ମଧ୍ୟରେ ଚୁକ୍ତି ରହିଛି। ଉନ୍ନତ ଆର୍ଥିକ ସୁଯୋଗ କିମ୍ବା ନିଜ ଦେଶରେ ହିଂସାରୁ ମୁକ୍ତି ପାଇବା ପାଇଁ ଆଫ୍ରିକାର ପ୍ରବାସୀମାନଙ୍କ ପାଇଁ ସ୍ପେନ୍ ୟୁରୋପ ଆଗମନର ପ୍ରମୁଖ ମାର୍ଗ ହୋଇଛି।



# ଭାସୁଛି ପୋଟଳ, ବୁଡ଼ିଛି ବାଇଗଣ !

- ବନ୍ୟାପାଣିରେ ନଷ୍ଟ ହେଲା ଚାଷୀଙ୍କ ସ୍ୱପ୍ନ
- ଶହ ଶହ ହେକ୍ଟର ପନିପରିବା ଜଳମଗ୍ନ
- ଋଣ କରି ଚାଷ କରିଥିଲେ, ଏବେ ଅସହାୟ
- କ୍ଷତି ଆକଳନ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ



**କାକଟପୁର /ଅସ୍ତରଙ୍ଗ (ଅମୃତ ମିଡିଆ):** ରାତି ରାତି ବନ୍ୟା ପାଣି ମାଡି ଆସିଲା। ଏକର ଏକର ପନିପରିବା ଫସଲ ଦେବୀ ନଦୀର ବନ୍ୟାରେ ଭାସିଗଲା। ଗୋଟିଏ ରାତିରେ ଚାଷୀଙ୍କ ମାସ ମାସର ପରିଶ୍ରମ ପାଣିରେ ଧୋଇ ହୋଇଗଲା। ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ଫଳରେ ଏହାର ଶାଖା ନଦୀ ଦେବୀ ମଧ୍ୟ ଫୁଲି ଉଠିଛି। ପୁରୀ ଜିଲ୍ଲା କାକଟପୁର ବାଉରିଆକଣ ଠାରେ ଦେବୀ ନଦୀର ବିପଦ ସଂକେତ ହେଉଛି ୪. ୯୩ ମିଟର। ବର୍ତ୍ତମାନ ସକାଳୁପାଣି ବଢିଥିବା ବେଳେ ସେଠାରେ ୫. ୨୫ମିଟର ଦେଇ ଜଳ ପ୍ରବାହିତ ହେଉଥିଲେ ମଧ୍ୟ ରାତିରେ ଜଳସ୍ତର ଅତ୍ୟନ୍ତ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ନଦୀରେ ବଡ ବଡ ଭଉଁରୀ ସୃଷ୍ଟି ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହାର ପ୍ରଭାବ ସିଧା ପଡିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ର ତଳିଆ ଅଞ୍ଚଳ ଉପରେ। ଦେବୀ ନଦୀ ତଟବର୍ତ୍ତୀ ଖଣ୍ଡାସାହି, ଓସ୍ତପୁର, ଓସିଆ ଅଞ୍ଚଳର ପନିପରିବା ଚାଷ ଜମିରେ ବନ୍ୟା ପାଣି ପଶିଯାଇଛି। ରାତାରାତି ଶହ ଶହ ହେକ୍ଟର ଜମି ଜଳମଗ୍ନ ହୋଇଯାଇଛି। ସବୁଠୁ ବଡ କ୍ଷତି ହୋଇଛି ଚାଷୀ ମାନଙ୍କର। ଭେଣ୍ଡି, ବାଇଗଣ, ପୋଟଳ, କଲରା, କଞ୍ଚାଲଙ୍କା ସମେତ ଚାଷୀ ଯେଉଁ ଫସଲ କୁ ବର୍ଷ ତମାମ୍ ଯତ୍ନ କରି ଫଳାଇଥିଲେ, ତାହାକୁ ଗୋଟିଏ ରାତିରେ ବନ୍ୟା ପାଣି ଧୋଇ ନେଇଯାଇଛି। କେଉଁଠି ପୋଟଳ ଗଛ ଭାସୁଛି ତ କେଉଁଠି ବାଇଗଣ ଗଛ ପାଣିରେ ବୁଡି ଯାଇଛି। ଆସନ୍ତା ଦିନରେ ପରିବାର ଚଳାଇବା ସେମାନଙ୍କ ପାଇଁ ବଡ ସମସ୍ୟା ହୋଇପଡିଛି। ଋଣ କରି ସାର ଔଷଧ ଆଣି ଚାଷ କରିଥିବା ଚାଷୀ ଏବେ ଅସହାୟ ଅବସ୍ଥାରେ ଅଛନ୍ତି। ତାଙ୍କ ମୁହଁରେ ନିରାଶା ସହ ଆଖିରେ ଲୁହ। ଖଣ୍ଡାସାହି ର ଚାଷୀ ରମେଶ ସାହୁ କହିଛନ୍ତି 'ବ୍ୟାଙ୍କରୁ ଋଣ ଆଣି ପୋଟଳ ଚାଷ କରିଥିଲି। ମାସେ ପରେ ବିକ୍ରି କରିବି ବୋଲି ଆଶା ଥିଲା। ଏବେ ସବୁ ଭାସିଗଲା, ଋଣ କେମିତି ସୁଝିବ?' ଓସ୍ତପୁର ର ମହିଳା ଚାଷୀ ସୁମିତ୍ରା ଦେବୀଙ୍କ ଆଖିରୁ ଲୁହ ଝରୁଛି। ସେ କହିଛନ୍ତି, 'ଘର ଖର୍ଚ୍ଚ ପାଇଁ ଲଙ୍କା ଚାଷ ଉପରେ ଭରସା କରିଥିଲୁ। ଏବେ ଚୁଲି କେମିତି ଜଳିବ?' ପ୍ରଶାସନ ତରଫରୁ ତତ୍ପରତା ଜାରି ରହିଛି। ଜିଲ୍ଲାପାଳ ମହୋଦୟ ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ଏବଂ ଆବଶ୍ୟକ ପଡିଲେ ଉଚ୍ଚ ସ୍ଥାନକୁ ଚାଲିଯିବାକୁ ପରାମର୍ଶ ଦେଇଛନ୍ତି। କ୍ଷତି ଆକଳନ ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତହସିଲଦାର ଶ୍ରୀମତୀ ପ୍ରିୟଙ୍କା ପ୍ରିୟଦର୍ଶନୀ ପତି ନିଜେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରୁଛନ୍ତି। କିନ୍ତୁ ଚାଷୀର ପ୍ରଶ୍ନ ଗୋଟିଏ - ସରକାର କେମିତି ଏହି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ସହାୟତା ଦେବେ? ଚାଷୀର ଆଖିରୁ ଲୁହ ସହିତ ତାର ସ୍ୱପ୍ନ ମଧ୍ୟ ପାଣିରେ ଭାସିଯାଇଛି। ଏବେ ସମସ୍ତଙ୍କ ଦୃଷ୍ଟି ସରକାରୀ ସହାୟତା ଉପରେ। ନଚେତ ଏହି ଚାଷୀମାନେ ଆଗାମୀ ଦିନରେ କିପରି ବଞ୍ଚିବେ ତାହା ବଡ ପ୍ରଶ୍ନ।

# ଦେବୀରେ ବିପଦସଂକେତ ଉପରେ ଜଳସ୍ରୋତ

- ବାଉରିଆକଣରେ ୫.୨୫ ମିଟର ଛୁଇଁଲା ଜଳସ୍ତର
- ତାଳଦାରେ ଫସିଥିବା ମଇଁଷି ଉଦ୍ଧାର
- ବନ୍ଧ ସୁରକ୍ଷିତ ବୋଲି କହିଲେ- ଜଳସମ୍ପଦ ଅଧିକାରୀ







**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ମହାନଦୀ ରେ ଜଳସ୍ତର ବୃଦ୍ଧି ପାଉଥିବା ବେଳେ ଏହାର ଶାଖା ଦେବୀ ନଦୀ ରେ ଗୁରୁବାର ରାତିରୁ ପ୍ରଖର ବେଗରେ ଜଳସ୍ରୋତ ବୃଦ୍ଧି ପାଇଛି। ଯାହାର ପ୍ରଭାବରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ତାଳଦା, ଆଳସାହି, ନଗର, ଅସ୍ତରଙ୍ଗ, ଝାଉଲିଙ୍ଗ, ନୂଆଗଡ, ଛୁରୀଆନା, ଶିଶୁଆ ସମେତ ବିଭିନ୍ନ ତଳିଆ ଅଞ୍ଚଳରେ ପାଣି ପ୍ରବେଶ କରିଛି। ତେବେ ଏ ପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତି ଖବର ନାହିଁ ବୋଲି ପ୍ରଶାସନ ସୂଚନା ଦେଇଛି। ଜଳସମ୍ପଦ ବିଭାଗ ତରଫରୁ ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ବାଉରିଆକଣ ଠାରେ ଦେବୀ ନଦୀ ର ଜଳସ୍ତର ୫. ୨୫ ମିଟର ରେ ସ୍ଥିର ରହିଛି। ୧୯୮୨ ମସିହା ବନ୍ୟା ସମୟରେ ବନ୍ଧ ର ଉଚ୍ଚତା ଅନୁସାରେ ବିପଦ ସଂକେତ ୪. ୯୩ମିଟରେ ଥିବା ବେଳେ ବର୍ତ୍ତମାନ ବନ୍ଧ ର ଉଚ୍ଚତା ୭. ୫ ମିଟର ରହିଛି। ତେଣୁ ଭୟର କିଛି କାରଣ ନାହିଁ ବୋଲି ଜଳସମ୍ପଦ ବିଭାଗ ଅଧିକାରୀ କହିଛନ୍ତି। ହୀରାକୁଦ ଜଳଭଣ୍ଡାର ରୁ ୨୨ଟି ଗେଟ ଦେଇ ପାଣି ଛଡାଯାଉଥିବା ବେଳେ ମୁଣ୍ଡୁଳି ଦେଇ ୮ ଲକ୍ଷ ୩୫ହଜାର କ୍ୟୁସେକ ପାଣି ଦେବୀ ନଦୀ ରେ ପ୍ରବେଶ କରୁଛି । ଶୁକ୍ରବାର ହୀରାକୁଦ ର ୨୨ଟି ଗେଟ ଖୋଲିଛି ପାଣି ଦେବୀ ନଦୀ ରେ ପହଞ୍ଚିବାକୁ ପ୍ରାୟ ୩୬ଘଣ୍ଟା ସମୟ ଲାଗିବ। ପୂର୍ଣ୍ଣିମା ର ପ୍ରଭାବ ସହ ରବିବାର ସକାଳ ସୁଦ୍ଧା ପାଣି କମିଯିବ ବୋଲି ଅନୁମାନ କରାଯାଉଛି। ଆଗାମୀ ୪୮ଘଣ୍ଟା ପାଇଁ ଉପର ମୁଣ୍ଡରେ ବର୍ଷା ଉପରେ ସ୍ଥିତି ନିର୍ଭର କରୁଥିବାରୁ ବିଭାଗ ସତର୍କ ନଜର ରଖିଛି। ବନ୍ଧ ସୁରକ୍ଷା କୁ ନେଇ ଜଳସମ୍ପଦ ବିଭାଗ ପକ୍ଷରୁ ବାଉରିଆକଣ ଠାରୁ କାଳିଆକଣ ପର୍ଯ୍ୟନ୍ତ ସ୍ଥିତି ଅନୁଧ୍ୟାନ କରାଯାଇଛି। ନିମାପଡା ଅଧିକ୍ଷଣ ଯନ୍ତ୍ରୀ ପ୍ରିତମ ପୋଥାଲ, କାକଟପୁର ଏସଡିଓ ପାୟଲ ପ୍ରିୟଦର୍ଶିନୀ ଏବଂ ଯନ୍ତ୍ରୀ ତପନ କୁମାର ନାୟକ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ତାଳଦା ପଂଚାୟତ ରେ ଦେବୀ ନଦୀ ବନ୍ଧ ଦୁର୍ବଳ ଥିବା ସ୍ଥାନରେ ବାଲି ବସ୍ତା ପକାଯାଇଛି। ଅସନ ନିକଟରେ ମଧ୍ୟ ବାଲି ବସ୍ତା ପକାଯାଇଛି। ନଗର ପଂଚାୟତ ବାଲିଡିଆ ନିକଟରେ କଲଭେଟ ପାଇଁ କଟାଯାଇଥିବା ସ୍ଥାନକୁ ସମତୁଲ କରାଯାଇଛି। କାକଟପୁର ଜଳସେଚନ ବିଭାଗ ଅଧୀନରେ କୌଣସି ଦୁର୍ବଳ ବନ୍ଧ ନାହିଁ ବୋଲି ଅଧିକାରୀ କହିଛନ୍ତି। ଅନ୍ୟପଟେ ତାଳଦା ପଂଚାୟତର ତଳିଆ ଅଞ୍ଚଳରେ ବନ୍ୟା ପାଣି ପଶିବାରୁ ଅନେକ ଗୋପାଳଙ୍କ ମଇଁଷି ପାଣି ଘେରରେ ଫସି ରହିଥିଲେ। ଖବର ପାଇ ଅସ୍ତରଙ୍ଗ ତହସିଲଦାର ଶ୍ରୀମତୀ ପ୍ରିୟଙ୍କା ପ୍ରିୟଦର୍ଶନୀ ପତି ନିଜେ ଘଟଣା ସ୍ଥଳ ରେ ଉପସ୍ଥିତ ରହି ଅଗ୍ନିଶମ ବିଭାଗ ସହାୟତା ରେ ସମସ୍ତ ମଇଁଷି କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ତହସିଲଦାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା କୌଣସି କ୍ଷୟକ୍ଷତି ହୋଇନାହିଁ। ଶନିବାର ସମ୍ପୂର୍ଣ୍ଣ ଚିତ୍ର ସ୍ପଷ୍ଟ ହେବ।ବାଲିପନ୍ତାଳ ଅଞ୍ଚଳର ଅନେକ ତଳିଆ ଗାଁ ଜଳମଗ୍ନ ହୋଇଥିବା ବେଳେ ପ୍ରଶାସନ ତରଫରୁ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ଧ ଉପରେ ୨୪ ଘଣ୍ଟିଆ ପାଟ୍ରୋଲିଙ୍ଗ ଜାରି ରହିଛି।

# ସୂଚନା ବିଭାଗ ନିକ୍ଷେପକଙ୍କୁ ଅବସର ସମ୍ବର୍ଦ୍ଧନା



**ପୁରୀ (ବ୍ୟୁରୋ):** ସୂଚନା ଓ ଲୋକ ସମ୍ପର୍କ ବିଭାଗ ପୁରୀରେ କାର୍ଯ୍ୟରତ ନିକ୍ଷେପକ ବା ପ୍ରୋଜେକ୍ସନିଷ୍ଟ ପ୍ରସନ୍ନ କୁମାର ସାହୁ ଶୁକ୍ରବାର ସରକାରୀ କାର୍ଯ୍ୟ ରୁ ଅବସର ଗ୍ରହଣ କରିଛନ୍ତି ।ଏହି ଅବସରରେ ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଶ୍ରୀସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶ୍ରୀ ସାହୁ ବିଭାଗ ପାଇଁ ଡାକବାଜି ବ୍ୟବସ୍ଥା ମାଧ୍ୟମରେ ଅନେକ କାର୍ଯ୍ୟ କରିଛନ୍ତି ବୋଲି କହିଥିଲେ ।ସରକାର ଓ ସରକାରୀ ଯୋଜନା ର ପ୍ରଚାର,ପ୍ରସାର କ୍ଷେତ୍ରରେ ଶ୍ରୀ ସାହୁ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରି ସଫଳ ହୋଇଛନ୍ତି ବୋଲି ଶ୍ରୀ ସେଠୀ କହିଥିଲେ ।ନିଜ ପ୍ରତିକ୍ରିୟା ରେ ଶ୍ରୀ ସାହୁ ବିଭାଗର କାର୍ଯ୍ୟକୁ ସେ ନିଷ୍ଠା ଓ ଆନ୍ତରିକ ଭାବେ କରିଛନ୍ତି ଓ ନିଜ କାର୍ଯ୍ୟରେ ଆତ୍ମତୃପ୍ତି ପାଇଛନ୍ତି ବୋଲି କହିଥିଲେ। ଏହି ସମ୍ବର୍ଦ୍ଧନା ରେ ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ ସେନାପତି, ଗ୍ରନ୍ଥାଗାରିକ ମିନତୀ ଦାସ, ଭଣ୍ଡାର ରକ୍ଷକ ରବୀନ୍ଦ୍ର କୁମାର ଦାସ, ବରିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର କୁମାର ସ୍ୱାଇଁ, ପ୍ରାକ୍ତନ ଏଆଇଓ ରାଜେନ୍ଦ୍ର କୁମାର ପାତ୍ର,ପ୍ରାକ୍ତନ କର୍ମଚାରୀ ପ୍ରଦୀପ୍ତ କୁମାର ପଟ୍ଟନାୟକ, କର୍ମଚାରୀ ସୁବ୍ରତ କୁମାର ସାହୁ, ପ୍ରଦୀପ କୁମାର ଲେଙ୍କା,ଲକ୍ଷ୍ମୀଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋପ ବଜାରରେ ବୋମାମାଡ଼

## ୨ ସଂଖ୍ୟାଲଘୁ ପରିବାରକୁ ଦୁର୍ବୃତ୍ତଙ୍କ ଟାର୍ଗେଟ୍



**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲାର ଗୋପ ବଜାରରେ ଏହି ବୋମାମାଡ଼ ଘଟଣା ଘଟିଛି ।ସୂଚନା ଅନୁଯାୟୀ, ରାତିରେ କିଛି ଦୁର୍ବୃତ୍ତ ଦୁଇଟି ସଂଖ୍ୟାଲଘୁ ପରିବାରର ଘର ଉପରକୁ ବୋମା ଫିଙ୍ଗିଥିଲେ । ବୋମା ବିସ୍ଫୋରଣରେ ଘରର ଝରକା ଓ ଅନ୍ୟାନ୍ୟ ଅଂଶ କ୍ଷତିଗ୍ରସ୍ତ ହୋଇଥିବା ବେଳେ, ଘଟଣାସ୍ଥଳରେ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା ।ବୋମାମାଡ଼ ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ।ଖବର ପାଇ ଗୋପ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବିସ୍ଫୋରଣ ସ୍ଥଳରୁ ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିବା ବେଳେ, ଫରେନସିକ୍ ଟିମ୍‌ର ସହାୟତାରେ ମଧ୍ୟ ତଦନ୍ତ ଚାଲିଛି ।ପ୍ରାଥମିକ ତଦନ୍ତରୁ ବ୍ୟବସାୟିକ ଶତ୍ରୁତାକୁ ନେଇ ଏହି ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି । ତେବେ ପୁଲିସ ସମସ୍ତ ଦିଗକୁ ନଜରରେ ରଖି ଘଟଣାର ତଦନ୍ତ କରୁଛି ।ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ସୂଚନା ମିଳିଛି ।

# ରଥ ଉପରେ ଅଣସେବାୟତଙ୍କ ପ୍ରବେଶ: କାର୍ଯ୍ୟାନୁଷ୍ଠାନ ଦାବି

**ପୁରୀ (ବ୍ୟୁରୋ):** ରଥ ଉପରେ ଅଣସେବାୟତଙ୍କ ବେଆଇନ ପ୍ରବେଶ ଘଟଣାକୁ ନେଇ କଡ଼ା ଆକ୍ସନ ନେଲା ଶ୍ରୀମନ୍ଦିର ପ୍ରଶାସନ ।ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଉପରେ ଜଣେ ଅନଧିକୃତ ବ୍ୟକ୍ତି ଚଢ଼ିଥିବା ଅଭିଯୋଗରେ ପୁରୀ ସିଂହଦ୍ୱାର ଥାନାରେ ଦାୟର ହୋଇଛି ଏତଲା । ସେବାୟତଙ୍କ ବେଶ ଧରି ରଥ ଉପରକୁ ଚଢ଼ିଥିବା ଅଭିଯୋଗରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି ପ୍ରଶାସନ। ଚଳିତ ବର୍ଷର ପବିତ୍ର ରଥଯାତ୍ରା ସମୟରେ ଘଟିଥିବା ଏହି ଘଟଣାକୁ ଶ୍ରୀମନ୍ଦିର ପ୍ରଶାସନ ଗମ୍ଭୀରତାର ସହ ନେଇଛି । ନିୟମ ଅନୁସାରେ ରଥ ଉପରେ କେବଳ ନିର୍ଦ୍ଦିଷ୍ଟ ସେବାୟତମାନେ ରହିପାରିବେ। ଅନ୍ୟ କୌଣସି ଅନଧିକୃତ ବ୍ୟକ୍ତିଙ୍କ ରଥ ଉପରକୁ ଚଢ଼ିବା ସମ୍ପୂର୍ଣ୍ଣ ନିଷିଦ୍ଧ। ତେବେ ରଥଯାତ୍ରା ସମୟରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଉପରେ ଜଣେ ବ୍ୟକ୍ତି ଛିଡ଼ା ହୋଇଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ।ଫଟୋରେ ଉକ୍ତ ବ୍ୟକ୍ତି ଗେରୁଆ ବସ୍ତ୍ର ପିନ୍ଧିଥିବା ସହ ଦଇତା ସେବକଙ୍କ ଭଳି ବେଶ ଧାରଣ କରିଥିବା ଦେଖାଯାଇଥିଲା ।ଘଟଣା ନଜରକୁ ଆସିବା ପରେ ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇଛି। ସିଂହଦ୍ୱାର ଥାନାରେ ଦିଆଯାଇଥିବା ଏତଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ଖୋଜିବା ସହ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରାଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି ଯେ, ରଥ ଉପରେ କୌଣସି ବିଶୃଙ୍ଖଳିତ କିମ୍ବା ବେଆଇନ କାର୍ଯ୍ୟକଳାପକୁ ସହ୍ୟ କରାଯିବ ନାହିଁ। ଶ୍ରୀମନ୍ଦିରର ପୁରାତନ ପରମ୍ପରା ଓ ନିୟମକୁ ସୁରକ୍ଷିତ ରଖିବା ପାଇଁ କଡ଼ା ପଦକ୍ଷେପ ଜାରି ରହିବ ।ରଥଯାତ୍ରା ଭଳି ଐତିହାସିକ ଓ ଧାର୍ମିକ ଆୟୋଜନରେ ଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ଏବେ ଅଧିକ ସତର୍କ ହୋଇଛି । ଅନଧିକୃତ ପ୍ରବେଶ ଘଟଣାରେ ଆଗକୁ କି ପଦକ୍ଷେପ ନିଆଯାଏ, ତାହା ଉପରେ ନଜର ରହିଛି ।

# ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ସମୀକ୍ଷା ବୈଠକ

**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲାର ନିର୍ବାଚନୀ ତାଲିକା ପର୍ଯ୍ୟବେକ୍ଷକ ତଥା କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ ) ବିଭାଗର କମିଶନର-କମ୍-ସଚିବ ରଶ୍ମିତା ପଣ୍ଡା, ଆଇଏଏସ ଏବଂ ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଅନାମିକା ସିଂହ ଶୁକ୍ରବାର ପୁରୀ ଜିଲ୍ଲା ଗସ୍ତ କରି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟଜ୍ୟୋତି ପରିଡ଼ା, ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଜିଲ୍ଲାର ୬ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ , ଡେପୁଟି କଲେକ୍ଟର(ନିର୍ବାଚନ) ସୁଶ୍ରୀ ରୁନିତା ପ୍ରଧାନ ଏବଂ କିଛି ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କ (ଏଇଆରଓ)ସହ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତି, ନୋଟିସ୍ ଜେନେରେଟ, ଶୁଣାଣି ଏବଂ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିର୍ବାଚନୀ ତାଲିକା ପୁନରୀକ୍ଷଣ, ଇଲେକ୍ଟର ମ୍ୟାପିଂ ଏବଂ ବିଭିନ୍ନ ଅସଙ୍ଗତି ସମ୍ପର୍କିତ ଏକ ବିସ୍ତୃତ ଉପସ୍ଥାପନା କରାଯାଇଥିଲା। ପରେ ସେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ଏବଂ ବୁଥ୍ ଲେଭେଲ୍ ଏଜେଣ୍ଟ ମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ ।ପରବର୍ତ୍ତୀ ସମୟରେ ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ୧୦୭–ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏକ ଶୁଣାଣି କେନ୍ଦ୍ର ପରିଦର୍ଶନ କରି ସେଠାରେ ବିଏଲଓ, ବିଏଲଓ ସୁପରଭାଇଜର ଏବଂ ପୁରୀ ପୌରପାଳିକାର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ-କମ୍- ଏଇଆରଓ ଅର୍ଜିତ ନାୟକଙ୍କ ସହ ଆଲୋଚନା କରି ଶୁଣାଣି ପ୍ରକ୍ରିୟା ଓ କ୍ଷେତ୍ରସ୍ତରରେ ସାର କାର୍ଯ୍ୟର ସମୀକ୍ଷା କରିଥିଲେ ।ନିର୍ବାଚନୀ ତାଲିକା ପର୍ଯ୍ୟବେକ୍ଷକ ଏବଂ ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଉଭୟେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତିରେ ସନ୍ତୋଷ ପ୍ରକାଶ କରିବା ସହ ବିଏଲଓ ମାନଙ୍କ ନିଷ୍ଠାପୂର୍ଣ୍ଣ କାର୍ଯ୍ୟ, ସମ୍ପୂର୍ଣ୍ଣ ପ୍ରକ୍ରିୟା ଉପରେ ସେମାନଙ୍କର ଆଗ୍ରହ ଏବଂ ୧୦୭–ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରେ କରାଯାଇଥିବା ସୁବ୍ୟବସ୍ଥିତ ଶୁଣାଣି ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିଥିଲେ।

# ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଶକ୍ତିଶ୍ରୀ ନାରୀ ସଶକ୍ତୀକରଣ କର୍ମଶାଳା




**ସତ୍ୟବାଦୀ /ସୁଆଣ୍ଡୋ(ଅମୃତ ମିଡିଆ):** ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସଭାଗୃହରେ ଶକ୍ତିଶ୍ରୀ ସଶକ୍ତିକରଣ ବିଭାଗ ପକ୍ଷରୁ ନାରୀ ସଶକ୍ତିକରଣ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କର୍ମଶାଳାରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀମାନେ ଉପସ୍ଥିତ ରହିଥିଲେ । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅଜୟ କୁମାର ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାପ୍ରଭୁ ଜଗନ୍ନାଥ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ସୁମିତା ଆଚାର୍ଯ୍ୟ ଯୋଗଦେଇ ନାରୀ ସଶକ୍ତିକରଣର ଚାରୋଟି ମୂଳଦୁଆ ଯଥା - ସାମାଜିକ ସଂସ୍କାର , ଅର୍ଥନୈତିକ ସଂସ୍କାର, ରାଜନୈତିକ ସଂସ୍କାର ଓ ବ୍ୟବହାରିକ ସଂସ୍କାର ଉପରେ ଗୁରୁତ୍ୱ ପ୍ରଦାନ କରି ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଡ. ଆଚାର୍ଯ୍ୟଙ୍କ ଉଦବୋଧନ ଉଚ୍ଚକୋଟୀର ଥିଲା । ଅର୍ଥନୀତି ବିଭାଗର ମୁଖ୍ୟ ଅଧାପିକା ପ୍ରଫେସର ସଂଘମିତ୍ରା ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ମୁଖ୍ୟ ବିଷୟ ବସ୍ତୁର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଂସ୍କୃତ ବିଭାଗର ବରିଷ୍ଠ ଅଧାପିକା ପ୍ରଫେସର ସସ୍ମିତା ପ୍ରଧାନ ନାରୀ ସଶକ୍ତିକରଣର ପୁରାତନ ଓ ଆଧୁନିକ ତୁଳନାତ୍ମକ ଉଦାହରଣ ପ୍ରଦାନ କରି ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ମନୋଜ କୁମାର ପରିଡ଼ା। ଓଡ଼ିଶାର ବିଖ୍ୟାତ ସମାଜସେବୀ ସୁମନୀ ଝୋଡ଼ିଆଙ୍କର ଉଦାହରଣ ଦେଇ ନାରୀ ସଶକ୍ତିକରଣ ଦିଗରେ କିପରି ସହାୟକ ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅଜୟ କୁମାର ପାଣି ନାରୀ ମାନଙ୍କର ଅଷ୍ଟତତ୍ତ୍ୱର ବିଶେଷତ୍ୱ କିପରି ନାରୀ ସଶକ୍ତିକରଣରେ ସାହାଯ୍ୟ କରେ ସେ ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଛାତ୍ରୀ ମାନଙ୍କୁ ଶୃଙ୍ଖଳିତ ହେବା ସହ ପିତାମାତାଙ୍କୁ ସମ୍ମାନ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ତର୍କଶାସ୍ତ୍ରର ମୁଖ୍ୟ ଅଧାପିକା ପ୍ରଫେସର ଦେବସ୍ୱିନୀ ଜାଲି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧାପକ , ଅଧାପିକା ଓ କଲେଜ କର୍ମଚାରୀ ସହଯୋଗ କରିଥିଲେ। ଛାତ୍ରୀମାନେ ଉପସ୍ଥିତ ରହି କର୍ମଶାଳାକୁ ସଫଳ କରିଥିଲେ।

**ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀ**

# ମହିଳାମାନେ ବିକାଶ ପ୍ରକ୍ରିୟାର କର୍ଣ୍ଣଧାର ହୁଅନ୍ତୁ: ଉପମୁଖ୍ୟମନ୍ତ୍ରୀ



**ପୁରୀ (ବ୍ୟୁରୋ):** ଆମ ମା,ମହିଳା ମାନଙ୍କ ମଧ୍ୟରେ ଭରପୁର ଆତ୍ମବିଶ୍ୱାସ ଓ ଅଜସ୍ର ଶକ୍ତି ରହିଛି ।ସେଥିପାଇଁ ସମଗ୍ର ଦେଶରେ ୨୬ ଲକ୍ଷ ୫୦ ହଜାର ଲକ୍ଷ ପତି ଦିଦି ସୃଷ୍ଟି କରି ଓଡ଼ିଶା ସର୍ବୋଚ୍ଚ ସ୍ଥାନ ହାସଲ କରିଛି ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଶୁକ୍ରବାର ଅପରାହ୍ନରେ ପୁରୀ ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ଆଞ୍ଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।ପୁରୀ, କଟକ,ଖୋର୍ଦ୍ଧା ଓ ନୟାଗଡ଼ ର ୬୦୦ ରୁ ଉର୍ଦ୍ଧ୍ୱ ସୁଭଦ୍ରା ଶକ୍ତି ର ଡିଏଲଏଫ, ବିଏଲଏଫ ସଦସ୍ୟା ଏଥିରେ ଯୋଗ ଦେଇ ଉପ ମୁଖ୍ୟମନ୍ତ୍ରୀ ଙ୍କ ସହ ବାର୍ତ୍ତାଳାପ କରିବା ସହ ସେମାନଙ୍କ ସମସ୍ୟା,ଆଗାମୀ ଯୋଜନା, ନୂଆ ନୂଆ ଉତ୍ପାଦ ପାଇଁ ଆବଶ୍ୟକ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ ।ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଆଞ୍ଚଳିକ ସ୍ତରୀୟ ଏହି କାର୍ଯ୍ୟକ୍ରମ ଦେବଗଡରୁ ଆରମ୍ଭ ହୋଇଥିଲା ଓ ପୁରୀ ରେ ସାରିବା ଲକ୍ଷ୍ୟ ରଖାଯାଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ସମସ୍ତଙ୍କ ସହଯୋଗ ରେ ଏହା ସମ୍ପର୍ଣ୍ଣ ହୋଇଛି ।ଏହି ସମ୍ମିଳନୀର ଉଦ୍ଦେଶ୍ୟ ମିଶନ ଶକ୍ତିର ମା ମାନଙ୍କ ଠାରୁ ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ମାଧ୍ୟମରେ ନୂତନ ଜ୍ଞାନ ଆହରଣ କରିବା ।ଏହା ନୂଆ କିଛି କରିବାକୁ ପ୍ରେରଣା ଦେବା ସହ ଯୁବ ବର୍ଗଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ରେ ସହାୟକ ହେବ ।ଉତ୍ପାଦନ ବୃଦ୍ଧି ସହ ନୂତନ ନୂତନ ଉତ୍ପାଦ ପାଇଁ ସୁଯୋଗ ସୃଷ୍ଟି, ବଜାର ସୃଷ୍ଟି,ଇ ବଜାର ବ୍ୟବସ୍ଥା, କୃଷି କ୍ଷେତ୍ର,ଖାଦ୍ୟ ପ୍ରକ୍ରିୟା କରଣ, ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ମନୋନିବେଶ କରିବା ସମ୍ପର୍କରେ ଉପ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। କେବଳ ଲାଭାର୍ଥୀ ହେବା ଆମର ଲକ୍ଷ୍ୟ ନୁହେଁ ବରଂ ରାଜ୍ୟ ଓ ଦେଶର ବିକାଶ କୁ ତ୍ୱରାନ୍ୱିତ କରିବା ଆମ ସମସ୍ତଙ୍କ ଉଦ୍ୟମ ହେବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ। ସରକାରଙ୍କ ସହ ଭାଗିଦାରୀ ହୋଇ ଆଗେଇବା ସହ ନିଜ ନିଜ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ମାଧ୍ୟମରେ ଆମ ଦକ୍ଷତା ଓ କୌଶଳ କୁ ଅଧିକ କ୍ରିୟାଶୀଳ କରିବାକୁ ଶ୍ରୀମତୀ ପରିଡା ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ମହିଳା ମାନଙ୍କୁ ସଶକ୍ତୀକରଣ କରିବା କ୍ଷେତ୍ରରେ ଏହି ପଦକ୍ଷେପ ଏକ ଉଲ୍ଲେଖଯୋଗ୍ୟ ଭୂମିକା ବୋଲି କହିବା ସହ ସମଗ୍ର ଦେଶରେ ଆମ ରାଜ୍ୟର ମହିଳା ମାନେ ସର୍ବାଧିକ ଲକ୍ଷ ପତି ଦିଦି ହେବା ଏକ ଗୌରବ ର କଥା ବୋଲି କହିଥିଲେ ।ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ନେହା ଅରୁଗୁଳା ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ସମ୍ମିଳନୀ ମହିଳା ମାନଙ୍କୁ ଅଧିକ ଦକ୍ଷତା ସମ୍ପର୍ଣ୍ଣ କରିବ ବୋଲି କହିଥିଲେ ।ଶେଷରେ ଓଡିଆ ଜୀବିକା ମିଶନର ଯୁଗ୍ମ ସଚିବ ମମତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।କାର୍ଯ୍ୟକ୍ରମ ରେ ଉପ ମୁଖ୍ୟମନ୍ତ୍ରୀ ଙ୍କ ବ୍ୟକ୍ତିଗତ ସଚିବ ଅବିନାଶ ରାଉତ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।ପୂର୍ବରୁ ତାଳବଣିଆ ଠାରେ ପୁରୀ ଜିଲ୍ଲା ସୁଭଦ୍ରା ଶକ୍ତି କେନ୍ଦ୍ର କୁ ଉପ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିଲେ। ଅନ୍ୟାନ୍ୟ ଅତିଥି ମାନେ ମଧ୍ୟ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମ ରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ର ଅଧିକାରୀ, କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।





# ‘ଆପାର’ ଆପ୍ ମାଧ୍ୟମରେ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକ୍ରମ ଓସେପା ଯୁଗ୍ମ ନିର୍ଦ୍ଦେଶକଙ୍କ ସମୀକ୍ଷା



**ଛତ୍ରପୁର (ଅମୃତ ମିଡିଆ):** ଓସେପାର ରାଜ୍ୟ ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ସାହୁ ଏବଂ ତାଙ୍କରି ଟିମ୍ ଦୁଇଦିନିଆ ଗଞ୍ଜାମ ଜିଲ୍ଲାକୁ ଗସ୍ତ କରି କେନ୍ଦ୍ର ସରକାରଙ୍କ ‘ଆପାର୍’ ଆପ୍ ମାଧ୍ୟମରେ ଜାତୀୟ ଶିକ୍ଷା ନୀତି ୨୦୨୦ରେ ବିଭିନ୍ନ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିବା ସହ ଏହାର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି । ସେ ପ୍ରଥମେ ବ୍ରହ୍ମପୁର ମହାନଗରନିଗମ, ରଙ୍ଗେଇଲୁଣ୍ଡା ବ୍ଲକ, କୁକୁଡାଖଣ୍ଡି, ହିଞ୍ଜିଳିକାଟୁ, କବିସୂର୍ଯ୍ୟନଗର, ପୁରୁଷୋତମପୁର ଆଦି ବ୍ଲକ ଗୁଡିକର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟକୁ ଗସ୍ତ କରି ଜାତୀୟ ଶିକ୍ଷା ନୀତିର ବିଭିନ୍ନ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିଛନ୍ତି । ପରେ ଛତ୍ରପୁର ସ୍ଥିତ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପରୋକ୍ତ ବିଷୟକୁ ନେଇ ସମୀକ୍ଷା କରିଛନ୍ତି ।

କେନ୍ଦ୍ର ସରକାରଙ୍କ ‘ଆପାର’ ଆପ୍ ମାଧ୍ୟମରେ ଅର୍ଥାତ୍ ସ୍ୱୟଂଚାଳିତ ସ୍ଥାୟୀ ଏକାଡେମୀ ଆକାଉଂଟ ପଞ୍ଜୀକରଣ ହେଉଛି ଏକ ଅନ୍ୟନ୍ୟ ୧୨ ଡିଜିଟ୍ ଡିଜିଟାଲ୍ ଆଇଡେଟିଂଫିକେସନ୍ ଭାରତର ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିବା ସଂଖ୍ୟା । ଏହା ସରକାରଙ୍କ ଏକ ରାଷ୍ଟ୍ର ଏକ ଛାତ୍ର ଆଇଡିର ଏକ ଅଂଶ । ଜାତୀୟ ଶିକ୍ଷା ନୀତି (୨୦୨୦)ଅଧୀନରେ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହା ମାଧ୍ୟମରେ ସମସ୍ତ ସରକାରୀ ଏବଂ ସରକାରୀପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟର ୫ ବର୍ଷରୁ ୧୫ ବର୍ଷ ବୟସ ତଥା ୧୫ ବର୍ଷରୁ ଅଧିକ ବୟସର ଛାତ୍ରଛାତ୍ରୀଙ୍କ ଆଧାର ବାୟମେଟ୍ରିକ ବାଧ୍ୟତାମୂଳକ ରହିଛି । ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ତଥ୍ୟ ଏହି ଆପାର ଆପ୍ ମାଧ୍ୟମରେ ଗଛିତ ରହିବ । ସେହିପରି ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ୍ ମଧ୍ୟ ଆପାର ଡିଜି ଲକର୍‌ରେ ମଧ୍ୟ ରହିଯିବ । ସେହିପରି ପିଜିଆଇ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ବିଦ୍ୟାଳୟ ଶିକ୍ଷାର ସ୍ଥିତି ଉପରେ ବିଚାର ପ୍ରଦାନ କରେ ଯେଉଁଥିରେ ପ୍ରମୁଖ ଲିଭର ଅନ୍ତର୍ଭୁକ୍ତ ଯାହା ପ୍ରଦର୍ଶନ ଏବଂ ଉନ୍ନତିର ପ୍ରମୁଖ କ୍ଷେତ୍ରକୁ ଆଗକୁ ନେଇଥାଏ । ପିଜିଆଇ ରାଜ୍ୟ ଗୁଡିକୁ ବହୁମୁଖୀ ପଦକ୍ଷେପ ଗ୍ରହଣ କରିବା ଦିଗରେ ଆଗେଇ ନେଉଛି ଯାହା ଶିକ୍ଷଣ ଫଳାଫଳ ଏବଂ ଗୁଣବତା ନାମକ ୫ଟି ବର୍ଗ ଉପରେ ଆଧାରିତ ବହୁ-ଆକାଂକ୍ଷିତ ସର୍ବୋତମ ଶିକ୍ଷା ଫଳାଫଳ ଆଣିବ, ପ୍ରବେଶ, ଭିତିଭୂମି ଏବଂ ସୁବିଧା ଯୋଗାଇଦେବ । ପିଜିଆଇ-ଜିଲ୍ଲାର ପରିକଳ୍ପନା ଏବଂ ବିକାଶ ପିଜିଆଇ ରାଜ୍ୟ ବିଜ୍ୟ ପରେ ୬ଟି ବର୍ଗରେ ଜିଲ୍ଲା ଗୁଡିକର ମୂଲ୍ୟାଙ୍କନ କରିବାର ଲକ୍ଷ୍ୟ ସହିତ କରାଯାଇଛି ଫଳାଫଳ । ପ୍ରଭାବଶାଳୀ ଶ୍ରେଣୀଗୃହ କାରବାର(ଇସିଟି), ଭିତିଭୂମି, ସୁବିଧା, ଛାତ୍ର ଅଧିକାରୀ(ଆଇଏଫ୍ ଏବଂ ଏସଇ), ସ୍କୁଲ ସୁରକ୍ଷା ଏବଂ ଶିଶୁ ସୁରକ୍ଷା, ଡିଜିଟାଲ ଶିକ୍ଷା ଏବଂ ଗଭର୍ଣ୍ଣାନ୍ସ ପ୍ରୋସେସ୍ ଯାହା ଆହୁରି ୧୨ ଡିଜିଟ୍ ?ରେ ବିସ୍ତାର କରାଯାଇଛି । ସେହିପରି ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲକୁ ଆସୁଥିବା ସମସ୍ତ ଅନୁଦାନର ଖର୍ଚ୍ଚର ହିସାବ ଏଏସ୍ ?ଏସ୍ ?ଇଟି ଫଣ୍ଡ ମ୍ୟାନେଜମେଂଟ ୟୁସି ଆପଲୋଡ୍ ଏବଂ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ଉପସ୍ଥାପନ ଅନଲାଇନ୍ ମାଧ୍ୟମରେ ଅପଲୋଡ୍ କରିବା ବିଷୟକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ବୈଠକରେ ରାଜ୍ୟ ପ୍ରୋଗ୍ରାମର ରଘୁରାଜ ରାଜଗୁରୁ ଓ ଶୁଭଲକ୍ଷ୍ମୀ ପାଣିଗ୍ରାହୀ ଏବଂ ବୈଷୟିକ ପ୍ରତିନିଧି ଦଳ, ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ୍.ଧନଞ୍ଜୟ, ସମଗ୍ର ଶିକ୍ଷା ଜିଲ୍ଲା ପ୍ରୋଗ୍ରାମର ପ୍ରଦୀପ କୁମାର ଖଟେଇ, ପ୍ରୋଗ୍ରାମର କୁମୁଦ ପଣ୍ଡା,ସମସ୍ତ ବିଇଓ, କନିଷ୍ଠ ବୈଷୟିକ ପରାମର୍ଶଦାତା, ବିଭିନ୍ନ ବ୍ଲକର ପ୍ରୋଗ୍ରାମରମାନେ ଅଂଶ ଗ୍ରହଣ କରିଥିଲେ ।

## ସମବାୟ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ବିକାଶ ତାଲିମ୍ କାର୍ଯ୍ୟକ୍ରମ



**ବ୍ରହ୍ମପୁର (ଅମୃତ ମିଡିଆ):** ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ ଅଧିନସ୍ଥ ସମବାୟ ପରିଚାଳନା ପ୍ରତିଷ୍ଠାନ, ଗୋପାଳପୁର ବେଳାଭୂମି ଆନୁକୂଲ୍ୟରେ ଗଞ୍ଜାମ ଗଜପତି ବୃହତ୍ତର ଦୁଗ୍ଧ ଉତ୍ପାଦକ ସମବାୟ ସଂଘ ଅଧିନସ୍ଥ ପ୍ରାଥମିକ ଦୁଗ୍ଧ ସମବାୟ ସମିତି ମାନଙ୍କର ପରିଚାଳନା ପରିଷଦର ସଭ୍ୟା ଏବଂ କର୍ମଚାରୀ ମାନଙ୍କ ନିମନ୍ତେ ଏକ ଦିବସୀୟ ସମବାୟ ନେତୃତ୍ୱ ବିକାଶ ତାଲିମ୍ କାର୍ଯ୍ୟକ୍ରମ ଶେରଗଡ଼ ବ୍ଲକ୍ ଅର୍ନ୍ତଗତ ନରେନ୍ଦ୍ରପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ୍ କାର୍ଯ୍ୟକ୍ରମରେ ଏମ୍ .ଗଣପତି, ସଭାପତି, ଗଞ୍ଜାମ ଗଜପତି ଦୁଗ୍ଧ ସଂଘ, ବ୍ରହ୍ମପୁର, ସରପଞ୍ଚ ଗୁରୁନାଥ ପଲାଇ, ଡ .ଦୁର୍ଗା ପ୍ରସାଦ ହୋତା, ବିଡିଓ , ଶେରଗଡ଼ ବ୍ଲକ୍, ଡ ଶ୍ରୀକାନ୍ତ ପାଣିଗ୍ରାହୀ, ଭିଏ ଏସ, ମିସ୍ ପୁଷ୍ପିତକ୍ଷ ପାଣିଗ୍ରାହୀ, କ୍ଷେତ୍ର ଅଧିକାରୀ, ଦୁଗ୍ଧ ସଂଘ, ମମତା ସାହୁ, ଅଧ୍ୟାପିକା, ସମବାୟ ପରିଚାଳନା ପ୍ରତିଷ୍ଠାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିବା ବେଳେ ସଭାପତି ଦୁଗ୍ଧ ସଂଘ ସମବାୟ ନେତୃତ୍ୱ ବିକାଶକୁ ପାଥେୟ କରି ସମିତିର ଆର୍ଥିକ ଓ ସାମାଜିକ ଅଭିବୃଦ୍ଧି ନିମନ୍ତେ ପ୍ରଶିକ୍ଷଣାର୍ଥୀ ମାନଙ୍କୁ ପ୍ରେରଣା ଦେଇଥିଲେ । ଡ.ଦୁର୍ଗା ପ୍ରସାଦ ହୋତା ସମିତିର କାର୍ଯ୍ୟ ଦକ୍ଷତା ବିକାଶ ଉପରେ ତାଲିମ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦୁଗ୍ଧ ସମିତି ମାନଙ୍କରୁ ୫୦ ଜଣ ପରିଚାଳନା ପରିଷଦର ସଭ୍ୟା ଏବଂ କର୍ମଚାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରି ଥିଲେ । ଏହି କାର୍ଯ୍ୟକ୍ରମକୁ ସମିତିର ସଭାପତି ଓ ସମ୍ପାଦକ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ଏହାକୁ ମମତା ସାହୁ, ଅଧକ୍ଷପିକା ସଂଯୋଜନା କରିଥିଲେ ।

# ଆତ୍ମହତ୍ୟା କରିଥିବା ଚାଷୀ ପରିବାରକୁ ୧୦ଲକ୍ଷ ଟଙ୍କାର ସହାୟତା ଦାବି




**ବ୍ରହ୍ମପୁର / କୋଦଳା (ଅମୃତ ମିଡିଆ):** ଅଖିଳ ଭାରତ କୃଷକ ସଭା ଅନୁବନ୍ଧିତ ଓଡିଶା କୃଷକ ସଭା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ସଭାପତି ପି. ହରି କୃଷ୍ଣ ରେଡ୍ଡୀ ଙ୍କ ନେତୃତ୍ୱ ରେ କୋଦଳା ତହସିଲ ର କାଳିମେଘି ଗ୍ରାମ ପଂଚାୟତ ର କାଳିମେଘି ଗ୍ରାମ ରେଆତ୍ମ ହତ୍ୟା ଚାଷୀ ବୈରାଗୀ ଗୌଡ଼ ପରବାର ଙ୍କୁ ଭେଟି ସମ ବେଦନା ଜଣାଇଥିଲେ ।. ତାଙ୍କ ସ୍ତ୍ରୀ ଝୁନୁ ଲତା ଗୌଡ଼ କହିବାଅନୁଯାୟୀ ବୈରାଗୀ ଗୌଡ଼ ଜଣେ ଭାଗ ଚାଷୀ ସେ ୪ଏକର ଜମି ଭାଗକୁ ଆଣି ଚାଷ କରୁଥିଲେ । ଫସଲ କରିବାପାଇଁ ପ୍ରାୟ ୨ଲକ୍ଷ ଟଙ୍କା ଋଣ ହୋଇ ଯାଇ ଥିଲେ । ଏହି ଋଣ ପରିଶୋଧ କରିନପାରି କିଛି ଦିନ ଅଶାନ୍ତି ଥିଲେ । ଚଳିତ ବର୍ଷ ଫସଲ ଲାଗୁତି ପାଇଁ କୌଣସି ଠାରେ ଋଣ ମିଳି ପାରିଲା ନାହିଁ । ଏପରି କି ଚାଷ କରିଥିବା ଟ୍ରାକ୍ଟର ଭଡା ପ୍ରାୟ ୫୦ହଜାର ଟଙ୍କା ଦେଇ ପାରିଲେ ନାହିଁ । ପରିବାରର ୫ଜଣ ଦୁଃଖ କଷ୍ଟ ରେ ଚଳି ଆସୁଥିଲେ, ଋଣ ଶୁଝିବା ଓ ଏହି ଚଳିତ ବର୍ଷ ଲାଗୁତିପାଇଁ ଅର୍ଥ ନମିଳିବା ର ଅନ୍ୟ କୋଣସି ଉପାୟ ନପାଇ ଗତ ୨୯ତାରିଖ ସକାଳ ସମୟରେ ବିଷ ପାନ କରିଥିଲେ । ତୁରନ୍ତ ତାଙ୍କୁ ପ୍ରଥମେ କୋଦଳା ହସ୍ପିଟାଲ ଏବଂ ପରେ ବ୍ରହ୍ମପୁର ଏମକେସିଜି ମେଡିକାଲ କୁ ପଠାଇ ଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ତିନି ଦିନ ହେଲା କୋଣସି ସରକାରୀ ଅଫିସର ତହସିଲ ଦାର କିମ୍ବା କର୍ମଚାରି ପରିବାର ପାଖ ରେ ପହଁଚିନାହାନ୍ତି, ସରକାର ୧୦ଲକ୍ଷ ଟଙ୍କା ସହାୟତା ଦେବା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ତାଙ୍କ ସ୍ତ୍ରୀ ଙ୍କୁ ୩୦୦୦ଟଙ୍କା ମାସିକ ପେନସନ ଦେବା, ହରିଶ୍ଚନ୍ଦ୍ର ଯୋଜନାରେ ରେଡ୍‌କ୍ରସ ପାଣ୍ଠିରୁ ଅର୍ଥ ଦେବା ପାଇଁ ଓଡିଶା କୃଷକ ସଭା ଦାବୀ କରିଛନ୍ତି । ଏହି ପ୍ରତନିଧି ମଣ୍ଡଳୀ ରେ କୃଷକ ସଭା ଜିଲ୍ଲା କମିଟି ସଭ୍ୟ ଅଜୟ ଗୌଡ଼, କାଳୀ ମେଘି ପଂଚାୟତ ୱାର୍ଡ ସଭ୍ୟ ବ୍ଲକ କମିଟି ସଭ୍ୟ ସୁଦାମ ଜାନି, ସ. ମୁରଲୀ ପ୍ରମୁଖ ଯୋଗ ଦାନ କରିଥିଲେ ।

# ଗଞ୍ଜାମ ଜିଲ୍ଲାପ୍ରଶାସନ ପକ୍ଷରୁ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବ୍ୟାଟେରୀଚାଳିତ ତିନିଚକିଆ ଯାନ ପ୍ରଦାନ

## ଭିନ୍ନକ୍ଷମ କ୍ରୀଡ଼ାବିତ ନିକୁ ପ୍ରଧାନ ଓ ରଞ୍ଜନା ନାହକଙ୍କୁ ମିଳିଲା ନିଓମୋସନ୍ ବାଇକ୍



**ଛତ୍ରପୁର (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲାପ୍ରଶାସନ ପକ୍ଷରୁ ଆଜି ଜିଲ୍ଲାର ୧୮ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରକାରର ସହାୟକ ଯାନ ଓ ଉପକରଣ ବିତରଣ କରାଯାଇଛି । ଏହି ବିତରଣ ଉତ୍ସବରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ନିଓମୋସନ୍ ବାଇକ୍, ବ୍ୟାଟେରିଚାଳିତ ତିନିଚକିଆ ଯାନ ଏବଂ ସ୍ମାର୍ଟ କେନ୍ ପ୍ରଦାନ କରିବା ସହ ଭିନ୍ନକ୍ଷମ ବ୍ୟକ୍ତିମାନେ କୌଣସି ଗୁଣରେ ଅନ୍ୟମାନଙ୍କ ଠାରୁ କମନୁହଁନ୍ତି ବୋଲି କହିବା ସହ ସେମାନଙ୍କର ସୁସ୍ଥ ଓ ସମୃଦ୍ଧ ଜୀବନ କାମନା କରିଥିଲେ ।

ଭିନ୍ନକ୍ଷମ ବ୍ୟକ୍ତିଙ୍କ ଦୈନନ୍ଦିନ ଜୀବନକୁ ଅଧିକ ସୁଗମ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଯୋଜନା ଅଧୀନରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରାୟ ୧୦ ଲକ୍ଷ ଟଙ୍କା ମୂଲ୍ୟର ଏହି ସମସ୍ତ ଉପକରଣ ମାଗଣାରେ ବିତରଣ କରାଯାଇଥିଲା । ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ମାଧ୍ୟମରେ ହିତାଧିକାରୀମାନଙ୍କୁ ଚୟନ କରାଯାଇଥିଲା । ଏହି ଅବସରରେ ୮ ଜଣ କଲେଜ ଛାତ୍ର ଏବଂ ୭ ଜଣ ବ୍ୟବସାୟୀଙ୍କୁ ବ୍ୟାଟେରିଚାଳିତ ତିନିଚକିଆ ଯାନ, ୨ ଜଣ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡ଼ାବିତଙ୍କୁ ନିଓମୋସନ୍ ବାଇକ୍ ଏବଂ ଜଣେ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ସ୍ମାର୍ଟ କେନ୍ ବିତରଣ କରାଯାଇଥିଲା । ରାଜ୍ୟରେ ପ୍ରଥମ ଥର ପାଇଁ ନିଓମୋସନ୍ ଯାନ ପ୍ରଦାନ କରାଯାଇଛି । ଏହି ଅତ୍ୟାଧୁନିକ ଯାନଟି ବ୍ୟାଟେରିଚାଳିତ ତିନିଚକିଆ ଯାନ ହେବା ସହିତ ଆଗ ଚକକୁ ଫୋଲ୍ଡ କରି ହୁଇଲ୍ ?ଚେୟାର ଭାବରେ ମଧ୍ୟ ବ୍ୟବହାର କରାଯାଇପାରିବ । ସହରାଞ୍ଚଳରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଯାତାୟାତ ଓ ଦୈନନ୍ଦିନ କାର୍ଯ୍ୟରେ ଏହା ବେଶ୍ ସହାୟକ ସାବ୍ୟସ୍ତ ହେବ । ଏହି ଯାନ ନନ୍ଦିକ ଗ୍ରାମର ଜାତୀୟସ୍ତରୀୟ ହୁଇଲ୍ ?ଚେୟାର କ୍ରିକେଟ୍ ଖେଳାଳି ନିକୁ ପ୍ରଧାନ ଏବଂ ବାଘଳା ପଞ୍ଚାୟତର ଆନ୍ତର୍ଜାତୀୟ ଶଟ୍ ?ପୁଟ୍ ଓ ଜାଭେଲିନ୍ ଖେଳାଳି ରଞ୍ଜନା ନାହକଙ୍କୁ ପ୍ରଦାନ କରାଯାଇଥିଲା । ନିଓମୋସନ୍ ଯାନ ପାଇବା ପରେ ନିକୁ ପ୍ରଧାନ କହିଥିଲେ, ‘ସରକାରଙ୍କ ପକ୍ଷରୁ ଏହି ଅତ୍ୟାଧୁନିକ ଯାନ ପାଇ ମୁଁ ବହୁତ ଖୁସି । ଏହା ତିନିଚକିଆ ଯାନ ସହିତ ହୁଇଲ୍ ଚେୟାର ଭାବରେ ମଧ୍ୟ ବ୍ୟବହାର କରିହେବ । ଥରେ ଚାର୍ଜ କଲେ ପ୍ରାୟ ୨୫ କିଲୋମିଟର ପର୍ଯ୍ୟନ୍ତ ଚାଲିବ । ଜିଲ୍ଲାପ୍ରଶାସନ ସବୁବେଳେ ଆମକୁ ସହଯୋଗ କରିଆସିଛି । ଜିଲ୍ଲାପାଳ ଆମକୁ ସବୁବେଳେ ପ୍ରେରଣା ଦେଇଆସିଛନ୍ତି । ଏହି ଯାନ ମୋର ଦୈନନ୍ଦିନ ଜୀବନ ଓ କ୍ରିକେଟ୍ ଖେଳରେ ବେଶ୍ ସହାୟକ ହେବ ।‘

ଆନ୍ତର୍ଜାତୀୟ କ୍ରୀଡ଼ାବିତ ରଞ୍ଜନା ନାହକଙ୍କ ସମେତ ଅନ୍ୟ ହିତାଧିକାରୀମାନେ ମଧ୍ୟ ରାଜ୍ୟ ସରକାର ଏବଂ ଗଞ୍ଜାମ ଜିଲ୍ଲାପ୍ରଶାସନ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ସଂଯୋଜନା କରିଥିବାବେଳେ ଛତ୍ରପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକଙ୍କ ଦିଗପହଣ୍ଡି-ସାନଖେମୁଣ୍ଡି ଗସ୍ତ

**ଦିଗପହଣ୍ଡି (ଅମୃତ ମିଡିଆ):** ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଶୁକ୍ରବାର ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକର ବିଭିନ୍ନ ଗ୍ରାମ ଗସ୍ତ କରିଛନ୍ତି । ଏହି ଗସ୍ତ ସମୟରେ ସେ ବିଭିନ୍ନ ପ୍ରକଳ୍ପର ସ୍ଥିତି ପରିଦର୍ଶନ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଚାଷୀ ଏବଂ ଶ୍ରମିକ କଲ୍ୟାଣ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ନିର୍ଦ୍ଦେଶକ ପଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ନିର୍ମିତ କ୍ଷେତ ପୋଖରୀ, ସେଚ କୂପ ଏବଂ ବନ୍ଧ ହୁଡ଼ାରେ କରାଯାଇଥିବା ନଡ଼ିଆ ବୃକ୍ଷରୋପଣ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ । ଏହାସହ “ଏକ ପେଡ଼ ମା’ କେ ନାମ” କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସେଠାରେ ବୃକ୍ଷରୋପଣ ମଧ୍ୟ କରିଥିଲେ । ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକରେ ଜିଇଏଫ୍-୭ ଏବଂ ପ୍ରଧାନମନ୍ତ୍ରୀ କ୍ଷେତ ସୁରକ୍ଷା ଯୋଜନା ୨.୦ ଅଧୀନରେ ନିର୍ମିତ ଜଳ ଅମଳ ପ୍ରକଳ୍ପ ଏବଂ କଂକ୍ରିଟ୍ ଆଡ଼ିବନ୍ଧ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଥିଲେ । ସେହିପରି ସିଧାସଳଖ ଧାନ ବୁଣା ପ୍ରଣାଳୀରେ କରାଯାଇଥିବା ଚାଷ କ୍ଷେତ ପରିଦର୍ଶନ କରି ସେଠାରେ ଉପସ୍ଥିତ ଚାଷୀମାନଙ୍କ ସହ ଆଲୋଚନା କରିବା ସହ ଏହି ଆଧୁନିକ କୃଷି ପଦ୍ଧତିର ଉପକାରିତା ଓ ଫଳପ୍ରଦତା ସମ୍ପର୍କରେ ଆବଶ୍ୟକ ପରାମର୍ଶ ଦେଇଥିଲେ । ପରେ ସାନଖେମୁଣ୍ଡି ବ୍ଲକ ଜୁରା ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିର୍ଦ୍ଦେଶକ ଉପସ୍ଥିତ ରହି ଅଗ୍ରଣୀ ମହିଳା ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଏବଂ ସରକାରଙ୍କ ଚାଷୀ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ ।

# ଡିହସାହିରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟରେ ଭାବବିହ୍ୱଳ ପରିବେଶ




**ହିନ୍ଦୋଳ (ଅମୃତ ମିଡିଆ):** ହିନ୍ଦୋଳ ଉପଖଣ୍ଡ ବାଉଁଶପୋଖରୀ ପଞ୍ଚାୟତ ଅନ୍ତର୍ଗତ ଡିହସାହି ଉପ୍ରାବିଦ୍ୟାଳୟରେ ପରିଚାଳନା କମିଟିର ସଭାପତି ତ୍ରିନାଥ ବେହେରାଙ୍କ ନେତୃତ୍ୱରେ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିମ୍ବାଧର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଉକ୍ତ ଉତ୍ସବରେ ପୂର୍ବତନ ପ୍ରଧାନଶିକ୍ଷକ କେଶବଚନ୍ଦ୍ର ନାଏକ, ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ସୁରେନ୍ଦ୍ର କୁମାର ପଟ୍ଟନାୟକ,ସରପଞ୍ଚ ରଣଜିତ୍ ପ୍ରଧାନ,କରୁଣାକର ପ୍ରଧାନ ଓ ଅଜୟ କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ଛାତ୍ରଛାତ୍ରୀ ଓ ଅତିଥିମାନେ ବିଦାୟୀ ଶିକ୍ଷକଙ୍କର ଗୁଣଗାନ କରିବା ସହ ତାଙ୍କର ଅବିଶିଷ୍ଟ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଆଖପାଖ ଅଞ୍ଚଳବାସୀ , ବିଦ୍ୟାଳୟର ବର୍ତ୍ତମାନ ଓ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମରେ ସଂପୂର୍ଣ୍ଣ ସହଯୋଗ କରିଥିଲେ । ପରିଶେଷରେ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ସହ ସଂକୀର୍ତ୍ତନ ମଣ୍ଡଳୀ ମାଧ୍ୟମରେ ଗ୍ରାମ ପରିକ୍ରମା କରାଇଥିଲେ । ଅବସରକାଳୀନ ସମ୍ବର୍ଦ୍ଧନା ସମୟରେ ଏକ ଭାବବିହ୍ୱଳ ପରିବେଶ ଦେଖିବାକୁ ମିଳିଥିଲା । ଏବଂ ଛାତ୍ରଛାତ୍ରୀ ଓ ବିଦାୟୀ ପ୍ରଧାନଶିକ୍ଷକ ନିଜର କୋହ ସମ୍ଭାଳି ପାରିନଥିଲେ ।

# ଯାଜପୁର ଜିଲ୍ଲା ସଂସ୍କୃତି ପରିଷଦର ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ

## ଅଣ-ସରକାରୀ ସଦସ୍ୟ ପଦ ପାଇଁ ଆବେଦନ

**ଯାଜପୁର (ଅମୃତ ମିଡିଆ):** ଆଗାମୀ ତିନି ବର୍ଷ ପାଇଁ ଯାଜପୁର ଜିଲ୍ଲା ସଂସ୍କୃତି ପରିଷଦର (ଡିସିସି) ଅଣ-ସରକାରୀ ସଦସ୍ୟ ମଣ୍ଡଳୀ ପୁନର୍ଗଠନ ପ୍ରକ୍ରିୟା ଜିଲ୍ଲା ପ୍ରଶାସନ ଦ୍ୱାରା ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସର୍ବସାଧାରଣ ବିଜ୍ଞପ୍ତି ଜାରି କରାଯାଇ ଯୋଗ୍ୟ ବ୍ୟକ୍ତିବିଶେଷଙ୍କଠାରୁ ଆବେଦନ ଆହ୍ୱାନ କରାଯାଇଛି । ସୂଚନାଯୋଗ୍ୟ ଯେ, ଏହା କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଏକ ଅତ୍ୟନ୍ତ ସମ୍ମାନଜନକ ପଦବୀ ଭାବେ ବିବେଚିତ ।

ଜିଲ୍ଲା ସଂସ୍କୃତି ପରିଷଦ ନିୟମ, ୧୯୯୪ ର ପ୍ରାବଧାନ ଅନୁଯାୟୀ, ଜାତୀୟ ଅଥବା ରାଜ୍ୟ ପୁରସ୍କାର ଲାଭ କରିଥିବା ବ୍ୟକ୍ତିମାନେ ଏହି ପଦ ପାଇଁ ଆବେଦନ କରିପାରିବେ । ଏହାବ୍ୟତୀତ ସାହିତ୍ୟ, ସଙ୍ଗୀତ, ନୃତ୍ୟ, ନାଟକ, ଲୋକକଳା, ଦୃଶ୍ୟକଳା, ସଂସ୍କୃତି, ଐତିହ୍ୟ, ହସ୍ତଶିଳ୍ପ, ହସ୍ତତନ୍ତ, ଶିକ୍ଷା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାଂସ୍କୃତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିମାନେ ମଧ୍ୟ ନିଜର ଆବେଦନ ଦାଖଲ କରିପାରିବେ । ଆଗ୍ରହୀ ବ୍ୟକ୍ତିମାନେ ନିଜର ସଫଳତା, ପୁରସ୍କାର ଏବଂ ଅଭିଜ୍ଞତା ସମ୍ବନ୍ଧୀୟ ପ୍ରମାଣପତ୍ରର ସ୍ୱ-ପ୍ରମାଣିତ ନକଲ ସହିତ ନିର୍ଦ୍ଧାରିତ ଫର୍ମାଟରେ ଆବେଦନ କରିବାକୁ ବିଜ୍ଞପ୍ତିରେ ଦର୍ଶାଯାଇଛି । ଆବେଦନପତ୍ର ଆସନ୍ତା ଅଗଷ୍ଟ ୨୫, ୨୦୨୬ ରିଖ ସୁଦ୍ଧା ପଞ୍ଜୀକୃତ ଡାକ, ସ୍ପିଡ୍ ପୋଷ୍ଟ କିମ୍ବା ବ୍ୟକ୍ତିଗତ ଭାବେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ଆବେଦନ ଫର୍ମ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରୁ କିମ୍ବା ଜିଲ୍ଲାର ସରକାରୀ ୱେବସାଇଟ୍ ?ରୁ ସଂଗ୍ରହ କରାଯାଇପାରିବ ।

ଅନ୍ୟପକ୍ଷରେ, ତୃଣମୂଳ ସ୍ତରରୁ ଯେପରି କୌଣସି ପ୍ରକୃତ ପ୍ରତିଭା ବାଦ୍ ନପଡ଼ନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ସମସ୍ତ ବିଡିଓ, ପୌରପାଳିକା ନିର୍ବାହୀ ଅଧିକାରୀ, ଡିଆଇପିଆରଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଛନ୍ତି । ନିଜ ଅଞ୍ଚଳରେ ଥିବା ଯୋଗ୍ୟ ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ସୁପାରିଶ କରିବାକୁ ସମସ୍ତ ଅଧିକାରୀମାନଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି ।

# ଚାଷୀଙ୍କୁ ମିଳୁନି ସାର, ବଢୁଛି କଳାବଜାର



**ଧରାକୋଟ (ଅମୃତ ମିଡିଆ):** ଦୀର୍ଘଦିନ ପରେ ଧରାକୋଟ ଅଞ୍ଚଳରେ ଭଲ ବର୍ଷା ହୋଇଥିବାରୁ ଚାଷୀ ଚାଷକାର୍ଯ୍ୟ ଆଗେଇ ନେଉଛନ୍ତି । ତେବେ ଚାଷରେ ପ୍ରୟୋଗ ପାଇଁ ଆବଶ୍ୟକ ପରିମାଣରେ ସାର ମିଳୁ ନ ଥିବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ସାର କଳାବଜାର ଓ ଅଭାବୀ ବିକ୍ରି ନେଇ ଚାଷୀ ସଙ୍କଟରେ ପଡିଛନ୍ତି ।

ପ୍ରଶାସନ ସାରର କଳାବଜାର ସମ୍ପର୍କରେ ଅବଗତ ଥିଲେ ମଧ୍ୟ ନୀରବ ରହିଛନ୍ତି । ବାରମ୍ବାର ଅଭିଯୋଗ ପରେ ବ୍ଲକର ଢଉଗାଁ ପଞ୍ଚାୟତର ବାହାଡ଼ାଗୁଡା ଗ୍ରାମରେ ଚଢ଼ାଉ କରି ନାମକୁ ମାତ୍ର କିଛି ସାର ବସ୍ତା ଜବତ କରି ଅଧିକାରୀମାନେ ନିଜ ଉପରୁ ଦୋଷ ଖସାଇ ଦେଇଛନ୍ତି । କୃଷି ଓ ରାଜସ୍ୱ ବିଭାଗ କେବଳ ଏନଫୋର୍ସମେଣ୍ଟ ଦାୟିତ୍ୱ ଆମର, ଏଆରସିଏସ୍ ? ସାର ବିକ୍ରି କଥା ବୁଝିବେ ବୋଲି କହି ନିଜକୁ ନିରାପଦ ରଖୁଥିବା ବେଳେ ଏଆରସିଏସ୍ ?ଙ୍କୁ ଜଣାଇବା ଲାଗି ତାଙ୍କ ଦେଖା ମିଳୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି । ସାରର ଅଭାବ ସୁଯୋଗ ନେଇ ବଜାରରେ ବ୍ୟବସାୟୀମାନେ ଚଢା ଦରରେ ସାର ବିକ୍ରି କରୁଛନ୍ତି ।

ଯଧରାକୋଟ ବ୍ଲକରେ ୧୫ଟି ସେବା ସମବାୟ ସମିତି ଓ ୮ଟି ଅଧିକୃତ ବ୍ୟକ୍ତିଙ୍କୁ ସାର ବିକ୍ରି ପାଇଁ ଅନୁମତି ମିଳିଛି । ସମବାୟ ସମିତି ପକ୍ଷରୁ ଚାଷୀ ପିଛା ଉଭୟରୁ ମାତ୍ର ଗୋଟିଏ ଲେଖାଏ ବସ୍ତା ମିଳୁଥିବା ବେଳେ ଅଧିକୃତ ଡିଲରମାନେ ଅଧିକ ମୂଲ୍ୟରେ ସାର ବିକ୍ରି କରୁଛନ୍ତି । ବ୍ଲକର ଦସମାଇଲି, ଢଉଗାଁ, ମାଣିକପୁର , ଚାରିଛକ, ମଥୁରା ପଦ୍ମନାଭ ପୁର, ଜାହାଡା, ଜଗମୋହନ, ଝରପାରି, ବାହାରପୁରରେ ସାରର ବ୍ୟାପକ କଳାବଜାର ହେଉଥିବାରୁ ଚାଷୀ ଧାର କରଜ କରି ଅଧିକ ଟଙ୍କାରେ ସାର କିଣୁଛନ୍ତି । ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି ।



# ବିବେକାନନ୍ଦ ପବ୍ଲିକ ସ୍କୁଲରେ ଓ.ଆରଏସ ସପ୍ତାହ ପାଳିତ




**ଛତ୍ରପୁର (ଅମୃତ ମିଡିଆ):** ସ୍ଥାନୀୟ ସାଇବିହାର ସ୍ଥିତ ବିବେକାନନ୍ଦ ପବ୍ଲିକ ସ୍କୁଲରେ ଓ.ଆର.ଏସ ସପ୍ତାହ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଶିଶୁ ରୋଗ ବିଶେଷଜ୍ଞ ସଂଗଠନ ର ଗଞ୍ଜାମ ଜ୍ଲିଲ୍ଲା ସମ୍ପାଦକ ଡାକ୍ତର ନିକୁଞ୍ଜ ବିହାରୀ ଦାଶ ଅଧକ୍ଷତା କରିଥିବାବେଳେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ଅଲେଖ ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଉକ୍ତ କାର୍ଯ୍ୟକ୍ରମ ଉପଲକ୍ଷେ ସଚେତନତା ଓ ମନ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ବିବେକାନନ୍ଦ ପବ୍ଲିକ ସ୍କୁଲର ଅଧକ୍ଷ ସୁଧୀର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ବୃନ୍ଦ ଉପସ୍ଥିତ ଥିଲେ ।





# ବ୍ଲକ କାର୍ଯ୍ୟାଳୟରେ ବାୟୋମେଟ୍ରିକ ମେସିନ ଅଚଳ

## କାର୍ଯ୍ୟାଳୟରେ କର୍ମଚାରୀ ଶୂନ, ନିରାଶରେ ଫେରୁଛନ୍ତି ଜନସାଧାରଣ



**ନୀଳଗିରି (ଅମୃତ ମିଡିଆ) :** ରାଜ୍ୟସରକାର ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଅଧିକାରୀ ଓ କର୍ମଚାରୀମାନଙ୍କ ଉପସ୍ଥାନ ଏବଂ ପ୍ରସ୍ଥାନ ପାଇଁ ବାୟୋମେଟ୍ରିକ ଲଗାଇ ଜନ ସାଧାରଣଙ୍କ ହିତରେ କାର୍ଯ୍ୟକାରୀ କରାଯାଉଛି। ମାତ୍ର ତାହା କେତେ ଦୂର କାର୍ଯ୍ୟକାରୀ ହେଉଛି ତାହାକୁ ଆଖିରେ ନଦେଖିଲେ କେହି ବିଶ୍ୱାସ କରିବେ ନାହିଁ। ତାହାର ଜ୍ୱଳନ୍ତ ଉଦାହରଣ ନୀଳଗିରି ବ୍ଲକ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ବର୍ଷାଧିକ କାଳ ନୀଳଗିରି ବ୍ଲକ କାର୍ଯ୍ୟାଳୟରେ ବାୟୋମେଟ୍ରିକ ମେସିନ ଅଚଳ ହୋଇଥିଲେ ହେଁ ଗୋଷ୍ଠୀଉନ୍ନୟନ ଅଧିକାରୀ କିମ୍ବା ଅନ୍ୟ କେହି ଅଧିକାରୀ ଉଚ୍ଚ ଅଧିକାରୀଙ୍କୁ ନଜଣାଇବା ନିଶ୍ଚିତ ଭାବେ କୌଣସି ନା କୌଣସି ଦୁର୍ନୀତିକୁ ପ୍ରଶ୍ରୟ ଦିଆଯାଉଥିବାର ଅଭିଯୋଗ ଉଠିଛି। ନୀଳଗିରିରେ ଅଧିକାଂଶ କାର୍ଯ୍ୟାଳୟରେ ବାୟୋମେଟ୍ରିକ ମେସିନ କାମ କରୁଥିବାବେଳେ ବ୍ଲକ କାର୍ଯ୍ୟାଳୟରେ କାମନକରିବା ପଛରେ ବ୍ଲକରେ ଚାଲୁଥିବା ଉନ୍ନୟନକାର୍ଯ୍ୟରେ ଘୋଟାଲା ହେଉଥିବାର ଜନସାଧାରଣ ପ୍ରଶ୍ନଚିହ୍ନ ଆଣିଛନ୍ତି। ଅଧିକାଂଶ ସମୟରେ ବିଡିଓ କାର୍ଯ୍ୟାଳୟରେ ରହୁନଥିବାରୁ କର୍ମଚାରୀମାନେ ମଧ କାର୍ଯ୍ୟାଳୟକୁ ଆସୁନଥିବାରୁ ଜନସାଧାରଣ ବ୍ଲକକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିବାର ଦେଖିବାକୁ ମିଳୁଛି।ବାୟୋମେଟ୍ରିକ ମେସିନ ଖରାପହେବା କିମ୍ବା ଅଚଳମେସିନକୁ ସଜ ନକରିବା ପଛରେ କାହାର ହାତରହିଛି ତାହା ତଦନ୍ତ ହେବା ଜରୁରୀ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନଦେଲେ ଆଗାମୀ ଦିନରେ ଜନସାଧାରଣ ବ୍ଲକ ଘେରାଉ କରିବାର ଚେତାବନୀ ଦେଇଛନ୍ତି।

# ସଡ଼କ ଦୁର୍ଘଟଣାରେ ଯୁବକ ମୃତ



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବାଲିଚନ୍ଦ୍ରପୁର ଥାନା ନଳିପୁର ପଞ୍ଚାୟତ ଅନ୍ତର୍ଗତ ବାଉଜଙ୍ଗ ଗ୍ରାମର ସ୍ୱର୍ଗତ ଚୈତନ୍ୟ ମହାରଣାଙ୍କ ପୁଅ ମଧୁସୂଦନ ମହାରଣା (୩୦) ଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ ସେ ତାଙ୍କର ଏକ ବନ୍ଧୁଙ୍କର ବିବାହ ଭୋଜିରେ ଯୋଗଦେବାପାଇଁ ନିଜର ସ୍କୁଟି ଗାଡ଼ିରେ ଯାଉଥିବା ସମୟରେ ଚଣ୍ଡିଖୋଲ ନିକଟରେ ଏକ ଦ୍ରୁତଗାମୀ ଟ୍ରକ ତାଙ୍କୁ ପଛରୁ ଜୋର ଧକ୍କା ଦେଇଥିଲା। ଯାହାଫଳରେ ତାଙ୍କ ଦେହରେ ବିଭିନ୍ନ ସ୍ଥାନରେ ଖଣ୍ଡିଆ ହେବା ସହ ଛାତି ଓ୍ ମେରୁଦଣ୍ଡରେ ଗଭୀର ଆଘାତ ହୋଇଥିଲା। ସ୍ଥାନୀୟ ଲୋକେ ଓ୍ ପୋଲିସ ତାଙ୍କୁ ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା. ଏହି ଖବର ତାଙ୍କ ଗ୍ରାମ ବାଉଜଙ୍ଗରେ ପହଞ୍ଚିବାପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା. ସେ ଜଣେ ସ୍ନେହୀ, ବନ୍ଧୁବତ୍ସଳ, ମିଷ୍ଟଭାଷୀ, ପରୋପକାରୀ ଯୁବକ ଥିଲେ। ତାଙ୍କ ମରାଶରୀର ଗାଁରେ ପହଞ୍ଚିବା ପରେ ନଳିପୁର ସରପଞ୍ଚ ସେକ ଅବଦୁଲ ଗନି, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ମନ୍ମଥ କେଶରୀ ସାହେବରାୟ, ମନୋରଞ୍ଜନ ମଲିକ, ରଶ୍ମିରଞ୍ଜନ ବଳ, ଦୀପକ କୁମାର ବଳ, ବଳରାମ ବେହେରା, ଅଜୟ କୁମାର ବଳ, ରବୀନ୍ଦ୍ର କୁମାର ମହାରଣା, ଯଚିନ୍ଦ୍ର ମହାରଣା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ମରଶରୀରକୁ କୀର୍ତ୍ତନମଣ୍ଡଳୀ ସହ ଗ୍ରାମ ପରିକ୍ରମା କରାଇ ନିଜସ୍ୱ ସ୍ମଶାନରେ ଶେଷକୃତ୍ୟ ସମ୍ପନ କରାଯାଇଥିଲା।

# ବିଇଓଙ୍କ ଅବସର ସମ୍ବର୍ଦ୍ଧନା ପାଇଁ ଅବୈଧ ଚାନ୍ଦା ଆଦାୟ

## ଶିକ୍ଷକଙ୍କଠାରୁ ସଂଗ୍ରହ କଲେ ସିଆର୍‌ସିସି

**ଖୋର୍ଦ୍ଧା (ଅମୃତ ମିଡିଆ) :** ଆଜି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, ଜଟଣୀର ବ୍ଲକ ସଭାପତି ଜିତ ରଞ୍ଜନ ମହାପାତ୍ର ଓ ସମ୍ପାଦକ ଆକାଶ କୁମାର ମହାନ୍ତିଙ୍କ ନେତୃତ୍ୱ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ଶିକ୍ଷା ଅଧିକାରୀ, ଶ୍ରୀମତୀ ସୋନାମିକା ରାୟଙ୍କୁ ଭେଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗେଶେ ଚନ୍ଦ୍ର ସମନ୍ତସିଂହାର ଅବସର ସମ୍ବର୍ଦ୍ଧନା ପାଇଁ ଜଟଣୀ ବ୍ଲକ ର ସାଧାରଣ ଶିକ୍ଷକଙ୍କ ଠାରୁ ଅବୈଧ ଟଙ୍କା ଆଦାୟ କରିବା ସହିତ ପ୍ରତି ପ୍ରାଥମିକ ବିଦ୍ୟାଳୟରୁ ୫୦୦ ଟଙ୍କା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୦୦୦ଟଙ୍କା, ଉଚ୍ଚ ବିଦ୍ୟାଳୟ ୧୫୦୦ରୁ ୨୦୦୦ଟଙ୍କା ପର୍ଯ୍ୟନ୍ତ ଆଦାୟ କରି ନିଜର ଗାରିମା ଦେଖାଇବା ପାଇଁ ନିରୀହ ଶିକ୍ଷକଙ୍କ ଠାରୁ ଅର୍ଥ ଆଦାୟ ସିଆରସିସିଙ୍କ ମାଧ୍ୟମରେ ଆଦାୟ କରାଯାଇଅଛି। ଏହିଭଳି କାର୍ଯ୍ୟ ନିଜର ଗାରିମା ବଢ଼େଇବା ପାଇଁ ସାଧାରଣ ଶିକ୍ଷକଙ୍କ ତଣ୍ଟି ଚିପିବା ଶିକ୍ଷକ ମହଲରେ ଏକ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ନିମନ୍ତେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଦାବୀ କରିଛି। ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପୂର୍ଣ୍ଣ ସମର୍ଥନରେ ସିଆରସିସିଙ୍କ ଦ୍ୱାରା ଅର୍ଥ ଆଦାୟ କରାଯାଇଛି। ଜିଲ୍ଲାପାଳ ଖୋର୍ଦ୍ଧା ଙ୍କୁ ଲିଖିତ ଅଭିଯୋଗ କରାଯାଇଛି ଓ ପ୍ରକୃତ ସତ୍ୟାସତ ଅନୁଧ୍ୟାନ କରି ଉଚିତ ପଦକ୍ଷେପ ନିଆଗଲେ ସାଧାରଣ ଶିକ୍ଷକ ଆଶ୍ୱସ୍ତି ହେବା ସହିତ ପରବର୍ତୀ କାର୍ଯ୍ୟକ୍ରମରୁ ନିବୃତ ରହିବେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପାୟଜୁଦିନ ଖାନ, କୋଷାଧକ୍ଷ ସତ୍ୟ ନାରାୟଣ ମଲ୍ଲିକ, କୃଷ୍ଣଚନ୍ଦ୍ର ସାହୁ, ରଶ୍ମିତା ନାୟକ, ମଧୁସ୍ମିତା ଭୂୟାଁ, ରିତା ନାୟକ, ମଦନମୋହନ ଭୁଆଁ, ଦେବ ପରିଡା, କାମିନୀଦେଈ ସୁପ୍ରଭା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାର ସମସ୍ତ ସେତୁ ଓ ବ୍ୟାରେଜକୁ ନୋ ପାର୍କିଂ ଜୋନ୍ ଘୋଷଣା



**କଟକ (ବ୍ୟୁରୋ) :** ସେତୁ ଓ ବ୍ୟାରେଜକୁ 'ନୋ ପାର୍କିଂ ଜୋନ୍' ଭାବେ ଘୋଷଣା କରାଯାଇଛି। ଏନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜନ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସେତୁ ଓ ବ୍ୟାରେଜକୁ 'ନୋ ପାର୍କିଂ ଜୋନ୍' ଭାବେ ଘୋଷଣା କରାଯାଇଛି। ବନ୍ୟା ପରିସ୍ଥିତି ସମୟରେ ସେତୁ ଓ ବ୍ୟାରେଜ ଉପରେ ଅନାବଶ୍ୟକ ଭିଡ଼ ନ କରିବା, ସେଠାରେ ଯାନବାହନ ପାର୍କିଂ ନ କରିବା ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସମୟ ସମୟରେ ଜାରି କରାଯାଉଥିବା ସମସ୍ତ ପରାମର୍ଶ ଓ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। କଟକ ଜିଲ୍ଲାର ୨ଟି ବ୍ଲକର ୧୨ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଛି। ଏପର୍ଯ୍ୟନ୍ତ ୮୫୧ ଜଣଙ୍କୁ ସୁରକ୍ଷିତ ସ୍ଥାନ ଏବଂ ଆଶ୍ରୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଆଶ୍ରୟ କେନ୍ଦ୍ରରେ ରହୁଥିବା ସମସ୍ତ ପ୍ରଭାବିତ ପରିବାରଙ୍କୁ ନିୟମିତ ଭାବେ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଉଛି। ସେହିପରି ତିଗିରିଆ ବ୍ଲକର କାଳିବିରି ଗ୍ରାମରେ ଜଳବନ୍ଦୀ ହୋଇଥିବା ପରିବାରମାନଙ୍କ ନିକଟରେ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି। ବନ୍ୟା ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ୨୫ଟି ଡଙ୍ଗା, ୧୪ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ଦଳ, ଗୋଟିଏ ଓଡ୍ରାଫ ଦଳ ଏବଂ ଗୋଟିଏ ଏନ୍‌ଡିଆରଏଫ୍ ଦଳ ବିଭିନ୍ନ ଅଞ୍ଚଳରେ ମୁତୟନ ରହିଛନ୍ତି। ବିଚ୍ଛିନ୍ନ ଅଞ୍ଚଳଗୁଡ଼ିକରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ସହ ଆବଶ୍ୟକ ସାମଗ୍ରୀ ଡଙ୍ଗା ଦ୍ୱାରା ଯୋଗାଇ ଦିଆଯାଉଛି। ଉଦ୍ଧାର କାର୍ଯ୍ୟ ସମୟରେ କେତିଏ ଅଞ୍ଚଳରେ ଫସି ରହିଥିବା ପଶୁମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସେହିପରି ବୈଦେଶ୍ୱର ଅଞ୍ଚଳରେ ଜଳବନ୍ଦୀ ହୋଇଥିବା ଶ୍ରମିକମାନଙ୍କୁ ମଧ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାର କୌଣସି ନଦୀବନ୍ଧରେ ଘାଇ ସୃଷ୍ଟି ହୋଇନାହିଁ। ସେହିପରି କୌଣସି ମୃତାହତ କିମ୍ବା ଆହତଙ୍କ ସୂଚନା ମଧ ମିଳିନାହିଁ। କଟକ ଜିଲ୍ଲାରେ ବନ୍ୟା ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ କଡ଼ା ନଜର ରଖାଯାଉଥିବା ବେଳେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର, ସ୍ଥାନାନ୍ତରଣ ଓ ରିଲିଫ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ଜନସାଧାରଣଙ୍କ ଜୀବନ ଓ ଜୀବିକାର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ସମସ୍ତ ସମ୍ପୃକ୍ତ ବିଭାଗ ସମନ୍ୱିତ ଭାବେ କାର୍ଯ୍ୟ କରୁଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଥିବା ବେଳେ ଲୋକଙ୍କ ଜୀବନ ଓ ଜୀବିକାର ସୁରକ୍ଷା ନିମନ୍ତେ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ସାଧାରଣ ଜନତାଙ୍କୁ ସତର୍କ ରହିବା, ପ୍ରଶାସନ ସହ ସହଯୋଗ କରିବା ଏବଂ କେବଳ ସରକାରୀ ସୂଚନା ଉପରେ ଭରସା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଶତାଧିକ ଲୋକଙ୍କୁ ସ୍ଥାନାନ୍ତରିତ କଲା ପ୍ରଶାସନ

**ରଘୁନାଥପୁର (ଅମୃତ ମିଡିଆ) :** ମହାନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ କୌଣସି ଅଘଟଣକୁ ଦୃଷ୍ଟିରେ ରଖି ରଘୁନାଥପୁର ବ୍ଲକ ଅଞ୍ଚଳର ଶତାଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ପୂରଣ ଆଦିବାସୀ ସାହିରେ ବନ୍ୟାଜଳ ଚତୁର୍ପାର୍ଶ୍ୱରେ ଘେରି ରହିଥିବା ସ୍ଥଳେ ଲୋକମାନେ ଘରୁ ଯିବାକୁ ଅମଙ୍ଗ ହୋଇଥିଲେ। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଏଡିଏମ ଜ୍ୟୋତିଶଙ୍କର ରାୟ, ବିଡିଓ ବିରଞ୍ଚି ନାରାୟଣ ବେହେରା, ତହସିଲଦାର ରାଜଲକ୍ଷ୍ମୀ ନାୟକ ଓ ଆଇଆଇସି ପ୍ରେମଜିତ ଦାସ ପୋଲିସ ଫୋର୍ସ ସହ ସେଠାରେ ପହଞ୍ଚି ସେମାନଙ୍କୁ ବୁଝାସୁଝାକରି ସ୍ଥାନାନ୍ତରିତ କରିଥିଲେ। ସେମାନଙ୍କ ମଧ୍ୟରୁ ୪୦ ଜଣଙ୍କୁ ନିକଟସ୍ଥ ବାଙ୍କଳ ଅଙ୍ଗନୱାଡ଼ି କେନ୍ଦ୍ର ଓ ବାକି ୪୦ ଜଣଙ୍କୁ ନିକଟସ୍ଥ ସ୍କୁଲରେ ରଖାଯାଇଥିଲା। ସେହିପରି ତାରପୁର ପଞ୍ଚାୟତ ଖଣ୍ଡତରି ଗ୍ରାମର ନଦୀକୂଳରେ ବସବାସ କରୁଥିବା ୫ ସଂଖ୍ୟାଲଘୁ ପରିବାରର ୨୦ ଜଣଙ୍କୁ ସ୍ଥାନୀୟ ପ୍ରାଥମିକ ସ୍କୁଲରେ ଆଶ୍ରୟ ଦିଆଯାଇଛି। ଅନୁରୂପ ଭାବେ ଜଇପୁର ବାଲିଘାଟ ନିକଟରେ ରହୁଥିବା ୨ ଜଣ ଆଦିବାସୀ ଲୋକଙ୍କୁ ସ୍ଥାନୀୟ ସ୍କୁଲରେ ରଖାଯାଇଥିଲା। ସମସ୍ତଙ୍କ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଏହାଛଡା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗୃହପାଳିତ ପଶୁଙ୍କ ପାଇଁ ପାଲ ଯୋଗାଇ ଦିଆଯାଇ ଥିବାର ତହସିଲଦାର ନାୟକ ପ୍ରକାଶ କରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ସିଡିପିଓ ତୃପ୍ତିଲତା ମହାନ୍ତି, ଜିପିଓ ବିଶ୍ୱଜିତ ମହାପାତ୍ର, ଯନ୍ତ୍ରୀ ସୁବାଷ ଚନ୍ଦ୍ର ପୃଷ୍ଟି, ଏମ୍‌ଆଇ ସନ୍ଦିପା ଦାସ, ପିଇଓ ପ୍ରଣତି ନାୟକଙ୍କ ସହ ଅନ୍ୟ କର୍ମଚାରୀମାନେ ଦାୟୀତ୍ୱରେ ରହି ସ୍ଥାନାନ୍ତରିତ ଲୋକମାନଙ୍କ ଉପରେ ନଜର ରଖିଛନ୍ତି। ଅନ୍ୟ ପକ୍ଷରେ ବ୍ଲକ ପ୍ରଶାସନ ନିର୍ଦ୍ଦେଶରେ ତାରପୁର ସରପଞ୍ଚ ସୁଷମା ମଲ୍ଲିକ ଓ ପୂରଣ ଓଡ଼ପଡ଼ା ସରପଞ୍ଚ ଶିବରାମ ସାହୁ ସ୍ଥାନାତରିତ ବ୍ୟକ୍ତିଙ୍କ ଖାଦ୍ୟପେୟ ବ୍ୟବସ୍ଥା ବୁଝୁଛନ୍ତି।

## ପୂର୍ବାଞ୍ଚଳ ଦଳରେ ଖେଳିବେ ୪ ଓଡ଼ିଆ



କଟକ (ବ୍ୟୁରୋ) : ଆସନ୍ତା ୨୦୨୬ ଦୁଲୀପ ଟ୍ରଫି ପାଇଁ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଅଭିଜ୍ଞ ବ୍ୟାଟର୍ ଶୁଭ୍ରାଂଶୁ ସେନାପତି ସ୍ଥାନ ପାଇଛନ୍ତି। ଏହି ପ୍ରତିଯୋଗିତା ଅଗଷ୍ଟ ୨୩ରୁ ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ବେଙ୍ଗାଲୁରୁ ସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଆୟୋଜିତ ହେବ। ୧୫ ସଦସ୍ୟ ବିଶିଷ୍ଟ ପୂର୍ବାଞ୍ଚଳ ଦଳରେ ପାଞ୍ଚ ଜଣ ଅନ୍ତର୍ଜାତୀୟ କ୍ରିକେଟର ସ୍ଥାନ ପାଇଛନ୍ତି। ସମ୍ବିତ ଏସ୍.ବରାଳ ଓଭରଙ୍ଗସ୍ ସ୍ୱସ୍ତିକ ସାମଲଙ୍କୁ ଷ୍ଟାଣ୍ଡ୍‌ବାଏ ଖେଳାଳି ଭାବେ ଚୟନ କରାଯାଇଛି। ଏହାସହ ଓଡ଼ିଶାର ପ୍ରୀତମଜିତ ଦାସ ପୂର୍ବାଞ୍ଚଳ ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତ ହୋଇଛନ୍ତି। ପୂର୍ବାଞ୍ଚଳ ଦଳ ଆସନ୍ତା ଅଗଷ୍ଟ ୨୩ ତାରିଖରେ ଉତ୍ତରାଞ୍ଚଳ ବିପକ୍ଷରେ ନିଜର ପ୍ରଥମ ମ୍ୟାଚ୍ ଖେଳିବ। ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ ପଦାଧିକାରୀ ଓ ସଦସ୍ୟ ଶୁଭ୍ରାଂଶୁ ସେନାପତି, ସମ୍ବିତ ଏସ୍. ବରାଳ, ସ୍ୱସ୍ତିକ ସାମଲ ଓ ପ୍ରୀତମଜିତ ଦାସଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ପୂର୍ବାଞ୍ଚଳ ଦଳରେ ବହୁ ଭାରତୀୟ ଖେଳାଳି ସ୍ଥାନ ପାଇଛନ୍ତି। ଭାରତୀୟ ୱିକେଟରକ୍ଷକ ବ୍ୟାଟର୍ ଇଶାନ୍ କିଷନ ଅଧିନାୟକ ଓ ବୈଭବ ସୂର୍ଯ୍ୟବଂଶୀ ଉପଅଧିନାୟକ ମନୋନୀତ ହୋଇଛନ୍ତି। ମହମ୍ମଦ ସାମି ଓ ମୁକେଶ କୁମାର ଦଳରେ ମଧ ସାମିଲ୍ ହୋଇଛନ୍ତି।

# ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସମୀକ୍ଷା ବୈଠକ

## ୩ରେ ଗସ୍ତ କାର୍ଯ୍ୟକ୍ରମ ସମୟରେ ଟ୍ରାଫିକ କଟକଣା



**କଟକ (ବ୍ୟୁରୋ) :** ଆସନ୍ତା ଅଗଷ୍ଟ ୩ ତାରିଖରେ ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ କଟକ ଗସ୍ତ ପରିପ୍ରେକ୍ଷୀରେ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩ ତାରିଖରେ ମାନ୍ୟବର ରାଷ୍ଟ୍ରପତି ବାଆଁରାସ୍ଥିତ ଜଗଦ୍ ?ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ କାର୍ଯ୍ୟକ୍ରମର ନୋଡାଲ ଅଫିସର ଭାବେ ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସଙ୍କୁ ନିଯୁକ୍ତ କରାଯାଇଛି। ଗସ୍ତକୁ ଦୃଷ୍ଟିରେ ରଖି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତିକୁ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚାଇବା ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ୍ ପରିଚାଳନା, ପରିମଳ ବ୍ୟବସ୍ଥା, ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା, ଜରୁରୀକାଳୀନ ସହାୟତା ସମେତ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ବିଭାଗୱାରୀ ସମୀକ୍ଷା କରାଯାଇଥିଲା। ଆସନ୍ତା ୩ ଅଗଷ୍ଟରେ ଭାରତର ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କଟକ ଗସ୍ତ ଏବଂ ବାଆଁରାସ୍ଥିତ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଆଜି ଯୁଗ୍ମ ଆଡଭାନ୍ସ ସିକ୍ୟୁରିଟି ଲିଆଇଜନ୍ ବୈଠକ ଏବଂ ସ୍ଥଳ ପରିଦର୍ଶନ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଏଥିସହ ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ଏବଂ ଓଡ଼ିଶା ପୁଲିସ ସୁରକ୍ଷା ଶାଖାର ପୁଲିସ ଅଧୀକ୍ଷକ ପ୍ରଶାନ୍ତ କୁମାର ନାୟକ ଓ ସବସିଡିଆରି ଇଣ୍ଟେଲିଜେନ୍ସ ବ୍ୟୁରୋର ସହକାରୀ ନିର୍ଦ୍ଦେଶକ ପାହ୍ୟାର ଜଣେ ଅଧିକାରୀଙ୍କ ନେତୃତ୍ୱରେ ଯୁଗ୍ମ ଆଡଭାନ୍ସ ସିକ୍ୟୁରିଟି ଲିଆଜନ୍ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଟକ ଜିଲ୍ଲା ପ୍ରଶାସନ, ଓଡ଼ିଶା ପୁଲିସ ଏବଂ ବିଭିନ୍ନ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ବୈଠକ ପରେ ଯୁଗ୍ମ ଇଝଖ ଦଳ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ପରିସର ସମେତ ମାନ୍ୟବର ରାଷ୍ଟ୍ରପତିଙ୍କ ଗସ୍ତ ସହ ସମ୍ପୃକ୍ତ ସମସ୍ତ ସ୍ଥାନର ବିସ୍ତୃତ ପରିଦର୍ଶନ କରିଥିଲେ। ସୁରକ୍ଷା ବ୍ୟବସ୍ଥା, ଯାତାୟାତ ପରିଚାଳନା, ରୁଟ୍ ଲାଇନିଂ, ବ୍ୟାରିକେଡିଂ, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ, ଯୋଗାଯୋଗ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ପରିଦର୍ଶନ ସମୟରେ ବିଭିନ୍ନ ବିଭାଗକୁ ଆବଶ୍ୟକୀୟ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରାଯାଇଥିବା ବେଳେ ସମସ୍ତ ପ୍ରସ୍ତୁତିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ତ୍ରୁଟିମୁକ୍ତ ଭାବେ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଥିଲା। ମାନ୍ୟବର ରାଷ୍ଟ୍ରପତିଙ୍କ ଗସ୍ତ ପରିପ୍ରେକ୍ଷୀରେ ୩ ତାରିଖ ସୋମବାର ଦିନ ଅପରାହ୍ଣ ୩ ଘଟିକା ୫୦ ମିନିଟ ଠାରୁ ଅପରାହ୍ଣ ୪ ଘଟିକା ୫୦ ମିନିଟ ଏବଂ ସନ୍ଧ୍ୟା ୫ ଘଟିକା ୫୦ ମିନୀଟରୁ ୬ ଘଟିକା ୫୦ ମିନିଟ ପର୍ଯ୍ୟନ୍ତ କଟକ ଜିଲ୍ଲାର ନନ୍ଦନକାନନ ପ୍ରାଣୀ ଉଦ୍ୟାନ–ବାରଙ୍ଗ – ବାରଙ୍ଗ ଅଫିସ ଛକ–ଗୋଡି ସାହି–ଭାରତ ମସଲା ଛକ–ସିଆଇଏସଏଫ ମୁଣ୍ଡୁଳି–ରାମଚଣ୍ଡୀ (ବାଆଁରା)– ଜଗଦ୍‌ଗୁରୁ କୃପାଳୁ ମହାରାଜ ବିଶ୍ୱବିଦ୍ୟାଳୟ, ରାସ୍ତାରେ କୌଣସି ପ୍ରକାରର ଯାନବାହାନ ଚଳାଚଳ ବନ୍ଦ ରହିବା ସହ ଏହାକୁ ସଂଯୋଗ କରୁଥିବା ରାସ୍ତାରୁ ଏହି ରାସ୍ତାକୁ ଯିବାକୁ ଦିଆଯିବ ନାହିଁ। ଏଥିସହ ସେହିଦିନ ଭୁବନେଶ୍ୱର/ଖୋର୍ଦ୍ଧା ପାର୍ଶ୍ୱରୁ ଆସୁଥିବା ଭାରି ଯାନ ଏବଂ କଟକ ପାର୍ଶ୍ୱ/ ବାଲିକୁଦା ଚକରୁ ଭୁବନେଶ୍ୱର/ ପିତାପଲ୍ଲୀ ଆଡକୁ ଆସୁଥିବା ଭାରି ଯାନ ଗୁଡିକ ଏହି ସମୟ ଅବଧି ମଧ୍ୟରେ ଚଳାଚଳ କରିବାକୁ ଅନୁମତି ଦିଆଯିବ ନାହିଁ। ଏହି କଟକଣା ଜରୁରୀକାଳିନ ସେବାରେ ନିୟୋଜିତ ଯାନବାହନ ଚଳାଚଳ ନିମନ୍ତେ ଲାଗୁ ହେବ ନାହିଁ।

# ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

### ଅଧିକାରୀ...

ବ୍ୟବସ୍ଥାରେ ବଡ଼ ତ୍ରୁଟି ରହିଛି। କିଏ ପରୀକ୍ଷା ହଲ୍‌କୁ ମୋବାଇଲ ନେବାକୁ ଅନୁମତି ଦେଲା ? କିଛି ଅସାଧୁ ପରୀକ୍ଷାର୍ଥୀଙ୍କ ପାଇଁ ମେଧାବୀ ଛାତ୍ରଛାତ୍ରୀଙ୍କ କ୍ୟାରିୟର ବିପଦରେ ପଡ଼ିଛି ବୋଲି ଦଳ ଅଭିଯୋଗ କରିଛି। ଏହି ଘଟଣାର ନୈତିକ ଦାୟିତ୍ୱ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛି ବିଜେଡି। କଂଗ୍ରେସ ମଧ ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ସରକାରଙ୍କୁ ସମାଲୋଚନା କରିଛି। ପେପର ଲିକ୍ ନା ମାଲପ୍ରାକ୍ଟିସ୍ ଏହାକୁ ନେଇ ଚାଲିଛି ତର୍କ। ଗୋଟିଏ ପଟେ ବିଶ୍ୱବିଦ୍ୟାଳୟ କହୁଛି ତଦନ୍ତ ପୂର୍ବରୁ କୌଣସି ନିଷ୍କର୍ଷକୁ ଆସିବା ଠିକ୍ ନୁହେଁ। ଅନ୍ୟପଟେ ବିରୋଧୀ ଏହାକୁ ପ୍ରସଙ୍ଗ କରି ସରକାରଙ୍କୁ ଘେରିଛି।

### ଅମିତ...

ବିଷୟରେ ଆଲୋକପାତ କରିଥିଲେ।କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହ, ରାଜ୍ୟର ପ୍ରଶଂସନୀୟ ଓ ଜନକଲ୍ୟାଣକାରୀ ପଦକ୍ଷେପଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ। ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଜି ନୂଆଦିଲ୍ଲୀରେ ନୀତି ଆୟୋଗର ସଦସ୍ୟ ତଥା ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ ର ସଦସ୍ୟ ପ୍ରଫେସର କେ. ଭି. ରାଜୁଙ୍କ ସହ ଓଡ଼ିଶାର ଦୀର୍ଘମିଆଦି ଆର୍ଥିକ ବିକାଶକୁ ନେଇ ବିସ୍ତୃତ ଆଲୋଚନା ହୋଇଛି। ବୈଠକରେ ଜିଲ୍ଲାସ୍ତରୀୟ ଜିଡିପି ଆକଳନ ପାଇଁ ଏକ ସୁଦୃଢ଼ ଢାଞ୍ଚା ପ୍ରସ୍ତୁତି ସହ 'ବିକଶିତ ଓଡ଼ିଶା–୨୦୩୬' ଏବଂ 'ବିକଶିତ ଓଡ଼ିଶା–୨୦୪୭' ଭିଜନ ଡକ୍ୟୁମେଣ୍ଟର ପ୍ରମୁଖ ଅଗ୍ରାଧିକାର ଉପରେ ଆଲୋଚନା କରାଯାଇଛି। ଏହାସହ ରାଜ୍ୟର ଉପକୂଳବର୍ତ୍ତୀ ଏବଂ କୃଷି ଅଞ୍ଚଳର ସମ୍ଭାବନାକୁ ଅଧିକ ବିକଶିତ କରିବା ପାଇଁ ସ୍ପେଶାଲ୍ ମେରିନ୍ ଜୋନ୍ ଓ ସ୍ପେଶାଲ୍ ଫାର୍ମିଂ ଜୋନ୍ ଗଠନ ସମ୍ପର୍କିତ ନୀତିଗତ ଢାଞ୍ଚା ଉପରେ ମଧ ଚର୍ଚ୍ଚା ହୋଇଛି।ଏହି ପଦକ୍ଷେପ ଦ୍ୱାରା ସନ୍ତୁଳିତ ଆଞ୍ଚଳିକ ବିକାଶ, ରୋଜଗାର ସୃଷ୍ଟି, ଜୀବିକାର ସୁଯୋଗ ବୃଦ୍ଧି ଏବଂ ସମାବେଶୀ ଓ ନିରନ୍ତର ବିକାଶ ଦିଗରେ ଓଡ଼ିଶାର ଯାତ୍ରା ଅଧିକ ତ୍ୱରାନ୍ୱିତ ହେବ ବୋଲି ଆଶା ପ୍ରକାଶ ପାଇଛି।ଏହାପରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଓଡ଼ିଶାରେ ରେଳ ଭିତ୍ତିଭୂମିର ବିକାଶ, ନୂଆ ରେଳ ପ୍ରକଳ୍ପର କାର୍ଯ୍ୟକାରିତା ଏବଂ ରାଜ୍ୟରେ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ନେଇ ଆଲୋଚନା କରିଥିଲେ। ରାଜ୍ୟର ବିଭିନ୍ନ ରେଳ ପ୍ରକଳ୍ପକୁ ଶୀଘ୍ର ଗତିରେ ଆଗେଇ ନେବା ଓ ଲୋକଙ୍କୁ ଉନ୍ନତ ରେଳ ସେବା ଯୋଗାଇବା ଉପରେ ମଧ ଗୁରୁତ୍ୱାରୋପ କରାଯାଇଥିଲା।

### ଇବ...

ଜୋରଦାର ବିରୋଧ କରୁଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୪୦ରୁ ଅଧିକ ଗାଁ ଜଳମଗ୍ନ ହୋଇଯିବ ଏବଂ ହଜାର ହଜାର ପରିବାର ବିସ୍ଥାପିତ ହେବେ । ପ୍ରକଳ୍ପ ବାତିଲ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି । ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଇଛି ।

### ଫୁଲୁଛି ...

ହୋଇ କାର୍ଯ୍ୟ କରୁଛନ୍ତି । ପ୍ରାୟ ୬୪୭ଟି ରିଲିଫ୍ କେନ୍ଦ୍ରରେ ଲୋକମାନଙ୍କୁ ଉଭୟ ରନ୍ଧାଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଥିବା ବେଳେ ଶିଶୁମାନଙ୍କ ପାଇଁ ଶିଶୁଖାଦ୍ୟ, ବୟସ୍କ ଏବଂ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଡାକ୍ତରୀ ଟିମ୍ ମଧ୍ୟ ନିୟମିତ ରିଲିଫ୍ କେନ୍ଦ୍ର ପରିଦର୍ଶନ କରି ସେବା ପ୍ରଦାନ କରିବାକୁ ନିୟୋଜିତ ହୋଇଛନ୍ତି । ପର୍ଯ୍ୟାପ୍ତ ପରିମାଣରେ ଗୋଖାଦ୍ୟ ମଧ୍ୟ ବିଭିନ୍ନ ଜିଲ୍ଲାରୁ ତ୍ୱରିତ ଯୋଗାଇ ଦିଆଯାଉଛି ଷ ସେହିପରି ଘର ଛାଡି ରିଲିଫ୍ କେନ୍ଦ୍ରକୁ ଆସିବାକୁ ରାଜି ନଥିବା ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ବୁଝାଯାଇ ସଚେତନ କରାଯାଇ ରିଲିଫ୍ କେନ୍ଦ୍ରକୁ ସ୍ଥାନାନ୍ତର କରିବାର ବ୍ୟବସ୍ଥା କରାଯାଇଛି ; ପାଣିଘେରରେ ନିଜ ଘରେ ଥିବା ଲୋକମାନଙ୍କ ପାଖେ ମଧ୍ୟ ଶୁଖିଲା ଖାଦ୍ୟ ପହଞ୍ଚାଯାଉଛି । ମାନ୍ୟବର ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ, ଦେବୀ, କୁଶଭଦ୍ରା, ଇବ୍, ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା, ଜଳକା ଆଦି ନଦୀର ଜଳପତ୍ତନ ସ୍ତର କ୍ରମଶଃ ହ୍ରାସ ପାଇଥିଲା ବେଳେ ମହାନଦୀର ଜଳପତ୍ତନ ସ୍ତର ବିପଦସଙ୍କେତଠୁଁ ସାମାନ୍ୟ ଅଧିକ ରହିଛି । ସେହିପରି ଶୁକ୍ରବାର ସକାଳ ୯ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ୨ ଟି ଗେଟ୍ ଖୋଲା ଥିବା ବେଳେ ମୁଣ୍ଡଳି ଠାରେ ୮,୬୫,୪୭୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିଲା । ତେବେ, ପରେ ପରେ ଆଉ ୧୦ଟି ଗେଟ୍ ଖୋଲା ଯାଇ ସମୁଦାୟ ୧୨ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି । ଏହି ଜଳ ହୀରାକୁଦରୁ ଆସି ମୁଣ୍ଡୁଳି ଠାରେ ପହଞ୍ଚିବାକୁ ପାଖାପାଖି ଚାଳିଶ ଘଣ୍ଟା ସମୟ ଲାଗିବ । ତେବେ ସେତେବେଳକୁ ମୁଣ୍ଡୁଳିଠାରେ ମହାନଦୀର ଜଳସ୍ତର ଅପେକ୍ଷାକୃତ କମ୍ ହୋଇ ଯାଇଥିବାରୁ ଏହି ବନ୍ୟାଜଳ ଦ୍ୱାରା ବିଶେଷ ବିପଦ ସୃଷ୍ଟି ହେବ ନାହିଁ ବୋଲି ଆଶା କରାଯାଉଛି ।ତେବେ ମହାନଦୀର ଜଳସ୍ତର ଉପରେ ଜଳସମ୍ପଦ ବିଭାଗ ସହ ସମନ୍ୱୟ ରକ୍ଷା କରି ଦୃଢ଼ ନଜର ରଖାଯାଇଥିଲା ବେଳେ ଅବବାହିକା ଅଞ୍ଚଳ ତଥା କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଆଦି ଜିଲ୍ଲାମାନଙ୍କୁ ସମ୍ପୂର୍ଣ୍ଣ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ପ୍ରଶାସନ ସହ ଓଡ୍ରାଫ୍, ଏନଡିଆରଏଫ୍ ଏବଂ ଅଗ୍ନିଶମ ବାହିନୀ ସବୁଠି ନିୟୋଜିତ ଅଛନ୍ତି । ରାଜ୍ୟରେ ୧୭ଟି ଓଡ୍ରାଫ୍, ୬ଟି ଏନଡିଆରଏଫ୍ ଏବଂ ୧୧୨ଟି ଅଗ୍ନିଶମ ତଥା ଜରୁରୀକାଳୀନ ଉଦ୍ଧାରକାରୀ ଦଳ ନିୟୋଜିତ ଥିବା ସହ ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଉଦ୍ଧାର କାର୍ଯ୍ୟ, ସ୍ଥାନାନ୍ତରଣ, ରିଲିଫ୍ ସମାଗ୍ରୀ ପ୍ରଦାନ କାର୍ଯ୍ୟ ନିରବଚ୍ଛିନ୍ନ ରହିଛି । ବୈଠକରେ ଯେଉଁ ପର୍ଯ୍ୟନ୍ତ ବନ୍ୟା ଜଳ ସମ୍ପୂର୍ଣ୍ଣ ନିଷ୍କାସିତ ହୋଇ ମାଟି ଶୁଖିଲା ନ ହୋଇଛି, ସେ ପର୍ଯ୍ୟନ୍ତ ସମସ୍ତ ରିଲିଫ କେନ୍ଦ୍ରରେ ସେବା ପ୍ରଦାନ କରି ରଖିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବନ୍ୟା ଜଳ ଛାଡ଼ିବା ପରେ ବିଭିନ୍ନ ରୋଗ ସଂକ୍ରମଣ ତଥା ସାପକାମୁଡା ଆଦି ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେଉଥିବାରୁ ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି । ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏମବିବିଏସ ଡାକ୍ତର ଆଣ୍ଟି ଭେନମ୍ ଇଞ୍ଜେକସନ୍, ମେଡିସିନ୍ ଆଦି ମହଜୁଦ ରଖାଯାଇଛି । ସେହିପରି ବ୍ଲିଚିଂ ପାଉଡ଼ର, କ୍ଲୋରିନ୍ ଟାବଲେଟ୍ ଆଦି ପର୍ଯ୍ୟାପ୍ତ ପରିମାଣରେ ପ୍ରସ୍ତୁତ ରଖାଯାଇଛି । ଏହି ପରିପ୍ରେକ୍ଷୀରେ ଦୂଷିତ ଜଳ ନ ପିଇ ପାଣି ଫୁଟାଇ ପିଇବାକୁ ଏବଂ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସଚେତନତା ଅବଲମ୍ବନ କରିବାକୁ ମାନ୍ୟବର ମନ୍ତ୍ରୀ ସମସ୍ତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ବନ୍ୟା ଜଳ ଛାଡ଼ିବା ମାତ୍ରକେ ଯୁଦ୍ଧକାଳୀନ ଭିତ୍ତିରେ ପାନୀୟଜଳ ବିଭାଗ ଦ୍ୱାରା ସମସ୍ତ ନଳକୂପ ତଥା ଅନ୍ୟାନ୍ୟ ପାନୀୟ ଜଳ ଉତ୍ସ ଗୁଡ଼ିକୁ ବିଶୋଧନ କରାଯିବା ସହ ଆବଶ୍ୟକ ମରାମତି କରିବାକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପାଣିଘେରରେ ଥିବା ପ୍ରଭାବିତ ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ସୁନିଶ୍ଚିତ କରାଯାଇଛି । ସେହିପରି ବନ୍ୟା ଜଳ ଛାଡିବାର ୭୨ ଘଣ୍ଟା ମଧ୍ୟରେ କ୍ଷତିଗ୍ରସ୍ତ ଚାଷଜମିର କ୍ଷୟକ୍ଷତି ଆକଳନ କରି ଜିଲ୍ଲାପାଳମାନେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । କୃଷି ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମନ୍ୱିତ ଭାବେ ସର୍ବେକ୍ଷଣ କରାଯାଇ ଜିଲ୍ଲା ପ୍ରଶାସନର ରିପୋର୍ଟ ଆଧାରରେ ତୁରନ୍ତ ମିଳିତ ସହଯୋଗ ତଥା କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ମାନ୍ୟବର ମନ୍ତ୍ରୀ ସୂଚନା ଦେଇଛନ୍ତି । କୃଷକଭାଇଭଉଣୀମାନଙ୍କୁ କ୍ଷୟକ୍ଷତି ପାଇଁ ଆଦୌ ବ୍ୟସ୍ତ ନ ହୋଇ ଏପରି ପ୍ରତିକୂଳ ସମୟରେ ସେମାନଙ୍କ ସହ ରାଜ୍ୟ ସରକାର ଚଟାଣ ପରି ଛିଡ଼ା ହୋଇଛନ୍ତି ବୋଲି ମାନ୍ୟବର ମନ୍ତ୍ରୀ କହିଛନ୍ତି । ଧାନ ତଥା ଶସ୍ୟ ଜାତୀୟ ଫସଲ କିମ୍ବା ପନିପରିବା ସମସ୍ତ ପ୍ରକାର ଚାଷ ନିମନ୍ତେ କ୍ଷତିପୂରଣ ପ୍ରଦାନ ସହିତ ଆବଶ୍ୟକସ୍ଥଳେ କୃଷକମାନଙ୍କୁ ସ୍ୱଳ୍ପ ମିଆଦୀର ବିହନ ମଧ୍ୟ ଯୋଗାଇ ଦିଆଯିବ ବୋଲି ମାନ୍ୟବର ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି । ଏଥିସହିତ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ବିଭିନ୍ନ ବିଭାଗର କାର୍ଯ୍ୟାଳୟ ତଥା କୋଠାବାଡ଼ିର ମରାମତି ସହ ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମାନ୍ୟବର ମନ୍ତ୍ରୀ କହିଛନ୍ତି । ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ସ୍ୱାସ୍ଥ୍ୟ କେନ୍ଦ୍ର ଆଦି କୌଣସି ବି କ୍ଷତିଗ୍ରସ୍ତ ହୋଇଥିଲେ ତାହାର ମରାମତି ସହ ଆବଶ୍ୟକ ପଦକ୍ଷେପ ନିଆଯିବ । ବିଭିନ୍ନ ସ୍ଥାନରେ ବନ୍ୟାଜଳ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତା, ପୋଲ ଆଦିର ମରାମତି ନିମନ୍ତେ ପୂର୍ତ୍ତ ବିଭାଗ ସହ ଆଲୋଚନା କରାଯାଇଥିଲା ବେଳେ ଆଗାମୀ ଦିନରେ ବିପଦପ୍ରବଣ ଅଞ୍ଚଳରେ ରାସ୍ତାମାନଙ୍କର ଉଚ୍ଚତା ବୃଦ୍ଧି କରି ନିର୍ମାଣ କରିବା ନିମନ୍ତେ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଛି । ଜଗତସିଂହପୁର ଜିଲ୍ଲା ଆମ୍ବିକି ନିକଟରେ ଅଘଟଣ। ହଂସୁଆ ନଦୀରେ ଗାଧୋଉଥିବା ବେଳେ ଭାସିଗଲେଦୁଇ ଜଣ ଯୁବକ। ନିଖୋଜ ଯୁବକ ଦ୍ୱୟ ହେଉଛନ୍ତି ଆମ୍ବିକ ଗାଁର ବୁଟୁ କାଣ୍ଡି ଓ କାହ୍ନା କାଣ୍ଡି ।ଅପରାହ୍ନ ରେ ପାଞ୍ଚ ଜଣ ସାଙ୍ଗଙ୍କ ସହିତ ସେମାନେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ସେମାନଙ୍କୁ ଖୋଜାଖୋଜି କରୁଛି।




## ହାତ ହରାଇ ସ୍ୱର୍ଣ୍ଣ ପଦକ ଜିତି ଗୌରବ ଆଣିଲେ



**ନୂଆଦିଲ୍ଲୀ ;** ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପୁରୁଷ ୧୦୦ ମିଟର ଦୌଡ଼ରେ (ଟି୪୭) ସ୍ୱର୍ଣ୍ଣ ଜିତି ଦେଶକୁ ଗୌରବାନ୍ୱିତ କରିଛନ୍ତି ମହାରାଷ୍ଟ୍ରର ଦିଲ୍ଲୀପ ଗଭିତ । ପ୍ରଥମ ଭାରତୀୟ ପାରା ଆଥଲେଟ୍ ଭାବେ ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିଛନ୍ତି ଏବଂ କ୍ରୀଡ଼ା ରେକର୍ଡ ମଧ୍ୟ ପ୍ରତିଷ୍ଠା କରିଛନ୍ତି । ମହାରାଷ୍ଟ୍ରର ନାସିକ ନିକଟସ୍ଥ ତୋରାନ ଡୋଙ୍ଗାରୀରୁ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିବା ପର୍ଯ୍ୟନ୍ତ ତାଙ୍କର ଯାତ୍ରା ବେଶ ସଂଘର୍ଷପୂର୍ଣ୍ଣ । ବହୁ ବାଧାବିଘ୍ନ ଆସିଛି କିନ୍ତୁ ସେ ହାର ମାନି ନାହାନ୍ତି କି ପଛକୁ ଫେରି ନାହାନ୍ତି । ବରଂ ପ୍ରତ୍ୟେକ ଆହ୍ୱାନକୁ ସାମ୍ନା କରିଛନ୍ତି ଏବଂ ଗୋଟିଏ ପରେ ଗୋଟିଏ ସଫଳତାର ପାହାଚ ଚଢ଼ି ଚାଲିଛନ୍ତି । ଗ୍ଲାସଗୋରେ ସ୍ୱର୍ଣ୍ଣ ପଦକ ଜିତି ବିଶ୍ୱ ମଞ୍ଚରେ ଦେଶକୁ ଗୌରବାନ୍ୱିତ କରିଛନ୍ତି । ୪ ବର୍ଷ ବୟସରେ ଦୁର୍ଘଟଣା ୨୦୦୩ ଏପ୍ରିଲ ୨୧ ତାରିଖରେ ଦିଲ୍ଲୀପଙ୍କ ଜନ୍ମ । ବାପା ଜଣେ ଭାଗ ଚାଷୀ । ନିଜ ଚଳିବା ପାଇଁ ଯାହା ଚାଷ କରନ୍ତି, ବର୍ଷର ଅବଶିଷ୍ଟ ଦିନ ମୂଲ ଲାଗି ପାରିବାର ଚଳାନ୍ତି । ଦିଲ୍ଲୀପଙ୍କୁ ମାତ୍ର ୪ ବର୍ଷ ହୋଇଥାଏ । ସାଙ୍ଗମାନଙ୍କ ସହ ଏକ ଗଛକୁ ଚଢ଼ି ଯାଇଥିଲେ । ଓହ୍ଲାଇ ନପାରି ଖସି ପଡ଼ିଲେ । ଡାହାଣ ହାତରେ ଗଭୀର ଆଘାତ ଲାଗିଲା । ଘରେ ଅର୍ଥାଭାବ ଯୋଗୁ ବାପା, ମାଆ ସେମିତି ବିଶେଷ ଦୃଷ୍ଟି ଦେଲେ ନାହିଁ । ନିକଟସ୍ଥ ଏକ ଆୟୁର୍ବେଦିକ ଡାକ୍ତରଖାନାରେ ଚିକିତ୍ସା କରାଇଲେ । ଡାକ୍ତର ଔଷଧ ଦେଲେ ଏବଂ ଆଘାତ ସ୍ଥାନରେ ବ୍ୟାଣ୍ଡେଜ କରିଦେଲେ । କିନ୍ତୁ କିଛି ଲାଭ ହେଲା ନାହିଁ । ହାତ ସଂକ୍ରମଣ ହୋଇଗଲା, ଶେଷରେ କହୁଣୀଠାରୁ ତଳକୁ କାଟିବାକୁ ପଡ଼ିଲା । ପିଲା ଦିନରୁ ଖେଳ ପ୍ରତି ଆଗ୍ରହ ସୁସ୍ଥ ହେବା ପରେ ଦିଲ୍ଲୀପ ସ୍ୱାଭାବିକ ଜୀବନ ଯାପନ କଲେ । ଖେଳ ପ୍ରତି ତାଙ୍କର ଆଗ୍ରହ ରହିଥିଲା । ଦୌଡ଼କୁଦ କରୁଥିଲେ । ସାଧାରଣ ପିଲାଙ୍କ ସହ ଦୌଡ଼ୁଥିଲେ । ଏକ ରାଜ୍ୟସ୍ତରୀୟ ସ୍କୁଲ କ୍ରୀଡ଼ାରେ କୋଚ ବୈଜୟନ୍ତ ଦୟାନନ୍ଦ କାଲେ ଦିଲ୍ଲୀପଙ୍କ ପ୍ରତିଭା ଚିହ୍ନଟ କରିଥିଲେ । ପରବର୍ତ୍ତୀ ସମୟରେ ସେ ତାଙ୍କର କୋଚ ଓ ଅଭିଭାବକ ହୋଇଗଲେ । କୋଚ କାଲେ ହିଁ ଦିଲ୍ଲୀପଙ୍କୁ ଅନ୍ତର୍ଜାତୀୟ ମଞ୍ଚରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଅଧିକ ପଦକ ଜିତିବା ମୋର ଲକ୍ଷ୍ୟ ଦିଲ୍ଲୀପ ଚାମ୍ପିଅନ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । 'ମୋର ଆରମ୍ଭ ଟିକିଏ ମନ୍ଥର ଥିଲା । କିନ୍ତୁ ଧୀରେ ଧୀରେ ଶରୀର ଦ୍ରୁତ ହେବାରୁ ସ୍ୱର୍ଣ୍ଣ ଜିତି ପାରିଲି । ପାଗ ଭଲ ନଥିଲା । ତେଣୁ ରିଦିମ ପାଇବା ବହୁ କଷ୍ଟକର ଥିଲା । ଏବେ ମୋର ଲକ୍ଷ୍ୟ ହେଉଛି ଅଧିକ ପଦକ ଜିତିବା । ଆଗକୁ ପାରା ଏସୀୟ କ୍ରୀଡ଼ା । ଏହି ପ୍ରତିଯୋଗିତାରେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପ୍ରୟାସ କରିବି ବୋଲି ଦିଲ୍ଲୀପ କହିଛନ୍ତି ।

### ବିଶ୍ୱକପ୍ ସିଡ୍ୟୁଲ ଫାଇନାଲ

## ୩ ଦେଶର ୧୨ଟି ମୈଦାନରେ ହେବ ୫୭ ଫାଇଟ୍




**ନୂଆଦିଲ୍ଲୀ ;** ଦିନିକିଆ ବିଶ୍ୱକପକୁ ଆଉ ୧୫ ମାସ ବାକି ରହିଛି । ଏ ନେଇ ଭେନ୍ୟୁ ଏବଂ ଲୋଗୋ ଜାରି ହୋଇଛି । ୨୦୨୭ ଦିନିକିଆ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମିବିଆର ୧୨ଟି ସ୍ଥାନରେ ଖେଳାଯିବ । ଏଥିରେ ୱାଣ୍ଡରର୍ସ ଷ୍ଟାଡିୟମ୍, ନ୍ୟୁଲାଣ୍ଡସ୍ କ୍ରିକେଟ୍ ଗ୍ରାଉଣ୍ଡ, କିଙ୍ଗସମିଡ୍ କ୍ରିକେଟ୍ ଗ୍ରାଉଣ୍ଡ ଏବଂ ବୋଲାଣ୍ଡ୍ ପାର୍କ ଭଳି ପ୍ରସିଦ୍ଧ ଷ୍ଟାଡିୟମ୍ ଅନ୍ତର୍ଭୁକ୍ତ । ଜୋହାନ୍ସବର୍ଗରେ ଏକ ସମାରୋହରେ ଏହି ପ୍ରମୁଖ ଇଭେଣ୍ଟର ସ୍ଥାନ ଘୋଷଣା କରାଯାଇଛି । ୫୦ ଓଭର ଟୁର୍ଣ୍ଣାମେଣ୍ଟରେ ୧୪ ଦଳ ମୋଟ ୫୭ଟି ମ୍ୟାଚ୍ ଖେଳିବେ । ଏହି ଟୁର୍ଣ୍ଣାମେଣ୍ଟଟି ଏକ ନୂଆ ତିନି-ପର୍ଯ୍ୟାୟ ଫର୍ମାଟରେ ଖେଳାଯିବ, ଯାହା ଅଧିକ ରୋମାଞ୍ଚକର କ୍ରିକେଟ୍ ହେବ । ୨୦୨୩ ବିଜେତା ଅଷ୍ଟ୍ରେଲିଆ, ସେମାନଙ୍କର ଦିନିକିଆ ବିଶ୍ୱକପ୍ ଟାଇଟଲ୍ ରକ୍ଷା କରିବାକୁ ଚେଷ୍ଟା କରିବ, ଯାହା ୨୦୨୩ରେ ଭାରତରେ ଜିତିଥିଲା ଦଳ । ଏହି ୧୨ଟି ସ୍ଥାନରେ ଦକ୍ଷିଣ ଆଫ୍ରିକାର ୮ଟି ସହର, ଜିମ୍ବାୱେର ୩ଟି ଏବଂ ନାମିବିଆର ରାଜଧାନୀ ୱିଣ୍ଡହୋକ୍ ଅନ୍ତର୍ଭୁକ୍ତ । ଦକ୍ଷିଣ ଆଫ୍ରିକାରେ, ୱାଣ୍ଡରର୍ସ ଷ୍ଟାଡିୟମ (ଜୋହାନସବର୍ଗ), ସେଞ୍ଚୁରିଅନ୍ (ଟ୍ୱାନ୍), ନ୍ୟୁଲାଣ୍ଡସ୍ କ୍ରିକେଟ୍ ଗ୍ରାଉଣ୍ଡ (କେପ୍ ଟାଉନ୍), କିଙ୍ଗସମିଡ୍ କ୍ରିକେଟ୍ ଗ୍ରାଉଣ୍ଡ (ଡରବାନ), ସେଣ୍ଟ ଜର୍ଜସ୍ ପାର୍କ (ଗେବରହା), ମାଙ୍ଗାଉଙ୍ଗ୍ ଓଭାଲ୍ (ବ୍ଲୋଏମଫଣ୍ଟେନ୍), ବୋଲାଣ୍ଡ ପାର୍କ (ପାର୍ଲ), ଏବଂ ବଫାଲୋ ପାର୍କ (ଗେବରହା ସିଟି, ଯାହା ପୂର୍ବରୁ ପୂର୍ବ ଲଣ୍ଡନ ଭାବରେ ଜଣାଶୁଣା) ରେ ମ୍ୟାଚ୍ ଖେଳାଯିବ । ଜିମ୍ବାୱେ ହରାରେ ସ୍ପୋର୍ଟସ୍ କ୍ଲବ୍ (ହରାରେ), କୁଇନ୍ସ ସ୍ପୋର୍ଟସ୍ କ୍ଲବ୍ (ବୁଲାୱାୟୋ) ଏବଂ ଫାଲେ ମୋସି-ଓଆ-ଟୁନିଆ ଆନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ (ଭିକ୍ଟୋରିଆ ଫଲ୍ସ) ରେ ମ୍ୟାଚ୍ ଆୟୋଜନ କରିବ, ଯେତେବେଳେ ନାମିବିଆ ୱିଣ୍ଡହୋକ୍ ର ନାମିବିଆ କ୍ରିକେଟ୍ ଗ୍ରାଉଣ୍ଡରେ ଏହାର ମ୍ୟାଚ୍ ଆୟୋଜନ କରିବ। ୨୪ ବର୍ଷ ପରେ ଆଫ୍ରିକାକୁ ୫୦ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ଫେରୁଛି। ପୂର୍ବରୁ, ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ କେନିଆ ୨୦୦୩ରେ ଅଷ୍ଟମ ପୁରୁଷ କ୍ରିକେଟ ବିଶ୍ୱକପ୍ ଆୟୋଜନ କରିଥିଲେ। ୨୦୦୩ ପୁରୁଷ ଦିନିକିଆ ବିଶ୍ୱକପ୍ ସହ-ଆୟୋଜନ କରିବା ପରଠାରୁ, ଦକ୍ଷିଣ ଆଫ୍ରିକା ଅନେକ ପ୍ରମୁଖ ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଛି, ଯେଉଁଥିରେ ପ୍ରଥମ ଆଇସସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ (୨୦୦୭), ଆଇସିସି ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ (୨୦୨୩),ଆଇସିସି ଅଣ୍ଡର-୧୯ ପୁରୁଷ କ୍ରିକେଟ୍ ବିଶ୍ୱକପ୍ (୨୦୨୦ ଏବଂ ୨୦୨୪) ଏବଂ ଆଇସିସି ଅଣ୍ଡର-୧୯ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ (୨୦୨୩) ଅନ୍ତର୍ଭୁକ୍ତ । ଜିମ୍ବାୱେ ୨୦୦୩ ଟୁର୍ଣ୍ଣାମେଣ୍ଟକୁ ସହ-ଆୟୋଜକ କରିଥିବା ବେଳେ, ନାମ୍ବିବିଆ ପ୍ରଥମ ଥର ପାଇଁ ଏକ ସିନିୟର ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ। ଉଭୟ ଦେଶ ଚଳିତ ବର୍ଷ ଆରମ୍ଭରେ ଆଇସିସି ୧୯ ବର୍ଷରୁ କମ୍ ପୁରୁଷ କ୍ରିକେଟ ବିଶ୍ୱକପ୍ ଆୟୋଜନ କରିଥିଲେ।

## ଦଳରେ ସ୍ଥାନ ନପାଇବାରୁ ୧୭ ବର୍ଷୀୟ କ୍ରିକେଟରଙ୍କ ଆତ୍ମହତ୍ୟା



**ମୁମ୍ବାଇ :** ମହାରାଷ୍ଟ୍ରର ନାଗପୁରରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଏକ ରିଜିଓନାଲ କ୍ରିକେଟ ଆସୋସିଏଶନରେ ମନୋନୀତ ନହେବାରୁ ଜଣେ ୧୭ ବର୍ଷୀୟା ଝିଅ(କ୍ରିକେଟର) ନିରାଶ ହୋଇ ଆତ୍ମହତ୍ୟା କରିଛି। ସେ ବହୁତ ଦିନ ଧରି କଠିନ ଅଭ୍ୟାସ କରୁଥିଲେ। ଦଳରେ ସ୍ଥାନ ନପାଇବା ତାଙ୍କୁ ନିରାଶ କରିଥିଲା ଏବଂ ତାଙ୍କୁ ଗଭୀର ମାନସିକ ଚାପ ମଧ୍ୟ ଦେଇ ଗତି କରୁଥିବା ଅଭିଯୋଗ ହୋଇଛି। ପୋଲିସ ଏକ ସୁଇସାଇଡ ନୋଟ ମଧ୍ୟ ଉଦ୍ଧାର କରିଛି ଯେଉଁଥିରେ ସେ ତାଙ୍କ ସଂଘର୍ଷ ବିଷୟରେ ଲେଖିଛନ୍ତି। ଆତ୍ମହତ୍ୟା କରି ମୃତ୍ୟୁବରଣ କରିଥିବା ଝିଅଟି ଅଦିତି ମୋରେଶ୍ୱର ଚୌକାଣ୍ଡେ ବୋଲି ଚିହ୍ନଟ ହୋଇଛି। ସେ ଗତ ଦୁଇ ବର୍ଷ ଧରି କଠିନ ତାଲିମ ନେଉଥିଲେ କିନ୍ତୁ ବିଦର୍ଭ କ୍ରିକେଟ ସଂଘ ଦଳରେ ସ୍ଥାନ ପାଇ ନପାରି ନିରାଶ ହୋଇଯାଇଥିଲେ। ସେ ଗଭୀର ମାନସିକ ଯନ୍ତ୍ରଣାରେ ପଡ଼ିଥିବା ଜଣାପଡ଼ିଛି। ବଜାଜ ନଗର ପୋଲିସ ଏହି ଘଟଣାର ତଦନ୍ତ କରୁଛି। ପୋଲିସ ଏକ ସୁଇସାଇଡ ନୋଟ ପାଇଛି ଯେଉଁଥିରେ ସେ ସମ୍ମୁଖୀନ ହେଉଥିବା ଅସୁବିଧା ଏବଂ ତାଙ୍କ ହତାଶାର କାରଣ ବିଷୟରେ ବର୍ଣ୍ଣନା କରାଯାଇଥିଲା। ପୋଲିସ କହିଛି ଯେ ଅଦିତି ମୂଳତଃ ମହାରାଷ୍ଟ୍ରର ଆକୋଲାର ବାସିନ୍ଦା। ସେ ଗତ ଦୁଇ ବର୍ଷ ଧରି ନାଗପୁରରେ ରହୁଥିଲେ ଏବଂ ସୁର୍ଭେ କ୍ରିକେଟ ଏକାଡେମୀରେ ତାଲିମ ନେଉଥିଲେ। ତାଙ୍କ ଭାଇ ମଧ୍ୟ କ୍ରିକେଟ ଖେଳନ୍ତି। ଅଦିତି ଜଣେ ବୃତ୍ତିଗତ କ୍ରିକେଟର ହେବାକୁ ଚାହୁଁଥିଲେ। ପୋଲିସ ମାମଲାର ତଦନ୍ତ କରୁଛି। ଆତ୍ମହତ୍ୟା ଖବର ପାଇବା ପରେ, ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି। ବଜାଜ ନଗର ପୋଲିସ ଷ୍ଟେଶନର ବରିଷ୍ଠ ଇନ୍ସପେକ୍ଟର ଚେତନ ଚୌହାନଙ୍କ ଉଦ୍ଧୃତି ଅନୁଯାୟୀ, ରିପୋର୍ଟରୁ ଜଣାପଡିଛି ଯେ ତଦନ୍ତ ଶେଷ ହେବା ପରେ ହିଁ ଆତ୍ମହତ୍ୟା ପଛର ପ୍ରକୃତ କାରଣ ସ୍ପଷ୍ଟ ହେବ।

## ଇଂଲଣ୍ଡ ପ୍ରଶିକ୍ଷକ ହେବା ପରେ ଷ୍ଟିଫେନ ଫ୍ଲେମିଂଙ୍କୁ 'ଚେତାବନୀ'



**ନୂଆଦିଲ୍ଲୀ :** ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସ ସହିତ ଦୀର୍ଘ ସମୟ ଧରି କାର୍ଯ୍ୟ କରିଥିବା ଷ୍ଟିଫେନ ଫ୍ଲେମିଂଙ୍କୁ ଏବେ ଇଂଲଣ୍ଡ ଟେଷ୍ଟ ଦଳର ପ୍ରଶିକ୍ଷକ ନିଯୁକ୍ତ କରାଯାଇଛି। ଫ୍ଲେମିଂ ଏହି ବର୍ଷ ଶେଷରୁ ଏହି ଦାୟିତ୍ୱ ଗ୍ରହଣ କରିବେ। ଇଂଲଣ୍ଡ ପ୍ରଶିକ୍ଷକ ଭାବରେ ତାଙ୍କର ନିଶ୍ଚିତକରଣ ପରେ, ଫ୍ଲେମିଂଙ୍କୁ ଏକ ଚେତାବନୀ ମିଳିଛି। ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଭନ ଫ୍ଲେମିଂଙ୍କୁ ଏକ ତ୍ରୁଟି ବିଷୟରେ ଶାନ୍ତ ଭାବରେ ଚେତାବନୀ ଦେଇଛନ୍ତି। ଫ୍ଲେମିଂ ଆଇପିଏଲରେ ଦୀର୍ଘ ସମୟ ଧରି ଏମଏସ ଧୋନିଙ୍କ ସହିତ କାମ କରିଛନ୍ତି। ଧୋନିଙ୍କ ସହ ତାଙ୍କର ଭାଗୀଦାରୀ ଚେନ୍ନାଇକୁ ପାଞ୍ଚଟି ଆଇପିଏଲ ଟାଇଟଲ ଦେଇଥିଲା। ତଥାପି, ଗତ ଦୁଇଟି ସିଜିନରେ ଦଳ ଖରାପ ପ୍ରଦର୍ଶନ କରିଥିଲା, ଯାହା ଫଳରେ ଫ୍ରାଞ୍ଚାଇଜ ଫ୍ଲେମିଂଙ୍କୁ ମୁକ୍ତ କରିଥିଲା। ଭନ ଟେଲିଗ୍ରାଫରେ ଲେଖିଛନ୍ତି ଯେ ଫ୍ଲେମିଂ ଜଣେ ଚମତ୍କାର ପ୍ରଶିକ୍ଷକ ଏବଂ ସମସ୍ତେ ତାଙ୍କୁ ସମ୍ମାନ କରନ୍ତି, କିନ୍ତୁ ଇଂଲଣ୍ଡରେ ଏମଏସ ଧୋନିଙ୍କ ପରି ଅଧିନାୟକର ଅଭାବ ଅଛି। ସେ କହିଛନ୍ତି, 'ଫ୍ଲେମିଂଙ୍କୁ ଅତ୍ୟନ୍ତ ସମ୍ମାନ କରାଯାଏ। ସେ ଜଣେ ଚମତ୍କାର ମ୍ୟାନ-ମ୍ୟାନେଜର ଏବଂ ରଣନୀତିଜ୍ଞ ଭାବରେ ଜଣାଶୁଣା। ମୁଁ ତାଙ୍କୁ ଆଇପିଏଲରେ ଦେଖିଛି। ସେ ଇଂରାଜୀ କ୍ରିକେଟରେ ଗୋଟିଏ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି, ଏବଂ ତାହା ହେଉଛି ଆମ ପାଖରେ ଅଧିନାୟକ କରିବା ପାଇଁ ଏମଏସ ଧୋନି ନାହାନ୍ତି।' ସେ ଲେଖିଛନ୍ତି, 'ଧୋନି ଚେନ୍ନାଇରେ ଭଲ ଭାବରେ ଜାହାଜ ପରିଚାଳନା କରିଥିଲେ, ଏବଂ ଫ୍ଲେମିଂଙ୍କ ପାଖରେ ଜଣେ ଭଲ ସପୋର୍ଟ ଷ୍ଟାଫ ଥିଲେ। ଏରିକ ସାଇମନ୍ସ ଜଣେ ଚମତ୍କାର ବୋଲିଂ ପ୍ରଶିକ୍ଷକ ଥିଲେ। ସେ ଧଳା ବଲକୁ ସ୍ୱିଙ୍ଗ କରିବାରେ ମାହିର ଥିଲେ। ମୁଁ ଭାବୁଛି ଏହା ଏକ ସଙ୍କେତ ଯେ ଆମର ବୋଲିଂରେ ଏହି ଦକ୍ଷତା ସାମ୍ନାକୁ ଆସିବ, ନା ଆମେ ଗତି ଉପରେ ନିର୍ଭର କରିବୁ।' ଫ୍ଲେମିଂ ଇଂଲଣ୍ଡର ଟେଷ୍ଟ ପ୍ରଶିକ୍ଷକ ଭାବରେ ତାଙ୍କ ସାଥୀ ଖେଳାଳି ବ୍ରେଣ୍ଡନ ମ୍ୟାକକୁଲମଙ୍କୁ ସ୍ଥାନ ଦେବେ। ମ୍ୟାକକୁଲମ ୨୦୨୨ ମସିହାରୁ ଇଂଲଣ୍ଡର ପ୍ରଶିକ୍ଷକ ଅଛନ୍ତି। ତଥାପି, ସେ ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଦଳ ସହିତ ରହିବେ ନାହିଁ। ଏହି ସିରିଜ ପାଇଁ ମଧ୍ୟବର୍ତ୍ତୀକାଳୀନ ପ୍ରଶିକ୍ଷକ ମାର୍କସ ଟ୍ରେସ୍କୋଥିକ ଦଳର ଦାୟିତ୍ୱ ନେବେ। ଦକ୍ଷିଣ ଆଫ୍ରିକା ଗସ୍ତ ପରେ ଫ୍ଲେମିଂ ଦଳର ଦାୟିତ୍ୱ ଗ୍ରହଣ କରିବେ।

## ସାକିବ୍ ବାଂଲାଦେଶ ଟାଇଗର୍ସର ଅଧିନାୟକ



**ଢାକା:** ବାଂଲାଦେଶ କ୍ରିକେଟ୍ର ସର୍ବଶ୍ରେଷ୍ଠ ଅଲରାଉଣ୍ଡର ସାକିବ୍ ଅଲ୍ ହାସନ୍ ୨୦୨୪ ପରଠାରୁ ଜାତୀୟ ଦଳ ପାଇଁ ଖେଳିନାହାନ୍ତି। ହେଲେ ଏହି ବାମହାତି ବ୍ୟାଟିଂ ଅଲରାଉଣ୍ଡରଙ୍କୁ ତାଙ୍କ ପ୍ରଶଂସକ ଖୁବ୍ ଶୀଘ୍ର କ୍ରିକେଟ୍ ପଡ଼ିଆରେ ଦେଖିବାକୁ ଯାଉଛନ୍ତି। ଗୁରୁବାର ଆରମ୍ଭ ହୋଇଥିବା ଏସିଆନ୍ ଲିଜେଣ୍ଡସ୍ ଲିଗରେ ସାକିବ୍ ବାଂଲାଦେଶ ଟାଇଗର୍ସ ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି। ଜାମ୍ବିଆର ଲୁସାକାରେ ଆରମ୍ଭ ହୋଇଥିବା ଏହି ଲିଗରେ ଶୁକ୍ରବାର ବାଂଲାଦେଶ ଟାଇଗର୍ସ ପ୍ରଥମ ମ୍ୟାଚ୍ ଖେଳିବ। ବାଂଲାଦେଶ ପାଇଁ ଖେଳିଥିବା ସର୍ବଶ୍ରେଷ୍ଠ କ୍ରିକେଟର ସାକିବ୍ ଅଲ୍ ହାସନ୍ ସମସ୍ତ ଫର୍ମାଟକୁ ମିଶାଇ ୧୪,୦୦୦ ଆନ୍ତର୍ଜାତିକ ରନ୍ କରିବା ସହ ୭୦୦ରୁ ଅଧିକ ୱିକେଟ୍ ନେଇଛନ୍ତି। ବେଶ୍ କିଛିବର୍ଷ ସେ ବିଶ୍ୱର ୧ନଂ ଅଲରାଉଣ୍ଡର ରହିଥିଲେ। ତେବେ ବାଂଲାଦେଶ ପାଇଁ କେବେ ସାକିବ୍ ଖେଳିବେ; ତାହା ଅସ୍ପଷ୍ଟ।

## ଖାଲି ହାତରେ ଫେରିଲେ ପାରୁଲ

**ନୂଆଦିଲ୍ଲୀ :** ଜାତୀୟ ରେକର୍ଡଧାରୀ ଭାରତର ଲଙ୍ଗ ଡିଷ୍ଟାନ୍ସ ରନର ପାରୁଲ ଚୌଧୁରୀ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନିରାଶଜନକ ପ୍ରଦର୍ଶନ କରି ଖାଲି ହାତରେ ଫେରିଛନ୍ତି। ମହିଳା ୫୦୦ ମିଟର ଫାଇନାଲ୍‌ରେ ସେ ୧୫:୦୮.୫୬ ସେକେଣ୍ଡରେ ରେସ୍ ଶେଷ କରି ୧୩ତମ ସ୍ଥାନରେ ରହିଥିଲେ। ସେ ଏଠାରେ ନିଜ ଜାତୀୟ ରେକର୍ଡ ସମୟ ୧୫:୦୪.୨୬ ସେକେଣ୍ଡରୁ ପଛରେ ପଡ଼ିଥିଲେ। ଏହି ଜାତୀୟ ରେକର୍ଡ ଗତମାସରେ ଫ୍ରାନ୍ସର ନାଇସ୍‌ରେ ପାରୁଲ କରିଥିଲେ। ତେବେ ଏହି ଇଭେଣ୍ଟରେ ଅଷ୍ଟ୍ରେଲିଆର ରୋଜ୍ ଡେଭିସ୍ (୧୪:୪୪.୫୩) ସ୍ୱର୍ଣ୍ଣ ଓ ଜେସିକା ହୁଲ୍ (!୪:୪୫.୦୧) ରୌପ୍ୟ ଜିତି ୧-୨ରେ ପୋଡିୟମ୍ ଫିନିସ୍ କରିଥିଲେ। ଆୟୋଜକ ସ୍କଟ୍‌ଲାଣ୍ଡର ମେଗାନ କେଇଥ (୧୪:୪୯.୧୦) କାଂସ୍ୟ ପାଇଥିଲେ। ଏହି ସମସ୍ତ ପଦକ ବିଜୟିନୀ ଚଳିତ ଋତୁର ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ। ପୂର୍ବରୁ ବୁଧବାର ପାରୁଲ ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ୯:୨୬.୭୫ ସେକେଣ୍ଡ ସମୟ ସହ ପଞ୍ଚମ ସ୍ଥାନରେ ରହିଥିଲେ। ଏହା ମଧ୍ୟ ତାଙ୍କ ଜାତୀୟ ରେକର୍ଡ ସମୟ ୯:୧୨.୪୬ ସେକେଣ୍ଡରୁ କମ୍ ରହିଥିଲା।



## ଭାରୋତ୍ତୋଳନରେ ରୌପ୍ୟ ଜିତିଲେ ଲଭ୍‌ପ୍ରୀତ୍



**ନୂଆଦିଲ୍ଲୀ:** ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭାରତ ପାଇଁ ଆଉ ଏକ ରୌପ୍ୟ ଆଣିଛନ୍ତି ଲଭ୍‌ପ୍ରୀତ ସିଂହ। ପୁରୁଷ ୧୧୦ କେଜି ଭାରୋତ୍ତୋଳନ ଫାଇନାଲ୍‌ରେ ସେ ମୋଟ ୩୮୮ କେଜି ଭାର ଉଠାଇ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ଜିତିଥିଲେ। ନ୍ୟୁଜିଲାଣ୍ଡର ଡେଭିଡ୍ ଲିଟି ମୋଟ ୩୮୯ କେଜି ଭାର ଉଠାଇ ନୂଆ ରାଜ୍ୟଗୋଷ୍ଠୀ କୀର୍ତ୍ତିମାନ ସହ ସ୍ୱର୍ଣ୍ଣ ଜିତିଥିବାବେଳେ ଇଂଲଣ୍ଡର ଆଣ୍ଡ୍ର୍ୟୁ ଗ୍ରିଫିଥ୍ କାଂସ୍ୟ ପଦକ ଜିତିଥିଲେ। ପୁରୁଷ ୨୦୦ ମିଟରରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି ଭାରତୀୟ ଧାବକ ଅନିମେଷ କୁଜୁର। ଗୁରୁବାର ଅନୁଷ୍ଠିତ ୨୦୦ ମିଟର ଦ୍ୱିତୀୟ ସେମିଫାଇନାଲ୍‌ରେ ସେ ୨୦.୬୫ ସେକେଣ୍ଡରେ ରେସ୍ ଶେଷ କରି ଷଷ୍ଠ ସ୍ଥାନରେ ରହିଥିଲେ। ଏହା ଫଳରେ ସେ ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ୨୩ ବର୍ଷୀୟ କୁଜୁର ୨୦୦ ମିଟର ରାଉଣ୍ଡ-୧ରେ ଚମତ୍କାର ପ୍ରଦର୍ଶନ ଦେଇଥିଲେ। ସେ ତାଙ୍କର ଋତୁ ଶ୍ରେଷ୍ଠ ୨୦.୪୬ ସେକେଣ୍ଡରେ ରେସ୍ ଶେଷ କରି ହିଟ୍-୪ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହା ଫଳରେ ସେ ସେମିଫାଇନାଲ୍‌ରେ ପ୍ରବେଶ କରି ଭାରତ ପାଇଁ ପଦକ ଆଶା ସୃଷ୍ଟି କରିଥିଲେ। ବିଶେଷକରି ଭାରତର ଦ୍ରୁତତମ ଧାବକ ଗୁରିନ୍ଦରବୀର ସିଂହ ୧୦୦ ମିଟର ଦୌଡ଼ରେ ବିଫଳ ହେବା ପରେ ତାଙ୍କଠାରୁ ପଦକ ଆଶା ରହିଥିଲା। କିନ୍ତୁ ଆଜି ସେ ଲୟରେ ଥିବା ପରି ଲାଗୁ ନଥିଲେ ଓ ରାଉଣ୍ଡ-୧ର ପ୍ରଦର୍ଶନ ବି ଦୋହରାଇପାରି ନଥିଲେ। ଏହି ନୈରାଶ୍ୟଜନକ ପ୍ରଦର୍ଶନ ପରେ ପଦକ ଆଶା ନିରାଶାରେ ପରିଣତ ହୋଇଛି। ପୁରୁଷ ସଟ୍‌ପୁଟ୍‌ରେ ଭାରତର ତଜିନ୍ଦରପାଲ୍ ସିଂହ ତୁର ଓ ସମରଦୀପ ସିଂହ ଗିଲ୍ ପଦକ ଜିତିବାରେ ବିଫଳ ହୋଇଛନ୍ତି। ସେମାନେ ଯଥାକ୍ରମେ ୫ମ ଓ ୬ଷ୍ଠ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ନାଇଜେରିଆର ଚୁକ୍ୱୁଏବୁକା ଏନେଜକ୍ୱେଚି ୨୧.୦୭ ମିଟର ଫିଙ୍ଗି ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ନ୍ୟୁଜିଲାଣ୍ଡର ଟମ୍ ୱାଲସ ରୌପ୍ୟ ଓ ଇଂଲଣ୍ଡର ସ୍କଟ୍ ଲିଙ୍କନ୍ କାଂସ୍ୟ ପଦକ ହାସଲ କରିଛନ୍ତି।

## ସୀମା ଜିତିଲେ ଡିସ୍କସ୍ କାଂସ୍ୟ



**ନୂଆଦିଲ୍ଲୀ :** ମହିଳା ଡିସ୍କସ୍ ଥ୍ରୋରେ ଭାରତର ସୀମା କାଲିରାମନା କାଂସ୍ୟ ଜିତିଛନ୍ତି। ସେ ୫୮.୬୫ ମିଟର ଦୂରକୁ ଫିଙ୍ଗି ତୃତୀୟ ସ୍ଥାନରେ ରହିଥିଲେ। ସେ ୬ଷ୍ଠ ଭାରତୀୟ ମହିଳା ଭାବେ ରାଜ୍ୟଗୋଷ୍ଠୀ ଡିସ୍କସ୍ ପଦକ ଜିତିଛନ୍ତି। ୬୧.୬୬ ମିଟର ସହ ଜାମାଇକାର ସାମାନ୍ଥା ହଲ୍ ସ୍ୱର୍ଣ୍ଣ ଜିତିଥିବାବେଳେ କାନାଡାର ଜୁଲିଆ ଟଙ୍କ୍ ୬୦.୬୭ ମିଟର ଥ୍ରୋ ସହ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଜିତିଥିଲେ। ଭାରତର ନିଧି ରାଣୀ ୪ର୍ଥ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ମହିଳା ୫୦୦୦ ମିଟରରେ ଭାରତର ପାରୁଲ ଚୌଧୁରୀ ପଦକ ଜିତିବାରେ ବିଫଳ ହୋଇଛନ୍ତି। ଏହି ରେସ୍‌କୁ ସେ ୧୫.୦୯.୫୬ରେ ପୂରଣ କରି ୧୩ତମ ସ୍ଥାନରେ ରହିଥିଲେ। ଏପରିକି ସେ ନିଜର ବ୍ୟକ୍ତିଗତ ଶ୍ରେଷ୍ଠକୁ ହାସଲ କରିବାରେ ବିଫଳ ହୋଇଥିଲେ।

## ଫିଟନେସ ପରୀକ୍ଷାରେ ପାସ୍‌କଲେ ଜସପ୍ରିତ ବୁମ୍‌ରାହ



**ନୂଆଦିଲ୍ଲୀ :** ଭାରତର ପ୍ରସିଦ୍ଧ ଦ୍ରୁତ ବୋଲର ଜସପ୍ରିତ ବୁମରାହ ତାଙ୍କ ଫିଟନେସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହା ଭାରତୀୟ ଦଳ ଏବଂ ଏହାର ପ୍ରଶଂସକମାନଙ୍କ ପାଇଁ ଏକ ଭଲ ଖବର। ଦଳରେ ବୁମରାହଙ୍କ ଉପସ୍ଥିତି ସର୍ବଦା ପ୍ରତିପକ୍ଷ ଦଳ ଉପରେ ଏକ ଅନନ୍ୟ ପ୍ରକାରର ଚାପ ସୃଷ୍ଟି କରେ। ଏହି କ୍ଲିୟରାନ୍ସ ପରେ ବୁମରାହ କେଉଁ ସିରିଜରେ ଟିମ ଇଣ୍ଡିଆ ପାଇଁ ପୁନର୍ବାର କାର୍ଯ୍ୟ କରିବେ ତାହା ଜାଣିବା। ସମ୍ବାଦ ସରବରାହ ସଂସ୍ଥା ପିଟିଆଇ ରିପୋର୍ଟ କରିଛି ଯେ ବୁମରାହ ଫିଟନେସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ସମ୍ପ୍ରତି ଇଂଲଣ୍ଡ ଗସ୍ତ ସମୟରେ ଏକଦିବସୀୟ ସିରିଜରେ ଖେଳିଥିଲେ, ଯେଉଁଠାରେ ସେ ଆଘାତ ପାଇଥିଲେ; ଫଳରେ, ସେ ଲର୍ଡସରେ ଅନୁଷ୍ଠିତ ଶେଷ ଏକଦିବସୀୟ ମ୍ୟାଚ ଖେଳିପାରି ନଥିଲେ। ଏହା ପରେ, ସେ ବିସିସିଆଇର ସେଣ୍ଟର ଅଫ ଏକ୍ସଲେନ୍ସରେ ପୁନର୍ବାସନ କରାଇଥିଲେ ଏବଂ ବର୍ତ୍ତମାନ ତାଙ୍କୁ ଏକ ଫିଟନେସ ପ୍ରମାଣପତ୍ର ମିଳିଛି। ଭାରତୀୟ ଦଳ ଅଗଷ୍ଟ ୧୫ରୁ ଶ୍ରୀଲଙ୍କାରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ସିରିଜ ପାଇଁ ଭାରତୀୟ ଦଳ ଜୁଲାଇ ୨୮ ରେ ଘୋଷଣା କରାଯାଇଥିଲା – ବୁମରାହଙ୍କୁ ସାମିଲ କରାଯାଇଥିଲା – ଯଦିଓ ବିସିସିଆଇ କହିଛି ଯେ ତାଙ୍କର ଅଂଶଗ୍ରହଣ ତାଙ୍କ ଫିଟନେସ ଉପରେ ନିର୍ଭର କରିବ। ବର୍ତ୍ତମାନ ସେ ଫିଟନେସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ, ସେ ଟେଷ୍ଟ ସିରିଜରେ ଖେଳିବାକୁ ପ୍ରସ୍ତୁତ। ବୁମରାହ ଗତ ବର୍ଷ ନଭେମ୍ବର (୨୦୨୫)ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତାଙ୍କର ଶେଷ ଟେଷ୍ଟ ମ୍ୟାଚ ଖେଳିଥିଲେ। ପ୍ରାୟ ଗୋଟିଏ ବର୍ଷ ବ୍ୟବଧାନ ପରେ ସେ ଏବେ ପୁଣି ଥରେ ଟେଷ୍ଟ କ୍ରିକେଟ ଖେଳିବାର ଦେଖାଯିବେ। ସିରିଜରେ ସେ କିପରି ପ୍ରଦର୍ଶନ କରିବେ ତାହା ଦେଖିବା ଆକର୍ଷଣୀୟ ହେବ।

## ଦ ହଣ୍ଡ୍ରେଡ୍: ବ୍ରେଭ୍‌କୁ ଜିତାଇଲେ ଜେମିମା



**ସାଉଥହାମ୍ପଟନ୍ :** ଭାରତୀୟ ବ୍ୟାଟର ଜେମିମା ରଡ୍ରିଗ୍ସ ଏଠାରେ ଚାଲିଥିବା ଦ ହଣ୍ଡ୍ରେଡ୍ କ୍ରିକେଟ୍ ପ୍ରତିଯୋଗିତାରେ ସଦର୍ନ ବ୍ରେଭ୍‌କୁ ଜିତାଇଛନ୍ତି। ଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ତାଙ୍କ ୧୮ ବଲ୍‌ରୁ ୨୮ ରନ୍ ପାଳି ବଳରେ ସଦର୍ନ ବ୍ରେଭ୍ ୨୪ ରନ୍‌ରେ ବର୍ମିଂହାମ୍ ଫୋଏନିକ୍ସ ପରାସ୍ତ କରିଛି। ରଡ୍ରିଗ୍ସଙ୍କ ୨୮, ମାଇଆ ବାଉଚରଙ୍କ ୪୫, ଲିଜେଲି ଲିଙ୍କ ୪୩ ରନ୍ ବଳରେ ବ୍ରେଭ୍ ୧୦୦ ବଲ୍‌ରେ ୧୪୦/୩ କରିଥିଲା। ଜବାବରେ ଡାଭିନା ପେରିନ୍‌ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଫୋଏନିକ୍ସ ୧୧୬/୫ରେ ଅଟକି ଯାଇଥିଲା। ଫିଲ୍ଡିଂରେ ଜେମିମା ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ। ତାମି ବିଉମଣ୍ଟ୍ (୨୨)ଙ୍କ ଚମତ୍କାର କ୍ୟାଚ୍ କରି ଜେମିମା ୭୩ ରନ୍ କରିଥିବା ଓପନିଂ ଯୋଡ଼ି ଭାଙ୍ଗିଥିଲେ। ଫଳରେ ବ୍ରେଭ୍ ଦଳର ବିଜୟ ସହଜ ହୋଇଥିଲା। ଶୁକ୍ରବାର ସ୍ମୃତି ମନ୍ଧାନା ଓ ରିଚା ଘୋଷ ନିଜ ନିଜ ଦଳ ପକ୍ଷରୁ ପଡ଼ିଆକୁ ଓହ୍ଲାଇବେ।


କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra

# ଓଡ଼ିଶା ଖୋଖୋ ଆସୋସିଏସନର ଅଫିସିଆଲ୍ ଟେକ୍ସିଆନ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ




























# ଚିକିତ୍ସା ଅବହେଳାରୁ ଶିଶୁମୃତ୍ୟୁ ଅଭିଯୋଗ

## ରାସ୍ତାରେ ମାଆର ଧାରଣା



ଫୁଲବାଣୀ (ଅମୃତ ମିଡିଆ) : କନ୍ଧମାଳ ଜିଲ୍ଲା ଖଜୁରପଡ଼ା ଡାକ୍ତରଖାନାରେ ଭୂଲ୍ ଔଷଧ ଦେବା ଓ ଚିକିତ୍ସା ଅବହେଳାରୁ ଦୁଇବର୍ଷର ଶିଶୁର ମୃତ ହୋଇଥିବା ଅଭିଯୋଗ ସହ ଉତ୍ତେଜନା ଦେଖା ଦେଇଛି। ଖଜୁରୀପଡା ଡାକ୍ତର ଖାନାରେ ଏକ ଦୁଇ ବର୍ଷର ଶିଶୁକୁ ଡାକ୍ତର ଜ୍ୱର ଔଷଧ ଦେବା ପରେ ଶିଶୁର ମୃତ୍ୟୁ ହୋଇଛି ବୋଲି ଶିଶୁର ମାଆ ସଂଗୀତା ସାହୁ ଅଭିଯୋଗ କରିଛନ୍ତି। ଆଜି ଦିନ ୧୨ଟା ବେଳେ ଶିଶୁକୁ ଖଜୁରୀପଡା ଶିଶୁ ଡାକ୍ତର ଜ୍ୱର କମିବା ପାଇଁ ଔଷଧ ଦେଲେ। ଶିଶୁର ଦେହରେ ଜ୍ୱର ଖଇ ଫୁଟି ଯାଉଥିଲା କିନ୍ତୁ ଶିଶୁକୁ ଡାକ୍ତର ଆଡ଼ମିସନ ନ କରି ଘରକୁ ଯାଇ ଔଷଧ ଦେବ ବୋଲି କହିବାରୁ ଶିଶୁ ଟିକୁ ଘରକୁ ନେଇଗଲେ ମାଆ ସଂଗୀତା। ଜ୍ୱର ନ କମିବାରୁ ଶିଶୁକୁ ପୁନଃର୍ବାର ସେହି ଡାକ୍ତର ଖାନାକୁ ନେଇଥିଲା ମାଆ। ସେହି ସମୟରେ ଯେଉଁ ଡାକ୍ତର ଶିଶୁକୁ ଚିକିତ୍ସା କରି ଔଷଧ ଦେଇଥିଲେ ସେ ଶିଶୁ ଡାକ୍ତର, ଡାକ୍ତରଖାନା ରେ ନ ଥି଼ଲେ । ସେ ଠା ରେ ନିୟୋଜିତ ଥିବା ଅନ୍ୟ ଦୁଇଜଣ ଡାକ୍ତର ଶିଶୁ କୁ ସାଲାଇନ ଦେଇ ଏବଂ ଅକ୍ସିଜେନ୍ ଲଗାଇ ଆମ୍ବୁଲାନ୍ସ ଫୁଲବାଣୀ ବଡ଼ ଡାକ୍ତର ଖାନାକୁ ପଠାଇ ଥିଲେ। ପରିବାର ଲୋକେ ଶିଶୁକୁ ଆମ୍ବୁଲାନ୍ସ ଦ୍ୱାରା ଖଜୁରୀ ପଡ଼ା ରୁ ଫୁଲବାଣୀ ୨୨କିମି ଦୁରବର୍ତ୍ତୀ ରାସ୍ତା ଅତିକ୍ରମ କରି ଆଣିଥିଲେ। କିନ୍ତୁ ଫୁଲବାଣୀ ଡାକ୍ତର କହିଲେ ଶିଶୁ ଟି ର ଅନେକ ବେଳୁ ମୃତ୍ୟୁ ଘଟିଛି । ତାପରେ ଡାକ୍ତର ଖାନ ରେ ଉତ୍ତେଜନା ପ୍ରକାଶ ପାଇଥିଲା। ଭୁଲ ଔଷଧ ଦେବାରୁ ଏବଂ ପିଲା ଗୁରୁତର ଥିବାବେଳେ ଡାକ୍ତର ନଥିଲେ ଚିକିତ୍ସା ରେ ଅବହେଳା ଓ ଭୁଲ ଔଷଧ ଯୋଗୁଁ ପିଲାର ମୃତ୍ୟୁ ଘଟିଛି ବୋଲି ଶିଶୁର ଅଜା ଭାସ୍କର ସାହୁ ଓ ଶିଶୁର ମାଆ ସଂଗୀତା ସାହୁ ଅଭିଯୋଗ କରିଛନ୍ତି । ଫୁଲବାଣୀ ମେଡିକାଲ୍ ରୁ ପରିବାର ଲୋକ ମୃତଶିଶୁ ର ଶବ ନେଇ ଖଜୁରୀ ରାସ୍ତାରେ ଶିଶୁର ମାଆ ସଙ୍ଗୀତା ଧାରଣାରେ ବସିଥିଲେ।ପୋଲିସ ଓ ପୂବ୍ଲିକ ବୁଝା ସୁଝା କରିବା ରୁ ମୃତ ଶିଶୁ କୁ ଧରି ଖଜୁରୀ ପଡ଼ା ଡାକ୍ତର ଖାନା ରେ ଧାରଣା ଦେଇଥିଲେ। ଶିଶୁ ମାନଙ୍କର ଚିକତ୍ସା ଭଲରେ କରୁ ନାହାନ୍ତି। ଦିନ ୧୨ ଟାରୁ ଡାକ୍ତର ଡାକ୍ତର ଖାନରୁ କୁଆଡେ ପଳାଇ ଯାଉଛନ୍ତି ବୋଲି ମୃତ ଶିଶୁର ମାଆ ସଂଗୀତା ଓ ଅଜା ଅଭିଯୋଗ କରୁଛନ୍ତି। କନ୍ଧମାଳ ଜିଲ୍ଲାର ପେରିଫେରି ରେ ଥିବା ଡାକ୍ତର ଖାନାରେ ରୋଗୀଙ୍କୁ ବିଶେଷ ଅବହେଳା କରାଯାଉଛି। ଡାକ୍ତର ରହୁ ନାହାନ୍ତି। ମେଡିକାଲ କଲେଜ ହେବା ପରେ ମଧ ଚିକିତ୍ସାରେ ଉନ୍ନତି ହେଉ ନାହିଁ। ସର୍ବଦା ମାସରେ ବହୁ ଥର ଡାକ୍ତର କଟକ ଓ ବ୍ରହ୍ମପୁରକୁ ପଳାଉଥିବା ଅଭିଯୋଗ ହେଉଛି। କେହି ଡାକ୍ତର ଡିନ୍‌କୁ ବି ଖାତାର କରୁନାହାନ୍ତି । ମୃତ ଶିଶୁର ମାଆ ଜିଲ୍ଲାପାଳ ପାଖରେ ଫେରାଦ ହେବି ବୋଲି କହୁଥିବା ଦେଖା ଯାଇଥିଲା।

## ସେବା ଓ ସ୍ମୃତିଚାରଣ ମଧ୍ୟରେ ଶ୍ରୀବିଦ୍ୟାଙ୍କ ୩୦ତମ ଜୟନ୍ତୀ



ବାରିପଦା/ଉଦଳା (ଅମୃତ ମିଡିଆ) : ଆଜକୁ ୬ବର୍ଷ ପୁର୍ବେ ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇଯାଇଥିବା ଉଦଳା ଅଂଚଳର ଜଣେ ଜଣାଶୁଣା ମେଧାବୀ ଛାତ୍ରୀ ଶ୍ରୀବିଦ୍ୟାଙ୍କର ୩୦ତମ ଜୟନ୍ତି ଚଳିତ ଜୁଲାଇ ୨୯ ତାରିଖ ବୁଧବାର ଦିନ ପାଳିତ ହୋଇଯାଇଛି। ଏହି ଅବସରରେ ସେବା ମୂଳକ କାମ ସହିତ ସ୍ମୃତି ଚାରଣର ପର୍ବ ଅନୁଷ୍ଠିତ ହୋଇଥିଲା । ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଏହି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନିଆଯାଇଥିଲା। ଟ୍ରଷ୍ଟର ପ୍ରତିଷ୍ଠାତା କୁଳମଣି ପୁହାଣ ଆଜିର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ସହର ମଧ୍ୟରେ ଥିବା ଉପଖଣ୍ଡ ସରକାରୀ ଚିକିତ୍ସାଳୟ ଓ ଅନାଥ ଆଶ୍ରମରେ ପ୍ରଭାତରେ ଫଳ, ବିସ୍କୁଟ ବଂଟନ କରାଯାଇଥିଲା। ପରେ ଅନୁଷ୍ଠିତ ସ୍ମୃତିଚାରଣ ପର୍ବରେ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡ଼ା. ଲକ୍ଷ୍ମୀକାନ୍ତ ପତି, ଉଦଳା ରୋଟାରି କ୍ଲବର ସଭାପତି ଅଜୟ କୁମାର ବେହେରା, ପତଞ୍ଜଳି ଭାରତ ସ୍ୱାଭିମାନ ଟ୍ରଷ୍ଟର ଜିଲ୍ଲା ପ୍ରଭାରି ବ୍ରହ୍ମାନନ୍ଦ ନାୟକ ପ୍ରମୁଖ ଯୋଗଦେଇ, ଶ୍ରୀବିଦ୍ୟା ଆଇଆଇଟିର ଛାତ୍ରୀ ଭାବରେ କିପରି ସହପାଠୀ ଓ ଅଧ୍ୟାପକ, ଅଧ୍ୟାପିକା ସମସ୍ତଙ୍କର ପ୍ରିୟଥିଲେ ଓ ଜଣେ ମେଧାବି ଛାତ୍ରୀ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ବର୍ଷ ତମାମ ବିଭିନ୍ନ ସମୟରେ ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ ତରଫରୁ ସେବା ମୂଳକ କାମ ଯଥା- ରକ୍ତଦାନ ଶିବିର, ବୃକ୍ଷରୋପଣ, ବସ୍ତ୍ର ବିତରଣ ଇତ୍ୟାଦି କାର୍ଯ୍ୟକ୍ରମ ଜାରି ରହିଛି। ଟ୍ରଷ୍ଟର ଅନ୍ୟତମ ସଦସ୍ୟା ସୁଭଦ୍ରା ରାଉତ ଆଜିର ଏହି କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେବା ସହ ଏହାକୁ ସଫଳ କରିବାରେ ସହଯୋଗର ହାତ ବଢ଼ାଇଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଧନ୍ୟବାଦ ଜଣାଇଥିଲେ।

## ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଯୋଡ଼ା (ଅମୃତ ମିଡିଆ) : କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ସୁନାନଦୀରୁ ଜଣେ ମସଲା ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର ହୋଇଥିବା ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଯୋଡ଼ା ୱେଷ୍ଟ ବଡ ପୁଲିଆ ତଳେ ଥିବା ନଦୀରୁ ଆଜି ସକାଳ ପ୍ରାୟ ସାଢ଼େ ୬ଟା ସମୟରେ ମୃତଦେହ ମିଳିଥିଲା। ମୃତକ ହେଲେ ଯୋଡ଼ା କୁନ୍ଦୁରନାଲା ବସ୍ତିର ବାସିନ୍ଦା ତଥା ମସଲା ବ୍ୟବସାୟୀ ରାଜନନ୍ଦନ ଚୌଧୁରୀ (୫୮)। ସୂଚନା ଅନୁସାରେ, ସେ ଆଜି ସକାଳେ ମର୍ଣ୍ଣିଂ ୱାକ୍ ପାଇଁ ଘରୁ ବାହାରିଥିଲେ। ପରେ ତାଙ୍କ ମୃତଦେହ ସୁନାନଦୀର ବଡପୁଲିଆ ତଳେ ପଡ଼ିଥିବା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଯୋଡ଼ା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପଠାଇ ଥିଲେ। ତେବେ ଏହି ମୃତ୍ୟୁ ପଛରେ ପ୍ରକୃତ କାରଣ କ'ଣ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହା ଦୁର୍ଘଟଣା, ଆତ୍ମହତ୍ୟା କିମ୍ବା ଅନ୍ୟ କୌଣସି କାରଣରୁ ଘଟିଛି କି ନାହିଁ, ସେନେଇ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ପୋଲିସ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି। ଘଟଣାକୁ ନେଇ ଯୋଡ଼ା ଅଞ୍ଚଳରେ ବିଭିନ୍ନ ଚର୍ଚ୍ଚା ଲାଗି ରହିଥିବା ବେଳେ ପୋଲିସ ଘଟଣାର ସମସ୍ତ ଦିଗକୁ ଗୁରୁତ୍ୱର ସହ ତଦନ୍ତ ଚଳାଇ ଥିବା ଜାଣିବାକୁ ମିଳୁଛି।

## ଜିଲ୍ଲାସ୍ତରୀୟ ସଡକସୁରକ୍ଷା କମିଟି ବୈଠକ

**କଟକ (ବ୍ୟୁରୋ) :** କଟକ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବୈଠକରେ ସଡକ ସୁରକ୍ଷା ନିମନ୍ତେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ କଟକ ଜିଲ୍ଲାର ସଡକ ସୁରକ୍ଷା ସଂପର୍କିତ କାର୍ଯ୍ୟକଳାପର ସମୀକ୍ଷା କରାଯାଇଥିଲା। କଟକ ସହରରେ ରାସ୍ତାଗୁଡିକରେ ଥିବା ହମ୍ପସରେ ରେଡିୟମ ଲାଇଟ ଲଗାଇବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ରାଜପଥରେ ଜନସାଧାରଣଙ୍କ ସୁରକ୍ଷା,ବିଶେଷକରି ବେଆଇନ ପାର୍କିଂ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେବା ସଂପର୍କରେ ଆଲୋଚନା କରାଯାଇଥିଲା। ବାରଙ୍ଗ-ତ୍ରିଶୂଳିଆ ରାସ୍ତାରେ ଥିବା ଅନାବଶ୍ୟକ ହମ୍ପ ଗୁଡିକୁ ତୁରନ୍ତ ହଟାଇବା ସହ ଆବଶ୍ୟକ ସ୍ଥାନରେ ରମ୍ବଲର ସ୍ଥାପନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜେବ୍ରା କ୍ରଶିଙ୍ଗ ଗୁଡିକ ପୁନଃ ରଙ୍ଗ କରିବା ନେଇ ଭାରତୀୟ ଜାତୀୟ ରାଜପଥ ପାଧିକରଣ, ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ସ୍ଥାନରେ ସମୟ ସମୟରେ ଚଢ଼ାଉ ଓ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ କରାଯାଇ ମଦ୍ୟପାନ କରି ଗାଡି ଚଲାଉଥିବା , ବିନା ହେଲମେଟରେ ଗାଡି ଚଲାଉଥିବା ଚାଳକମାନଙ୍କଠାରୁ ପ୍ରଚଳିତ ନିୟମାନୁଯାୟୀ ଜରିମାନା ଆଦାୟ କରାଯାଉଛି। ପୂର୍ବ ବର୍ଷ ଜାନୁୟାରୀ ରୁ ଜୁନ ପର୍ଯ୍ୟନ୍ତ ୪୭,୧୧,୮୨୧ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ଚଳିତ ବର୍ଷ ୫୮,୮୪,୩୧୩ ଟଙ୍କା ଜରିମାନା ଆଦାୟ କରାଯାଇଛି । ପୂର୍ବ ଅପେକ୍ଷା ଜିଲ୍ଲାରେ ଦୁର୍ଘଟଣା ସଂଖ୍ୟା ମଧ ହ୍ରାସ ପାଇଛି। ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ବୈଠକରେ ନିଆଯାଉଥିବା ନିଷ୍ପତ୍ତି ଗୁଡିକୁ ତ୍ୱରିତ କାର୍ଯ୍ୟକାରୀ କରିବା ଦିଗରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଉପଆୟୁକ୍ତ ପୁଲିସ କମିଶନରେଟ୍ ଶ୍ରୀ ଅମରେନ୍ଦ୍ର ପଣ୍ଡା,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ସାହୁ, ଏସିପି ଟ୍ରାଫିକ୍ ଜୟନ୍ତ ଦୋରାଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ବିଶ୍ୱଜିତ ଦାଶ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିବା ସହ ଆଇଆଇଟି- ମଦ୍ରାସ ଦ୍ୱାରା ବିକଶିତ ସଡକ ସୁରକ୍ଷା ଡାସବୋର୍ଡ ସମ୍ପର୍କରେ ସୂଚନା ଦେଇଥିଲେ।

## ବିଦ୍ୟୁତ ବିଭାଗର ଚରମ ଅବହେଳା
## ୧୫ ବର୍ଷ ହେଲା ଟ୍ରାନ୍ସଫର୍ମର ଅବ୍ୟବହୃତ ହୋଇପଡିଛି



**ଫୁଲବାଣୀ (ଅମୃତ ମିଡିଆ) :** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ୪୨ ପରିବାର ଦୀର୍ଘ ୧୫ ବର୍ଷ ହେଲା ଅନ୍ଧାର ରେ ରହି ଆସୁଛନ୍ତି। ପିଲା ମାନେ ପାଠ ପଢିବାରେ ଘୋର ଅସୁବିଧା ହେଉଛି। ୧୫ ବର୍ଷ ତଳେ କୁଏରୁ ମାଣ୍ଡୁ ଜିପିର ବାରାଲ୍‌ହା ଠାରୁ ବେରେଣୀ ପର୍ଯ୍ୟନ୍ତ ୧୨ରୁ ଅଧିକ ବିଦ୍ୟୁତ ଖୁଣ୍ଟି ପୋତାଯାଇଥିଲା। ନୁଆଁ ଟ୍ରାନ୍ସଫର୍ମରଟି ମଧ ଏକ ଘରର ଚଟାଣରେ ପଡିରହିଛି । ନା ଟ୍ରାନ୍ସ ଫୋରମର ବସିଛି ନା ବିଦ୍ୟୁତ ଖୁଣ୍ଟ ରେ ବିଦ୍ୟୁତ ସଂଯୋଗ ହେଇଛି। ଏହି ଅଞ୍ଚଳ ବାସୀଙ୍କ ପାଇଁ ବିଦ୍ୟୁତ୍ ସାତସପନ। ୧୫ ବର୍ଷ ବିତି ଯାଇଥିଲେ ମଧ କେଉଁ କାରଣରୁ ବିଦ୍ୟୁତ ସଂଯୋଗ ହୋଇ ପାରିଲା ନାହିଁ ତାହା ଗ୍ରାମବାସୀ ମାନେ ଜାଣି ପାରୁ ନାହାନ୍ତି। ଚାରିଖଣ୍ଡ ଗ୍ରାମ ବେରେଣୀ, ତିଳକା ପଦର, ବୃଡୁସୁଗା,ଓ ଅଡାବାଲି ଗ୍ରାମର ୪୦ ପରିବାରର ଲୋକ ବିଦ୍ୟୁତ ସେବାରୁ ବଞ୍ଚିତ। ସେହି ଗ୍ରାମ ରେ ରାଜୀବ ଜ୍ୟୋତି, ବିଜୁ କୁଟୀର ଜ୍ୟୋତି ନା ସୂର୍ଯ୍ୟ ଘର ଆଲୋକ ବି ଉପଲବ୍ଧ ହୋଇ ନାହିଁ। ଏ ସମ୍ପର୍କରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବେଦ ଭୂଷଣ ଓ ବିଦ୍ୟୁତ ବିଭାଗ ସୁପ୍ରିଣ୍ଟେଣ୍ଡେଣ୍ଟ ଇଞ୍ଜିନୀୟରଙ୍କ ଜିଲ୍ଲା କ୍ଷିପ୍ର ନ୍ୟାୟିକ ମଞ୍ଚ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଛି।

## ୪୪ କୋଟି ବ୍ୟୟ ଅଟକଳରେ ଚଣ୍ଡିଖୋଲର ହେବ ବିକାଶ
## ନିର୍ମାଣ ହେବ ଦୁଇଟି ଗଳିପୋଲ, କ୍ଷୁଦ୍ର ବ୍ରିଜ

**ଚଣ୍ଡିଖୋଲ (ଅମୃତ ମିଡ଼ିଆ) :** ଯାଜପୁର ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଚଣ୍ଡିଖୋଲ ଛକ। ଏହାର ବିକାଶ ପାଇଁ ସ୍ଥାନୀୟ ବିଧାୟକ ଅମର କୁମାର ନାୟକଙ୍କ ଉଦ୍ୟମରେ ରାଜ୍ୟ ସରକାର ୪୪ କୋଟି ଟଙ୍କାର ଏକ ଅନୁଦାନ ଘୋଷଣା କରିଛନ୍ତି। ଜିଲ୍ଲାର କେନ୍ଦ୍ର ସ୍ଥଳି ଭାବେ ଜଣାଶୁଣା ଚଣ୍ଡିଖୋଲର ଟ୍ରାଫିକ ବ୍ୟବସ୍ଥା କୁ ଅତ୍ୟାଧୁନିକ କରିବା ପାଉଁ ପଦକ୍ଷେପ ନିଆଯାଇଛି। ଜାତୀୟ ରାଜପଥ ପ୍ରାଧିକାରଣ ଏବଂ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ କୋଲକାତା-ଚେନ୍ନାଇ ଏହି ୧୬ ନମ୍ବର ଜାତୀୟ ରାଜପଥର ନବକଳେବର ପାଇଁ ସରକାର ବ୍ୟାପକ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଯୋଜନାରେ ରାଜପଥରେ ଯାନବାହାନ ଜାତାୟତକୁ ସୁରକ୍ଷିତ ଓ ନିରବଛିନ୍ନ କରିବା ପାଇଁ ଦୁଇଟି ଗଳି ପୋଲ ନିର୍ମାଣ ହେବ। ଏକ ଅତ୍ୟାଧୁନିକ ଫୁଟ ଓଭର ବ୍ରିଜ ସହିତ ଜଳ ନିଷ୍କାସନ ସ୍ଥାୟୀ ସମାଧାନ ପାଇଁ ଏକ ଛୋଟ ବ୍ରିଜ୍ ମଧ ନିର୍ମାଣ କରାଯିବ। ଟ୍ରାଫିକ ଜାମରୁ ମୁକ୍ତି ଓ ଦୃଘଟଣାରୁ ମୁକ୍ତି ଦେବ ଏହି ନୂତନ ଭିତ୍ତିଭୂମି। ଏହି ବ୍ୟବସ୍ଥାକୁ କେବଳ ଚଣ୍ଡିଖୋଲ ବାସି ନୁହନ୍ତି ଏହି ରାସ୍ତାଦେଇ ଜାତାୟତ କରିଥିବା ରାଜ୍ୟର ଲକ୍ଷାଧିକ ଜନସାଧାରଣ ଉପକୃତ ହୋଇପାରିବେ।

## ପ୍ରେମଚାନ୍ଦଙ୍କୁ ପ୍ରତିନିଧି କରିବା ପାଇଁ ଚିଠି ଲେଖିଲେ ସାଂସଦ
## ଚ୍ୟାଲେଞ୍ଜ୍ କଲା ବିଜେପି ଓବିସି ମୋର୍ଚ୍ଚା



**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** ଚୌଦ୍ୱାର ପୌରପାଳିକାରେ ପ୍ରତିନିଧି ପଦକୁନେଇ ଦୁଇଦିନ ହେବ ବେଶ ହଟଚମଟ ଲାଗିରହିଛି । ଘଟଣାରୁ ପ୍ରକାଶ ଯେ, ଚୌଦ୍ୱାରପୌରପାଳିକାର ପୂର୍ବତନ ଚେୟାରମ୍ୟାନ୍ ତଥା ନଗର ବିଜେଡ଼ି ସଭାପତି ପ୍ରେମଚାନ୍ଦ ନାୟକ ଚୌଦ୍ୱାର ପୌରପାଳିକା ପାଇଁ ବିଧାୟକ ସୌଭିକ୍ ବିଶ୍ୱାଳଙ୍କର ପ୍ରତିନିଧି ଭାବେ ନିୟୋଜିତ ଅଛନ୍ତି । କିନ୍ତୁ ହଠାତ୍ ଦୁଇଦିନ ତଳେ ବିଧାୟକ ଶ୍ରୀ ବିଶ୍ୱାଳ ତାଙ୍କର ପ୍ରତିନିଧି ପରିବର୍ତ୍ତନ କରିବା ସମ୍ବନ୍ଧୀୟ ଏକ ଚିଠି ଚୌଦ୍ୱାର ପୌରପାଳିକାକୁ ପଠାଇ ପୁଣି ପ୍ରତ୍ୟାହୃତ କରିନେଇଥିଲେ । ଏହାରି ଭିତରେ ପ୍ରେମଚାନ୍ଦ ମଧ ବିଧାୟକ ପ୍ରତିନିଧି ପଦରୁ ଇସ୍ତଫା ଦେଇଥିବା କଥା ଶୁଣିବାକୁ ମିଳୁଛି । ଯଦିଓଇସ୍ତଫା ପତ୍ର ସର୍ବସାଧାରଣରେ ହସ୍ତଗତ ହୋଇନାହିଁ କିନ୍ତୁ ସେ ବ୍ୟକ୍ତିଗତ ଭାବରେ ଇସ୍ତଫା ଦେଇଥିବା କଥା ଆଲୋଚନା ଚାଲିଛି । ଏହି ଅବସରରେ ପ୍ରେମଚାନ୍ଦଙ୍କ ଭଳି ଜଣେ ବରିଷ୍ଠ ନେତା ତଥା ବିଜେଡ଼ିର ଚୌଦ୍ୱାର ନଗର ସଭାପତି ହିସାବରେ ତାଙ୍କର ନେତୃତ୍ୱର ବରିଷ୍ଠତାକୁ ଜାହିରକରିବା ପାଇଁ ରାଜ୍ୟସଭା ସାଂସଦ ସଂତୃପ୍ତ ମିଶ୍ର ନିଜର ଅଫିସିଆଲ ପ୍ୟାଡରେପ୍ରେମଚାନ୍ଦଙ୍କୁଚୌଦ୍ୱାରପୌରପାଳିକା ପାଇଁ ନିଜର ପ୍ରତିନିଧି ହିସାବରେ ନିଯୁକ୍ତି ଦେବାଚିଠି କଟକ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବା ସହିତ ତାହାର ଏକ କପି ଚୌଦ୍ୱାର ପୌରପାଳିକାର ଅଫିସିଆଲ ମେଲ ଆଇଡିକୁ ପଠାଇବା ସହିତ ଚିଠିର ହାର୍ଡ଼କପି ମଧ ଆଜି ପୌର କାର୍ଯ୍ୟାଳୟରେ ପହଂଚିଛି । ରାଜ୍ୟସଭା ସାଂସଦ ଚୌଦ୍ୱାର ପୌରପାଳିକାରେ ପ୍ରତିନିଧି ଦେବା ଇତିହାସରେ ପ୍ରଥମ ହୋଇଥିବାରୁ ଚୌଦ୍ୱାରର ବରିଷ୍ଠ ବିଜେପିନେତା ତଥା ରାଜ୍ୟ ବିଜେପି ଓବିସି ମୋର୍ଚ୍ଚାର ସାଧାରଣ ସମ୍ପାଦକ ଇଂ. ଜ୍ଞାନେନ୍ଦ୍ର ସ୍ୱାଇଁଏହାକୁ ବିରୋଧ କରି ଏହି ଚିଠିର ବୈଧତାକୁ ନେଇ ତର୍ଜମା କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ଆଜି ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଆଜିରଏହି ଦାବୀପତ୍ର ପ୍ରଦାନ ସମୟରେ ଶ୍ରୀ ସ୍ୱାଇଁଙ୍କ ସହିତ ବରିଷ୍ଠ ବିଜେପି ନେତା ଅକ୍ଷୟ ଭୂୟାଁ, ସହଦେବ ବରାଳ, ବୁଲୁ ଦାସ, ବିମଳ ନାୟକ, ସଂଜୟ ମହାରଣା, ସୌମ୍ୟରଂଜନ ନାୟକ, ରାଜରତନ ପରିଡ଼ା ପ୍ରମୁଖଉପସ୍ଥିତ ଥିଲେ ।

## ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀ ସର୍ଦ୍ଦାର ସନାତନ ଚକ୍ରଙ୍କ ଏକାଦଶାହରେ ସ୍ମୃତିସଭା



ବାରିପଦା/ସାହାରପଡା (ଅମୃତ ମିଡିଆ) : କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଗଡ ବାନ୍ଧ ଗୋଡା ଗ୍ରାମର ବଡ଼ ସର୍ଦ୍ଦାର ଓ କେନ୍ଦୁଝର ଜିଲ୍ଲାର ଶେଷ ସ୍ୱାଧୀନତା ସଂଗ୍ରାମୀ ସନାତନ ଚକ୍ରଙ୍କ ଏକାଦଶ ସମୃତିସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ପୁତୁରା ତଥା ସରକାରୀ ଓକିଲ ବିଚିତ୍ର କୁମାର ଚକ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହେଇଥିବା ଉକ୍ତ ସଭାରେ ପୂର୍ବତନ ଅଧକ୍ଷ ରବିନାରାୟଣ ପାତ୍ର ଓ ଅଧ୍ୟାପକ ସଂଗ୍ରାମ କେଶରୀ ବଳ ସାମନ୍ତ ଏବଂ ସମାଜସେବୀ ପ୍ରବୋଧ ଚକ୍ର ପ୍ରମୁଖ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରି ସ୍ୱର୍ଗତ ସର୍ଦ୍ଦାର ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର,ରାମଚନ୍ଦ୍ର ପୁର ଥାନା ଅଧିକାରୀ ମନୋଜ ସ୍ୱାଇଁ, ଅଧ୍ୟାପକ ବିଜୟ ସାହୁ, ସୁଦର୍ଶନ ସାହୁ, ଦେବାନନ୍ଦ ଚକ୍ର, ଶିକ୍ଷାବିତ୍ ରାମଚନ୍ଦ୍ର ଚକ୍ର, ଇଂଜିନିୟର ବିଶ୍ୱଜିତ୍ ଦାସ, ଜିଲ୍ଲାପରିଷଦ ସଭ୍ୟା ଅସୀମା ମିଶ୍ର, ସରପଞ୍ଚ ଦୀପ୍ତି ସାହୁ, ନାରୀ ନେତ୍ରୀ ପ୍ରଣୟିନୀ ବ୍ରହ୍ମ, ପ୍ରାକ୍ତନ ସମିତି ସଭ୍ୟ ଭାରତ ଭୂଷଣ ନାୟକ, ତରଣି ସେନ ଜେନା, ସମାଜସେବୀ ସୁବ୍ରତ ଚକ୍ର, ଉଦ୍ୟୋଗୀ ସୁରଜ୍ ଚକ୍ର, ଶିକ୍ଷାବିତ୍ ସଂଧାରାଣୀ ଦାସ, ଫୌଜୀ ସରୋଜ ଧଳ ସାମନ୍ତ, ଯୁବ ଉଦ୍ୟୋଗୀ ସଞ୍ଜୟ ଦାସ, ସମାଜସେବୀ ଦିଲ୍ଲୀପ ଦାସ, ଏମପି ପ୍ରତିନିଧି ଶିବେନ୍ଦ୍ର ଚକ୍ର, ସ୍ୱୟଂସେବକ ପ୍ରଶାନ୍ତ ଚକ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବେଳେ ଏଥିରେ ଏହାକୁ ଯୁବ ସମାଜସେବୀ ବିଶାଳ, ବିକାଶ ଧୀର ସାମନ୍ତ ଉମେଶ ଧିର, ଦେବାଶିଷ ଚକ୍ର, ଶୁଭ୍ରାଂଶୁ ଦେଓ ଅଭିଷେକ ଜେନା ପ୍ରିୟଦର୍ଶୀ, ଦିବ୍ୟ ଦର୍ଶି ଚକ୍ର, ଅନିଲ ଚକ୍ର, ସମାଜସେବୀକା ଅଞ୍ଜୁ ଲତା ଜେନା, ବବିତା ଜେନା, ନନ୍ଦିତା ଚକ୍ର, ବନ୍ଦିତା ଦେଓ, ଯୁବ ଉଦ୍ୟୋଗୀ ରାକେଶ ରୋସନ୍ ପାତ୍ର, ବରିଷ୍ଠ ନାଗରିକ ବିରଞ୍ଚି ନାରାୟଣ ଧିର ସାମନ୍ତ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦିକା ଯଶସ୍ୱିନୀ ବଳ, ମନୋଜ ଦେଓ, ପ୍ରଫୁଲ୍ଲ ଚକ୍ର, ବିଭୁ ପ୍ରସାଦ ଧଳ ସାମନ୍ତ ପ୍ରମୁଖ ପରିଚାଳନା କରିଥିବା ବେଳେ ପରିଶେଷରେ ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀ ଗଡ ସର୍ଦ୍ଦାର ସନାତନ ଚକ୍ରଙ୍କ ଧର୍ମପତ୍ନୀ ବିଷ୍ଣୁପ୍ରିୟା ଓ ବୋହୂ ଶିକ୍ଷୟିତ୍ରୀ ବୀଣାପାଣି ବିଶ୍ୱାଳ ଏବଂ ଏକ ମାତ୍ର ପୁତ୍ର ଅବସରପ୍ରାପ୍ତ ସରକାରୀ ଅଧିକାରୀ ଶରତ କୁମାର ଚକ୍ର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିଭିନ୍ନ ଦାବି ନେଇ ଭାରତୀୟ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ଆନ୍ଦୋଳନ




**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) :** ନିଶ୍ଚିନ୍ତକୋଇଲି ବଜାର ଠାରେ ବିଭିନ୍ନ ଦାବିକୁ ନେଇ ଭାରତୀୟ କ୍ଷେତ ମଜଦୁର ୟୁନିୟନ (ବିକେଏମ୍‌ୟୁ) କଟକ ଜିଲ୍ଲା କମିଟି ପକ୍ଷରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ନେଇ ଏକ ଗଣଆନ୍ଦୋଳନ କରାଯାଇଛି । ନୂତନ ଭାବେ ଛପାଯାଇଥିବା ପୁସ୍ତକରେ ବ୍ୟାପକ ତ୍ରୁଟି କୁ ନେଇ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ଜିନିଷ ପତ୍ରର ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣ କରିବା, ଚାଷୀମାନଙ୍କୁ ରିହାତି ମୂଲ୍ୟରେ ସାର ଯୋଗାଇ ଦେବା, କୃଷି ଶ୍ରମିକମାନଙ୍କୁ ଦୈନିକ ୭୦୦ ଟଙ୍କା ମଜୁରୀ ଧାର୍ଯ୍ୟ କରିବା ସହ ସାମାଜିକ ସୁରକ୍ଷା ଯୋଗାଇ ଦେବା, ୬୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ ୩୦୦୦ ଟଙ୍କା ଭତ୍ତା ଦେବା, ବିଗତ ୪ ମାସ ହେବ ଭତ୍ତା ପାଇନଥିବା ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ଯୋଗାଇ ଦେବା, ଟାଟା ପାୱାର କଂପାନୀ ଗ୍ରାହକମାନଙ୍କ ଉପରେ କରୁଥିବା ଜୁଲମକୁ ବନ୍ଦ୍ କରିବା ସହିତ ଅଘୋଷିତ ବିଜୁଳି କାଟ୍ ରୋକିବା, ବେକାରୀ ଯୁବକ ଯୁବତୀମାନଙ୍କୁ ଚାକିରୀ କିମ୍ବା ବେକାରୀ ଭତ୍ତା ଯୋଗାଇ ଦେବା, ନିର୍ମାଣ ଶ୍ରମିକମାନଙ୍କୁ ତୁରନ୍ତ ସରକାରୀ ସହାୟତା ରାଶି ଯୋଗାଇ ଦେବା, ପାଚିକାମାନଙ୍କୁ ସରକାରୀ ମାନ୍ୟତା ଦିଆଯାଇ ମାସିକ ୧୦ ହଜାର ଟଙ୍କା ଦରମା ଆଦି ଦାବିକୁ ନେଇ ୟୁନିୟନ ପକ୍ଷରୁ ଆନ୍ଦୋଳନ କରାଯାଇଛି । ୟୁନିୟନର ସଂପାଦକ ତ୍ରୈଲୋକ୍ୟ ନାଥଙ୍କ ନେତୃତ୍ୱରେ ଅହମ୍ମଦ ବକ୍ସ ହାଇସ୍କୁଲଠାରୁ ଏକ ଶୋଭାଯାତ୍ରା ବାହାରି ବିଜେପି ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ । ନିଶ୍ଚିନ୍ତକୋଇଲି ବଜାରରେ ଶ୍ରୀ ନାଥଙ୍କ ପୌରୋହିତ୍ୟରେ ୟୁନିୟନର ରାଜ୍ୟ ସଂପାଦକ ସୁର ଜେନା, ରାଜ୍ୟ ସଭ୍ୟ ରଂଜନ କୁମାର ଓଝା, ଜିଲ୍ଲା ସଭାପତି ଅରବିନ୍ଦ ପଣ୍ଡା, ସିପିଆଇ ରାଜ୍ୟ କମିଟି ସଭ୍ୟ ଉଦୟ କେଶରୀ ବର୍ମା, ଆଦିକନ୍ଦ ମଲିକ, ହରିହର ମହାନ୍ତି, ପ୍ରଶାନ୍ତ କୁମାର ସୂତାର, ହିଂମାଶୁ ଶେଖର ଭୂୟାଁ, କସ୍ତୁରୀ ଚରଣ ପାତ୍ର, ସନାତନ ମଲିକ, ସୁନାକର ବରାଳ, ବିପିନ ବିହାରୀ ମଲିକ, ରମେଶ ନାୟକ, ମନୋଜ କୁମାର ଭୂୟାଁ ପ୍ରମୁଖ ନେତୃବୃନ୍ଦ ଯୋଗଦାନ କରି ସରକାରଙ୍କ ବିଫଳତାକୁ ନେଇ କଟୂସମାଲୋଚନା କରିଥିଲେ।

# ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ କେଏମସିର ପ୍ରସ୍ତୁତି

## ଅଗଷ୍ଟ ୩ ଯାଏଁ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ



**କଟକ (ବ୍ୟୁରୋ) :** ଲଘୁଚାପଜନିତ ବର୍ଷା କାରଣରୁ ମହାନଦୀରେ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ କଟକ ମହାନଗର ନିଗମ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କଟକ ସହରବାସୀ ଓ ନଦୀକୂଳିଆ ଲୋକଙ୍କ ସୁରକ୍ଷା ଏବଂ କୌଣସି ପ୍ରକାରର ଅଘଟଣ ଏଡ଼ାଇବାକୁ ମହାନଗର ନିଗମ ସଜାଗ ରହିଛି। ଆସନ୍ତା ଅଗଷ୍ଟ ୩ ତାରିଖ ସୋମବାର ପର୍ଯ୍ୟନ୍ତ ମହାନଗର ନିଗମର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଛି। ଦିନତମାମ୍ ରିଂ ରୋଡ୍ ସମେତ ବିଭିନ୍ନ ତଳିଆ ଅଞ୍ଚଳରେ ମାଇକ ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଉଛି। କଟକ ମହାନଗର ନିଗମ କେଏମସି ର ଏନଫୋର୍ସମେଣ୍ଟ ଟିମ୍ ନଦୀକୂଳରେ ବୁଲିବୁଲି ଲୋକଙ୍କୁ ନଦୀ ଭିତରକୁ ପ୍ରବେଶ ନ କରିବାକୁ ସତର୍କ କରୁଛନ୍ତି। ବନ୍ୟା ପରିସ୍ଥିତି ହେତୁ ନଦୀକୂଳିଆ ମନ୍ଦିରଗୁଡ଼ିକରେ ସୁରକ୍ଷା କାରଣରୁ ଶ୍ରଦ୍ଧାଳୁମାନଙ୍କ ପ୍ରବେଶକୁ ବାରଣ କରାଯାଇଛି । ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି କଗଉରେ ୧୨୧ଟି ତଳିଆ ଅଞ୍ଚଳ ଚିହ୍ନଟ କରାଯାଇଛି। ଏଥିପାଇଁ ୯୪ଟି ସୁରକ୍ଷିତ ସ୍ଥାନ ଚିହ୍ନଟ କରି ଲୋକଙ୍କ ରହିବା ପାଇଁ ଏହାକୁ ପ୍ରସ୍ତୁତ ରଖାଯାଇଛି। ସେଠାରେ ଉପଯୁକ୍ତ ଭିତ୍ତିଭୂମି ସହ ପିଇବା ପାଣି ଓ ଶୁଖିଲା ଖାଦ୍ୟ ପ୍ରସ୍ତୁତ କରି ରଖାଯାଇଛି। ଗତକାଲି ଡାଏରୀ ଫାର୍ମ ବସ୍ତି ଅଞ୍ଚଳରୁ ୩୦ରୁ ଅଧିକ ଲୋକଙ୍କୁ କହ୍ନେଇପୁର ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ, ୫୦ ନମ୍ବର ୱାର୍ଡର ସନ୍ତୋଷୀ ନଗର ଅଞ୍ଚଳରୁ ୫୦ରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ସେହିପରି ନଦୀକୂଳିଆ ଗାନ୍ଧିପଲ୍ଲୀ ଉପରେ ନଜର ରଖାଯାଇଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହାର ନମ୍ବର ହେଉଛି ୧୮୦୦୩୪୫୬୭୨୮ ଏବଂ ୨୩୧୦୪୭୨ କିମ୍ବା ୨୩୧୧୨୪୪ ରହିଛି। କଗଉ ଅଞ୍ଚଳ ପାଇଁ ଗୋଟିଏ ଏନଡିଆରଏଫ୍ (ଘଉଜର) ଟିମ୍ ସ୍ୱତନ୍ତ୍ରଭାବେ ମୁତୟନ କରାଯାଇଛି। ସେମାନେ ମଧ୍ୟ ସମସ୍ତ ପ୍ରକାରର ପ୍ରସ୍ତୁତି କରିଛନ୍ତି। କୌଣସି ପ୍ରକାରର ଅପ୍ରିତୀକର ପରିସ୍ଥିତିର ମୁକାବିଲା ପାଇଁ ଘଉଜର ଟିମ୍ ସଜାଗ ରହିଛି। ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ପରିଦର୍ଶନ କରି ସ୍ଥାନୀୟ ଜନସାଧାରଣ ଓ କର୍ପୋରେଟର ମାନଙ୍କ ସହ ଆଲୋଚନା କରିଛନ୍ତି କଗଉର କମିଶନର ସୁଶ୍ରୀ କିରନଦୀପ୍ କୌର ସହୋତା। ଜରୁରୀକାଳୀନ ବିଭାଗର ଡେପୁଟି କମିଶନର ଓ ବସ୍ତି ଉନ୍ନୟନ ଅଧିକାରୀ (ଏସଆଇଓ) ମଧ୍ୟ ଏକାଧିକବାର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସ୍ଥିତି ପରଖିଛନ୍ତି। ଯେଉଁଠି ଆବଶ୍ୟକ ହେବ ସେଠାରୁ ଲୋକଙ୍କୁ ତୁରନ୍ତ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଆବଶ୍ୟକ ପରିମାଣର ଶୁଖିଲା ରିଲିଫ୍ ମଧ୍ୟ ମହଜୁଦ କରି ରଖାଯାଇଛି । ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ସ୍ଥାନରେ ଆବଶ୍ୟକ ପରିମାଣର ଗାଡ଼ି, ପମ୍ପସେଟ୍ ଓ ସେସପୁଲ୍ ଗାଡ଼ି ମଧ୍ୟ ମୁତୟନ ରଖାଯାଇଛି। ବିଭିନ୍ନ ସେକ୍ଟର ଅଧିକାରୀଙ୍କୁ ଘଟଣାସ୍ଥଳରେ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ସମସ୍ତ ଅଧିକାରୀ ମଧ୍ୟ ସଜାଗ ରହିଛନ୍ତି। ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି କଟକ ସହରାଞ୍ଚଳ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ପ୍ରକାରର ପ୍ରସ୍ତୁତି କରିଛନ୍ତି। ବିଶେଷକରି ଗର୍ଭବତୀ ମହିଳାଙ୍କ ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି। ପର୍ଯ୍ୟାପ୍ତ ପରିମାଣର ଆଣ୍ଟି ଭେନମ୍ ବା ସାପକାମୁଡ଼ା ଔଷଧ ମହଜୁଦ ରଖାଯାଇଛି। ଆବଶ୍ୟକ ହେଲେ ତୁରନ୍ତ ମେଡିକାଲ୍ ଟିମ୍ ମୁତୟନ ହେବେ ଏବଂ ଲୋକଙ୍କୁ ଉପଯୁକ୍ତ ଔଷଧ ମଧ୍ୟ ଯୋଗାଇ ଦିଆଯିବ। ଲୋକମାନେ ଭୟଭୀତ ନହୋଇ ପରିସ୍ଥିତିର ମୁକାବିଲା କରିବାକୁ କେଏମସି ଜନସାଧାରଣଙ୍କୁ କଟକ ମହାନଗର ନିଗମ ପକ୍ଷରୁ ଅପିଲ୍ କରାଯାଇଛି।

# ଶିକ୍ଷମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ବିଦେଶରେ ଫସିଥିବା ଯୁବକ ଓଡିଶା ଫେରିଲେ



**ପାରାଦୀପ (ଅମୃତ ମିଡିଆ) :** ସାଉଦି ଆରବରେ ଫସି ରହିଥିବା ଓଡ଼ିଆ ଯୁବକ ପ୍ରଳୟ ରଞ୍ଜନ ମହାପାତ୍ର ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ପ୍ରଚେଷ୍ଟାରେ ଓଡ଼ିଶା ଫେରିଛନ୍ତି। ଏଥିପାଇଁ ପ୍ରଳୟ ଓ ତାଙ୍କ ପରିବାର ଶିକ୍ଷ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମନ୍ତ୍ରୀଙ୍କ ଉଦ୍ୟମ ଯୋଗୁଁ ହିଁ ସେ ଏତେ ଶୀଘ୍ର ଘରକୁ ଫେରିଥିବା କହିଛନ୍ତି ପ୍ରଳୟ। ତେବେ ଓଡିଶା ଫେରିବା ପରେ ପ୍ରଳୟ ଓ ତାଙ୍କ ପରିବାର ଲୋକେ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ତାଙ୍କ ବାସଭବନରେ ଭେଟି କୃତଜ୍ଞତା ଜଣାଇଛନ୍ତି। ଏଥିସହ ତ୍ୱରିତ ହସ୍ତକ୍ଷେପ ପାଇଁ ଭାରତ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଏବଂ ଜେଦ୍ଦାହସ୍ଥିତ ଭାରତୀୟ ଦୂତାବାସଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଏଠାରେ ସୂଚନାଥାଉ କି, ଜଗତସିଂହପୁର ଜିଲ୍ଲାର ପ୍ରଳୟ ରଞ୍ଜନ ମହାପାତ୍ର ଗତ ୨୪.୦୫.୨୦୨୪ରେ ସାଉଦି ଆରବ ଯାଇଥିଲେ। ସେଠାରେ ସେ 'ମଜାଦ୍ ଅଲ୍-ହରବି' କୋ ନାମକ ଏକ କମ୍ପାନୀରେ ହୁଇଲ୍ ଲାଡର ଡ୍ରାଇଭର ଭାବେ କାମ କରୁଥିଲେ। ତେବେ ଗତ ୩୦.୦୪.୨୦୨୬ରେ ଉକ୍ତ କମ୍ପାନୀ ଏବଂ ପ୍ରଳୟ ରଞ୍ଜନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅବଧି ଶେଷ ହୋଇଥିଲା। କାର୍ଯ୍ୟ ଅବଧି ଶେଷ ହୋଇ ଯାଇଥିଲେ ମଧ୍ୟ ସମ୍ପୃକ୍ତ କମ୍ପାନୀ ପ୍ରଳୟଙ୍କୁ ଭାରତ ଫେରିବାକୁ ଅନୁମତି ଦେଉନଥିଲେ। ପ୍ରଳୟଙ୍କ ମା' ପ୍ରତିମା ସେଠୀ ଏନେଇ ମନ୍ତ୍ରୀଙ୍କୁ ଜଣାଇବା ସହ ପୁଅକୁ ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ। ଏହାପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଚିଠି ଲେଖିଥିଲେ। ମନ୍ତ୍ରୀ ଚିଠି ଲେଖିବା ପରେ ଜେଦ୍ଦାହସ୍ଥିତ ଭାରତୀୟ ଦୂତାବାସ ପ୍ରଳୟଙ୍କୁ 'ଫାଇନାଲ ଏକଜିଟ୍' ଏବଂ ବିମାନ ଟିକେଟ୍ ପ୍ରଦାନ କରିବା ପାଇଁ ସମ୍ପୃକ୍ତ କମ୍ପାନୀ ସହ ଆଲୋଚନା କରିଥିଲେ ଏ ଦୂତାବାସର ହସ୍ତକ୍ଷେପ ଫଳରେ କମ୍ପାନୀ ତାଙ୍କୁ 'ଫାଇନାଲ୍ ଏକଜିଟ୍' ମଞ୍ଜୁର କରିବା ସହ ବିମାନ ଟିକେଟ୍ ଯୋଗାଇ ଦେଇଥିଲା। ଏହାପରେ ପ୍ରଳୟ ଓଡ଼ିଶା ଫେରିଥିଲେ। ତେବେ ବିଦେଶରେ ଫସି ରହିଥିବା ଓଡ଼ିଆ ଯୁବକଙ୍କୁ ଉଦ୍ଧାର କରିବାରେ ମନ୍ତ୍ରୀ ସମ୍ପଦ ଙ୍କ ପ୍ରୟାସ ଓ ସହଯୋଗକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

# ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ସଂକ୍ରମଣ ନିରୀକ୍ଷଣ ଓ ହସ୍ପିଟାଲ ସଂକ୍ରମଣ ପ୍ରତିରୋଧ ଉପରେ ସିଏମଇ ସହ ପ୍ରାୟୋଗିକ କର୍ମଶାଳା



**କଟକ (ବ୍ୟୁରୋ) :** ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ସଂକ୍ରମଣ ନିରୀକ୍ଷଣ ଏବଂ ହସ୍ପିଟାଲ ସଂକ୍ରମଣ ପ୍ରତିରୋଧ ଉପରେ ସିଏମଇ ସହ ଏକ ପ୍ରାୟୋଗିକ କର୍ମଶାଳା ଆଜି ଏସ୍.ସି.ବି. ମେଡିକାଲ କଲେଜ ଓ ହସ୍ପିଟାଲରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଡିଏମ୍ଇଟି ପ୍ରଫେସର ଡ଼ଃ ଦୁର୍ଗା ମାଧବ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ସଂକ୍ରମଣ ନିୟନ୍ତ୍ରଣ, ରୋଗୀ ସୁରକ୍ଷା ଏବଂ ଉତ୍ତମ ଚିକିତ୍ସାସେବା ପାଇଁ ନିୟମିତ ନିରୀକ୍ଷଣ ଓ ସଠିକ୍ ସଂକ୍ରମଣ ପ୍ରତିରୋଧ ବ୍ୟବସ୍ଥାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କର୍ମଶାଳାରେ ଏସ୍?.ସି.ବି. ମେଡିକାଲ କଲେଜର ମାଇକ୍ରୋବାୟୋଲୋଜି ବିଭାଗର ମୁଖ୍ୟ, ପ୍ରଫେସର ଡ଼ଃ ଧରିତ୍ରୀ ମହାପାତ୍ର, ଏମ୍ସ ଭୁବନେଶ୍ୱରର ମାଇକ୍ରୋବାୟୋଲୋଜି ବିଭାଗର ମୁଖ୍ୟ, ପ୍ରଫେସର ଡ଼ଃ ଅଶୋକ ମହାପାତ୍ର, ଏମ୍ସ ଭୁବନେଶ୍ୱରର ମାଇକ୍ରୋବାୟୋଲୋଜି ବିଭାଗର ମୁଖ୍ୟ, ପ୍ରଫେସର ଡ଼ଃ ବିଜୟିନୀ ବେହେରା ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ସଂକ୍ରମଣ ନିରୀକ୍ଷଣ ଏବଂ ହସ୍ପିଟାଲ ସଂକ୍ରମଣ ପ୍ରତିରୋଧ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଷୟ ବିଶେଷଜ୍ଞ ଭାବେ ପ୍ରଫେସର ଡ଼ଃ ପ୍ରତିଭା ପଣ୍ଡା, ପ୍ରଫେସର ଡ଼ଃ ଜ୍ୟୋତିଷ ଚୌଧୁରୀ ଯୋଗଦେଇ ଏସ୍.ସି.ବି. ମେଡିକାଲ କଲେଜର ପ୍ରାୟ ୧୭୦ ଜଣ ଷ୍ଟାଫ୍ ନର୍ସଙ୍କୁ ହସ୍ପିଟାଲରେ ଅର୍ଜିତ ସଂକ୍ରମଣ ନିରୀକ୍ଷଣ, ସଂକ୍ରମଣ ପ୍ରତିରୋଧ ଓ ନିୟନ୍ତ୍ରଣ, ସଂକ୍ରମଣ ନିରୀକ୍ଷଣ ବ୍ୟବସ୍ଥା ସମ୍ପର୍କିତ ବିଭିନ୍ନ ବିଷୟରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ବାରିପଦା (ଅମୃତ ମିଡିଆ) : ମୟୂରଭଞ୍ଜ ଜିଲ୍ଲା,ବୈଶିଙ୍ଗା ଉପକଣ୍ଠ ବରଦା ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଗୁରୁବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା କଳ୍ପଲତା ହାଜରାଙ୍କ ସଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ବିଜ୍ଞାନ ଶିକ୍ଷକ ମୀନକେତନ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ କୋଷାଧକ୍ଷ ସରୋଜ କୁମାର ପତି, ସହସମ୍ପାଦକ ଅଜିତ କୁମାର ସେନାପତି, ସଦସ୍ୟା ଜୟନ୍ତୀ ପୁଥାଳ ପ୍ରମୁଖ ଯୋଗଦାନ କରି ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀ ସେମାନଙ୍କ ସୃଜନଶୀଳ ଚିନ୍ତାଧାରା କୁ ବଜାୟ ରଖିବା ଦିଗରେ ବିଜ୍ଞାନ ମେଳା ର ବହୁ ଭୂମିକା ରହିଛି। ପିଲାମାନଙ୍କୁ ବିଜ୍ଞାନୀ ମନୋଭାବ ନେଇ ଅଗ୍ରସର ହେବାକୁ ଉତ୍ସାହିତ କରିବା ସହ ଜଣେ ବୈଜ୍ଞାନିକ ତାର ନୂତନ ଚିନ୍ତନରେ ପୃଥିବୀକୁ ନୂତନ ଦିଗଦର୍ଶନ ଦେବ ବୋଲି ସମସ୍ତ ଅତିଥି ନିଜ ନିଜ ଅଭିଭାଷଣ ମାଧ୍ୟମରେ ମତ ପ୍ରକାଶ କରିଥିଲେ। ବିଦ୍ୟାମନ୍ଦିରର ଶିଶୁ ବର୍ଗ, ବାଲ ବର୍ଗ ଏବଂ କିଶୋର ବର୍ଗରେ ୪୦ଟି ବିଭାଗର ମୋଟ ୨୪୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କୁନି ବୈଜ୍ଞାନିକ ଶିଶୁ ଭାଇ ଭଉଣୀଙ୍କ ଦ୍ୱାରା ୪୩ଟି ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ମୁନିଲାଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟତ୍ରୀ କଳ୍ପନା ସାହୁ, ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସତ୍ୟଦ୍ୱିମ୍ନ ଦାସ ଏବଂ ବାଲକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନିହାର କାନ୍ତ ବେହେରା ପ୍ରକଳ୍ପ ବିଚାରକ ଭାବେ ସମସ୍ତ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶଶଧର ବାରିକ ଯୋଗଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଭାପତି ଦେବେନ୍ଦ୍ର କୁମାର ପଣ୍ଡା, ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ, ଉପଦେଷ୍ଟା ଶୈଳେନ୍ଦ୍ର କୁମାର ପଣ୍ଡା ଏବଂ ଅନ୍ୟ ଅତିଥି ଯୋଗଦେଇ ସମସ୍ତ କୃତି ଭାଇଭଉଣୀମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଭାଇ ଭଉଣୀ ମାନେ ବେତନଟୀ ସଂକୁଳ ସ୍ତରୀୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଜଣାଯାଇଛି । ପରିଶେଷରେ ବିଜ୍ଞାନ ପ୍ରମୁଖ ମାନସ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତ ଗୁରୁଜୀ ଏବଂ ଗୁରୁମା ସହଯୋଗ କରିଥିଲେ।

# ସୁରକ୍ଷିତ ଓ ବୈଜ୍ଞାନିକ ଢାଞ୍ଚାରେ ବନ୍ୟାଜଳ ନିଷ୍କାସନ ପାଇଁ ନିର୍ଦ୍ଦେଶ

କଟକ (ବ୍ୟୁରୋ) : ସାମ୍ପ୍ରତିକ ବନ୍ୟା ପରିସ୍ଥିତିରେ ମହାନଦୀରେ ବନ୍ୟାଜଳର ପ୍ରବାହ ଏବଂ ଜଳ ପରିଚାଳନା ବ୍ୟବସ୍ଥାର ସମୀକ୍ଷା ପାଇଁ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଆଜି ମୁଣ୍ଡଳି ୱେୟାର ଓ ନରାଜ ବ୍ୟାରେଜ ପରିଦର୍ଶନ କରିଥିଲେ। ମୁଣ୍ଡଳି ୱେୟାରରେ ମହାନଦୀ ନଦୀ ବ୍ୟବସ୍ଥା ଦେଇ ପ୍ରବାହିତ ବନ୍ୟାଜଳର ସ୍ଥିତି ଓ ଏହାର ନିୟନ୍ତ୍ରିତ ନିଷ୍କାସନ ବ୍ୟବସ୍ଥାର ସମୀକ୍ଷା କରିଥିଲେ ଶ୍ରୀମତୀ ଶର୍ମା। ଏହି ଅବସରରେ ସେଣ୍ଟ୍ରାଲ୍ ଇରିଗେସନ୍ ସର୍କଲ୍, ଭୁବନେଶ୍ୱରର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଉପସ୍ଥିତ ଥିଲେ। ନଦୀର ଜଳସ୍ତର, ପ୍ରବାହ ପରିସ୍ଥିତି ଏବଂ ତଳମୁଣ୍ଡ ଅଞ୍ଚଳର ସୁରକ୍ଷାକୁ ଦୃଷ୍ଟିରେ ରଖି ବନ୍ୟାଜଳର ସୁଚାରୁ ପରିଚାଳନା ପାଇଁ ସେ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ଶର୍ମା ନରାଜ ବ୍ୟାରେଜ ପରିଦର୍ଶନ କରି ବ୍ୟାରେଜର କଣ୍ଟ୍ରୋଲ୍ ରୁମ୍‌ରେ ସ୍ଥାପିତ ଆଧୁନିକ ସ୍କାଡା ପ୍ରଣାଳୀ ମାଧ୍ୟମରେ ବ୍ୟାରେଜ ଗେଟ୍‌ର ପରିଚାଳନା ଓ ନିରୀକ୍ଷଣ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସ୍କାଡା ପ୍ରଣାଳୀ ମାଧ୍ୟମରେ ବ୍ୟାରେଜ ଗେଟ୍‌ର ରିଅଲ୍-ଟାଇମ୍ ନିରୀକ୍ଷଣ, ଜଳ ପ୍ରବାହର ସଠିକ୍ ମୂଲ୍ୟାଙ୍କନ ଏବଂ ଗେଟ୍ ପରିଚାଳନାର କାର୍ଯ୍ୟଦକ୍ଷତାର ଉପରେ ଅଲୋଚନା ହୋଇଥିଲା। ସେ କ୍ଷେତ୍ରସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଚବିଶ ଘଣ୍ଟିଆ ସତର୍କତା ଅବଲମ୍ବନ କରିବା, ସ୍କାଡା ପ୍ରଣାଳୀ ମାଧ୍ୟମରେ ଗେଟ୍‌ର କାର୍ଯ୍ୟକଳାପ ଉପରେ ନିରନ୍ତର ନଜର ରଖିବା ଏବଂ ଯେକୌଣସି ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଯାନ୍ତ୍ରିକ ମୁଖ୍ୟ ଯନ୍ତ୍ରୀ, ଭୁବନେଶ୍ୱରର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଏବଂ ପୂର୍ବାଞ୍ଚଳ ପରିମଣ୍ଡଳ-୧, କଟକର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଉପସ୍ଥିତ ଥିଲେ। ବନ୍ୟାଜଳର ପ୍ରବାହ, ଉପରମୁଣ୍ଡ ଓ ତଳମୁଣ୍ଡ ଅଞ୍ଚଳର ପରିସ୍ଥିତି ଏବଂ ବୈଜ୍ଞାନିକ ତଥ୍ୟର ନିରନ୍ତର ବିଶ୍ଳେଷଣ ଆଧାରରେ ବ୍ୟାରେଜ ଗେଟ୍ ପରିଚାଳନା କରାଯାଉଛି। ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସୁରକ୍ଷିତ ଓ ସୁନିୟୋଜିତ ଭାବେ ବନ୍ୟାଜଳ ନିଷ୍କାସନ ସୁନିଶ୍ଚିତ କରିବା ସହ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ପୋଲିସ ଅଧିନିୟମ ୩୦ ଧାରା ଜିଲ୍ଲାରେ ତା ୩୧.୦୭ ଠାରୁ ୨୮.୧୦.୨୦୨୬ ରିଖ ପର୍ଯ୍ୟନ୍ତ ବଳବତ୍ତର

**କଟକ (ବ୍ୟୁରୋ) :** ସବିଶେଷ ସୂଚନା ଅନୁଯାୟୀ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ଶ୍ରମିକ ସାମୁଖ୍ୟ/ଛାତ୍ରସଂଘ ଇତ୍ୟାଦି ଏବଂ ଅନ୍ୟାନ୍ୟ ଶ୍ରେଣୀ /ଗୋଷ୍ଠୀର ଲୋକମାନଙ୍କ ଦ୍ୱାରା ଶୋଭାଯାତ୍ରା ଓ ସାଧାରଣସଭା ଆଦି ସର୍ବସାଧାରଣସ୍ଥାନ/ ସାହି ଏବଂ କଟକ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନମାନଙ୍କରେ ସଂଗଠିତ ହୋଇଥାଏ। ଏହି ଶୋଭାଯାତ୍ରା ଓ ସାଧାରଣସଭା ଗୁଡିକୁ ସର୍ବସାଧାରଣସ୍ଥାନରେ ନିୟନ୍ତ୍ରଣ କରିବା ନିମନ୍ତେ ପୋଲିସ ଅଧିନିୟମ ୩୦ ଅନୁଯାୟୀ ଜିଲ୍ଲାର ସମସ୍ତ ୨୧ଗୋଟି ପୋଲିସ ଥାନା ଯଥା- ସାଲେପୁର, ନିଶ୍ଚିନ୍ତକୋଇଲି, ନେମାଳ, ମାହାଙ୍ଗା, ଭଦ୍ରେଶ୍ୱର, କିଶନନଗର, ନିଆଳି, ଗୋବିନ୍ଦପୁର, ଓଲଟପୁର, ଟାଙ୍ଗୀ, ଗୁରୁଡିଝାଟିଆ, ଖୁଣ୍ଟୁଣୀ, ଆଠଗଡ, ତିଗିରିଆ, ବଡମ୍ବା, ମାଣିଆବନ୍ଧ, ନରସିଂହପୁର, ଯୋଡ୍ମ, କାନପୁର, ବାଙ୍କୀ ଓ ବଇଦେଶ୍ୱର ପୋଲିସ ସୀମା ମଧ୍ୟରେ ଆଦେଶନାମା ଜାରି କରାଯାଇଛି। ଏଠାରେ ସୂଚୀତ କରାଯାଇପାରେ ଯେ,ତା ୩୧.୦୭.୨୦୨୬ ଠାରୁ ୨୮.୧୦.୨୦୨୬ ରିଖ ମଧ୍ୟରେ ଯଦି କୌଣସି ସଂଗଠନ /ବ୍ୟକ୍ତିବିଶେଷ, ସାମୁହିକଭାବେ ଶୋଭାଯାତ୍ରା/ ଧାରଣା/ଅନିୟନ୍ତ୍ରିତ ଗହଳି ସଂଗଠିତ ହେଉଥିବା ଓ ଏଥିଜନିତ ଶାନ୍ତିଭଙ୍ଗ ହେବାର ଆଶଙ୍କା ଥିଲେ ସେଥିନିମନ୍ତେ ସଂପୃକ୍ତ ଅଞ୍ଚଳ ଉପଖଣ୍ଡ ପୋଲିସ ଅଧିକାରୀ/ ପୋଲିସ ନିରୀକ୍ଷକ / ଭାରପ୍ରାପ୍ତ ଅଧିକାରୀଙ୍କ ଠାରୁ ୩୦ଧାରା ଅନୁଯାୟୀ ଅନୁମତି ପ୍ରାପ୍ତ କରିବାକୁ ହେବ ବୋଲି ଆରକ୍ଷୀ ଅଧୀକ୍ଷକ,କଟକ ଆଦେଶନାମାରେ ପ୍ରକାଶ କରିଛନ୍ତି। ବିଶେଷ ଭାବରେ ସାଧାରଣସଭା ସଂଗଠିତ କରିବା ନିମନ୍ତେ ଆବେଦନକାରୀ ସମୟ, ସ୍ଥାନ ଓ ଉଦ୍ଦେଶ୍ୟ ଏବଂ ସ୍ଥିରୀକୃତ ବକ୍ତାମାନଙ୍କ ନାମ ସୂଚୀତ କରିବାକୁ ଆଦେଶନାମାରେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଶୋଭାଯାତ୍ରା କ୍ଷେତ୍ରରେ ଦରଖାସ୍ତ ଗୁଡିକ ଏହାର ଗନ୍ତବ୍ୟସ୍ଥଳ, ରହଣୀସ୍ଥାନ, ସମୟ, ଅଂଶଗ୍ରହଣକାରୀଙ୍କ ଆନୁମାନିକ ସଂଖ୍ୟା, ଯଦି ଡାକବାଜି ଯନ୍ତ୍ର ଓ ସଂଗୀତ ଯନ୍ତ୍ରାଂଶର ଆବଶ୍ୟକ ଥାଏ, ତେବେ ଏହାର ସଂଖ୍ୟା ନିରୂପଣ ପୂର୍ବକ ଉଲ୍ଲେଖ କରିବା ଆବଶ୍ୟକ। ଏଥିସହ ଆବେଦନକାରୀ ଯଦି ଆତସବାଜି ପ୍ରଦର୍ଶନ କରିବାକୁ ଚାହୁଁଥାନ୍ତି ତେବେ ତାହା କେଉଁ ଶ୍ରେଣୀଭୁକ୍ତ ଏବଂ ଏହାର ନିର୍ଦ୍ଧାରିତ ସମୟ ଓ ପ୍ରଦର୍ଶନ ସ୍ଥାନ ସୂଚୀତ କରିବାର ଆବଶ୍ୟକତା ରହିଛି ବୋଲି ଆଦେଶନାମାରେ ଉଲ୍ଲେଖ କରାଯାଇଛି। ବିଜ୍ଞପ୍ତି ମୁତାବକ, ଅନୁଜ୍ଞାପତ୍ର ପ୍ରାପ୍ତ ନିମନ୍ତେ ପ୍ରତ୍ୟେକ ଦରଖାସ୍ତ ସଂପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ କାର୍ଯ୍ୟକ୍ରମ ସଂଗଠିତ ହେବାର ସର୍ବନିମ୍ନ ୩ଦିନ ପୂର୍ବରୁ ପହଞ୍ଚିବା ଆବଶ୍ୟକ। ଏଠାରେ ସୂଚୀତ କରାଯାଇପାରେ ଯେ, ଏହି ଆଦେଶନାମା ପୂର୍ବସୂଚୀତ ଅଞ୍ଚଳଗୁଡିକରେ ୯୦ଦିନ ପର୍ଯ୍ୟନ୍ତ ତା ୩୧.୦୭.୨୦୨୬ ଠାରୁ ୨୮.୧୦.୨୦୨୬ ରିଖ ପର୍ଯ୍ୟନ୍ତ ବଳବତ୍ତର ରହିବା ବୋଲି ଜଣାଯାଇଛି। ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଏହି ଆଦେଶନାମା ସଂଖ୍ୟା ୨୩୪୦ /ନ୍ୟାୟିକ ତା ୨୯.୦୭.୨୦୨୬ ରିଖରେ ଅନୁମୋଦନ ଲାଭ କରିଛି ବୋଲି ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି।

# ବନ୍ୟା ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନର କଡ଼ାନଜର

## ପ୍ରଭାବିତ ଅଞ୍ଚଳ ଗସ୍ତକରି ସ୍ଥିତି ସମୀକ୍ଷା କରୁଛନ୍ତି ବରିଷ୍ଠ ଅଧିକାରୀ



କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିରନ୍ତର ନଜର ରଖାଯାଇଥିବା ବେଳେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର, ରିଲିଫ୍ ଓ ଅତ୍ୟାବଶ୍ୟକ ସେବା ପ୍ରଦାନ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ଜିଲ୍ଲାର ୮ଟି ବ୍ଲକ୍ ଯଥା ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡ଼ା, ମାର୍ଶାଘାଇ ଏବଂ ମହାକାଳପଡ଼ା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଏଥିସହ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ଜିଲ୍ଲାର ମୋଟ ୫୭ଟି ଗ୍ରାମ ପଞ୍ଚାୟତ ଅଧିନ ୧୩୫ଟି ଗ୍ରାମର ପ୍ରାୟ ୫୭ ହଜାର ୭୦୪ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଥିବା ବେଳେ ୧୦୦୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ୩ଟି ଆଶ୍ରୟସ୍ଥଳୀରେ ସେମାନଙ୍କୁ ରଖାଯାଇ ଆବଶ୍ୟକୀୟ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। ସେହିପରି ୩ଟି ମାଗଣା ରୋଷେଇ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ନିରନ୍ତର ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ପରଖୁଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଏବଂ ଅତିରିକ୍ତ ଉପଜିଲ୍ଲାପାଳ ସନ୍ଧ୍ୟାରାଣୀ ମାଝୀ ପ୍ରମୁଖ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ତଦାରଖ କରୁଛନ୍ତି। ଜିଲ୍ଲାରେ ବନ୍ୟା ଜନିତ କୌଣସି ଜନହାନି ଘଟି ନାହିଁ। ପ୍ରାୟ ୨୪ ହଜାର ୨୬୦ଟି ପଶୁ ପ୍ରଭାବିତ ହୋଇଥିବା ବେଳେ କୌଣସି ପଶୁଙ୍କ ମୃତ୍ୟୁର ଖବର ମିଳିନାହିଁ। ଚାଷଜମି କ୍ଷୟକ୍ଷତିର ଆକଳନ ବନ୍ୟା ଜଳ କମିବା ପରେ କରାଯିବ। ସେହିପରି ୫ଟି କଚ୍ଚା ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି ।ପ୍ରଭାବିତ ଲୋକଙ୍କ ମଧ୍ୟରେ ଆବଶ୍ୟକୀୟ ସାମଗ୍ରୀ ବଣ୍ଟନ କରାଯାଉଛି। ଆଜି ସୁଦ୍ଧା ୧୭.୭୫ କ୍ୟୁଣ୍ଟାଲ ଚୁଡ଼ା, ୧.୫ କ୍ୱିଣ୍ଟାଲ ଗୁଡ଼, ୫ କ୍ୱିଣ୍ଟାଲ ଅନ୍ୟାନ୍ୟ ସାମଗ୍ରୀ ସହିତ ୧୩ କାର୍ଟୁନ ବିସ୍କୁଟ, ୧ କାର୍ଟୁନ ମହମବତୀ ଏବଂ ୧ କାର୍ଟୁନ ଦିଆସିଲି ବଣ୍ଟନ କରାଯାଇଛି ।ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ପାଇଁ ମୋଟ ୮ଟି ମେଡିକାଲ ଟିମ୍ ମୁତୟନ କରାଯାଇଛି। ସେଥିମଧ୍ୟରୁ ଆଳିରେ ୨ଟି, ପଟ୍ଟାମୁଣ୍ଡାଇରେ ୩ଟି, ଇନ୍ଦୁପୁର ଅଞ୍ଚଳରେ ୨ଟି ଏବଂ ମାର୍ଶାଘାଇରେ ଗୋଟିଏ ମେଡିକାଲ ଟିମ୍ କାର୍ଯ୍ୟରତ ରହି ପ୍ରଭାବିତ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଓ ଔଷଧ ବଣ୍ଟନ କରୁଛନ୍ତି ।ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପରିସ୍ଥିତି ଉପରେ ସତର୍କ ନଜର ରଖାଯାଇଥିବା ବେଳେ ସମସ୍ତ ସମ୍ପୃକ୍ତ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।





## ଦୃଷ୍ଟିହୀନ ଦମ୍ପତ୍ତିଙ୍କ ନାମରେ ଋଣକରି ଲୁଟ୍ ଘଟଣା

# ରାଜ୍ୟ ମାନବିକ ଅଧିକାର କମିଶନରେ ଅଭିଯୋଗ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅଧିନ ପଳାସପୁର ଗ୍ରାମର ଏକ ଦୃଷ୍ଟିହୀନ ଦମ୍ପତ୍ତିଙ୍କ ନାମରେ ଋଣ କରି ସଂପୂର୍ଣ୍ଣ ଋଣ ଅର୍ଥକୁ ହଡପ କରିନେଇଛନ୍ତି ମହାକାଳପଡା ବିଧାୟକଙ୍କ ପାଖଲୋକ ତଥା ବିଜେପିର ମଣ୍ଡଳ ସଭାପତି ରଶ୍ମୀରଞ୍ଜନ ସ୍ୱାଇଁ । ଏନେଇ ରାଜ୍ୟ ମାନବିକ ଅଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ସମାଜସେବୀ ଚିତ୍ତରଞ୍ଜନ ଦାସ । କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅଧିନ ପଳାସପୁର ଗ୍ରାମର ସୋନୁ ମଳିକଙ୍କ ପତ୍ନୀ ରିଙ୍କି ମଳିକଙ୍କ ନାମରେ ଭାରତ ଫାଇନାନ୍ସ କମ୍ପାନୀରୁ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ୩ଟି ଋଣ କରାଯାଇ ସେହି ଅର୍ଥକୁ ହଡପ କରାଯାଇଥିବା ଅଭିଯୋଗ ହୋଇଥିଲା ।କିନ୍ତୁ ଏହି ଋଣ ସମ୍ପର୍କରେ ରିଙ୍କି କିମ୍ବା ତାଙ୍କ ସ୍ୱାମୀ ସୋନୁ କିଛି ଜାଣି ନଥିଲେ । ତାଙ୍କ ଗ୍ରାମର ବିଜେପି ମଣ୍ଡଳ ସଭାପତି ରଶ୍ମୀରଞ୍ଜନ ସ୍ୱାଇଁଙ୍କ ପତ୍ନୀ ତଥା ସେହି ଗ୍ରାମର ଭାରତ ଫାଇନାନ୍ସ କମ୍ପାନୀର ଋଣ ପରିଚାଳକ ମାନସୀ ସ୍ୱାଇଁଙ୍କ ସହିତ ମିଶି ରଶ୍ମୀରଞ୍ଜନ ଏହି ଭିନ୍ନକ୍ଷମ ଦମ୍ପତ୍ତିଙ୍କ ନାମରେ ଋଣ କରାଇ ସମ୍ପୂର୍ଣ୍ଣ ଋଣ ଅର୍ଥକୁ ଲୁଟ କରିନେଇଥିବା ଅଭିଯୋଗ ଉପରେ ବିଭିନ୍ନ ସମ୍ବାଦପତ୍ରରେ ଖବର ପ୍ରକାଶ ପାଇଥିଲା । ପଳାସପୁର ଗ୍ରାମରେ ରଶ୍ମୀରଞ୍ଜନଙ୍କ ଏକ ଜନସେବା କେନ୍ଦ୍ର ରହିଛି । ରିଙ୍କି ମଳିକ ପ୍ରତ୍ୟେକ ମାସରେ ଭତ୍ତା ଉଠାଇବାକୁ ରଶ୍ମୀରଞ୍ଜନଙ୍କ ଜନସେବା କେନ୍ଦ୍ରକୁ ଯାଇଥାନ୍ତି । ସେଠାରେ ରିଙ୍କିଙ୍କ ଟିପଚିହ୍ନ, ଆଧାର ଫଟୋ ପ୍ରଭୃତି ରଶ୍ମୀରଞ୍ଜନଙ୍କ ଜନସେବା କେନ୍ଦ୍ରରେ ରହିଛି । ଏହାର ସୁଯୋଗ ନେଇ ରଶ୍ମୀରଞ୍ଜନ ଓ ତାଙ୍କ ପତ୍ନୀ ମାନସୀ ରିଙ୍କିଙ୍କ ନାମରେ ତିନୋଟି ଋଣ କରି ସେହି ଅର୍ଥକୁ ସଂପୂର୍ଣ୍ଣ ଭାବେ ହଡପ କରିନେଇଛନ୍ତି । ଭାରତ ଫାଇନାନ୍ସ କମ୍ପାନୀର ଶାଖା ପରିଚାଳକ ସୋନୁଙ୍କ ଘରକୁ ଆସି ଶୀଘ୍ର ଋଣ ଶୁଝିବାକୁ କହିବା ପରେ ଭିନ୍ନକ୍ଷମ ଦମ୍ପତ୍ତି ଋଣ ସମ୍ପର୍କରେ ଜାଣିଥିଲେ । ଏସମ୍ପର୍କରେ ରିଙ୍କି ମାର୍ଶାଘାଇ ଥାନାରେ ୨୦୨୫ ମସିହା ଡିସେମ୍ବର ମାସ ୯ ତାରିଖରେ ଲିଖିତ ଅଭିଯୋଗ କରିବା ପରେ ଥାନା କେଶ ନମ୍ବର -୩୮୧/୨୦୨୫ରେ ବିଏନଏସର ଧାରା ୩୧୮(୪), ୨୯୬, ୩୫୧(୨) ଓ ୩(୫)ରେ ଏକ ମାମଲା ପୋଲିସ ରୁଜୁ କରିଥିଲା । ଏହି କେଶର ତଦନ୍ତ ଭାର ସବଇନ୍ସପେକ୍ଟର ଧରିତ୍ରୀ ଜେନାଙ୍କୁ ଦିଆଯାଇଥିଲା । ଏହା ମଧ୍ୟରେ ୮ମାସ ପୁରଣ ହୋଇଥିଲେବି ଭିନ୍ନକ୍ଷମ ରିଙ୍କି ପୋଲିସ ପାଖରୁ କୌଣସି ନ୍ୟାୟ ନପାଇବାରୁ ଜିଲ୍ଲାପାଳଙ୍କ ନିକଟରେ ପୋଲିସର ଉଦାସୀନତା ବିରୋଧରେ ଅଭିଯୋଗ କରିଥିଲେ । ଏଥିସହିତ ସେମାନେ ଅଭିଯୋଗ କରିଥିଲେ ଯେ ରଶ୍ମୀରଞ୍ଜନ ମହାକାଳପଡା ବିଧାୟକଙ୍କ ପାଖ ଲୋକ ହୋଇଥିବାରୁ ପୋଲିସ କିଛି ପଦକ୍ଷେପ ଗ୍ରହଣ କରୁନାହିଁ । ଏହାବ୍ୟତିତ ରଶ୍ମୀରଞ୍ଜନ ସେମାନଙ୍କୁ ଧମକ ଦେଉଥିବାରୁ ସେମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହିଥିବା ଭିନ୍ନକ୍ଷମ ଦମ୍ପତ୍ତି ଅଭିଯୋଗ କରିଥିଲେ । ତେଣୁ ଘଟଣାର ଏକ ନିରପେକ୍ଷ ତଦନ୍ତ କରାଯାଇ ତୁରନ୍ତ ଭିନ୍ନକ୍ଷମ ଦମ୍ପତ୍ତିଙ୍କୁ ନ୍ୟାୟ ପ୍ରଦାନ କରାଯିବାକୁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏଭଳି ସ୍ୱର୍ଶକାତର ଘଟଣାରେ ସମାଜସେବୀ ଚିତ୍ତରଞ୍ଜନ ଦାସ ରାଜ୍ୟ ମାନବାଧିକାର ଆୟୋଗଙ୍କ ହସ୍ତକ୍ଷେପ ଲୋଡି ଘଟଣାର ଏକ ନିରପେକ୍ଷ ତଦନ୍ତ ସହିତ କର୍ତ୍ତବ୍ୟରେ ଅବହେଳା କରିଥିବା, ଦାୟିତ୍ୱହୀନତା ପ୍ରଦର୍ଶନ କରିଥିବା, ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବ କରିଥିବା ତଦନ୍ତକାରୀ ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି । କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ବିଳମ୍ୱ କରିଥିବା ଅଧିକାରୀଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଆୟୋଗ ନିର୍ଦ୍ଦେଶ ଦେବାକୁ ନିବେଦନ କରାଯାଇଛି । ଆଇନ ଅନୁଯାୟି ଯଥାଶୀଘ୍ର ମାମଲାର ତଦନ୍ତ ଶେଷ କରିବାକୁ ପୋଲିସ ମହାନିର୍ଦ୍ଦେଶକ ଓ କେନ୍ଦ୍ରାପଡା ଏସପିଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି । ଏଥିସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ବିଳମ୍ୱର କାରଣ ସହିତ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ( ଏ.ଟି.ଆର.) ପୋଲିସ ଡିଜି ଓ ରାଜ୍ୟ ସରକାରଙ୍କୁ ମଗାଯାଉ ବୋଲି ଆବେଦନକାରୀ ଦାବି କରିଛନ୍ତି । ପୋଲିସର ଅମାନବିୟ କାର୍ଯ୍ୟ ବିରୋଧରେ ତଦନ୍ତ କରାଯାଇ ପିଡିତ ଦମ୍ପତ୍ତିଙ୍କୁ ୨୦ଲକ୍ଷ ଟଙ୍କା କ୍ଷତିପୁରଣ ପ୍ରଦାନ କରାଯିବା ପାଇଁ କମିଶନଙ୍କୁ ନିବେଦନ କରାଯାଇଛି ।

## କଂଗ୍ରେସ ପକ୍ଷରୁ ଲାଲାଜୀ ଓ ଭକ୍ତଙ୍କୁ ସମ୍ବର୍ଦ୍ଧନା

**ମାହାଙ୍ଗା (ଅମୃତ ମିଡ଼ିଆ) :** ବଡ଼ଚଣା ବ୍ଲକ ଅଧିନସ୍ଥ ସନ୍ଥ ସାଧକ ଅରକ୍ଷିତ ଦାସଙ୍କ ସାଧନା ପୀଠ ଓଲାଶୁଣୀ ଗୁମ୍ଫା ଠାରେ ପ୍ରଦେଶ କଂଗ୍ରେସ କମିଟି ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନ ଦ୍ୱାରା ଆହୁତ ସର୍ବୋଦୟ ସଂକଳ୍ପ ଶିବିର ତାଲିମ କ୍ୟାମ୍ପକୁ ଉଦଘାଟନ କରିବାକୁ ଯାଉଥିବା ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଓଡିଶା ପ୍ରଭାରୀ ଲଲା ଜୀ ଦେଶାଇ ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ମାହାଙ୍ଗା ବ୍ଲକ ସଦର ମହକୁମା କୁଆଁପାଳ ଠାରେ ଦିବା ୧୧ଘଟିକା ସମୟରେ କଟକ ଜ଼ିଲ୍ଲା କଂଗ୍ରେସ କମିଟି ସଭାପତି ବରିଷ୍ଠ ସଂଗଠକ ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ଦାସଙ୍କ ନିର୍ଦ୍ଦେଶ ମତେ ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ସଭାପତି ଆଇନଜୀବୀ ଦୀପକ କୁମାର ମହାନ୍ତିଙ୍କ ଆବାହକତ୍ୱରେ ମାହାଙ୍ଗା କଂଗ୍ରେସ ନେତା ସେକ ମସୁଦ ଅଲିଙ୍କ ନେତୃତ୍ୱରେ ବହୁ କଂଗ୍ରେସ ନେତୃ ମଣ୍ଡଳୀଙ୍କ ଉପସ୍ଥିତିରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମାହାଙ୍ଗା ବ୍ଲକ କଂଗ୍ରେସ ସାଧାରଣ ସମ୍ପାଦକ ସଂଗ୍ରାମ ସାମଲ, କଟକ ଜ଼ିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସେକ ସୌକତ ଅଲି ଓ ସୁକାନ୍ତ ନନ୍ଦ, ସମ୍ପାଦକ ମାନସ ରଞ୍ଜନ ଦାସ, ରଞ୍ଜନ ପ୍ରଧାନ,



ଅରୁଣ ନାଥ ଓ ରୁପେଶ ମୋହନ ଜେନା, ରଞ୍ଜନ ସାମଲ, ସେକ ଜ୍ୱାବୀର, ରବିନାରାୟଣ ସାହୁ, କୈବଲ୍ୟ ମହାନ୍ତି, ସୁବାଶିଷ ବିଶ୍ୱାଳ ଈଶ୍ୱର ଚନ୍ଦ୍ର ସେନାପତି, ଶେଜ ଆରେଜୁ ଅଲି, ବିଦ୍ୟାଧର ବେହେରା, ଗଣେଶ୍ୱର ସ୍ୱାଇଁ, ଦୀପକ ନାୟକ, ସୁଶୀଲ ପଣ୍ଡା, ସଚିନ୍ଦ୍ର ପତି, ରାଜେନ୍ଦ୍ର ବରାଳ, ନାରାୟଣ ଦାସ, ବିଜୟ ବେହେରା, ଚିନ୍ମୟ ଜେନା, ଅଜିତ ମଲିକ, ପପୁ ମଲିକ, ବିଜୟ କୁମାର ସିହ୍ନା ଏବଂ ସେକ କଲୋ ସମେତ ବହୁ କଂଗ୍ରେସ ସଂଗଠକ ଓ କର୍ମୀ ସାମିଲ ହୋଇଥିଲେ । ଆଜିକାର ସମ୍ବର୍ଦ୍ଧନାରେ ମାହାଙ୍ଗା କଂଗ୍ରେସର ସ୍ଥିତି ସେକ ମସୁଦ ଅଲିଙ୍କ ନେତୃତ୍ୱରେ ଦିନକୁ ଦିନ ସୁଦୃଢ ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ଓ ଆଲୋଚନା ହେଉଛି ।

## ଷ୍ଟାର୍ଟଅପ ପ୍ରତିଯୋଗିତା ଅନୁଷ୍ଠିତ

**କୋଦାଳ (ଅମୃତ ମିଡିଆ) :** ଶୁକ୍ରବାର ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ କୋଦାଳରେ ଷ୍ଟାର୍ଟଅପ ପ୍ରତିଯୋଗିତା ଭାରପ୍ରାପ୍ତ ଅଧକ୍ଷା ରଞ୍ଜୁବାଳା ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅର୍ନ୍ତର୍ନିହିତ ଗୁଣାବଳୀ ବର୍ଦ୍ଧକ ସଂଯୋଜକ ସପନକୁମାର ଦାଶ ଷ୍ଟାର୍ଟଅପ ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କେ କହିଥିଲେକ୍ଷ ଅଧକ୍ଷା ଷ୍ଟାର୍ଟଅପ ଛାତ୍ରଛାତ୍ରୀଙ୍କ ବିକାଶରେ କିପରି ସହାୟକ ହୋଇଥାଏ ସେ ବିଷୟରେ ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କୋଦଳା ଶାଖାର ମୁଖ୍ୟ ପରିଚାଳକ ପାୟଲ ପରିଜା ଷ୍ଟାର୍ଟଅପ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ କ୍ଷଆଜିର ପ୍ରତିଯୋଗିତାରେ ବିଚାରକ ଭାବେ ପୁରାତନ ଛାତ୍ର ତଥା ବାଲବିକାଶ, କୋଦଳାର ଅଧକ୍ଷ ଅବିରେଶ ମହାପାତ୍ର, ଗାୟତ୍ରୀ ଶିକ୍ଷାନୁଷ୍ଠାନ, କୋଦଳାର ମୁଖ୍ୟ ପରିଚାଳକ ଦୀପକ କୁମାର ଖଟେଇ ଏବଂ ରାଜନୀତି ବିଜ୍ଞାନ ବିଭାଗର ଅଧାପକ ଶ୍ରୀ ଲିପୁନ ମାଝୀ ରହିଥିଲେ । ଶୈକ୍ଷିକ ଅଧିକାରୀ ବିନୋଦ କୁମାର ମିଶ୍ର ଷ୍ଟାର୍ଟଅପର ବିଭିନ୍ନ ଦିଗ ବିଷୟରେ କହିଥିଲେ । ଆଜିର ପ୍ରତିଯୋଗିତା ରେ ଅନେକ ଛାତ୍ରଛାତ୍ରୀ ନିଜର ପ୍ରକଳ୍ପ ପାୱାରପଏଣ୍ଟ ମାଧମରେ ପ୍ରଦର୍ଶନ କରିଥିଲେ ।

# ଜିଲ୍ଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣରେ

## ପ୍ରଶାସନ ପକ୍ଷରୁ ରିଲିଫ, ସ୍ୱାସ୍ଥ୍ୟସେବା ଓ ସତର୍କତାମୂଳକ ପଦକ୍ଷେପ ଜାରି

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଆଜି ସକାଳ ୧୦ଟା ସୁଦ୍ଧା ପ୍ରାପ୍ତ ସ୍ଥିତି ରିପୋର୍ଟ ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡ଼ା ଓ ମାର୍ଶାଘାଇ ସମେତ ୭ଟି ବ୍ଲକ ବନ୍ୟା ପ୍ରଭାବିତ ହୋଇଛି । ଏହାସହ ୩୮ଟି ଗ୍ରାମ ପଞ୍ଚାୟତ, ୭୫ଟି ଗ୍ରାମ ଏବଂ ପଟ୍ଟାମୁଣ୍ଡାଇ ପୌରପାଳିକାର ୧୧ଟି ୱାର୍ଡ ପ୍ରଭାବିତ ହୋଇଛି ।ବନ୍ୟା ପ୍ରଭାବରେ ୧୫,୬୫୬ ଜଣ ଲୋକ ପ୍ରଭାବିତ ହୋଇଥିବାବେଳେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୩୦୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ସେମାନଙ୍କ ପାଇଁ ଗୋଟିଏ ଆଶ୍ରୟ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି ଏବଂ ବର୍ତ୍ତମାନ ସେଠାରେ ୩୦୦ ଜଣ ଆଶ୍ରୟ ନେଇଛନ୍ତି ।ପ୍ରଭାବିତ ଲୋକଙ୍କ ପାଇଁ ଗୋଟିଏ ମାଗଣା ରନ୍ଧାଖାଦ୍ୟ (ଫ୍ରି କିଚେନ୍) କେନ୍ଦ୍ର ଖୋଲାଯାଇଛି । ଏହି କେନ୍ଦ୍ର ମାଧ୍ୟମରେ ୩୦୦ ଜଣ ହିତାଧିକାରୀଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି ।ଆବଶ୍ୟକୀୟ ରିଲିଫ ସାମଗ୍ରୀ ଭାବେ ଆଜି ୧୬ କ୍ୟୁଣ୍ଟାଲ ଚୁଡ଼ା, ୧.୫ କ୍ୱିଣ୍ଟାଲ ଗୁଡ଼, ୫ଟି ପଲିଥିନ୍ ରୋଲ୍, ୭ କାର୍ଟୁନ୍ ବିସ୍କୁଟ, ୧ କାର୍ଟୁନ୍ ମହମବତୀ ଏବଂ ୧ କାର୍ଟୁନ୍ ଦିଆସିଲି ବଣ୍ଟନ କରାଯାଇଛି ।ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ପାଇଁ ୮ଟି ମେଡିକାଲ ଟିମ୍ ନିୟୋଜିତ କରାଯାଇଛି । ସେଥିମଧ୍ୟରୁ ଆଳିରେ ୨ଟି, ପଟ୍ଟାମୁଣ୍ଡାଇରେ ୩ଟି, ଇନ୍ଦୁପୁରରେ ୨ଟି ଏବଂ ମାର୍ଶାଘାଇରେ ୧ଟି ମେଡିକାଲ ଟିମ୍ କାର୍ଯ୍ୟରତ ରହିଛି । ରିପୋର୍ଟ ଅନୁଯାୟୀ କୌଣସି ଜନହାନି କିମ୍ବା ପଶୁଙ୍କହାନି ଘଟିନାହିଁ ।୨,୦୩୦ଟି ପଶୁ ପ୍ରଭାବିତ ହୋଇଛନ୍ତି । ଯେଉଁଥିରେ ୧,୭୨୪ଟି ବଡ଼ ପଶୁ ଏବଂ ୩୦୬ଟି ଛୋଟ ପଶୁ ରହିଛନ୍ତି । ଫସଲ କ୍ଷୟକ୍ଷତିର ଆକଳନ ବନ୍ୟାଜଳ କମିବା ପରେ କରାଯିବ । ପ୍ରାଥମିକ ଆକଳନ ଅନୁଯାୟୀ ୫ଟି କଚ୍ଚା ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି । ୧୨ଟି ରାସ୍ତା ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବାବେଳେ ବିଦ୍ୟୁତ ସରବରାହରେ କୌଣସି ବାଧା, ଗଛ ଉପୁଡ଼ିବା କିମ୍ବା ଅନ୍ୟ କୌଣସି ବଡ଼ ଧରଣର ଭିତ୍ତିଭୂମି କ୍ଷୟକ୍ଷତିର ସୂଚନା ମିଳିନାହିଁ ।ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି । ପ୍ରଭାବିତ ଅଞ୍ଚଳରେ ସମସ୍ତ ଲାଇନ୍ ବିଭାଗ ସହ ସମନ୍ୱୟ ରକ୍ଷା କରି ରିଲିଫ, ସ୍ୱାସ୍ଥ୍ୟସେବା ଓ ଆବଶ୍ୟକୀୟ ସହାୟତା କାର୍ଯ୍ୟ ଜାରି ରହିଛି । ଜନସାଧାରଣଙ୍କୁ ସତର୍କ ରହିବା, ପ୍ରଶାସନ ପକ୍ଷରୁ ଜାରି କରାଯାଉଥିବା ପରାମର୍ଶ ପାଳନ କରିବା ଏବଂ ଆବଶ୍ୟକ ସହଯୋଗ କରିବାକୁ ଅନୁରୋଧ କରାଯାଇଛି ।

## ନାବାଳିକା ଦୁଷ୍କର୍ମକାରୀଙ୍କୁ ସାଢେ ୪ବର୍ଷ ସଶ୍ରମ କାରାଦଣ୍ଡ

**କେନ୍ଦ୍ରାପଡା (ଅମୃତ ମିଡିଆ) :** ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି କେନ୍ଦ୍ରାପଡା ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ଜଜ ପ୍ରଜ୍ଞାପରମିତା ରାଉଳ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସାଢେ ୪ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହାସହ ୬ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୪ମାସ ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଥାନା ଅଞ୍ଚଳର ଏକ ଗ୍ରାମରେ ଭାଲୁକୁଣୀ ଭଷାଣୀ ଚାଲିଥିଲା । କାଣୀନଦୀ ନିକଟରୁ ଭଷାଣୀ ଶେଷ କରି ଘରକୁ ଫେରୁଥିବା ବେଳେ ୨୦୨୩ମସିହା ସେପ୍ଟେମ୍ବରମାସ ୨୪ତାରିଖ ରାତି ୯ଟା ସମୟରେ ଅଭିଯୁକ୍ତ ଚନ୍ଦ୍ରଶେଖର ବଳ ସଂପୃକ୍ତ ନାବାଳିକାଙ୍କୁ ଜୋରଜବରଦସ୍ତ ନିକଟସ୍ଥ ଏକ ଗଛମୂଳକୁ ଟେକିନେଇଥିଲେ । ସେଠାରେ ଅଭିଯୁକ୍ତ ଜଣକ ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିଲେ । ଫଳରେ ନାବାଳିକା ଜଣକ ଜୋରରେ ପାଟି କରିଥିଲେ । ପାଟି ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତ ସେଠାରୁ ଦୌଡି ପଳାଇଯାଇଥିଲା । ଗ୍ରାମବାସୀମାନେ ଏସମ୍ପର୍କରେ ଅଭିଯୁକ୍ତଙ୍କୁ ପଚାରିବାରେ ସେ ତାଙ୍କ ପରିବାର ଲୋକ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ । ଏହାପରେ ପିଡିତାଙ୍କ ସମ୍ପର୍କୀୟ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାକେଶ ନଂ-୫୮୮/୨୦୨୩ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିଲା । ପୋଲିସ କୋର୍ଟରେ ଚାର୍ଜସିଟ ଦାଖଲ କରିବା ପରେ ଶୁଣାଣି ଆରମ୍ଭ ହୋଇଥିଲା । ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି କୋର୍ଟ ଅଭିଯୁକ୍ତ ଚନ୍ଦ୍ରଶେଖର ବଳ(୪୩)କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନେହେରୁ କୁମାର ସାହୁ କୋର୍ଟରେ ମାମଲାର ପରିଚାଳନା କରୁଥିଲେ ।

## ପ୍ରଣମ୍ୟ ଗୁରୁ ପରିବାର ପକ୍ଷରୁ ଆଦର୍ଶ ଶିକ୍ଷକ ସମ୍ମାନ



**ଚଣ୍ଡିଖୋଲ (ଅମୃତ ମିଡ଼ିଆ) :** ପବିତ୍ର ଗୁରୁ ପୂର୍ଣିମା ଅବସରରେ ଛତିଆ ଇଛା ନଗର ପାଟଣା କ୍ଲଷ୍ଟର କାର୍ଯାଳୟଠାରେ ପ୍ରଣମ୍ୟ ଗୁରୁ ପରିବାର ପକ୍ଷରୁ ‘ଆଦର୍ଶ ଶିକ୍ଷକ ୨୦୨୬’ ସମ୍ବର୍ଦ୍ଧନା କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ କ୍ଲଷ୍ଟର ଅଧୀନ ୧୭ଗୋଟି ବିଦ୍ୟାଳୟର ମୋଟ ୧୫ଜଣ ସୁନାମ ଧନ୍ୟ ଶିକ୍ଷକଙ୍କୁ ଆଦର୍ଶ ଶିକ୍ଷକରେ ସମ୍ମାନିତ କର୍ଯଯାଇଥିଲା ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ ମୁଖ୍ୟ ଅତିଥି ଓ ଛତିଆ ସରପଞ୍ଚ ରମେଶ ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପୂର୍ବତନ ସିଆରସିସି ରଶ୍ମିରଞ୍ଜନ ଷେଣ୍ଢ ଏଥିରେ ଅଧକ୍ଷତା କରିଥିଲେ । ପ୍ରଣମ୍ୟ ଗୁରୁ ପରିବାର ସଭାପତି ଅମର କୁମାର ନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ପ୍ରଦୂଷ କୁମାର ନାଥ ସଂଗଠନ ସମ୍ପାଦକ ସର୍ବେଶ୍ୱର ରାଉଳ ଯୁଗ୍ମ ସମ୍ପାଦକ ଅରିନ୍ଦମ ଦାସ ଚମ୍ପାପୁରର ପୂର୍ବତନ ସରପଞ୍ଚ ତଥାପ୍ରଣମ୍ୟ ପରିବାର ର ଉପଦେଷ୍ଟା ବାସୁଦେବ ସ୍ୱାଇଁ ଓ ସଂଯୋଜକ ସୋମ୍ୟ ରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅନ୍ୟ ସମସ୍ତେ ସହଯୋଗ କରିଥିଲେ ।

# ଗୋଟିଏ ସ୍ଥାନରେ ଦୁଇ ଗାନ୍ଧୀମୂର୍ତ୍ତି ନେଇ ବିବାଦ

**ମାହାଙ୍ଗା (ଅମୃତ ମିଡ଼ିଆ) :** ମାହାଙ୍ଗା ବ୍ଲକ ଅନ୍ତର୍ଗତ କଇଥା ପଞ୍ଚାୟତ ସ୍ଥିତ ଗାନ୍ଧୀ ଶିକ୍ଷା ଶ୍ରମ ପରିସରରେ ଥିବା ପାର୍କ ମଧ୍ୟରେ ଦୁଇବର୍ଷ ପୂର୍ବରୁ ୨୦ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା । ଏହି ପାର୍କଟି କୁଆଁପାଳ ଛତିଆ ପୂର୍ତ୍ତ ରାସ୍ତା ପାର୍ଶ୍ୱରେ ଶୋଭା



ବର୍ଦ୍ଧନ କରୁଥିବା ବେଳେ ଏବେ ସଂସ୍କୃତି ବିଭାଗ ପକ୍ଷରୁ ଏହି ପ୍ରତିମୂର୍ତ୍ତି ପାଖରୁ ମାତ୍ର ୧୦ ଫୁଟ ଦୂରତା ମଧ୍ୟରେ ଅନ୍ୟ ଏକ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଉଛି ଯାହାକୁ ନେଇ ପୁରାତନ ଛାତ୍ର ସଂଶଦ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଉଛି । ଏହି ସ୍ଥଳରେ ଅନ୍ୟ ଏକ ପ୍ରତିମୂର୍ତ୍ତି ନିର୍ମାଣ କରାନଯାଇ ନିର୍ମାଣ ରତ ମୂର୍ତ୍ତିକୁ ବିଦ୍ୟାଳୟ ପରିସରରେ ଥିବା ଗାନ୍ଧିଜୀଙ୍କ ଆଶ୍ରମ ନିକଟରେ ନିର୍ମାଣ କରିବାକୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଉଛି । ସୂଚନାଥାଉ କି ୨୦୨୩ ମସିହା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ଏହି ପ୍ରତିମୂର୍ତ୍ତି ଉଦ୍ଘାଟିତ ହୋଇଥିଲା । ଗୋଟିଏ ସ୍ଥାନରେ ଦୁଇଟି ପ୍ରତିମୂର୍ତ୍ତି ନିର୍ମାଣ ହେବା ଘଟଣା ମାହାଙ୍ଗା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଏଭଳି କାର୍ଯ୍ୟର ବିଭାଗୀୟ କର୍ତୃପକ୍ଷ ସରଜମିନ ତଦନ୍ତ କରି ଏହି ସମସ୍ୟାର ସମାଧାନ ପାଇଁ ପୁରାତନ ଛାତ୍ର ସଂସଦ ଓ ସ୍ଥାନୀୟ ଜନସାଧାରଣ ଦାବି ଜଣାଇଛନ୍ତି ।

## ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କଲେ ସ୍ନେହମୟୀ



**ପାରାଦୀପ (ଅମୃତ ମିଡିଆ) :** ଜୀବନ ଯନ୍ତ୍ରଣାରୁ ଜନୈକ ମାନସିକ ଭିନ୍ନକ୍ଷମ ଙ୍କୁ ମୁକ୍ତି ଓ ଉଦ୍ଧାର କଲେ ସମାଜସିବିକା ତଥା ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଓ ସଂଗଠନ ର କର୍ମକର୍ତ୍ତା । ମାନସିକ ଭିନ୍ନକ୍ଷମ ଙ୍କୁ ଉଦ୍ଧାର, ଥଇଥାନ ଦିଗରେ ସ୍ନେହମୟୀ ଯେଉଁ ପରି ପଦକ୍ଷେପ ନେଇଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ । ତେବେ କିଛି ନ୍ୟସ୍ତସ୍ୱାର୍ଥ, ପରଶ୍ରୀକାତର, ନିମ୍ନ ମାନସିକତା ବ୍ୟକ୍ତି ବିଶେଷ ଶ୍ରୀମତୀ ଆଚାର୍ଯ୍ୟଙ୍କ କାର୍ଯ୍ୟ ପ୍ରତି ଈର୍ଷା ପ୍ରକାଶ କରି ଆସୁଛନ୍ତି । କିନ୍ତୁ ଏଥିରେ ବିଚଳିତ ନ ହୋଇ ସଂଗଠନ ର ମହତ୍ ଆଭିମୁଖ୍ୟ କୁ ସଫଳତାର ସହ ସମାହିତ କରି ଜିଲ୍ଲା ଓ ରାଜ୍ୟ ସ୍ତରରେ ଅନେକ ଶ୍ରଦ୍ଧା ଓ ସମ୍ମାନ ଲାଭ କରିପାରିଛନ୍ତି ସ୍ନେହମୟୀ । ଦୀର୍ଘ ଚାରିବର୍ଷ ଧରି ଏକ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ଅଠରବାଙ୍କିର ଏକ ପାଇପ୍ ବା ନଳା ମଧ୍ୟରେ ଜୀବନ ବିତାଇବା କେତେଯେ ଦୁର୍ବିସହ ତାହା କହିବା ବାହୁଲ୍ୟ, ମୁନିସିପାଲିଟିର ସଫେଇ କର୍ମଚାରୀ ଯେଉଁ ପ୍ରକାର ଉକ୍ତ ବ୍ୟକ୍ତିର ରକ୍ଷଣା ବେକ୍ଷଣ କରି ଆସୁଥିଲେ ତାହା ଜାଣି ଶ୍ରୀମତୀ ଆଚାର୍ଯ୍ୟ ଭଉଣୀ ରିଙ୍କୁଙ୍କ ଉଦାରତା ଓ ମହାନତା ପାଇଁ ହୃଦୟରୁ ଅଭିନନ୍ଦନ ଜଣାଇଛନ୍ତି । ଏଇ କିଛି ଦିନ ହେବ ଲଘୁଚାପ ଲଗାଣ ବର୍ଷା ଯୋଗୁଁ ବିପଦରେ ଥିଲେ ବ୍ୟକ୍ତି ଜଣକ, ରିଙ୍କୁଙ୍କ ସୂଚନା କ୍ରମେ ଶ୍ରୀମତୀ ଆଚାର୍ଯ୍ୟ ଆଜି ପାରାଦୀପ ଅଞ୍ଚଳରୁ ପାଞ୍ଚ ଜଣ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ଙ୍କୁ ଉଦ୍ଧାର କରି ନୀଳାଚଳ ସେବା ପ୍ରତିଷ୍ଠାନ କଣାସ ଠାରେ ଅବସ୍ଥାପିତ କରାଇଛନ୍ତି । ଆପତତଃ ଏହି ବର୍ଗର ବ୍ୟକ୍ତି ବିଶେଷଙ୍କ ପାଇଁ ମୁଣ୍ଡକୁ ଛାତ ଓ ପେଟକୁ ଭାତ ବ୍ୟବସ୍ଥା କରିପାରିଥିବାରୁ ନିଜକୁ ଆଶ୍ୱସ୍ତ ଅନୁଭବ କରିଛନ୍ତି ସ୍ନେହମୟୀ । ଯେଉଁ ମାନେ ବିନା କାରଣରେ ସହିନପାରି ଅନ୍ୟଥା ନିନ୍ଦା କରୁଛନ୍ତି ସେମାନେ ସଫେଇ କର୍ମଚାରୀ ରିଙ୍କୁ ଠାରୁ କିଛି ଶିଖିବା ଉଚିତ୍ ବୋଲି କହିଛନ୍ତି ଶ୍ରୀମତୀ ଆଚାର୍ଯ୍ୟ । ପ୍ରତିଥର ପରି ଉଦ୍ଧାର ଓ ଥଇଥାନ କାର୍ଯ୍ୟକୁ ତଥା ସଂଗଠନକୁ ପ୍ରୋତ୍ସାହନ ଦେଉଥିବା ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୌରନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଶ୍ରମିକ ନେତା ରାକେଶ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ସମସ୍ତ ସାମ୍ବାଦିକ ଭାଇମାନଙ୍କୁ ଅଜସ୍ର କୃତଜ୍ଞତା ଜଣାଇଛନ୍ତି ସ୍ନେହମୟୀ । ଏହି କ୍ରମରେ ନୀଳାଚଳ ସେବା ପ୍ରତିଷ୍ଠାନର ସମସ୍ତ ଦାୟିତ୍ୱବାହୀ କର୍ମକର୍ତ୍ତା ଯେଉଁ ମାନେ ମାନବ ସେବା ହିଁ ମାଧବ ସେବା ନୀତିକୁ କାର୍ଯ୍ୟକାରୀ କରୁଛନ୍ତି ସେମାନଙ୍କୁ ମଧ୍ୟ ପ୍ରସଂଶା କରିଛନ୍ତି ସ୍ନେହମୟୀ । ବ୍ୟାସ ସଂଗଠନର ଏପରି ସମାଜ କଲ୍ୟାଣ କାର୍ଯ୍ୟକୁ ପାରାଦୀପ ଅଞ୍ଚଳରେ ପ୍ରଶଂସା କରାଯାଇଛି ।

## ବନ୍ଦର ପ୍ରାଧିକରଣ ପକ୍ଷରୁ ୪ଟି ଶ୍ରମ ସଂହିତା ଉପରେ ସଚେତନତା ଓ କର୍ମଶାଳା

**ପାରାଦୀପ (ଅମୃତ ମିଡିଆ) :** ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ ଶ୍ରମ ଆଇନ ସଂସ୍କାର, ବୈଧାନିକ ଅନୁପାଳନ, ଶ୍ରମିକ କଲ୍ୟାଣ ଏବଂ କର୍ମକ୍ଷେତ୍ର ସୁରକ୍ଷା ଉପରେ ସଚେତନତା ବୃଦ୍ଧି କରିବା ପାଇଁ ଏହାର ନୂତନ ବୋର୍ଡ ରୁମରେ ଚାରୋଟି ଶ୍ରମ ସଂହିତା ଉପରେ ଏକ ସଚେତନତା ଓ କର୍ମଶାଳା ଶୁକ୍ରବାର ଦିନ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଯୋଗ ଦେଇଥିବା ବେଳେ ନୂଆଦିଲ୍ଲୀର ମୁଖ୍ୟ ଶ୍ରମ କମିଶନର (କେନ୍ଦ୍ରୀୟ)ଙ୍କ କାର୍ଯ୍ୟାଳୟ ଅଧୀନରେ ଭୁବନେଶ୍ୱରର ଉପମୁଖ୍ୟ ଶ୍ରମ କମିଶନର (କେନ୍ଦ୍ରୀୟ) ଚିରଞ୍ଜୀବ ସାଇକିଆ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଭୁବନେଶ୍ୱରର ଆଞ୍ଚଳିକ ଶ୍ରମ କମିଶନର (କେନ୍ଦ୍ରୀୟ) ଜୟନ୍ତ ପ୍ରସାଦ ବେହେରା ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରମୁଖ ନିଯୁକ୍ତିଦାତା, ସ୍ଥାନୀୟ ଟ୍ରେଡ୍ ୟୁନିଅନ୍ ନେତା, ଠିକାଦାର, ନିଯୁକ୍ତିଦାତା, ଶ୍ରମ ବିଭାଗର ଅଧିକାରୀ, ଉପମୁଖ୍ୟ ଶ୍ରମ କମିଶନର (କେନ୍ଦ୍ର), ଭୁବନେଶ୍ୱରର ଅଧିକାରୀ, ବିଭାଗୀୟ ମୁଖ୍ୟ ଏବଂ ପାରାଦୀପ ବନ୍ଦର ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ. ହରନାଦ ତାଙ୍କ



ବକ୍ତବ୍ୟରେ କହିଥିଲେ ଯେ ପାରାଦୀପ ବନ୍ଦର ପ୍ରାଧିକରଣ ବିଶ୍ୱାସ, ଦାୟିତ୍ୱ ଏବଂ ଦଳଗତ କାର୍ଯ୍ୟର ନୀତି ଉପରେ କାର୍ଯ୍ୟ କରିବା ସହିତ ନିୟମିତ ଏବଂ ଚୁକ୍ତିଭିତ୍ତିକ ଶ୍ରମିକ ଉଭୟଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟ କରେ । ଭାରତ ସରକାରଙ୍କ ଚାରୋଟି ଶ୍ରମ ସଂହିତା ସାମାଜିକ ସୁରକ୍ଷା, କର୍ମକ୍ଷେତ୍ର ସୁରକ୍ଷା ଏବଂ ଶ୍ରମିକଙ୍କ ଅଧିକାରକୁ ସୁଦୃଢ଼ କରିବା ସହିତ ଶ୍ରମ ଆଇନକୁ ସରଳ କରିବା ଲକ୍ଷ୍ୟ ଉପରେ ବନ୍ଦରାଧକ୍ଷ ଆଲୋକପାତ କରିଥିଲେ । ଏତଦବ୍ୟତୀତ ବନ୍ଦର କର୍ମଚାରୀ କଲ୍ୟାଣ ପଦକ୍ଷେପ ଉପରେ ଆଲୋକପାତ କରି ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ପାଇଁ ବର୍ଦ୍ଧିତ ସୁବିଧା, ପ୍ରତି ତିନି ବର୍ଷରେ ବାଧ୍ୟତାମୂଳକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ବହୁଭାଷୀ ସୁରକ୍ଷା ସଚେତନତା ପଦକ୍ଷେପ ଏବଂ ସରକାରୀ-ବେସରକାରୀ ସହଭାଗୀତା (ପିପିପି) ପ୍ରକଳ୍ପ ଅଧୀନରେ ନିୟୋଜିତ ଶ୍ରମିକମାନଙ୍କ ସମେତ ଶ୍ରମିକମାନଙ୍କ ପାଇଁ ଏକ ପୂର୍ଣ୍ଣ ପାଣ୍ଠି ବିଶିଷ୍ଟ ଏକ ସପ୍ତାହର ସୁରକ୍ଷା ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ ଅନ୍ତର୍ଭୁକ୍ତ । ସମାବେଶକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଚିରଞ୍ଜୀବ ସାଇକିଆ ପାରାଦୀପ ବନ୍ଦର ସକ୍ରିୟ ଭାବରେ କର୍ମଶାଳା ଆୟୋଜନ ପାଇଁ ପ୍ରଶଂସା କରିଥିଲେ ଏବଂ ଏହାକୁ ଶ୍ରମ ଆଇନ ଅନୁପାଳନକୁ ସୁଦୃଢ଼ କରିବା ଏବଂ ମାଲିକ ଏବଂ ଶ୍ରମିକଙ୍କ ମଧ୍ୟରେ ଗଠନମୂଳକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ ଭାବରେ ବର୍ଣ୍ଣନା କରିଥିଲେ । ବୈଷୟିକ ବିଶେଷଜ୍ଞମାନେ ଚାରୋଟି ଶ୍ରମ ସଂହିତା ଉପରେ ବିସ୍ତୃତ ଅଧିବେଶନ ପରିଚାଳନା କରିଥିଲେ ଏବଂ ପଞ୍ଜୀକରଣ, ଲାଇସେନ୍ସ ଏବଂ ବୈଧାନିକ ରିଟର୍ଣ୍ଣ ପାଇଁ ଶ୍ରମ ସୁବିଧା ପୋର୍ଟାଲର ବ୍ୟବହାର ଏବଂ ଅଭିଯୋଗ ସମାଧାନ, ବିବାଦ ସମାଧାନ ଏବଂ ଦାବି ପାଇଁ ସମାଧାନ ପୋର୍ଟାଲର ବ୍ୟବହାର ପ୍ରଦର୍ଶନ କରିଥିଲେ । ପାରାଦୀପ ବନ୍ଦର ସଚିବ କୃଷ୍ଣ ବାପି ରାଜୁ ଜି. ମଧ୍ୟ ସମାବେଶକୁ ସମ୍ବୋଧିତ କରିଥିଲେ ଏବଂ ଶ୍ରମ ସଂହିତାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ସଚେତନତା, ଅନୁପାଳନ ଏବଂ ସହଯୋଗୀ ପ୍ରୟାସର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ପାରସ୍ପରିକ ପ୍ରଶ୍ନୋତ୍ତର ଅଧିବେଶନ ସହିତ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା । କୃଷ୍ଣ ବାପି ରାଜୁ ଜି. ମୁଖ୍ୟ ଅତିଥି, ବିଶିଷ୍ଟ ବ୍ୟକ୍ତି, ଅଧିକାରୀ, ନିଯୁକ୍ତିଦାତା, ଠିକାଦାର, ଟ୍ରେଡ୍ ୟୁନିଅନ୍ ପ୍ରତିନିଧି ଏବଂ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ଏକ ସୁରକ୍ଷିତ, ଅନୁପାଳନକାରୀ ଏବଂ ଶ୍ରମିକ-ଅନୁକୂଳ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ପାରାଦୀପ ବନ୍ଦର ର ପ୍ରତିବଦ୍ଧତାକୁ ପୁନଃଦୋହରାଇଥିଲେ ।




# ସମବାୟ ସଂସ୍ଥାଗୁଡ଼ିକର ଦୁରବସ୍ଥା : ଲକ୍ଷ ଲକ୍ଷ ଚାଷୀ ଖରିଫ୍ ସୁବିଧାରୁ ବଞ୍ଚିତ



**ଭୁବନେଶ୍ୱର (ବ୍ୟୁରୋ) :** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ସମବାୟ ନୀତି ଯୋଗୁଁ ସମଗ୍ର ରାଜ୍ୟରେ ଥିବା ପ୍ରାଥମିକ ଓ ବହୁମୁଖୀ କୃଷି ସେବା ସମବାୟ ସମିତିଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ ହୋଇପାରି ନାହିଁ। ସରକାର ସମସ୍ତ ଗ୍ରାମ ପଞ୍ଚାୟତରେ କୃଷି ସେବା ସମବାୟ ସମିତି ନୂଆକରି ଗଠନ କରୁଥିଲେ ମଧ୍ୟ ଏହା ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରୁନାହିଁ। ଏବେ ୪ରୁ ୫ଟି ଗ୍ରାମ ପଞ୍ଚାୟତକୁ ନେଇ ଯେଉଁ ସମବାୟ ସମିତି କାର୍ଯ୍ୟକାରୀ କରୁଛି ସେଥିରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଓ ଭିତ୍ତିଭୂମି ନାହିଁ। ୪ରୁ ୫ଟି ସୋସାଇଟରେ ଜଣେ ଜଣେ ସମ୍ପାଦକ କାର୍ଯ୍ୟ କରୁଛନ୍ତି। ତେଣୁ ସରକାରଙ୍କ ନିଷ୍ପତ୍ତି ମୁତାବକ ଖରିଫ୍ ଚାଷର ୬୦ ପ୍ରତିଶତ ସାର ସୋସାଇଟ୍ ମାଧ୍ୟମରେ ଚାଷୀଙ୍କୁ ଯୋଗାଇ ଦିଆଯିବା ପାଇଁ ବ୍ୟବସ୍ଥା ରହିଛି ସତ କିନ୍ତୁ ଏବେ ଫଳ ଓଲଟା। ଚାଷୀ ୟୁରିଆ ବସ୍ତା ପିଛା ବାହାରେ ୫ଶହ ରୁ ୭ଶହ ଟଙ୍କା ଚଢ଼ାମୂଲ୍ୟରେ କିଣୁଛନ୍ତି। ଅନୁରୂପ ଭାବେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ତଳିତ ଖରିଫର ଅବଧି ଚଳିତ ମାସ ୩୧ ତାରିଖ ସୁଦ୍ଧା ରହିଥିବା ବେଳେ ଲକ୍ଷ ଲକ୍ଷ ଋଣୀ ଓ ଅଋଣୀ ଚାଷୀ ସଚେତନତା ଅଭାବରୁ ଫସଲବୀମାରେ ନାମ ପଞ୍ଜିକୃତ କରିପାରୁ ନାହାନ୍ତି। ସଂପ୍ରତି କୃଷି ସମବାୟ ବିଭାଗ ମଧ୍ୟରେ ଆଦୌ ତାଳମେଳ ନାହିଁ। ଏତଦ୍‌ବ୍ୟତୀତ କୃଷି ଋଣ ଲଗାଣରେ ବହୁ ବ୍ୟତିକ୍ରମ ହେଉଛି। ସମବାୟ ସମିତିଗୁଡ଼ିକରେ ଉପୁଜିଥିବା ଏହି ସବୁ ସମସ୍ୟାଗୁଡ଼ିକର ଅନୁଧ୍ୟାନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ପ୍ରତିନିଧି ମଣ୍ଡଳୀରେ ଗତ ଜୁଲାଇ ୨୫ ତାରିଖଠାରୁ ୩୦ ତାରିଖ ମଧ୍ୟରେ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସମବାୟ ସମିତି ପରିଦର୍ଶନ କରି ସ୍ଥାନୀୟ ଚାଷୀ ଓ ସମବାୟବିତ୍‌ମାନଙ୍କ ସହିତ ଆଲୋଚନା କରିବା ପରେ ସରକାରଙ୍କ ଚାଷୀଙ୍କ ପ୍ରତି ଚରମ ଅବହେଳା ଯୋଗୁଁ ଚାଷୀ ଏବେ ଖରିଫ୍ ଚାଷ ସମୟରେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସାର କଳାବଜାରୀଠାରୁ ଆରମ୍ଭ କରି ସାରର କୃତ୍ରିମ ଅଭାବୀ ସୃଷ୍ଟି ଏବଂ କୃଷିଋଣ ଲଗାଣରେ ଅହେତୁକ ଅବ୍ୟବସ୍ଥା ଫଳରେ ବୀମା ପଞ୍ଜିକରଣ ଧୀମେଇ ଚାଲିଛି। ଅନେକ ସୋସାଇଟରେ ସମ୍ପାଦକ ନାହାନ୍ତି। ଜିଲ୍ଲା ପ୍ରଶାସନ କିମ୍ବା ସରକାରଙ୍କ ପକ୍ଷରୁ ଏହି ଦିଗରେ ତାଗିଦ୍ ବା ତତ୍ପରତା ପ୍ରକାଶ ପାଉ ନ ଥିବା ଅଭିଯୋଗ କରାଯାଇଛି। ବିଭାଗୀୟ କୃଷି ମନ୍ତ୍ରୀ ଓ ସମବାୟ ମନ୍ତ୍ରୀ ଏହାର ନିରାକରଣ ଦିଗରେ ମଧ୍ୟ ଠୋସ୍ ପଦକ୍ଷେପ ନେଇ ନାହାନ୍ତି। ଯଦି ଏହି ସମସ୍ୟା ଲାଗିରହେ ଖରିଫ୍ ଫସଲ ଅନେକାଂଶରେ ପ୍ରଭାବିତ ହେବ। ତେଣୁ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ଆବଶ୍ୟକ ମୁତାବକ ସାର ନିର୍ଦ୍ଧାରିତ ସମୟରେ ଯୋଗାଣ, ସାର କଳାବଜାରୀ ରୋକିବା, ଋଣୀ ଓ ଅଋଣୀ ଚାଷୀ ଫସଲବୀମା ଯୋଜନାରେ ଯେପରି ଅଧିକ ସଂଖ୍ୟକ ଚାଷୀ ଅନ୍ତର୍ଭୁକ୍ତ ହୋଇ ପାରିବେ ସେଥିପ୍ରତି ପଦକ୍ଷେପ ଗ୍ରହଣ କରିବାକୁ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଦାବୀ କରିଛନ୍ତି। ଏହି ଗସ୍ତ ସମୟରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟି ସଭାପତି ଜଳନ୍ଧର ନାୟକ, ନୂଆପଡ଼ା ସଭାପତି ଘାଷିରାମ ମାଝୀ, ବଲାଙ୍ଗୀର ସଭାପତି ଅନିଲ ମେହେର, ସୁବର୍ଣ୍ଣପୁର ସଭାପତି ବିନୋଦ ପାତ୍ର, ସମସ୍ତ କଂଗ୍ରେସ କମିଟି ସଭାପତି ପ୍ରମୁଖ ଜିଲ୍ଲାର କଂଗ୍ରେସ ନେତୃବୃନ୍ଦ, ସମବାୟବିତ୍, କିଷାନ କଂଗ୍ରେସ କର୍ମକର୍ତ୍ତା ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଆଗାମୀ ୧ ମାସ ମଧ୍ୟରେ ରାଜ୍ୟର ପ୍ରତି ପଞ୍ଚାୟତସ୍ତରରେ କଂଗ୍ରେସ ସମବାୟ ପ୍ରକୋଷ୍ଠ ପକ୍ଷରୁ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ପଦାଧିକାରୀ ଚୟନ କରାଯାଇ ସମବାୟ ସଂସ୍ଥାକୁ ସୁଦୃଢ଼ୀକରଣ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।



## ମତ୍ସ୍ୟକ୍ଷେତ୍ରରେ ଉଦ୍ୟୋଗିତା ଓ ଷ୍ଟାର୍ଟଅପ୍ ସୃଷ୍ଟି ଉପରେ ଜାତୀୟ ସେମିନାର



**ଭୁବନେଶ୍ୱର (ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍)ରେ 'ଆଟ୍ରାକ୍ଟିଙ୍ଗ ଏନ୍‌ଟ୍ରପ୍ରେନ୍ୟୁଅରସ ଆଣ୍ଡ ଷ୍ଟାର୍ଟଅପ୍‌ସ ଟୁ ଦ ଫିସରିସ୍ ସେକ୍ଟର' ଶୀର୍ଷକ ଏକ ସେମିନାର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସେମିନାରରେ ଆଇସିଏଆର- ସେଂଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫ୍ରେଶୱାଟର ଏଗ୍ରିକଲ୍‌ଚର (ସିଆଇଏଫ୍ଏ)ର ପ୍ରଧାନ ବୈଜ୍ଞାନିକ ଡକ୍ଟର ନଗେଶ କୁମାର ବାରିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମତ୍ସ୍ୟ କ୍ଷେତ୍ରରେ ଉଦ୍ୟୋଗିତାର ବ୍ୟାପକ ସମ୍ଭାବନା, ଷ୍ଟାର୍ଟଅପ୍ ପ୍ରତିଷ୍ଠାର ସୁଯୋଗ, ସରକାରଙ୍କ ବିଭିନ୍ନ ସହାୟତା ଯୋଜନା ଏବଂ ନବସୃଜନର ଗୁରୁତ୍ୱ ସଂପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେ ଯୁବପିଢ଼ିଙ୍କୁ ନୂତନ ଚିନ୍ତାଧାରା ଓ ନବସୃଜନ ମାଧ୍ୟମରେ ମତ୍ସ୍ୟ କ୍ଷେତ୍ରରେ ସଫଳ ଉଦ୍ୟୋଗୀ ହେବାକୁ ଆହ୍ୱାନ ଦେଇଥିଲେ। ସେମିନାରରେ କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସଭାପତିତ୍ୱ କରି କୃଷି ଓ ମତ୍ସ୍ୟ କ୍ଷେତ୍ରରେ ଯୁବପିଢ଼ିଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମର ଆବାହକ ଏବଂ କୃଷି ସଂପ୍ରସାରଣ ବିଭାଗ ମୁଖ୍ୟ ପ୍ରଫେସର ବିବୁଧ ପରାଶର ସେମିନାରର ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେବା ସହ ମତ୍ସ୍ୟ କ୍ଷେତ୍ରରେ ଷ୍ଟାର୍ଟଅପ୍ ସଂସ୍କୃତିର ବିକାଶ ଏବଂ ନୂତନ ବ୍ୟବସାୟିକ ସୁଯୋଗ ସୃଷ୍ଟିର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଡକ୍ଟର ନଗମା ହାଲିମା ସେକ୍, ସହକାରୀ ଅଧ୍ୟାପିକା, କୃଷି ସଂପ୍ରସାରଣ ବିଭାଗ, ସମଗ୍ର ସେମିନାରର ସଫଳ ସଂଯୋଜନା କରିଥିଲେ। ଏହି ସେମିନାରରେ ପ୍ରାୟ ୭୦ ଜଣ ଛାତ୍ରଛାତ୍ରୀ, ଅଧ୍ୟାପକ, ପିଏଚ୍‌ଡି ଗବେଷକ ଓ ଗବେଷଣାର୍ଥୀ ଅଂଶଗ୍ରହଣ କରିଥିଲେ। ସେମାନେ ମତ୍ସ୍ୟ କ୍ଷେତ୍ରରେ ଉଦ୍ୟୋଗୀର ସୁଯୋଗ, ବ୍ୟବସାୟିକ ମଡେଲ୍, ନବସୃଜନ ଏବଂ ସରକାରୀ ସହାୟତା ଯୋଜନା ସଂର୍ପକରେ ବିସ୍ତୃତ ଜ୍ଞାନ ଲାଭ କରିଥିଲେ। କାର୍ଯ୍ୟକ୍ରମଟି ଯୁବପିଢ଼ିଙ୍କୁ ମତ୍ସ୍ୟ କ୍ଷେତ୍ରରେ ଉଦ୍ୟୋଗୀ ହେବା ପାଇଁ ପ୍ରେରଣା ଯୋଗାଇବା ସହ ଆତ୍ମନିର୍ଭର ଭାରତ ଗଠନ ଦିଗରେ ଏକ ସକାରାତ୍ମକ ପଦକ୍ଷେପ ଭାବେ ପରିଗଣିତ ହୋଇଥିଲା।

# ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ୬୫୦ତମ ଜୟନ୍ତୀ ବର୍ଷ ଉପଲକ୍ଷେ 'ସମରସ ସଂକଳ୍ପ ଅଭିଯାନ'

ଭୁବନେଶ୍ୱର (ବ୍ୟୁରୋ) : ଆଧ୍ୟାତ୍ମିକବାଦୀ କବି ସନ୍ଥ ଶିରୋମଣି ଗୁରୁ ରବି ଦାସ ଜଣେ ମହାନ ସନ୍ଥ ଓ କବି ହେବା ସହ ସମାଜ ସଂସ୍କାରକ ଏବଂ ଭଗବାନଙ୍କ ଅନୁଗାମୀ ଥିଲେ। ସମାଜରୁ ଅସ୍ପୃଶ୍ୟତା, ଉଚ୍ଚନୀଚ ଭେଦଭାବ, ଛୁଆଁ, ଅଛୁଆଁ ଆଦି ଦୂର କରିବା ପାଇଁ ସେ ନିରନ୍ତର ଉଦ୍ୟମ କରୁଥିଲେ। ସେ ୧୫ରୁ ୧୬ତମ ଶତାବ୍ଦୀର ଜାତିଭେଦ ଭାବ ମୁକ୍ତ ସମାଜର ପ୍ରତୀକ ଥିଲେ। ଆଧ୍ୟାତ୍ମିକ ଏବଂ ଭକ୍ତି ମାର୍ଗରେ ଚାଲିବା ସମୟରେ ସନ୍ଥ ରବି ଦାସ କର୍ମ ଉପରେ ଗୁରୁତ୍ୱ ଦେଉଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନକ୍ରମେ ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବିଦାସ ମହାରାଜଙ୍କ ୬୫୦ତମ ଜନ୍ମ ଜୟନ୍ତୀ ବର୍ଷ ଉପଲକ୍ଷେ ୨୯ ଜୁଲାଇ ୨୦୨୬ (ଗୁରୁପୂର୍ଣ୍ଣିମା) ଠାରୁ ୨୦ ଫେବୃଆରୀ ୨୦୨୭ (ଶ୍ରୀ ଗୁରୁ ରବିଦାସ ମହାରାଜ ଜୟନ୍ତୀ) ପର୍ଯ୍ୟନ୍ତ ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବିଦାସ ମହାରାଜ ସମରସ ସଂକଳ୍ପ ଅଭିଯାନ' ଦେଶବ୍ୟାପୀ ପାଳନ କରାଯିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁସୂଚିତ ଜାତି ମୋର୍ଚ୍ଚା। ରାଜ୍ୟ ସଭାପତି ଶ୍ରୀ ବାଇଧର ମଲ୍ଲିକ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମଲ୍ଲିକ କହିଛନ୍ତି ଯେ, 'ସମରସ ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ ଅବସରରେ ଗତ କାଲି ଭୁବନେଶ୍ୱରସ୍ଥିତ ଶ୍ରୀରାମ ମନ୍ଦିରରେ ସାମୂହିକ ଦୀପ ଦାନ କରାଯିବା ସହ ଓଡିଶାର ପ୍ରତ୍ୟେକ କୋଣଅନୁକୋଣର ମନ୍ଦିର ମାନଙ୍କରେ ଦୀପ ଦାନ କରାଯାଇଅଛି। ଗୁରୁ ରବିଦାସଜୀଙ୍କ ଜନ୍ମସ୍ଥଳୀ ବାରଣାସୀ କାଶୀରୁ ଏହି ଅଭିଯାନର ଶୁଭାରମ୍ଭ ହୋଇଯାଇଅଛି। ତାଙ୍କ ଜନ୍ମସ୍ଥାନ ବାରଣାସୀ କାଶୀରୁ ପବିତ୍ର ମୃତିକାକୁ କଳସରେ ସଂଗ୍ରହ କରାଯାଇ ଦେଶର ବିଭିନ୍ନ ରାଜ୍ୟକୁ ପଠାଯାଇଛି। ଓଡିଶାରୁ ଯାଇଥିବା ପ୍ରତିନିଧିଦଳ ଆସନ୍ତା କାଲି ପବିତ୍ର କଳସକୁ ଆଣି ଭୁବନେଶ୍ୱର ରେଳଷ୍ଟେସନରେ ପହଁଚିବା ପରେ ସେହି ପବିତ୍ର ମୃତିକା ଥିବା କଳସକୁ ଭବ୍ୟ ସ୍ୱାଗତ କରାଯାଇ ଶୋଭାଯାତ୍ରାରେ ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ ଅଣାଯିବ। ସେହିପରି ଆସନ୍ତା ଅଗଷ୍ଟ ୯ ତାରିଖ ଦିନ ଏକ ଭବ୍ୟ ସମାରୋହରେ ଏହି ପବିତ୍ର ମୃତିକା ଥିବା କଳସକୁ କାର୍ଯ୍ୟକର୍ତାମାନଙ୍କ ଜରିଆରେ ବିଜେପିର ୩୭ଟି ସାଂଗଠନିକ ଜିଲ୍ଲାକୁ ୩୭ଟି ପୃଥକ ପୃଥକ ପବିତ୍ର କଳସ ବଂଟନ କରାଯିବ। ଏହାପରେ ପ୍ରତ୍ୟେକ ଜିଲ୍ଲାରେ ମହାସମାରୋହରେ ପ୍ରତ୍ୟେକ ମଣ୍ଡଳ, ପ୍ରତ୍ୟେକ ମଣ୍ଡଳରୁ ପ୍ରତ୍ୟେକ ଗ୍ରାମପଂଚାୟତକୁ ଓ ଗ୍ରାମ ପଂଚାୟତରୁ ପ୍ରତ୍ୟେକ ଗ୍ରାମକୁ ଏହି ପବିତ୍ର କଳସ ବଂଟନ କରାଯିବା ସହ ଯେଉଁଠାରେ ଏହି ପବିତ୍ର ମୃତିକା କଳସ ରଖାଯିବ ଓ ଯେଉଁଠାରେ ପହଁଚିବ ସେହି ସ୍ଥାନରେ ବୃକ୍ଷରୋପଣ କରାଯିବ। ଏହି କାର୍ଯ୍ୟକ୍ରମକୁ ଦଳ ମତ ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସହଯୋଗ କରିବା ପାଇଁ ଶ୍ରୀ ମଲ୍ଲିକ ନିବେଦନ କରିଛନ୍ତି। ସନ୍ଥ ଶିରୋମଣି ଗୁରୁ ଶ୍ରୀ ରବି ଦାସଙ୍କ ଜନ୍ମସ୍ଥାନ ଭଦୋଇ ଜିଲ୍ଲାକୁ ସନ୍ଥ ଶିରୋମଣି ରବି ଦାସଙ୍କ ନାମରେ ଉତରପ୍ରଦେଶର ମାନ୍ୟବର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନାମିତ କରିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କୁ ଓଡିଶା ତରଫରୁ ଧନ୍ୟବାଦ ଜଣାଇଛନ୍ତି ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ।



# ଟାଟା ମୋଟର୍ସ ପକ୍ଷରୁ ଅତ୍ୟାଧୁନିକ Sierra.ev ର ଭବ୍ୟ ଉନ୍ମୋଚନ




**କଟକ (ବ୍ୟୁରୋ) :** ଟାଟା ମୋଟର୍ସ ପକ୍ଷରୁ ଗୁଗନାନୀ ଅଟୋକାର୍ସ ପ୍ରା. ଲି, ସହଯୋଗରେ ଅତ୍ୟାଧୁନିକ ଇଲେକ୍ଟ୍ରିକ୍ ଏସ୍‌ୟୁଭି Sierra.ev ର ଭବ୍ୟ ଉନ୍ମୋଚନ ଗୁଗନାନୀ ଅଟୋକାର୍ସ ଡିଲରସିପ୍, ଏନ୍.ଏଚ୍.-୧୬, ପ୍ରତାପନଗରୀ, କଟକ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟାଙ୍କର ବରିଷ୍ଠ ଅଧିକାରୀ, ଗ୍ରାହକ, ଅଟୋମୋବାଇଲ୍ ପ୍ରେମୀ ଏବଂ ପ୍ରିଣ୍ଟ, ଇଲେକ୍ଟ୍ରୋନିକ୍ ଓ ଡିଜିଟାଲ୍ ମିଡିଆର ପ୍ରତିନିଧିମାନେ ଯୋଗଦେଇଥିଲେ। ଅବସରରେ ଯଶନୀତ ଗୁଗନାନୀ, ନିର୍ଦ୍ଦେଶକ, ଗୁଗନାନୀ ଅଟୋକାର୍ସ; ଦେବାଂଶୁ ଗୁପ୍ତା, ରିଜିଓନାଲ୍ ବିଜନେସ୍ ହେଡ୍, ଟାଟା ମୋଟର୍ସ; ଜସ୍‌ୱିନ୍ଦର ସିଂହ ଥେଥୀ, ଟେରିଟୋରି ସେଲ୍ସ ମ୍ୟାନେଜର, ଟାଟା ମୋଟର୍ସ; ଏବଂ ହର୍ଷରାଜ ସିଂହ, ଟେରିଟୋରି ସେଲ୍ସ ମ୍ୟାନେଜର, ଟାଟା ମୋଟର୍ସ ଉପସ୍ଥିତ ଥିଲେ। ସେମାନଙ୍କ ସହ ବିଭିନ୍ନ ବ୍ୟାଙ୍କର ବିଶିଷ୍ଟ ଅତିଥିମାନେ ମଧ୍ୟ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ ଯେ, Sierra.ev ଟାଟା ମୋଟର୍ସର ବୈଦ୍ୟୁତିକ ଯାନ ଯାତ୍ରାରେ ଏକ ନୂତନ ଅଧ୍ୟାୟର ସୂଚନା ଦେଉଛି। ଏହି ପ୍ରିମିୟମ୍ ଇଲେକ୍ଟ୍ରିକ୍ ଏସ୍‌ୟୁଭିରେ ୫୧୦–୫୩୦ କି. ମି. ବାସ୍ତବ ଡ୍ରାଇଭିଂ ରେଞ୍ଜ, ମାତ୍ର ୫.୮ ସେକେଣ୍ଡରେ ୦–୧୦୦ କି.ମି./ଘଣ୍ଟା ବେଗ, ଲାଇଫ୍‌ଟାଇମ୍ ହାଇ-ଭୋଲଟେଜ୍ ବ୍ୟାଟେରୀ ୱାରେଣ୍ଟି, ପାନୋରାମିକ ସନ୍‌ରୁଫ୍, ଡଲ୍‌ବି ଆଟମସ୍ ସହିତ ଟ୍ରିପଲ୍-ସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ୍, ୫୦୪ ଏନ୍‌ଏମ୍ ଟର୍କ, ଛଡଉ ଡୁଆଲ୍-ମୋଟର ଅଲ୍-ସ୍କିଲ୍ ଡ୍ରାଇଭ୍, ୫୪୦ଙ୍କ ଏଚ୍‌ଡି କ୍ୟାମେରା, ଲେଭେଲ୍-୨ + ADAS ସୁରକ୍ଷା ବ୍ୟବସ୍ଥା ଏବଂ ମାତ୍ର ୧୫ ମିନିଟ୍ ଚାର୍ଜରେ ପ୍ରାୟ ୨୬୩ କି.ମି. ଚାଲିବା କ୍ଷମତା ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ରହିଛି। ଏହି ଅବସରରେ ଟାଟା ମୋଟର୍ସର ପ୍ରତିନିଧିମାନେ ଭାରତରେ ସ୍ୱଚ୍ଛ ଓ ସ୍ଥାୟୀ ପରିବହନ ବ୍ୟବସ୍ଥାକୁ ଆଗକୁ ନେବା ପ୍ରତି କମ୍ପାନୀର ଦୃଢ଼ ପ୍ରତିବଦ୍ଧତା ପୁନର୍ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମିଡିଆ ସହ ଆଲୋଚନା, ଯାନର ପ୍ରଦର୍ଶନ ଏବଂ ଅତିଥିମାନଙ୍କ ସହ ମତବିନିମୟ ଅନୁଷ୍ଠିତ ହୋଇଥିଲା।

# ଜିଓର ଏକ କୋଟି ୮୯ ଲକ୍ଷରୁ ଉର୍ଦ୍ଧ୍ୱ ମୋବାଇଲ୍ ଓ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ
## ଜୁନ୍‌ରେ ଯୋଡିଛି ସର୍ବାଧିକ ନୂତନ ଗ୍ରାହକ : ଟ୍ରାଇ ତଥ୍ୟ

**ଭୁବନେଶ୍ୱର (ବ୍ୟୁରୋ) :** ଏହାର ବଜାର ନେତୃତ୍ୱକୁ ଆହୁରି ସୁଦୃଢ଼ କରି, ରିଲାଏନ୍ସ ଜିଓ ୨୦୨୬ ଜୁନ୍ ମାସରେ ଓଡ଼ିଶାରେ ସର୍ବାଧିକ ନୂତନ ମୋବାଇଲ୍ ଗ୍ରାହକ ଯୋଡିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ଜୁନ୍ ମାସରେ ଜିଓ ୧ ଲକ୍ଷ ୧୩ ହଜାରରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଏବଂ ୧୫୦୦୦ ରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି। ଉଲ୍ଲେଖନୀୟ ଭାବରେ ଜୁନ୍ ମାସରେ ଓଡ଼ିଶାର ପ୍ରାୟ ୮୦ ପ୍ରତିଶତ ନୂତନ ମୋବାଇଲ୍ ଗ୍ରାହକ ଏବଂ ୯୧ ପ୍ରତିଶତ ନୂତନ ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଜିଓ ନେଟୱାର୍କରେ ଯୋଗ ଦେଇଛନ୍ତି, ଯାହା ଏହାକୁ ରାଜ୍ୟର ସବୁଠାରୁ ପସନ୍ଦିତ ଡିଜିଟାଲ୍ ସେବା ପ୍ରଦାନକାରୀ କରିଛି। ଏହା ସହିତ, ଜିଓ ୱାୟାରଲେସ୍, ୱାୟାରଲାଇନ୍ ଏବଂ ଏଫଡବ୍ଲୁଏ କ୍ଷେତ୍ରରେ ଏକ ନମ୍ବର ସେବା ପ୍ରଦାନକାରୀ ଭାବରେ ଓଡ଼ିଶାରେ ଏହାର ନେତୃତ୍ୱ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଟ୍ରାଇ ତଥ୍ୟ ଅନୁଯାୟୀ, ଜୁନ୍ ମାସରେ ଓଡ଼ିଶାରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୧.୪୧ ଲକ୍ଷରୁ ଅଧିକ ବୃଦ୍ଧି ପାଇ ୩୦ ଜୁନ୍ ୨୦୨୬ ସୁଦ୍ଧା ୩.୮୬ କୋଟି ଅତିକ୍ରମ କରିଛି। ଜୁନ୍ ମାସରେ, ଓଡ଼ିଶାରେ ଜିଓ ସର୍ବାଧିକ ୧.୧୩ ଲକ୍ଷ ନୂତନ ମୋବାଇଲ୍ ଗ୍ରାହକ ଯୋଡିଥିବା ବେଳେ ଏହା ପଛକୁ ଭୋଡାଫୋନ୍ ଆଇଡିଆ ୧୬୮୮୫ ଏବଂ ଏୟାରଟେଲ୍ ମାତ୍ର ୧୩୬୩୩ ମୋବାଇଲ୍ ଗ୍ରାହକ ଯୋଡିଛନ୍ତି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଏହି ମାସରେ ବିଏସଏନଏଲ ଓଡ଼ିଶାରେ ୩୬୭୮ ମୋବାଇଲ୍ ଗ୍ରାହକ ହରାଇଛି। ଜିଓ ୪.୧୬ ଲକ୍ଷରୁ ଅଧିକ ଜିଓ ଏୟାରଫାଇବର ଗ୍ରାହକଙ୍କ ସହିତ ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ ସେବାରେ ଏହାର ବଜାର ନେତୃତ୍ୱକୁ ଆହୁରି ସୁଦୃଢ଼ କରିଛି ଏବଂ ରାଜ୍ୟର ମୋଟ ଏଫଡବ୍ଲୁଏ ଗ୍ରାହକଙ୍କ ପ୍ରାୟ ୮୦ ପ୍ରତିଶତ ଜିଓ ନେଟୱାର୍କରେ ରହିଛନ୍ତି। ଜୁନ୍ ମାସରେ ଜିଓ ରାଜ୍ୟରେ ୧୫୦୦୦ ରୁ ଅଧିକ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି ଏବଂ ୩୦ ଜୁନ୍ ୨୦୨୬ ସୁଦ୍ଧା ଓଡ଼ିଶାରେ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୭.୯୫ ଲକ୍ଷ ଅତିକ୍ରମ କରିଛି। ଓଡିଶାର ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ, ଜିଓର ସର୍ବାଧିକ ୧.୮୧ କୋଟିରୁ ଅଧିକ ମୋବାଇଲ୍ ଗ୍ରାହକ, ୩.୭୯ ଲକ୍ଷ ଜିଓଫାଇବର ଗ୍ରାହକ ଏବଂ ୪.୧୬ ଲକ୍ଷରୁ ଅଧିକ ଜିଓଏୟାରଫାଇବର ଗ୍ରାହକ ରହିଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳ ତଥା ଉପାନ୍ତ ଅଞ୍ଚଳଗୁଡ଼ିକରେ ହଜାର ହଜାର ଛୋଟ ସହର ଏବଂ ଗ୍ରାମଗୁଡିକରେ ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣକୁ ଆଗେଇ ନେଇ, ଜିଓ ସେମାନଙ୍କ ଘରପାଖରେ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ସଂଯୋଗ ଉପଲବ୍ଧ କରାଇବା ସହିତ ନିରବଚ୍ଛିନ୍ନ ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ, ବିଶ୍ୱସ୍ତରୀୟ ଗୃହ ମନୋରଞ୍ଜନ, ୮୦୦+ ଟିଭି ଚ୍ୟାନେଲ୍, ୧୧+ ଓଟିଟି ଆପ୍, ଅସୀମିତ ୱାଇଫାଇ ଏବଂ ଆହୁରି ଅନେକ ସୁବିଧା ପ୍ରଦାନ କରୁଛି। ଏହାର ଅତ୍ୟାଧୁନିକ ପ୍ରଯୁକ୍ତି, ଦୃଢ଼ ଭିତ୍ତିଭୂମି, ଗ୍ରାହକ-ପ୍ରଥମ ନୀତି, ସର୍ବବୃହତ ୪ଜି ଏବଂ ୫ଜି ନେଟୱାର୍କ ସହିତ, ଜିଓ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଓଡ଼ିଶାର ଡିଜିଟାଲ୍ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ଜାରି ରଖିଛି। ଟ୍ରାଇ ତଥ୍ୟ ଅନୁଯାୟୀ, ଜାତୀୟ ସ୍ତରରେ, ଜିଓ ଜୁନ୍ ମାସରେ ୨୬ ଲକ୍ଷରୁ ଅଧିକ ନୂତନ ଗ୍ରାହକ ଯୋଡିଛି ଯାହା ମଧ୍ୟରେ ୨୧.୪୬ ଲକ୍ଷ ନୂତନ ମୋବାଇଲ୍ ଗ୍ରାହକ ଏବଂ ୪.୯ ଲକ୍ଷରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ସାମିଲ ଅଛନ୍ତି। ଉଲ୍ଲେଖନୀୟ ଭାବରେ ଜିଓ ଏହି ମାସରେ ସର୍ବାଧିକ ୩୩.୩ ଲକ୍ଷ ସକ୍ରିୟ ମୋବାଇଲ ଗ୍ରାହକ ଯୋଡିଛି, ଯାହା ଯେକୌଣସି ଅପରେଟର ଦ୍ୱାରା ସର୍ବାଧିକ। ଏଥିସହିତ ୯୧ ଲକ୍ଷରୁ ଉର୍ଦ୍ଧ୍ୱ ୫ଜି ଏୟାରଫାଇବର ଗ୍ରାହକଙ୍କ ସହିତ ଜିଓ ୫ଜି ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ କ୍ଷେତ୍ରରେ ମଧ୍ୟ ଏକ ନମ୍ବର ସ୍ଥାନରେ ରହିଛି ଏବଂ ଏକମାତ୍ର କମ୍ପାନୀ ଭାବରେ ଦେଶରେ ୫ଜି ୟୁ.ବି.ଆର ଫିକ୍ସଡ୍-ୱାୟାରଲେସ୍ ସେବା ପ୍ରଦାନ କରୁଛି।

# ଅଗଷ୍ଟ ୫ରୁ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବ୍ରିକ୍ସ-ଭାରତ ଅଧ୍ୟକ୍ଷତାରେ ଶିକ୍ଷାକ୍ଷେତ୍ର ବୈଠକମାଳା

ଭୁବନେଶ୍ୱର (ବ୍ୟୁରୋ) : ଆସନ୍ତା ଅଗଷ୍ଟ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ବ୍ରିକ୍ସ-ଭାରତ ଅଧ୍ୟକ୍ଷତାର ଶିକ୍ଷାକ୍ଷେତ୍ର ବୈଠକମାଳା ଅନୁଷ୍ଠିତ ହେବ। ଏହି ଆନ୍ତର୍ଜାତୀୟସ୍ତରୀୟ ବୈଠକର ସୁପରିଚାଳନା ଓ ସଫଳ ଆୟୋଜନ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହୋଟେଲ ମେ ଫେୟାର ଲାଗୁନ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୧୧ଟି ବ୍ରିକ୍ସ ସଦସ୍ୟ ଦେଶର ୮ ଜଣ ଶିକ୍ଷାମନ୍ତ୍ରୀଙ୍କ ସହ ୪୦ ଜଣ ବରିଷ୍ଠ ପଦାଧିକାରୀ, ଭାରତ ସରକାରଙ୍କ ପଦାଧିକାର ଓ ଅନ୍ୟ ଅତିଥିମାନଙ୍କୁ ମିଶାଇ ମୋଟ ୨୦୦ ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିବେ। ଅଗଷ୍ଟ ୫ ତାରିଖରେ ଏଠାରେ ବ୍ରିକ୍ସ ଶିକ୍ଷା ବରିଷ୍ଠ ଅଧିକାରୀଙ୍କ ତୃତୀୟ ବୈଠ ଅନୁଷ୍ଠିତ ହେବ। ଅଗଷ୍ଟ ୬ ତାରିଖରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରସମୂହର ଶିକ୍ଷା ମନ୍ତ୍ରୀବୃନ୍ଦ ଓ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇ ଆଲୋଚନା କରିବେ। ୭ ତାରିଖରେ ବ୍ରିକ୍ସ ଶିକ୍ଷା ମନ୍ତ୍ରୀଙ୍କ ୧୩ ତମ ବୈଠକ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପଦାଧିକାରୀମାନେ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ବ୍ରିକ୍ସ-ଭାରତ ଅଧ୍ୟକ୍ଷତାର ଥିମ୍ ରହିଛି- ଜନକୈନ୍ଦ୍ରିକ ଏବଂ ମାନବ-କଲ୍ୟାଣ ପ୍ରାଥମିକତା ଦୃଷ୍ଟିଭଙ୍ଗୀକୁ ଆଧାର କରି ବିଶ୍ୱସ୍ତରୀୟ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସହନଶୀଳତା, ନବସୃଜନ, ପାରସ୍ପରିକ ସହଯୋଗ ଓ ସ୍ଥାୟୀ ବିକାଶକୁ ସୁଦୃଢ଼ କରିବା।



ବୈଠକରେ ବ୍ରିକ୍ସ ଶିକ୍ଷା କ୍ଷେତ୍ରର ଅଗ୍ରାଧିକାର ପ୍ରସଙ୍ଗଗୁଡ଼ିକ ମଧ୍ୟରେ ରହିଛି ପ୍ରାରମ୍ଭିକ ଶୈଶବ କାଳରେ ଯତ୍ନ ଓ ଶିକ୍ଷା ବ୍ୟବସ୍ଥାକୁ ସଶକ୍ତ କରିବା, ବ୍ରିକ୍ସ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ଏବଂ ପ୍ରଶିକ୍ଷଣ ( ଟିଭିଇଟି) ସହଯୋଗ ମେଣ୍ଟ ( ଟିସିଏ) ଅଧୀନରେ ଦକ୍ଷତା ବିକାଶ ଏବଂ ପାରସ୍ପରିକ ସହଯୋଗକୁ ସୁଦୃଢ଼ କରିବା, ସହଭାଗୀ ଗବେଷଣା, ନବସୃଜନ ଏବଂ ଷ୍ଟାର୍ଟ ଅପ୍ ଗୁଡିକୁ ପ୍ରୋତ୍ସାହନ, ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି (ଏମଆରକ୍ୟୁ)କୁ ଗୁରୁତ୍ୱ ଏବଂ ଶୈକ୍ଷିକ ନେତୃତ୍ୱ ପାଇଁ ଦକ୍ଷତା ବୃଦ୍ଧି କରିବା। ବୈଠକରେ ଭାରତ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡଃ. କେ.ଏମ୍. ପ୍ରଫୁଲ୍ଲଚନ୍ଦ୍ର ଶର୍ମା ଆଭାସୀ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନ ନେଇ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ ଏବଂ ଓଡ଼ିଶା ସରକାରଙ୍କ ସହଯୋଗ ନେଇ ଆଲୋଚନା କରିଥିଲେ। ବିଭିନ୍ନ ଦେଶର ପ୍ରତିନିଧିମାନେ ସୁବିଧାରେ ଭୁବନେଶ୍ୱର ବିମାନବନ୍ଦରରୁ ରହଣି ସ୍ଥଳରେ ପହଁଚିବା, ପ୍ରୋଟୋକଲ, ସୁରକ୍ଷା, ପରିବହନ, ଯୋଗାଯୋଗ ଅଧିକାରୀ ନିୟୋଜନ ଏବଂ ଦୂତାବାସ ସହ ସମନ୍ୱୟ ଆଦି ବିଷୟରେ ବୈଠକରେ ଆଲୋକପାତ କରାଯାଇଥିଲା। ଏହାସହ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତିନିଧିମାନଙ୍କ ପାଇଁ ସ୍ଥାନୀୟ ଦର୍ଶନୀୟ ସ୍ଥାନ ପରିଦର୍ଶନ, ଚିକିତ୍ସା ସୁବିଧା, ଆମ୍ବୁଲାନ୍ସ ବ୍ୟବସ୍ଥା, ସ୍ଥାନୀୟ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଶାସନ ସଚିବ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ପାଇଁ ଓଡ଼ିଶା ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତପ୍ରକାର ଆନୁଷଙ୍ଗିକ ସହଯୋଗ ରହିବ ବୋଲି ପ୍ରକାଶ କରି ସମ୍ପୃକ୍ତ ସମସ୍ତ ବିଭାଗୀୟ ସଚିବ ଏବଂ ପଦାଧିକାରୀମାନଙ୍କୁ ପାରସ୍ପରିକ ସମନ୍ୱୟ ରକ୍ଷା କରି କାର୍ଯ୍ୟ ସଂପାଦନ କରିବାକୁ ପରାମର୍ଶ ଦେଇଛନ୍ତି। ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଉଚ୍ଚ ଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍., ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ତଥା କ୍ରୀଡ଼ା ବିଭାଗ କମିଶନର ତଥା ଶାସନ ସଚିବ ଭୁପେନ୍ଦ୍ର ସିଂ ପୁନିଆ, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଆରକେ. ଶର୍ମାଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତି ଥିଲେ। ପ୍ରକାଶ ଥାଉକି ୨୦୦୬ ମସିହାରୁ ବିଭିନ୍ନ ରାଷ୍ଟ୍ରମାନଙ୍କରେ ଏହି ବ୍ରିକ୍ସ ସମ୍ମିଳନୀ ଆୟୋଜିତ ହେଉଥିବା ବେଳେ ୨୦୨୬ ରେ ଭାରତରେ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଛି। ବ୍ରାଜିଲ, ଋଷ, ଭାରତ, ଚୀନ, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ଇଥିଓପିୟା, ଇଣ୍ଡୋନେସିଆ, ଇରାନ, ସାଉଦି ଆରବ ଏବଂ ୟୁଏଇ ପ୍ରମୁଖ ବ୍ରିକ୍ସ ରାଷ୍ଟ୍ର ସମୂହର ସଦସ୍ୟ ରହିଛନ୍ତି। ଗତ ଜୁନ୍ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ପୁରୀଠାରେ ବ୍ରିକ୍ସ ରାଷ୍ଟ୍ରସମୂହ ବିପର୍ଯ୍ୟୟ ମୁକାବିଲା କାର୍ଯ୍ୟକାରୀ ଗ୍ରୁପର ବୈଷୟିକ ବୈଠକ ଅନୁଷ୍ଠିତ ହୋଇ ଏ କ୍ଷେତ୍ରରେ ଆନ୍ତର୍ଜାତିକ ସହଯୋଗକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।



# ରାଜ୍ୟ ନିଗମ କର୍ମଚାରୀ ମହାସଂଘର ରୌପ୍ୟ ଜୟନ୍ତୀ ମହୋତ୍ସବ




**ଭୁବନେଶ୍ୱର (ବ୍ୟୁରୋ) :** ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ରୌପ୍ୟ ଜୟନ୍ତୀ ମହୋତ୍ସବ ଓ ସାଧାରଣ ଅଧିବେଶନ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ରାଜ୍ୟର ବିଭିନ୍ନ ନିଗମ, ବୋର୍ଡ, ଉନ୍ନୟନ କର୍ତ୍ତୃପକ୍ଷ, ସମବାୟ ସଂସ୍ଥା ଏବଂ ସ୍ୱୟଂଶାସିତ ଅନୁଷ୍ଠାନର ହଜାର ହଜାର କର୍ମଚାରୀଙ୍କ ଉତ୍ସାହପୂର୍ଣ୍ଣ ଉପସ୍ଥିତିରେ ଅତ୍ୟନ୍ତ ଆଡ଼ମ୍ବରପୂର୍ଣ୍ଣ, ଗରିମାମୟ ଓ ଅଭୂତପୂର୍ବ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଐତିହାସିକ ସମାରୋହରେ ରାଜ୍ୟର ବିଭିନ୍ନ କ୍ଷେତ୍ରର କର୍ମଚାରୀ, କର୍ମଚାରୀ ନେତୃବୃନ୍ଦ, ଅବସରପ୍ରାପ୍ତ କର୍ମଚାରୀ ଏବଂ ଇପିଏଫ୍ ପେନ୍‌ସନ୍‌ଭୋଗୀମାନଙ୍କର ବ୍ୟାପକ ସମାଗମ ମହାସଂଘର ଐକ୍ୟ, ସଂଗଠନାତ୍ମକ ଶକ୍ତି ଓ ଦୀର୍ଘ ୨୫ ବର୍ଷର ସଂଘର୍ଷମୟ ଯାତ୍ରାର ଏକ ଉଜ୍ଜ୍ୱଳ ପ୍ରତିଫଳନ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ନିଗମ, ବୋର୍ଡ, ଉନ୍ନୟନ କର୍ତ୍ତୃପକ୍ଷ, ସମବାୟ ସଂସ୍ଥା ଓ ସ୍ୱୟଂଶାସିତ ଅନୁଷ୍ଠାନର କର୍ମଚାରୀମାନଙ୍କର ରାଜ୍ୟ ଗଠନ ଓ ବିକାଶରେ ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ। କର୍ମଚାରୀମାନଙ୍କର ନ୍ୟାୟସଙ୍ଗତ ଦାବିଗୁଡିକ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ ଆଶ୍ୱାସନ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ତଥା ମହାସଂଘର ଉପଦେଷ୍ଟା ପ୍ରିୟଦର୍ଶୀ ମିଶ୍ର, ସ୍ୱତନ୍ତ୍ର ଅତିଥି ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ, ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ, ଅଲ୍ ଓଡ଼ିଶା ଇପିଏଫ୍ ପେନ୍ ?ସନର୍ସ ଆସୋସିଏସନ ଭାଗ୍ୟଧର ବ୍ରହ୍ମା ପ୍ରମୁଖ ମହାସଂଘର ୨୫ ବର୍ଷର ସଂଘର୍ଷ, ସଫଳତା ଏବଂ କର୍ମଚାରୀ କଲ୍ୟାଣ କ୍ଷେତ୍ରରେ ଏହାର ଐତିହାସିକ ଅବଦାନର ଭୂୟସୀ ପ୍ରଶଂସା କରିଥିଲେ। ମହାସଂଘର ସଭାପତି ଡ଼. ସରୋଜ କାନ୍ତ ମଲ୍ଲିକ ସଭାପତିତ୍ୱ କରି କହିଥିଲେ ଯେ, ରୌପ୍ୟ ଜୟନ୍ତୀ କେବଳ ଏକ ଉତ୍ସବ ନୁହେଁ; ବରଂ କର୍ମଚାରୀଙ୍କ ଅଧିକାର, ସାମାଜିକ ସୁରକ୍ଷା, ଚାକିରିର ସ୍ଥାୟୀତ୍ୱ ଓ ମର୍ଯ୍ୟାଦା ପାଇଁ ମହାସଂଘର ଦୀର୍ଘ ୨୫ ବର୍ଷର ଅବିରତ ସଂଘର୍ଷର ଏକ ଐତିହାସିକ ମାଇଲଖୁଣ୍ଟ। ସେ କହିଥିଲେ ଯେ, ଆଗାମୀ ଦିନରେ ମଧ ମହାସଂଘ ସମସ୍ତ ବର୍ଗର କର୍ମଚାରୀଙ୍କ ସ୍ୱାର୍ଥ ସୁରକ୍ଷା ଓ ସାମାଜିକ ନ୍ୟାୟ ପାଇଁ ଏକତାବଦ୍ଧ ଭାବେ ସଂଘର୍ଷ ଜାରି ରଖିବ। ଏହି ଅବସରରେ ମହାସଂଘ ପକ୍ଷରୁ ନିଗମ, ବୋର୍ଡ, ଉନ୍ନୟନ କର୍ତ୍ତୃପକ୍ଷ, ସମବାୟ ସଂସ୍ଥା ଏବଂ ସ୍ୱୟଂଶାସିତ ଅନୁଷ୍ଠାନର କର୍ମଚାରୀମାନଙ୍କ ବିଭିନ୍ନ ନ୍ୟାୟସଙ୍ଗତ ଦାବି ସମ୍ବଳିତ ଏକ ସ୍ମାରକପତ୍ର ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ସେହିପରି ରୌପ୍ୟ ଜୟନ୍ତୀ ସ୍ମରଣିକା ରୌପ୍ୟ ସ୍ମୃତିର ଉନ୍ମୋଚନ, ବରିଷ୍ଠ କର୍ମଚାରୀ ନେତୃବୃନ୍ଦଙ୍କୁ ସମ୍ବର୍ଦ୍ଧନା, ବିଭିନ୍ନ ସଂଗଠନର ପ୍ରତିନିଧିମାନଙ୍କୁ ସମ୍ମାନିତ ଏବଂ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ସମାରୋହକୁ ଅଧିକ ଗରିମାମୟ କରିଥିଲା। ମହାସଂଘର ମହାସଚିବ ପ୍ରଭାତ କୁମାର ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରି ମହାସଂଘର ବାର୍ଷିକ କାର୍ଯ୍ୟଧାରା, ସଫଳତା ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଶେଷରେ ସେ ସମସ୍ତ ଅତିଥି, ପ୍ରତିନିଧି, କର୍ମଚାରୀ, ସହଯୋଗୀ ସଂଗଠନ, ଗଣମାଧ୍ୟମ ପ୍ରତିନିଧି ଓ ଶୁଭେଚ୍ଛୁମାନଙ୍କୁ କୃତଜ୍ଞତା ଜଣାଇଥିଲେ। ସାଧାରଣ ଅଧିବେଶନରେ ସର୍ବସମ୍ମତିକ୍ରମେ ଆଗାମୀ ତିନି ବର୍ଷ ପାଇଁ ମହାସଂଘର ନୂତନ କର୍ମକର୍ତ୍ତାମାନଙ୍କୁ ନିର୍ବାଚିତ କରାଯାଇଥିଲା। ଡ଼ା. ସରୋଜ କାନ୍ତ ମଲ୍ଲିକ ସଭାପତି, ଦେବାଶିଷ ଜେନା ଓ ରଙ୍ଗାଧର ନାୟକ ଉପସଭାପତି, ପ୍ରଭାତ କୁମାର ପରିଡ଼ା ମହାସଚିବ, ନୃସିଂହ ଚରଣ ସେଠୀ ଓ କବିସୂର୍ଯ୍ୟ ସିଂ ଯୁଗ୍ମ ସମ୍ପାଦକ, ଶିବଶଙ୍କର ପ୍ରଧାନ ସାଂଗଠନିକ ସମ୍ପାଦକ, ନୀଳକଣ୍ଠ ପରିଡ଼ା କୋଷାଧ୍ୟକ୍ଷ, ଦୈତାରୀ ବେହେରା ଓ ବିଶ୍ୱମୋହନ ମହାପାତ୍ର ସମୀକ୍ଷକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କୁ ମୁଖ୍ୟ ଉପଦେଷ୍ଟା ଏବଂ ଡ଼. ମୁକ୍ତିକାନ୍ତ ମହାପାତ୍ର, ନଟବର ଆଚାର୍ଯ୍ୟ ଓ ପ୍ରଫୁଲ୍ଲ କୁମାର ଦାସଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା।

# ସମ୍ ନର୍ସିଂ କଲେଜ ପକ୍ଷରୁ 'ସିଷ୍ଟମାଟିକ୍ ରିଭ୍ୟୁ ଓ ମେଟା-ଆନାଲିସିସ୍' ଶୀର୍ଷକ ଫ୍ୟାକଲ୍ଟୀ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ



ଭୁବନେଶ୍ୱର (ବ୍ୟୁରୋ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ୍ ଟୁ ବି ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ ପକ୍ଷରୁ ନିକଟରେ 'ସିଷ୍ଟମାଟିକ୍ ରିଭ୍ୟୁ ଓ ମେଟା-ଆନାଲିସିସ୍' ଶୀର୍ଷକ ଦିନିକିଆ ଫ୍ୟାକଲ୍ଟି ଡେଭେଲପ୍‌ମେଂଟ ପ୍ରୋଗ୍ରାମ୍ (ଏଫ୍‌ଡିପି) ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୭୦ ଜଣ ଫ୍ୟାକଲ୍ଟି ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ରହିଥିଲା ସିଷ୍ଟମାଟିକ୍ ରିଭ୍ୟୁ ଓ ମେଟା- ଆନାଲିସିସ୍ କ୍ଷେତ୍ରରେ ଅଧ୍ୟାପକମାନଙ୍କର ଗବେଷଣା ଦକ୍ଷତାକୁ ସୁଦୃଢ଼ କରିବା। ଏହି କାର୍ଯ୍ୟକ୍ରମରେ ଦୁଇଟି ବୈଜ୍ଞାନିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ସିଷ୍ଟମାଟିକ୍ ରିଭ୍ୟୁର ମୌଳିକ ଧାରଣା ସହିତ ଏହାର ଏଭିଡେନ୍ସ-ବେସ୍ଡ ରିସର୍ଚ୍ଚର ଗୁରୁତ୍ୱ, ପାରଂପରିକ ସାହିତ୍ୟ ସମୀକ୍ଷାଠାରୁ ଏହାର ପାର୍ଥକ୍ୟ, ପିଆଇସିଓ ଫ୍ରେମ୍‌ୱାର୍କ ଆଧାରରେ ଗବେଷଣା ପ୍ରଶ୍ନ ପ୍ରସ୍ତୁତି, ପ୍ରୋଟୋକଲ୍ ବିକାଶ, ସାହିତ୍ୟ ସନ୍ଧାନ କୌଶଳ ଏବଂ ପୂର୍ବ ନିର୍ଦ୍ଧାରିତ ଅନ୍ତର୍ଭୁକ୍ତି ଓ ବର୍ଜନ ମାନଦଣ୍ଡ ଆଧାରରେ ଅଧ୍ୟୟନ ଚୟନ ସଂପର୍କରେ ଯୋଗ ଦେଇଥିବା ଫ୍ୟାକଲ୍ଟିମାନଙ୍କୁ ଅବଗତ କରାଯାଇଥିଲା। ଏହି ଅଧିବେଶନ ପରିଚାଳନା କରିଥିବା ଏମ୍ସ ଭୁବନେଶ୍ୱରର ଶିଶୁରୋଗ ବିଭାଗର ଡ଼ଃ କେତନ କୁମାର ପ୍ରିଜ୍‌ମା (ପ୍ରିଫର୍ଡ ରିପୋର୍ଟିଂ ଆଇଟମ୍ସ ଫର୍ ସିଷ୍ଟମାଟିକ୍ ରିଭ୍ୟୁ ଆଣ୍ଡ ମେଟା-ଆନାଲିସିସ୍) ନିର୍ଦ୍ଦେଶାବଳୀ, ସିଷ୍ଟମାଟିକ୍ ରିଭ୍ୟୁ ପରିଚାଳନାର ସଂପୂର୍ଣ୍ଣ ପ୍ରକ୍ରିୟା ଏବଂ ଲିଟରେଚର ସନ୍ଧାନ କୌଶଳ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନକୁ ଏମ୍ସ ଭୁବନେଶ୍ୱରର ଶିଶୁରୋଗ ବିଭାଗର ପ୍ରଫେସର ଡାକ୍ତର ରଶ୍ମି ରଞ୍ଜନ ଦାସ ପରିଚାଳନା କରିଥିଲେ। ସେ ମେଟା-ଆନାଲିସିସ୍ ଫଳାଫଳର ବ୍ୟାଖ୍ୟା, ରିପୋର୍ଟିଂ ମାନଦଣ୍ଡ, ଗବେଷଣା ପ୍ରକାଶନ କୌଶଳ ଏବଂ ସିଷ୍ଟମାଟିକ୍ ରିଭ୍ୟୁ କରିବା ସମୟରେ ସମ୍ମୁଖୀନ ହେଉଥିବା ସାଧାରଣ ପଦ୍ଧତିଗତ ଆହ୍ୱାନ ସଂପର୍କରେ ଆଲୋଚନା କରିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏଭିଡେନ୍ସ-ବେସ୍ଡ ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଉଚ୍ଚମାନର ବୈଜ୍ଞାନିକ ପ୍ରମାଣ ସୃଷ୍ଟି ପାଇଁ ଅଧ୍ୟାପକ ଓ ଗବେଷକମାନଙ୍କୁ ସିଷ୍ଟମାଟିକ୍ ରିଭ୍ୟୁ ଓ ମେଟା-ଆନାଲିସିସ୍ ପଦ୍ଧତି ଅନୁସରଣ କରିବାକୁ ଉତ୍ସାହିତ କରିଥିଲେ। ଶେଷରେ ଏକ ଆନ୍ତରିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶ ଗ୍ରହଣକାରୀମାନେ ସଫ୍ଟୱେୟାର ବ୍ୟବହାର, ପରିସଂଖ୍ୟାନଗତ ବିଶ୍ଳେଷଣ ଓ ସିଷ୍ଟମାଟିକ୍ ରିଭ୍ୟୁର ପ୍ରକାଶନ ସଂପର୍କିତ ବିଭିନ୍ନ ପ୍ରଶ୍ନ ଉପସ୍ଥାପନ କରିଥିଲେ।

# ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଦୃଢ଼ ଆୟ

**ଭୁବନେଶ୍ୱର (ବ୍ୟୁରୋ) :** ଭାରତର ଅନ୍ୟତମ ସମନ୍ୱିତ ଲୁହାପଥର ଓ ଇସ୍ପାତ କମ୍ପାନି ବେଦାନ୍ତ ଆଇରନ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସ୍‌ଏଲ) ୨୦୨୬ ଜୁନ୍ ୩୦ ସୁଦ୍ଧା ଶେଷ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଉଲ୍ଲେଖନୀୟ ଆର୍ଥିକ ଫଳାଫଳ ପ୍ରଦର୍ଶନ କରିଛି। ଅଧିକ ଲୁହାପଥର ଉତ୍ପାଦନ, ରେକର୍ଡ ପିଗ୍ ଆଇରନ୍ ଉତ୍ପାଦନ, ଉନ୍ନତ



ପରିଚାଳନା ଦକ୍ଷତା ଓ ଏହାର ବ୍ୟବସାୟରେ ଶୃଙ୍ଖଳିତ କାର୍ଯ୍ୟକାରିତା ଦ୍ୱାରା ଏହି ଫଳ ମିଳିପାରିଛି। ଏହି ତ୍ରୈମାସିକରେ କମ୍ପାନିର ରାଜସ୍ୱ ବାର୍ଷିକ ୧୮ ପ୍ରତିଶତ ବୃଦ୍ଧି ପାଇ ୩,୬୬୨ କୋଟି ଟଙ୍କା ହୋଇଥିବା ବେଳେ ଏବିଟ୍‌ଡା ୫୪ ପ୍ରତିଶତ ବଢ଼ି ୫୧୫ କୋଟି ଟଙ୍କା ହୋଇଛି। ଏବିଟ୍‌ଡା ମାର୍ଜିନ ୩୨୨ ପଏଂଟ୍ ପ୍ରତିଶତ ବଢ଼ି ୧୪ ପ୍ରତିଶତରେ ପହଂଚିଛି ଯାହା ଗୋଟିଏ ବର୍ଷ ପୂର୍ବରୁ ୧୧ ପ୍ରତିଶତ ଥିଲା। ଭିଆଇଏସ୍‌ଏଲ୍ ୧୨୧ କୋଟି ଟଙ୍କାର ଲାଭ କରିଛି। ଗତ ଆର୍ଥିକ ବର୍ଷର ଏହି ତ୍ରୈମାସିକରେ କମ୍ପାନି ୧୪୫ କୋଟି ଟଙ୍କର କ୍ଷତି ସହିଥିଲା। ଚଳିତ ବର୍ଷ ସେଥିରେ ଉଲ୍ଲେଖନୀୟ ସୁଧାର ଘଟିଛି। କମ୍ପାନିର ଇସ୍ପାତ ବ୍ୟବସାୟରେ ଏବିଟ୍‌ଡା ମାର୍ଜିନ ୪ପ୍ରତିଶତ ବୃଦ୍ଧି ପାଇ ୫୮୬୪ କୋଟି ଟଙ୍କା ହୋଇଥିବା ବେଳେ ଲୁହାପଥର ବ୍ୟବସାୟରେ ତାହା ୧୭ ପ୍ରତିଶତ ବୃଦ୍ଧି ପାଇ ୧୨୯୫ କୋଟି ଟଙ୍କା ହୋଇଛି। ଫଳାଫଳ ସମ୍ପର୍କରେ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍‌ର ସିଇଓ ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଶ୍ରୀ ପଙ୍କଜ କୁମାର ଶର୍ମା କହିଛନ୍ତି ଯେ, "କ୍ୟୁ୧ରେ ଆମ ଦୃଢ଼ ପ୍ରଦର୍ଶନ ଉଚ୍ଚ ଲୁହାପଥର ଉତ୍ପାଦନ, ଦ୍ରୁତ ପିଗ୍ ଆଇରନ୍ ଉତ୍ପାଦନ ଓ ଶୃଙ୍ଖଳିତ କାର୍ଯ୍ୟକାରିତାକୁ ଦର୍ଶାଉଛି। ପ୍ରତିଦ୍ୱନ୍ଦ୍ୱିତାରେ ଉନ୍ନତି ଆଣିବା, ଅଭିବୃଦ୍ଧି ପ୍ରକଳ୍ପକୁ ବଢ଼ାଇବା ଏବଂ ସ୍ଥାୟୀ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା ଉପରେ ଆମର ନିରନ୍ତର ଗୁରୁତ୍ୱ ରହିଛି। ଏହି ତ୍ରୈମାସିକରେ କମ୍ପାନିର ଏବିଟ୍‌ଡାକୁ ନିଟ୍ ଋଣ ୧.୩ ଗୁଣା ରହିଛି ଓ ନଗଦ ଓ ନଗଦ ସମାନ ୧୦୧୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଦୃଢ଼ ଆର୍ଥିକ ସ୍ଥିତି ବିଚାରକୁ ନେଇ କ୍ରିସିଲ୍ ତରଫରୁ ଭିଆଇଏସ୍‌ଏଲ୍‌କୁ ଏଏ/ଷ୍ଟେବଲ୍ କ୍ରେଡିଟ୍ ରେଟିଂ ପ୍ରଦାନ କରାଯାଇଛି। ଏହି ସମୟରେ ଭିଆଇଏସ୍‌ଏଲ୍‌ର ପିଗ୍ ଆଇରନ୍ ଉତ୍ପାଦନ ୮ ପ୍ରତିଶତ ବଢ଼ି ୨୯୧ କିଲୋଟନ୍ ହୋଇଛି। ଲୁହାପଥର (ଗୋଆ) ବ୍ୟବସାୟ ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ ଭାବେ ଉଭା ହୋଇଛି। ସେଠାରେ ଲୁହାପଥର ଉତ୍ପାଦନ ୧୬୬ ପ୍ରତିଶତ ବଢ଼ିଛି ଓ ପ୍ରକ୍ରିୟାକରଣରେ ବୃଦ୍ଧି ଜାରି ରହିଛି। କମ୍ପାନିର ଅଭିବୃଦ୍ଧି କାହାଣୀ ଇଏସ୍‌ଜି ପ୍ରମୁଖ ସ୍ତମ୍ଭ ହୋଇ ରହିଥିବା ବେଳେ ପ୍ରତି ମାସରେ ଏହି କାର୍ଯ୍ୟକ୍ରମ ୧୦,୦୦୦ରୁ ଅଧିକ ଗୋଷ୍ଠୀ ସଦସ୍ୟଙ୍କ ପାଖରେ ପହଂଚିଛି। ୧୦୦ ନନ୍ଦଘର, ଟାକୋ ସମର୍ଥିତ ପଶୁ ପ୍ରସବ ନିୟନ୍ତ୍ରଣ କେନ୍ଦ୍ର, ବେଦାନ୍ତ କମ୍ପ୍ୟୁଟର କେନ୍ଦ୍ର ଓ ଲ୍ୟାବ୍‌ସ, ସେସା ଫୁଟବଲ୍ ଏକାଡେମି ଓ ଇଏସ୍‌ଏଲ୍ ଆର୍ଚେରି ଏକାଡେମି ଉନ୍ନତ ସାମାଜିକ ପ୍ରଭାବ ସୃଷ୍ଟି କରିଛନ୍ତି। କମ୍ପାନି ଅକ୍ଷୟ ଶକ୍ତି ଗ୍ରହଣୀୟତା, ଲୋକ କାର୍ବନ ଶକ୍ତି ଉତ୍ପାଦନ, ଇଭି ଗ୍ରହଣୀୟତା, ୫୫ ହଜାରରୁ ଅଧିକ ଚାରା ରୋପଣ ଓ ପ୍ରଯୁକ୍ତି ଆଧାରିତ ସୁରକ୍ଷା ସଂସ୍କୃତି ଜାରି ରହିଛି। ଏହି ତ୍ରୈମାସିକରେ କମ୍ପାନି ମୁର୍ମୁଗାଓ ପୋର୍ଟ ଅଥରିଟି ଆୱାର୍ଡ ଓ ମିନେରାଲ୍ ଆଣ୍ଡ୍ ମାଇନିଂ କନ୍‌କ୍ଲେଭ୍ ୨୦୨୬ରେ ବେଷ୍ଟ୍ ସେଫ୍‌ଟି ଆଣ୍ଡ୍ ହେଲ୍‌ଥ କଲ୍‌ଚର୍ ଅଫ୍ ଦି ଇୟର ଆୱାର୍ଡ, ସିଆଇଆଇ ଆଇକ୍ୟୁ ନ୍ୟାସନାଲ୍ ସେଫ୍ଟି ପ୍ରାକ୍ଟିସ୍ ପ୍ରତିଯୋଗିତା ୨୦୨୬ରେ ସ୍ୱର୍ଣ୍ଣ ପୁରସ୍କାର ଓ ବେଷ୍ଟ କାଇଜେନ୍ ବାଏ ସିଆଇଆଇ ପାଇଁ ପ୍ଲାଟିନମ୍ ଆୱାର୍ଡ ହାସଲ କରିଥିଲା।

# ନ୍ୟାସନାଲ୍ ସିଏ କନଫରେନ୍ସ କୃତଜ୍ଞତା ସମାରୋହରେ 'ଇଣ୍ଡିଆନ୍ ଆଇଡଲ୍-୨୦୨୬' ବିଜେତା ଜ୍ୟୋତିର୍ମୟୀ ନାୟକ ସମ୍ବର୍ଦ୍ଧିତ




**ଭୁବନେଶ୍ୱର (ବ୍ୟୁରୋ) :** ଆଇସିଏଆଇର ଭୁବନେଶ୍ୱର ଶାଖା ପକ୍ଷରୁ ନ୍ୟାସନାଲ୍ ସିଏ କନଫରେନ୍ସ-୨୦୨୬ର ସଫଳ ଆୟୋଜନ ଅବସରରେ ଆୟୋଜିତ କୃତଜ୍ଞତା ସମାରୋହରେ 'ଇଣ୍ଡିଆନ୍ ଆଇଡଲ୍-୨୦୨୬'ର ବିଜେତା ତଥା ଓଡ଼ିଶାର ଗର୍ବ ଜ୍ୟୋତିର୍ମୟୀ ନାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ଶାଖାର ପୂର୍ବତନ ଚେୟାରମ୍ୟାନ୍ ତଥା କନଫରେନ୍ସ ହୋଷ୍ଟିଂ ଚେୟାରମ୍ୟାନ୍ ସିଏ ପ୍ରଶାନ୍ତ ପଣ୍ଡା ଜ୍ୟୋତିର୍ମୟୀ ନାୟକଙ୍କୁ ଉତ୍ତରୀୟ, ସ୍ମାରକ ଏବଂ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଶାଖାର ଚେୟାରପର୍ସନ୍ ସିଏ (ଡ଼ଃ) ଗୌତମ ଲେଙ୍କା, ସମ୍ପାଦକ ସିଏ ସୌମ୍ୟ ସୁନୀଲ ସାହୁ, ପୂର୍ବତନ ଚେୟାରମ୍ୟାନ୍ ତଥା ମ୍ୟାନେଜିଂ କମିଟି ସଦସ୍ୟ ସିଏ ମହେନ୍ଦ୍ର ସାହୁ ଏବଂ ମ୍ୟାନେଜିଂ କମିଟି ସଦସ୍ୟ ସିଏ ଗଗନ ବିହାରୀ ଦାସ, ସିଏ ଶାଶ୍ୱତ ତ୍ରିପାଠୀ ଓ ସିଏ ପ୍ରଣବ କିଶୋର ଦାସ ଉପସ୍ଥିତ ଥିଲେ। ବକ୍ତାମାନେ ଜ୍ୟୋତିର୍ମୟୀ ନାୟକ ଜାତୀୟ ସ୍ତରରେ ଓଡ଼ିଶାର ଗୌରବ ବୃଦ୍ଧି କରିଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ସଙ୍ଗୀତ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ। ସମ୍ବର୍ଦ୍ଧନା ଗ୍ରହଣ କରି ଜ୍ୟୋତିର୍ମୟୀ ନାୟକ ଆଇସିଏଆଇ ଭୁବନେଶ୍ୱର ଶାଖା ପ୍ରତି କୃତଜ୍ଞତା ପ୍ରକାଶ କରିବା ସହ ସମସ୍ତଙ୍କ ଭଲପାଇବା ଓ ଆଶୀର୍ବାଦ ପାଇଁ ଧନ୍ୟବାଦ ଜଣାଇଥିଲେ। କୃତଜ୍ଞତା ସମାରୋହରେ ନ୍ୟାସନାଲ୍ ସିଏ କନଫରେନ୍ସ-୨୦୨୬ର ସ୍ୱେଚ୍ଛାସେବକମାନେ ମଧ୍ୟ ଉପସ୍ଥିତ ରହିଥିଲେ। ସେମାନଙ୍କର ସକ୍ରିୟ ସହଯୋଗ ଓ ନିଷ୍ଠାପୂର୍ଣ୍ଣ ଅବଦାନ ପାଇଁ ଶାଖା ପକ୍ଷରୁ କୃତଜ୍ଞତା ଜଣାଯାଇଥିଲା।

# ଆଇସିଆଇସିଆଇ ପ୍ରୁଆଇପ୍ରୋଟେକ୍ଟ ସ୍ମାର୍ଟ ପ୍ଲସ୍

## କମ୍ ପ୍ରିମିୟମରେ ୧୦ବର୍ଷର ଜୀବନବୀମା ସୁରକ୍ଷା



**ଭୁବନେଶ୍ୱର (ବ୍ୟୁରୋ) :** ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍‌ର ଆଇପ୍ରୋଟେକ୍ଟ ସ୍ମାର୍ଟ ବର୍ତ୍ତମାନ ୧୦ ବର୍ଷର ଜୀବନ ବୀମା ସୁରକ୍ଷା ବିକଳ୍ପ ସହ ଉପଲବ୍ଧ। ଏହି ଯୋଜନା ଗୃହଋଣ, ସନ୍ତାନଙ୍କ ଶିକ୍ଷା ପାଇଁ ଆର୍ଥିକ ଲକ୍ଷ୍ୟ କିମ୍ବା ବ୍ୟବସାୟିକ ଋଣ ଭଳି ନିର୍ଦ୍ଦିଷ୍ଟ ଆର୍ଥିକ ଦାୟିତ୍ୱ ଥିବା ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଏହା ଜୀବନର ସେହି ପର୍ଯ୍ୟାୟରେ, ଯେତେବେଳେ ଆର୍ଥିକ ଦାୟିତ୍ୱ ସର୍ବାଧିକ ଥାଏ, ଗ୍ରାହକଙ୍କୁ କମ୍ ପ୍ରିମିୟମରେ ଅଧିକ ପରିମାଣର ଜୀବନ ବୀମା ସୁରକ୍ଷା ବାଛିବାର ସୁବିଧା ପ୍ରଦାନ କରେ। ଏହି ଯୋଜନାରେ ୬୭,୧୦୦/- ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ନିଃଶୁଳ୍କ ସ୍ୱାସ୍ଥ୍ୟ ଓ ୱେଲନେସ୍ ସେବା, ୩ ଲକ୍ଷ ଟଙ୍କାର ତତ୍କାଳ ଦାବି ପରିଶୋଧ ସୁବିଧା ଏବଂ ଟର୍ମିନାଲ୍ ଇଲନେସ୍ (ମୃତ୍ୟୁପୂର୍ବ ଗୁରୁତର ରୋଗ) ଚିହ୍ନଟ ହେଲେ ବୀମା ରାଶିର ୧୦୦% ପରିଶୋଧର ବ୍ୟବସ୍ଥା ମଧ୍ୟ ରହିଛି। ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନ୍ ?ସ୍ୟୁରାନ୍ସର ଚିଫ୍ ଅଫ୍ ଡିଷ୍ଟ୍ରିବ୍ୟୁସନ୍ ରାଜୀବ ଆରୋରା କହିଛନ୍ତିଯେ, "ଆର୍ଥିକ ସୁରକ୍ଷାକୁ ନେଇ ଗ୍ରାହକଙ୍କ ଆଶା ସେମାନଙ୍କ ଜୀବନ ଲକ୍ଷ୍ୟ ସହିତ କ୍ରମାଗତ ଭାବେ ପରିବର୍ତ୍ତିତ ହେଉଛି। ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଉନସ୍ୟୁରାନ୍ସରେ ଆମର ଲକ୍ଷ୍ୟ ହେଉଛି, ଗ୍ରାହକଙ୍କ ଆର୍ଥିକ ଯାତ୍ରାର ବିଭିନ୍ନ ପର୍ଯ୍ୟାୟରେ ସେମାନଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବା। ଆଇସିଆଇସିଆଇ ପ୍ରୁଇପ୍ରୋଟେକ୍ଟ ସ୍ମାର୍ଟ ପ୍ଲସ୍ ଆମର 'ଗ୍ରାହକ-ପ୍ରଥମ' ଦୃଷ୍ଟିଭଙ୍ଗୀର ପ୍ରତିଫଳନ। ଏହା ୧୦ ବର୍ଷର ପଲିସି ଅବଧି ସହିତ ଆମ ସୁରକ୍ଷା ପୋର୍ଟଫୋଲିଓକୁ ବିସ୍ତାର କରୁଛି, ଯାହା ସୁଲଭ ପ୍ରିମିୟମ ସହିତ ଅର୍ଥପୂର୍ଣ୍ଣ ଆର୍ଥିକ ସୁରକ୍ଷା ପ୍ରଦାନ କରିବାକୁ ସକ୍ଷମ ବିଭିନ୍ନ ବୈଶିଷ୍ଟ୍ୟକୁ ଏକାଠି କରିଛି। ସେ କହିଛନ୍ତି, "୯୯.୩%ର ଶିଳ୍ପରେ ଅଗ୍ରଣୀ କ୍ଲେମ୍ ସେଟଲମେଂଟ ଅନୁପାତ ଏବଂ ୨୦୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକରେ ହାରାହାରି ମାତ୍ର ୧ ଦିନର କ୍ଲେମ୍ ସେଟଲମେଂଟ ସମୟ ସହିତ, ଆମେ ସବୁବେଳେ ଆମର ଗ୍ରାହକ ଏବଂ ସେମାନଙ୍କ ପରିବାର ସହ ସେହି ସମୟରେ ରହିଥାଉ, ଯେତେବେଳେ ସେମାନଙ୍କୁ ଆମର ସବୁଠାରୁ ଅଧିକ ଆବଶ୍ୟକତା ଥାଏ। ୧ମ କ୍ୱାଟର-୨୦୨୭ ଆର୍ଥିକ ବର୍ଷ ସମୟରେ କମ୍ପାନି ମୃତ୍ୟୁଜନିତ ବୀମା ଦାବି ବାବଦରେ ୧,୩୦୬ କୋଟି ଟଙ୍କା ପରିଶୋଧ କରିଥିବାବେଳେ, ୩,୩୬୦ କୋଟି ଟଙ୍କା ମ୍ୟାଚୁରିଟି ଓ ସର୍ଭାଇଭାଲ୍ ବେନିଫିଟ୍ ଭାବେ ପ୍ରଦାନ କରିଛି। ଏହା ପଲିସିଧାରୀଙ୍କୁ ସମୟୋପଯୋଗୀ ଆର୍ଥିକ ସୁରକ୍ଷା ଓ ନିଶ୍ଚିନ୍ତତା ପ୍ରଦାନ କରିବା ପ୍ରତି ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍‌ର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହାବ୍ୟତୀତ ୨୦୨୬ ଆର୍ଥିକ ବର୍ଷ ମଧ୍ୟରେ କମ୍ପାନି ୫,୧୪୯ କୋଟିର ମୃତ୍ୟୁଜନିତ ବୀମା ଦାବି ପରିଶୋଧ କରିଥିବା ବେଳେ, ୧୫,୩୬୩ କୋଟି ମେଚ୍ୟୁରିଟି ଏବଂ ସର୍ଭାଇଭାଲ୍ ବେନିଫିଟ୍ ଭାବେ ପ୍ରଦାନ କରିଛି।

# ଓଡ଼ିଶାର ୩ଟି ଷ୍ଟୋରରେ ତନିସ୍କର ଡାଏମଣ୍ଡ ଏକ୍ସପର୍ଟାଇଜ ସେଣ୍ଟର

## ହୀରା କ୍ରୟବେଳେ ସ୍ୱଚ୍ଛତାକୁ ପରିଭାଷିତ କରିବ ଡିଏକ୍ସସି

**ଭୁବନେଶ୍ୱର/କଟକ (ବ୍ୟୁରୋ) :** ଟାଟା ହାଉସ୍ ପକ୍ଷରୁ ଦେଶର ସର୍ବବୃହତ୍ ଗହଣା ବ୍ରାଣ୍ଡ ତନିସ୍କ ଓଡ଼ିଶାସ୍ଥିତ ଏହାର ୩ଟି ଷ୍ଟୋରରେ ଡାଏମଣ୍ଡ ଏକ୍ସପର୍ଟାଇଜ ସେଣ୍ଟର (ଡିଏକ୍ସସି)ର ଶୁଭାରମ୍ଭ କରିଛି। ଏହି ଷ୍ଟୋର ତ୍ରୟ ହେଲା ଭୁବନେଶ୍ୱରସ୍ଥିତ ତନିସ୍କ ଚନ୍ଦ୍ରଶେଖରପୁର, କଟକସ୍ଥିତ ତନିସ୍କ ସିଡିଏ ଏବଂ କିଶୋର ହାଉସ୍ କ୍ୟାଣ୍ଟନମେଣ୍ଟ ଷ୍ଟୋର। ଏହି ଡିଏକ୍ସସି ମାଧ୍ୟମରେ ଗ୍ରାହକ ଏକ ପରିବର୍ଦ୍ଧିତ ଏବଂ ସ୍ୱଚ୍ଛ ହୀରା କ୍ରୟ ଅନୁଭୂତି ପାଇବେ। ଗ୍ରାହକଙ୍କୁ ସେମାନଙ୍କ ପସନ୍ଦର ହୀରା ଗହଣା କ୍ରୟ ସମୟରେ ଜ୍ଞାନ, ଆସ୍ଥା ଏବଂ ଭରସା ଦ୍ୱାରା ସଶକ୍ତ କରିବାର ତନିସ୍କର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି ଏ ଅଭିଯାନ। ଆଧୁନିକ ମୂଲ୍ୟାୟନ ଟୁଲ୍ ଏବଂ ବିଶେଷଜ୍ଞଙ୍କ ମାର୍ଗଦର୍ଶନ ଜରିଆରେ ପ୍ରାକୃତିକ ହୀରାର ଉତ୍ତମ ଦିଗକୁ ବୁଝିବା ଲାଗି ଗ୍ରାହକଙ୍କୁ ସାହାଯ୍ୟ କରିବା ନିମନ୍ତେ ଏହି ଡାଏମଣ୍ଡ ଏକ୍ସପର୍ଟାଇଲ୍ ସେରଗୁଡ଼ିକୁ ବିକାଶନ କରାଯାଇଛି। ହୀରାର ଗୁଣବତା ଯେପରି ଉଜ୍ଜ୍ୱଳତା, ଅଞ୍ଚଳୁନ୍ତୀକରଣ, ପ୍ରାମାଣିକବା ଏବଂ କାରିଗରୀ ଆଦିକୁ ପରିଭାଷିତ କରୁଥିବା ପ୍ରମୁଖ ମାପଦଣ୍ଡଗୁଡ଼ିକୁ ଅନୁସନ୍ଧାନ କରିବା ଲାଗି ଗ୍ରାହକଙ୍କୁ ସକ୍ଷମ କରିଥାଏ ଏହି ଡିଏକ୍ସସି। ମୂଲ୍ୟାଙ୍କନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଏବଂ ଜୀବନ୍ତ କରି ତନିସ୍କ ଗ୍ରାହକଙ୍କୁ ସେମାନଙ୍କ ହୀରା କ୍ରୟ ବିଷୟରେ ଗଭୀର ଅର୍ନ୍ତଦୃଷ୍ଟି ପାଇବା ଏବଂ ଆତ୍ମବିଶ୍ୱାସର ସହ ନିଷ୍ପତ୍ତି ନେବାକୁ ସକ୍ଷମ କରିଥାଏ। ଷ୍ଟୋରଗୁଡ଼ିକରେ ତନିସ୍କର ଅତ୍ୟାଧୁନିକ ପ୍ରାତ୍ୱିକ ହୀରା ଗହଣା ସମ୍ଭାର 'ସେଲ୍ ଇନ୍ କ୍ରିମୋନି' ରହିଛି, ଯାହା



ଆଧୁନିକ ରଖିଚିତ୍ର, ସୌହାର୍ଯ୍ୟ ଏବଂ ମହିଳାମାନଙ୍କ ମଧ୍ୟରେ ଥିବା ଅର୍ଥପୂର୍ଣ୍ଣ ବନ୍ଧନକୁ ପାଳନ କରୁଛି। ଗ୍ରାହକମାନେ ମଧ ତନିସ୍କର ପ୍ରାକୃତିକ ରତ୍ନପଥର ଗହଣା ସମ୍ଭାର 'ନ୍ୟୁଜ୍'କୁ ଦେଖିପାରିବେ, ଯାହା ଜୀବନର ସ୍ପନ୍ଦନଶୀଳ ରଙ୍ଗ ଦ୍ୱାରା ଅନୁପ୍ରାଣିତ। ଏହାସହିତ ପୌରାଣିକ କ୍ଷେତ୍ର ଦ୍ୱାରା ଅନୁପ୍ରାଣିତ ଏବଂ ଅସାଧାରଣ କଳାକୃତିରେ ପ୍ରସ୍ତୁତ 'ମୃଗାଙ୍କ' କଲେକ୍ସନ ରହିଛି। ଏହାସହିତ ଆହୁରି ମଧ ସ୍ଥାନିତ ହୋଇଛି 'ଆବାହନ', ଯାହା 'ସୋଲା'ର ପବିତ୍ର କାରିଗରୀ ଏବଂ ଡାକର ଶାଜର ସୂକ୍ଷ୍ମ ସୌନ୍ଦର୍ଯ୍ୟ ଦ୍ୱାରା ଅନୁପ୍ରାଣିତ। 'ସ୍ରୋତିକା' ସମ୍ଭାର ଓଡ଼ିଶାର ପବିତ୍ର ଜଳାଶ୍ରୟ, ମନ୍ଦିର, କଳା ଏବଂ ପ୍ରବାହିତ ନଦୀ ତରଙ୍ଗ ଦ୍ୱାରା ଅନୁପ୍ରାଣିତ। 'ଏଲାନ୍' ଅତି ସୂକ୍ଷ୍ମ ଢାଞ୍ଚା, ଫୁଲର ମୋଟିଫ୍ ଏବଂ ଚିଲ୍ଲାଇ-ପାଭେ ସେଟ୍ ହୀରାରୁ ପ୍ରସ୍ତୁତ। ସେହିଭଳି 'ଦେବ୍ୟାନି' ସମ୍ଭାର ଓଡ଼ିଶାର ସମୃଦ୍ଧ ସାଂସ୍କୃତକ ଏବଂ ସ୍ଥାପତ୍ୟ ଐତିହ୍ୟର ଏକ ସ୍ମରଣ। ଷ୍ଟୋରଗୁଡ଼ିକରେ ମଧ ରହିଛି ଷ୍ଟ୍ରିଙ୍ଗ୍ ଇଟ୍, ଗ୍ରାମ ଡେଜ୍, ଡୋର, ନାଭ- ରାନୀ, ଟେଲ୍ସ ଅଫ୍ ମିଷ୍ଟିକ୍, ରେଡ୍ କାର୍ପେଟ, ଆଭିର ଏବଂ ରିଭାହ ସମ୍ଭାର, ଯାହା ଗ୍ରାହକଙ୍କୁ ବିବାହ, ଅନ୍ୟାନ୍ୟ ଉତ୍ସବ ଅବସର, ଦୈନନ୍ଦିନ ବ୍ୟବହାର ଏବଂ ସମସାମୟିକ ଜୀବନଶୈଳୀ ପାଇଁ ଗହଣାର ବିସ୍ତୃତ କଲେକ୍ସନ ପ୍ରଦାନ କରେ। ଏ ଅବସରରେ ତନିସ୍କର ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ସାହ ଗୌରବ କ୍ରିଷ୍ଣା କୁହନ୍ତି, ତନିସ୍କରେ ପ୍ରତ୍ୟେକ ଅନୁଭୂତିରେ ଭରସା ସର୍ବାଗ୍ରେ ରହିଥାଏ। ଓଡ଼ିଶାରେ ଡାଏମଣ୍ଡ ଏକ୍ସପର୍ଟାଇଜ୍ ସେଣ୍ଟରର ପ୍ରଚଳନ ସହିତ ଆମେ ପ୍ରାକୃତିକ ହୀରା କ୍ରୟକୁ ଅଧିକ ସ୍ୱଚ୍ଛ, ପାରସ୍ପରିକ ଏବଂ ସୂଚନାପ୍ରଦ କରିବା ପାଇଁ ଆଉ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛୁ। ବିଶେଷଜ୍ଞଙ୍କ ମାର୍ଗଦର୍ଶନ ସହିତ ଆଧୁନିକ ପ୍ରଯୁକ୍ତିକୁ ମିଶ୍ରଣ କରି ଆମେ ତନିସ୍କ ବ୍ରାଣ୍ଡକୁ ପରିଭାଷିତ କରୁଥିବା ଗୁଣବତ୍ତା, କାରିଗରୀ ଏବଂ ସତ୍ତୋଟତାର ମୂଲ୍ୟବୋଧକୁ ସୁଦୃଢ଼ କରିବା ସହ ଗ୍ରାହକଙ୍କୁ ଅଧିକ ଆତ୍ମବିଶ୍ୱାସ ସହିତ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ତନିସ୍କର ମୁଖ୍ୟ(ଡିଏକ୍ସସି ଅପରେଶନ ପାନ୍ ଇଣ୍ଡିଆ) ବିରେନ ଜାବେରୀ କୁହନ୍ତି, ଡିଏକ୍ସସି ଗ୍ରାହକଙ୍କୁ ପ୍ରତ୍ୟେକ ହୀରା ପଛରେ ଥିବା ବିଜ୍ଞାନକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିବାକୁ ଅନୁଭତି ଦେଇ ପ୍ରାକୃତିକ ହୀରା ସହିତ ଜଡ଼ିତ ହେବାର ଢାଞ୍ଚାରେ ବିରାଟ ପରିବର୍ତ୍ତନ ଆଣିଛି। ଆମର ନୂତନ ସଂଗ୍ରହ ଅନୁସନ୍ଧାନ କରନ୍ତୁ କିମ୍ବା ହୀରା ମହୋତ୍ସବ ସମୟରେ ସପିଂ କରନ୍ତୁ, ଗ୍ରାହକ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ବିଶେଷଜ୍ଞ ସହାୟତା ଦ୍ୱାରା ସୂଚନାପ୍ରଦ ନିଷ୍ପତ୍ତି ନେଇପାରିବେ, ଯାହା ପ୍ରତ୍ୟେକ କ୍ରୟକୁ ଆହୁରି ଅର୍ଥପୂର୍ଣ୍ଣ କରିଥାଏ। ବର୍ତ୍ତମାନ ଫେଷ୍ଟିଭାଲ ଅଫ୍ ଡାଏମଣ୍ଡ୍ ?ର ଅଂଶବିଶେଷ ଗ୍ରାହକ ୧୦,୦୦୦ରୁ ଊର୍ଦ୍ଧ୍ୱ ଡିଜାଇନ୍‌ରେ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୦% ରିହାତି ପାଇବେ। ଏହାସହିତ ହୀରା ଗହଣା କ୍ରୟ ବେଳେ ସମସ୍ତ ପୁରୁଣା ସୁନା( ସର୍ବନିମ୍ନ ୯ କ୍ୟାରେଟ୍ ଯାଏ)ର ବଦଳ ଉପରେ ୦% ଡିଡକ୍ସନ ଲାଭ କରିପାରିବେ। ଏ ଅଫର ଜୁଲାଇ ୧୬ରୁ ଆରମ୍ଭ ହୋଇଥିବାବେଳେ ୨୦୨୬ ସେପ୍ଟେମ୍ବର ୩ ଯାଏ ବୈଧ। ଭରସା, ନବସୃଜନ ଏବଂ କାଳଜୟୀ କାରିଗରୀର ବିରାସତ ଉପରେ ନିର୍ମିତ ତନିସ୍କ ଦେଶବ୍ୟାପୀ ଗ୍ରାହକଙ୍କ ପାଇଁ ସ୍ମରଣୀୟ ଗହଣା ଅନୁଭୂତି ପ୍ରଦାନ ଜାରି ରଖିଛି। ଓଡ଼ିଶାର ୩ ଷ୍ଟୋରରେ ଡିଏକ୍ସସିର ଶୁଭାରମ୍ଭ ଦ୍ୱାରା ଏହା ଗ୍ରାହକଙ୍କୁ ବିଶ୍ୱସ୍ତରୀୟ ହୀରା କ୍ରୟ ଅନୁଭୂତି ପ୍ରଦାନ କରିବା ଦିଗରେ ଆଉ ପାଦେ ଆଗେଇ ଆସିଛି। ଏହାସହିତ ସୂଚନାପ୍ରଦ ଏବଂ ସ୍ୱଚ୍ଛ ପ୍ରାକୃତିକ ହୀରା କ୍ରୟ କ୍ଷେତ୍ରରେ ନିଜର ପ୍ରତିବଦ୍ଧତାକୁ ଜାରି ରଖିଛି। ତନିସ୍କ ସମ୍ପର୍କରେ: ତନିସ୍କ ଟାଟା ଗ୍ରୁପ୍ ପକ୍ଷରୁ ପ୍ରସ୍ତୁତ ଭାରତର ବହୁ ପସନ୍ଦଯୋଗ୍ୟ ଗହଣା ବ୍ରାଣ୍ଡ। ଆକର୍ଷଣୀୟ କାରିଗରୀ, ସ୍ୱତନ୍ତ୍ର ଡିଜାଇନ ଏବଂ ଗ୍ୟାରେଣ୍ଟିଯୁକ୍ତ ପ୍ରଡ଼କ୍ଟ କ୍ୱାଲିଟି ସହ ଏହା ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେବା ପ୍ରଦାନ କରିଆସୁଛି । ଭାରତୀୟ ମହିଳାଙ୍କ ମନକୁ ବୁଝି ସେମାନଙ୍କ ପସନ୍ଦ ମୁତାବକ ପାରମ୍ପରିକ ଏବଂ ସମସାମୟିକ ଗହଣା ଯୋଗାଇବାରେ ଏହା ଦେଶର ଏକମାତ୍ର ଗହଣା ବ୍ରାଣ୍ଡ ଭାବେ ଲୋକପ୍ରିୟତା ହାସଲ କରିଛି।





# ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟାଜନିତ ରିଲିଫ ଓ ଉଦ୍ଧାର କାର୍ଯ୍ୟ

**ଯାଜପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲାରେ ବୈତରଣୀ, କାଣୀ, ବ୍ରାହ୍ମଣୀ, ଖରସ୍ରୋତା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ବିଭିନ୍ନ ବ୍ଲକର ଲୋକମାନେ ପ୍ରଭାବିତ ହେବା ସହ କୃଷି କ୍ଷେତ୍ର ଜଳ ପ୍ଳାବିତ ହୋଇଅଛି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର ଓ ରିଲିଫ୍ ବଣ୍ଟନ କାର୍ଯ୍ୟର ପ୍ରତ୍ୟେକ୍ଷ ତଦାରଖ କରୁଛନ୍ତି। ବୈତରଣୀ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ବନ୍ୟା ଜଳରେ ବହୁ ପଞ୍ଚାୟତ ଜଳବନ୍ଦୀ ରହିଥିବାରୁ, କେହି ଯେପରି ସହାୟତାରୁ ବଞ୍ଚିତ ନହୁଅନ୍ତି ସେଥିପାଇଁ ଜିଲ୍ଲାପାଳ ସମସ୍ତ ଅଫିସରଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନଦୀକୂଳିଆ ଓ ତଳିଆ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ବନ୍ୟା ଆଶ୍ରୟସ୍ଥଳୀକୁ ନିଆଯାଉଥିବା ବେଳେ ସେଠାରେ ଶୁଖିଲା ଖାଦ୍ୟ,ରନ୍ଧାଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ପ୍ରଦାନ କରାଯାଉଛି । ଅବକାରୀ ବିଭାଗ କମିଶନର ତଥା ରାଜ୍ୟ



ସରକାରଙ୍କ ବରିଷ୍ଠ ଅଧିକାରୀ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡି ବିଂଝାରପୁର ଓ ବଡ଼ଚଣା ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ପଞ୍ଚାୟତ ପରିଦର୍ଶନ କରିବା ସହ ସ୍ଥାନୀୟ ବିଧାୟକ, ନୋଡାଲ ଅଫିସର, ବ୍ଲକ୍ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଅନ୍ୟ ଅଧିକାରୀଙ୍କ ସହ ସମୀକ୍ଷା କରି ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ଜିଲ୍ଲାପାଳ ଦଶରଥପୁର ବ୍ଲକ ବନ୍ୟାଞ୍ଚଳ ପରିଦର୍ଶନ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ଜିଲ୍ଲା ଜରୁରୀ କାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରେ ୦୮ ଟି ବ୍ଲକ୍ ଯଥା: ଯାଜପୁର, କୋରେଇ, ଦଶରଥପୁର, ବିଞ୍ଝାରପୁର, ବରୀ, ରସୁଲପୁର, ଧର୍ମଶାଳା ଓ ବଡ଼ଚଣା ବ୍ଲକ୍ ପ୍ରଭାବିତ ହୋଇଛି। ସମୁଦାୟ ୧୧୧ ଟି ଗ୍ରାମ ପଞ୍ଚାୟତ, ୩୨୮ ଟି ଗ୍ରାମ ଓ ଯାଜପୁର ମ୍ୟୁନସିପାଲିଟି ପ୍ରଭାବିତ ହୋଇଛି। ୦୧ ଗୋଟି ୱାର୍ଡ ପ୍ରଭାବିତ ହୋଇଛି । ୧,୯୩,୭୮୨ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୬୯,୧୯୭ ଜଣଙ୍କୁ ଉଦ୍ଧାର କରାଯାଇ ୧୬୭ ଟି ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ୧୩୧ ଟି ରିଲିଫ ସେଣ୍ଟର୍ ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ସମୁଦାୟ ୫୨,୮୩୭ ଟି ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବେଳେ, ୨୫,୦୮୧.୩ ହେକ୍ଟର ଶସ୍ୟ କ୍ଷେତ୍ର ବନ୍ୟା ଜଳ ଯୋଗେ ପ୍ରଭାବିତ ହୋଇଛି। ୬୪୭.୨ କ୍ୱିଣ୍ଟାଲ୍ ଚୁଡ଼ା, ୧୦୬.୭୧ କ୍ୱିଣ୍ଟାଲ୍ ଗୁଡ଼ ୧୭୨ ଟି ପଲିଥିନ୍ ରୋଲ୍, ୭୫ କେ.ଜି ମୁଢ଼ି, ୩୦୦ ପ୍ୟାକେଟ୍ ବିସ୍କୁଟ, ୩୦୦ ପ୍ୟାକେଟ୍ ଦିଆସିଲି ଏବଂ ୩୦୦ ପ୍ୟାକେଟ୍ ମହମବତୀ ବଣ୍ଟା ସରିଛି। ୦୮ ଟି ମେଡିକାଲ ଟିମ୍ ନିୟୋଜିତ ହୋଇଥିବା ବେଳେ ୦୪ ଟି ଭେଟେନାରି ଟିମ୍ ନିୟୋଜିତ କରାଯାଇଛି । ୦୧ ଟି ଏନ୍.ଡି.ଆର୍.ଏଫ୍ ଟିମ୍, ୦୬ ଟି ଓଡ୍ରାଫ୍ ଟିମ୍ ଏବଂ ୧୨ ଟି ଅଗ୍ନିଶମ ସେବା ଟିମ୍ ନିୟୋଜିତ କରାଯାଇଛି। ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଉଥିଲେ ବି ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରଘୁନାଥପୁର (ଅମୃତ ମିଡିଆ) :** ରଘୁନାଥପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ ପୁରଣ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ନାୟକ ଆଜି ତାଙ୍କ କାର୍ଯ୍ୟ କ୍ଷେତ୍ରରୁ ଅବସର ଗ୍ରହଣ କରିଛନ୍ତି। ଏଥି ନିମନ୍ତେ ସ୍କୁଲ ପକ୍ଷରୁ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ରଘୁନାଥପୁର ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରି ଆଶୁତୋଷ ବାନାର୍ଜୀ ଯୋଗଦେଇ ଶ୍ରୀମତୀ ନାୟକଙ୍କର ଚାକିରୀ ଜୀବନର ସମୟାନୁବର୍ତ୍ତୀତା, କାର୍ଯ୍ୟ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ଏଥିରେ ସ୍କୁଲର ଭାର ପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସ୍ୱାଗତ ଭାଷଣ ସୋନାଲି ମାଦେଳି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ



ଶିକ୍ଷକ ପ୍ରଦିପ୍ତ ଆଚାର୍ଯ୍ୟ, ବିନୋଦ ବିହାରୀ ମହାନ୍ତି, ଅମୀତା ନାୟକ, ଦିପ୍ତି ମୟୀ ସିଂ, ପ୍ରତାପ ପଟ୍ଟନାୟକ, ସିଆରସିସି ସୁକାନ୍ତ କୁମାର ଦ୍ୱିବେଦି, ରୀତା ରାଉତ, ନିକୁଞ୍ଜ କିଶୋର ଦାଶ, ଭରତ ସାହୁ, ରଞ୍ଜନ ମିଶ୍ର, ପ୍ରଶାନ୍ତ ସାମଲ, ହୃଷୀକେଶ ଯୋଗାଣିଆ ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଚାକିରି ଜିବନ ଉପରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍କୁଲର ଶିକ୍ଷୟତ୍ରୀ ସୁପ୍ରିୟା ନାୟକ, ରଶ୍ମୀତା ରଥ, ସଂଘାରାଣୀ ନାୟକ, ଆକସ୍ମୀତା ଗାୟା, ସସ୍ମିତା ମହାନ୍ତି, ଇପ୍ସିତା ମହାନ୍ତି, ସୈଭାଗ୍ୟଶ୍ରୀ ପରିଡ଼ା, ଶିକ୍ଷକ ନାସିମୁଦ୍ଦିନ ଖାଁ, ସାଗରମୟ ସ୍ୱାଇଁ, ଦୋଳ ଗୋବିନ୍ଦ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସମସ୍ତ ଅତିଥି ବୃନ୍ଦ, ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ, ଅଭିଭାବକ ମାନେ ଶ୍ରୀମତୀ ନାୟକଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରି ଏକ ଭାବାବେଗ ପରିବେଶରେ ସମ୍ବର୍ଦ୍ଧିତ କରିଥିଲେ।

# କଂଗ୍ରେସ ତରଫରୁ ପ୍ରଶିକ୍ଷଣ ଶିବିର

**ଆଠମଲ୍ଲିକ (ଅମୃତ ମିଡିଆ) :** ନିର୍ବାଚନ କମିଶନ ତରଫରୁ ବର୍ତ୍ତମାନ ଚାଲିଥିବା ଭୋଟର ସ୍ୱତନ୍ତ୍ର ସଂଘନ ସଂଶୋଧନ କାର୍ଯ୍ୟକ୍ରମ ଚାଲିଥିବାରୁ କଂଗ୍ରେସ ତରଫରୁ ବି ଏଲ ଏ ୨ ମାନଙ୍କୁ ନେଇ ସହର ସ୍ଥିତ କଲ୍ୟାଣୀ ମଣ୍ଡପ ପରିସରରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ନଗର କଂଗ୍ରେସ ସଭାପତି ତଥା ବି ଏଲ ଏ ଟୁ ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିର ରେ ଅତିଥି ଭାବରେ ପୂର୍ବତନ ଜିଲ୍ଲା ସଭାପତି ଅମ୍ବିକା ଭଞ୍ଜ, ରାଜ୍ୟ ସାଧାରଣ ସମ୍ପାଦକ ବିଜୟାନନ୍ଦ ଚାଉଳିଆ, ଗତ ସାଧାରଣ ନିର୍ବାଚନ ର କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଚାଉଳିଆ, ରାଜ୍ୟ ଅନୁସୂଚିତ ଜାତି କଂଗ୍ରେସ ର ସାଧାରଣ ସମ୍ପାଦକ ଟିକନ ବେହେରା,ଆଠମଲ୍ଲିକ ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର ସାହୁ, କିଶୋର ନଗର ବ୍ଲକ କଂଗ୍ରେସ ସଭାପତି ଆଲୋକ ପ୍ରଧାନ, ଜୋନ



ନମ୍ବର ୧୧ ସଭାପତି ତ୍ରିପୁରାରି ଦେହୁରୀ, ଜୋନ ନମ୍ବର ୧୨ ସଭାପତି ଯୁଧିଷ୍ଠିର ପ୍ରଧାନ, ଜୋନ ନମ୍ବର ପାଞ୍ଚ ସଭାପତି ଫକୀର କୁମାର ନାଏକ, ଜୋନ ନମ୍ବର ସାତ ସଭାପତି ସଞ୍ଜୟ କୁମାର ପ୍ରଧାନ, କୋଡ଼ିନେଟର ପ୍ରଦୀପ କୁମାର ପ୍ରଧାନ, କଂଗ୍ରେସ ର ବରିଷ୍ଠ ନେତା କୁନା ଚରଣ ରଥ, ଅନାମ ଚରଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଏସ ଆଇ ଆର ରେ ଯେମିତି ଭୋଟର ଲିଷ୍ଟରୁ କାହାରି ନାମ କଟିବ ନାହିଁ ତାହାରି ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଉପଲକ୍ଷେ ନିଟ ପ୍ରଶ୍ନପତ୍ର ଲିକ ଘଟଣାରେ ଆତ୍ମ ହତ୍ୟା କରିଥିବା ଛାତ୍ର ଛାତ୍ରୀ ଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମା ମାହେଶ୍ୱରୀଙ୍କ ମନ୍ଦିର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ କଂଗ୍ରେସର ଆଇନଜୀବୀ ଅଜିତ କୁମାର ମହାନ୍ତି, ସୁନୀଲ କୁମାର ପ୍ରଧାନ,କଂଗ୍ରେସ ନେତା ରାମା ନନ୍ଦ ପାଣିଗ୍ରାହୀ, ସରୋଜ ମହାକୁଡ଼, ସ୍ୱଦେଶ ରଥଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ତିନିମୁହାଣ ସ୍ଲୁଇସ୍‌ଗେଟ୍ ବନ୍ଦ,ଧନୁଆନଦୀ କୂଳବର୍ତ୍ତୀ ଅଞ୍ଚଳରେ ବନ୍ୟା ଆଶଙ୍କା ବଢ଼ିଲା

**ନିମାପଡ଼ା (ଅମୃତ ମିଡିଆ) :** ଧନୁଆ ନଦୀର ବନ୍ୟାପାଣି ନିଷ୍କାସନର ପ୍ରମୁଖ ବ୍ୟବସ୍ଥା ଭାବେ ପରିଚିତ ତିନି ମୁହାଣ ସ୍ଲୁଇସ୍ ଗେଟ୍ ବର୍ତ୍ତମାନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଗତକାଲିଠାରୁ ସମସ୍ତ ୧୫ଟି ସ୍ଲୁଇସ୍ ଗେଟ୍ ବନ୍ଦ ରହିଥିବାରୁ ଧନୁଆ ନଦୀର ଉପରମୁଣ୍ଡରୁ ଆସୁଥିବା ବନ୍ୟାପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ନଦୀର ଦୁଇ ପାର୍ଶ୍ୱବର୍ତ୍ତୀ ତଳିଆ ଅଞ୍ଚଳ ଜଳମଗ୍ନ ହେବା ସହ ବନ୍ୟା ପରିସ୍ଥିତି ଆହୁରି ଗମ୍ଭୀର ହେବାର ଆଶଙ୍କା ସୃଷ୍ଟି ହୋଇଛି।ପ୍ରତିବର୍ଷ ଧନୁଆ ନଦୀର ବନ୍ୟା ନିମାପଡ଼ା ଓ ଗୋପ ବ୍ଲକର ଅନେକ ପଞ୍ଚାୟତକୁ ପ୍ରଭାବିତ କରିଥାଏ। ସାଧାରଣତଃ ଧନୁଆ ନଦୀର ବନ୍ୟାପାଣି ତିନି ମୁହାଣ ସ୍ଲୁଇସ୍ ଗେଟ୍ ଦେଇ କୁଶଭଦ୍ରା ନଦୀରେ ପ୍ରବେଶ କରି ନିଷ୍କାସିତ ହୋଇଥାଏ। କିନ୍ତୁ ବର୍ତ୍ତମାନ କୁଶଭଦ୍ରା ନଦୀରେ ଜଳସ୍ତର ଧନୁଆ ନଦୀଠାରୁ ଅଧିକ ଥିବାରୁ ବ୍ୟାକ୍ ?ଫ୍ଲୋକୁ ରୋକିବା ପାଇଁ ସ୍ଲୁଇସ୍ ଗେଟ୍



ବନ୍ଦ ରଖାଯାଇଛି।ଏହା ସହିତ ଅଚ୍ୟୁତପୁର କାଜ୍ ଦେଇ ମଧ ବନ୍ୟାପାଣି ନିଷ୍କାସନର ସୁବିଧା ନଥିବାରୁ ଧନୁଆ ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଫଳରେ ନଦୀକୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ପାଣି ପ୍ରବେଶ କରିବା ଆରମ୍ଭ ହୋଇଥିବା ବେଳେ ଚାଷ ଜମି ଓ ପରିବା ଚାଷ ମଧ୍ୟ ପାଣି ଘେରରେ ରହିଛି।ଏହାର ପ୍ରଭାବରେ ନିମାପଡ଼ା ବ୍ଲକର ବାମନାଳ, ସଲଙ୍ଗ, କୋଟକସାହି, ଧନୁଆ, ଆରିଖଣ୍ଡ, ସଗଡ଼ା, ଅନ୍ତୁଆର, ବଡ଼ସିଉଳା ଓ ଅଲଣ୍ଡା ସମେତ ୯ଟି ପଞ୍ଚାୟତ ବନ୍ୟା କବଳକୁ ଆସିପାରେ। ସେହିପରି ଗୋପ ବ୍ଲକର ରାହାଙ୍ଗୋରଡା, ଅଣ୍ଡରା, ଇଛାପୁର, ନୁଆଖୋଲମରା, ଡଭାର, ବନ୍ତଳିଗାଁ, କୁଆଁପଡ଼ା, ବେଦପୁର ଓ ଗଣେଶ୍ୱରପୁର ସମେତ ୯ଟି ପଞ୍ଚାୟତରେ ମଧ୍ୟ ବନ୍ୟାର ପ୍ରଭାବ ବଢ଼ିବାର ସମ୍ଭାବନା ରହିଛି।ଜଳସମ୍ପଦ ବିଭାଗର ସୂଚନା ଅନୁଯାୟୀ, କୁଶଭଦ୍ରା ନଦୀର ଜଳସ୍ତର କମିବା ପରେ ତିନି ମୁହାଣର ସ୍ଲୁଇସ୍ ଗେଟ୍ ପର୍ଯ୍ୟାୟକ୍ରମେ ଖୋଲାଯିବ। ଏହାପରେ ଧନୁଆ ନଦୀର ବନ୍ୟାପାଣି କୁଶଭଦ୍ରା ନଦୀକୁ ନିଷ୍କାସିତ ହେବ ଓ ତଳିଆ ଅଞ୍ଚଳର ପରିସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଛି।ସ୍ଥାନୀୟ ଲୋକେ ତିନି ମୁହାଣ ଅଞ୍ଚଳରେ ଜଳସ୍ତର ଓ ପରିସ୍ଥିତି ଉପରେ ପ୍ରଶାସନ ପକ୍ଷରୁ ନିରନ୍ତର ନଜର ରଖିବା ସହ ପ୍ରଭାବିତ ଅଞ୍ଚଳରେ ପୂର୍ବ ପ୍ରସ୍ତୁତିମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ମଧ୍ୟାହ୍ନଭୋଜନ ଛୁଟି ସମୟରେ ଛାତ୍ରକୁ ଆକ୍ରମଣ, ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ

## ନ୍ୟାୟ ଦାବିରେ ରାସ୍ତାରୋକ

**ଜୟପୁର (ଅମୃତ ମିଡିଆ) :** କୋରାପୁଟ ଜିଲା ଜୟପୁର ସଦର ଥାନା ଅନ୍ତର୍ଗତ ବାରିଣିପୁଟ ଠାରେ ଆଜି ଜଣେ ଦଶମ ଶ୍ରେଣି ଛାତ୍ର କୁ ହତ୍ୟା ହୋଇଛି । ମୃତ ଦଶମ ଶ୍ରେଣି ଛାତ୍ର ଜଣକ ହେଲେ ବାରିଣିପୁଟର ମହେଶ ବାଘ । ଏନେଇ ଜୟପୁର ସଦର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଘଟଣା ସ୍ଥଳରେ ଏସଡିପିଓ ଆଙ୍କିତା ମିଉସାଇଣ୍ଟିଫିକ ଟିମ ତଦନ୍ତ କରିଥିବା ଜଣାଯାଇଛି । ସୁଚନା ଅନୁଯାଇ ୧୦ ଶ୍ରେଣୀ ଛାତ୍ର କୁ ଛୁରା ମାଡ । ବାରିଣିପୁଟ ସ୍ଥିତ ଯୋଜନା ଉଚ୍ଚ ବିଦ୍ୟାଳୟ ରେ ଘଟିଛି ଘଟଣା । ମଧ୍ୟାହ୍ନ ଭୋଜନ ଛୁଟି ବେଳେ ବିଦ୍ୟାଳୟ ବାହାରେ ଜଣେ ଅଣ ଛାତ୍ର ଓ ସ୍କୁଲ ରେ ପଢୁଥିବା ଛାତ୍ର ଙ୍କ ଭିତରେ କୌଣସି କାରଣରୁ ବଚସା



ହେବାରୁ ଅଣ ଛାତ୍ର ଜଣକ ଧାରୁଆ ମାରାଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲା । ଗୁରୁତର ଛାତ୍ର କୁ ନିକଟସ୍ଥ ଘରୋଇ ଚିକିତ୍ସାଳୟ ରେ ଭର୍ତ୍ତି କରାଯାଇଥିଲା । ଏନେଇ ବିଦ୍ୟାଳୟରର ପ୍ରଧାନ ଶିକ୍ଷକ ପର୍ଶୁରାମ ସେଠି ପ୍ରକାଶ କରିଛନ୍ତି । ସେଠାରେ ଚିକିତ୍ସା ଧିନ ଅବସ୍ଥାରେ ମୃତ ହୋଇଛି । ମୃତ ଛାତ୍ରର ବାପା ମୁରଲି ବାଘ କହିଛନ୍ତି ତାଙ୍କ ପୁଅ କାହା ସହ ଝଗଡା କରେ ନାହିଁ କି ପାଟିତୁଣ୍ଡ ବି ନାହିଁ କିଛି ବି ଶତ୍ରୁତା ବି ନଥିବା କହିଛନ୍ତି । ଅଭିଯୁକ୍ତ କୁ ଗିରଫ ଦାବି ସହ ନ୍ୟାୟ ଦାବିରେ ବାରିଣିପୁଟ ଫାଣ୍ଡି ସମ୍ମୁଖରେ ଜାତୀୟ ରାଜ ପଥ ରାସ୍ତା ଅବରୋଧ କରିଛନ୍ତି । ଫଳରେ ଘଣ୍ଟା ଘଣ୍ଟା ଧରି ଗାଡି ଅଟକି ରହିଥିଲା । ସୁଚନା ଅନୁଯାଇ ବିନା କାରଣ ରେ ତାଙ୍କ ପୁଅ କୁ ହତ୍ୟା କରାଯାଇଥିବା ନେଇ ମୃତ ଛାତ୍ରର ମା ସୁରଭି ବାଘ ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପ୍ରତ୍ୟେକ ଦିନ ପରି ଛାତ୍ର ଜଣକ ମଧ୍ୟାହ୍ନରେ ଘରକୁ ଖାଇବାକୁ ଯାଏ । ମହେଶ ଘରକୁ ଆସୁଥିବା ବେଳେ ବିଦ୍ୟାଳୟ ଠାରୁ କିଛି ଦୁରରେ ୨ ଭାଇ ପେଟକୁ ଲକ୍ଷ୍ୟ କରି ଛୁରି ରେ ଆକ୍ରମଣ କରିଥିଲେ । ଛାତ୍ର ଜଣକ ଚିତ୍କାର କରିଥିଲା । ଏହା ଶୁଣି ୨ ଅଭିଯୁକ୍ତ ଭାଇ ଆକ୍ରମଣରେ ବ୍ୟବହୃତ ଛୁରି କୁ ଫିଙ୍ଗି ଚମ୍ପଟ ମାରିଥିଲେ । ଆଗରୁ ମଧ ଝଗଡା ହୋଇଥିଲା । ଗୁରୁତର ଅବସ୍ଥାରେ ଦଶମ ଶ୍ରେଣି ଛାତ୍ର କୁ ହିଲପିଟାଲ ରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ସୁପର ଗ୍ଲାମ ସିଜନ୍ ୨ ଗ୍ରାଣ୍ଡ୍ ଫାଇନାଲ୍

**ଜୟପୁର (ଅମୃତ ମିଡିଆ) :** ଅବିଭକ୍ତ କୋରାପୁଟ ଅଂଚଳର ସମୃଦ୍ଧ ଷରଜ୍ୱସସ୍ପବଶର ସଂସ୍କୃତି ଏବଂ ପରମ୍ପରାକୁ ପ୍ରୋତ୍ସାହନ ଦେଉଥିବାବେଳେ ସୁପର ଗ୍ଲାମ ସିଜନ ୨ ଗ୍ରାଣ୍ଡ ଫାଇନାଲ୍ ସଫଳତାର ସହିତ ଆୟୋଜିତ ହୋଇଥିଲା ।ଏହି ପ୍ରତିଯୋଗିତାରେ ତିନୋଟି ପ୍ରମୁଖ ରାଉଣ୍ଡ ପ୍ରଦର୍ଶନ କରାଯାଇଥିଲା: ୱେଷ୍ଟର୍ଣ୍ଣ ରାଉଣ୍ଡ – ପ୍ରତିଯୋଗୀମାନେ ସମସାମୟିକ ଫ୍ୟାଶନ୍ ମାଧ୍ୟମରେ ସେମାନଙ୍କର ଆତ୍ମବିଶ୍ୱାସ, ବ୍ୟକ୍ତିତ୍ୱ ଏବଂ ମଞ୍ଚ ଉପସ୍ଥିତି ପ୍ରଦର୍ଶନ କରିଥିଲେ । ସାଂସ୍କୃତିକ ରାଉଣ୍ଡ – ଇଭେଣ୍ଟର ମୁଖ୍ୟ ଆକର୍ଷଣ, ଯେଉଁଠାରେ ଅଂଶଗ୍ରହଣକରୀମାନେ କୋରାପୁଟ ଜିଲ୍ଲାର ପାରମ୍ପାରିକ ପୋଷାକ, ସଂସ୍କୃତି ଏବଂ ଷରଜ୍ୱସ-ସ୍ପବଶର ତିହ୍ୟକୁ ସୁନ୍ଦର ଭାବରେ ପ୍ରତିନିଧିତ୍ୱ କରିଥିଲେ, ଯାହା ଏହି ଅଞ୍ଚଳର ସମୃଦ୍ଧ ପରିଚୟକୁ ପ୍ରତିଫଳିତ କରିଥିଲା । ଡିଜାଇନର୍ ରାଉଣ୍ଡ – ପ୍ରସିଦ୍ଧ ଫ୍ୟାଶନ୍ ଡିଜାଇନର୍ ଏବଂ ଡିଜାଇନର୍ ଦଳ ଦ୍ୱାରା ଉପସ୍ଥାପିତ ସ୍ୱତନ୍ତ୍ର ଡିଜାଇନର୍ ସଂଗ୍ରହରେ ପ୍ରତିଯୋଗୀ ମାନେ



ମଞ୍ଚରେ ଚାଲିଥିଲେ ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତାରା ପ୍ରସାଦ ବାହିନୀପତି, ଜୟପୁରର ବିଧାୟକ ତଥା ସମ୍ମାନିତ ଅତିଥି ଅଲିଉଡର ଅନ୍ୟତମ ପ୍ରମୁଖ ଅଭିନେତା ସେଲିବ୍ରିଟି ଅତିଥି ସୁଭାଷୀଶ ଶର୍ମା ଯୋଗ ଦେଇଥିଲେ ।ଡିଜାଇନର୍ ରାଉଣ୍ଡରେ ଜୋଟ୍ଟୁ ଫ୍ୟାଶନ୍ ଏବଂ ଶ୍ବଙ୍ଗବଷଙ୍କ ଦ୍ୱାରା ସ୍ୱତନ୍ତ୍ର ସଂଗ୍ରହ କରାଯାଇଥିଲା, ଯେଉଁଥିରେ ପ୍ରସିଦ୍ଧ ଫ୍ୟାଶନ୍ ଡିଜାଇନର୍ ଅନସୁମାନ ନାୟକ, ଅଙ୍କିତ ଅଭିଷେକ ନାୟକ ଏବଂ ସ୍ ମହାପାତ୍ରଙ୍କ ସହିତ ଫ୍ୟାଶନ୍ ଷ୍ଟାଇଲିଷ୍ଟ ସ୍ନେହାସିସ୍ ମହାନ୍ତି ଗ୍ରାଣ୍ଡ ଫାଇନାଲ୍ ପାଇଁ ଡିଜାଇନର୍ ଏବଂ ବିଚାରପତି ଭାବରେ କାର୍ଯ୍ୟ କରିଥିଲେ । ପ୍ରତିଯୋଗୀମାନେ ବୃତ୍ତିଗତ ଭାବରେ ସଜ୍ଜିତ, ପରାମର୍ଶଦାତା, କୋରିଓଗ୍ରାଫ୍ ହୋଇଥିଲେ ଏବଂ ଲକ୍ଷ୍ମୀ ଫ୍ୟାଶନ ସପ୍ତାହର ପ୍ରଥମ ପୃଷ୍ଠାରେ ଦେଖାଯିବା ତଥା ବହୁ ଜାତୀୟ ତଥା ଆନ୍ତର୍ଜାତୀୟ ଫ୍ୟାଶନ ବ୍ରାଣ୍ଡ ସହିତ କାର୍ଯ୍ୟ କରିବା ପାଇଁ ଜଣାଶୁଣା ଆନ୍ତର୍ଜାତୀୟ ପେସାଦାର ମଡେଲ ସନ୍ତଶ କୁମାର ଭାରାଙ୍କ ଦ୍ୱାରା ବିଚାର କରାଯାଇଥିଲା। ଆୟୋଜକ ଦଳର ପ୍ରିତମ ପାଣି, ଆୟୁଷ ବେହେରା, ଦୀନେଶ ପେଣ୍ଡା, ପିୟୁଷ ବେହେରା,ପ୍ରଥମ ପୂଜାରୀ, ଅନିକେତ ସୂର୍ଯ୍ୟ, ସୁସ୍ମିତା ମହାପାତ୍ର, ଶ୍ରୀମୟୀ ଦାଶ, ମୟଙ୍କ ଦାଶ, ଶୁଭଶ୍ରୀ ମହାପାତ୍ର, ସୁଶାନ୍ତ ପଣ୍ଡାଙ୍କ ଉତ୍ସର୍ଗୀକୃତ ଉଦ୍ୟମ ଦ୍ୱାରା ଏହି କାର୍ଯ୍ୟକ୍ରମ ସମ୍ଭବ ହୋଇ ପାରି ଥିଲା। ପ୍ରତିଯୋଗୀ ମାନଙ୍କୁ ସମ୍ମାନୀତ କରାଯାଇଥିଲା ଶେଷରେ ନିରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୟାନଦୀରେ ବନ୍ୟାଜଳ ପ୍ରଭାବିତ ଗ୍ରାମ ଦେବତୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର

**ବାଲିଅନ୍ତା (ଅମୃତ ମିଡିଆ) :** ରାଜଧାନୀ ନିକଟସ୍ଥ ଦୟାନଦୀରେ ଚଳିତ ବର୍ଷ ର ବନ୍ୟାଜଳ ପ୍ରଭାବିତ ଯୋଗୁଁ ନଈକୂଳ ବନ୍ଧକୁ ପାଣି ଲାଗିଛି । ନଦୀ ପଠାରେ ଥିବା ଇଟିପୁର ପଞ୍ଚାୟତର ଜୟପୁର ପାଟଣା ଗ୍ରାମ ଦେବତୀ ମା ନିସ୍ତାରିଣୀ ମନ୍ଦିର ବନ୍ୟାଜଳରେ ବୁଡି ରହିଥିବାରୁ ଗ୍ରାମବାସୀମାନେ ମା ଙ୍କ ବିଗ୍ରହ କୁ ଅସ୍ଥାୟୀ ଭାବରେ ପୂଜାର୍ଚ୍ଚନା ପାଇଁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିଛନ୍ତି । ମା ଙ୍କ ରୋଷଘର



ମଧ ବନ୍ୟାଜଳରେ ପ୍ରବାହିତ ହୋଇଛି । ଉକ୍ତ ନଦୀ କୂଳରେ ଥିବା ଲିଙ୍ଗିପୁର, ଧଉଳି, ଇଟିପୁର,ଟିକରପଡା ଆଦି ପଞ୍ଚୟର ଅନେକ ଅଞ୍ଚଳର ଚାଷ ଜମି ର ଜଳମଗ୍ନ ହୋଇଛି। ଉକ୍ତ ଜମିରେ ଚାଷ ହୋଇଥିବା ପୋଟଳ, କଲରା,ଗେଣ୍ଡୁ ଫୁଲ, ଭେଣ୍ଡି, ବିନ୍ସ, ବାଇଗଣ, ଆଦି କିସମର ପାରିବା ପାଣିରେ ବୁଡ଼ି ରହିଛି। ଏ ନେଇ ଚିନ୍ତା ରେ ଚାଷୀ କୂଳ ପରିବାର। ଅନେକ ଚାଷୀ ହାତ ଉଧାରୀ କରି ଉକ୍ତ ପାରିବ ଚାଷ କରିଥିଲେ। ବ୍ଲକ ଓ ତହସିଲ ପ୍ରଶାସନଚାଷୀ ଙ୍କ କ୍ଷୟ ଖେତି ଆକଳନ କରି କ୍ଷତିପୂରଣ ଦେବାକୁ ସଧାରଣ ରେ ଦାବି ହୋଇଛି । କଣାସ, ପିପିଲି, ଡେଲାଙ୍ଗ ଏବଂ ସତ୍ୟବାଦୀ ଅଞ୍ଚଳରେ ଦୟା ନଦୀର ବନ୍ୟା ଜଳ ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି ।ହଜାର ହଜାର ହେକ୍ଟର ଜମିର ପରିବା ଓ ଧାନ ଫସଲ ପାଣିରେ ବୁଡି ରହିଛି। ନିମ୍ନ ଅଞ୍ଚଳରେ ପାଣି ପଶିବାରୁ ସ୍ଥାନୀୟ ବାସିନ୍ଦାମାନେ ଭୟଭୀତ ଅଛନ୍ତି ଏବଂ ପ୍ରଶାସନ ପକ୍ଷରୁ ସତର୍କ ଓ ସଚେତନ ଜାରି କରାଯାଇଛି।

# ସାପ କାମୁଡ଼ାରେ ଯୁବକ ମୃତ

**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବାଲିଚନ୍ଦ୍ରପୁର ପୁର ଥାନା ନଳିପୁର ପଂଚାୟତ ବାଉଜଙ୍ଗ ଗ୍ରାମର ଜଣେ ଯୁବକ ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି. ଘଟଣାରୁ ପ୍ରକା ଶ ଯେ ବାଉଜଙ୍ଗ ଗ୍ରାମର ସ୍ୱର୍ଗତ ସେକ ହାଫିଜୁଦିନ ଙ୍କ ପୁଅ ସେକ ଶାହାଜୁଦିନ(୩୮) ଗତ କାଲି ରାତିରେ ନିଜ ଘରେ ଶୋଇଥିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା,ପରିବାର ଲୋକେ ତାଙ୍କୁ ତୁରନ୍ତ ମାହାଙ୍ଗା ମେଡିକାଲ ଏବଂ ପରେ କଟକ ବଡ ମେଡିକାଲ



ନେଇଯାଇଥିଲେ, କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ଖବର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା.ମୃତ ଶାହାଜୁଦିନଙ୍କର ସ୍ତ୍ରୀ ଓ ଦୁଇଟି ଛୋଟ ପୁଅ ଅଛନ୍ତି. ସ୍ଥାନୀୟ ଆର ଆଇ ତାଙ୍କ ଘରକୁ ଆସି ଇନକ୍ୱାରି କରି ଯାଇଛନ୍ତି.ସେ ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ, ସରକାରୀ ସହଯୋଗ ଯୋଗାଇଦେବା ପାଇଁ ତାଙ୍କ ପରିବାର ଲୋକେ ପ୍ରଶାସନକୁ ନିବେଦନ କରିଛନ୍ତି । ଆସନ୍ତା କାଲି ମୁସଲିମ ରୀତିନୀତି ଅନୁଯାଇ ତାଙ୍କୁ କବର ଦିଆଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ ।

# ରାସ୍ତାକଡ଼ ବିଲକୁ ଖସିଲା ମାଲବୋଝେଇ ଟ୍ରକ,ବର୍ତ୍ତିଗଲେ ବାଇକ୍ ଚାଳକ

**ଭଞ୍ଜନଗର (ଅମୃତ ମିଡିଆ) :** ଭଞ୍ଜନଗର ଥାନା ଅନ୍ତର୍ଗତ ବାରୁଡା ନିକଟରେ ଏକ ମାଲବୋଝେଇ ଟ୍ରକ ଭାରସାମ୍ୟ ହରାଇ ବିଲକୁ ଖସିପଡ଼ିଛି । ଟ୍ରକଟି ଦଶପଲ୍ଲାରୁ ଭଂଜନଗର ଅଭିମୁଖେ ଯାଉଥିଲା । ଟ୍ରକ୍ ର ଯାନ୍ତ୍ରିକ ତ୍ରୁଟି ହେବାରୁ, ଦୁର୍ଘଟଣା କୁ ଟାଳିବା ପାଇଁ, ଡ୍ରାଇଭର ଜଣକ, ବିଲ ଭିତରକୁ ନେଇ ଯାଇଥିଲେ । ଏହି ସମୟରେ ଟ୍ରକଟି ରାସ୍ତା କଡ଼ରେ ପାର୍କିଂ ହୋଇଥିବା ଏକ ବାଇକ୍ ?କୁ ଧକ୍କା ଦେଇ ବିଲ ମଝିକୁ ଚାଲିଯାଇଥିଲା । ସୌଭାଗ୍ୟବଶତଃ ବାଇକ୍ ଚାଳକ ସେହି ସମୟରେ ଗାଡ଼ି ପାଖରେ ନଥିବାରୁ ଏକ ବଡ଼ ଅଘଟଣ ଟଳିଯାଇଛି । ଘଟଣାରେ କାହାରି କିଛି କ୍ଷତି ହୋଇନାହିଁ । ଟ୍ରକ ଡ୍ରାଇଭର ମଧ୍ୟ ସୁରକ୍ଷିତ ଥିବା ଜଣାପଡ଼ିଛି । ଖବର ପାଇ ଭଞ୍ଜନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରି ।

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.103, Saturday, 1 August 2026, Puri, Pages - 26, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୩, ଶନିବାର, ୧ ଅଗଷ୍ଟ ୨୦୨୬, ପୁରୀ, ୨୬ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



